# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଜାନୁୟାରୀ ୧୮/୨୦୨୦ (୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, January 18/2020 | ★★★★★★

୪୬ଶ ଭାଗ ୫୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




## ରାହୁଲ ମ୍ୟାନ୍ ଅଫ୍ ଦି ମ୍ୟାଚ୍

ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଲୋକେଶ ରାହୁଲଙ୍କ ପ୍ରଭାବୀ ପ୍ରଦର୍ଶନ ବଳରେ ଭାରତ ଦ୍ୱିତୀୟ ଦିନିକିଆ କ୍ରିକେଟ ମ୍ୟାଚ୍‌ରେ ଅଷ୍ଟ୍ରେଲିଆକୁ ୩୬ ରନରେ ପରାସ୍ତ କରିଛି।

୧୮

୦୯

## 'ଲଭ୍ ଆଜ୍ କଲ୍'ରେ ସାରା

ବଲିଉଡ୍ ଅଭିନେତ୍ରୀ ସାରା ଅଲ୍ଲୀ ଖାନ୍‌ଙ୍କ ଅପ୍ କମିଂ ଫିଲ୍ମ 'ଲଭ୍ ଆଜ୍ କଲ୍'ର ଟ୍ରେଲର ରିଲିଜ୍ ହୋଇସାରିଛି। ଫିଲ୍ମଟି ଫେବୃୟାରୀ ୧୪ରେ ରିଲିଜ୍ ହେବ।



# ସୌରଭ ଜେଇଇ ମେନ୍ ଓଡ଼ିଶା ଟପ୍ପର

ନୂଆଦିଲ୍ଲୀ,୧୭।୧ (ପି.ଟି.)

ଜାତୀୟ ପରୀକ୍ଷଣ ସଂସ୍ଥା (ଏନ୍‌ଟିଏ) ପକ୍ଷରୁ ଶୁକ୍ରବାର ରାତିରେ ଜେଇଇ ମେନ୍ ପରୀକ୍ଷା ୨୦୨୦ର ଫଳ ଘୋଷଣା କରାଯାଇଛି। ୯ ଜଣ ପ୍ରାର୍ଥୀ ୧୦୦ ପ୍ରତିଶତ ନମ୍ବର ରଖିଛନ୍ତି। ଏହି ପରୀକ୍ଷାରେ ସୌରଭ ସୌମ୍ୟକାନ୍ତ ଦାସ ୯୯.୯୯% ମାର୍କ ସହ ଓଡ଼ିଶା ଟପ୍ପର ହୋଇଛନ୍ତି। ଜାନୁୟାରୀ ୭ରୁ ୯ ମଧ୍ୟରେ ଏହି ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଯେଉଁମାନେ ଜେଇଇ ପରୀକ୍ଷା ଦେଇଥିଲେ ସେମାନେ ଅଫିସିଆଲ ୱେବସାଇଟ୍ jee-main.nic.in ଏବଂ jeemain. nta.nic.inରୁ ଫଳାଫଳ ଦେଖିବା ସହ ଡାଉନଲୋଡ୍ କରିପାରିବେ। ୧୧ ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଏହି ପରୀକ୍ଷା ପାଇଁ ପଞ୍ଜୀକୃତ ହୋଇଥିଲେ। ଦିଲ୍ଲୀର ନିଶାନ୍ତ ଅଗ୍ରୱାଲଙ୍କ ସମେତ ଗୁଜରାଟ ଓ ହରିୟାଣାରୁ ଜଣେ ଲେଖାଏ, ଆନ୍ଧ୍ରପ୍ରଦେଶ, ରାଜସ୍ଥାନ ଓ ତେଲଙ୍ଗାନାରୁ ୨ ଜଣ ଲେଖାଏ ୧୦୦ ପ୍ରତିଶତ ମାର୍କ ରଖିଛନ୍ତି।

# ୧କୁ ଘୁଞ୍ଚିଲା ଦୋଷୀଙ୍କ ଫାଶୀ

ନୂଆଦିଲ୍ଲୀ,୧୭।୧ (ପି.ଟି./ଆଇଏଏନ୍ଏସ୍)

ବହୁଚର୍ଚ୍ଚିତ ନିର୍ଭୟା ଗଣବଳାତ୍କାର ଓ ହତ୍ୟା ମାମଲାର ୪ ଦୋଷୀଙ୍କୁ ଫେବୃୟାରୀ ୧ ତାରିଖ ସକାଳ ୬ଟାରେ ତିହାର ଜେଲରେ ଫାଶୀ ଦିଆଯିବ। ଅନ୍ୟତମ ଦୋଷୀ ମୁକେଶ ସିଂ(୩୨)ଙ୍କ ରାଜକ୍ଷମା ଆବେଦନକୁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଶୁକ୍ରବାର ଖାରଜ କରିଦେବା ପରେ ଦିଲ୍ଲୀର ପଟିଆଲା ହାଉସ୍ କୋର୍ଟ ମୃତ୍ୟୁ ଦଣ୍ଡାଦେଶ ପାଇଁ ଦ୍ୱିତୀୟ ଡେଥ୍ ୱାରେଣ୍ଟ ଜାରି କରିଛନ୍ତି। ଦୋଷୀମାନଙ୍କୁ ଜାନୁୟାରୀ ୨୨ରେ ଫାଶୀଖୁଣ୍ଟରେ ଝୁଲାଇବା ପାଇଁ ଅତିରିକ୍ତ ସେସନ୍ସ ଜଜ୍ ସତୀଶ କୁମାର ଆରୋରା ଗତ ୭ ତାରିଖରେ ଡେଥ୍ ୱାରେଣ୍ଟ ଜାରି କରିଥିଲେ। ଜୀବନ ବଞ୍ଚାଇବା ପାଇଁ ଶେଷ ଆଶା ନେଇ ମୁକେଶ ରାଷ୍ଟ୍ରପତିଙ୍କ ଦ୍ୱାରସ୍ଥ ହୋଇଥିଲେ। ରାଷ୍ଟ୍ରପତି ମର୍ସି ପିଟିଶନ ଖାରଜ କରିବାର ୧୪ ଦିନ ମଧ୍ୟରେ ଫାଶୀ ଦିଆଯାଇ ପାରିବ ନାହିଁ ବୋଲି ଜେଲ୍ ନିୟମରେ ବ୍ୟବସ୍ଥା ଥିବାରୁ ଦୋଷୀମାନଙ୍କ ମରଣ କାଳ ଆସନ୍ତା ୧ ତାରିଖକୁ ଘୁଞ୍ଚିଯାଇଛି। ମୁକେଶ ସିଂ(୩୨), ବିନୟ ଶର୍ମା(୨୬), ଅକ୍ଷୟ ଠାକୁର (୩୧) ଓ ପବନ ଗୁପ୍ତା(୨୫) ଦୟା ଆବେଦନ କଲେ ଏହି ତାରିଖ ଆଗକୁ ଆହୁରି ଘୁଞ୍ଚିପାରେ ବୋଲି କୁହାଯାଉଛି।

୨୦୧୨ ଡିସେମ୍ବର ୧୬ରେ ଉପରୋକ୍ତ ୪ ଦୋଷୀ ଓ ଅନ୍ୟ ୨ ଜଣ ନିର୍ଭୟାଙ୍କୁ ଦିଲ୍ଲୀରେ ଗଣବଳାତ୍କାର କରି ଅକଥନୀୟ ଅତ୍ୟାଚାର ପରେ ଚଳନ୍ତା ବସରୁ ଫିଙ୍ଗିଦେଇଥିଲେ। ପୀଡ଼ିତା ସିଙ୍ଗାପୁରସ୍ଥିତ ମାଉଣ୍ଟ ଏଲିଜାବେଥ ହସ୍ପିଟାଲରେ ମୃତ୍ୟୁ ସହ ସଂଗ୍ରାମ କରି ହାରିଯାଇଥିଲେ। ଡିସେମ୍ବର ୨୯ରେ ସେ ଚିକିତ୍ସାଧୀନ ଅବସ୍ଥାରେ ଆଖି ବୁଜିଦେଇଥିଲେ। ଏହି ମାମଲାରେ ସୁପ୍ରିମକୋର୍ଟ ଦୋଷୀଙ୍କୁ ଫାଶୀ ଦଣ୍ଡାଦେଶ ଶୁଣାଇଥିବାବେଳେ ଏଥିରୁ ମୁକୁଳିଯିବା ପାଇଁ ସେମାନେ ଯଥାସମ୍ଭବ ଉଦ୍ୟମ ଚଳାଇଛନ୍ତି। ☞ପୃଷ୍ଠା-୪

### ନିର୍ଭୟା ମାମଲା



- ମୁକେଶଙ୍କ ଦୟା ଆବେଦନକୁ ଖାରଜ କଲେ ରାଷ୍ଟ୍ରପତି
- ନୂଆ ଡେଥ୍ ୱାରେଣ୍ଟ ଜାରି କଲେ ପଟିଆଲା ହାଉସ୍ କୋର୍ଟ
- ଫେବୃୟାରୀ ୧ ସକାଳ ୬ଟାରେ ସମସ୍ତ ୪ ଦୋଷୀଙ୍କୁ ଦିଆଯିବ ଫାଶୀ

## ସୁପ୍ରିମକୋର୍ଟ ଗଲେ ପବନ

ନୂଆଦିଲ୍ଲୀ,୧୭।୧(ପି.ଟି.)

ନିର୍ଭୟା ମାମଲାର ଅନ୍ୟତମ ଦୋଷୀ ପବନ କୁମାର ଗୁପ୍ତା ଦିଲ୍ଲୀ ହାଇକୋର୍ଟଙ୍କ ଡିସେମ୍ବର ୧୯ ରାୟକୁ ଶୁକ୍ରବାର ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପବନ ତାଙ୍କ ଆବେଦନରେ ଦର୍ଶାଇଛନ୍ତି ଯେ, ୨୦୧୨ ଡିସେମ୍ବର ୧୬ରେ ଅପରାଧ ଘଟିଥିବା ସମୟରେ ସେ ନାବାଳକ ଥିଲେ। ତେଣୁ ତାଙ୍କ ମାମଲାର ଶୁଣାଣି ଜୁଭେନାଇଲ ଜଷ୍ଟିସ୍ ବୋର୍ଡରେ ହେବା ଦରକାର ଥିଲା। କିନ୍ତୁ ସେପରି କରା ନ ଯାଇ କୋର୍ଟରେ ବିଚାର ହୋଇଥିଲା। ଏନେଇ ସେ ଦିଲ୍ଲୀ ହାଇକୋର୍ଟରେ ଏକ ପିଟିଶନ ଦାଏର କରିଥିଲେ। ପବନଙ୍କ ଓକିଲ ତାଙ୍କୁ ବଞ୍ଚାଇବା ପାଇଁ ଜାଲ୍ ଦସ୍ତାବିଜ ଦାଖଲ କରିଥିବା ଦର୍ଶାଇ ହାଇକୋର୍ଟ ଗତ ଡିସେମ୍ବର ୧୯ରେ ଏହାକୁ ଖାରଜ କରିଦେଇଥିଲେ।

# ମୋଦି କ୍ୟାବିନେଟରେ ସାମିଲ ହୋଇପାରନ୍ତି କାମାଥ, ଦାସଗୁପ୍ତା



କେ.ଭି. କାମାଥ



ସ୍ୱପନ ଦାସଗୁପ୍ତା

- ମନ୍ତ୍ରିମଣ୍ଡଳକୁ ଫେରିପାରନ୍ତି ସୁରେଶ ପ୍ରଭୁ
- ଅମିତାଭ କାନ୍ତଙ୍କ ନାଁକୁ ନେଇ ବି ଚର୍ଚ୍ଚା

ନୂଆଦିଲ୍ଲୀ,୧୭।୧(ଆଇଏଏନ୍ଏସ୍)

ବ୍ରିକ୍ସ ବ୍ୟାଙ୍କ ଅଧ୍ୟକ୍ଷ କେ.ଭି. କାମାଥ ଏବଂ ଭାଜପାର ରାଜ୍ୟ ସଭା ସଦସ୍ୟ ସ୍ୱପନ ଦାସଗୁପ୍ତାଙ୍କୁ ଖୁବ୍‌ଶୀଘ୍ର କେନ୍ଦ୍ର କ୍ୟାବିନେଟରେ ସାମିଲ କରାଯାଇପାରେ। ଏହି ଦୁଇ ଟେକ୍ନୋକ୍ରାଟଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ମନ୍ତ୍ରିମଣ୍ଡଳରେ ସ୍ଥାନ ମିଳିବ ବୋଲି ସୂତ୍ରରୁ ପ୍ରକାଶ। ବ୍ୟାଙ୍କିଙ୍ଗ୍ ସେକ୍ଟରରେ ଦୀର୍ଘ ଅଭିଜ୍ଞତାସମ୍ପନ୍ନ ଭେଟେରେନ୍ ବ୍ୟାଙ୍କର କେ.ଭି. କାମାଥଙ୍କୁ ଅର୍ଥ ରାଷ୍ଟ୍ରମନ୍ତ୍ରୀ କରାଯାଇପାରେ। ଦେଶ ଆର୍ଥିକ ମାନ୍ଦାବସ୍ଥା ଦେଇ ଗତି କରୁଥିବାବେଳେ କାମାଥ ଏହାର ସମାଧାନ ଦିଗରେ ସହାୟକ ହୋଇପାରନ୍ତି ବୋଲି ଆଶା କରାଯାଉଛି। ସେହିପରି ପଦ୍ମବିଭୂଷଣ ସ୍ୱପନ ଦାସଗୁପ୍ତାଙ୍କୁ ମାନବ ସମ୍ବଳ ବିକାଶ ରାଷ୍ଟ୍ରମନ୍ତ୍ରୀ ପଦ ମିଳିପାରେ। ଦେଶର ମର୍ଯ୍ୟାଦାଜନକ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଛାତ୍ର ଅଶାନ୍ତି ଲାଗି ରହିଥିବାବେଳେ ଏହି ହିନ୍ଦୁତ୍ୱବାଦୀ ବିଚାରକଙ୍କ ଅଭିଜ୍ଞତା ତାକୁ ପ୍ରଶମିତ କରିବାରେ ସହାୟକ ହେବ ବୋଲି ମୋଦି ସରକାର ଚିନ୍ତା କରୁଛନ୍ତି। ନୀତି ଆୟୋଗ ସିଇଓ ଅମିତାଭ କାନ୍ତ ହେଉଛନ୍ତି ଅନ୍ୟତମ ଟେକ୍ନୋକ୍ରାଟ, ଯାହାଙ୍କୁ ମନ୍ତ୍ରିମଣ୍ଡଳରେ ସାମିଲ କରାଯିବା ପାଇଁ ବିଚାର ଚାଲିଛି। ଅନୁରୂପ ଭାବେ ପୂର୍ବତନ ମନ୍ତ୍ରୀ ସୁରେଶ ପ୍ରଭୁ ମଧ୍ୟ କ୍ୟାବିନେଟକୁ ଫେରିପାରନ୍ତି ବୋଲି ଚର୍ଚ୍ଚା ହେଉଛି।

# 'ଲୋକଙ୍କୁ ମର୍ଯ୍ୟାଦା ଦେଇ ସେବା କର'




କନ୍‌ଭେନ୍‌ଶନ୍ ହଲ୍‌ରେ ବରିଷ୍ଠ ଅଧିକାରୀ ସମ୍ମିଳନୀକୁ ଉଦ୍‌ବୋଧନ ଦେଉଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

ଭୁବନେଶ୍ୱର,୧୭।୧(ବ୍ୟୁରୋ)

ଥାନା, ଡାକ୍ତରଖାନା ହେଉ କିମ୍ବା କୌଣସି ସରକାରୀ କାର୍ଯ୍ୟାଳୟ। ସବୁ ଲୋକଙ୍କୁ ସେଠାରେ ସମ୍ମାନର ସହ ଉତ୍ତମ ସେବା ମିଳିବା ଦରକାର। ସାଢେ ୪ କୋଟି ଓଡ଼ିଶାବାସୀ ହେଉଛନ୍ତି ମୋର ପରିବାର। ସେମାନଙ୍କ ଜୀବନଧାରଣରେ ଉନ୍ନତି ଆଣିବା ଆମର କର୍ତ୍ତବ୍ୟ। ବୃତ୍ତିଗତ ଓ ସେବା ମନୋଭାବ ନେଇ ଲୋକମାନଙ୍କର କାର୍ଯ୍ୟ କରିବାକୁ ପଡ଼ିବ। ରାଜ୍ୟର ବରିଷ୍ଠ ଓ କନିଷ୍ଠ ଆଇଏଏସ ଅଫିସରମାନଙ୍କୁ ଏମିତି ଗୁରୁମନ୍ତ୍ର ଦେଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

ଶୁକ୍ରବାର ଲୋକସେବା କନ୍‌ଭେନ୍‌ଶନ ହଲରେ ଆୟୋଜିତ ବରିଷ୍ଠ ଅଧିକାରୀ ସମ୍ମିଳନୀକୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପରିବାର ଆମ ସମସ୍ତଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ। ଆମେ ଚାହୁଁ ଆମ ପିଲାମାନେ ଭଲ ପାଠ ପଢନ୍ତୁ। ଆମର ଭାଇ ଭଉଣୀମାନେ ସବୁଠାରୁ ଭଲ ଚାକିରି ପାଆନ୍ତୁ। ଆମେ ଚାହୁଁ ଯେ ଆମ ମାଆବାପାଙ୍କୁ ଭଲ ସ୍ୱାସ୍ଥ୍ୟ ସୁବିଧା ମିଳୁ। ମୋର ବି ଗୋଟିଏ ପରିବାର ଅଛି। ଓଡ଼ିଶାର ସାଢେ ୪କୋଟି ଲୋକ ହେଉଛନ୍ତି ମୋ ପରିବାର। ସେମାନଙ୍କ ଆଶୀର୍ବାଦରେ ମୁଁ ଗତ ୨୦ ବର୍ଷ ଧରି ସେବା କରି ଆସୁଛି। ମୁଁ ଚାହେଁ ଆମର ପିଲାମାନେ ଗୁଣାତ୍ମକ ଶିକ୍ଷା ପାଆନ୍ତୁ। ଆମର ଭାଇ ଭଉଣୀମାନେ ଭଲ ଚାକିରି କରନ୍ତୁ। ଆମ ପରିବାରର ବରିଷ୍ଠମାନେ ଭଲ ସ୍ୱାସ୍ଥ୍ୟସେବା ପାଆନ୍ତୁ। ଆପଣମାନେ ହେଉଛନ୍ତି ଏହି ପରିବର୍ତ୍ତନ ଧାରାର ମୁଖ୍ୟ ବାହକ। 'ମୋ ସରକାର' ମୁଖବନ୍ଧରେ ଆମ ପ୍ରଶାସନର ବିଶେଷତ୍ୱ ପ୍ରତିଫଳିତ ହୋଇଛି। ଏହି ସମ୍ମିଳନୀ ସେ ଦିଗରେ କାର୍ଯ୍ୟ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି।

ରାଜ୍ୟର ବିକାଶ ସହିତ ଜନସାଧାରଣଙ୍କୁ ସରକାରୀ କାର୍ଯ୍ୟାଳୟରେ କିପରି ଉତ୍ତମ ସେବା ଯୋଗାଇ ଦିଆଯାଇପାରିବ ସେନେଇ ମୁଖ୍ୟମନ୍ତ୍ରୀ ସମସ୍ତ ☞ପୃଷ୍ଠା-୧୬

### ବରିଷ୍ଠ ଅଧିକାରୀ ସମ୍ମିଳନୀ

- ମନ୍ତ୍ରୀ, ଅଧିକାରୀଙ୍କୁ ଶପଥପାଠ କରାଇଲେ ମୁଖ୍ୟମନ୍ତ୍ରୀ
- ୫ ବର୍ଷ ପାଇଁ ରୋଡ୍ ମ୍ୟାପ ପ୍ରସ୍ତୁତ
- ନୂତନ ଜ୍ଞାନକୌଶଳ, ଜୀବିକା, ଭିତ୍ତିଭୂମି, ସ୍ୱାସ୍ଥ୍ୟ, ଶିକ୍ଷା, ମହିଳା ସଶକ୍ତୀକରଣ ଉପରେ ଗୁରୁତ୍ୱ


ମାଟ୍ରିକ ପରୀକ୍ଷା ସାଥୀ ଦେଖନ୍ତୁ
ପୃଷ୍ଠା - ୧୦ ଓ ୧୧



ଆଜିର ସମ୍ପାଦକୀୟ
ୟୁପିରେ କମିଶନରେଟ୍



Vencobb FRESH CHICKEN — Taste the difference!

17.01.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 74 | 124 | 134 |
| CTC | 74 | 124 | 134 |
| DKL | 74 | 124 | 134 |
| BDK | 72 | 122 | 132 |
| BLS | 72 | 122 | 132 |
| ANG | 75 | 126 | 136 |
| BHM | 74 | 124 | 134 |

*Conditions Apply

Issued in the Interest of Consumers


# ଆହୁରି ୪ ଦିନ ଘନକୁହୁଡ଼ି

ଭୁବନେଶ୍ୱର, ୧୭।୧ (ବ୍ୟୁରୋ)

ଅର୍ଦ୍ଧରାତ୍ରିରୁ ମାଡି ଆସୁଛି କୁହୁଡି। ଧୀରେ ଧୀରେ ସମଗ୍ର ଉପକୂଳବର୍ତ୍ତୀ ଜିଲା ଏବଂ ରାଜ୍ୟର ଅଧିକାଂଶ ଭାଗକୁ କବଳିତ କରି ପକାଉଛି। ସକାଳ ୯ଟା ଯାଏ ମଧ୍ୟ ଛାଡୁ ନାହିଁ। ଘନକୁହୁଡି ଯୋଗୁ ଯାତାୟାତ ଗୁରୁତର ଭାବେ ପ୍ରଭାବିତ ହେଉଛି। ଏଥିଯୋଗୁ ବିମାନ, ରେଳ ସେବା ପ୍ରଭାବିତ ହେଉଛି। ଆସନ୍ତା ୪ ଦିନ ଯାଏ ଉପକୂଳ ସମେତ ଦକ୍ଷିଣ ଓଡିଶାର ଅଧିକାଂଶ ଜିଲାକୁ କୁହୁଡି ଘେରି ରହିବ। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ସୁନ୍ଦରଗଡ, ଅନୁଗୋଳ, ଢେଙ୍କାନାଳ, ଯାଜପୁର, ଭଦ୍ରକ, କେନ୍ଦ୍ରାପଡା, କଟକ, ଜଗତ୍‌ସିଂହପୁର, ଖୋର୍ଦ୍ଧା, ପୁରୀ, ଗଞ୍ଜାମ, ନୟାଗଡ, କନ୍ଧମାଳ, କୋରାପୁଟ, ମାଲକାନଗିରି ଆଦି ୧୫ଟି ଜିଲାର ଅଧିକାଂଶ ଭାଗ ଘନକୁହୁଡିରେ ଆଚ୍ଛାଦିତ ହେବ। ୨୦୦ ମିଟର ପର୍ଯ୍ୟନ୍ତ ଖାଲି ଆଖିରେ ଦେଖାଯିବ ନାହିଁ। ଯାନବାହନ ଚଳାଚଳ ସମୟରେ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦିଆଯାଇଛି । କୁହୁଡିକୁ ଦୃଷ୍ଟିରେ ରଖି ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ୟେଲୋୱାର୍ନିଂ ଜାରି କରାଯାଇଛି। ତେବେ ୧୯ରୁ ୨୧ ତାରିଖ ମଧ୍ୟରେ କୁହୁଡି ପରିମାଣ ସାମାନ୍ୟ ହ୍ରାସ ପାଇବ । ପୁଣି ୨୨ ତାରିଖରେ ଉପକୂଳ ଓଡିଶା ଓ ଦକ୍ଷିଣ ଓଡିଶାର ଅନେକ ସ୍ଥାନରେ କୁହୁଡି ବହୁ ମାତ୍ରାରେ ବଢିଯିବ ବୋଲି ପାଣିପାଗ ବିଭାଗ ସତର୍କ ସୂଚନା ଜାରି କରିଛି। ଆଣ୍ଟି ସାଇକ୍ଲୋନିକ ପରିବେଶ ଯୋଗୁ ଆରବ ସାଗର ☞ପୃଷ୍ଠା-୪

### ୟେଲୋୱାର୍ନିଂ ଜାରି କଲା ପାଣିପାଗ ବିଭାଗ






୧୯୯୩ ମୁମ୍ବାଇ ସିରିଜ୍ ବିସ୍ଫୋରଣ ମାମଲାରେ ଦୋଷୀସାବ୍ୟସ୍ତ ଜଲୀସ୍ ଅନ୍‌ସାରୀ ଓରଫ ଡକ୍ଟର ବମ୍(୬୮) ପାରୋଲ୍‌ରେ ଯାଇ ଗୁରୁବାର ସକାଳେ ନିଖୋଜ ହୋଇଯାଇଥିଲେ। ଉତ୍ତରପ୍ରଦେଶ ପୋଲିସ ଶୁକ୍ରବାର ତାଙ୍କୁ କାନପୁରରୁ ଗିରଫ କରିଛି। ମୁମ୍ବାଇ ନିବାସୀ ଅନ୍‌ସାରୀ ଏହି ମାମଲାରେ ରାଜସ୍ଥାନ ଜେଲରେ ଆଜୀବନ କାରାଦଣ୍ଡାଦେଶ ଭୋଗୁଥିଲେ। ୨୧ ଦିନ ପାରୋଲ ପରେ ଗୁରୁବାର ସେ ଜେଲକୁ ଫେରିବାର ଥିଲା।

# ଧରାପଡ଼ିଲା ପାକ୍‌ର ଆଣବିକ ଚୋରା କାରବାର

**ୱାଶିଂଟନ,୧୭।୧**

ପାକିସ୍ତାନ ତା'ର ଆଣବିକ ଚୋରା କାରବାର ଏବଂ ବେଆଇନ ଭାବେ କ୍ଷେପଣାସ୍ତ୍ର ଜ୍ଞାନକୌଶଳ ହାସଲ କରିବା କାର୍ଯ୍ୟ ଜାରି ରଖିଥିବା ପୁଣିଥରେ ପଦାକୁ ଆସିଛି। ନିଜ ଦେଶରେ ବିଜ୍ଞାନ ଓ ପ୍ରଯୁକ୍ତିର କୌଣସି ଭିତ୍ତିଭୂମି ନ ଥିବା ସତ୍ତ୍ୱେ ଇସ୍‌ଲାମାବାଦ ଚୋରାରେ ଅନ୍ୟ ଦେଶରୁ ଏହି ଜ୍ଞାନକୌଶଳ ହାସଲ କରି ଅଣୁଅସ୍ତ୍ର ଓ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର କ୍ଷମତା ହାସଲ କରିପାରିଛି। ପୁଣିଥରେ ଏହି ଚୋରା କାରବାର ବେଳେ ରାୱଲପିଣ୍ଡିର ଏକ କମ୍ପାନୀ ସହ ସମ୍ପୃକ୍ତ ୫ ଜଣ ଧରାପଡିଛନ୍ତି। ଗିରଫ ୫ ଜଣଙ୍କ ବିରୋଧରେ ବେଆଇନ କାରବାର ନେଇ ମାମଲା ରୁଜୁ ହୋଇଛି। ବିଜ୍‌ନେସ୍ ୱାର୍ଲ୍ଡ ନାମକ କମ୍ପାନୀ ପାକିସ୍ତାନର ଆଣବିକ ଓ କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମ ପାଇଁ ଆମେରିକୀୟ ଜ୍ଞାନକୌଶଳ ଚୋରା କାରବାରରେ ସମ୍ପୃକ୍ତ ଥିବା ଜଣାପଡିଛି।

ଆମେରିକା ନ୍ୟାୟିକ ବିଭାଗ ଅନୁଯାୟୀ, ଧରାପଡ଼ିଥିବା ୫ ଜଣ ଅଭିଯୁକ୍ତ କାନାଡ଼ା, ହଂକଂ, ବ୍ରିଟେନରେ ରହି ଆଗୁଆ କମ୍ପାନୀଗୁଡ଼ିକର ଏକ ଅନ୍ତର୍ଜାତୀୟ ପ୍ରୋକ୍ୟୁରମେଣ୍ଟ ନେଟୱାର୍କ ଚଳାଇଥିଲେ। ଏହି ସଂସ୍ଥା ଆଡଭାନ୍ସଡ୍ ଇଞ୍ଜିନିୟରିଂ ରିସର୍ଚ୍ଚ ଅର୍ଗାନାଇଜେଶନ (ଏଇଆର୍‌ଓ) ଏବଂ ପାକିସ୍ତାନୀ ଆଣବିକ ଶକ୍ତି କମିଶନ (ପିଏଇସି) ପାଇଁ ଆମେରିକୀୟ ସାମଗ୍ରୀ ସଂଗ୍ରହ କରୁଥିଲା। ସଂଘୀୟ ଆଇନର ଉଲ୍ଲଂଘନ କରାଯାଇ ବିନା ରପ୍ତାନୀ ଲାଇସେନ୍ସରେ ଉକ୍ତ ସଂସ୍ଥା ବିଭିନ୍ନ କମ୍ପାନୀକୁ ସାମଗ୍ରୀ ପଠାଉଥିଲା। ବର୍ଷ ବର୍ଷ ଧରି ଆମେରିକାର ମୂଳ ସାମଗ୍ରୀ ଅନ୍ୟ ଦେଶରେ ଥିବା କମ୍ପାନୀଗୁଡ଼ିକୁ ଚୋରା ଚାଲାଣ ହୋଇଆସୁଥିଲା। ଉକ୍ତ ସଂସ୍ଥାର ପାକିସ୍ତାନ ଅସ୍ତ୍ର କାର୍ଯ୍ୟକ୍ରମ ସହ ସମ୍ପର୍କ ରହିଥିବା ଜଣାପଡିବା ପରେ ଆମେରିକାର ଜାତୀୟ ସୁରକ୍ଷା ପ୍ରତି ବିପଦ ଦେଖାଦେଇଛି। ଆମେରିକା ବ୍ୟବସାୟରେ ଏଭଳି ତ୍ରୁଟିପୂର୍ଣ୍ଣ କାରବାର ଚାଲିଥିବା ଏହା ଏକ ଉଦାହରଣ ବୋଲି ଏହାର ଜାତୀୟ ସୁରକ୍ଷାର ସହକାରୀ ଆର୍ଟର୍ନି ଜେନେରାଲ ଜନ୍ ସି. ଡେମର୍‌ସ କହିଛନ୍ତି। ଦେଶର ରପ୍ତାନୀ ନିୟନ୍ତ୍ରଣ ଓ କଟକଣା କାର୍ଯ୍ୟକ୍ରମରେ ପରିବର୍ତ୍ତନ ଆଣିବା ଆବଶ୍ୟକ ବୋଲି ସେ ମତ ଦେଇଛନ୍ତି।

ଆଣବିକ ଚୋରା କାରବାରରେ ସମ୍ପୃକ୍ତ ଥାଇ ଗିରଫ ହୋଇଥିବା ୫ ଜଣ ହେଲେ ପାକିସ୍ତାନର ମହମ୍ମଦ କମରନ୍ ୱାଲି (୪୧),କାନାଡାର ମହମ୍ମଦ ଅହସାନ ୱାଲି(୪୮) ଓ ହାଜି ୱାଲି ମହମ୍ମଦ ଶେଖ (୮୨), ହଂକଂର ଅଶ୍ରଫ ଖାନ ମହମ୍ମଦ ଏବଂ ବ୍ରିଟେନ୍‌ର ଏସେକ୍ସରେ ରହୁଥିବା ଅହମଦ ୱାହିଦ(୫୨)। ସେମାନଙ୍କ ବିରୋଧରେ ଅନ୍ତର୍ଜାତୀୟ ଜରୁରୀ ଅର୍ଥନୀତି କ୍ଷମତା ଆଇନ ଏବଂ ରପ୍ତାନି ନିୟନ୍ତ୍ରଣ ସଂସ୍କାର ଆଇନ ଉଲ୍ଲଂଘନ ଷଡ଼ଯନ୍ତ୍ର ଅଭିଯୋଗରେ ମାମଲା ରୁଜୁ ହୋଇଛି। ପାକିସ୍ତାନର ଆଣବିକ ଚୋରା କାରବାର ଧରାପଡିଥିବାରୁ ଭାରତର ସୁରକ୍ଷା ପ୍ରତି ବିପଦ ରହିଥିବା ସୂଚନା ମିଳିଛି।

ଆମେରିକା ନ୍ୟାୟିକ ବିଭାଗର ସୂଚନା ଅନୁଯାୟୀ, ଉଭୟ ଏଇଆର୍‌ଓ ଏବଂ ପିଏଇସି ବାଣିଜ୍ୟ ବିଭାଗର ସଂସ୍ଥା ତାଲିକାରେ ଅଛନ୍ତି। ତେବେ ସେମାନଙ୍କ କାର୍ଯ୍ୟକଳାପ ଆମେରିକା ସୁରକ୍ଷା ଓ ବହିର୍ବ୍ୟାପାର ନୀତି ସ୍ୱାର୍ଥର ବିରୋଧରେ ଯାଉଛି।




- ଗିରଫ ୫ ଜଣଙ୍କ ବିରୋଧରେ ମାମଲା
- ଚଳାଇଥିଲେ ଅନ୍ତର୍ଜାତୀୟ ପ୍ରୋକ୍ୟୁରମେଣ୍ଟ ନେଟୱାର୍କ
- ପାକ୍ ଅଣୁଅସ୍ତ୍ର କାର୍ଯ୍ୟକ୍ରମ ପାଇଁ ଯୋଗାଡ଼ କରୁଥିଲେ ଉପାଦାନ
- ଭାରତ ଓ ଆମେରିକାର ଜାତୀୟ ସୁରକ୍ଷା ପ୍ରତି ବିପଦ ଆଶଙ୍କା

## ଚୋରି ବିଦ୍ୟାରେ ଆଣବିକ ଅସ୍ତ୍ର



ଭାରତକୁ ଆଣବିକ ଅସ୍ତ୍ରର ଭୟ ଦେଖାଉଥିବା ପାକିସ୍ତାନର ଜ୍ଞାନକୌଶଳ ଚୋରି ଏବେକାର ନୁହେଁ। ୧୬ ବର୍ଷ ପୂର୍ବରୁ ଏହାର ଆଣବିକ ଚୋରା କାରବାର ଓ ପ୍ରସାର ଦୁର୍ନୀତି ଧରାପଡ଼ିଥିଲା। ପାକିସ୍ତାନୀ ବିଜ୍ଞାନୀ ଏ.କ୍ୟୁ. ଖାନ୍ ଡଚ୍ କମ୍ପାନୀ ୟୁରେନ୍‌କୋଠାରୁ ସେଣ୍ଟ୍ରିଫ୍ୟୁଜ୍ ଡିଜାଇନ ଚୋରିକରି ଆଣିଥିଲେ, ଯାହା ସହାୟତାରେ ପାକିସ୍ତାନ ୮୦ ଦଶକରେ ପରମାଣୁ ବୋମା ନିର୍ମାଣ କରିପାରିଥିଲା। ପରେ ପାକିସ୍ତାନ ଚାଇନା ସହାୟତାରେ ଏହି ଆଣବିକ ଜ୍ଞାନକୌଶଳକୁ ଉତ୍ତର କୋରିଆକୁ ବିକ୍ରି କରି ତାହା ବଦଳରେ ସେଠାରୁ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଜ୍ଞାନକୌଶଳ ପାଇଥିଲା। ଏପରିକି ଖାନ୍ ଆଣବିକ ଜ୍ଞାନକୌଶଳକୁ ଲିବ୍ୟା ଓ ଇରାନକୁ ବିକିଦେଇଥିଲେ।

# ପୁରସ୍କାର ଊର୍ଦ୍ଧ୍ୱରେ ଗାନ୍ଧିଜୀ

**ନୂଆଦିଲ୍ଲୀ,୧୭।୧(ପି.ଟି.)**



ଜାତିର ପିତା ମହାତ୍ମା ଗାନ୍ଧୀଙ୍କୁ ଭାରତରତ୍ନ ପ୍ରଦାନକରିବା ଲାଗି ହୋଇଥିବା ଏକ ଜନସ୍ୱାର୍ଥ ମାମଲାକୁ ସୁପ୍ରିମକୋର୍ଟ ଅଗ୍ରାହ୍ୟ କରିଦେଇଛନ୍ତି। ଔପଚାରିକ ମାନ୍ୟତାଠାରୁ ଗାନ୍ଧିଜୀ ବହୁ ଉଚ୍ଚ ସମ୍ମାନର ଅଧିକାରୀ ବୋଲି କୋର୍ଟ କହିଛନ୍ତି। ପ୍ରଧାନ ବିଚାରପତି ଜଷ୍ଟିସ ଏସ୍.ଏ. ବୋବ୍‌ଡ଼େ, ଜଷ୍ଟିସ ବି.ଆର୍. ଗଭାଇ ଓ ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କୁ ନେଇ ଗଠିତ ଖଣ୍ଡପୀଠ ଆବେଦନକାରୀ ଅନିଲ ଦତ୍ତଙ୍କୁ ଏନେଇ କେନ୍ଦ୍ର ପ୍ରତିନିଧିଙ୍କୁ ଅବଗତ କରାଇବା ଲାଗି କହିଛନ୍ତି। ମହାତ୍ମା ଗାନ୍ଧୀ ହେଉଛନ୍ତି ଜାତିର ପିତା ଓ ତାଙ୍କ ପ୍ରତି ଲୋକଙ୍କ ଉଚ୍ଚ ସମ୍ମାନ ରହିଆସିଛି। କୌଣସି ଔପଚାରିକ

**ଭାରତରତ୍ନ ଲାଗି ଉଦ୍ଦିଷ୍ଟ ଜନସ୍ୱାର୍ଥ ମାମଲା ସୁପ୍ରିମକୋର୍ଟରେ ଅଗ୍ରାହ୍ୟ**

ମାନ୍ୟତା ପ୍ରଦାନର ଯଥାର୍ଥତା ନାହିଁ। ଏନେଇ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେବା ନ୍ୟାୟସଙ୍ଗତ ନୁହେଁ ବୋଲି ଖଣ୍ଡପୀଠ ଦର୍ଶାଇଛନ୍ତି।

# ମ୍ୟାନ୍‌ମାର ଗସ୍ତରେ ଜିନ୍‌ପିଙ୍ଗ୍



ମ୍ୟାନ୍‌ମାର୍ ଷ୍ଟେଟ୍ କାଉନ୍‌ସେଲର ସୁ କୀଙ୍କ ସହ ଚାଇନା ରାଷ୍ଟ୍ରପତି ଜି ଜିନ୍‌ପିଙ୍ଗ୍

**ନାଏପିଡ଼ା,୧୭।୧ (ଏଏଫ୍‌ପି)**

ଚାଇନା ରାଷ୍ଟ୍ରପତି ଜି ଜିନ୍‌ପିଙ୍ଗ୍ ଦୁଇଦିନିଆ ମ୍ୟାନ୍‌ମାର୍ ଗସ୍ତରେ ଯାଇ ଶୁକ୍ରବାର ଏହାର ରାଜଧାନୀରେ ପହଞ୍ଚିଛନ୍ତି। ସଙ୍କଟରେ ପଡ଼ିଥିବା ଅଙ୍ଗ୍ ସାନ୍ ସୁ କୀଙ୍କ ସରକାରଙ୍କୁ ସମର୍ଥନ ଜଣାଇବା ଏବଂ ମ୍ୟାନ୍‌ମାର୍ ସହ ବହୁକୋଟି ଡଲାରର ଭିତ୍ତିଭୂମି ପ୍ରକଳ୍ପ ଲାଗି ଚୁକ୍ତିନାମା କାର୍ଯ୍ୟକୁ ଆଗେଇ ନେବା ଜିନ୍‌ପିଙ୍ଗଙ୍କ ଗସ୍ତର ଉଦ୍ଦେଶ୍ୟ ବୋଲି କୁହାଯାଉଛି। ୧୯ ବର୍ଷ ମଧ୍ୟରେ ଚାଇନା ନେତାଙ୍କର ଏହା ପ୍ରଥମ ମ୍ୟାନ୍‌ମାର୍ ଗସ୍ତ ହୋଇଥିବାବେଳେ ଏହା ଭାରତର ଚିନ୍ତା ବଢ଼ାଇଦେଇଛି। ଜିନ୍‌ପିଙ୍ଗଙ୍କ ଏହି ଗସ୍ତ ଉପରେ ନୂଆଦିଲ୍ଲୀ ନଜର ରଖିଛି। ମିଆଁମାରର ସୈନ୍ୟବାହିନୀ ୭ ଲକ୍ଷରୁ ଊର୍ଦ୍ଧ୍ୱ ସଂଖ୍ୟାଲଘୁ ରୋହିଙ୍ଗ୍ୟା ମୁସଲମାନଙ୍କୁ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଥିଲା। ସେମାନେ ବାଧ୍ୟ

**ଭାରତର ଚିନ୍ତା ବଢ଼ାଇଲା ଚାଇନା**

ହୋଇ ବାଂଲାଦେଶ ପଳାଇଥିଲେ। ଏହି ମାମଲା ହେଗ୍‌ସ୍ଥିତ ଅନ୍ତର୍ଜାତୀୟ ନ୍ୟାୟିକ ଅଦାଲତରେ ଚାଲିଥିବାବେଳେ ୨୩ରେ ରାୟ ପ୍ରକାଶ ପାଇପାରେ। ଗତ ମାସରେ ଷ୍ଟେଟ୍ କାଉନ୍‌ସେଲର ସୁ କୀ ମ୍ୟାନ୍‌ମାର୍ କାର୍ଯ୍ୟକୁ ସମର୍ଥନ କରି ଅନ୍ତର୍ଜାତୀୟ ଅଦାଲତରେ ପକ୍ଷ ରଖିଥିଲେ। ମ୍ୟାନ୍‌ମାର୍‌ର ଏଭଳି କାର୍ଯ୍ୟକୁ ଆମେରିକା ଓ ୟୁରୋପୀୟ ସଂଘ ନିନ୍ଦା କରିଥିବାବେଳେ ଜାତିସଂଘ ଏହାକୁ ନରସଂହାର ଭଳି କାର୍ଯ୍ୟ ବୋଲି କହିଛି। ଉଇଘୁରଙ୍କୁ ନେଇ ଚାଇନା ସମାଲୋଚିତ ହୋଇଥିବାବେଳେ ମିଆଁମାର ରୋହିଙ୍ଗ୍ୟାମାନଙ୍କୁ ତଡିଦେଇଛି। ଫଳରେ ଚାଇନା ଓ ମ୍ୟାନ୍‌ମାର୍ ମଧ୍ୟରେ କୂଟନୈତିକ ସମ୍ପର୍କ ବୃଦ୍ଧି ପାଇଛି।

## 'କଶ୍ମୀର ପ୍ରସଙ୍ଗକୁ ମିଳୁନି ସମର୍ଥନ'

**ବନ୍,୧୭।୧:** ପାକିସ୍ତାନ ବିଶ୍ୱ ମଞ୍ଚଗୁଡ଼ିକରେ କଶ୍ମୀର ପ୍ରସଙ୍ଗକୁ ଯେତେ ଉଠାଇଲେ ବି ଏହାକୁ ଅନ୍ତର୍ଜାତୀୟ ସମୁଦାୟର ସମର୍ଥନ ମିଳୁନାହିଁ। ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ ଶୁକ୍ରବାର ଏହା ସ୍ୱୀକାର କରିଛନ୍ତି। ଜର୍ମାନୀର ସରକାରୀ ଟିଭି ଚ୍ୟାନେଲ ଡିଡବ୍ଲ୍ୟୁକୁ ଏକ ସାକ୍ଷାତ୍‌କାର ଦେଇ ଇମ୍ରାନ୍ କହିଛନ୍ତି ଯେ, ପାଶ୍ଚାତ୍ୟ ଦେଶଗୁଡ଼ିକ ପାଇଁ ବ୍ୟବସାୟିକ ସ୍ୱାର୍ଥ ବେଶି ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ସେମାନେ କଶ୍ମୀର ପ୍ରସଙ୍ଗରୁ ମୁହଁ ଫେରାଇ ନେଉଛନ୍ତି। ଭାରତ ଏକ ବଡ଼ ବଜାର ହୋଇଥିବାରୁ କଶ୍ମୀରରେ ବସବାସ



କରୁଥିବା ୮୦ ଲକ୍ଷ ଲୋକ ଓ ଦେଶର ଅନ୍ୟ ସଂଖ୍ୟାଲଘୁଙ୍କ ପ୍ରତି ଦେଖାଯାଉଥିବା ବ୍ୟବହାର ଉପରେ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ବିଚାର କରୁନାହାନ୍ତି। ଏହା ଦୁର୍ଭାଗ୍ୟଜନକ କଥା ବୋଲି ଇମ୍ରାନ୍ କହିଛନ୍ତି।

## ପାକ୍ ଉଚ୍ଚାୟୁକ୍ତଙ୍କୁ ସମନ

**ନୂଆଦିଲ୍ଲୀ,୧୭।୧(ଆଇଏଏନ୍‌ଏସ୍):** ପାକିସ୍ତାନର ୩ ହିନ୍ଦୁ ଝିଅଙ୍କୁ ଅପହରଣ ମାମଲାରେ ନୂଆଦିଲ୍ଲୀରେ ଅବସ୍ଥାପିତ ପାକିସ୍ତାନ ଉଚ୍ଚାୟୁକ୍ତଙ୍କୁ ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଶୁକ୍ରବାର ସମନ୍ ଜାରି କରାଯାଇଛି। ସିନ୍ଧ୍ ପ୍ରଦେଶସ୍ଥିତ ଉମାର ଗ୍ରାମର ବାସିନ୍ଦା ଶାନ୍ତି ମେଘୱାଡ଼ ଓ ସର୍ମୀ ମେଘୱାଡ଼ଙ୍କୁ ଗତ ୧୪ ତାରିଖରେ ଅପହରଣ କରାଯାଇଥିଲା। ଏହାର ଦିନକ ପରେ ଜାକୋବାବାଦ ଜିଲାରୁ ମେହକ ନାମ୍ନୀ ଆଉ ଜଣେ ହିନ୍ଦୁ ନାବାଳିକାଙ୍କୁ ଅପହରଣ କରାଯାଇଥିଲା।



ବିଏସ୍‌ଏଫ୍‌ର ଓଟ ଆରୋହୀ ଯବାନମାନେ ନୂଆଦିଲ୍ଲୀର ରାଜପଥରେ ସାଧାରଣତନ୍ତ୍ର ଦିବସ ପାଇଁ ପରେଡ୍ ଅଭ୍ୟାସ କରୁଛନ୍ତି।

# ସିଏଏ ବିରୋଧରେ ସୁପ୍ରିମକୋର୍ଟ ଯିବ ପଞ୍ଜାବ

**ଚଣ୍ଡିଗଡ଼,୧୭।୧(ପି.ଟି.)**

ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ବିରୋଧରେ ପଞ୍ଜାବ ବିଧାନସଭାରେ ଶୁକ୍ରବାର ସଂକଳ୍ପ ଗୃହୀତ ହୋଇଛି। ଏଭଳି ସଂକଳ୍ପ ଗୃହୀତ କରାଇବାରେ କେରଳ ପରେ ପଞ୍ଜାବ ଦ୍ୱିତୀୟ ରାଜ୍ୟ। ବିଧାନସଭାରେ ୩ ଘଣ୍ଟାର ବିତର୍କ ପରେ ସିଏଏ ବିରୋଧରେ ସଂକଳ୍ପନାମା ଧ୍ୱନିମତରେ ଗୃହୀତ ହୋଇଥିଲା। କେରଳ ଭଳି ତାଙ୍କ ସରକାର ମଧ୍ୟ ସିଏଏ ବିରୋଧରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବ ବୋଲି ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ କହିଛନ୍ତି।



ଅମରିନ୍ଦର ସିଂ

ବିଭିନ୍ନ ରାଜ୍ୟ ସିଏଏକୁ ବିରୋଧ କରୁଛନ୍ତି। ଏହାକୁ କାର୍ଯ୍ୟକାରୀ କରିବା

**ବିଧାନସଭାରେ ସଂକଳ୍ପ ଗୃହୀତ**

ପୂର୍ବରୁ କେନ୍ଦ୍ର ସରକାରଙ୍କୁ ଆବଶ୍ୟକ ସଂଶୋଧନ କରିବାକୁ ପଡ଼ିବ ବୋଲି ଅମରିନ୍ଦର ଖବରଦାତାମାନଙ୍କୁ କହିଛନ୍ତି। ସେହିପରି ପଞ୍ଜାବରେ ପୁରୁଣା ପଦ୍ଧତିରେ ୨୦୨୧ ଜନଗଣନା ହେବ। ଏଠାରେ କେନ୍ଦ୍ର ସରକାରଙ୍କ ପ୍ରସ୍ତାବିତ ଜାତୀୟ ଜନସଂଖ୍ୟା ପଞ୍ଜିକା (ଏନ୍‌ପିଆର୍)କୁ ଜନଗଣନାରେ ସାମିଲ କରାଯିବ ନାହିଁ ବୋଲି ଅମରିନ୍ଦର ସ୍ପଷ୍ଟ କରିଛନ୍ତି।

**ଇତିହାସର ଆଇନାରେ**

**ଜାନୁୟାରୀ ୧୮ର ପ୍ରମୁଖ ଘଟଣା**

୧୯୭୭ ଜାନୁୟାରୀ ୧୮ରେ ସିଡ୍‌ନୀର ଗ୍ରାନ୍‌ଭିଲେଠାରେ ରେଳ ଦୁର୍ଘଟଣାରେ ପ୍ରାୟ ୮୫ ଯାତ୍ରୀ ପ୍ରାଣ ହରାଇଥିଲେ। ଯାତ୍ରୀବାହୀ ଟ୍ରେନ ଲାଇନଚ୍ୟୁତ ହୋଇ ନିକଟସ୍ଥ ଓଭରବ୍ରିଜ୍‌ରେ ମାଡ଼ ହେବାରୁ ତାହା ଭାଙ୍ଗିଯାଇଥିଲା।

୨୦୧୮ ଜାନୁୟାରୀ ୧୮ରେ କାଜାଖସ୍ତାନର ସମରା-ସିମ୍‌କେଣ୍ଟ ରାସ୍ତାରେ ଏକ ବସ୍‌ରେ ନିଆଁ ଲାଗିଯିବାରୁ ୫୨ ଯାତ୍ରୀଙ୍କ ପ୍ରାଣହାନି ଘଟିଥିଲା। ବସ୍‌ଟି ଉଜ୍‌ବେକ ଶ୍ରମିକମାନଙ୍କୁ ରୁଷିଆର କଜାନ୍ ଅଭିମୁଖେ ନେଇଯାଉଥିଲା।

## ୨୦ରେ ନଡ୍ଡା ହେବେ ଭାଜପା ଅଧ୍ୟକ୍ଷ

**ନୂଆଦିଲ୍ଲୀ,୧୭।୧ (ପି.ଟି.)**

ଭାଜପା ଜାତୀୟ ଅଧ୍ୟକ୍ଷ ପଦ ଲାଗି ଜାନୁୟାରୀ ୨୦ରେ ନାମାଙ୍କନପତ୍ର ଦାଖଲ କରାଯିବ ଏବଂ ଆବଶ୍ୟକ ପଡ଼ିଲେ ତା ପରଦିନ ନିର୍ବାଚନ ଅନୁଷ୍ଠିତ ହେବ ବୋଲି ଦଳ ପକ୍ଷରୁ ଶୁକ୍ରବାର ଘୋଷଣା କରାଯାଇଛି। ଭାଜପାର କାର୍ଯ୍ୟକାରୀ ସଭାପତି ଥିବା ଜେ.ପି. ନଡ୍ଡା ନିର୍ଦ୍ୱନ୍ଦ୍ୱରେ ଶୀର୍ଷ ପଦବୀକୁ ନିର୍ବାଚିତ ହେବା ଏକପ୍ରକାର ନିଶ୍ଚିତ ବୋଲି କୁହାଯାଉଛି। ଭାଜପାର ୩୬ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଶାଖା ମଧ୍ୟରୁ ଇତିମଧ୍ୟରେ ୨୧ଟିରେ ନିର୍ବାଚନ ଶେଷ ହୋଇଛି। ସାଂଗଠନିକ ନିର୍ବାଚନ ଦାୟିତ୍ୱରେ ଥିବା ଭାଜପା ନେତା ରାଧାମୋହନ ସିଂ ଜାତୀୟ ଅଧ୍ୟକ୍ଷ ନିର୍ବାଚନ ପାଇଁ ତାରିଖ ଘୋଷଣା କରିଛନ୍ତି।

## ୫୭ ପ୍ରାର୍ଥୀଙ୍କ ନାମ ଘୋଷଣା କଲା ଭାଜପା

**ନୂଆଦିଲ୍ଲୀ,୧୭।୧(ପି.ଟି.)**

ଦିଲ୍ଲୀ ବିଧାନସଭା ନିର୍ବାଚନ ଲାଗି ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ଭାଜପା ପକ୍ଷରୁ ଶୁକ୍ରବାର ୫୭ ଜଣିଆ ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା କରାଯାଇଛି। ଦିଲ୍ଲୀ ଭାଜପା ମୁଖ୍ୟ ମନୋଜ ତିୱାରି ପ୍ରାର୍ଥୀ ତାଲିକା ଜାରି କରିଥିବାବେଳେ ଏଏପିର କେଉଁ ପ୍ରାର୍ଥୀ ବିରୋଧରେ କାହାକୁ ପ୍ରାର୍ଥୀ କରାଯିବ ସେ ସମ୍ପର୍କରେ ଘୋଷଣା କରାଯାଇ ନାହିଁ। ତାଲିକାରେ ବିଧାୟକ ବିଜେନ୍ଦର ଗୁପ୍ତା, ପୂର୍ବତନ ମେୟର ରବୀନ୍ଦର ଗୁପ୍ତା, ଯୋଗେନ୍ଦ୍ର ଚାଣ୍ଡୋଲିଆ, ଏଏପି ବିଧାୟକ କପିଲ ମିଶ୍ରାଙ୍କ ସମେତ ୧୧ ଅନୁସୂଚିତ ଜାତି ଓ ୪ ମହିଳା ପ୍ରାର୍ଥୀଙ୍କ ନାମ ରହିଛି। ଗୁପ୍ତା ରୋହିଣୀ ଆସନ ଓ ମିଶ୍ରା ମଡେଲ ଟାଉନରୁ ପ୍ରାର୍ଥୀ ହେବେ ବୋଲି ଜଣାପଡ଼ିଛି।

# ବିବାଦରେ 'ବିଫ୍ ଫ୍ରାଏ' ଟୁଇଟ୍

**ଥିରୁଭାନନ୍ତପୁରମ୍,୧୭।୧ (ପି.ଟି.)**



ମକର ସଂକ୍ରାନ୍ତି ଦିନ କେରଳ ପର୍ଯ୍ୟଟନ ବିଭାଗ 'ବିଫ୍ ଫ୍ରାଏ' ଟୁଇଟ୍ କରି ବିବାଦ ଘେରକୁ ଆସିଛି। ଏହାକୁ ନେଇ ବିବାଦ ଉଠିବା ପରେ କାହାର ଧର୍ମୀୟ ଭାବନାକୁ ଆଘାତ ଦେବା ଉଦ୍ଦେଶ୍ୟ ନ ଥିଲା ବୋଲି ସିପିଏମ୍ ନେତୃତ୍ୱାଧୀନ ସରକାରଙ୍କ ପକ୍ଷରୁ ଶୁକ୍ରବାର ସ୍ପଷ୍ଟୀକରଣ ଦିଆଯାଇଛି। ମକର ସଂକ୍ରାନ୍ତି ହିନ୍ଦୁମାନଙ୍କର ଏକ ମୁଖ୍ୟ ପର୍ବ ହୋଇଥିବାବେଳେ ସେଦିନ ଦେଶର ବିଭିନ୍ନ ଭାଗରେ ପୋଙ୍ଗଲ, ବିହୁ ଓ ଲୋହରି ପର୍ବ ପାଳିତ ହୋଇଥାଏ। ଏଭଳି ଏକ ପବିତ୍ର ଦିନରେ କେରଳ ପର୍ଯ୍ୟଟନ ବିଭାଗ ୱେବସାଇଟରେ ଗୋମାଂସ ବ୍ୟଞ୍ଜନକୁ ନେଇ ଟୁଇଟ୍ କରାଯିବା ଘଟଣାରେ ଅନେକ ଟୁଇଟର୍ ବ୍ୟବହାରକାରୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏଭଳି ଟୁଇଟ୍ କରି ସରକାର

**କେରଳ ସରକାରଙ୍କ ସଫେଇ**

**କାହାର ଧର୍ମୀୟ ଭାବନାକୁ ଆଘାତ ଦେବା ଉଦ୍ଦେଶ୍ୟ ନ ଥିଲା**

ହିନ୍ଦୁମାନଙ୍କ ବିରୋଧରେ ଯୁଦ୍ଧ ଘୋଷଣା କରିଛନ୍ତି ବୋଲି ଭାଜପା ଏମ୍‌ପି ଶୋଭା କରଣ୍ଡଲାଜେ କହିଛନ୍ତି। ରାଜ୍ୟ ପର୍ଯ୍ୟଟନ ମନ୍ତ୍ରୀ କଡକମ୍ପାଲି ସୁରେନ୍ଦ୍ରନ କହିଛନ୍ତି, ଖାଦ୍ୟ ସହ କୌଣସି ଧର୍ମର ସମ୍ପର୍କ ନାହିଁ। ଏହାକୁ ଅଯଥା ସାମ୍ପ୍ରଦାୟିକ ରଙ୍ଗ ଦିଆଯିବା ଦୁର୍ଭାଗ୍ୟଜନକ ବୋଲି ସେ ସମାଲୋଚନା କରିଛନ୍ତି।




ଶୁକ୍ରବାର ଅପରାହ୍ଣ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ—**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ସମସ୍ତ ଜିଲାରେ ପାଗ ମୁଖ୍ୟତଃ ଶୁଖିଲା ରହିବା ସହ ଶୀତ ଅନୁଭୂତ ହେବ।

**ସ୍ଥାନୀୟ ଅଞ୍ଚଳ—**ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ପାଗ ପ୍ରାୟତଃ ଶୁଖିଲା ରହିବ। ଶନିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୦ ଡିଗ୍ରୀ ଏବଂ ସର୍ବନିମ୍ନ ୧୭ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଶୁକ୍ରବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୯.୪ | ୧୨.୭ |
| ଚାନ୍ଦବାଲି | ୨୯.୭ | ୧୩.୬ |
| କଟକ | ୨୯.୮ | ୧୫.୨ |
| ପାରାଦ୍ୱୀପ | ୨୭.୮ | ୧୬.୨ |
| ଭୁବନେଶ୍ୱର | ୩୦.୦ | ୧୬.୫ |
| ଗୋପାଳପୁର | ୨୯.୦ | ୧୭.୮ |
| ପୁରୀ | ୨୬.୨ | ୧୫.୦ |
| ଅନୁଗୋଳ | ୩୦.୧ | ୭.୬ |
| ବାରିପଦା | ୨୯.୦ | ୧୩.୬ |
| ଝାରସୁଗୁଡ଼ା | ୨୯.୦ | ୧୨.୪ |
| କେନ୍ଦୁଝର | ୨୮.୦ | ୧୨.୪ |
| ସମ୍ବଲପୁର | ୩୦.୪ | ୧୩.୨ |
| ସୁନ୍ଦରଗଡ଼ | ୨୬.୦ | ୧୧.୫ |
| ହୀରାକୁଦ | ୩୦.୧ | ୧୨.୮ |
| ତାଳଚେର | -- | ୧୨.୩ |
| ଭବାନୀପାଟଣା | ୩୦.୦ | ୧୩.୨ |
| ବଲାଙ୍ଗୀର | ୩୦.୦ | ୧୪.୦ |
| କୋରାପୁଟ | ୨୯.୦ | ୧୦.୦ |
| ଫୁଲବାଣୀ | ୨୯.୦ | ୮.୫ |
| ଟିଟିଲାଗଡ଼ | ୩୧.୦ | ୧୦.୬ |
| ମାଲକାନଗିରି | ୩୧.୦ | ୧୩.୦ |
| ସୋନପୁର | ୩୦.୪ | ୯.୦ |
| ଦାରିଙ୍ଗିବାଡ଼ି | ୨୫.୫ | ୯.୫ |

ଡିଗ୍ରୀ ସେଲ୍‌ସିୟସ୍

# ଲଞ୍ଚ୍ ହେଲା ଜିସାଟ୍-୩୦

**ବେଙ୍ଗାଲୁରୁ,୧୭।୧(ପି.ଟି.):** ଭାରତର ଉଚ୍ଚଶକ୍ତି ସମ୍ପନ୍ନ ଯୋଗାଯୋଗ ଉପଗ୍ରହ ଜିସାଟ୍-୩୦କୁ ଭାରତୀୟ ସମୟ ଗୁରୁବାର ରାତି ୨ଟା ୩୫ରେ ଫ୍ରେଞ୍ଚ୍ ଗୁଏନାରୁ ଏରିଆନ୍‌୫ ରକେଟ ସହାୟତାରେ ସଫଳତାର ସହ କକ୍ଷପଥରେ ଅବସ୍ଥାପିତ କରାଯାଇଛି। ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ପାଇଁ ଏହା ବର୍ଷର ପ୍ରଥମ ସଫଳତା। ଦକ୍ଷିଣ ଆମେରିକାର ଉତ୍ତରପୂର୍ବ ଉପକୂଳରେ ଅବସ୍ଥିତ କୋଉରୋଉ ଲଞ୍ଚ୍ କମ୍ପ୍ଲେକ୍ସରୁ ୟୁରୋପୀୟ ସଂସ୍ଥା ଏରିଆନ୍‌ସ୍ପେସ୍ ଜିସାଟ୍-୩୦କୁ ଲଞ୍ଚ୍ କରିଥିଲା। ଏହା କକ୍ଷପଥରେ ଅବସ୍ଥାପିତ ହେବାକୁ ୩୮ ମିନିଟ ୨୫ ସେକେଣ୍ଡ ଲାଗିଥିଲା। ଏଥିପାଇଁ ଏରିଆନ୍‌ସ୍ପେସ୍‌କୁ ଇସ୍ରୋ ଟୁଇଟ୍ କରି ଧନ୍ୟବାଦ ଜଣାଇଛି। ଉତ୍କ୍ଷେପଣ ବେଳେ ଉପସ୍ଥିତ ଥିବା ଇସ୍ରୋର ୟୁ.ଆର୍. ରାଓ ସାଟେଲାଇଟ୍ ସେଣ୍ଟର ଡାଇରେକ୍ଟର ପି. କୁନ୍‌ହିକ୍ରିଷ୍ଣନ୍ ଭାରତୀୟ ମହାକାଶ ଗବେଷଣା ସଂସ୍ଥା ଏବଂ ଏରିଆନ୍‌ସ୍ପେସ୍ ଟିମ୍‌କୁ ଅଭିନନ୍ଦନ ଜଣାଇଥିଲେ। ଜିସାଟ୍-୩୦ ଯୋଗୁ ଟେଲିଭିଜନ ପ୍ରସାରଣ, ପାଣିପାଗ ସୂଚନା ଆଦି କାର୍ଯ୍ୟ ଅଧିକ ଭଲ ହେବା ସହ ଇଣ୍ଟରନେଟ୍ ସ୍ପିଡ୍ ବଢ଼ିପାରିବ। ଫଳରେ ଯୋଗାଯୋଗ



**ଇସ୍ରୋ ପାଇଁ ବର୍ଷର ପ୍ରଥମ ସଫଳତା**

ବ୍ୟବସ୍ଥାରେ ନୂଆ କ୍ରାନ୍ତି ଆସିପାରିବ। ଜିସାଟ୍-୩୦ର ଓଜନ ୩୧ ଶହ କିଲୋଗ୍ରାମ୍। ଏଥିରେ ୨ଟି ସୋଲାର ପ୍ୟାନେଲ୍ ରହିଛି। ଏହାଦ୍ୱାରା ସ୍ୱାଭାବିକ ଭାବେ କାର୍ଯ୍ୟ କରିବା ଲାଗି ଜିସାଟ୍-୩୦କୁ ଆବଶ୍ୟକ ଶକ୍ତି ମିଳିପାରିବ। ଜିସାଟ୍-୩୦ ଇନସାଟ୍ ଉପଗ୍ରହ ସ୍ଥାନରେ ୧୫ ବର୍ଷ ପାଇଁ କାର୍ଯ୍ୟ କରିବ। ଭାରତରେ ଆବଶ୍ୟକ ସଞ୍ଚାର ବ୍ୟବସ୍ଥା ଯୋଗାଇ ଦେବା ପାଇଁ ସମ୍ପ୍ରତି ମହାକାଶରେ ଜିସାଟ୍ ସିରିଜ୍‌ର ୧୪ଟି ଉପଗ୍ରହ କାର୍ଯ୍ୟ କରୁଛି। ୨୦୨୦ରେ ୧୦ଟି ଉପଗ୍ରହ ମହାକାଶକୁ ଉତ୍କ୍ଷେପଣ କରିବା ଲାଗି ଇସ୍ରୋ ଯୋଜନା କରିଛି।

## ହାଇପ୍ରୋଫାଇଲ ସେକ୍ସ ରାକେଟ ଠାବ

**ମୁମ୍ବାଇ:** ମହାରାଷ୍ଟ୍ରର ଅନ୍ଧେରିସ୍ଥିତ ଏକ ତିନିତାରକା ହୋଟେଲରୁ ହାଇପ୍ରୋଫାଇଲ ସେକ୍ସ ରାକେଟ ଠାବ ହୋଇଛି। ସିଟି ପୋଲିସ ସେଠାରୁ ରାଣୀ ମହୁମାଛି କୁହାଯାଉଥିବା ପ୍ରିୟା ଶର୍ମା (୨୯)ଙ୍କୁ ଗିରଫ କରିବା ସହ ୩ ଅଭିନେତ୍ରୀଙ୍କୁ ଉଦ୍ଧାର କରିଛି। ଏମାନଙ୍କ ମଧ୍ୟରେ ଜଣେ ନାବାଳିକା ଥିବା ପୋଲିସ ସୂଚନା ଦେଇଛି। ଧରାପଡ଼ିଥିବା ଅଭିନେତ୍ରୀଙ୍କ ମଧ୍ୟରୁ ଜଣେ ସାବ୍ଧାନ ଇଣ୍ଡିଆ ଟିଭିର କ୍ରାଇମ୍ ଶୋ'ରେ ଅଭିନୟ କରୁଥିବାବେଳେ ଅନ୍ୟ ଜଣେ ମରାଠୀ ଫିଲ୍ମ ଓ ସିରିଏଲ୍‌ରେ କାମ କରିଛନ୍ତି। ନାବାଳିକା ଜଣକ ଏକ ୱେବ୍ ସିରିଜ୍‌ରେ କାମ କରନ୍ତି ବୋଲି ପୋଲିସ କହିଛି।




# ବୋଟ୍‌କୁ ଦିଗହରା କଲା ଘନକୁହୁଡ଼ି

- ୫ ଘଣ୍ଟା ଧରି ସମୁଦ୍ରରେ ଫସି ରହିଲା
- ୨୫ ଯାତ୍ରୀ, ୫ କର୍ମଚାରୀ ଉଦ୍ଧାର

**ଚାନ୍ଦବାଲି/ ରାଜନଗର, ୧୭।୧ (ଡି.ଏନ.ଏ.):** ଘନକୁହୁଡ଼ି କାରଣରୁ ଶୁକ୍ରବାର ସକାଳେ କେନ୍ଦ୍ରାପଡ଼ା ଜିଲାର ତାଳଚୁଆରୁ ଭଦ୍ରକ ଜିଲା ଚାନ୍ଦବାଲିକୁ ଆସୁଥିବା ଏକ ସରକାରୀ ବୋଟ୍ ଧାମରା ମୁହାଣ ନିକଟରେ ଦିଗହରା ହୋଇଯାଇଥିଲା। ସକାଳ ପ୍ରାୟ ୭ଟା ବେଳେ ଏହି ଘଟଣା ଘଟିଥିଲା। ଏହାର ପ୍ରାୟ ୫ ଘଣ୍ଟା ପରେ ଧାମରା ମେରାଇନ ଥାନା ଓ ରାଜନଗର ଥାନା ପୋଲିସ ପକ୍ଷରୁ ସମୁଦ୍ରରେ ବୋଟ୍‌କୁ ଠାବ କରାଯିବା ସହ ସମସ୍ତ ୨୫ ଜଣ ଯାତ୍ରୀ ଓ ୫ ବୋଟ୍ କର୍ମଚାରୀଙ୍କୁ ଉଦ୍ଧାର କରାଯାଇଛି।

ସୂଚନା ଅନୁସାରେ, ଅନ୍ତର୍ଦ୍ଦେଶୀୟ ଜଳ ପରିବହନ ସଂସ୍ଥା(ଆଇଡବ୍ଲ୍ୟୁଟି)ର ଏକ ମୋଟର ବୋଟ୍ ଏମ୍ଏଲ୍ ମା'ଗଙ୍ଗଳା ସକାଳ ୬ଟା ବେଳେ ୨୫ ଯାତ୍ରୀଙ୍କୁ ନେଇ ତାଳଚୁଆ ଘାଟରୁ ଚାନ୍ଦବାଲିକୁ ଯିବା ପାଇଁ ଧାମରା ଘାଟକୁ ଆସୁଥିଲା। ସେଥିରେ ୫ ଜଣ ବୋଟ୍ କର୍ମଚାରୀ ଥିଲେ। ଘନକୁହୁଡ଼ି ଯୋଗୁ ଧାମରା ମୁହାଣରେ ବୋଟ୍‌ଟି ବାଟହୁଡ଼ି ବିପରୀତ ଦିଗରେ ମୁହାଣରୁ ସମୁଦ୍ର ମଧ୍ୟକୁ ପ୍ରାୟ ୧୦ କି.ମି. ଦୂରକୁ ଚାଲିଯାଇଥିଲା। ଏହା ଜଣାପଡ଼ିବା ପରେ ବୋଟ୍‌ରେ ଥିବା କର୍ମଚାରୀ ଓ ଯାତ୍ରୀ ମୋବାଇଲ ଯୋଗେ ସହାୟତା ପାଇଁ ମେରାଇନ ଥାନାକୁ ଯୋଗାଯୋଗ କରିଥିଲେ। ୫ ଘଣ୍ଟା ଧରି ଯାତ୍ରୀମାନେ ସମୁଦ୍ରରେ ଫଶି ରହିଥିଲେ। ପୂର୍ବାହ୍ନ ୧୧ଟା ବେଳେ ଧାମରା ମେରାଇନ ଥାନାର ୬ କର୍ମଚାରୀ ଏକ ସ୍ପିଡ୍‌ବୋଟ୍ ସହାୟତାରେ ସେମାନଙ୍କୁ ଉଦ୍ଧାର କରିବାକୁ ସମୁଦ୍ରକୁ ଯାଇଥିଲେ। ଦିଗହରା ବୋଟ୍ କାଲାମ ଦ୍ୱୀପ ଓ ଉଡ଼ାବାଲି ଚଡ଼ା ମଝି ଅଞ୍ଚଳରେ ଲଙ୍ଗର ପକାଇ ଅଟକି ରହିଥିଲା। ମେରାଇନ ବୋଟ୍ ଉକ୍ତ ବୋଟ୍‌କୁ ବାଟ କଢ଼ାଇ ଆଣିବା ସହ ସମସ୍ତ ଯାତ୍ରୀଙ୍କୁ ଧାମରାଇ ଜେଟିକୁ ଅଣାଯାଇଥିଲା। ସମସ୍ତେ ସୁସ୍ଥ ଅଛନ୍ତି।


ପୋଲିସ ସହ ଉଦ୍ଧାର ହୋଇଥିବା ଯାତ୍ରୀ।

# କଂଗ୍ରେସ ଭବନରେ ନିରଞ୍ଜନଙ୍କୁ ବିରୋଧ

- ଜଗିବାକୁ ଆସିଲେ ବାଉନ୍ସର
- ମୁଖ୍ୟ ଫାଟକ ବାହାରେ ଧାରଣା ଦେଲେ ଇତିଶ ଗୋଷ୍ଠୀ
- ପ୍ରଭାରୀଙ୍କ ସମ୍ମୁଖରେ ନିରଞ୍ଜନଙ୍କ ନାଁରେ ଅଭିଯୋଗ କଲେ ନେତା
- ୪୦ରୁ ୫୦ବର୍ଷୀୟଙ୍କୁ ମିଳିବ ଜିଲା ସଭାପତି ଦାୟିତ୍ୱ
- ଖୁବ୍‌ଶୀଘ୍ର ଟ୍ୟାଲେଣ୍ଟ ସର୍ଚ୍ଚ କାର୍ଯ୍ୟକ୍ରମ

**ଭୁବନେଶ୍ୱର,୧୭।୧(ବ୍ୟୁରୋ)**

୨୦୧୯ ସାଧାରଣ ନିର୍ବାଚନରେ କଂଗ୍ରେସ ପ୍ରଦର୍ଶନ କାହିଁକି ଖରାପ ହେଲା ତାକୁ ନେଇ ଦଳର ରାଜ୍ୟ ପ୍ରଭାରୀ ଜିତେନ୍ଦ୍ର ସିଂ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକଙ୍କୁ ସାଙ୍ଗରେ ଧରି ସମୀକ୍ଷା ଚଳାଇଛନ୍ତି। ସେହିକ୍ରମରେ ୧୬ଟି ସାଙ୍ଗଠନିକ ଜିଲାର ସମୀକ୍ଷା ପର୍ବ ଶେଷ ହୋଇସାରିଛି। କିନ୍ତୁ ପ୍ରଭାରୀ ଜିତେନ୍ଦ୍ର ସିଂ ଯେଉଁସବୁ ଜିଲାକୁ ଯାଉଛନ୍ତି, ସେଠାରେ ନିରଞ୍ଜନ ବିରୋଧୀ ଗୋଷ୍ଠୀଙ୍କ ବିରୋଧର ଶିକାର ହେଉଛନ୍ତି। ଗୁରୁବାର ନିରଞ୍ଜନଙ୍କୁ ଗୋଟିଏ ଗୋଷ୍ଠୀ ବିରୋଧ କରିଥିବାବେଳେ ଶୁକ୍ରବାର କଂଗ୍ରେସ କାର୍ଯ୍ୟାଳୟଠାରେ ପୁଣି ସମାନ ଅବସ୍ଥା ଦେଖିବାକୁ ମିଳିଛି। କାର୍ଯ୍ୟାଳୟ ଭିତରେ ବାହାରେ ସବୁଠି ନିରଞ୍ଜନଙ୍କ ବିରୋଧୀ ଗୋଷ୍ଠୀ ସଭାପତି ପରିବର୍ତ୍ତନ ଦାବି ଜୋର୍‌ଦାର କରିଛନ୍ତି। ଅନ୍ୟପଟେ ନିରଞ୍ଜନଙ୍କ ସପକ୍ଷରେ ଥିବା ନେତାମାନେ ମଧ୍ୟ ଏହାର ପ୍ରତିରୋଧ କରିବା ଲାଗି ଏକାଠି ହୋଇଥିଲେ। ଫଳରେ କଂଗ୍ରେସ ଭବନରେ ଏକପ୍ରକାର ଗୋଷ୍ଠୀକନ୍ଦଳର ଦୃଶ୍ୟ ଜଳଜଳ ହୋଇ ଦେଖିବାକୁ ମିଳିଥିଲା।

ଶୁକ୍ରବାର ଦଳର ରାଜ୍ୟ ସାଙ୍ଗଠନିକ ଜିଲାର ସମୀକ୍ଷା ଆରମ୍ଭ ହୋଇଥିଲା। କଟକ ଟାଉନ, କଟକ ଗ୍ରାମାଞ୍ଚଳ, ଭୁବନେଶ୍ୱର ଏବଂ ଖୋର୍ଦ୍ଧା ଜିଲାର ସମୀକ୍ଷା କରାଯାଇଥିଲା। ଏହି ସମୟରେ କଟକରୁ ଆସିଥିବା ବହୁ ନେତା ନିରଞ୍ଜନଙ୍କ ବିରୋଧରେ ବର୍ଷିଥିଲେ। ଏହାସହ ପିସିସି ସଭାପତି ପରିବର୍ତ୍ତନ ଲାଗି ଚିତ୍କାର କରିଥିଲେ। ନିର୍ବାଚନ ପୂର୍ବରୁ ଗୋଟିଏ ପରିବାରକୁ ଗୋଟିଏ ଟିକେଟ ଦେବାକୁ ପିସିସି ସଭାପତି ପ୍ରତିଶ୍ରୁତି ଦେଇଥିବାବେଳେ ପରିବାର ପିଛା କାହିଁକି ଏକାଧିକ ଟିକେଟ ବାଣ୍ଟିଲେ ବୋଲି ସେମାନେ ସିଧାସଳଖ ଅଭିଯୋଗ ଆଣିଲେ। ଏପରିଭାବେ ପ୍ରଭାରୀଙ୍କ ସମ୍ମୁଖରେ ସମସ୍ତେ ହୋହଲ୍ଲା କରୁଥିବାବେଳେ କାର୍ଯ୍ୟାଳୟର ମୁଖ୍ୟ ଫାଟକ ସମ୍ମୁଖରେ ପୂର୍ବତନ ଛାତ୍ର କଂଗ୍ରେସ ସଭାପତି ଇତିଶ ପ୍ରଧାନ ନିଜ ସମର୍ଥକଙ୍କ ସହ ଧାରଣାରେ ବସି ପିସିସି ସଭାପତିଙ୍କୁ ବିରୋଧ କରିଥିଲେ। ଦଳୀୟ କାର୍ଯ୍ୟାଳୟରେ ଏଭଳି ପରିସ୍ଥିତି ଲାଗିରହିଥିବାବେଳେ ବାଉନ୍ସରଙ୍କୁ ଆସି ଜଗିବାର ଚିତ୍ର ଲକ୍ଷ୍ୟ କରାଗଲା। ମିଳିଥିବା ସୂଚନା ମୁତାବକ, ନିରଞ୍ଜନଙ୍କ ସୁରକ୍ଷା ପାଇଁ ବାଉନ୍ସର ଡକାଯାଇଥିଲା। ଏତେସବୁ ପରେ ମଧ୍ୟ ପ୍ରଭାରୀ ଜିତେନ୍ଦ୍ର ସିଂ ଏନେଇ କିଛି ମୁହଁ ଖୋଲିନାହାନ୍ତି। ନିରଞ୍ଜନ କହିଛନ୍ତି, ବିରୋଧ କରିବା ସମସ୍ତଙ୍କ ଗଣତାନ୍ତ୍ରିକ ଅଧିକାର। ତେଣୁ ଯିଏ ଚାହିଁବେ ବିରୋଧ କରିପାରିବେ। ଅନ୍ୟପଟେ ଜିତେନ୍ଦ୍ର କହିଛନ୍ତି, ୪ଦିନ ହେଲା ୧୬ ଜିଲାର କାର୍ଯ୍ୟକର୍ତ୍ତାଙ୍କୁ ଭେଟିଲୁଣି। କଂଗ୍ରେସକୁ ତୃଣମୂଳସ୍ତରରୁ ପୁନର୍ଗଠନ କରିବାକୁ ଆଲୋଚନା ହୋଇଛି। ତଳସ୍ତରରୁ ସଙ୍ଗଠନ ସଜଡ଼ା ଚାଲିଛି। ଅଧିକାଂଶ ୪୦ରୁ ୫୦ବର୍ଷ ବୟସ ମଧ୍ୟରେ ଯୁବକଙ୍କୁ ଜିଲା ସଭାପତି ଦାୟିତ୍ୱ ଦିଆଯିବ। ଜିଲା କମିଟି, ପିସିସି କମିଟି ଏବଂ କାର୍ଯ୍ୟକାରିଣୀ କମିଟି ଯଥାଶୀଘ୍ର କରାଯିବ। ଏଥିପାଇଁ ଏକ ଟ୍ୟାଲେଣ୍ଟ ସର୍ଚ୍ଚ କାର୍ଯ୍ୟକ୍ରମ ଦଳ ପକ୍ଷରୁ ହେବାକୁ ଯାଉଛି। ଯେଉଁ ଯୁବକମାନେ ରାଜ୍ୟ ପାଇଁ କିଛି କରିବାକୁ ଚାହୁଁଛନ୍ତି ସେମାନଙ୍କୁ ଗୁରୁତ୍ୱ ଦିଆଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି।

# ୨୦୨୫ ସୁଦ୍ଧା ଭାରତକୁ ମିଳିବ ଏସ୍-୪୦୦ କ୍ଷେପଣାସ୍ତ୍ର

**ନୂଆଦିଲ୍ଲୀ, ୧୭।୧ (ପି.ଟି.):** ଭାରତ ପାଇଁ ଏସ୍-୪୦୦ କ୍ଷେପଣାସ୍ତ୍ର ସିଷ୍ଟମ୍ ନିର୍ମାଣ ଆରମ୍ଭ କରିଛି ରୁଷିଆ। ୨୦୨୫ ସୁଦ୍ଧା ଏହା ଭାରତକୁ ମିଳିଯିବ ବୋଲି ରୁଷିଆ ମିଶନର ଉପମୁଖ୍ୟ ରୋମାନ ବାବୁସ୍କିନ୍ କହିଛନ୍ତି। ସେହିପରି ଭାରତ ପାଇଁ ବହୁମୁଖି ହାଲୁକା ଲଢୁଆ ହେଲିକପ୍ଟର କାମୋଭ ଦୁଇଦେଶ ମିଳିତ ଭାବେ ଉତ୍ପାଦନ କରିବେ।



ଏଥିପାଇଁ ଖୁବ୍‌ଶୀଘ୍ର ଚୁକ୍ତିନାମା ଚୂଡ଼ାନ୍ତ ହେବ ବୋଲି ସେ କହିଛନ୍ତି। ରୁଷିଆ ରାଷ୍ଟ୍ରଦୂତ ନିକୋଲାଇ କୁଡାଶେଭ୍‌ଙ୍କ ସହ ମିଳିତ ଖବରଦାତା ସମ୍ମିଳନୀରେ ବାବୁସ୍କିନ୍ କହିଥିଲେ, ଭାରତକୁ ମିଳିବାକୁ ଥିବା ୫୦୦୦ କଲାଶନିକୋଭ ରାଇଫଲର ପ୍ରଥମ ବ୍ୟାଚ୍ ଚଳିତ ବର୍ଷ ପହଞ୍ଚିବ। ରୁଷିଆରୁ ଏସ୍-୪୦୦ କ୍ଷେପଣାସ୍ତ୍ର କିଣିବା ପାଇଁ ଭାରତ ୨୦୧୮ ଅକ୍ଟୋବରରେ ୫ ବିଲିୟନ ଡଲାର ରାଜିନାମା ସ୍ୱାକ୍ଷର କରିଥିଲା।

# ଏସ୍‌ଡିଜି ଆଧାରିତ ହେଉ ବଜେଟ

**ଭୁବନେଶ୍ୱର,୧୭।୧(ବ୍ୟୁରୋ)**

ଓଡିଶା ପ୍ରାକୃତିକ ବିପର୍ଯ୍ୟୟପ୍ରବଣ ରାଜ୍ୟ। ଏଥିଯୋଗୁ ଅନେକ ସମୟରେ ରାଜ୍ୟକୁ ବହୁ କ୍ଷତି ସହିବାକୁ ପଡୁଛି। ଜଳବାୟୁ ପରିବର୍ତ୍ତନ ହେଉଥିବାରୁ ଜାତିସଂଘ ପ୍ରସ୍ତାବ ଅନୁଯାୟୀ ରାଜ୍ୟ ସରକାର ନିରନ୍ତର ବିକାଶ ଲକ୍ଷ୍ୟ (ଏସ୍‌ଡିଜି) ନେଇ ଆସନ୍ତା ବଜେଟକୁ ପ୍ରସ୍ତୁତ କରିବାକୁ ଶୁକ୍ରବାର ରେଡକ୍ରସ ଭବନଠାରେ ଓଡିଶା ଫାଉଣ୍ଡେଶନ ଆଣ୍ଡ ଇଣ୍ଡିଆ ପକ୍ଷରୁ ଆୟୋଜିତ ଏକ କର୍ମଶାଳାରେ ମତ ପ୍ରକାଶ ପାଇଛି। ଏଥିରେ ଯୋଗଦେଇ ପରିବେଶ ବିଶେଷଜ୍ଞମାନେ କହିଛନ୍ତି ଯେ ଏନେଇ ରାଜ୍ୟ ସରକାର ଏକ ଟାସ୍କଫୋର୍ସ ଗଠନ କରିବା ସହିତ ଦୀର୍ଘମିଆଦୀ ବିକାଶମୂଳକ ବଜେଟ ପ୍ରସ୍ତୁତ କରିବା ଆବଶ୍ୟକ। ପରିବର୍ତ୍ତିତ ଜଳବାୟୁକୁ ଖାପ ଖୁଆଇ ବିକାଶମୂଳକ କାର୍ଯ୍ୟକୁ ଆଗେଇ ନେବା ସକାଶେ ଜାତିସଂଘ ପକ୍ଷରୁ ୨୦୩୦କୁ ଲକ୍ଷ୍ୟରେ ରଖି ୧୭ ସୂତ୍ରୀ କାର୍ଯ୍ୟକ୍ରମ ସହ ୧୬୯ଟି ବିଷୟକୁ ଅନ୍ତର୍ଭୁକ୍ତ କରାଯାଇଛି। ଓଡିଶା ବାରମ୍ବାର ଜଳବାୟୁ ପରିବର୍ତ୍ତନର ସମ୍ମୁଖୀନ ହେଉଥିବାରୁ ନିରନ୍ତର ବିକାଶମୂଳକ ବଜେଟ ପ୍ରସ୍ତୁତ କରିବା ଅତ୍ୟନ୍ତ ଜରୁରୀ ବୋଲି ମତପ୍ରକାଶ ପାଇଛି।



**ଆଜିର ମନ୍ତବ୍ୟ**

ଆମେ କଶ୍ମୀର ପ୍ରସଙ୍ଗ ଉଠାଇଲେ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ନିଜ ବ୍ୟବସାୟିକ ସ୍ୱାର୍ଥ ଦୃଷ୍ଟିରୁ ତାକୁ ଗୁରୁତ୍ୱ ଦେଉନାହାନ୍ତି।
–ଇମ୍ରାନ୍ ଖାନ, ପାକିସ୍ତାନ ପ୍ରଧାନମନ୍ତ୍ରୀ

**କିଛି ତଥ୍ୟ**

ଦେଶର ବିଦେଶୀ ମୁଦ୍ରା ଭଣ୍ଡାରରେ ୫୮ ନିୟୁତ ଡଲାର ବୃଦ୍ଧି ଘଟି ରେକର୍ଡ ସ୍ତର ୪୬୧.୨୧ ବିଲିୟନ ଡଲାର ଛୁଇଁଛି। – ରିଜର୍ଭ ବ୍ୟାଙ୍କ



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଟିଟୁନ୍
ପରିବାରବର୍ଗ


ପିହୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ପ୍ରଥମ ପୃଷ୍ଠାରୁ...

### ୧କୁ ଘୁଞ୍ଚିଲା ...

ଏହିକ୍ରମରେ ମୁକେଶ ଓ ବିନୟଙ୍କ ପକ୍ଷରୁ ଦାଏର କ୍ୟୁରେଟିଭ୍ ପିଟିଶନକୁ ସୁପ୍ରିମକୋର୍ଟ ମଙ୍ଗଳବାର ଖାରଜ କରିସାରିଛନ୍ତି। ମୁକେଶ ବୁଧବାର ଦୟା ଆବେଦନ କରିଥିଲେ, ଯାହାକୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଗୁରୁବାର ରାତିରେ ରାଷ୍ଟ୍ରପତିଙ୍କ ନିକଟକୁ ପଠାଇଥିଲା। ଦିଲ୍ଲୀ ସରକାର ମଧ୍ୟ ଦୟା ଆବେଦନକୁ ଖାରଜ କରିବା ପାଇଁ ଲ୍ୟୁଟ୍‌ନାଣ୍ଟ ଗଭର୍ନରଙ୍କ ଜରିଆରେ ରାଷ୍ଟ୍ରପତିଙ୍କୁ ସୁପାରିସ କରିଥିଲେ। ରାଷ୍ଟ୍ରପତି ରାମନାଥ କୋବିନ୍ଦ ଶୁକ୍ରବାର ଏହାକୁ ଖାରଜ କରିବାର କିଛି ସମୟ ପରେ ମୁକେଶ ଜାନୁୟାରୀ ୨୨ ବଦଳରେ ଅନ୍ୟ ତାରିଖକୁ ଫାଶୀ ଘୁଞ୍ଚାଇବା ପାଇଁ ପୁଣି ଟ୍ରାଏଲ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଅତିରିକ୍ତ ସେସନ୍ସ ଜଜ୍ ସତୀଶ କୁମାର ଆରୋରା ତାଙ୍କ ଆବେଦନର ଶୁଣାଣି କରିଥିଲେ। ଶୁଣାଣି ବେଳେ ତିହାର ଜେଲ୍ କର୍ତ୍ତୃପକ୍ଷ ଉପରୋକ୍ତ ଦୋଷୀମାନଙ୍କ ପାଇଁ ନୂଆ ଡେଥ୍ ୱାରେଣ୍ଟ ଜାରି ପାଇଁ ଅଦାଲତଙ୍କୁ ନିବେଦନ କରିଥିଲେ। ବିଚାରପତି ଆରୋରା ସମସ୍ତ ବିଷୟ ବିଚାର କରି ଫେବୃୟାରୀ ୧ ସକାଳ ୬ଟାରେ ୪ ଦୋଷୀଙ୍କୁ ଜେଲ୍ ନମ୍ବର ୩ରେ ଫାଶୀ ଦେବା ପାଇଁ ଧାର୍ଯ୍ୟ କରିଛନ୍ତି। ଦୋଷୀଙ୍କ ଫାଶୀ ତାରିଖ ଯେପରି ଘୁଞ୍ଚିବାରେ ଲାଗିଛି ତାକୁ ନେଇ ନିର୍ଭୟାଙ୍କ ମା’ ଆଶା ଦେବୀ କ୍ଷୋଭ ଓ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଝିଅଙ୍କ ବଳାତ୍କାରୀ ଓ ହତ୍ୟାକାରୀଙ୍କ ମୃତ୍ୟୁ ଦଣ୍ଡାଦେଶକୁ ନେଇ ରାଜନୀତି ହେଉଛି। ତାରିଖ ପରେ ତାରିଖ ଗଡ଼ିଚାଲିଛି। ବର୍ଷ ବର୍ଷ ଧରି କୋର୍ଟ କଚେରି ଧାଇଁବା ପରେ ମୋତେ କ’ଣ ମିଳିଲା ବୋଲି ସେ ପ୍ରଶ୍ନ କରିଛନ୍ତି। ସେହିପରି ନିର୍ଭୟାଙ୍କ ବାପା ମଧ୍ୟ ମର୍ସି ପିଟିଶନ ଖାରଜ କରାଯିବା ନିଷ୍ପତ୍ତିକୁ ସ୍ୱାଗତ କରିଥିଲେ ହେଁ ଫାଶୀ ଦଣ୍ଡାଦେଶର କାର୍ଯ୍ୟକାରିତାରେ ବିଳମ୍ବିତ ହେବା ତାଙ୍କୁ ନିରାଶ କରିଛି ବୋଲି କହିଛନ୍ତି।

### ଆହୁରି ୪ ଦିନ...

ପଟ୍ଟୁ ଉପକୂଳକୁ ଅଧିକ ଜଳୀୟ ବାଷ୍ପ ପ୍ରବେଶ କରୁଛି। ଏଥିଯୋଗୁ କୁହୁଡି ପରିମାଣ ବୃଦ୍ଧି ପାଉଛି। ରାତ୍ରିର ତାପମାତ୍ରା ୧୫ରୁ ୨୦ ଡିଗ୍ରୀ ସେଲସିୟସ ଉପରେ ରହୁଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ନିର୍ଦ୍ଦେଶକ ଏଚ୍. ଆର. ବିଶ୍ୱାସ କହିଛନ୍ତି। କୁହୁଡି ଯୋଗୁ ଗତ ଦୁଇ ତିନିଦିନ ହେବ ରାଜ୍ୟରେ ଥଣ୍ଡା ହଠାତ୍ କମିଯାଇଛି। ଆଭ୍ୟନ୍ତରୀଣ ଓଡିଶାର ଅଳ୍ପ କେତୋଟି ସ୍ଥାନକୁ ଛାଡିଦେଲେ ସବୁଠି ସର୍ବନିମ୍ନ ପାରଦ ଉପରମୁହାଁ ହୋଇଛି। ଶୁକ୍ରବାର ମାତ୍ର ୩ଟି ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ସୋନପୁରରେ ସର୍ବନିମ୍ନ ତାପମାତ୍ରା ୯ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ଫୁଲବାଣୀ ୮.୫ ଏବଂ ଦାରିଙ୍ଗିବାଡିରେ ସର୍ବନିମ୍ନ ତାପମାତ୍ରା ୯.୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ୨୩ ତାରିଖରୁ କୁହୁଡି କମିବା ସହ ରାଜ୍ୟରେ ଥଣ୍ଡା ପରିମାଣ ସାମାନ୍ୟ ବଢିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜି କେନ୍ଦ୍ରାଧିପ ସପ୍ତମସ୍ଥ ହେତୁ ଯାତ୍ରା, ବାଣିଜ୍ୟ, ପରିବହନ ଓ ନୂତନ କର୍ମାରମ୍ଭ ପାଇଁ ଅସୁବିଧା ହେବନାହିଁ। ଗୃହ ସମସ୍ୟା ସମାଧାନ ହୋଇପାରିବା ସାଙ୍ଗକୁ ଆନୁଷ୍ଠାନିକ କାମ, ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ । ସଭାସମିତି, ସଙ୍ଗଠନ, ରାଜନୀତି, ବାଣିଜ୍ୟ, ବ୍ୟବସାୟ କ୍ଷେତ୍ରରୁ ପ୍ରତିବନ୍ଧକ ଦୂର ହୋଇଯିବ ।

**ବୃଷ**
ଚନ୍ଦ୍ରଙ୍କ ସ୍ଥିତିଜନିତ ଚଳିତ ପରିସ୍ଥିତିର ଗୁରୁତ୍ୱ ଉପଲବ୍ଧି କରି ନିକଟସ୍ଥ ବ୍ୟକ୍ତିମାନଙ୍କୁ ମନ ବୁଝିଲା ଭଳି କଥା କହି ଆପଣେଇ ନେବେ। କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବା ସାଙ୍ଗକୁ ଯାହା କରନ୍ତୁ ନା କାହିଁକି ସେଥିରେ ସଫଳତା ପାଇପାରିବେ। ନୂତନ ଯୋଜନାରମ୍ଭ ପାଇଁ ଅର୍ଥ ସକାଶେ ବନ୍ଧୁଙ୍କ ଦ୍ୱାରସ୍ଥ ହୋଇପାରନ୍ତି।

**ମିଥୁନ**
ରବିଙ୍କ ପ୍ରଭାବରେ ଅକୁହା କଥାକୁ ଅନ୍ତରଙ୍ଗ ବନ୍ଧୁଙ୍କ ନିକଟରେ ପ୍ରକାଶ କରି ମନକୁ ହାଲୁକା କରିବେ। ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧି ଯୋଗୁ ବିଭିନ୍ନ ପ୍ରକାର ଯୋଜନା କରିବା ସକାଶେ ମନ ବଳାଇବେ। ନିଷ୍ପତ୍ତିର ଶେଷ ପର୍ଯ୍ୟାୟରେ ସବୁ କିଛି ଶେଷ ସମୟରେ ଓଲଟ ପାଲଟ ହୋଇଯିବାର ଆଶଙ୍କା ରହିଛି । ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ରହିବ ।

**କର୍କଟ**
ମଙ୍ଗଳଙ୍କ ଲକ୍ଷ୍ମୀସ୍ଥାନାବସ୍ଥାନ ଯୋଗୁ ଆତ୍ମୀୟମାନଙ୍କ ଅନୁଗ୍ରହରୁ ଦିନଟି ସାମଗ୍ରିକ ଦୃଷ୍ଟିକୋଣରୁ ବହୁତ ଭଲରେ ଅତିବାହିତ ହେବ। ପରିବାରରେ ପିଲାମାନଙ୍କ କଳହକୁ କେନ୍ଦ୍ରକରି ପଡ଼ୋଶୀ କ୍ରୋଧ ପ୍ରକାଶ କରିପାରନ୍ତି । ଆର୍ଥିକ ସ୍ଥିତି ଉନ୍ନତ ନ ହେଲେ ମଧ୍ୟ ବିଶେଷ ଅସୁବିଧା ରହିବ ନାହିଁ। ବାଣିଜ୍ୟ, ସାହିତ୍ୟ କ୍ଷେତ୍ରରେ ଆଶାନୁରୂପ ଫଳ ପାଇପାରିବେ।

**ସିଂହ**
ବୁଧଙ୍କ ସୁପ୍ରଭାବ ରବିଙ୍କ ସଙ୍ଗଦ୍ୱାରୁ ନଷ୍ଟହେବା ଯୋଗୁ ଆର୍ଥିକ ଦୁରବସ୍ଥା ସୃଷ୍ଟି ହେବ। ବିବାଦୀୟ ଘଟଣା ଟିକିଏ ଜଟିଳ ଆଡ଼କୁ ଗତି କଲେ ମଧ୍ୟ ଜିତାପଟ ଆପଣଙ୍କର ହେବାର ସୂଚନା ରହିଛି। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ କୌଣସି ନୂତନ ପଦକ୍ଷେପ ନେଇପାରନ୍ତି। ପରିବାରରେ ପିଲାମାନଙ୍କ କାର୍ଯ୍ୟକଳାପ ନାପସନ୍ଦ ହୋଇପାରେ।

**କନ୍ୟା**
କେନ୍ଦ୍ରାଧିପ ବୃହସ୍ପତି ସ୍ୱଗୃହସ୍ଥ ହୋଇ ଶନିଙ୍କ ପ୍ରଭାବରେ କାମକୁ ବିଳମ୍ବିତ କରାଇବେ। ମାନସିକ ଓ ଶାରୀରିକ ଦୃଷ୍ଟିକୋଣରୁ ପ୍ରତିକୂଳ ପ୍ରଭାବଜନିତ ଏକ ପ୍ରକାର ଅଶାନ୍ତି ଅନୁଭବ କରିପାରନ୍ତି। ଭାଙ୍ଗି ପଡିଥିବା ସମ୍ପର୍କ ଆଜି ପୁଣି ଯୋଡି ହୋଇଯିବାର ସମ୍ଭାବନା ରହିଛି। ସାହିତ୍ୟ,ବିଜ୍ଞାନ ପ୍ରଭୃତି କାର୍ଯ୍ୟରେ ସାମାଜିକ ସ୍ତରରେ ସମ୍ମାନିତ ହେବେ ।

**ତୁଳା**
ରାଜଯୋଗକାରକ ଶନି ଭାଗ୍ୟସ୍ଥାନକୁ ଦୃଷ୍ଟି ଦେଉଥିବାରୁ ଧୀରେ ଧୀରେ କାର୍ଯ୍ୟସିଦ୍ଧିର ଝଲକ ଦେଖିବାକୁ ପାଇବେ। ସ୍ୱାସ୍ଥ୍ୟରେ ଉନ୍ନତି ଓ ଧର୍ମକାର୍ଯ୍ୟରେ ବ୍ୟୟଜନିତ ସାମୟିକ ମାନସିକ ସ୍ଥିତି ଭଲ ଦିଗକୁ ଗତି କରିବ। ଦୈନିକ ଜୀବନଚର୍ଯ୍ୟା ମଧ୍ୟରେ ଅପରିଣାମଦର୍ଶୀ ଭାବରେ କୌଣସି କ୍ଷେତ୍ରରେ ମୁଣ୍ଡ ପୂରାଇବା ଠିକ୍ ହେବନାହିଁ।

**ବିଛା**
ଅଷ୍ଟମସ୍ଥ ରାହୁ ବିଭିନ୍ନ ପ୍ରକାର ଦୁଶ୍ଚିନ୍ତା ସୃଷ୍ଟିକରି ଶାରୀରିକ ଓ ମାନସିକ ସ୍ଥିତିକୁ ଅସ୍ଥିର କରିପାରନ୍ତି। ସ୍ୱାସ୍ଥ୍ୟ ସମସ୍ୟା, ଅବହେଳିତ କାମ,ଭଲ ସମ୍ପର୍କଥିବା ବ୍ୟକ୍ତିଙ୍କ ଭୁଲ୍ ବୁଝାମଣାକୁ ନେଇ ବିଚଳିତ ରହିବେ। ଅବଶ୍ୟ ଲେଖାପଢ଼ା, କଳା, ସାହିତ୍ୟ ଓ ଅଭିନୟ ଜଗତରୁ ପ୍ରଶଂସା ପାଇବାର ଆଶା ରହିଛି। ସମସ୍ତ କାମ ଠିକ୍ ଭାବେ ଚାଲିବ ।

**ଧନୁ**
ରାଶିରେ ମୁଣ୍ଡବିହୀନ ଗ୍ରହ କେତୁ ଆପଣଙ୍କ ତରବରିଆ ନିଷ୍ପତ୍ତିକୁ ନେଇ ସମସ୍ୟା ସୃଷ୍ଟି କରିବେ। କୌଣସି ଛୋଟ ଘଟଣାକୁ ନେଇ ପରିବାର ସଦସ୍ୟମାନଙ୍କ ମିଥ୍ୟା ଅଭିଯୋଗ ସକାଶେ ବିରକ୍ତି ପ୍ରକାଶ କରିପାରନ୍ତି। ବନ୍ଧୁମାନଙ୍କ ସହଯୋଗକ୍ରମେ କେତେକ ନୂତନ କାମର ପରିକଳ୍ପନା କରି କୃତକାର୍ଯ୍ୟ ହେବେ।

**ମକର**
ମନଭିତର ଦୁଃଖ ଓ ଅସ୍ଥିରତାକୁ ହୃଦୟରେ ଚାପି ରଖି ମୁହଁରେ ହସ ଫୁଟାଇ କାମ କରିବେ। ଶ୍ରବଣା ନକ୍ଷତ୍ର କର୍ମକ୍ଷେତ୍ରରେ ଅନ୍ୟମାନଙ୍କୁ ସୁହାଇଲା ଭଳି କଥା କହି ପରିସ୍ଥିତିକୁ ହାଲୁକା କରିବାରେ ସମର୍ଥ ହୋଇପାରନ୍ତି। ଆର୍ଥିକ ପ୍ରଗତି, ସାଂଗଠନିକ ଅଗ୍ରଗତି, ଆନୁଷ୍ଠାନିକ କାମରେ ପ୍ରଶସ୍ତି ମନକୁ ସାମୟିକ ହାଲୁକା କରିଦେବ।

**କୁମ୍ଭ**
ବିବାଦୀୟ ଘଟଣାକୁ ନେଇ ମାନସିକ ଅବସାଦ ବୃଦ୍ଧି ପାଇପାରେ। ପାରିବାରିକ ଶାନ୍ତି ଓ ସୁସ୍ଥତା ସାମାନ୍ୟ ବ୍ୟାହତ ହେଲେ ମଧ୍ୟ ପରକ୍ଷଣରେ ସବୁ କିଛି ଠିକ୍ ହୋଇଯିବ। ଜମିଜମା, ଯାନବାହନ, ବ୍ୟବସାୟ ସମସ୍ୟା କ୍ରମଶଃ ଜଟିଳ ହେବାର ଆଶଙ୍କା ଦେଖାଦେବ। ଅର୍ଥସଂକଟ ଦୂର ହେବା କାରଣରୁ ଶତଭିଷା ନକ୍ଷତ୍ର ସାମୟିକ ଆଶ୍ୱସ୍ତି ଲାଭ କରିବେ।

**ମୀନ**
ପରିବାରରେ ଛୋଟ ଛୋଟ କଥାକୁ କେନ୍ଦ୍ରକରି କଳହ ସୃଷ୍ଟି ହୋଇପାରେ। ରାଜନୀତିରେ ହଠାତ୍ ବିରୋଧୀ ପକ୍ଷ ସକ୍ରିୟ ହୋଇଉଠିବେ, କିନ୍ତୁ କିଛି ଅସୁବିଧା ହେବନି। ଆନୁଷ୍ଠାନିକ କାମରେ ଗଠନମୂଳକ ପରାମର୍ଶ ଦେଇ ପ୍ରଶଂସିତ ହେବେ। ତଥାପି ଆପଣ ସହନଶୀଳତା ଓ ଉଦାରତା ଗୁଣରୁ ପ୍ରତ୍ୟେକ କ୍ଷେତ୍ରରେ ପ୍ରଶଂସିତ ହେବେ।

ଆଜି ଜାନୁୟାରୀ ୧୮ତାରିଖ, ମାଘ କୃଷ୍ଣ ନବମୀ ଶନିବାର, ରାଶି ନକ୍ଷତ୍ର–ସ୍ୱାତୀ/ତୁଳା, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୧୦।୦୭ମି. ଗତେ ଘ୧।୦୨ମି. ମଧ୍ୟେ ଅମୃତବେଳା। ଦିବା ଘ୭।୫୨ମି. ଗତେ ଘ୯।୧୫ମି. ମଧ୍ୟେ, ଘ୧୦।୦୨ମି. ଗତେ ଘ୧।୨୫ମି. ମଧ୍ୟେ ମାହେନ୍ଦ୍ର ବେଳା । ଦିବା ଘ୯।୧୨ମି. ଗତେ ଘ୧୦।୩୪ମି. ମଧ୍ୟେ ରାହୁକାଳ।


## classifieds Everyday
0674-2580101, 2549302




### SALE

ଭୁବନେଶ୍ୱର New Rly Station ପାଖରେ Yellow zone plot ମିଳୁଛି। 6371406921. D-16190

**Plot sale near AIIMS Hospital, Bhubaneswar, Contact: 8280037688, 8480745797, 8480612300.** D-68467

ସୁନ୍ଦରପଦା– ଜଟଣୀ ରୋଡ ପ୍ରଧାନ ସାହି ଏବଂ ଜାମୁକୋଳିରେ ୩୦ଫୁଟ ରୋଡଥାଇ ଘରବାରି ପୋଜେସନ୍ ପ୍ଲଟ୍ ସୁଲଭ ମୂଲ୍ୟରେ ମିଳୁଅଛି। ଯୋଗାଯୋଗ– 7205504254, 7978554467. D-67528

Bhubaneswar Patia Rlystationରୁ 1.5km. ବାସୋପଯୋଗୀ plot 1200 ବର୍ଗଫୁଟକୁ 6,60,000/-ରେ ମିଳୁଅଛି। 8249005131, 9583328312. D-68469

A four storied Building plot size 2805Sft. at Gopabandhu Nagar, Semiliguda, Koraput is for immediate sale. Houses fourteen independent families monthly rent Rs. 52,500/- Negotiable price 1.5Crore, owner mobiles 7977316634 and 9870325400. D-68645

Plot sale Sundarpada near Hi-Tech Plaza sqft-880/- 9861964818, 9337766961. D-16253

**Immediate sale south open 3BHK 1528sqft. flat with open garage at Balaji Complex (1st floor) Jharpada, Bhubaneswar, 9330617197, 9830137277, 9861177019.** D-67277

Construction of residential and commercial within Rs. 450/-, and Rs. 1000/-, per sqft., 7064105860. D-15988

**Bhubaneswar Kesura SBI କଲୋନୀକୁ ଲାଗି ଘରବାଡି ପାଚେରି ସହ ଏବଂ Airportରୁ 5k.m ସୁନ୍ଦରପଦାରେ plot ମିଳୁଅଛି– 9078736851.** D-68471

୩୦’ ରାସ୍ତାଥାଇ boundary ସହିତ ଘରବାରି ପ୍ଲଟ୍ ଗୁଡିଆପୋଖରୀ ନିକଟରେ କିଣନ୍ତୁ। 9937166932. D-68541

**ଭୁବନେଶ୍ୱର New Southcityରେ Infocity-II, New Airport, NH-5 ପାଖାପାଖି ସଙ୍ଗେସଙ୍ଗେ ଘରୋପଯୋଗୀ ଘରବାରି ପ୍ଲଟ୍ ମିଳୁଛି। 9348906056.** D-68470

SC house 23,00,000/- finishing Hanspal (bank finance available) : 8093465134, 9668194157 D-68646

**Gharabari plots at Balianta, Bhingarpur and Bagalpur. Immediate possession & registration, contact- 9437147826.** D-16175

ଛତାବର ଘରବାରି ପାଚେରି ପ୍ଲଟ 6000sqft. 39,00,000/-, IIT Argul Railway station 4000sqft. 6,00,000/-, 9861281504. D-68542

**2/3BHK ready to move premium duplex and flats at DHPL Sahoo Residency near Mancheswar Railway Station. Contact: 9937059891, 8908292617.** D-16131

ମଙ୍ଗୁଳି ଛକ ଶାଳଗାଁ ଷ୍ଟେସନ୍ ପାଖରେ 1200sqft. 4,50,000. Contact: 8908492594. D-16256

**Flats for sale at DHPL Crystal Raghunathpur. Contact: 9937059891, 8908292617.** D-16132

**2800 Sqft. gharabari corner plot sale at Bomikhal, Bhubaneswar, only buyer directly contact Deepak: 9937329999.** D-68049

Bhubaneswar ସୁନ୍ଦରପଦା ନିକଟରେ ଘରବାରି ପ୍ଲଟ୍ 1500 ବର୍ଗଫୁଟକୁ 13,50,000/, ରେ କିଣି ଆଜି ଘର କରନ୍ତୁ। Investment plot 4,00,000/-, Swati, 8249680401. D-68543

**Litigation free, boundarywall, electricity provides plots sale @ Pahala, Hanspal, Phulnakhara, Balianta. Finance available: 9040011888, 9439471272.** D-16257

**ଭୁବନେଶ୍ୱର ପିତାପଲ୍ଲିଛକ ପାଖରେ 30’ ରାସ୍ତା Electricity, boundary plot ମିଳୁଅଛି। 6372852525.** D-68474

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:– classifieddharitri@gmail.com

**ଭୁବନେଶ୍ୱର Adyanta Science College ପାଖରେ 30’ ରାସ୍ତାଥାଇ Developed demarcated plot sqft.-350/-, 650/-, ସୁନ୍ଦରପଦା OEC College ପାଖରେ sqft.-200/, 1st possession/ registration, 7735843008.** D-68475

Khandagiri to Dhauli bypass ଦୟାନଦୀ ବନ୍ଧରୁ Revenue road ଥାଇ 10 ଟି ସ୍ଥିତିବାନ୍ ପ୍ଲଟ୍ ବିକ୍ରିହେବ। sqft. 550/-, 9777236619. D-16252

ପ୍ଲଟ୍ ବିକ୍ରିହେବ– ଭୁବନେଶ୍ୱର ଉତ୍ତରା KEC କଲେଜ ପାଖରେ ଘରବାରି ପଟ୍ଟାରୁ। 9178660666. D-68967

ଭୁବନେଶ୍ୱର Gudiapokhari ଏବଂ KEC ଠାରେ ଅଗ୍ରିମ boundarywall, 30ft road ଏବଂ ବାସୋପଯୋଗୀ plot ଦିଆଯାଉଅଛି। sqft. 650/-, 7008045582, 9692003948. D-16254

Demarketed gharabari plot sale near Sundarpada 550 per sqft. close to 100’ road. Contact: 8018516246. D-68760

### PURCHASE

Required used 1/2/3 BHK flats, Duplexes, Simplexes for Akankshya group, 7978736177. D-68229




**Built your Residential & Commercial Project with best quality Material @ 1349/- Onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech – 9040008777.** D-16229




3BHK flat near Biju Pattnaik Energy Park, 350 mtrs. from Khandagiri Square. Contact: 9937235603. D-16196

Furnished houses available for office/ godown/ residence near Bomikhal: 9437001960. D-68647

One, Two roomed house 300sqft. in 3rd floor at Cuttack road, Jyoti Petrol Pump, adjacent to Yamaha Show Room and opposite to Falcon house, Bhubaneswar for immediate occupation, 9438081042, 9438668573. D-16162

One hall for Office 1000sqft. in the first floor suitable for Office, Business units will be vacant on 31st March 2020. Book immediately before others book it. This is on the Cuttack road, Jyoti Petrol Pump compound adjacent to Yamaha Show Room infront of Falcon house, Bhubaneswar, 9438081042, 9438668573. D-16163

3BHK with parking for families only, near AMRI Hospital, Kolathia. Contact No. 9348534277. D-16211




Rejuvenate and ayurvedic full body massage by smart therapist. 9114402304. D-68946

Newly open SPA Station 3rd floor, Big Bazar, Nayapalli. 7655024727, 8118079281. D-68756

Ayurvedic full body massage ladies and gents. Contact: 9861064981. D-68759

Refresh your body with smart and expert therapist. Contact: 8457855286. D-68962

Sai herbal spa refresh your body with smart, expert therapist. 7608062524. D-68961

Refresh your mind and soul with best therapy at Orchid Salon/Spa. 9937287222. D-68755

Ayurvedic full body massage ladies/gents smart experts therapist:- 8480939300. D-68753

Newly open full body massage by ladies, gents therapist. 8018656899 D-60863

Ayurvedic full body massage by ladies, gents therapist. 7008773793 D-60864

Full body herbal massage with refreshment expert therapist. 7381239385, 06742540855. D-68963

Experience full body massage with us (expert). Call: 7377048581, 06742597822. D-68964

Herbal full body massage by smart / expert therapist. Contact: 8338067247. D-68965

Experience winter therapeutic Abhyanga massage feeling refreshing energetic: Appointment- 9668374480. D-68966

Male therapist full body massage with relax, BBSR. Contact: 8328868891. D-16258


### AFFIDAVIT

By virtue of an affidavit before the Notary Chandikhole, I Zainab Shaikh, W/o- Sidiquddin Shaikh, at-Oliman Mohalla, PO-Charinangal, PS-Balichandrapur, Dist-Jajpur, Odisha, India, 754292 declare that after marriage Sidiquddin Shaikh I have changed my name Bindika Pradhan to Zainab Shaikh for all purposes. D-16259

### ନିରୁଦ୍ଦିଷ୍ଟ



ମୋର ନାମ ଫୁରକାନ୍ ଖାନ୍, ମୋ ପୁଅ ସାକିବ ଖାନ୍, ୧୪ବର୍ଷ, ବର୍ଣ୍ଣ–କଳା, ପତଳା, ଉଚ୍ଚତା–୫’୬’’, ମୋ ଘର ଭୁବନେଶ୍ୱର ସୁନ୍ଦରପଦାରୁ ତା. ୦୫।୦୧।୨୦୨୦, ୯:୩୦ ରାତିରୁ କୁଆଡ଼େ ପଳେଇଯାଇଛି। ସେ ଯିବା ପୂର୍ବରୁ କଳାରଙ୍ଗର ସାର୍ଟ, ଧଳାରଙ୍ଗର ପ୍ୟାଣ୍ଟ, ନୀଳରଙ୍ଗର ଜ୍ୟାକେଟ୍ ପିନ୍ଧିଥିଲା। ଯଦି କେହି ସହୃଦୟ ବ୍ୟକ୍ତି ତା’ର କୌଣସି ଠିକଣା ପାଆନ୍ତି ତେବେ ମୋବାଇଲ ନଂ– 8280173616 ରେ ଜଣାଇବାକୁ ଅନୁରୋଧ। ଆମେ ସେ ବ୍ୟକ୍ତିଙ୍କୁ ୧୦,୦୦୦/– ପୁରସ୍କାର ଦେବୁ। ଧ–୬୮୩୨୯

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/–ରୋ ରଙ୍ଗୀନ ଟ୪୨୦/–ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

### LEGAL NOTICE

ମାନନୀୟ ଶ୍ରୀଯୁକ୍ତ ଦ୍ୱିତୀୟ ଅତିରିକ୍ତ ସିଭିଲ ଜଜ୍ ସିନିୟର ଡ଼ିଭିଜନ୍, ଭୁବନେଶ୍ୱର
ସିଭିଲ ସୁଟ ନଂ ୪୦୮/ ୨୦୧୦

ରମେଶ ସୋରେଣ ବ୬୧ବର୍ଷ ପିତା– ଦୁର୍ଗା ଚରଣ ସୋରେଣ, ସା–ଭାଲିଆଡ଼ିହି, ପୋ.ଅ– ଅଟାନଟୀ, ଜିଲ୍ଲା– ମୟୂରଭଞ୍ଜ। ...........ବାଦୀ

ବନାମ

୩– କ୍ଷିରୋଦିନି ମଲ୍ଲିକ (ମୃତ)
୩(କ) ଦୁଃଶାସନ ମଲ୍ଲିକ ବ୬୮ବର୍ଷ
୩(ଖ) ଶୁଶାନ୍ତ କୁମାର ମଲ୍ଲିକ ବ୩୮ବର୍ଷ, ପିତା– ଦୁଃଶାସନ ମଲ୍ଲିକ
୩(ଗ) ଲକ୍ଷ୍ମୀନାରାୟଣ ମଲ୍ଲିକ ବ୩୬ବର୍ଷ, ପିତା–ଦୁଃଶାସନ ମଲ୍ଲିକ ସା–ଫ୍ଲାଟ୍ ନଂ. ସି–୧୦୧, ଇମ୍ପୋସିଟୀ ଗାର୍ଡ଼େନ, ଶୈଳଶ୍ରୀ ବିହାର, ପାୱାରଗ୍ରିଡ଼ଏଭିନ୍ୟୁ, ଭୁବନେଶ୍ୱର, ଜିଲ୍ଲା– ଖୋର୍ଦ୍ଧା
.........ପ୍ରତିବାଦୀମାନେ।

ବିଜ୍ଞାପନ

ଏତଦ୍ୱାରା ତୁମ୍ଭେ ପ୍ରତିବାଦୀମାନଙ୍କ ବିରୁଦ୍ଧେ ବାଦୀସ୍ୱତ୍ୱ ସାବ୍ୟସ୍ତ ଓ ଦଖଲ ଏବଂ ଚିରସ୍ଥାୟୀ ନିଷେଧାଜ୍ଞା ପ୍ରାର୍ଥନା କରି ମୋକଦ୍ଦମା ଆଗତ କରିଅଛନ୍ତି। କିନ୍ତୁ ଅଦାଲତରୁ ବାରମ୍ବାର ନୋଟିସ୍ ଆଦି ଯାଉଥିଲେ ମଧ୍ୟ ନିଜକୁ ଲୁଚାଇ ଛପାଇ ନୋଟିସ୍ ଗ୍ରହଣ କରୁନାହାନ୍ତି। କିମ୍ବା ଅଦାଲତରେ ହାଜର ହେଉନାହାନ୍ତି। ତେଣୁ ତୁମ୍ଭେ ପ୍ରତିବାଦୀମାନେ ଧାର୍ଯ୍ୟ ତା ୧୪।୦୨।୨୦୨୦ ରିଖେ ସ୍ୱୟଂ କିମ୍ବା ଅଭିବକ୍ତାଙ୍କ ଜରିଆରେ ହାଜର ହୋଇ ମୋକଦ୍ଦମାର ବିହିତ କାର୍ଯ୍ୟ କରିବେ, ନଚେତ ଧାର୍ଯ୍ୟ ତାରିଖ ଗତେ ଆଇନତଃ ତୁମ୍ଭ ବିରୁଦ୍ଧରେ ମୋକଦ୍ଦମାର ଶେଷ ଆଦେଶ ଗ୍ରହଣ କରାଯିବ। ଅଦ୍ୟ ଆମ୍ଭର ସ୍ୱାକ୍ଷର ଅଦାଲତରେ ମୋହର ଯୁକ୍ତ କ୍ରମେ ଦିଆଗଲା।

ଭୁବନେଶ୍ୱର
ତା. ୩।୧।୨୦୨୦

Sd/- Sri N. R. Lenka
ଦ୍ୱିତୀୟ ଅତିରିକ୍ତ ସିଭିଲ ଜଜ୍
ସିନିୟର ଡ଼ିଭିଜନ୍
ଭୁବନେଶ୍ୱର
ଧ–୧୬୨୪୨

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in



ଭାରତର ଲୋକପାଳ ପିନାକୀ ଚନ୍ଦ୍ର ଘୋଷ ସସ୍ତ୍ରୀକ ଶୁକ୍ରବାର ପୁରୀ ଆସି ମହାପ୍ରଭୁଙ୍କ ଦର୍ଶନ ସାରି ଶ୍ରୀମନ୍ଦିରରୁ ଫେରୁଛନ୍ତି।

# ବିଜୟଙ୍କୁ ଫସାଇ ଦିଆଯାଇଛି: ସ୍ତ୍ରୀ ତୁଷିମା

**କଟକ ଅଫିସ, ୧୭।୧**

୧ ଲକ୍ଷ ଟଙ୍କା ଲାଞ୍ଚ ଅଭିଯୋଗରେ ଭିଜିଲାନ୍ସ ହାତରେ ଗିରଫ ହୋଇଥିବା ଉଦ୍ୟାନ କୃଷି ନିର୍ଦ୍ଦେଶକ ତଥା ଆଇଏଏସ୍ ଅଫିସର ବିଜୟ କେତନ ଉପାଧ୍ୟାୟଙ୍କ ସ୍ତ୍ରୀ ଡା. ତୁଷିମା ମିଶ୍ର ମୁହଁ ଖୋଲିଛନ୍ତି। ବିଜୟ ନିର୍ଦ୍ଦୋଷ ଏବଂ ତାଙ୍କୁ ଫସାଇ ଦିଆଯାଇଛି ବୋଲି ତୁଷିମା କହିଛନ୍ତି। ଶୁକ୍ରବାର ଏଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ତୁଷିମା କହିଛନ୍ତି ଯେ, ବିଜୟଙ୍କୁ ରେଡ୍ ହ୍ୟାଣ୍ଡେଡ୍ ଧରାଯାଇନାହିଁ। ଅନ୍ୟ ଜଣଙ୍କଠାରୁ ଟଙ୍କା ମିଳିଥିବାବେଳେ ତାଙ୍କ ସହ ସମ୍ପର୍କ ଥିବା ସନ୍ଦେହକରି ଭିଜିଲାନ୍ସ ବିଜୟଙ୍କୁ ଗିରଫ କରିଛି। ବିଜୟ ଲାଞ୍ଚ ନେବା ଭଳି ଅଭିଯୋଗର କୌଣସି ତଥ୍ୟ ପ୍ରମାଣ ଭିଜିଲାନ୍ସ ପାଖରେ ନାହିଁ। ଭିଜିଲାନ୍ସ ପକ୍ଷରୁ ଆମ ବାସଭବନ ସମେତ ଅନ୍ୟ କେତେକ ସ୍ଥାନରେ ଚଢାଉ କରାଯାଇଥିଲା। ମାତ୍ର ଚଢାଉ ପରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିବା କିମ୍ବା ସରକାରୀ ଅର୍ଥ ହେରଫେର ଭଳି କୌଣସି ପ୍ରମାଣ ଭିଜିଲାନ୍ସର ହସ୍ତଗତ ହୋଇନାହିଁ। ଭିଜିଲାନ୍ସ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତିରେ କୁହାଗଲା ଯେ, ବିଜୟ ଏଚଡିଏଫସି ଓ ୟେସ୍ ବ୍ୟାଙ୍କରେ ସରକାରୀ ଟଙ୍କା ଜମା ରଖିଛନ୍ତି। କିନ୍ତୁ ଅର୍ଥ ବିଭାଗର ବିଜ୍ଞପ୍ତି (୩୨୬୪୮/ ତା-୧୦/୧୦/୧୮) ଅନୁଯାୟୀ ଏହି ସରକାରୀ ଟଙ୍କା ଘରୋଇ ବ୍ୟାଙ୍କର ସରକାରୀ ଖାତାରେ ରଖାଯାଇଛି। ବିଜୟଙ୍କୁ ଡିସେମ୍ବର ୩୦ରେ ଗିରଫ କରାଯାଇଥିବା ବେଳେ ଜାଣିଶୁଣି ଜାନୁୟାରୀ ୫ରେ କୋର୍ଟଚାଲାଣ କରାଯାଇଥିଲା। ଜାନୁୟାରୀ ୮ରେ ଜାମିନ ଆବେଦନର ତାରିଖ ଧାର୍ଯ୍ୟ ହୋଇଥିଲାବେଳେ ଭାରତ ବନ୍ଦର ଆଳ ଦେଖାଇ ଅବହେଳା କରାଯାଇଥିଲା। ଗିରଫ ହେବାର ୧୨ ଦିନ ପରେ ମଧ କେସ୍ ଡାଏରୀ ପ୍ରସ୍ତୁତ ହୋଇ ନ ଥିଲା। ରାଜ୍ୟରେ ଅଣଓଡ଼ିଆ ଆଇଏଏସ୍ ଅଫିସରଙ୍କୁ ଏକାଧିକ ବିଭାଗ ଦାୟିତ୍ୱ ଦିଆଯାଉଛି। ଓଡ଼ିଆ ଆଇଏଏସ୍ ଅଫିସରମାନଙ୍କୁ ଗୁରୁତ୍ୱ ଦିଆଯାଉନାହିଁ। ରାଜନୈତିକ ଉଦ୍ଦେଶ୍ୟ ରଖି ବିଜୟଙ୍କୁ ଗିରଫ କରାଯାଇଛି। ତେଣୁ ସେ ମାନସିକ ଦୁଶ୍ଚିନ୍ତାରେ ରହିଛନ୍ତି। ତାଙ୍କର ଯଦି କୌଣସି କ୍ଷତି ହୋଇଯାଏ ତେବେ ସେଥିପାଇଁ ସରକାର, ଭିଜିଲାନ୍ସ ଓ ସରକାରୀ ଓକିଲ ଦାୟୀ ରହିବେ ବୋଲି ତୁଷିମା କହିଛନ୍ତି। ତଥାପି ନ୍ୟାୟ ବ୍ୟବସ୍ଥା ଉପରେ ଭରସା ଓ ବିଶ୍ୱାସ ରହିଛି। ବିଜୟ ଜେଲ୍‌ରୁ ମୁକୁଳିବା ପରେ ଷଡ଼ଯନ୍ତ୍ର ଉପରୁ ପରଦା ହଟିବ ବୋଲି ତୁଷିମା କହିଛନ୍ତି।

# ଭାଜପା ରାଜ୍ୟ ସଭାପତି ଦାୟିତ୍ୱ ନେଲେ ସମୀର

**ଭୁବନେଶ୍ୱର,୧୭।୧(ବ୍ୟୁରୋ)**



ଭାଜପା ରାଜ୍ୟ କାର୍ଯ୍ୟାଳୟରେ ନୂତନ ସଭାପତି ସମୀର ମହାନ୍ତିଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

- **‘ସାଧାରଣ କର୍ପୋରେଟରରୁ ସଭାପତି ହେବା ଭାଜପାରେ ସମ୍ଭବ’**
- **ବାଜା, ବାଣରେ ସ୍ୱାଗତ କରାଗଲା**

ଭାଜପା ରାଜ୍ୟ ସଭାପତି ଭାବେ ବରିଷ୍ଠ ନେତା ସମୀର ମହାନ୍ତିଙ୍କୁ ଦଳୀୟ ନେତାମାନେ ଗୁରୁବାର ସହମତି ଭିତ୍ତିରେ ଚୟନ କରିବାପରେ ଶୁକ୍ରବାର ତାଙ୍କ ନୂଆ ଦାୟିତ୍ୱକୁ ବିଧିବଦ୍ଧ ଘୋଷଣା କରାଯାଇଛି। ସମୀର ସକାଳେ ଶ୍ରୀଲିଙ୍ଗରାଜଙ୍କ ଦର୍ଶନ ସାରି ଫେରିବା ପରେ ବାଜା, ବାଣରେ ଦଳର ନେତା ଓ କର୍ମୀମାନେ ତାଙ୍କୁ ସ୍ୱାଗତ କରିବା ଦୃଶ୍ୟ ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଦେଖିବାକୁ ମିଳିଥିଲା। ଦଳର ସବୁ ବରିଷ୍ଠ ନେତା, ବିଧାୟକ, ଏମ୍‌ପି ଏବଂ ଦୁଇ କେନ୍ଦ୍ରମନ୍ତ୍ରୀ ଗୋଟିଏ ମଞ୍ଚରେ ଏକାଠି ହୋଇ ନୂଆ ସଭାପତିଙ୍କୁ ସ୍ୱାଗତ ଜଣାଇବା ସହ ତାଙ୍କ ସହ ମିଶି କାମ କରିବାର ଭରସା ଦେଇଥିଲେ। ଦଳ ତାଙ୍କୁ ଏତେବଡ଼ ଦାୟିତ୍ୱ ପ୍ରଦାନ କରିଥିବାରୁ ସମୀର ଖୁସି ବ୍ୟକ୍ତ କରିବା ସହ ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ। ଜଣେ ପୂର୍ବତନ କର୍ପୋରେଟରଙ୍କୁ ଦଳ ରାଜ୍ୟ ସଭାପତି କରିଥିବା କହି ସମୀର ସାମାନ୍ୟ ଭାବବିହ୍ୱଳ ହୋଇଯାଇଥିଲେ।

ଭାଜପା ରାଜ୍ୟ ନିର୍ବାଚନ ଅଧିକାରୀ ରଞ୍ଜନ ପଟେଲ ଏବଂ ପ୍ରଭାରୀ ଅରୁଣ ସିଂ ମିଳିତଭାବେ ସମୀରଙ୍କୁ ରାଜ୍ୟ ସଭାପତି ଭାବେ ଘୋଷଣା କରିଥିଲେ। ଏହାପରେ ତାଙ୍କୁ ସଭାପତି ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ପୂର୍ବତନ ସଭାପତି ବସନ୍ତ ପଣ୍ଡାଙ୍କଠାରୁ ଦାୟିତ୍ୱ ଗ୍ରହଣ କରି ସମୀର କହିଥିଲେ ଯେ, ରାଜ୍ୟବାସୀଙ୍କ ସେବା ଏବଂ ୩୭ ହଜାର ବୁଥ ସଙ୍ଗଠନକୁ ମଜଭୁତ କରିବା ପ୍ରାଥମିକତା ହେବ। ଓଡ଼ିଶାକୁ କେନ୍ଦ୍ର ପଠାଉଥିବା ଅନୁଦାନର ଖର୍ଚ୍ଚ କିପରି ବାଟମାରଣ ନ ହୋଇ ହିତାଧିକାରୀଙ୍କ ପାଖରେ ପହଞ୍ଚିବ ତା'ର ତଦାରଖ କରିବେ। ବିଧାନସଭାରେ ରାଜ୍ୟବାସୀଙ୍କ ସ୍ୱରକୁ ଶାଣିତ କରିବା ଲାଗି ଆମ ପାଖରେ ବିରୋଧୀ ଦଳ ନେତା ଏବଂ ଉଚ୍ଚଶିକ୍ଷିତ ବିଧାୟକମାନେ ଅଛନ୍ତି। ୮ଜଣ ଏମ୍‌ପି ଓଡ଼ିଶା ସମସ୍ୟାକୁ ପାର୍ଲାମେଣ୍ଟରେ ଉଠାଇବେ। ଓଡ଼ିଶାରେ ଭାଜପାର ସଂଗଠନ କାର୍ଯ୍ୟ ଆରମ୍ଭରୁ ଆଜି ପର୍ଯ୍ୟନ୍ତ ଦାୟିତ୍ୱ ନେଇଥିବା ସମସ୍ତ ନେତୃତ୍ୱଙ୍କୁ ସେ ପ୍ରଶଂସା କରିଥିଲେ।

ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ କହିଛନ୍ତି, ଏତେ ବଡ଼ ଦଳରେ ସଭାପତି ଚୟନ ଅତି ସୁରୁଖୁରୁରେ ଶେଷ ହୋଇଛି। ବର୍ତ୍ତମାନ ସମୟ ଭାଜପା ପାଇଁ ଚ୍ୟାଲେଞ୍ଜପୂର୍ଣ୍ଣ ରହିଛି। ଓଡ଼ିଶାରେ ଆମ ସମସ୍ତଙ୍କୁ ଏକାଠି ରହିବାକୁ ପଡ଼ିବ। ରାଜ୍ୟରେ ସରକାରକୁ ଆସିବା ପର୍ଯ୍ୟନ୍ତ ପରିଶ୍ରମ କରିବାକୁ ପଡ଼ିବ ବୋଲି ଷଡ଼ଙ୍ଗୀ କହିଛନ୍ତି।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନୂତନ ସଭାପତି ଏବଂ ବିଦାୟୀ ସଭାପତି ବସନ୍ତ ପଣ୍ଡାଙ୍କୁ ଶୁଭକାମନା ଜଣାଇଛନ୍ତି। ଏହାସହ ଓଡ଼ିଶାକୁ ଦେଶରେ ଏକ ନମ୍ବର ରାଜ୍ୟରେ ପରିଣତ କରିବାକୁ ପଡ଼ିବ ବୋଲି ସେ କହିଛନ୍ତି। ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡଙ୍ଗୀ କହିଛନ୍ତି, ଏହା ଅତି ସ୍ମରଣୀୟ ଦିନ। ୩ ବର୍ଷରେ ଥରେ ଭାଜପାର ସାଙ୍ଗଠନିକ ନିର୍ବାଚନ ହୋଇଥାଏ। ସମସ୍ତେ ଏକାଠି ହୋଇ ସମୀର ମହାନ୍ତିଙ୍କୁ ସଭାପତିଭାବେ ଚୟନ କରିଛୁ। ଆଗକୁ ପୌର, ୨୦୨୨ରେ ପଞ୍ଚାୟତ ନିର୍ବାଚନ ହେବ। ଏସବୁ ସମୟରେ ତାଙ୍କ ସହିତ ରହି କାମ କରିବୁ ବୋଲି ଅପରାଜିତା କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସଭାପତି ବସନ୍ତ ପଣ୍ଡା, ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ, କନକବର୍ଦ୍ଧନ ସିଂଦେଓ ପ୍ରମୁଖ ସମୀରଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଶେଷରେ ସବୁ ସାଙ୍ଗଠନିକ ଜିଲାର ନୂତନ ସଭାପତି ନିଜ ଟିମ୍ ସହ ନୂଆ ସଭାପତିଙ୍କୁ ଶୁଭେଚ୍ଛା ଜଣାଇଥିଲେ।

# ଆଧୁନିକୀକରଣ ପ୍ରଭାବିତ ହେବ ୩ ଟ୍ରେନ୍

**ଭୁବନେଶ୍ୱର, ୧୭।୧ (ବ୍ୟୁରୋ):** ରେଳଧାରଣାର ଆଧୁନିକୀକରଣ ତଥା ଦୋହରୀକରଣ କାର୍ଯ୍ୟ ପାଇଁ ପୂର୍ବତଟ ରେଳପଥରେ ୩ଟି ଗୁରୁତ୍ୱପୂର୍ଣ୍ଣ ଟ୍ରେନ୍‌ର ଚଳାଚଳରେ ପରିବର୍ତ୍ତନ କରାଯିବ। ଦକ୍ଷିଣ କେନ୍ଦ୍ରୀୟ ରେଳପଥ ଅନ୍ତର୍ଗତ ଗୁଁଟୁର ଓ ଗୁଁଟକାଲ ରେଳ ସେକ୍ସନ ମଧ୍ୟରେ ରେଳ ଲାଇନର ଆଧୁନିକୀକରଣ ତଥା ଦୋହରୀକରଣ ଏବଂ ବିଦ୍ୟୁତୀକରଣ କାର୍ଯ୍ୟ ପାଇଁ ଭୁବନେଶ୍ୱରରୁ ବାଙ୍ଗାଲୋର ଯାଉଥିବା ପ୍ରଶାନ୍ତି ଏକ୍ସପ୍ରେସ ଏବଂ ପୁରୀରୁ ଯଶୋବନ୍ତପୁର ଯାଉଥିବା ଗରିବ ରଥ ଏକ୍ସପ୍ରେସର ଚଳାଚଳ ପ୍ରଭାବିତ ହେବ। ଟ୍ରେନ୍ ନଂ ୧୮୪୬୩/୧୮୪୬୪ ଭୁବନେଶ୍ୱର-ବାଙ୍ଗାଲୋର-ଭୁବନେଶ୍ୱର ପ୍ରଶାନ୍ତି ଏକ୍ସପ୍ରେସ ଜାନୁୟାରୀ ୨୭ରୁ ଫେବୃୟାରୀ ୪ ତାରିଖ ମଧ୍ୟରେ ଭୁବନେଶ୍ୱରଠାରୁ ଏବଂ ଜାନୁୟାରୀ ୨୬ରୁ ଫେବୃୟାରୀ ୪ ତାରିଖ ମଧ୍ୟରେ ବାଙ୍ଗାଲୋରଠାରୁ ଏହାର ନିର୍ଦ୍ଧାରିତ ମାର୍ଗ କ୍ରିଷ୍ଣାକେନାଲ-ଗୁଁଟୁର-ଗୁଁଟକାଲ-ଧର୍ମାବରମ୍ ପରିବର୍ତ୍ତେ କ୍ରିଷ୍ଣାକେନାଲ-ଗୁଡୁର-ରେଣିଗୁଣ୍ଟା-ମେଲପାକକମ୍-କାଟପାଡି-ଜୋଲାରପେଟଟାଇ ମାର୍ଗରେ ଯାତ୍ରା କରିବ। ସେହିପରି ଟ୍ରେନ୍ ନଂ ୨୨୮୮୩/୨୨୮୮୪ ପୁରୀ-ଯଶୋବନ୍ତପୁର-ପୁରୀ ଗରିବ ରଥ ଏକ୍ସପ୍ରେସ ପୁରୀ ଠାରୁ ଜାନୁୟାରୀ ୩୧ ଏବଂ ଯଶୋବନ୍ତପୁରଠାରୁ ଫେବୃୟାରୀ ପହିଲା ଦିନ ପରିବର୍ତ୍ତିତ ମାର୍ଗ କ୍ରିଷ୍ଣକେନାଲ-ଗୁଡୁର-ରେଣିଗୁଣ୍ଟା-ମେଲପାକକମ୍-କାଟପାଡି-ଜୋଲାରପେଟଟାଇ ମାର୍ଗ ଦେଇ ଯାତ୍ରା କରିବ। ଏହାବ୍ୟତୀତ ଅନୁଗୋଳ-ସମ୍ବଲପୁର ରେଳ ସେକ୍ସନରେ ଯୁଯୁମୁରା-ଚାରମାଳ ଓ ବଇଣ୍ଡା-ଜରପଡ଼ା ଷ୍ଟେଶନ ମଧ୍ୟରେ ରେଳଧାରଣାର ଆଧୁନିକୀକରଣ ତଥା ରେଳଧାରଣା ତଳେ ଉପାମାର୍ଗ ନିର୍ମାଣ ପାଇଁ ଟ୍ରେନ୍ ନଂ ୫୮୧୩୧/୫୮୧୩୨ ରାଉରକେଲା-ପୁରୀ-ରାଉରକେଲା ପାସେଞ୍ଜର ଟ୍ରେନ୍‌କୁ ଉଭୟ ଦିଗରୁ ଆସନ୍ତା ୨୪ ତାରିଖ ଦିନ ବାତିଲ କରାଯିବାକୁ ନିଷ୍ପତ୍ତି ହୋଇଛି।

# ‘ପରୀକ୍ଷା ପର ଚର୍ଚ୍ଚା’ରେ ସ୍ୱସ୍ତିକ

**ରାଇରଙ୍ଗପୁର,୧୭।୧(ଡି.ଏନ୍.ଏ.):** ନୂଆଦିଲ୍ଲୀଠାରେ ଆସନ୍ତା ୨୦ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ‘ପରୀକ୍ଷା ପର ଚର୍ଚ୍ଚା’ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ନେଇ ସମଗ୍ର ଭାରତରୁ ୨୨ ହଜାର ଛାତ୍ରୀଛାତ୍ରଙ୍କୁ ଚୟନ କରାଯାଇଛି। ଓଡ଼ିଶାର ବିଭିନ୍ନ ଶିକ୍ଷାନୁଷ୍ଠାନରୁ ମନୋନୀତ ହୋଇଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରୁ ମୟୂରଭଞ୍ଜ ଜିଲା ଉପାନ୍ତ ରାଇରଙ୍ଗପୁର ଅଞ୍ଚଳସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟର ନବମ ଶ୍ରେଣୀର ଛାତ୍ର ସ୍ୱସ୍ତିକ ଦାସମହାପାତ୍ର ସାମିଲ ହୋଇଛନ୍ତି। ସ୍ୱସ୍ତିକଙ୍କ ଦ୍ୱାରା ପ୍ରସ୍ତୁତ ପ୍ରଶ୍ନପତ୍ରକୁ ପିଏମ୍‌ଓ କାର୍ଯ୍ୟାଳୟକୁ ପଠାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଛାତ୍ରୀଛାତ୍ରମାନଙ୍କୁ ସମ୍ବୋଧିତ କରିବା ସହ ସିଧାସଳଖ ଆଲୋଚନା କରିବେ।




ବିଶ୍ୱବ୍ରହ୍ମାଣ୍ଡର ସୃଷ୍ଟି କ୍ରମରେ ମଣିଷ ଶେଷ ସୃଷ୍ଟି ନୁହେଁ। କ୍ରମବିକାଶ ଗତି କରି ଚାଲିଛି। ଏବଂ ମନୁଷ୍ୟକୁ ଅତିକ୍ରମ କରି ଏହା ଆଗକୁ ଆଗକୁ ଚାଲିବ। ବର୍ତ୍ତମାନ ପ୍ରତ୍ୟେକ ମଣିଷ ନିଜେ ସିଦ୍ଧାନ୍ତ ନେଉ ଯେ, ସେ ଏହି ନୂତନ ଜାତିର (ଅତିମାନବ) ଅଭ୍ୟୁଦୟ ପାଇଁ ଦୁଃସାହସିକ ଅଭିଯାନରେ ଭାଗ ନେବ କି ନାହିଁ।

–ଶ୍ରୀମା

# ୟୁପିରେ କମିଶନରେଟ୍



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ବିରୋଧରେ ସାମ୍ପ୍ରତିକ ବିକ୍ଷୋଭ ପରିପ୍ରେକ୍ଷୀରେ ତଥା ରାଜ୍ୟର ଆଇନଶୃଙ୍ଖଳାରେ ଉନ୍ନତି ଆଣିବା ଲାଗି ଉତ୍ତରପ୍ରଦେଶ ସରକାର ଅନେକଦିନରୁ ଯୋଜନା ହୋଇ ପଡ଼ିରହିଥିବା ପୋଲିସ କମିଶନର ବ୍ୟବସ୍ଥା ଲାଗୁ କରିବାକୁ ନିଷ୍ପତ୍ତି ନେଇ ପ୍ରଥମେ ନୋଏଡା ଓ ଲକ୍ଷ୍ନୌରେ ଏହା କାର୍ଯ୍ୟକାରୀ କରିଛନ୍ତି। ଲକ୍ଷ୍ନୌ ଓ ନୋଏଡ଼ାର ପ୍ରଥମ ପୋଲିସ କମିଶନର ଭାବେ ଯଥାକ୍ରମେ ଅତିରିକ୍ତ ପୋଲିସ ଡିଜି ସୁଜିତ ପାଣ୍ଡେ ଓ ଆଲୋକ କୁମାରଙ୍କ ନାମ ଘୋଷଣା କରାଯାଇଛି। ପ୍ରକାଶ୍ୟ ଯେ, ପୋଲିସ କମିଶନର ବ୍ୟବସ୍ଥାରେ କୌଣସି ଆଇନଶୃଙ୍ଖଳା ପରିସ୍ଥିତି ଉପୁଜିଲେ ସ୍ଥାନୀୟ ପୋଲିସ ମୁଖ୍ୟମାନେ ତତ୍କାଳ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବେ। କିନ୍ତୁ ପୁରୁଣା ବ୍ୟବସ୍ଥା ଅନୁସାରେ ଏଭଳି ପରିସ୍ଥିତିରେ ଜିଲା ପୋଲିସ ମୁଖ୍ୟମାନଙ୍କୁ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲା ମାଜିଷ୍ଟ୍ରେଟ୍‌ଙ୍କଠାରୁ ଅନୁମତି ନେବାକୁ ପଡୁଥିଲା। ତେବେ ସରକାରଙ୍କ ଏହି ପଦକ୍ଷେପକୁ ଆଇଏଏସ୍ ମହଲ ତୀବ୍ର ବିରୋଧ କରିବାରେ କିଛି ଆଶ୍ଚର୍ଯ୍ୟ ହେବାର ନାହିଁ। କିନ୍ତୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ କହିଛି ଯେ, ଆଇପିଏସ୍ ସଂଘ 'ଲୋକମାନଙ୍କ ସେବା କରିବା ଲାଗି ଏହା ଏକ ବଡ଼ ସୁଯୋଗ'ବୋଲି କହି ଏହି ପଦକ୍ଷେପକୁ ସ୍ୱାଗତ କରିଛି। ଅତୀତରେ ମଧ୍ୟ କମିଶନରେଟ୍ ବ୍ୟବସ୍ଥା ପାଇଁ ପ୍ରସ୍ତାବ ମୁଖ୍ୟମନ୍ତ୍ରୀଙ୍କ ସଚିବାଳୟରେ ପଡିରହିଥିଲା। କିନ୍ତୁ ଏବେ ଯୋଗୀ ଆଦିତ୍ୟନାଥ ଆଇଏଏସ୍ ଅଧିକାରୀଙ୍କ ସମସ୍ତ ବିରୋଧକୁ ଶେଷ କରିଦେଲେ। ଯାହା ଜଣାପଡୁଛି, ପୋଲିସ କମିଶନରେଟ୍ ବ୍ୟବସ୍ଥା ଲାଗୁ କରାଯାଇଥିବା ମହାରାଷ୍ଟ୍ର, ଗୁଜରାଟ, ଦିଲ୍ଲୀ ଏବଂ କର୍ନାଟକ ଆଦି ରାଜ୍ୟରେ ପୋଲିସ ବ୍ୟବସ୍ଥାକୁ ଦେଖି ମୁଖ୍ୟମନ୍ତ୍ରୀଙ୍କ ହୃଦ୍‌ବୋଧ ହୋଇଛି ଯେ, ଉତ୍ତରପ୍ରଦେଶରେ ମଧ୍ୟ ଏହି ବ୍ୟବସ୍ଥା ଲାଗୁ କରାଯିବା ଅତ୍ୟନ୍ତ ଜରୁରୀ। ଏହି ନୂଆ ବ୍ୟବସ୍ଥାରେ ପୋଲିସ କମିଶନର ଅଧୀନରେ ଲକ୍ଷ୍ନୌରେ ୪୦ଟି ଥାନା ରହିବ। ଏହି ଟିମ୍‌ରେ ଯୁଗ୍ମ କମିଶନର ଭାବେ ଦୁଇଜଣ ଆଇଜି, ୯ ଜଣ ଏସ୍‌ପି ପାହ୍ୟାର ଅଧିକାରୀ, ଜଣେ ଏସ୍‌ପି ପାହ୍ୟାର ମହିଳା ଅଧିକାରୀ ଏବଂ ଜଣେ ଏଏସ୍‌ପି ପାହ୍ୟାର ମହିଳା ଅଧିକାରୀ ରହିବେ।

### ରେଲୱେ ବୋର୍ଡର ପୁନର୍ଗଠନ

ଅନ୍ୟାନ୍ୟ 'ସଂସ୍କାର' କାର୍ଯ୍ୟକ୍ରମ ମଧ୍ୟରେ ସରକାର ଏବେ ରେଲୱେ ବୋର୍ଡର ପୁନର୍ଗଠନ ଆରମ୍ଭ କରିଛନ୍ତି। ଭାରତୀୟ ରେଲୱେର ଶୀର୍ଷ ନୀତିନିର୍ଦ୍ଧାରକ ରେଲୱେ ବୋର୍ଡର ସଦସ୍ୟ ସଂଖ୍ୟା ୮ରୁ ୫କୁ କମାଇ ଦିଆଯାଇଛି। ସରକାର ରେଲୱେର ବିଭିନ୍ନ କ୍ୟାଡରକୁ ଗୋଟିଏ ରେଲୱେ ମ୍ୟାନେଜମେଣ୍ଟ ସିଷ୍ଟମ୍ ସହ ମିଶାଇ ଦେଇଛନ୍ତି। ଏଣୁ ଇଞ୍ଜିନିୟରିଂ, ଟ୍ରାଫିକ୍, ମେକାନିକାଲ ଏବଂ ଇଲେକ୍ଟ୍ରିକାଲ ସମେତ ଏବେ ପ୍ରଚଳିତ ୮ଟି ସେବା ପରିବର୍ତ୍ତେ ଦି ଇଣ୍ଡିଆନ ରେଲୱେ ସର୍ଭିସ୍ ନାମରେ ଗୋଟିଏ କ୍ୟାଡର ରହିବ। ରେଲୱେରେ ବିଭାଗୀକରଣକୁ ଶେଷ କରିବା ଏବଂ ସୁଷ୍ଠୁ ପରିଚାଳନାକୁ ସୁନିଶ୍ଚିତ କରିବା ଏହାର ଲକ୍ଷ୍ୟ। ପ୍ରାପ୍ତ ତଥ୍ୟ ଅନୁସାରେ, କାର୍ମିକ ଓ ପ୍ରଶିକ୍ଷଣ ମନ୍ତ୍ରଣାଳୟ ସହ ପରାମର୍ଶ କରି ରୂପରେଖ ପ୍ରସ୍ତୁତ କରିବା ସହିତ ବର୍ଷକ ମଧ୍ୟରେ ପୂରା ପ୍ରକ୍ରିୟା ଶେଷ କରାଯିବ। କିନ୍ତୁ ଏବେ ରେଲୱେରେ ଥିବା ୮ଟି ସେବାକୁ ଗୋଟିଏରେ ମିଶାଇ ଦିଆଯିବ ବୋଲି ଘୋଷଣା କରାଯିବା ପରେ ରେଳଭବନ ମଧ୍ୟରେ ବାବୁମାନଙ୍କ ଭିତରେ ଆତଙ୍କ ଖେଳିଯାଇଛି। ପ୍ରସ୍ତାବିତ ସଂସ୍କାର ଦ୍ୱାରା ଅନେକ ରେଲୱେ ଅଧିକାରୀ ସେମାନଙ୍କ ବରିଷ୍ଠତା ଓ କ୍ୟାରିୟରରେ ଉନ୍ନତିକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ସରକାର ନୀତି ନିର୍ଦ୍ଧାରଣ କରି ତାହାକୁ ଚୂଡ଼ାନ୍ତ ରୂପ ଦେବାପରେ ଏଭଳି ମିଶ୍ରଣ ସମ୍ପର୍କରେ ଘୋଷଣା କରିବା ଉଚିତ ଥିଲା ବୋଲି କୁହାଯାଇଛି। ଇତି ମଧ୍ୟରେ ରେଲୱେ ବୋର୍ଡ ଅଧ୍ୟକ୍ଷ ଭି.କେ. ଯାଦବଙ୍କ କାର୍ଯ୍ୟକାଳ ବୃଦ୍ଧିକରି ଏହି ପଦ ଲାଗି ସରକାର ଜଣେ ଆଇଏଏସ୍ ଅଧିକାରୀ କିମ୍ବା ଘରୋଇ ସେକ୍ଟରରୁ କାହାକୁ ଆଣିବାକୁ ଯାଉଛନ୍ତି ବୋଲି ଯେଉଁ ଗୁଜବ ଉଠିଥିଲା ତାହାର ଅନ୍ତ ଘଟାଇଛନ୍ତି।

### ଜମ୍ମୁ-କଶ୍ମୀର ବାବୁଙ୍କୁ ଝଟକା

ଜମ୍ମୁ-କଶ୍ମୀରରେ ଆଇଏଏସ୍ ଓ ଆଇପିଏସ୍‌ରେ ଥିବା ରାଜ୍ୟସେବା ବାବୁଙ୍କ କୋଟା ହ୍ରାସ କରିବା ଲାଗି କେନ୍ଦ୍ରର ନିଷ୍ପତ୍ତିକୁ ଉକ୍ତ କେନ୍ଦ୍ରଶାସିତ ଅଞ୍ଚଳର ବାବୁମାନେ ଗ୍ରହଣ କରିପାରି ନାହାନ୍ତି। ଅନେକ ବାବୁ କହିଛନ୍ତି ଯେ, ସରକାରଙ୍କ ଏହି ନିଷ୍ପତ୍ତି କଶ୍ମୀର ପ୍ରଶାସନିକ ସେବା (କେଏଏସ୍) ଏବଂ କଶ୍ମୀର ପୋଲିସ ସେବା (କେପିଏସ୍)ର ଅଧିକାରୀମାନଙ୍କ କ୍ଷୀୟମାଣ କ୍ୟାରିୟର ସମ୍ଭାବନା ଉପରେ ବାଧା ପହଞ୍ଚାଇବ। ୩୭୦ ଧାରା ଉଚ୍ଛେଦ ପରେ ଜମ୍ମୁ-କଶ୍ମୀରରେ ଆଞ୍ଚଳିକ ଅଧିକାରୀଙ୍କ ପାଇଁ ପୂର୍ବରୁ ରହିଥିବା ୫୦ ପ୍ରତିଶତ କୋଟାକୁ ସରକାର କମାଇ ୩୩ ପ୍ରତିଶତ କରିଦେଇଛନ୍ତି। ଜମ୍ମୁ-କଶ୍ମୀରକୁ କେନ୍ଦ୍ରଶାସିତ ଅଞ୍ଚଳଭାବେ ପୁନର୍ଗଠିତ କରାଯିବା ପରେ କେନ୍ଦ୍ର ସରକାର ଏହାର ସ୍ୱତନ୍ତ୍ର କୋଟା ବ୍ୟବସ୍ଥାକୁ ଉଠାଇଦେଇଛନ୍ତି। ଏହା ଏଣିକି ଦେଶର ଅନ୍ୟ ରାଜ୍ୟରେ ପ୍ରଚଳିତ ୬୭:୩୩ ନିୟମକୁ ମାନିବା ପାଇଁ ବାଧ୍ୟ। ସୂଚନା ଅନୁସାରେ, ଜମ୍ମୁ-କଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳ ହେବା ପରଠାରୁ ବିଭିନ୍ନ କେନ୍ଦ୍ର ଆଇନ ଏଠାରେ ସ୍ୱତଃ ଲାଗୁ କରାଯାଇଥିବାବେଳେ ସରକାରଙ୍କ ଏହି ପଦକ୍ଷେପରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ। ପୁନର୍ଗଠନ ପରେ ଏଣିକି ପ୍ରଶାସନିକ ସେବା ପରୀକ୍ଷା ମାଧ୍ୟମରେ ଚୟନ କରାଯାଉଥିବା ଅଧିକାରୀମାନେ ଜମ୍ମୁ-କଶ୍ମୀର କ୍ୟାଡର ବଦଳରେ ଏଜିଏମ୍‌ୟୁଟି କ୍ୟାଡର ପାଇବେ।

Email: dilipcherian@gmail.com

# କର୍ପୋରେଟ୍‌ଙ୍କ ଝୁଲାରେ ଦେଶ ସମ୍ପତ୍ତି



ଭାଲଚନ୍ଦ୍ର ଷଡ଼ଙ୍ଗୀ

କେନ୍ଦ୍ରର ଏନ୍‌ଡିଏ ସରକାର ନିଜର ଦ୍ୱିତୀୟ ପାଳିରେ ଦେଶର ରାଷ୍ଟ୍ରାୟତ୍ତ କ୍ଷେତ୍ରରେ ଏକ ବଡ଼ ଧରଣର ଘରୋଇକରଣ ଅଭିଯାନ ଆରମ୍ଭ କରିଛନ୍ତି। ଆର୍ଥିକ ମାନ୍ଦାବସ୍ଥା ଯୋଗୁ ବଜେଟୀୟ ନିଅଣ୍ଟକୁ ଭରିବା ନାଁରେ ଗୋଟିଏ ପରେ ଗୋଟିଏ ରାଷ୍ଟ୍ରାୟତ୍ତ କମ୍ପାନୀକୁ ବିକ୍ରି କରିବାର ପ୍ରକ୍ରିୟା ଆରମ୍ଭ ହୋଇଛି। ନିକଟରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଦେଶର ୫ଟି ଲାଭଜନକ ରାଷ୍ଟ୍ରାୟତ୍ତ ସଂସ୍ଥାକୁ ସମ୍ପୂର୍ଣ୍ଣ ବିକ୍ରି କରିବାକୁ ଘୋଷଣା କରିଛନ୍ତି। ଏମାନଙ୍କ ମଧ୍ୟରେ ରହିଛି ଭାରତ ପେଟ୍ରୋଲିୟମ୍ କର୍ପୋରେଶନ ଲିମିଟେଡ୍, ଶିପିଂ କର୍ପୋରେଶନ ଅଫ୍ ଇଣ୍ଡିଆ, କନ୍‌କୋର କର୍ପୋରେଶନ, ଟିଏଚ୍‌ଡିସି ଇଣ୍ଡିଆ ଏବଂ ଉତ୍ତରପୂର୍ବ ବିଦ୍ୟୁତ୍ ସଂସ୍ଥା ବା ନିପ୍‌କୋ। ଏହା ବ୍ୟତୀତ ସରକାର ଦେଶର ବିମାନ ଚଳାଚଳ, ଇଲେକ୍ଟ୍ରୋନିକ୍ସ, ବନ୍ଦର, ରେଳବାଇ, ପ୍ରତିରକ୍ଷା ଉତ୍ପାଦନ ପରି ଅନେକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରର ୨୮ଟି ରାଷ୍ଟ୍ରାୟତ୍ତ ସଂସ୍ଥାର ତାଲିକା ପ୍ରସ୍ତୁତ କରି ସେଥିରେ ଥିବା ନିଜର ଅଂଶଧନକୁ ବିକ୍ରି କରି ୫୧%ରୁ ତଳକୁ ନେଇ ଆସିବାକୁ ଘୋଷଣା କରିଛନ୍ତି। ଅର୍ଥନୀତିର ଭାଷାରେ ଏସବୁ ସଂସ୍ଥା ସମ୍ପୂର୍ଣ୍ଣ ରୂପେ ବିକ୍ରି ହେଉ ନ ଥିଲେ ମଧ୍ୟ ସେସବୁରେ ସରକାରଙ୍କ ଅଂଶଧନ ୫୦%ରୁ କମ୍ ହେବାକୁ ଯାଉଥିବାରୁ ନିୟମ ଅନୁଯାୟୀ ଉପରୋକ୍ତ ସଂସ୍ଥାମାନଙ୍କର ପରିଚାଳନା ଓ ନିଷ୍ପତ୍ତି ନେବାର ଅଧିକାର ଆଉ ସରକାରଙ୍କର ରହିବନି। ଏଣିକି ସେସବୁର ପରିଚାଳନା ଏବଂ ନୀତିଗତ ନିଷ୍ପତ୍ତି ନେବାର କ୍ଷମତା ସଂଖ୍ୟାଗରିଷ୍ଠ ଅଂଶଧନର ମାଲିକ ରୂପେ ପରିଚିତ ଘରୋଇ କମ୍ପାନୀ ହାତକୁ ଚାଲିଯିବ।

ଏଥିରେ କେହି ଦ୍ୱିମତ ହେବେନି ଯେ ସ୍ୱାଧୀନତୋତ୍ତର ଭାରତ ଅର୍ଥନୀତିର ବିକାଶ ପାଇଁ ଭିତ୍ତିଭୂମିର ବିକାଶ କରିବା ଉଦ୍ଦେଶ୍ୟରେ ଜନଗଣଙ୍କ କଷ୍ଟଲବ୍ଧ ଅର୍ଥରେ ଏହି ଶିଳ୍ପ ଓ ସଂସ୍ଥାଗୁଡ଼ିକ ଦିନେ ତିଆରି ହୋଇଥିଲା। ତାହା ଏଯାଏ ନିରବଚ୍ଛିନ୍ନ ଭାବେ ଦେଶବାସୀଙ୍କୁ ସେବା ଯୋଗାଇବା ସହ ଲାଭ ଏବଂ କର ଟିକସ ବାବଦରେ ସରକାରୀ ରାଜକୋଷକୁ ବିପୁଳ ରାଜସ୍ୱ ଯୋଗାଇ ଆସିଛନ୍ତି। ଏପରି କି ଏସବୁ ସଂସ୍ଥାମାନଙ୍କରୁ ସରକାର ବିପୁଳ ପରିମାଣରେ ପୁଞ୍ଜି ନେଇ ଦେଶର ବିକାଶମୂଳକ କାମରେ ବିନିଯୋଗ କରି ଆସିଛନ୍ତି। ଅତଏବ ଦେଶର ଅର୍ଥନୀତିରେ ରାଷ୍ଟ୍ରାୟତ୍ତ ସଂସ୍ଥାର ଯେଉଁ ଗୁରୁତ୍ୱ ରହିଛି ତାହା ବାରମ୍ବାର ପ୍ରମାଣିତ ହୋଇଛି।

ସ୍ୱାଧୀନତାର ପରବର୍ତ୍ତୀ ଅବସ୍ଥାରେ ଗୃହୀତ ହୋଇଥିବା ଆମର ପ୍ରଥମ ଶିଳ୍ପନୀତିରେ ଦେଶରେ ରାଷ୍ଟ୍ରାୟତ୍ତ ଶିଳ୍ପ ଗଢ଼ିବା ଉପରେ ଜୋର ଦିଆଯାଇଥିଲା। ଦେଶର ଭିତ୍ତିଭୂମି ଯୋଗାଉଥିବା ଭାରି ଶିଳ୍ପମାନଙ୍କରେ ବିପୁଳ ପୁଞ୍ଜିନିବେଶ ଦରକାର ପଡୁଥିବାରୁ ତଥା ତତ୍‌କ୍ଷଣାତ୍ ମୁନାଫାର ସମ୍ଭାବନା ନ ଥିବାରୁ ଦେଶୀ ବିଦେଶୀ ବୃହତ୍ ପୁଞ୍ଜିପତିମାନେ ସେତେବେଳେ ଏନେଇ ଆଗ୍ରହ ଦେଖାଇ ନ ଥିଲେ। ତେବେ ଏସବୁ ଶିଳ୍ପ ପାଇଁ ତତ୍କାଳୀନ ସରକାରଙ୍କ ଗୁରୁତ୍ୱ ଯୋଗୁ ଦ୍ୱିତୀୟ ପଞ୍ଚବାର୍ଷିକୀ ଯୋଜନା କାଳରେ ଏହାର ବ୍ୟାପକ ଭାବେ ପ୍ରୟୋଗ ହେବା ସହ ରାଷ୍ଟ୍ରାୟତ୍ତ କ୍ଷେତ୍ରରେ ଇସ୍ପାତ, ବିଦ୍ୟୁତ୍, ତୈଳ ବିଶୋଧନାଗାର, ଯନ୍ତ୍ର ତିଆରି କାରଖାନା, ମେଶିନ୍ ଟୁଲ୍‌ସ ଆଦିର କାରଖାନା ସବୁ ଗଢ଼ି ଉଠିଥିଲା। ପରେ ୧୯୬୯ ମସିହାରେ ବ୍ୟାଙ୍କ୍ ଶିଳ୍ପର ଏବଂ ୧୯୭୩ ମସିହାରେ ସାଧାରଣ ବୀମା ଏବଂ କୋଇଲା ଶିଳ୍ପର ଜାତୀୟକରଣ ମଧ୍ୟ ଦେଇ ଏହି ପ୍ରକ୍ରିୟା ଆହୁରି ଜୋରଦାର ହୋଇଥିଲା। ଏହା ପରଠାରୁ ରାଷ୍ଟ୍ରାୟତ୍ତ କ୍ଷେତ୍ରରେ ଥିବା ବ୍ୟାଙ୍କ୍ ଓ ବୀମା ଶିଳ୍ପ ଦେଶର ଅର୍ଥନୈତିକ ସାର୍ବଭୌମତ୍ୱରେ ଏକ ଶକ୍ତିଶାଳୀ ଭୂମିକା ଗ୍ରହଣ କରି ଆସିଛି। ଆଜି ଆର୍ଥିକ ସଙ୍କଟ ଆଳରେ ଏସବୁକୁ ଦେଶୀ ବିଦେଶୀ ବୃହତ୍ କର୍ପୋରେଟ୍‌ମାନଙ୍କ ହାତକୁ ଟେକି ଦେବାର ପରିଣତି ହେବ ଦେଶର ଅର୍ଥନୈତିକ ସାର୍ବଭୌମତ୍ୱକୁ ଜାଣିଶୁଣି ଦୁର୍ବଳ କରିବା।

ସରକାର ସମ୍ପୂର୍ଣ୍ଣ ଭାବେ ବିକ୍ରି କରିଦେବାକୁ ଘୋଷଣା କରିଥିବା ରାଷ୍ଟ୍ରାୟତ୍ତ କମ୍ପାନୀମାନଙ୍କ ମଧ୍ୟରେ ସବୁଠାରୁ ଆଗରେ ରହିଛି ଭାରତ ପେଟ୍ରୋଲିୟମ୍ କର୍ପୋରେଶନ ଲିମିଟେଡ୍ ବା ବିପିସିଏଲ୍, ଯାହା କି ଦେଶର ଆଠଟି ମହାରତ୍ନ କମ୍ପାନୀ ମଧ୍ୟରୁ ଅନ୍ୟତମ। ଗତ ୧୬ ବର୍ଷ ଧରି ଏହି କମ୍ପାନୀ ଫରଚ୍ୟୁନ୍ ପତ୍ରିକା ଦ୍ୱାରା କରାଯାଇଥିବା ସର୍ଭେରେ ବିଶ୍ୱର ୫୦୦ଟି ବଡ଼ କମ୍ପାନୀ ମଧ୍ୟରେ ପ୍ରତିବର୍ଷ ସ୍ଥାନ ପାଇ ଆସିଛି। ଏହା ଆମ ଦେଶର ଷଷ୍ଠ ବଡ଼ କମ୍ପାନୀ, ଯେଉଁଥିରେ ସରକାରଙ୍କ ୫୩.୨୯% ଅଂଶଧନ ରହିଛି। ଦେଶର ମୋଟ ତୈଳ ବ୍ୟବସାୟର ଏକ ଚତୁର୍ଥାଂଶ ଏହି କମ୍ପାନୀ ସମ୍ଭାଳୁଛି। ବିପିସିଏଲ୍ ବିକ୍ରି ହେଲେ ଦେଶରେ ଜାଳେଣି ବାଣିଜ୍ୟର ଚିତ୍ରଟି ସମ୍ପୂର୍ଣ୍ଣ ରୂପେ ବଦଳିଯିବ। ଅନ୍ୟତମ ବଡ଼ ତୈଳ କମ୍ପାନୀ ରିଲାଏନ୍ସ ଏହାର ଅଂଶଧନ କିଣିବାକୁ ଲକ୍ଷ୍ୟ ରଖିଥିବାରୁ ଘରୋଇକରଣ ପରେ ଦେଶର ପେଟ୍ରୋଲିୟମ୍ କାରବାରରେ ରିଲାଏନ୍ସର ଏକାଧିପତ୍ୟ ସ୍ଥାପନ ହେବ।

ତେବେ କେବଳ ବିପିସିଏଲ୍ ନୁହେଁ, ଆଗାମୀ ଦିନରେ ସରକାରଙ୍କ ଅଧୀନରେ ଥିବା ସବୁ ରାଷ୍ଟ୍ରାୟତ୍ତ ଶିଳ୍ପ ଓ ପରିସେବାକୁ କର୍ପୋରେଟ୍‌ମାନଙ୍କୁ ବିକ୍ରିକରି ଦିଆଯିବ ବୋଲି ସରକାର ସ୍ପଷ୍ଟ କରିଛନ୍ତି। ସରକାର ଘରୋଇକରଣର ଏଭଳି ଏକ ରୋଡମ୍ୟାପ୍ ତିଆରି କରିଛନ୍ତି, ଯାହା ଫଳରେ ଆଗାମୀ ତିନିବର୍ଷ ମଧ୍ୟରେ ଦେଶର ସମସ୍ତ ସରକାରୀ ଉଦ୍ୟୋଗର ଅଂଶଧନ ୪୯ ପ୍ରତିଶତରୁ ତଳକୁ ଆସିଯିବ। ଇତି ମଧ୍ୟରେ ଦେଶର ରାଷ୍ଟ୍ରାୟତ୍ତ ସଂସ୍ଥା ବିଶେଷ କରି ରାଷ୍ଟ୍ରାୟତ୍ତ ଶିଳ୍ପ, ବ୍ୟାଙ୍କ୍, ବୀମା ଏବଂ କେନ୍ଦ୍ରୀୟ ସରକାରୀ ପରିସେବା ବିଶେଷତଃ ରେଳ, ପ୍ରତିରକ୍ଷା ସରଞ୍ଜାମ ଉତ୍ପାଦନ ବ୍ୟବସ୍ଥା, ଡାକ ବ୍ୟବସ୍ଥା, ବିଏସ୍‌ଏନ୍‌ଏଲ୍ ଇତ୍ୟାଦି କ୍ଷେତ୍ରରେ ଘରୋଇକରଣ ପ୍ରକ୍ରିୟା ଜୋରଦାର ଆରମ୍ଭ ହୋଇଛି। କିଛିଦିନ ପୂର୍ବରୁ ସରକାର ଦେଶର ଛଅଟି ବିମାନବନ୍ଦରକୁ ଘରୋଇ କମ୍ପାନୀ ହାତକୁ ଟେକି ଦେଇଥିବା ବେଳେ ଆହୁରି ୨୦-୨୫ଟି ବିମାନବନ୍ଦରକୁ ବିକ୍ରି କରିବାକୁ ଘୋଷଣା କରାଯାଇଛି। ଏହାର ଲାଭ ପ୍ରଧାନମନ୍ତ୍ରୀଙ୍କ ନିକଟତମ ଶିଳ୍ପପତି ଆଦାନୀଙ୍କୁ ମିଳିଛି। ଭାରତୀୟ ରେଳକୁ ପର୍ଯ୍ୟାୟକ୍ରମେ ଘରୋଇକରଣ କରିବାର ପ୍ରକ୍ରିୟା ଜାରି ରହିଛି।

ଦେଶର ରାଷ୍ଟ୍ରାୟତ୍ତ ବ୍ୟାଙ୍କ୍ ବ୍ୟବସ୍ଥାକୁ ଧ୍ୱଂସ କରିବାକୁ କେନ୍ଦ୍ର ସରକାର ଉଦ୍ୟମ ଚଳାଇଛନ୍ତି। ଗତ ତିନିବର୍ଷ ମଧ୍ୟରେ ବ୍ୟାଙ୍କ୍ ସମ୍ମିଶ୍ରଣ ପର୍ବ ଆରମ୍ଭ ହୋଇଛି। ନିକଟରେ ଦଶଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କର ମିଶ୍ରଣ କରି ତାକୁ ଚାରୋଟି ବ୍ୟାଙ୍କ୍‌ରେ ପରିଣତ କରାଯାଇଛି। ଏହି ସମ୍ମିଶ୍ରଣ ଫଳରେ ଦେଶର ହଜାର ହଜାର ବ୍ୟାଙ୍କ୍ ଶାଖା ବନ୍ଦ ହୋଇ ଲୋକେ ପୂର୍ବରୁ ପାଇ ଆସୁଥିବା ସରକାରୀ ବ୍ୟାଙ୍କ୍‌ସେବାରୁ ବଞ୍ଚିତ ହେବା ସହ ଏଥିରେ କାର୍ଯ୍ୟରତ ଲକ୍ଷ ଲକ୍ଷ କର୍ମଚାରୀ ବେକାର ହେବେ। ଗ୍ରାମାଞ୍ଚଳରେ ରହିଥିବା ଏସବୁ ଶାଖାଗୁଡ଼ିକ ବନ୍ଦ ହୋଇଯିବା ଫଳରେ ସୁଦୂର ଗ୍ରାମାଞ୍ଚଳରେ ଗରିବ ଲୋକେ ହିଁ ସର୍ବାଧିକ କ୍ଷତିଗ୍ରସ୍ତ ହେବେ। ସରକାରଙ୍କ ଘରୋଇକରଣ ନୀତିର ସବୁଠାରୁ ବଡ଼ ଶିକାର ହୋଇଛି ରାଷ୍ଟ୍ରାୟତ୍ତ ଟେଲିକମ୍ କମ୍ପାନୀ ବିଏସ୍‌ଏନ୍‌ଏଲ୍। ଏହାର ଦେଶବ୍ୟାପୀ ଯେଉଁ ବିଶାଳ ଟେଲିକମ୍ ଭିତ୍ତିଭୂମି ରହିଛି ତାହା ଜନସାଧାରଣଙ୍କ ଅର୍ଥରେ ନିର୍ମିତ ଏବଂ ଦେଶର ନିରାପତ୍ତା ସ୍ୱାର୍ଥରେ ଏହା ସରକାରଙ୍କ ହାତରେ ରହିବା ଜରୁରୀ। କିନ୍ତୁ ଗତ ପାଞ୍ଚବର୍ଷ ମଧ୍ୟରେ ମୋଦି ସରକାର ଘରୋଇ ଟେଲିକମ୍ କମ୍ପାନୀ ବିଶେଷକରି ରିଲାଏନ୍ସ ଜିଓର ସ୍ୱାର୍ଥରେ ଏହାକୁ ଦୁର୍ବଳ କରିବା ସହିତ ଶେଷରେ ସେମାନଙ୍କ ହାତରେ ଟେକିଦେବାକୁ ଉଦ୍ୟମ କରୁଛନ୍ତି।

ଦେଶର ପ୍ରତିରକ୍ଷା କ୍ଷେତ୍ର ବି ସରକାରଙ୍କ ଉପରୋକ୍ତ ଘରୋଇକରଣ ନୀତିରୁ ବାଦ୍ ପଡ଼ିନି। ଦେଶର ବିଭିନ୍ନ ସ୍ଥାନରେ ରହିଥିବା ପ୍ରତିରକ୍ଷା ଉତ୍ପାଦନ ବିଭାଗର ଗୋଳାବାରୁଦ କାରଖାନାଗୁଡ଼ିକୁ ଘରୋଇକରଣ କରିବାକୁ ସରକାରଙ୍କ ନିଷ୍ପତ୍ତି ପ୍ରତିବାଦରେ ନିକଟରେ ସେସବୁରେ କାର୍ଯ୍ୟରତ ହଜାର ହଜାର ଶ୍ରମିକ ଓ କର୍ମଚାରୀ ଧର୍ମଘଟ କରିଛନ୍ତି। ଏହା ବ୍ୟତୀତ ଦେଶର ବିଭିନ୍ନ ସ୍ଥାନରେ ରହିଥିବା ପ୍ରତିରକ୍ଷା ବିଭାଗର ୧୭.୫ ଲକ୍ଷ ଏକର ଜମିକୁ ବିବେକପୂର୍ଣ୍ଣ ଉପଯୋଗ କରିବା ନାଁରେ ସରକାର ବିକ୍ରି କରିଦେବାକୁ ଚିନ୍ତା କରୁଛନ୍ତି। ଏହି ଅର୍ଥକୁ ପ୍ରତିରକ୍ଷା ବିଭାଗର ବିଭିନ୍ନ ଜରୁରୀ ଆବଶ୍ୟକତା ପୂରଣ ପାଇଁ ବିନିଯୋଗ କରାଯିବ ବୋଲି ସଫେଇ ଦିଆଯାଉଛି।

ଲାଭଜନକ ରାଷ୍ଟ୍ରାୟତ୍ତ ଶିଳ୍ପ ଓ ପରିସେବାର ବିକ୍ରି ପଛରେ ସରକାରଙ୍କ ଯୁକ୍ତି ହେଲା, ବଜେଟ୍‌ରେ ରାଜସ୍ୱ ନିଅଣ୍ଟର ଭରଣା। କେନ୍ଦ୍ର ସରକାର ନିଜର ରାଷ୍ଟ୍ରାୟତ୍ତ ସଂସ୍ଥାମାନଙ୍କ ଏଭଳି ଘରୋଇକରଣ ଜରିଆରେ ଚଳିତବର୍ଷ ମୋଟ ୧.୧ ଲକ୍ଷ କୋଟି ଟଙ୍କା ସଂଗ୍ରହ କରିବାର ଲକ୍ଷ୍ୟ ରଖିଛନ୍ତି। କିନ୍ତୁ ଏଠାରେ ପ୍ରଶ୍ନ ଉଠେ ଯେ ଦେଶକୁ ପାଞ୍ଚ ଟ୍ରିଲିୟନ୍ ଅର୍ଥନୀତିରେ ପରିଣତ କରିବାକୁ ଘୋଷଣା କରୁଥିବା ମୋଦି ସରକାର ଏଭଳି ଲାଭଜନକ ଶିଳ୍ପସଂସ୍ଥାକୁ ବିକ୍ରି କରିବାକୁ ଏତେ ବ୍ୟାକୁଳ କାହିଁକି? ସରକାରଙ୍କ ଭୁଲ୍ ଆର୍ଥିକ ନୀତି ଲାଗି ଦେଶରେ ଆର୍ଥିକ ମାନ୍ଦାବସ୍ଥା ତୀବ୍ର ହେବାରେ ଲାଗିଥିବା ବେଳେ ଟିକସ ସଂଗ୍ରହର ହାର ବି ହ୍ରାସ ପାଇବାରେ ଲାଗିଛି। ଅନ୍ୟପଟେ ମାନ୍ଦାବସ୍ଥାର ମୁକାବିଲା ନାଁରେ ଦେଶୀ ବିଦେଶୀ କମ୍ପାନୀଗୁଡ଼ିକୁ ଯେଉଁ ୧.୪୮ ଲକ୍ଷ କୋଟି ଟଙ୍କାର କର ଓ ଟିକସ ଛାଡ଼ କରିଛନ୍ତି ତାହା ମାନ୍ଦାବସ୍ଥାକୁ ତ ଦୂର କରିପାରିଲାନି ବରଂ ଟିକସ ଲବ୍ଧ ଆୟ ହ୍ରାସ ପାଇବା ଫଳରେ ସରକାରଙ୍କ ରାଜସ୍ୱ ନିଅଣ୍ଟ ବଢ଼ାଇଦେଲା। କିନ୍ତୁ ନିଜକୁ ରାଷ୍ଟ୍ରବାଦୀ ବୋଲି ଦାବି କରୁଥିବା ଭାଜପା ସରକାର ଦେଶୀ ବିଦେଶୀ ଶିଳ୍ପପତିଙ୍କୁ ହିଁ ଦେଶର ରାଷ୍ଟ୍ରାୟତ୍ତ ସମ୍ପତ୍ତିକୁ ବିକ୍ରି କରିବାକୁ ଉଦ୍ୟମ କରୁଛି।

ମୋ. ନଂ. - ୯୪୩୭୧୬୬୩୯୧,
bhalachandra.odisha@gmail.com

# ଦୁଇଟି ଉଦ୍ଭାବନର ଅନ୍ତ



ଇଂ. ମାୟାଧର ସ୍ୱାଇଁ

ସଭ୍ୟତାର ବିକାଶରେ ସହାୟକ ହୋଇଥିବା କେତୋଟି ପ୍ରଭାବଶାଳୀ ଉଦ୍ଭାବନ ମଧ୍ୟରୁ ଦୁଇଟିର ବ୍ୟବହାର ବନ୍ଦ ହେବାକୁ ଯାଉଛି। ଗୋଟିଏ ହେଉଛି ତାପଦୀପ୍ତ ବିଜୁଳିବତି ଓ ଅନ୍ୟଟି ହେଉଛି ଆଭ୍ୟନ୍ତରୀଣ ଦହନ ଇଞ୍ଜିନ। ଆମେରିକାର ବିଶିଷ୍ଟ ଉଦ୍ଭାବକ ଟମାସ୍ ଆଲ୍‌ଭା ଏଡିସନ୍ ୧୮୭୯ ମସିହାରେ ବିଜୁଳିବତି ଉଦ୍ଭାବନ କରିଥିଲେ। ସେ ଏହାର ଫିଲାମେଣ୍ଟ ପାଇଁ ଶହେରୁ ଅଧିକ ପଦାର୍ଥ ପରୀକ୍ଷା କରିବା ପରେ ସଫଳ ହୋଇଥିଲେ। ଆଜିକାଲି ଅନ୍ୟ ବିଜୁଳିବତି ବାହାରିବା ପରେ ତାକୁ ସାଧାରଣ ବିଜୁଳିବତି କୁହାଯାଉଛି। ଏହାର ଦକ୍ଷତା ବହୁତ କମ୍। ଏଥିରେ ବିଦ୍ୟୁତ୍ ଶକ୍ତିର ୯୦ ପ୍ରତିଶତ ତାପଶକ୍ତିରେ ପରିଣତ ହୋଇଥାଏ ଏବଂ ଅବଶିଷ୍ଟ ଆଲୋକରେ ପରିଣତ ହୋଇଥାଏ। ଏହି କାରଣରୁ ଏହା ଅଧିକ ବିଦ୍ୟୁତ୍ ବ୍ୟୟ କରିଥାଏ। ମାତ୍ର ୧୨୦ରୁ ଅଧିକ ବର୍ଷ ପର୍ଯ୍ୟନ୍ତ ଆଲୋକ ପ୍ରଦାନରେ ଏହାର ଆଧିପତ୍ୟ ରହି ଆସିଥିଲା। ଏହାପରେ ଅଧିକ ଦକ୍ଷତାସମ୍ପନ୍ନ ସିଏଫ୍‌ଏଲ୍ ଓ ଏଲ୍‌ଇଡି ବତି ଉଦ୍ଭାବନ ହେବା ପରେ ସାଧାରଣ ବିଜୁଳିବତିର ଚାହିଦା ହ୍ରାସ ପାଇଲା। ୬୦ ୱାଟ୍‌ର ଗୋଟିଏ ସାଧାରଣ ବିଜୁଳିବତି ଯେତିକି ଆଲୋକ ପ୍ରଦାନ କରିଥାଏ, ୧୫ ୱାଟ୍‌ର ଗୋଟିଏ ସିଏଫ୍‌ଏଲ୍ ଓ ୮ ୱାଟ୍‌ର ଗୋଟିଏ ଏଲଇଡି ବତି ସେତିକି ଆଲୋକ ପ୍ରଦାନ କରିଥାଏ। ଏଣୁ ସିଏଫ୍‌ଏଲ୍ ଓ ଏଲ୍‌ଇଡି ବତି ବ୍ୟବହାର କଲେ ବିଦ୍ୟୁତ୍ ବିଲ୍ କମ୍ ଆସିଥାଏ। ଏହି ଦୁଇ ବିଜୁଳିବତିର ମୂଲ୍ୟ ଅଧିକ ଥିବାରୁ ସାଧାରଣ ବିଜୁଳିବତିର ବ୍ୟବହାର କମି ନ ଥିଲା। ବର୍ତ୍ତମାନ ମୂଲ୍ୟ ହ୍ରାସ ହୋଇଥିବାରୁ ସାଧାରଣ ବିଜୁଳିବତିର ବ୍ୟବହାର ଧୀରେ ଧୀରେ କମିଯାଉଛି। ପୁନଶ୍ଚ ସାଧାରଣ ବିଜୁଳିବତି ଯେତିକି ସମୟ କାର୍ଯ୍ୟ କରିପାରେ, ଏଲ୍‌ଇଡି ବତି ତାହାର ୪୧ ଗୁଣ ସମୟ କାର୍ଯ୍ୟ କରିପାରେ। ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଯେ, ଆମ ବିଦ୍ୟୁତ୍‌ର ଅଧିକାଂଶ ଭାଗ (ପ୍ରାୟ ୬୫ ପ୍ରତିଶତ) ତାପଜ ବିଦ୍ୟୁତ୍‌ରୁ ଆସୁଛି, ଯାହା ବାୟୁ ପ୍ରଦୂଷଣ କରିବା ସହ ଜାଗତିକ ଉଷ୍ମତା ବୃଦ୍ଧି ଓ ଜଳବାୟୁ ପରିବର୍ତ୍ତନର କାରଣ ହୋଇଛି। ଫଳରେ ଶକ୍ତି ସଂରକ୍ଷଣ ପାଇଁ ସାଧାରଣ ବିଜୁଳିବତିକୁ ପର୍ଯ୍ୟାୟକ୍ରମେ ବନ୍ଦ କରିଦେବା ପାଇଁ ବିଭିନ୍ନ ଦେଶ ଆଗଭର ହୋଇଛନ୍ତି। ଏପରିକି କେତୋଟି ଦେଶରେ ଏହାର ଉତ୍ପାଦନ ଓ ବ୍ୟବହାର ଉପରେ ନିଷେଧାଜ୍ଞା ଘୋଷଣା କରାଯାଇଛି।

ଯାନବାହନରେ ବ୍ୟବହୃତ ଆଭ୍ୟନ୍ତରୀଣ ଦହନ ଇଞ୍ଜିନ୍‌କୁ ଜର୍ମାନୀର ଉଦ୍ଭାବକ ରୁଡୋଲଫ୍ ଡିଜେଲ ୧୮୯୨ ମସିହାରେ ବିକାଶ କରିଥିଲେ। ଏହାକୁ ବ୍ୟବହାର କରି ଆମେରିକାର ଫୋର୍ଡ କମ୍ପାନୀ ୧୯୦୮ରୁ ୧୯୨୭ ମସିହା ମଧ୍ୟରେ 'ଫୋର୍ଡ ମଡେଲ ଟି' ଗାଡି ଉତ୍ପାଦନ କରି ପରିବହନ କ୍ଷେତ୍ରରେ ବିପ୍ଳବ ଆଣିଥିଲା। ଏହାର ମୂଲ୍ୟ କମ୍ ଥିବାରୁ ଅଧିକ ଲୋକ ଏହାକୁ କିଣିବା ପାଇଁ କ୍ଷମ ହେଲେ। ଆଜି ପର୍ଯ୍ୟନ୍ତ ମୋଟରଗାଡ଼ିରେ ଏହି ଇଞ୍ଜିନ୍ କାର୍ଯ୍ୟ କରିଆସୁଛି। କିନ୍ତୁ ଏହା ଆଉ ଅଧିକ ଦିନ ରହିବ ନାହିଁ। ଏହାର ବିକଳ୍ପ ଭାବେ ବିଦ୍ୟୁତ୍ ଇଞ୍ଜିନ ବାହାରିଲାଣି। ଆଭ୍ୟନ୍ତରୀଣ ଦହନ ଇଞ୍ଜିନରେ ଡିଜେଲ ଓ ପେଟ୍ରୋଲ ଦହନ ହୋଇଥାଏ ଏବଂ ଏହା ଫଳରେ ବାୟୁମଣ୍ଡଳକୁ କାର୍ବନ ମନୋକ୍ସାଇଡ୍, ସଲ୍‌ଫର ଡାଇଅକ୍ସାଇଡ, ନାଇଟ୍ରୋଜେନ୍ ଅକ୍ସାଇଡ, ହାଇଡ୍ରୋକାର୍ବନ, କ୍ଷୁଦ୍ରକଣିକା ଆଦି ପଦାର୍ଥ ନିର୍ଗତ ହୋଇ ପ୍ରଦୂଷଣ କରିଥାଏ। ପୁନଶ୍ଚ ପେଟ୍ରୋଲିୟମ୍ ପୃଥିବୀର କେତେକ ନିର୍ଦ୍ଦିଷ୍ଟ ଦେଶରେ ଉପଲବ୍ଧ ଏବଂ ଏହାକୁ ଆମଦାନି କରିବା ପାଇଁ ବୈଦେଶିକ ପୁଞ୍ଜି ବ୍ୟୟ ହୋଇଥାଏ। ଏହାର ମୂଲ୍ୟ ଦିନକୁ ଦିନ ବୃଦ୍ଧି ପାଇବା ସହିତ ଭୂଗର୍ଭରେ ଏହାର ପରିମାଣ ହ୍ରାସ ପାଇବାରେ ଲାଗିଛି ଏବଂ ଆସନ୍ତା ୩୦ ବର୍ଷ ଭିତରେ ଏହା ନିଃଶେଷ ହୋଇଯିବା ଆଶଙ୍କା ଦେଖାଦେଇଛି। ଏହାର ଅନ୍ୟ ଏକ ଅସୁବିଧା ହେଉଛି ଯେ ଏହା ଇରାନ, ଇରାକ, କୁଏଟ, ସୌଦି ଆରବ ଆଦି ଉପସାଗରୀୟ ଦେଶରେ ଅଧିକ ପରିମାଣରେ ଉପଲବ୍ଧ ଏବଂ ସେହି ଅଞ୍ଚଳଗୁଡ଼ିକରେ ବାରମ୍ବାର ଯୁଦ୍ଧ ଓ ଅଶାନ୍ତି ସୃଷ୍ଟି ହେଉଥିବାରୁ ଏହାର ନିରାପଦ ଆମଦାନିରେ ସନ୍ଦେହ ସୃଷ୍ଟି ହୋଇଛି। ଏହି କାରଣରୁ ଆଭ୍ୟନ୍ତରୀଣ ଦହନ ଇଞ୍ଜିନର ବିକଳ୍ପ ଭାବେ ବୈଜ୍ଞାନିକମାନେ ବିଦ୍ୟୁତ୍ ଇଞ୍ଜିନକୁ ବିକାଶ କରିଛନ୍ତି, ଯାହା ବ୍ୟାଟେରି ଦ୍ୱାରା କାର୍ଯ୍ୟ କରିଥାଏ। କିନ୍ତୁ ଏଥିରେ ଅସୁବିଧା ହେଉଛି ଯେ, ଲିଥିୟମ୍-ଆୟନ୍ ବ୍ୟାଟେରିର ଦାମ୍ ହେଉଛି ଅଧିକ। ୩୦ କିଲୋୱାଟ୍‌ଆୱାର କ୍ଷମତାର ଗୋଟିଏ ବ୍ୟାଟେରିର ମୂଲ୍ୟ ବର୍ତ୍ତମାନ ପାଞ୍ଚରୁ ଛଅ ଲକ୍ଷ ଟଙ୍କା ପଡୁଛି, ଯାହା ଗୋଟିଏ କାରର ମୋଟ ମୂଲ୍ୟର ଅଧାରୁ ଅଧିକ ହେବ। ମାତ୍ର ଉନ୍ନତ ପ୍ରଯୁକ୍ତିବିଦ୍ୟା ପ୍ରୟୋଗ କରି ଏହି ମୂଲ୍ୟକୁ ଦୁଇଲକ୍ଷ ଟଙ୍କାକୁ ହ୍ରାସ କରିବା ପାଇଁ ଚେଷ୍ଟା ଚାଲିଛି। ଏହି ବ୍ୟାଟେରିର ଅନ୍ୟ ଏକ ଅସୁବିଧା ହେଉଛି ଯେ, ଏହାକୁ ୧୦୦ କି.ମି. ଯିବା ପରେ ପୁନର୍ବାର ଚାର୍ଜ କରିବାକୁ ପଡିଥାଏ। କିନ୍ତୁ ବର୍ତ୍ତମାନ ନୂତନ ପ୍ରଯୁକ୍ତିବିଦ୍ୟାରେ ୩୦୦ରୁ ୪୦୦ କି.ମି. କିମ୍ବା ତା'ଠାରୁ ଅଧିକ ଦୂର ଯିବା ପରେ ଚାର୍ଜିଙ୍ଗ୍ କରିବା ପାଇଁ ଗବେଷଣା ଚାଲିଛି। ଭାରତରେ କେତେକ ସହରରେ ବିଦ୍ୟୁତ୍ ଗାଡି ଚାଲିଲାଣି। ଭାରତ ସରକାର ୨୦୩୦ ପରେ ଆଭ୍ୟନ୍ତରୀଣ ଦହନ ଇଞ୍ଜିନ ଚାଳିତ ମୋଟରଗାଡିର ବିକ୍ରିକୁ ନିଷେଧ କରିବା ପାଇଁ ନୀତିଗତ ନିଷ୍ପତ୍ତି ନେଇଛନ୍ତି। ଏଥିରୁ ସ୍ପଷ୍ଟ ଯେ ବିଜ୍ଞାନର ଦୁଇ ପ୍ରଭାବଶାଳୀ ଉଦ୍ଭାବନ ମାନବ ସେବାରେ ଶତାଧିକ ବର୍ଷ ଉପଯୋଗ ହେବା ପରେ ଆସନ୍ତା ଦଶବର୍ଷ ମଧ୍ୟରେ ଏହାର ଅନ୍ତ ହେବାକୁ ଯାଉଛି ଏବଂ ଆମେମାନେ ଏହି ଦୁଇଟିକୁ କେବଳ ସଂଗ୍ରହାଳୟରେ ଦେଖିପାରିବା।

ଭୁବନେଶ୍ୱର, ମୋ-୯୪୩୮୬୯୩୭୨୪

## ଏଇ ଭାରତରେ

ବେସାହାରା ଲୋକଙ୍କ ଲାଗି ଯୁବଶକ୍ତିକୁ କାର୍ଯ୍ୟରେ ଲଗାଇ ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି ଲକ୍ଷ୍ନୌର ଜଣେ ହୋଟେଲ ମାଲିକ ପରମ ସିଂ। ସେ ତାଙ୍କ ସାଙ୍ଗମାନଙ୍କ ସହ ମିଶି ଦୁରାରୋଗ୍ୟ ବ୍ୟାଧିରେ ପୀଡିତଙ୍କୁ ମାଗଣାରେ ଔଷଧ ଯୋଗାଉଛନ୍ତି। ପ୍ରତିମାସରେ ସେ ଅଢ଼େଇରୁ ତିନି ଲକ୍ଷ ଟଙ୍କାର ଔଷଧ ବାଣ୍ଟୁଛନ୍ତି। ତାଙ୍କ ସେବାକେନ୍ଦ୍ରର ନାମ ଗୁରୁ ନାନକ ମେଡିକାଲ ସେବା। ସେ ଲକ୍ଷ୍ନୌର କେଜିଏମ୍‌ସି ମେଡିକାଲ କଲେଜରେ ମାଗଣାରେ ଲଙ୍ଗର ଲଗାଇ ନିଜେ ସେବା ଦେଉଛନ୍ତି। ଏହି ଲଙ୍ଗରକୁ ସେ ଯିବା ସମୟରେ ସେଠାରେ କିଛି ଲୋକଙ୍କ ପାଖରେ ଔଷଧ କିଣିବା ଲାଗି ଟଙ୍କା ନ ଥିବା ଜାଣିବାକୁ ପାଇଥିଲେ। ତା'ପରେ ୬ ମାସ ନିଜ ପକେଟରୁ ଖର୍ଚ୍ଚ କରି ଲୋକମାନଙ୍କୁ ମାଗଣାରେ ଔଷଧ ଦେବାପରେ ଏହି ସେବାରେ ତାଙ୍କର ସାଙ୍ଗମାନେ ସାମିଲ ହୋଇଥିଲେ ଓ ସେବେଠାରୁ ଏହି ସେବା ଆଗକୁ ବଢ଼ିବାରେ ଲାଗିଛି। ପରମଙ୍କ ସାଙ୍ଗମାନେ ବିଭିନ୍ନ ବ୍ୟବସାୟ କରୁଛନ୍ତି ଓ ଏଥିଲାଗି ସାହାଯ୍ୟ ବି କରୁଛନ୍ତି। ଏମାନେ ସୋସିଆଲ ମିଡ଼ିଆ ଓ ସହରର ବିଭିନ୍ନ ସ୍ଥାନରେ ପୋଷ୍ଟର୍ ମାଧ୍ୟମରେ ମୋବାଇଲ ନମ୍ବର ଜଣାଇ ଦେଇଛନ୍ତି। ଯେଉଁମାନଙ୍କର ଆବଶ୍ୟକ ହେଉଛି ସେମାନେ ପରମଙ୍କୁ ସାକ୍ଷାତ କରୁଛନ୍ତି।

## ଚିରନ୍ତନୀ

ହଜିଗଲା କଥା ଗୋଟି ଗୋଟି ଯେତେ ପଡ଼ଇ ମନେ
ବିମୁଖ ପ୍ରଣୟୀ ପରାଏ ଯାହାକୁ ଛାଡିଲି ମୁହିଁ।
କେତେ ପ୍ରିୟ ସ୍ମୃତି ଅନୁଭୂତିମୟ ଅତୀତ କାଳ
ତୋତେ ଦେଖି ଆଜି ପାସୋରି ଦେଲିରେ ଶିମୁଳିପାଳ!
(ପାସୋରି ଦେଲିରେ ଶିମୁଳିପାଳ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୧୮ ଜାନୁୟାରୀ ୧୯୯୫

- ଜାପାନରେ ଶକ୍ତିଶାଳୀ ଭୂମିକମ୍ପରେ ୨ ହଜାରରୁ ଊର୍ଦ୍ଧ୍ୱ ଲୋକ ପ୍ରାଣ ହରାଇଥିବା ନେଇ ସୂଚନା।
- ଭାରତ ଓ ଆମେରିକା ମଧ୍ୟରେ ବାଣିଜ୍ୟ କାରବାର ୪ ବିଲିୟନ ଡଲାରକୁ ବୃଦ୍ଧି ନେଇ ରାଜିନାମା ସ୍ୱାକ୍ଷରିତ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 6 | | | 9 | | | | 1 | 8 | | 4 | | | 0 | E |
| | | 9 | | | A | | 0 | D | | C | | | | 2 |
| | | 4 | | 0 | 2 | | | | | A | | 8 | D | |
| | | | 6 | | | | | | | D | | | | B |
| | 5 | | 8 | | E | | | | | | 7 | | | |
| | | 8 | | | 7 | | | 5 | | | A | 6 | | |
| | 3 | | | | | | | 2 | | 7 | | | | |
| 0 | 7 | | A | | D | | | | 1 | | | | | 9 |
| | | D | | 5 | | 3 | | | 0 | B | | | | 1 |
| A | C | | | 6 | 1 | | | | | | | | | 5 |
| 5 | | 3 | | | | | | | | | E | | C | 0 |
| | | 2 | 1 | 9 | 4 | | | | | | | | | A |
| | 6 | 0 | C | | | | | B | | 8 | | | | |
| | | B | E | | | | | C | 6 | | | 9 | 5 | |
| 4 | E | A | B | | 5 | 2 | 9 | | | | | | 7 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | 8 | 4 | A | 9 | 0 | 7 | 6 | 1 | C | D | 2 | 3 | B | 5 |
| 3 | D | B | 8 | 4 | 6 | 5 | 9 | 2 | E | A | 0 | C | 1 | 7 |
| 9 | 1 | 0 | 5 | C | 7 | 4 | E | B | 3 | 6 | 8 | D | 2 | A |
| 6 | 2 | 7 | D | 1 | B | A | 3 | C | 4 | 5 | 9 | 0 | 8 | E |
| 5 | A | C | 3 | E | 2 | 0 | 8 | D | 1 | B | 7 | 6 | 4 | 9 |
| 1 | B | A | 0 | 8 | E | 9 | 2 | 3 | 6 | 7 | 5 | 4 | C | D |
| 4 | 9 | E | 6 | 2 | D | B | C | 5 | A | 1 | 3 | 8 | 7 | 0 |
| C | 7 | 5 | B | 3 | 1 | 6 | 4 | 8 | D | 0 | E | A | 9 | 2 |
| 2 | 3 | D | 9 | A | C | 1 | 7 | 0 | B | 8 | 4 | E | 5 | 6 |
| 8 | 0 | 6 | 7 | 5 | 4 | E | D | A | 9 | 2 | C | 1 | 3 | B |
| A | 5 | 8 | 2 | 0 | 3 | D | 1 | 4 | 7 | 9 | 6 | B | E | C |
| 7 | 6 | 9 | 4 | D | 5 | 3 | 0 | E | 8 | C | B | 2 | A | 1 |
| B | C | 1 | E | 6 | A | 8 | 5 | 7 | 2 | 4 | D | 9 | 0 | 3 |
| D | E | 2 | 1 | 7 | 8 | C | B | 9 | 0 | 3 | A | 5 | 6 | 4 |
| 0 | 4 | 3 | C | B | 9 | 2 | A | 6 | 5 | E | 1 | 7 | D | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଅନ୍ଧବିଶ୍ୱାସ ଅନ୍ତରାଳେ

ମହାଶୟ,

ଧରିତ୍ରୀ (୩।୧) ପୃଷ୍ଠାରୁ ଅନ୍ନପୂର୍ଣ୍ଣା ପାଣ୍ଡେଙ୍କ 'ଅନ୍ଧବିଶ୍ୱାସ ଅନ୍ତରାଳେ' ଲେଖାଟି ପଢିଲି। ଲେଖିକା କହିଛନ୍ତି, ଡାକ୍ତରଖାନା ପାଖରେ ନ ଥିବା, ଚାଲି ଚାଲି ପାହାଡ ଓହ୍ଲେଇ ଡାକ୍ତରଖାନାକୁ ଯିବା, ଡାକ୍ତରଖାନା ଗଲେ ବି ତାଙ୍କ କଥା କେହି ନ ଶୁଣିବା ଆଦି କାରଣ ଯୋଗୁ ରୋଗୀ ମୃତ୍ୟୁମୁଖରେ ପଡେ। ତେଣୁ ସ୍ଥାନୀୟ ଗୁଣିଆ ପାଖକୁ ଯାଆନ୍ତି ବିଶ୍ୱାସରେ, ବଞ୍ଚିବାର ଥିଲେ ବଞ୍ଚିବ। ରୋଗୀ ଭଲ ହେବା ପାଇଁ ଗୁଣିଆ ଠାକୁରାଣୀଙ୍କୁ ପ୍ରାର୍ଥନା କରେ। ଡାକ୍ତରଙ୍କ ଉପରେ ଆସ୍ଥା ନ ରଖୁଥିବା ଲୋକଙ୍କ କଥା ବୁଝୁଛି କିଏ ? ଏହା ଅତ୍ୟନ୍ତ କ୍ଷୋଭର ବିଷୟ। ପାହାଡର ଜଡିବୁଟି ଖାଇ ଭଲ ହେଉଥିବା ଲୋକ ଏବେ ବି ପରମ୍ପରାକୁ ମଥାର ତିଳକ କରିଛନ୍ତି। ହେଲେ ବିଜ୍ଞାନୀ ମଣିଷ ଏସବୁ ପ୍ରଣାଳୀ ପ୍ରତି ନାସିକା କୁଞ୍ଚନ କରୁଛି। ଡାହାଣୀ ସନ୍ଦେହରେ ମାରି ଦିଆଯିବାର କାରଣ ବି ଅଧିକାଂଶ କ୍ଷେତ୍ରରେ ଜମିବାଡ଼ି ବିବାଦ ବା ଅନ୍ୟ କିଛି ବୋଲି ପାଣ୍ଡେ ଲେଖିଛନ୍ତି। ଡାହାଣୀ ସନ୍ଦେହ ଖାଲି ଲୋକଙ୍କୁ ଭୁଆ ବୁଲେଇବା ପାଇଁ। ତେଣୁ ସେହି ଅନୁସାରେ ତଦନ୍ତ ହୋଇ କାର୍ଯ୍ୟାନୁଷ୍ଠାନ ହେବା ଉଚିତ।

କାର୍ତ୍ତିକ ଚନ୍ଦ୍ର ଷଡଙ୍ଗୀ, ବଲରା, ବିଳାସୁଣୀ, ନିଆଳି, କଟକ

### ସିଡିଏମ୍‌ଓଙ୍କ ମାନବିକତା

ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟରେ ଜଣେ ତୀରବିଦ୍ଧ ଯୁବକଙ୍କୁ ସର୍ଜରି ସ୍ପେଶାଲିଷ୍ଟ ତଥା ସିଡିଏମ୍‌ଓ ତତ୍କାଳ ଅପରେଶନ କରି ଜଙ୍ଘରୁ ତୀର ବାହାର କରିବା ଖବର ପ୍ରକାଶ ପାଇଛି। ଯଦିଓ ବହିର୍ଚିକିତ୍ସା ବିଭାଗ ଯୁବକଙ୍କୁ କଟକ ମେଡିକାଲ ଯିବା ଲାଗି ପରାମର୍ଶ ଦେଇଥିଲେ ପୀଡ଼ିତର ପ୍ରଚୁର ରକ୍ତସ୍ରାବ ଦେଖି ସିଡିଏମ୍‌ଓ ସେହି ଡାକ୍ତରଖାନାରେ ତା'ର ତୁରନ୍ତ ଅପରେଶନ କରି ତାକୁ ଯନ୍ତ୍ରଣାମୁକ୍ତ କରିବା ମାନବିକତାର ପରିଚାୟକ। ସିଡିଏମଓଙ୍କ ଏହି ନିଃସ୍ୱାର୍ଥପର ସେବା ଓ ମାନବିକତା ଅନ୍ୟ ଡାକ୍ତରମାନଙ୍କ ପାଇଁ ପ୍ରେରଣାଦାୟକ ହେବ ବୋଲି ଆଶା କରାଯାଏ।

ହରମୋହନ ମହାନ୍ତି, ଦଣ୍ଡତୋଟା, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଜାତୀୟ ଷ୍ଟ୍ରିଟ୍ ଫୁଡ୍ ଫେଷ୍ଟିଭାଲରେ ବାବୁଲା ଦହିବରା ପୁରସ୍କୃତ

## ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକରେ ପ୍ରଥମ

କଟକ ଅଫିସ,୧୭।୧

ନୂଆଦିଲ୍ଲୀର ଜବାହରଲାଲ ନେହେରୁ ଷ୍ଟାଡିୟମରେ ୧୧ତମ ଜାତୀୟ ଷ୍ଟ୍ରିଟ୍ ଫୁଡ୍ ଫେଷ୍ଟିଭାଲ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଟକ ଦେଉଳସାହିର ପ୍ରଦୀପ୍ତ କୁମାର ସାହୁ ଓରଫ ବାବୁଲାଙ୍କ ଦହିବରା ଷ୍ଟଲ୍ ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକ ମଧ୍ୟରେ ପ୍ରଥମ ସ୍ଥାନ ହାସଲ କରିଛି। ଏଥିପାଇଁ ଉକ୍ତ ଷ୍ଟାଡିୟମରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଆୟୋଜକ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ପୁରସ୍କୃତ କରାଯାଇଛି। ଦହିବରା ପାଇଁ ପ୍ରସିଦ୍ଧ କଟକ ସହର ପୁର୍ନବାର ଜାତୀୟ ସ୍ତରରେ ଆଉ ଏକ ନିଆରା ରେକର୍ଡ ସୃଷ୍ଟି କରିଛି।

ଏହି ଫେଷ୍ଟିଭାଲରେ ଦେଶର ସମସ୍ତ ରାଜ୍ୟରୁ ୨୫୦ ଭେରାଇଟିର ଖାଦ୍ୟ ଷ୍ଟଲ ପଡ଼ିଥିଲା, ଯେଉଁଥିରେ ଓଡ଼ିଶାର ରହିଥିଲା ମାତ୍ର ଦୁଇଟି ଷ୍ଟଲ। ବାବୁଲା ଦହିବରା ଷ୍ଟଲ ପକାଇଥିବା ବେଳେ ଆଉ ଏକ ମିଠା ଷ୍ଟଲ ଥିଲା।






ବାବୁଲାଙ୍କ ଦହିବରାର ଭିଡ଼ିଓ ୟୁ-ଟ୍ୟୁବରେ ଭାଇରାଲ ହୋଇଥିବାରୁ ଫେଷ୍ଟିଭାଲ ଆୟୋଜକ ଫୋନ୍ ଯୋଗେ ତାଙ୍କ ସହ ଯୋଗାଯୋଗ କରିଥିଲେ। ପରେ ନୂଆଦିଲ୍ଲୀରେ ହେବାକୁ ଥିବା ଏହି ପ୍ରତିଯୋଗିତାରେ ଭାଗ ନେବାକୁ କହିଥିଲେ। ଦହିବରା, ଘୁଗୁନି ଓ ଆଳୁଦମ୍ ପରଷି ବାବୁଲା ରାଜ୍ୟ ପାଇଁ ଏହି ଗୌରବ ଆଣିଛନ୍ତି। ସେଠାରେ ଖାଦ୍ୟ ତିଆରି କରିବା ଓ ପରଷିବା କ୍ଷେତ୍ରରେ ପରିଷ୍କାର ପ୍ରତି ବିଶେଷ ଧ୍ୟାନ ଦିଆଯାଉଥିଲା। ଏପରିକି ସିସିଟିଭି କ୍ୟାମେରାରେ ସମସ୍ତ କାର୍ଯ୍ୟକୁ ଆୟୋଜକ ନଜର ରଖୁଥିଲେ ବୋଲି ବାବୁଲା କହିଛନ୍ତି। ସୂଚନାଥାଉ କି, ବାବୁଲା ଦୀର୍ଘ ୩୦ବର୍ଷ ହେବ ଦେଉଳସାହିରେ ଦହିବରା ବ୍ୟବସାୟ କରୁଛନ୍ତି। ପ୍ରଥମେ ସାଇକେଲରେ ବୁଲି ବୁଲି ସେ ନିଜର ବ୍ୟବସାୟ ଆରମ୍ଭ କରିଥିଲେ। ହେଲେ ଏବେ ଠେଲାଗାଡ଼ିରେ ଦହିବରା ବିକ୍ରି କରୁଛନ୍ତି। ବ୍ୟବସାୟରେ ସ୍ତ୍ରୀ ମଲ୍ଲିକାରାଣୀ ସାହୁ, ପୁଅ ଚିନ୍ମୟ ସାହୁ ଓ ଝିଅ ବିଜୟଲକ୍ଷ୍ମୀ ସାହୁ ସହଯୋଗ କରନ୍ତି ବୋଲି ବାବୁଲା କହିଛନ୍ତି।

# ୭ ଦିନର ଶିଶୁ କନ୍ୟା ଉଦ୍ଧାର

## ପିଲା ବିକାକିଣା ହୋଇଥିବା ସନ୍ଦେହ

ଜଗତ୍ସିଂହପୁର ଅଫିସ୍, ୧୭।୧

ଶୁକ୍ରବାର ଜଗତ୍ସିଂହପୁର ଜିଲା ପଳାଶୋଳ ଗ୍ରାମରୁ ଚାଇଲ୍ଡ ଲାଇନ୍ ଓ ଜିଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ଏକ ୭ ଦିନର ଶିଶୁକନ୍ୟାକୁ ଉଦ୍ଧାର କରାଯାଇଛି। ପଳାଶୋଳର କବିତା ସାହୁ ଓ ତାଙ୍କ ସ୍ୱାମୀ ନିତ୍ୟାନନ୍ଦ ସାହୁ ଶିଶୁକନ୍ୟାକୁ ରଖିଥିଲେ। ଜିଲା ଶିଶୁ ମଙ୍ଗଳ ସମିତି (ସିଡବ୍ଲ୍ୟୁସି)ରେ ହାଜର କରାଯିବା ପରେ ଶିଶୁକନ୍ୟାକୁ ସ୍ଥାନୀୟ ଶିଶୁ ଆଶ୍ରମରେ ରଖାଯାଇଥିବା ସିଡବ୍ଲ୍ୟୁସି ଅଧ୍ୟକ୍ଷା ବିଶେଶ୍ୱରୀ ମହାନ୍ତି କହିଛନ୍ତି। ନିତ୍ୟାନନ୍ଦଙ୍କ କହିବା ଅନୁସାରେ, ଜିଲା ମୁଖ୍ୟ ଚିକିତ୍ସାଳୟ ନିକଟରେ ଜଣେ ମହିଳା ଉକ୍ତ ଶିଶୁକନ୍ୟାକୁ ଧରି କାନ୍ଦୁଥିବା ଦେଖିଥିଲେ। କାହିଁକି କାନ୍ଦୁଛନ୍ତି ବୋଲି ପଚାରିବାରୁ ମହିଳା ଜଣକ କହିଥିଲେ, ତାଙ୍କ ଆର୍ଥିକ ସ୍ଥିତି ଭଲ ନାହିଁ। ପୂର୍ବରୁ ୩ଟି ଝିଅ ଅଛନ୍ତି। ଆଉ ଏକ ଝିଅର ଲାଳନ ପାଳନ କରିବା ତାଙ୍କ ପକ୍ଷେ କଷ୍ଟକର। ଏ ପରିସ୍ଥିତିରେ କେହି ଛୁଆଟିକୁ ନେଇଗଲେ ସେ ଖୁସି ହେବେ ବୋଲି କହିଥିଲେ। ହେଲେ ନିଜର ସନ୍ତାନ ନ ଥିବାରୁ ସେ ଶିଶୁକନ୍ୟାକୁ ଆଣିଥିଲେ ବୋଲି ନିତ୍ୟାନନ୍ଦ କହିଛନ୍ତି। କିନ୍ତୁ ନିତ୍ୟାନନ୍ଦ ଶିଶୁକନ୍ୟାଙ୍କ ମା'ଙ୍କ ନାମ କହିବାକୁ ଚାହୁଁନାହାନ୍ତି। ତେଣୁ ପିଲା କିଣାବିକା ହୋଇଥିବା ସନ୍ଦେହ କରାଯାଉଛି। ଅଧିକ ଅନୁଧ୍ୟାନ ପରେ ସତ୍ୟାସତ୍ୟ ପଦାକୁ ଆସିବ ବୋଲି ସିଡବ୍ଲ୍ୟୁସି ପକ୍ଷରୁ କୁହାଯାଇଛି।




# ଗାଡ଼ି ଚଳାଇ ଥାନାରେ ପହଞ୍ଚିଲେ ଗୁଳିବିଦ୍ଧ ମହିଳା

ଚଣ୍ଡିଗଡ,୧୭।୧

ମୁଣ୍ଡରେ ଓ ମୁହଁରେ ବାଜିଥିଲା ଗୁଳି। ଏହାସତ୍ତ୍ୱେ ୭ କି.ମି. ଗାଡ଼ି ଚଲାଇ ଥାନାରେ ପହଞ୍ଚି ଏତଲା ଦାଏର କରିଛନ୍ତି ଜଣେ ମହିଳା। ତାଙ୍କ ଅଭିଯୋଗକ୍ରମେ ମାମଲା ରୁଜୁକରି ଆକ୍ରମଣକାରୀଙ୍କୁ ଧରିବା ପାଇଁ ତନାଘନା ଚଳାଇଛି ପୋଲିସ। ଗୁଳି ଚଳାଇଥିବା ବ୍ୟକ୍ତି ଅନ୍ୟ କେହି ନୁହନ୍ତି, ବରଂ ସମ୍ପୃକ୍ତ ମହିଳାଙ୍କ ଭାଇ ଓ ପୁତୁରା। ଜମି ବିବାଦକୁ କେନ୍ଦ୍ରକରି ଏଭଳି ଅଭାବନୀୟ ଘଟଣା ଘଟିଛି ପଞ୍ଜାବସ୍ଥିତ ମୁକ୍ତସର ଜିଲା ସାମେଓ୍ୱାଲି ଗ୍ରାମରେ। ମିଳିଥିବା ସୂଚନାନୁସାରେ ଉକ୍ତ ଗାଁର ସୁମିତ୍ କୌର ନାମ୍ନୀ ୪୨ ବର୍ଷୀୟା ମହିଳାଙ୍କ ଭାଇ ଓ ଦଶମ ଶ୍ରେଣୀରେ ପଢୁଥିବା ପୁତୁରା ଜମି ବିବାଦକୁ ନେଇ ବୁଧବାର ଗୁଳି ଚଳାଇଥିଲେ। ଏଥିରେ ସୁମିତ୍ଙ୍କ ମୁଣ୍ଡରେ ୩ ଓ ମୁହଁରେ ଗୋଟିଏ ଗୁଳି ବାଜିଥିଲା। ସେହିପରି ତାଙ୍କ ମା' ସୁଖଜିନ୍ଦର (୬୫)ଙ୍କ ଗୋଡ଼ରେ ମଧ୍ୟ ଦୁଇଟି ଗୁଳି ବାଜିଥିଲା। ସୁଖଜିନ୍ଦରଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ସୁମିତ୍ ଗୁଳିବିଦ୍ଧ ଅବସ୍ଥାରେ ଗାଡ଼ି ଚଳାଇ ୭ କି.ମି. ଦୂରରେ ଥିବା ଥାନାରେ ପହଞ୍ଚିଥିଲେ। ପୋଲିସ ମାମଲା ରୁଜୁ କରିବା ପରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରିଥିଲା। ଡାକ୍ତର ତାଙ୍କ ମୁଣ୍ଡରୁ ୪ଟି ଗୁଳି କାଢ଼ିଥିଲେ। ଚିକିତ୍ସା ପରେ ସେ ବିପଦମୁକ୍ତ ଥିବା ଜଣାପଡ଼ିଛି।

# ପାଳଗଦାରୁ ଦରପୋଡ଼ା ମୃତଦେହ ଉଦ୍ଧାର

## ସୁନାପଲ୍ଲୀରେ ଯୁବକଙ୍କୁ ହତ୍ୟା

- ଜଣେ ଅଟକ, ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ

କବିସୂର୍ଯ୍ୟନଗର,୧୭।୧

ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଥାନା ସୁନାପଲ୍ଲୀ ଗ୍ରାମରେ ଜଣେ ଯୁବକଙ୍କୁ ହତ୍ୟା ପରେ ପାଳଗଦାରେ ପକାଇ ନିଆଁ ଲଗାଇ ଦିଆଯାଇଛି। ଶୁକ୍ରବାର ଅର୍ଦ୍ଧଦଗ୍ଧ ମୃତଦେହକୁ ପୋଲିସ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇଛି। ମୃତକ ହେଲେ ଉକ୍ତ ଥାନା ଆଠଗଡ଼ପାଟଣାର ସୁରେଶ ଦାସ ଓରଫ କାଳିଆ (୨୪)। ମୃତକଙ୍କ ଭାଇ ରବୀନ୍ଦ୍ରଙ୍କ ଏତଲାକୁ ଭିତ୍ତି କରି ସ୍ଥାନୀୟ ପୋଲିସ ନଂ. ୧୪/୨୦ରେ ମାମଲା ରୁଜୁ କରି ଜଣେ ଯୁବକଙ୍କୁ ଅଟକ ରଖି ପଚରାଉଚରା କରୁଛି। ଘଟଣାସ୍ଥଳରୁ ବ୍ୟାଗ, ହେଲ୍‌ମେଟ, ବାଇକ୍, ଡିଏଲ୍, ଏଟିଏମ୍ କାର୍ଡ ପୋଲିସ ଜବତ କରିଛି। ପ୍ରକାଶ ଯେ, କାଳିଆ ପୁରୀର ଏକ ହୋଟେଲ୍‌ରେ କାମ କରନ୍ତି। ଗୁରୁବାର ସନ୍ଧ୍ୟାରେ ସେ ବ୍ରହ୍ମପୁର ଯିବି ବୋଲି ଘରେ କହି ଅଶିନିପୁର ସାଙ୍ଗ ଘରକୁ ଯାଇଥିଲେ। ସେଠାରୁ ବାଇକ୍‌ରେ ଭାରତଲୀଳା ନାଟକ ଦେଖିବାକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ଶୁକ୍ରବାର ସକାଳେ ସୁନାପଲ୍ଲୀ ଗ୍ରାମ ଲାଲୁଘାଇ ନିକଟରେ ଥିବା ଏକ ପାଳଗଦାରେ ନିଆଁ ଲାଗିଥିବା ଲୋକେ ଦେଖିଥିଲେ। ନିଆଁରେ ଏକ ମୃତଦେହ ଜଳୁଥିବା ଦେଖି ସେମାନେ ପୋଲିସକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିବା ବେଳେ ପୋଲିସ ପହଞ୍ଚି ଯୁବକଙ୍କ ଦରପୋଡ଼ା ମୃତହେଦ ଉଦ୍ଧାର କରିଥିଲା। ମୃତକଙ୍କ ଦୁଇଟି ଗୋଡ଼ ଶରୀରରୁ ବିଚ୍ଛିନ୍ନ ହୋଇପଡ଼ିଥିବା ବେଳେ ଧାରୁଆ ଅସ୍ତ୍ରରେ ମୁଣ୍ଡର ୨/୩ ସ୍ଥାନରେ ହଣାଯାଇଥିବା ପୋଲିସ କହିଛି। ପ୍ରାଥମିକ ତଦନ୍ତରୁ ଏହି ଘଟଣା ଗୁରୁବାର ମଧ୍ୟରାତିରେ ଘଟିଥିବା ବେଳେ ପ୍ରଥମେ ହତ୍ୟା ତା' ପରେ ପ୍ରମାଣ ନଷ୍ଟ କରିବାକୁ ଯାଇ ମୃତଦେହ ପାଳଗଦାରେ ପକାଇ ପୋଡ଼ି ଦିଆଯାଇଥିବା ପୋଲିସ କହିଛି। ଘଟଣାସ୍ଥଳରେ କବିସୂର୍ଯ୍ୟନଗର ଏଏସ୍‌ଆଇ ସ୍ନେହା ମଞ୍ଜରୀ ସାହୁ ଓ ପ୍ରସନ୍ନ କୁମାର ପରିଡ଼ା, ବାଲିଛାଇ ଫାଣ୍ଡି ଅଧିକାରୀ ଉମା ଚରଣ ପ୍ରହରାଜ, ପୁରୁଷୋତ୍ତମପୁର ଏସ୍‌ଡିପିଓ ସୀମା ସ୍ୱାଇଁ, ପୋଲସରା ଆଇଆଇସି ଜିତେନ୍ଦ୍ର ମଳିକଙ୍କ ସହ ସାଇଣ୍ଟିଫିକ୍ ଟିମ ପହଞ୍ଚି ତଦନ୍ତ ଚଳାଇଛନ୍ତି। ହତ୍ୟା କାଣ୍ଡରେ ସମ୍ପୃକ୍ତ ଥିବା ସନ୍ଦେହରେ ପୋଲିସ ସୁନାପଲ୍ଲୀ ସ୍କୁଲ ନିକଟରୁ ଜଣଙ୍କୁ ଧରିବା ସହ ଅନ୍ୟ ଜଣେ ଫେରାର ଅଛନ୍ତି। ଶୀଘ୍ର ଅଭିଯୁକ୍ତଙ୍କୁ ଧରାଯିବ, ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଅଧିକ ଘଟଣା ସମ୍ପର୍କରେ ଜଣାପଡ଼ିବ ବୋଲି ତଦନ୍ତକାରୀ ଅଧିକାରୀ ଏଏସ୍‌ଆଇ ସାହୁ କହିଛନ୍ତି।

## ଜିଲା ଟିଠି

### ବୌଦ୍ଧ



# ମହୋତ୍ସବ ଋତୁ

ବୌଦ୍ଧ ଜିଲା ସଂସ୍କୃତିସମ୍ପନ୍ନ ଐତିହାସିକ, ଶାନ୍ତି, ପ୍ରୀତି ଓ ମୈତ୍ରୀର ପବିତ୍ର ମାଟି। ସେହି ଜିଲାରେ ବର୍ଷସାରା ମହୋତ୍ସବର ଋତୁ ଚାଲିଛି। ହରଭଙ୍ଗା ବ୍ଲକ ପୁରୁଣାକଟକରେ ମା' ଭୈରବୀ ମହୋତ୍ସବ, ବୀରନରସିଂହପୁରରେ ଗଡଜାତ ଲୋକ ମହୋତ୍ସବ, ବୌଦ୍ଧରେ ଜିଲା ମହୋତ୍ସବ ପାଳନ ହୋଇଥିବାବେଳେ ମାତ୍ର ଅଳ୍ପଦିନ ପୂର୍ବରୁ ପୁସ୍ତକମେଳା ମଧ୍ୟ ସମ୍ପନ୍ନ ହୋଇଛି। ସେହିପରି କଣ୍ଟାମାଳ ବ୍ଲକର ଖଟଖଟିଆରେ ଉଷତ ମହୋତ୍ସବ, ବ୍ରାହ୍ମଣୀରେ ବଉଳ ମହୋତ୍ସବ, ସିମିଳିପଦରରେ ମହକ ଉତ୍ସବ, କଣ୍ଟାମାଳରେ ଦୁଇ ଦୁଇଟି ମହୋତ୍ସବ, ଖୁଣ୍ଟିଗୋରାର ଖଡଙ୍ଗ ମହୋତ୍ସବ, ବିଳାସପୁରର ଲୋକ ମହୋତ୍ସବ ଓ ବାଉଁଶୁଣୀରେ ବାଉଁଶୁଣୀ ଲୋକ ମହୋତ୍ସବ ସାଙ୍ଗକୁ ରହିଛି ପଲଶାଗୋରାର ମୁରାସୁର ଦରବାର, କଲରାକୋଠାର ମହିଷାସୁର ଦରବାର, ମଲକିପଦର ଓ ଦପଲାର ଧନୁଯାତ୍ରା। ବୌଦ୍ଧ ସହରରେ ମଧ୍ୟ ଧନୁଯାତ୍ରା ଓ ରାମଲୀଳା ପର୍ବ ପାଳନ ହେଉଛି। ଏହାବ୍ୟତୀତ ବ୍ଲକର ପ୍ରସିଦ୍ଧ ଗନ୍ଧରାଢୀ ଶୈବପୀଠରେ ଗନ୍ଧରାଢୀ ମହୋତ୍ସବ ପାଇଁ ମଧ୍ୟ ପ୍ରସ୍ତୁତି ଆରମ୍ଭ ହୋଇଛି। ମହୋତ୍ସବ ଦ୍ୱାରା ସାରା ଜିଲାରେ ସଂସ୍କୃତି, ପରମ୍ପରା ଉଜ୍ଜୀବିତ ହେଉଛି। ମହୋତ୍ସବ ଫଳରେ ବ୍ୟବସାୟୀମାନେ ଭଲ ବେପାର କରିବା ସହ ଅଧିକ ଲାଭ ଉଠାଉଛନ୍ତି। ଏହାସହ ସାରା ଜିଲାରେ କଳାସୀ ଯାତ୍ରା, ଝାମୁଯାତ୍ରା, ଝୁଡାଖାଇ ଯାତ୍ରା, ଦଣ୍ଡଯାତ୍ରା ଅନୁଷ୍ଠିତ ହୋଇ ଆସୁଛି। ପଲଶାଗୋରା ଓ ପାତାଳୀ ଶ୍ରୀକ୍ଷେତ୍ର ନାୟକପଡାର ମକରମେଳା ଓ ଆମ୍ବଗହଣାର ରାହାସ ଯାତ୍ରା ମଧ୍ୟ ସମ୍ପନ୍ନ ହୋଇଛି। ଚଳିତ ବର୍ଷ ଜିଲା ମହୋତ୍ସବ ଖୁବ୍ ଧୁମଧାମରେ ପାଳନ ହୋଇଥିବା ବେଳେ ମହୋତ୍ସବ ସହ କୃଷି, ପର୍ଯ୍ୟଟନ ପର୍ବ, କ୍ରୀଡା ମହୋତ୍ସବ ପାଳନ ହୋଇଥିଲା। ଏହି ଗୌରବମୟ ମାଟିର ମହାନ୍ ପରମ୍ପରାକୁ ଜାବୁଡ଼ି ଧରିଥିବା କଳାକାରମାନଙ୍କ କଳାନୈପୁଣ୍ୟ ପ୍ରଦର୍ଶନ ପାଇଁ ସୁଯୋଗ ସୃଷ୍ଟି ହୋଇଥିଲା। ବୌଦ୍ଧ ଗଡଜାତର ରାଜାମାନେ କଳାପ୍ରିୟ ଓ ପ୍ରଜାବତ୍ସଳ। ସେହି ସମୟରୁ ବିକାଶ ପ୍ରଦର୍ଶନୀ ସହ ବିଭିନ୍ନ ଗ୍ରାମରେ ଯାନିଯାତ୍ରାର ପରିବେଶ ସୃଷ୍ଟି ହୋଇଥିଲା, ଯାହାକି ବର୍ତ୍ତମାନ ପର୍ଯ୍ୟନ୍ତ ପାରମ୍ପରିକ ଭାବେ ଲୋକମାନଙ୍କ ଦ୍ୱାରା ପାଳନ ହୋଇଆସିଛି। ଖାଲି ଏତିକି ନୁହେଁ, ଏହି ଜିଲାରେ ରଥଯାତ୍ରା ଓ ବାହୁଡ଼ାଯାତ୍ରା ପାଳନ ମଧ୍ୟ ସମ୍ପୂର୍ଣ୍ଣ ନିଆରା। ବୌଦ୍ଧ ସହରରେ ମୁଖ୍ୟ ରଥଯାତ୍ରା ପାଳିତ ହେଉଥିବାବେଳେ ରାଜାଙ୍କ ଆଦେଶକ୍ରମେ ଆବହମାନ କାଳରୁ ଗ୍ରାମାଞ୍ଚଳବାସୀ ରଥଯାତ୍ରା ଓ ବାହୁଡ଼ାଯାତ୍ରା ଗୋଟିଏ ଦିନ ପରେ ପାଳନ କରିଥାନ୍ତି। ତେଣୁ ବୌଦ୍ଧର ଗରିମାମୟ ଐତିହ୍ୟର ମୂକସାକ୍ଷୀ ଭାବେ ଏହି ଯାନିଯାତ୍ରାର ପରମ୍ପରା ଚିରକାଳ ବଞ୍ଚି ରହୁ ଓ ଜିଲାର କଳାକାରମାନେ ଦେଶ ବିଦେଶରେ ସୁନାମ ଅର୍ଜନ କରି ମାଟିର ପରିଚୟ ସୃଷ୍ଟି କରନ୍ତୁ ଏହାହିଁ ସମସ୍ତଙ୍କ କାମନା। – **ଅଜିତ୍ କୁମାର ବାରିକ**







# ଦୁର୍ଘଟଣାରେ ହାଉସ୍ ସର୍ଜନ ମୃତ

ସମ୍ବଲପୁର,୧୭।୧(ବ୍ୟୁରୋ): ଟ୍ରକ ପଛରେ ଏକ ବାଇକ୍ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହେବାରୁ ଜଣେ ହାଉସ୍ ସର୍ଜନଙ୍କ ମୃତ୍ୟୁ ଘଟିଛି। ତାଙ୍କ ନାମ ଆଶିଷ ଅଗ୍ରୱାଲ। ସମ୍ବଲପୁର ବୁର୍ଲାସ୍ଥିତ ଭିମ୍‌ସାରର ହାଉସ ସର୍ଜନ ଆଶିଷ ଶୁକ୍ରବାର ନିଜ ବାଇକ୍‌ରେ ଆସୁଥିଲେ। ଅଇଁଠାପାଲି ଥାନା ପାଞ୍ଚଗୋଛିଆ ଛକରେ ଛିଡା ହୋଇଥିବା ଏକ ଟ୍ରକ୍ ପଛରେ ତାଙ୍କ ବାଇକ୍‌ଟି ଭାରସାମ୍ୟ ହରାଇ ପିଟି ହେବାରୁ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଜମନକିରା ଥାନା ଭୋଇପୁର ଗ୍ରାମର ଆଶିଷଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ଅଇଁଠାପାଲି ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି।

**ପୂର୍ବ ତଟ ରେଳପଥ**

**ଖୋର୍ଦ୍ଧା ରୋଡ଼ ରେଳ ଷ୍ଟେସନ ଠାରେ "Pay & Use" ଶୌଚାଳୟର ପରିଚାଳନା ଏବଂ ରକ୍ଷଣାବେକ୍ଷଣ**

ସଂ.SDCM/KUR/Pay & Use Toilet/KUR/e-tender/2020, ତା.09.01.2020ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ଼ ରେଳ ଷ୍ଟେସନ ଠାରେ "ପେ ଆଣ୍ଡ ୟୁଜ୍"(Pay & Use) ଶୌଚାଳୟଗୁଡ଼ିକର ପରିଚାଳନା ଏବଂ ରକ୍ଷଣାବେକ୍ଷଣ। ଶୌଚାଳୟ-04(ଚାରି) ଗୋଟି, ଗାଧୋଇବା ସୁବିଧା-02(ଦୁଇ) ଗୋଟି ଏବଂ ପରିସ୍ରାଗାର 04(ଚାରି) ଗୋଟି।

**05(ପାଞ୍ଚ)ବର୍ଷ ପାଇଁ ମୋଟ ସଂରକ୍ଷଣ ମୂଲ୍ୟ (ଟଙ୍କାରେ):** 12,27,100/-, EMD(ଟଙ୍କାରେ): 1,22,700/-, ଟେଣ୍ଡର ନଥିପତ୍ରର ମୂଲ୍ୟ (GST @ 18% ସହିତ) (ଟଙ୍କାରେ) : 2,360/-। ଶେଷ ହେବା ଅବଧି : 05 ବର୍ଷ।

**ଟେଣ୍ଡର ଖୋଲାଯିବା ତାରିଖ ଓ ସମୟ :** ତା.19.02.2020 ରିଖ 1600 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ଦଶ ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ(ବାଣିଜ୍ୟ), ଖୋର୍ଦ୍ଧା ରୋଡ଼

PR-657/K/19-20

**ପୂର୍ବ ତଟ ରେଳପଥ**

**ଦୁଲାଖାପାଟଣା ପାସେଞ୍ଜର ହଲ୍ଟ ନିମନ୍ତେ ପାସେଞ୍ଜର ହଲ୍ଟ ଏଜେଣ୍ଟ ନିଯୁକ୍ତି ପାଇଁ ଅଧିସୂଚନା**

ସଂ. G.51/P.H/Halt Agent/DLPT ତା. 10.01.2020 ରିଖ

ଖୋର୍ଦ୍ଧା ରୋଡ଼ ମଣ୍ଡଳ ଅଧିକାର କ୍ଷେତ୍ର ଅଧିନରେ ଦୁଲାଖାପାଟଣା ପାସେଞ୍ଜର ହଲ୍ଟ (ମଞ୍ଜୁରି ରୋଡ଼-ବୈତରଣୀ ରୋଡ଼ ମଧ୍ୟରେ) ଠାରେ ଟିକଟ ବିକ୍ରୟ ନିମନ୍ତେ ହଲ୍ଟ ଏଜେଣ୍ଟ ଭାବେ ନିଯୁକ୍ତି ପାଇଁ ଇଚ୍ଛୁକ ଆବେଦନକାରୀଙ୍କ ଠାରୁ ଦରଖାସ୍ତ ଆମନ୍ତ୍ରଣ କରାଯାଉଛି।

ହଲ୍ଟ ଏଜେଣ୍ଟଙ୍କୁ ପ୍ରଦାନଯୋଗ୍ୟ କମିଶନ୍ ନିମ୍ନପ୍ରକାର କରାଯିବ :

ମାସିକ ଟିକଟ ବିକ୍ରୟ ପରିମାଣ ଏବଂ ଦେୟ କମିଶନ୍ : ଟ. 1-15,000/-: 15%, ଟ. 15,001-50,000/-: 12%, ଟ.50,001–1,00,000/-:9%, ଟ.1,00,001–2,00,000/-:6%, ଟ.2,00,001 ଏବଂ ତଦୁର୍ଦ୍ଧ୍ୱ : 3%

ସୁରକ୍ଷା ଜମା ରାଶି: ଟ. 2,500/- (ସୁରକ୍ଷା ଜମା ବାବଦକୁ ଟ. 2,000/- + ରେଳବାଇ ସାମଗ୍ରୀ ମୂଲ୍ୟର 50% ବାବଦକୁ ଟ. 500/-)।

କିପରି ଆବେଦନ କରିବେ: ଆବଶ୍ୟକ ନଥିପତ୍ର ସହିତ ପ୍ରାର୍ଥୀମାନେ ଉପରୋକ୍ତ ପାସେଞ୍ଜର ହଲ୍ଟ ନିମନ୍ତେ ଫର୍ମାଟ୍ ଅନୁଯାୟୀ ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ପୂର୍ବ ତଟ ରେଳପଥ, ଖୋର୍ଦ୍ଧା ରୋଡ଼, ପୋଷ୍ଟ-ଜଟଣୀ, ଜିଲ୍ଲା-ଖୋର୍ଦ୍ଧା, ପିନ୍-752050 ଙ୍କ ଠିକଣାରେ ଆବେଦନ କରିପାରିବେ ଏବଂ କାର୍ଯ୍ୟାଳୟରେ ଏହି ଉଦ୍ଦେଶ୍ୟରେ ରଖାଯାଇଥିବା ବାକ୍ସରେ ଯେକୌଣସି କାର୍ଯ୍ୟ ଦିବସରେ ଏବଂ ଅନ୍ତିମ ତାରିଖ ପୂର୍ବରୁ ଦାଖଲ କରିପାରିବେ। ଡାକ ସେବା କିମ୍ବା କୌଣସି ଅନ୍ୟାନ୍ୟ ସେବା ମାଧ୍ୟମରେ ଆସିଥିବା ଆବେଦନପତ୍ରଗୁଡ଼ିକୁ ଗ୍ରହଣ କରାଯିବ ନାହିଁ।

ଉପଯୁକ୍ତ ଭାବେ ପୂରଣ କରାଯାଇଥିବା ଦରଖାସ୍ତଗୁଡ଼ିକୁ ଏହି କାର୍ଯ୍ୟାଳୟରେ ତା.06.02.2020 ରିଖ (ଗୁରୁବାର) 1500 ଘଟିକା କିମ୍ବା ତା ପୂର୍ବରୁ ପହଞ୍ଚିବା ଆବଶ୍ୟକ ଏବଂ ସେହିଦିନ 1530 ଘଟିକାରେ ଖୋଲାଯିବ। ଯଦି ଅନ୍ତିମ ଦିବସ ଅର୍ଥାତ୍ ତା. 06.02.2020 ରିଖ ଦିନ ଛୁଟି ଦିବସ ରୂପେ ଘୋଷିତ ହୁଏ, ତେବେ ଦରଖାସ୍ତଗୁଡ଼ିକ ପରବର୍ତ୍ତୀ କାର୍ଯ୍ୟ ଦିବସର ସେହି ସମୟ ପର୍ଯ୍ୟନ୍ତ ଗ୍ରହଣ କରାଯିବ।

ନିର୍ଦ୍ଧାରିତ ତାରିଖ ଓ ସମୟ ପରେ ପ୍ରାପ୍ତ ଆବେଦନ କୌଣସି ପରିସ୍ଥିତିରେ ବିଚାରକୁ ନିଆଯିବନାହିଁ। ଆବେଦନପତ୍ରଗୁଡ଼ିକ ଯାଞ୍ଚ ହେବା ପରେ, ଯଦି ଆବଶ୍ୟକ ପଡ଼େ, ତେବେ ଆଶାୟୀମାନଙ୍କୁ ଚୟନ କମିଟି ସମ୍ମୁଖରେ ଉପସ୍ଥିତ ହେବା ତାରିଖ ବିଷୟରେ ସୂଚିତ କରିଦିଆଯିବ।

ରେଳବାଇ ପ୍ରଶାସନ ଯେକୌଣସି ଦରଖାସ୍ତକୁ କୌଣସି କାରଣ ନ ଦର୍ଶାଇ ଗ୍ରହଣ କିମ୍ବା ଖାରଜ କରିବାର ଅଧିକାର ନିଜ ପାଖରେ ସୁରକ୍ଷିତ ରଖିଛନ୍ତି।

ସବିଶେଷ ବିବରଣୀ, ନିୟମ ଏବଂ ସର୍ତ୍ତାବଳୀ ତଥା ଦରଖାସ୍ତ ଫର୍ମାଟ୍ ପାଇଁ ୱେବ୍‌ସାଇଟ୍ www.eastcoastrail.indianrailways.gov.in ଅବଲୋକନ କରନ୍ତୁ।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ଖୋର୍ଦ୍ଧା ରୋଡ଼

PR-654/K/19-20



ଧନ ମନୁଷ୍ୟକୁ ସନ୍ତୋଷ ଦେଇପାରେ ନାହିଁ।
-ଶଙ୍କରାଚାର୍ଯ୍ୟ



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ୟୁନିଟ-୮ସ୍ଥିତ ଷ୍ଟିୱାର୍ଟ ସ୍କୁଲର କଲଚ୍‌ରଲ ଫେଷ୍ଟ, ସ୍କୁଲ ପରିସର, ସକାଳ ୯ଟା ୩୦। ବାର୍ଷିକ ପୁରସ୍କାର ବିତରଣ ଉତ୍ସବ, ଅପରାହ୍ନ ୫ଟା ୩୦।
- ମହିଳା ଓ ଶିଶୁ ବିକାଶ ବିକାଶ ବିଭାଗ ପକ୍ଷରୁ ଶିଶୁ ସଚେତନତା କାର୍ଯ୍ୟକ୍ରମ, ରୁଚିକା ହାଇସ୍କୁଲ ଖେଳପଡ଼ିଆ, ଗଙ୍ଗା ନଗର, ୟୁନିଟ-୬, ସକାଳ ୯ଟା ୩୦।
- ନବୋଦୟ ଆଲୁମିନ ଆସୋସିଏଶନ ଅଫ୍ ଓଡ଼ିଶାର ବାର୍ଷିକ ସମ୍ମିଳନୀ, ରେଲୱେ ଅଡିଟୋରିୟମ, ପୂର୍ବାହ୍ନ ୧୦ଟା।
- ସୋହମସ୍ମି ସେଣ୍ଟର ଫର୍ ପରଫର୍ମିଂ ଆର୍ଟସ୍ ପକ୍ଷରୁ ନୃତ୍ୟ କାର୍ଯ୍ୟକ୍ରମ, ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର, ପୂର୍ବାହ୍ନ ୧୧ଟା।
- ଫଟୋଗ୍ରାଫୀ ପ୍ରଦର୍ଶନୀ, ଲଳିତ କଳା ଏକାଡେମୀ, ରିଜିଓନାଲ ସେଣ୍ଟର, ପୂର୍ବାହ୍ନ ୧୧ଟା।
- ବ୍ରାଇଟ ଆଇସ୍ ପ୍ଲେ ସ୍କୁଲର ୧୦ମ ବାର୍ଷିକ ଉତ୍ସବ, ଆମ୍ପି ଥିଏଟର, ଏକାମ୍ର ହାଟ, ୟୁନିଟ-୩, ଅପରାହ୍ନ ୫ଟା ୩୦।
- ଶିଶୁପାଳଗଡ଼ ମହୋତ୍ସବ, ଦଶହରା ପଡ଼ିଆ, ସନ୍ଧ୍ୟା ୬ଟା।
- ଓମ ସାଇ ଆଦିନ ପକ୍ଷରୁ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶନ, ଗୀତଗୋବିନ୍ଦ ସଦନ, ସନ୍ଧ୍ୟା ୬ଟା ୩୦।

**ବାଲିଅନ୍ତା**

- ମହାରଥା ବିଦ୍ୟାପୀଠରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା, ନହରକଣ୍ଟା, କୁଆଖାଇ ନଦୀପଠା ପଡ଼ିଆ, ସକାଳ ୮ଟା।
- ବାର୍ଷିକ ପୁରସ୍କାର ବିତରଣ ଉତ୍ସବ, ବାଲିଅନ୍ତା ଉଚ୍ଚ ବିଦ୍ୟାଳୟ, ଅପରାହ୍ନ ୨ଟା ୩୦।
- ସରସ୍ୱତୀ ଶିକ୍ଷା ମନ୍ଦିରର ୧୭ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର ପୁରସ୍କାର ବିତରଣ ଉତ୍ସବ, ନହରକଣ୍ଟା କଲେଜ ଖେଳ ପଡ଼ିଆ, ଅପରାହ୍ନ ୩ଟା।
- ଶୁଭଶ୍ରୀ କଳା ବିକାଶ କେନ୍ଦ୍ରର ୮ମ ବାର୍ଷିକ ଉତ୍ସବ ପାଳନ, ହଂସପାଳ, ସନ୍ଧ୍ୟା ୬ଟା।

# ମଦ ପାଇଁ ୮୫ ବର୍ଷର ମା', ଭଉଣୀଙ୍କୁ ହାଣିଲେ

**ଭୁବନେଶ୍ୱର,୧୭।୧(ବ୍ୟୁରୋ)**

**ନିର୍ଦ୍ଦୟ ପୁଅ**
- ସ୍ଥାନୀୟ ଯୁବକଙ୍କ ଦ୍ୱାରା ହସ୍ପିଟାଲେ ଭର୍ତ୍ତି
- ସହଯୋଗ କଲେନି ଡାକ୍ତର, କର୍ମଚାରୀ
- ଫାଣ୍ଡି ପୋଲିସର ହସ୍ତକ୍ଷେପ ପରେ ଆଡ୍‌ମିଶନ ହେଲା

ମଦ ପାଇଁ ଅନ୍ଧ ପାଲଟିଲେ ନିର୍ଦ୍ଦୟ ପୁଅ। ୮୫ ବର୍ଷର ବୃଦ୍ଧ ମା' ଓ ୬୮ ବର୍ଷର ଭଉଣୀଙ୍କୁ ଗୋଡାଇ ଗୋଡାଇ ହାଣିଲେ। ଯନ୍ତ୍ରଣାରେ ଛଟପଟ ହେଉଥିଲେ ମଧ୍ୟ ସେମାନଙ୍କୁ ଡାକ୍ତରଖାନାକୁ ନେବାକୁ କେହି ନ ଥିଲେ। ଏୟାରଫିଲ୍ଡ ଥାନା ଅନ୍ତର୍ଗତ ସୁନ୍ଦରପଦା ଗୋଖିବାବା ମନ୍ଦିର ନିକଟରେ ଘଟିଛି ଏହି ହୃଦୟବିଦାରକ ଘଟଣା। ଘର ଭିତରେ ବହୁ ସମୟ ପଡ଼ି ରହିବା ପରେ ସ୍ଥାନୀୟ ଯୁବକମାନେ ଗୁରୁତର ଆହତ ଅବସ୍ଥାରେ ସେମାନଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ହେଲେ ସେମାନଙ୍କ ପାଖରେ ନିଜର ଲୋକ ନ ଥିବାରୁ ଡାକ୍ତର ଓ କର୍ମଚାରୀ ସହଯୋଗ କରି ନ ଥିଲେ। ପ୍ରାଥମିକ ଚିକିତ୍ସା କରି ମେଡିସିନ ଲେଖି ଘରକୁ ନେଇଯିବାକୁ କହିଥିଲେ। ଆଡ୍‌ମିଶନ କରନ୍ତୁ, କାଲିଠାରୁ ପାଳିକରି ଆହତଙ୍କ ପାଖରେ ରହିବେ ବୋଲି ଯୁବକମାନେ କହିଥିଲେ ମଧ୍ୟ ଡାକ୍ତର କିମ୍ବା କର୍ମଚାରୀ କିଛି ଶୁଣି ନ ଥିଲେ। କ୍ଷତ ସ୍ଥାନରୁ ପ୍ରଚୁର ରକ୍ତସ୍ରାବ ହେଉଥିଲା। ଏପରି ଅବସ୍ଥା ଦେଖି ଯୁବକମାନେ ହୋହଲ୍ଲା କରିଥିଲେ। ଉତ୍ତେଜନା ପ୍ରକାଶ ପାଇବାରୁ ହସ୍ପିଟାଲ ଫାଣ୍ଡି ପୋଲିସର ହସ୍ତକ୍ଷେପ ପରେ ଆଡ୍‌ମିଶନ କରାଯାଇଥିଲା।

ଆହତ ଦ୍ୱୟ ହେଲେ କାଳୀ ନାୟକ ଓ ଝିଅ ରୁକ୍ମିଣୀ। ଅଭିଯୋଗ ଅନୁସାରେ, ସେମାନେ ପୁଅ ସହ ସୁନ୍ଦରପଦାରେ ରୁହନ୍ତି। ବିବାହିତ ପୁଅ ନିଶାଖାଇ ପ୍ରତିଦିନ ପରିବାର ସଦସ୍ୟଙ୍କୁ ମାର୍‌ପିଟ୍ କରନ୍ତି। ଏଥିଯୋଗୁ ତାଙ୍କ ସ୍ତ୍ରୀ ଘରଛାଡ଼ି ବାପଘରକୁ ପଳାଇଛନ୍ତି। ଶୁକ୍ରବାର ମଧ୍ୟାହ୍ନରେ ପୁଅ ନିଶାସକ୍ତ ଅବସ୍ଥାରେ ଘରକୁ ଫେରିଥିଲେ। ମଦ ପିଇବା ପାଇଁ ମା' ଓ ଭଉଣୀଙ୍କୁ ଟଙ୍କା ମାଗିଥିଲେ। ପରିବାର ଅତ୍ୟନ୍ତ ଗରିବ। ଘରେ ଟଙ୍କା ନ ଥିବାରୁ ବୃଦ୍ଧା ମା' ଓ ଭଉଣୀ ମନା କରିଥିଲେ। ଟଙ୍କା ନ ମିଳିବାରୁ ପୁଅ ଏକ କଟୁରି ଆଣି ଉଭୟଙ୍କୁ ଗୋଡ଼ାଇ ହାଣିଥିଲେ। ସେମାନେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡିଥିବାବେଳେ ଅଭିଯୁକ୍ତ ପୁଅ ଫେରାର ହେବାକୁ ଉଦ୍ୟମ କରିଥିଲେ। ଚିତ୍କାର ଶୁଣି ପଡୋଶୀ ଓ ସ୍ଥାନୀୟ ଯୁବକମାନେ ପହଞ୍ଚି ଅଭିଯୁକ୍ତଙ୍କୁ କାବୁ କରି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚିବାରେ ବିଳମ୍ବ ହେବାରୁ ଆହତ ଦ୍ୱୟଙ୍କୁ ଯୁବକମାନେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ପରେ ପିସିଆର୍ ପୋଲିସ ପହଞ୍ଚି ଅଭିଯୁକ୍ତ ପୁଅକୁ ଥାନାକୁ ନେଇଥିଲା।

ଏନେଇ ଥାନା ଅଧିକାରୀ ଜ୍ଞାନେନ୍ଦ୍ର କୁମାର ସାହୁ କହିଛନ୍ତି ଯେ, ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରାଯାଉଛି। ଘଟଣା ସଂକ୍ରାନ୍ତରେ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବାରୁ ମାମଲା ରୁଜୁ କରାଯାଇ ନାହିଁ। ସ୍ଥାନୀୟ ଚୌକିଦାରଙ୍କୁ ରିପୋର୍ଟ ଦେବାକୁ କୁହାଯାଇଛି ବୋଲି ସାହୁ ସୂଚନା ଦେଇଛନ୍ତି।



ଆକ୍ରମଣରେ ଆହତ ହୋଇଥିବା ଡାକ୍ତରଖାନାରେ ଥିବା ମା ଓ ଭଉଣୀ।

# ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଉଛନ୍ତି ଅଧିକାଂଶ ଯୁବପିଢ଼ି

**ଭୁବନେଶ୍ୱର,୧୭।୧(ବ୍ୟୁରୋ)**

ଦେଶରେ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁହାର କ୍ରମଶଃ ବଢ଼ିବାରେ ଲାଗିଛି, ଯେଉଁମାନଙ୍କ ମଧ୍ୟରେ ସର୍ବାଧିକ ୧୮ ରୁ ୩୫ ବର୍ଷର ବୟସ୍କ ବ୍ୟକ୍ତି ରହୁଛନ୍ତି। ଏହାକୁ ନେଇ ବିଶେଷଜ୍ଞମାନେ ଏବେ ଚିନ୍ତାପ୍ରକଟ କରୁଥିବାବେଳେ ବେପରୁଆ ଗାଡ଼ିଚାଳନା, ଖରାପ ରାସ୍ତା ଏବଂ ବିଶେଷକରି ମାଦକ ଦ୍ରବ୍ୟ ସେବନକରି ଗାଡ଼ିଚାଳନା ଏହାର ପ୍ରମୁଖ କାରଣ ହେଉଛି। ଏହାଦ୍ୱାରା ଅନେକ ମୂଲ୍ୟବାନ ଜୀବନ ଦୀପ ଅକାଳରେ ଲିଭିଯିବା ସହିତ ବହୁ ଧନ ସମ୍ପତ୍ତି ନଷ୍ଟ ହେଉଥିବା ଜିକିତ୍ସା ହେଲଥ୍ କେୟାର ଲିମିଟେଡ୍ ଓଡ଼ିଶା ମୁଖ୍ୟ ସବ୍ୟସାଚୀ ବିଶ୍ୱାଳ କହିଛନ୍ତି। ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ଶୁକ୍ରବାର ଜିକିତ୍ସା ହେଲଥ୍ କେୟାର ଲିଃ. ପକ୍ଷରୁ ରାମ ମନ୍ଦିର ଛକଠାରେ ଆୟୋଜିତ ସଡ଼କ ସୁରକ୍ଷା ସଚେତନତା ଅଭିଯାନରେ ଯୋଗଦେଇ ବିଶ୍ୱାଳ କହିଥିଲେ, ଆମ ରାଜ୍ୟରେ ସଡ଼କ ଦୁର୍ଘଟଣା ଜନିତ ମୃତ୍ୟୁହାର କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି। ଟ୍ରାଫିକ୍ ନିୟମ ଉଲ୍ଲଂଘନ, ଗାଡ଼ିଚାଳନା ସମୟରେ ମୋବାଇଲରେ କଥା ହେବା ଆଦି ଯୋଗୁ ସଡ଼କ ଦୁର୍ଘଟଣା ଘଟୁଛି। ଲୋକମାନଙ୍କୁ ଏନେଇ ସଚେତନ କରିବାକୁ ଜରୁରିକାଳୀନ ସେବା ଯୋଗାଇ ଆସୁଥିବା ୧୦୮ ଏବଂ ୧୦୨ ଆମ୍ବୁଲାନ୍ସ ପରିଚାଳନା କରୁଥିବା ସଂସ୍ଥା ଜିକିତ୍ସା ହେଲଥ୍ କେୟାର ପକ୍ଷରୁ ପଦକ୍ଷେପ ନିଆଯାଇଛି ବୋଲି ସେ କହିଥିଲେ। ଏହି ଅବସରରେ ଜିକିତ୍ସାର କର୍ମଚାରୀମାନେ ପଥଚାରୀଙ୍କୁ ସଡ଼କ ସୁରକ୍ଷା ସମ୍ପର୍କରେ ସଚେତନ କରିଥିଲେ।

# ଜୟଦେବ ପୀଠ ପରିସରରେ ସମୂହ ସଫେଇ



'ଆମ ସଂଗଠନ'ର କର୍ମକର୍ତ୍ତାମାନେ ଜୟଦେବ ପୀଠ ପରିସରକୁ ସଫେଇ କରୁଛନ୍ତି।

**ବାଲିଅନ୍ତା,୧୭।୧(ଡି.ଏନ.ଏ)**

ବାଲିଅନ୍ତା ବ୍ଲକ ଅଧୀନ କେନ୍ଦୁଲିସ୍ଥିତ ଜୟଦେବ ପୀଠ ପରିସରରେ ଶୁକ୍ରବାର ଏକ ସମୂହ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ୱେଚ୍ଛାସେବୀ ସଙ୍ଗଠନ 'ଆମ ସଂଗଠନ'ର ଆହ୍ୱାନରେ ଆୟୋଜିତ କାର୍ଯ୍ୟକ୍ରମରେ ୧ହଜାରରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ଯୋଗଦେଇଥିଲେ। ଗତ ବାତ୍ୟା ଫନୀରୁ ଏହି ପୀଠରେ ଥିବା ଗଛ, ମୂର୍ତ୍ତି ଭାଙ୍ଗି ନଷ୍ଟ ହୋଇଯାଇଥିବାବେଳେ ଏଯାବତ ଉଠାଯାଇ ନଥିବାରୁ ପରିସର ସମ୍ପୂର୍ଣ୍ଣ ଜଙ୍ଗଲମୟ ହୋଇଯାଇଥିଲା। ଏ ନେଇ ଶୁକ୍ରବାର ଧରିତ୍ରୀରେ ଖବର ପ୍ରକାଶ ପାଇବାପରେ ଏହି ସଂଗଠନ ଆଗେଇ ଆସିଥିଲେ। ସାମାଜିକ କର୍ମୀ କମଳ କୁମାର ପାତ୍ରଙ୍କ ନେତୃତ୍ୱରେ ସଫେଇ ହୋଇଥିଲା। ଏଥିରେ ଉଭୟ ବାଲିଅନ୍ତା ଓ ବାଲିପାଟଣା ବ୍ଲକର ବହୁ ନିର୍ବାଚିତ ଲୋକ ପ୍ରତିନିଧି ଓ ଆମ ସଂଗଠନର କର୍ମକର୍ତ୍ତା ଯୋଗଦେଇଥିଲେ। ଏହି ପୀଠକୁ ସମ୍ପୂର୍ଣ୍ଣ ସଫାସୁତରା ପାଇଁ ସଂଗଠନ ସଂକଳ୍ପ ନେଇଛି। ଆଗାମୀ ଦିନରେ ପୀଠର ଅବସ୍ଥା ନ ସୁଧୁରିବା ପର୍ଯ୍ୟନ୍ତ ଏହି ସଫେଇ ଅଭିଯାନ ଚାଲୁରହିବ ବୋଲି ପାତ୍ର କହିଥିଲେ।

## ଛାତ୍ରୀଙ୍କୁ ଅସଦାଚରଣ: ଫେରାର ଯୁବକ ଗିରଫ

**ଭୁବନେଶ୍ୱର,୧୭।୧(ବ୍ୟୁରୋ):** ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ରାସ୍ତାରେ ଅସଦାଚରଣ କରି ଫେରାର ଥିବା ଅଭିଯୁକ୍ତଙ୍କୁ ପୋଲିସ ଶୁକ୍ରବାର ଗିରଫ କରିଛି। ସେ ହେଲେ ପୁରୀ ଜିଲା କୁମ୍ଭାରପଡା ଥାନା ଅଞ୍ଚଳର ଶାନ୍ତନୁ ରାଉତ(୨୫)। ଶାନ୍ତନୁ ଖଣ୍ଡଗିରି ଥାନା ଅନ୍ତର୍ଗତ ନୂଆଗାଁ ଅଞ୍ଚଳରେ ରହୁଥିବାବେଳେ ଚନ୍ଦ୍ରଶେଖରପୁର ଥାନାଞ୍ଚଳରେ ରହୁଥିବା ଜଣେ ନାବାଳିକାଙ୍କୁ ଏକତରଫା ପ୍ରେମ କରୁଥିଲେ। ନାବାଳିକା ଜଣକ ସ୍କୁଲ୍ ଓ ଟ୍ୟୁଶନକୁ ଯିବା ଆସିବାବେଳେ ସେ ତାଙ୍କୁ ପିଛା କରୁଥିଲେ। ଅକ୍ଟୋବର ୧୮ରେ ନାବାଳିକା ଜଣକ ସ୍କୁଲରୁ ଘରକୁ ଫେରୁଥିବାବେଳେ ଅଭିଯୁକ୍ତ ଶାନ୍ତନୁ ରେଲ୍‌କୁଞ୍ଜ ନିକଟରେ ତାଙ୍କୁ ଟଣାଓଟଣା କରିବା ସହ ଅସଦାଚାରଣ କରିଥିଲେ। ଅଭିଯୋଗ ପରେ ପୋଲିସ ୪୦୧/୧୯ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତ ଶାନ୍ତନୁଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ବିଚାର ବିଭାଗୀୟ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।





ଉତ୍କଳ ରଙ୍ଗମଞ୍ଚଠାରେ କଣ୍ଠଶିଳ୍ପୀମାନେ ସଙ୍ଗୀତ ପରିବେଷଣ କରୁଛନ୍ତି।

# ଓଡ଼ିଶୀ ସଙ୍ଗୀତ ଆସର...

**ଭୁବନେଶ୍ୱର,୧୭।୧(ବ୍ୟୁରୋ)**

ଓଡ଼ିଶୀ ସଙ୍ଗୀତର ପ୍ରଚାର ପ୍ରସାର ପାଇଁ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପକ୍ଷରୁ ଶୁକ୍ରବାର ଉତ୍କଳ ରଙ୍ଗମଞ୍ଚ ପରିସରରେ ଓଡ଼ିଶୀ ଆସର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶୀ ସଙ୍ଗୀତକୁ ନେଇ ଆୟୋଜିତ ଏହି ଉତ୍ସବ ରାଗ ବଜ୍ରକାନ୍ତି ପରିବେଷଣରୁ ଆରମ୍ଭ ହୋଇଥିଲା। କଣ୍ଠଶିଳ୍ପୀ ମାତୃପ୍ରସାଦ ଦାସଙ୍କ ଦ୍ୱାରା ପରିବେଷିତ ଏହି ସଙ୍ଗୀତ ଉପସ୍ଥିତ ଶ୍ରୋତାଙ୍କୁ ବେଶ୍ କିଛି ସମୟ ଧରି ବାନ୍ଧି ରଖିଥିଲା। ଏହାପରେ କବିସୂର୍ଯ୍ୟ ବଳଦେବ ରଥଙ୍କ 'ଗ' ଚମ୍ପୂ ଏବଂ 'ଛାଡ଼ି ଦିଅ ମନୁ ଚିନ୍ତା ହେ...' ପରିବେଷିତ ହୋଇଥିଲା। ତେବେ ସନ୍ଧ୍ୟାର ବିଶେଷ ଆକର୍ଷଣ ଥିଲା ଅଷ୍ଟ୍ରେଲିଆର ସୋହମ ଅସ୍ମି ଗ୍ରୁପ୍ ପକ୍ଷରୁ ରାଗ କଲ୍ୟାଣରେ ପରିବେଷିତ 'ଚାହାଁ ନୟନ'। ତାଙ୍କର ଦ୍ୱିତୀୟ ପ୍ରସ୍ତୁତିରେ ରାଗ ଗୌଡାରେ 'ଚାହାଁ ସହିରେ..' ପରିବେଷିତ ହୋଇଥିଲା। ଏହାପରେ ଆଦିତାଳରେ ଅରୂପ ଦାସ ଓ ମୁରଲୀଧର ସ୍ୱାଇଁ ଚିତ୍ତାକର୍ଷକ ମର୍ଦ୍ଦଳ ବାଦନ କରିଥିଲେ। ଶେଷ ପ୍ରସ୍ତୁତିରେ ଗୀତା ଦାସ ଓଡ଼ିଶୀ ସଙ୍ଗୀତ ଗାନ କରିଥିଲେ। ସନ୍ଧ୍ୟାରେ ଅତିଥିଭାବେ ପୂର୍ବତନ ରାଷ୍ଟ୍ରଦୂତ ଲଳିତ ମାନସିଂହ, ପ୍ରଫେସର ଗୁରୁ ରାମହରି ଦାସ ଓ ଓଡ଼ିଶୀ ଗବେଷଣା କେନ୍ଦ୍ରର ମୁଖ୍ୟ କାର୍ଯ୍ୟନିର୍ବାହୀ ଡ. ସଙ୍ଗୀତା ଗୋସାଇଁ ଯୋଗଦେଇଥିଲେ। ଗୁରୁ ସଚ୍ଚିଦାନନ୍ଦ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କଂଗ୍ରେସରେ ଯୋଗଦେଲେ ବହୁ ମହିଳା ଓ ଯୁବକ

**ଭୁବନେଶ୍ୱର,୧୭।୧(ବ୍ୟୁରୋ)**

ଭୁବନେଶ୍ୱରର ମହାନଗର ନିଗମ ଅନ୍ତର୍ଗତ ସତ୍ୟନଗର, ଖାରବେଳ ନଗର, ସହିଦ ନଗର, ୟୁନିଟ-୭, ୟୁନିଟ-୯, ୟୁନିଟ-୪ ଏବଂ ୟୁନିଟ-୩ ଅଞ୍ଚଳର ବିଭିନ୍ନ ୱାର୍ଡର ଶତାଧିକ ମହିଳା ଏବଂ ଯୁବକ ଶୁକ୍ରବାର କଂଗ୍ରେସରେ ଯୋଗ ଦେଇଛନ୍ତି। କଂଗ୍ରେସ ଭବନଠାରେ ଆୟୋଜିତ ମିଶ୍ରଣ ପର୍ବ କାର୍ଯ୍ୟକ୍ରମରେ ଶତାଧିକ ମହିଳା ଏବଂ ଯୁବକଙ୍କୁ ଦଳର ରାଜ୍ୟ ପ୍ରଭାରୀ ଜିତେନ୍ଦ୍ର ସିଂ ଓ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ପୁଷ୍ପମାଲ୍ୟ,ଉତ୍ତରୀୟ ଦେଇ ସ୍ୱାଗତ କରିଛନ୍ତି। ବିଶାମୁଣ୍ଡା ସାହି(ଖ)ର ସଭାପତି ଅକ୍ଷୟ ପ୍ରଧାନଙ୍କ ସହ ସୋମନାଥ ଶ୍ରୀଚନ୍ଦନ, ସୌମ୍ୟରଞ୍ଜନ ଜେନା, ବିଶ୍ୱରଞ୍ଜନ ବିଶ୍ୱାଳ, ଚନ୍ଦନ ପଣ୍ଡା ପ୍ରମୁଖଙ୍କୁ କଂଗ୍ରେସରେ ଗ୍ରହଣ କରାଯାଇଛି। ସେମାନଙ୍କର ଯୋଗଦାନ କଂଗ୍ରେସ ଦଳକୁ ସୁଦୃଢ଼ କରିବ ବୋଲି ପ୍ରଭାରୀ ଜିତେନ୍ଦ୍ର ସିଂ ଏବଂ ନିରଞ୍ଜନ କହିଛନ୍ତି। କଂଗ୍ରେସର ନେତୃତ୍ୱକୁ ସମର୍ଥନ ଜଣାଇ ଦଳରେ ଯୋଗ ଦେଇଥିବା ଦଳରେ ସେମାନେ ଯୋଗ ଦେଇଥିବା କହିଛନ୍ତି।

# ମା' ଦୁଲା ଦେବୀଙ୍କ ମନ୍ଦିର ଦଧିନଉତି ସ୍ଥାପନ

**ପୁରୁଣା ଭୁବନେଶ୍ୱର, ୧୭।୧(ଡି.ଏନ୍.ଏ.)**

ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥର ଉତ୍ତରା ଛକସ୍ଥିତ ମା' ଦୁଲା ଦେବୀଙ୍କ ମନ୍ଦିରରେ ଶୁକ୍ରବାର ଦଧିନଉତି ସ୍ଥାପନ ହୋଇଛି। ପ୍ରାତଃରୁ ମା'ଙ୍କ ସ୍ନାନ, ବେଶ ଓ ଆଳତି କରାଯାଇଥିଲା। ପରେ ଅନ୍ୟାନ୍ୟ ନୀତି ହୋଇ ହୋମ କାର୍ଯ୍ୟ ସମ୍ପାଦନ ହୋଇଥିଲା। କାଳିଶି ନନ୍ଦ ବେହେରା ମନ୍ଦିର ଚୂଡାକୁ ଉଠିଥିଲେ। ଅନ୍ୟ କର୍ମୀଙ୍କ ସହ ପ୍ରଥମେ କଳସିରେ ୨୦ବସ୍ତା ଶୁକ୍ଳ ଧାନ ଭର୍ତ୍ତି କରାଯାଇଥିଲା। ଡ୍ରୋଜର ସାହାଯ୍ୟରେ ଖଣ୍ଡଲାଇଟ ପଥରର ୩ କୁଇଣ୍ଟାଲ ଓଜନର ଦଧିନଉତି ସ୍ଥାପନ କରାଯାଇଥିଲା ବୋଲି ମନ୍ଦିର ପରିଚାଳନା କମିଟିର କୋଷାଧ୍ୟକ୍ଷ ନରେନ୍ଦ୍ର ଭୋଇ କହିଛନ୍ତି। ପିପିଲିର ପଥର କାରିଗର ଦୁଃଶାସନ ପ୍ରଧାନ ମା'ଙ୍କ ୩୦ଫୁଟ ଉଚ୍ଚତାର ମନ୍ଦିର ଏବଂ ଭୋଗ ମଣ୍ଡପ ନିର୍ମାଣ କରିଥିଲେ। କୁଳ ପୁରୋହିତ ଗଙ୍ଗାଧର ଶତପଥୀଙ୍କ ସମେତ ମନ୍ଦିର ପୂଜକ ବଳରାମ ପଣ୍ଡା, ଯୋଗେନ୍ଦ୍ର ବାରିକ, ସୁନୀଲ ଦାସ, କାର୍ତ୍ତିକ ବେହେରା, ବାବନ ଭୋଇ ପ୍ରମୁଖ ଦଧିନଉତି ସ୍ଥାପନରେ ସହଯୋଗ କରିଥିଲେ। ଉତ୍ତରାଶାସନ ଗ୍ରାମବାସୀ ଚାନ୍ଦା ଭିକ୍ଷା କରି ଏହି ମନ୍ଦିରକୁ ପୂର୍ଣ୍ଣାଙ୍ଗ ରୂପ ଦେବାରେ ସମର୍ଥ ହୋଇଛନ୍ତି। ସୂଚନା ଥାଉ କି, ୨୦୧୨ ମସିହାରେ ଜାତୀୟ ରାଜପଥ ସମ୍ପ୍ରସାରଣ ନେଇ ମା'ଙ୍କ ପୁରୁଣା ମନ୍ଦିର ଭଙ୍ଗାଯାଇଥିଲା।

# ନିଆରା ସଙ୍ଗୀତ ସନ୍ଧ୍ୟା 'ରାଗ ରଙ୍ଗ'

**ଭୁବନେଶ୍ୱର,୧୭।୧(ବ୍ୟୁରୋ)**

'କଳାସୌରଭ'ର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଅବସରରେ ଶୁକ୍ରବାର ସୂଚନା ଭବନଠାରେ ନିଆରା ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମ 'ରାଗ ରଙ୍ଗ' ଅନୁଷ୍ଠିତ ହୋଇଯାଇଛି। ଅତିଥିଭାବେ ପୂର୍ବତନ ଅର୍ଥ କମିଶନର ଡ. ରବିନାରାୟଣ ସେନାପତି, ବାଳକୃଷ୍ଣ ମହାପାତ୍ର ଏବଂ ଅନୁଷ୍ଠାନର ସଭାପତି ଗୌର ପଟ୍ଟନାୟକ ଯୋଗଦେଇ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକଭାବେ ଉଦ୍‌ଘାଟନ କରିଥିଲେ। ଉତ୍ସବରେ ପ୍ରଣବ ପଟ୍ଟନାୟକଙ୍କୁ 'କବିଚନ୍ଦ୍ର ସ୍ମୃତି ସମ୍ମାନ', ଯୋଗାନନ୍ଦ ସାହୁଙ୍କୁ 'ନରସିଂହ ମହାପାତ୍ର ସ୍ମୃତି ସମ୍ମାନ' ଏବଂ ମନୋଜ ମହାନ୍ତିଙ୍କୁ 'କଳାସୌରଭ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଉପସ୍ଥିତ ଅତିଥିମାନଙ୍କ ଦ୍ୱାରା ଅନୁଷ୍ଠାନର ସ୍ମରଣିକା ଓ ପୁସ୍ତକ 'ସଙ୍ଗୀତ ସୁରଭି' ଉନ୍ମୋଚିତ ହୋଇଥିଲା। କଣ୍ଠଶିଳ୍ପୀ ସିଦ୍ଧାର୍ଥ ମିଶ୍ର, ଛନ୍ଦା ମିଶ୍ର, ବନ୍ଦିତା ରାୟ, କରୁଣାକର ପ୍ରମୁଖ ମନଛୁଆଁ ସଙ୍ଗୀତ ପରିବେଷଣ କରିଥିଲେ।

## ସଚେତନ କଲେ ଡାକ୍ତର, ପୋଲିସ

**ବାରଙ୍ଗ,୧୭।୧(ଡି.ଏନ.ଏ):** ସଡ଼କ ସୁରକ୍ଷା ସପ୍ତାହ ଉପଲକ୍ଷେ ଶୁକ୍ରବାର ମେଣ୍ଢାଶାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡାକ୍ତରଙ୍କ ସହ ସ୍ଥାନୀୟ ପୋଲିସ ସାମିଲ ହୋଇଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ସାମ୍ନା ରାସ୍ତା ଉପରେ ରହି ବାଇକ୍ ଚାଳକଙ୍କୁ ରୋକି ହେଟମେଟ୍ ପିନ୍ଧିବାର ଉପକାରିତା ଉପରେ ବୁଝାଇଥିଲେ। ହେଲମେଟ୍ ପିନ୍ଧିଥିବା ବାଇକ୍ ଚାଳକଙ୍କୁ ଗୋଲାପ ଫୁଲ ଦେଇଥିଲେ। ଏହି ସଚେତନ କାର୍ଯ୍ୟକ୍ରମରେ ଏମ୍‌ସର ଡା. ବିନୋଦ ପାତ୍ର ଓ ଚନ୍ଦକା ଥାନାଧିକାରୀ ଦେବେନ୍ଦ୍ର ବିଶ୍ୱାଳଙ୍କ ନେତୃତ୍ୱରେ ମେଣ୍ଢାଶାଳ ଫାଣ୍ଡି ପୋଲିସ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଓ କର୍ମଚାରୀମାନେ ସାମିଲ ହୋଇଥିଲେ।

## ଗଞ୍ଜେଇ ବିକି ସେଲୁନ୍ ଦୋକାନୀ ଗିରଫ

**ବାରଙ୍ଗ,୧୭।୧(ଡି.ଏନ.ଏ):** ସେଲୁନ୍ ଦୋକାନରେ ଗଞ୍ଜେଇ ବିକିବାବେଳେ ଶୁକ୍ରବାର ପୋଲିସ ହାତରେ ଧରାପଡ଼ି ଗିରଫ ହୋଇଛନ୍ତି ଦୋକାନ ମାଲିକ। ସେ ହେଲେ ନନ୍ଦନକାନନ ଥାନା ଅନ୍ତର୍ଗତ ପଦା ସାହି ଗ୍ରାମର ଅମୂଲ୍ୟ ବାରିକ। ଏ ନେଇ ପୋଲିସ ଅମୂଲ୍ୟଙ୍କଠାରୁ ୧କେଜି ୧୪୭ଗ୍ରାମ ଗଞ୍ଜେଇ ଜବତ କରିବା ସହ ନଂ. ୪/୨୦ରେ ଏକ ମାମଲା ରୁଜୁ କରିଛି। ସୂଚନାଯୋଗ୍ୟ, ଅମୂଲ୍ୟ ନନ୍ଦନକାନନ ବସଷ୍ଟାଣ୍ଡ ପାଖରେ ଏକ ସେଲୁନ ଦୋକାନ କରି ନିଜ ପରିବାର ପ୍ରତିପୋଷଣ କରିଥାନ୍ତି। କିନ୍ତୁ ପରେ ଅଧିକ ଲାଭ ଆଶାରେ ଗଞ୍ଜେଇ ଆଣି ବିକ୍ରୟ କରୁଥିବାର ନନ୍ଦନକାନନ ଥାନା ପୋଲିସ ଜାଣିବାକୁ ପାଇଥିଲେ। ତେବେ ନନ୍ଦନକାନନ ଥାନାଧିକାରୀ ପରମାନନ୍ଦ ନାୟକଙ୍କ ନିର୍ଦ୍ଦେଶକ୍ରମେ ଏକ ଟିମ ଅମୂଲ୍ୟ ଉପରେ ଦୃଷ୍ଟି ରଖିଥିଲେ। ଶୁକ୍ରବାର ସାଢ଼େ୧୧ଟାରେ ସେ ଗଞ୍ଜେଇ ପୁଡିଆ ବିକ୍ରି କରୁଥିବାବେଳେ ପୋଲିସ ହାତରେ ଧରାପଡିଥିଲା।

# ବିଜ୍ଞାନମେଳାରେ ୧୧୦ ପ୍ରକଳ୍ପ

**ଭୁବନେଶ୍ୱର,୧୭।୧(ବ୍ୟୁରୋ)**

ଶହୀଦନଗରସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଶୁକ୍ରବାର କଳା ଓ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ବିଜ୍ଞାନ ମେଳାରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ୧୧୦ ପ୍ରକଳ୍ପ ପ୍ରଦର୍ଶନ କରାଯାଇଥିଲା। ସେହିପରି ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ୧୯୦ ପ୍ରକଳ୍ପକୁ ନେଇ ଏକ ପୁଷ୍ପ ପ୍ରଦର୍ଶନୀ ମଧ୍ୟ ଆୟୋଜିତ ହୋଇଥିଲା। ବିଜ୍ଞାନମେଳା ଅବସରରେ କୁନିକୁନି ପିଲାଙ୍କ ଦ୍ୱାରା ଅଙ୍କାଯାଇଥିବା ଚିତ୍ରକୁ ପ୍ରଦର୍ଶନ କରାଯାଇଥିଲା। ବିଚାରକ ଭାବେ ଶିକ୍ଷକ ପ୍ରତାପ କୁମାର ସାହୁ ଓ ବାସନ୍ତୀ ରଣା ଯୋଗଦେଇଥିଲେ। ବିଦ୍ୟାଳୟ ପ୍ରିନ୍ସପାଲ ଶ୍ୟାମସୁନ୍ଦର ଜେନା, ସୁପରଭାଇଜର ସିଦ୍ଧେଶ୍ୱର ସାହୁ, ବରିଷ୍ଠ ଶିକ୍ଷକ ବିଜୟ କୁମାର ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଜଣେ ଛାତ୍ରୀ ନିଜ ପ୍ରକଳ୍ପକୁ ପ୍ରଦର୍ଶନ କରୁଛନ୍ତି।

# ଧିମେଇଯାଇଛି ଏକାମ୍ର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ

**ପୁରୁଣା ଭୁବନେଶ୍ୱର,୧୭।୧(ଡିଏନ୍‌ଏ)**

ଏକାମ୍ର ଶ୍ରୀ ଲିଙ୍ଗରାଜ କ୍ଷେତ୍ରର ବିକାଶ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ହଠାତ୍ ଧିମେଇ ଯାଇଛି। ମିଳିତ ଉଚ୍ଛେଦ ଟିମ୍ ଶ୍ରୀ ଲିଙ୍ଗରାଜ ମନ୍ଦିର ଓ ଦେବୀ ପାଦହରା ନିକଟରୁ ସରକାରୀ ଅବୈଧ ନିର୍ମାଣ ଉଚ୍ଛେଦ କରିବା ସହ ହାତଗଣତି ସ୍ଥିତିବାନ ଦୋକାନ ଘର ଓ ଉଠାଦୋକାନକୁ ଉଚ୍ଛେଦ କରିବା ପରେ ଏବେ ଏସବୁ କାର୍ଯ୍ୟ କେବଳ ମାପଚୁପରେ ସୀମିତ ରହିଛି। ଏଭଳି ସ୍ଥଳେ ପ୍ରଶାସନିକ ସ୍ତରରେ ମିଳିତ ଉଚ୍ଛେଦ ଟିମ୍ ପ୍ରାୟ ୭ଦିନରୁ ଅଧିକ ସମୟ ହେଲା ବିଭିନ୍ନ ସ୍ଥାନରେ ମାପଚୁପ କରିବା ସହ କ୍ଷତିପୂରଣ ଆକଳନ କରୁଛି। ସାମନ୍ତରାପୁରଠାରୁ ଶ୍ରୀ ଲିଙ୍ଗରାଜ ମନ୍ଦିରକୁ ଜ୍ଞାନୀ ଜୈଲ ସିଂ ରାସ୍ତାକୁ ସମ୍ପ୍ରସାରଣ କରିବା, ଗ୍ୟାରେଜ୍ ଛକଠାରୁ ଶ୍ରୀ ଲିଙ୍ଗରାଜ ମନ୍ଦିରକୁ ପ୍ରଶସ୍ତ ରାସ୍ତା ସଂଯୋଗୀକରଣ ହେଉ କିମ୍ବା ମାଉସୀ ମା' ମନ୍ଦିରଠାରୁ ରଥଦାଣ୍ଡ ଦେଇ ଶ୍ରୀ ଲିଙ୍ଗରାଜ ମନ୍ଦିରକୁ ସଂଯୋଗୀକରଣ କରାଯିବା ପାଇଁ କ୍ଷୟକ୍ଷତି ଆକଳନ ନାମରେ ଏହି ଯୋଜନାର ଅବଧିକୁ ଗଡ଼ାଯାଉଛି। ପୁରୀ ଭଳି ସରକାରଙ୍କ ପକ୍ଷରୁ ଭୂମି ଅଧିଗ୍ରହଣ ନେଇ ଦେବୋତ୍ତର ସମ୍ପତ୍ତି କିମ୍ବା ଘରୋଇ ସମ୍ପତ୍ତିର ମୂଲ୍ୟାୟନ କରାଯିବା ସହ କ୍ଷତିପୂରଣ ଓ ଥଇଥାନ ପାଇଁ ବିଭିନ୍ନ ମହଲରେ ଦାବି ହେଉଛି। ଏ ନେଇ ବିଏମ୍‌ସି ଅତିରିକ୍ତ କମିଶନର ଅବନୀକାନ୍ତ ପଟ୍ଟନାୟକ କୁହନ୍ତି, ଗ୍ୟାରେଜ ଛକଠାରୁ ସାମନ୍ତରାପୁର ସମେତ ମାଉସୀ ମା' ମନ୍ଦିର ନିକଟରୁ ଶ୍ରୀଲିଙ୍ଗରାଜ ମନ୍ଦିରକୁ ସଂଯୋଗ କରୁଥିବା ସମସ୍ତ ରାସ୍ତାର ତର୍ଜମା କରାଯାଉଛି। ଅଳ୍ପ ବ୍ୟୟବରାଦ କରାଯାଇ ଉପଯୁକ୍ତ କ୍ଷତିପୂରଣ ଓ ଥଇଥାନ କରାଯିବ।



ଉଚ୍ଛେଦ ପରବର୍ତ୍ତୀ ଲିଙ୍ଗରାଜ ମନ୍ଦିର ପରିସରର ଦୃଶ୍ୟ।

### ପାର୍ଶ୍ୱ ଦେବପୀଠ ବିକାଶ ଓ ସଂଯୋଗୀକରଣ ଦାବି

ଶ୍ରୀ ଲିଙ୍ଗରାଜଙ୍କ ଶ୍ୱଶୁରାଳୟ ତଥା କେଦାର ଗୌରୀ ମନ୍ଦିର, କୋଟି ତୀର୍ଥେଶ୍ୱର, ସ୍ୱର୍ଣ୍ଣ ଜଳେଶ୍ୱର, ସୁବର୍ଣ୍ଣ ଜଳେଶ୍ୱର, ଚମ୍ପକେଶ୍ୱର, ମୁକ୍ତେଶ୍ୱର ଆଦି ମନ୍ଦିରକୁ ସାମିଲ କରାଯାଇଥିଲେ ମଧ୍ୟ ଏହା ନିକଟରୁ ଅବୈଧ ନିର୍ମାଣ ହଟାଯିବା ନେଇ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଏପର୍ଯ୍ୟନ୍ତ ମାପଚୁପ ହୋଇନାହିଁ। ସେହିଭଳି କେଦାରଗୌରୀ ମନ୍ଦିର ଭିତରେ ଓ ବାହାରେ ପର୍ଯ୍ୟଟନ ବିଭାଗ କୋଟି କୋଟି ଟଙ୍କାର ଦାମୀ ପଥର ଓ ଲାଇଟ ଲଗାଯାଇଛି। କିନ୍ତୁ ଜଳବନ୍ଦୀ ସମସ୍ୟା ଦୂର ହୋଇନାହିଁ। ଶ୍ରୀଲିଙ୍ଗରାଜଙ୍କ ରୀତିନୀତି ସହ ଜଡ଼ିତ ପାର୍ଶ୍ୱ ଦେବପୀଠ ନିକଟରୁ ଅବୈଧ ନିର୍ମାଣ ହଟାଯାଇ ସୌନ୍ଦର୍ଯ୍ୟକରଣ କରିବାକୁ ଦାବି ହୋଇଛି।

### ଜାଣିପାରିଲେନି, ପୋତିଦେଲେ କୀର୍ତ୍ତିରାଜି

ବିକାଶ ଓ ସୌନ୍ଦର୍ଯ୍ୟକରଣ ନେଇ ସଚିବ ସ୍ତରୀୟ ଅଧିକାରୀ ଯେତେ ତତ୍ପର ହେଲେ ମଧ୍ୟ ପୂର୍ତ୍ତ ବିଭାଗ କିମ୍ବା ବିଏମ୍‌ସିର ଅଧିକାରୀମାନେ ଏହାର ଗୁରୁତ୍ୱ ଅନୁଭବ କରୁ ନ ଥିବା ଆଲୋଚନା ହେଉଛି। ପ୍ରତ୍ନତତ୍ତ୍ୱ ଏବଂ କୀର୍ତ୍ତିରାଜି ଅଭିଜ୍ଞତା ନ ଥିବା ଅଧିକାରୀଙ୍କୁ ନିୟୋଜିତ କରାଯାଉଛି। ଏକାମ୍ରେଶ୍ୱର ଓ ଦେବୀ ପାଦହରା ନିକଟରୁ ଖନନ ସମୟରେ କେତେକ କୀର୍ତ୍ତିରାଜି ଓ ମନ୍ଦିର ଭଗ୍ନାବଶେଷ ଅନ୍ୟ ସାଧାରଣ ପଥର ଭଳି ଠିକାଦାର ଫିଙ୍ଗିଦେଉଛନ୍ତି। ଅନନ୍ତ ବାସୁଦେବ ମନ୍ଦିର ପଛପଟ ଓ ନୂତନ ମାର୍କେଟ ଅଞ୍ଚଳରେ ପୋତାଯାଉଥିବା ସ୍ଥାନରେ ମନ୍ଦିର ଚୂଡ଼ା ଓ କୀର୍ତ୍ତିରାଜି ରହିଥିବା କେତେକ ଭଗ୍ନାବଶେଷ ପଡ଼ିଥିବା ଯୋଗୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି।



ଦେଶର ଯବାନ ଶହୀଦ ହେଉଥିବାବେଳେ ଉତ୍ସବ ମନାଉଥିବା ଲୋକଙ୍କୁ ମୁଁ ସମର୍ଥନ କରେନାହିଁ।
-କଙ୍ଗଣା ରାଣାୱତ୍
ବଲିଉଡ୍ ଅଭିନେତ୍ରୀ



# କାଠର ବିକଳ୍ପ ବର୍ଜ୍ୟ ପ୍ଲାଷ୍ଟିକ୍

**ଟରଣ୍ଟୋ:** ସବୁଜ ପୃଥିବୀ ଉପରେ ବୋଝ ହୋଇଗଲାଣି ପ୍ଲାଷ୍ଟିକ୍ ପାହାଡ଼। ଏହାକୁ ପୁନଃ ବ୍ୟବହାର କରାଯିବା ପାଇଁ ପାରୁ ପର୍ଯ୍ୟନ୍ତ ଚେଷ୍ଟା କରୁଛନ୍ତି ବହୁ ଦୂରଦର୍ଶୀ କମ୍ପାନୀ। କେଉଁଠି ପ୍ଲାଷ୍ଟିକରୁ ରାସ୍ତା ତ ଆଉ କେଉଁଠି ଘର ସାଜସଜ୍ଜା ଉପକରଣ ପ୍ରସ୍ତୁତ କରାଯିବା କଥା ଆମେ ଊଣା ଅଧିକେ ଶୁଣିଥିବା। ହେଲେ ଏବେ କାଠର ବିକଳ୍ପ ହେବାକୁ ଯାଉଛି ପ୍ଲାଷ୍ଟିକ୍ ବର୍ଜ୍ୟ। ଯଦି ଏପରି ଉପକରଣ ଗ୍ରହଣୀୟ ହୁଏ, ତେବେ ଖୁବ୍ କମ୍ ଦିନରେ



ସବୁଆଡେ ଝଲସୁଥିବ ବର୍ଜ୍ୟ ପ୍ଲାଷ୍ଟିକରୁ ପ୍ରସ୍ତୁତ କାଠ ତିଆରି ଉପକରଣ।

ଏପରି ଏକ ଅଭିନବ ପ୍ରକଳ୍ପ ଆରମ୍ଭ କରିଛି କାନାଡ଼ାର 'ଗୁଡ ଉଡ୍' କମ୍ପାନୀ। ନୋଭା ସ୍କାଟିଆ ପ୍ରାନ୍ତର ହାଲିଫେକ୍ସ ସହରରେ ପ୍ଲାଷ୍ଟିକ୍ ବର୍ଜ୍ୟକୁ ନେଇ ସ୍ଥାନୀୟ ପ୍ରଶାସନ ଚିନ୍ତାରେ ପଡ଼ିଥିଲା। ହେଲେ ଏହାର ସମାଧାନ କରିବାକୁ ଆଗେଇ ଆସିଛି 'ଗୁଡ୍ ଉଡ'। କମ୍ପାନୀ ପକ୍ଷରୁ ସହରର ୮୦% ଅବ୍ୟବହୃତ ପ୍ଲାଷ୍ଟିକ୍‌ର ପୁନଃଚକ୍ରଣ କରାଯିବ। ଏଥିରୁ କଠିନ ପ୍ଲେଟ୍ ପ୍ରସ୍ତୁତ କରାଯିବ, ଯାହା ବଡ଼ ବଡ଼ କୋଠାରେ କାଠର ବିକଳ୍ପ ହୋଇପାରିବ। ଏଥିରେ କାଠ ଭଳି ଛିଦ୍ର କରାଯାଇପାରିବ। ଏଥିସହ ଆବଶ୍ୟକ ଘରୋଇ ସାମଗ୍ରୀ ପ୍ରସ୍ତୁତ କରାଯାଇପାରିବ। ଅବଶିଷ୍ଟ ୨୦% ଆବର୍ଜନାକୁ ଅନ୍ୟ ଉପାୟରେ ପରିଚାଳନା କରାଯିବ। ଏପରି ଯୋଜନାକୁ ସ୍ଥାନୀୟ ପ୍ରଶାସନ ଏବଂ ଜନ ପ୍ରତିନିଧି ବେଶ୍ ପ୍ରଶଂସା କରିଛନ୍ତି। ଏହାଦ୍ୱାରା ଅବାଧ ଗଛ କଟା ଉପରେ ରୋକ୍ ଲଗାଯାଇପାରିବ ବୋଲି ହାଲିଫେକ୍ସର ସଲିଡ୍ ୱେଷ୍ଟ ଡିଭିଜନ ମ୍ୟାନେଜର ଆଣ୍ଡ୍ରୁ ଫିଲୋପାଲୁସ୍ କହିଛନ୍ତି।

ଗତ ଡିସେମ୍ବରରେ ହିଁ କମ୍ପାନୀ ନିଜର ନାମ 'ଗୁଡ୍ ଉଡ' ରଖିଛି। ଏଥିପୂର୍ବରୁ କମ୍ପାନୀ ଏକ ଗ୍ରୋସରି ଷ୍ଟୋରକୁ ନୂଆ ରୂପ ଦେଇଥିଲା। ଏଥିରେ ବ୍ୟବହୃତ ପ୍ରତ୍ୟେକଟି ସାମଗ୍ରୀ ପ୍ଲାଷ୍ଟିକ୍‌ରେ ନିର୍ମିତ ହୋଇଥିଲା। ସହରର ଅଧିକାଂଶ ବର୍ଜ୍ୟ ପ୍ଲାଷ୍ଟିକ୍ ଥାଳି। ଏଥିସହ ପ୍ଲାଷ୍ଟିକ୍ ବୋତଲର ଅବଶେଷରୁ ମଧ୍ୟ ବହୁ ଉପକରଣ ପ୍ରସ୍ତୁତ କରାଯାଇପାରିବ। କମ୍ପାନୀ ଅଧ୍ୟକ୍ଷ ମାଇକ୍ ଚେସୀ କୁହନ୍ତି, ଆବର୍ଜନାରୁ ପିକନିକ ଟେବୁଲ, ପାର୍କବେଞ୍ଚଠାରୁ ଆରମ୍ଭ କରି ବହୁ ଅତ୍ୟାବଶ୍ୟକ ସାମଗ୍ରୀ ପ୍ରସ୍ତୁତ କରାଯାଉଛି। ଏହି ବ୍ୟବସାୟିକ ମଡେଲ ଅନ୍ୟ କ୍ଷେତ୍ରରେ ଲାଗୁ କରାଯିବାକୁ ଯୋଜନା କରାଯାଉଛି। ବର୍ଜ୍ୟ ପ୍ଲାଷ୍ଟିକ୍‌କୁ ସମ୍ପୂର୍ଣ୍ଣ ନଷ୍ଟ କରାଯିବା କଷ୍ଟକର କାର୍ଯ୍ୟ। ହେଲେ ବିକଳ୍ପ ବ୍ୟବସ୍ଥା ଦ୍ୱାରା ଅନେକ ସମସ୍ୟାର ସମାଧାନ କରାଯାଇପାରିବ ବୋଲି ସେ କହିଛନ୍ତି।



# 'ଲଭ୍ ଆଜ୍ କଲ୍'ରେ ସାରା

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ସାରା ଅଲ୍ଲୀ ଖାନ୍‌ଙ୍କ ଅପ୍ କମିଂ ଫିଲ୍ମ 'ଲଭ୍ ଆଜ୍ କଲ୍'ର ଟ୍ରେଲର ରିଲିଜ୍ ହୋଇସାରିଛି। ଏଥିରେ ସାରା, କାର୍ତ୍ତିକ ଆର୍ଯ୍ୟନ ଏବଂ ଆରୁଷି ଶର୍ମାଙ୍କୁ ଦେଖିବାକୁ ମିଳିଛି। ସାରା ଏବଂ କାର୍ତ୍ତିକଙ୍କ କେମିଷ୍ଟ୍ରି ଅନ୍‌ସ୍କ୍ରିନ୍‌ରେ ଖୁବ୍ ଜମିଛି। ଫିଲ୍ମରେ ପୁରୁଣା କାହାଣୀ ନୂଆ ଚେହେରା ବ୍ୟତୀତ ସାରାଙ୍କ ବୋଲ୍ଡନେସ୍‌ର ଝଲକ ମଧ୍ୟ ଦେଖିବାକୁ ମିଳିଛି। କେଦାରନାଥ ଏବଂ ସିମ୍ବା ପରେ ସାରା ୱେଷ୍ଟର୍ଣ୍ଣ ଲୁକ୍‌ରେ ନଜର ଆସିଛନ୍ତି। ଏଥିରେ ସେ କାରିୟର ଗଢ଼ିବା ପାଇଁ ମର୍ଡନ ଯୁବତୀ ଭୂମିକାରେ ଅଭିନୟ କରିଛନ୍ତି। ଯେଉଁ ଭୂମିକା ବେଶ୍ ହଟ୍ ଆଉ ବୋଲ୍ଡ। ଏଥିରେ କାର୍ତ୍ତିକଙ୍କ ସହ ତାଙ୍କର ଲିପ୍‌ଲକ୍ ସିନ୍ ମଧ୍ୟ ଦେଖିବାକୁ ମିଳିଛି। ଏହା ପୂର୍ବରୁ ସାରା ଦୁଇଟି ଫିଲ୍ମରେ ଅଭିନୟ କରିଥିଲେ ମଧ୍ୟ ବୋଲ୍ଡ ସିନ୍ ଦେଇ ନ ଥିଲେ। ଏହି ଫିଲ୍ମଟି ଫେବୃୟାରୀ ୧୪ରେ ରିଲିଜ୍ ହେବ।

# ଗିନିଜ୍ ବୁକ୍‌ରେ ବିଶ୍ୱର ସବୁଠାରୁ ଲମ୍ବା କେକ୍



**ତ୍ରିଶୂର୍(କେରଳ):** ରେକର୍ଡ ପାଇଁ ଲୋକେ ସବୁବେଳେ କିଛି ନିଆରା ଚିନ୍ତା କରିଥାନ୍ତି। ଭାରତ ନାମରେ ଏପରି ଅନେକ ରେକର୍ଡ ସମ୍ମାନଜନକ ଗିନିଜ୍ ବୁକ୍‌ରେ ସ୍ଥାନ ପାଇଛି। ନିକଟରେ କେରଳର ତ୍ରିଶୂର୍ ରାମନିଳୟମ୍ ରୋଡ୍‌ଠାରେ ବେକର୍ସ ଆସୋସିଏଶନ୍ କେରଳ ପକ୍ଷରୁ ରାଜ୍ୟର ୧୦୦୦ରୁ ଊର୍ଦ୍ଧ୍ୱ ସେଫ୍ ଏବଂ ବେକର୍ ବିଶ୍ୱର ସବୁଠାରୁ ଲମ୍ବା କେକ୍ ପ୍ରସ୍ତୁତ କରି ନୂତନ ରେକର୍ଡ କରିଛନ୍ତି। ନାଇଟ୍ ଶପିଂ ଫେଷ୍ଟିଭାଲ୍ ଅବସରରେ ଏହି କେକ୍ ପ୍ରସ୍ତୁତ ହୋଇଥିଲା। ୨୭ହଜାର କେଜି ଓଜନର ଏହି କେକ୍ ୧୦ ସେଣ୍ଟିମିଟର(୪ଇଞ୍ଚ)ଚଉଡ଼ା ଏବଂ ପ୍ରାୟ ୬.୫ କି.ମି. ଲମ୍ବା ହୋଇଥିବା କେକ୍ ପ୍ରସ୍ତୁତ କରିଥିବା ଆସୋସିଏଶନ୍ ପକ୍ଷରୁ କୁହାଯାଇଛି। ଏହି କେକ୍ ପ୍ରସ୍ତୁତ ପାଇଁ ୧୨ହଜାର କେଜି ଅଟା ଏବଂ ଚିନି ବ୍ୟବହାର ହୋଇଥିବା ଜଣାପଡ଼ିଛି। ଏଥିପୂର୍ବରୁ ଚାଇନାର ବେକର୍‌ମାନେ ୩.୨ କି.ମି. ଲମ୍ବା କେକ୍ ପ୍ରସ୍ତୁତ କରି ଏହି ରେକର୍ଡର ଅଧିକାରୀ ହୋଇଥିବାବେଳେ କେରଳର ଏହି ସେଫ୍ ଓ ବେକରମାନେ ଉକ୍ତ ରେକର୍ଡକୁ ଭଙ୍ଗ କରିଛନ୍ତି।

# ଦ୍ୱିତୀୟ, ତୃତୀୟ ବିବାହ ଲାଗି ଡିସ୍‌କାଉଣ୍ଟ ଅଫର

**ଇସଲାମାବାଦ:** ବିବାହ ସିଜିନ୍‌କୁ ଲକ୍ଷ୍ୟକରି ପାକିସ୍ତାନରେ ଏକ ମଣ୍ଡପ ମାଲିକ ଗ୍ରାହକଙ୍କୁ ଜବରଦସ୍ତ ଡିସ୍‌କାଉଣ୍ଟ ଘୋଷଣା କରିଛନ୍ତି। ସବୁଠୁ ରୋଚକ କଥା ହେଉଛି ଏହି ଡିସ୍‌କାଉଣ୍ଟ ଦ୍ୱିତୀୟ, ତୃତୀୟ ଏବଂ ଚତୁର୍ଥ ବିବାହ କରୁଥିବା ଗ୍ରାହକଙ୍କ ଲାଗି ଉପଲବ୍ଧ ହେବ। ପାକିସ୍ତାନର ବହାବଲପୁରରେ ଖୋଲିଥିବା ଏହି ବିବାହ ମଣ୍ଡପ ଦ୍ୱିତୀୟ ବିବାହ କରୁଥିବା ଗ୍ରାହକଙ୍କୁ ୫୦ ପ୍ରତିଶତ, ତୃତୀୟ ବିବାହ ପାଇଁ ୭୫ ପ୍ରତିଶତ ଏବଂ ଚତୁର୍ଥ ବିବାହ କରିବାକୁ ଥିବା ଯୋଡ଼ିଙ୍କୁ ମାଗଣାରେ ଯୋଗାଇ ଦିଆଯିବ। କିନ୍ତୁ ମଣ୍ଡପ ମାଲିକ ଡିସ୍‌କାଉଣ୍ଟ ଦେବା ପୂର୍ବରୁ କିଛିସର୍ତ୍ତ ରଖିଛନ୍ତି। ଏହା ହେଉଛି, ବିବାହ ପୂର୍ବରୁ ଉକ୍ତ ବ୍ୟକ୍ତିଙ୍କ ପ୍ରଥମ ସ୍ତ୍ରୀ ହିଁ ଏହି ମଣ୍ଡପ ବୁକ୍ କରିପାରିବେ। ତେବେ ଯାଇ ଦ୍ୱିତୀୟ, ତୃତୀୟ କିମ୍ବା ଚତୁର୍ଥ ବ୍ୟକ୍ତି ଏହି ଅଫର୍ ପାଇବାକୁ ଯୋଗ୍ୟ ହେବେ।

# ହେଲ୍‌ମେଟ୍ ନ ପିନ୍ଧିଲେ ଲେଖିବେ ରଚନା

**ଭୋପାଳ:** ନ୍ୟାଶନାଲ ହାଇୱେଜ୍ ଅଥରିଟି ଅଫ୍ ଇଣ୍ଡିଆ(ଏନ୍‌ଏଚ୍‌ଏଆଇ) ଦ୍ୱାରା ପାଳନ କରାଯାଉଛି ସଡ଼କ ସୁରକ୍ଷା ସପ୍ତାହ। ଏହି ଅବସରରେ ମଧ୍ୟପ୍ରଦେଶ ଭୋପାଳ ପୋଲିସ ଦ୍ୱାରା ଏକ ଅଭିନବ ଉପାୟ ପାଳନ କରିବାର ପ୍ରୟାସ କରାଯାଇଛି। ଦୁଇଚକିଆ ଯାନରେ ଯାଉଥିବା ଲୋକେ ଯଦି ହେଲ୍‌ମେଟ୍ ନ ପିନ୍ଧିଥିବେ ଏବେ ସେମାନଙ୍କୁ ୧୦୦ ଶବ୍ଦ ମଧ୍ୟରେ ରଚନା ଲେଖିବାକୁ ପଡିବ ବୋଲି ଭୋପାଳ ପୋଲିସ କହିଛି। ଏହି ରଚନାରେ ସେମାନେ କାହିଁକି ମୋଟର ଯାନ ନିୟମ ଉଲ୍ଲଂଘନ କରିଛନ୍ତି ଆଉ ହେଲ୍‌ମେଟ୍ ନ ପିନ୍ଧି ଗାଡି ଚଳାଇଛନ୍ତି ତାହା ବର୍ଣ୍ଣନା କରିବେ ବୋଲି ପୋଲିସ କହିଛି। ଏଭଳି ପ୍ରୟାସକୁ ନେଇ




କୌତୁହଳ ଜାତ ହୋଇଥିବାବେଳେ ଲୋକଙ୍କୁ ସଚେତନ କରାଇବା ଲାଗି ଏହା ଉଦ୍ଦିଷ୍ଟ ବୋଲି ପୋଲିସ କହିଛି।

# ଜାତୀୟ ଏକତା ପୁରସ୍କାର ଲାଗି ନାମାଙ୍କନ ଆରମ୍ଭ



**ନୂଆଦିଲ୍ଲୀ:** ଦେଶର ଏକତା ଏବଂ ଅଖଣ୍ଡତା ବଜାୟ ରଖିବା କ୍ଷେତ୍ରରେ ଅତୁଳନୀୟ ଭୂମିକା ଗ୍ରହଣ କରିଥିବା ନାଗରିକଙ୍କୁ ସମ୍ମାନିତ କରିବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାର ସର୍ଦ୍ଦାର ପଟେଲ ଜାତୀୟ ଏକତା ପୁରସ୍କାର ଘୋଷଣା କରିଥିଲେ। ଶୁକ୍ରବାର କେନ୍ଦ୍ର ସରକାର ଚଳିତ ବର୍ଷ ଲାଗି ଯୋଗ୍ୟ ପ୍ରାର୍ଥୀଙ୍କୁ ନାମାଙ୍କନ ପାଇଁ ଆମନ୍ତ୍ରଣ କରିଛନ୍ତି। ଏପ୍ରିଲ ୩୦କୁ ନାମାଙ୍କନ ପାଇଁ ଶେଷ ତାରିଖ ଧାର୍ଯ୍ୟ କରାଯାଇଛି। କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଦ୍ୱାରା ଜାରି କରାଯାଇଥିବା ଏକ ୱେବ୍‌ସାଇଟ୍ ମାଧ୍ୟମରେ ଯୋଗ୍ୟ ପ୍ରାର୍ଥୀ ନାମାଙ୍କନ ଦାଖଲ କରିପାରିବେ। ଅକ୍ଟୋବର ୩୧, ସର୍ଦ୍ଦାର ପଟେଲଙ୍କ ଜୟନ୍ତୀ ତଥା ଜାତୀୟ ଏକତା ଦିବସ ଅବସରରେ ପୁରସ୍କାର ବିଜେତାଙ୍କ ନାଁ ଘୋଷଣା କରାଯିବ ବୋଲି ଜଣାପଡ଼ିଛି। ବିଜେତାଙ୍କ ଚୟନ ପାଇଁ ୨୦୧୯ରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଏକ କମିଟି ଗଠନ କରାଯାଇଥିଲା। ଉକ୍ତ କମିଟିରେ କ୍ୟାବିନେଟ ସଚିବ, ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ, ରାଷ୍ଟ୍ରପତିଙ୍କ ସଚିବ, ସ୍ୱରାଷ୍ଟ୍ର ସଚିବଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଚୟନ ହୋଇଥିବା ତିନି-ଚାରି ଜଣ ଖ୍ୟାତି ସମ୍ପନ୍ନ ବ୍ୟକ୍ତି ସଦସ୍ୟ ଥିଲେ।



**ମୁମ୍ବାଇ:** ବଲିଉଡ୍‌ର ମୋଷ୍ଟ ପପୁଲାର୍ ହିରୋ କାର୍ତ୍ତିକ ଆର୍ଯ୍ୟନ୍‌ଙ୍କୁ ନେଇ ଆଜିକାଲି ଖୁବ୍ ଚର୍ଚ୍ଚା। ଅଳ୍ପ ଦିନର ବଲିଉଡ୍ କ୍ୟାରିୟର୍ ଭିତରେ ସେ ବେଶ୍ ଲୋକପ୍ରିୟତା ହାସଲ କରିସାରିଲେଣି। କେବେ ନିଜ ଅଭିନୟକୁ ନେଇ ତ କେବେ ଲଭ୍-ଆଫାୟର୍ସ କାରଣରୁ କାର୍ତ୍ତିକ ସବୁବେଳେ ଚର୍ଚ୍ଚାରେ ରହିଥାନ୍ତି। ନିକଟରେ ନିଜ ମା'ଙ୍କ ଜନ୍ମଦିନରେ ତାଙ୍କୁ ଏକ ଦାମୀ କାର୍ ଉପହାର ଦେଇ କାର୍ତ୍ତିକ ପୁଣି ଖବରକୁ ଆସିଛନ୍ତି। ନିକଟରେ କାର୍ତ୍ତିକ ନିଜ ମା'ଙ୍କ ଜନ୍ମଦିନ ପାଳନ କରିଛନ୍ତି। ଏହି ଅବସରରେ ସେ ମା'ଙ୍କ ସହ ମୁମ୍ବାଇସ୍ଥିତ ମୁକ୍ତେଶ୍ୱର ମନ୍ଦିର ଯିବା ସହ ଏକ ଦାମୀ କାର୍ ମଧ୍ୟ ଉପହାରରେ ଦେଇଛନ୍ତି। ପ୍ରାୟ ୪୩.୩୯ କୋଟି ମୂଲ୍ୟର ମିନି କୁପର୍ କନ୍‌ଭର୍ଟିବଲ କାର୍ କାର୍ତ୍ତିକ ନିଜ ମା'ଙ୍କୁ ଜନ୍ମଦିନରେ ଉପହାର ଦେଇଛନ୍ତି। ସେ ଖାଲି ଉପହାର ଦେଇ ନାହାନ୍ତି, ମା'ଙ୍କୁ କାର୍ ରାଇଡ୍‌ରେ ମଧ୍ୟ ନେଇକି ଯାଇଛନ୍ତି। ତେବେ ଏହି ସବୁ ଦୃଶ୍ୟ କ୍ୟାମେରାରେ କଏଦ ହୋଇ ସୋସିଆଲ ମିଡିଆରେ ଏବେ ଭାଇରାଲ୍ ହେଉଛି। କାର୍ତ୍ତିକଙ୍କ ଫ୍ୟାନ୍ କ୍ଲବ୍ ପକ୍ଷରୁ ଏହାକୁ ଇନ୍‌ଷ୍ଟାଗ୍ରାମରେ ଶେୟାର କରାଯାଇଛି। ଏହାସହ କାର୍ତ୍ତିକ ମଧ୍ୟ ନିଜ ଅଫିସିଆଲ ଇନ୍‌ଷ୍ଟାଗ୍ରାମ ହ୍ୟାଣ୍ଡେଲ୍‌ରେ ମା'ଙ୍କ ସହ ନିଜ ପିଲାବେଳର ଫଟୋ ଶେୟାର କରି ତାଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି। ଯେତେବେଳେ କାର୍ତ୍ତିକ ବଲିଉଡ୍‌ରେ ଷ୍ଟ୍ରଗଲ କରୁଥିଲେ, ସେହି ସମୟରେ ଦିନେ ତାଙ୍କ ମା' ଉକ୍ତ କାର୍ ବିଷୟରେ ତାଙ୍କୁ କହିଥିଲେ। ଆଜି ସଫଳତା ପାଇବା ପରେ କାର୍ତ୍ତିକ ତାଙ୍କ ମା'ଙ୍କୁ ଏହି ଉପହାର ଦେଇ ଖୁସି କରିଦେଇଛନ୍ତି। ଅନ୍ୟପଟେ କାର୍ତ୍ତିକ-ସାରା ଅଲୀ ଖାନଙ୍କ ଅଭିନୀତ ଫିଲ୍ମ 'ଲଭ୍ ଆଜ୍ କଲ୍'ର ଟ୍ରେଲର୍ ଶୁକ୍ରବାର ରିଲିଜ୍ ହୋଇଯାଇଛି। ଏଥିରେ ଉଭୟଙ୍କ ଦମ୍‌ଦାର କେମିଷ୍ଟ୍ରି ଦେଖିବାକୁ ମିଳିଛି। ଇମ୍‌ତିଆଜ୍ ଅଲୀଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମ ଫେବୃୟାରୀ ୧୪ରେ ରିଲିଜ୍ ହେବ।

# ମା'ଙ୍କ ଜନ୍ମଦିନରେ ଦାମୀ କାର୍ ଉପହାର ଦେଲେ କାର୍ତ୍ତିକ

ଟୋକିଓ: ଜାପାନର କୋଟିପତି ବ୍ୟବସାୟୀ ୟୁସାକୁ ମାଏଜାୱାଙ୍କ ସହ ଚନ୍ଦ୍ରକୁ ଯିବା ପାଇଁ ୨୦ ହଜାରରୁ ଅଧିକ ଯୁବତୀ ଆବେଦନ କରିଛନ୍ତି। ୪୪ ବର୍ଷୀୟ ୟୁସାକୁ ଚନ୍ଦ୍ର ପାଖକୁ ଯିବା ପାଇଁ ଗର୍ଲଫ୍ରେଣ୍ଡ ଖୋଜୁଥିଲେ। ଏଥିପାଇଁ ସେ ଜାନୁୟାରୀ ୧୨ରେ ଏକ ଖୋଲା ଦରଖାସ୍ତ ଆହ୍ୱାନ କରିଥିଲେ। ପ୍ରାୟ ୨୦ ହଜାରରୁ ଊର୍ଦ୍ଧ୍ୱ ଯୁବତୀ ତାଙ୍କ ସହ ଯିବା ପାଇଁ ଆବେଦନ କରିଥିବା ଜଣାପଡିଛି। ମାଏଜାୱା ଜାପାନର ୧୮ତମ ଧନୀ ବ୍ୟକ୍ତି ଭାବେ ଜଣାଶୁଣା। ୨୦୦୪ରେ ସେ ଏକ ଫ୍ୟାଶନ ୱେବସାଇଟ୍ ଜୋଜୋଟାଉନ୍ ଲଞ୍ଚ୍ କରିଥିଲେ। ୨୦୧୮ରେ ବିଶ୍ୱର ୭୨ଟି ଦେଶରେ ଏହାର ଶାଖା ରହିଛି। ସଫଳ ବ୍ୟବସାୟୀ ହେବା ସହିତ ନିଜ କଲେକ୍ସନ ପାଇଁ ମଧ୍ୟ ଲୋକପ୍ରିୟ ଅଟନ୍ତି ସେ। ତାଙ୍କ ପାଖରେ ପିକାସୋର ଅସଲି ପେଣ୍ଟିଙ୍ଗ୍ସ ସହିତ ବୁଗାଟୀର ଅନେକ ସୁପର କାର ଏବଂ ଚନ୍ଦ୍ର ପାଖକୁ ଯିବା ପାଇଁ ଏଲନ ମସ୍କର ସ୍ପେସ୍ ଏକ୍ସର ଟିକେଟ ମଧ୍ୟ ରହିଛି। ୨୦୧୮ ସେପ୍ଟେମ୍ବରରେ ସେ ଏହି ଟିକେଟ କିଣିଥିଲେ। ତାଙ୍କୁ ୨୦୨୩ରେ ଚନ୍ଦ୍ରକୁ ଯିବା ପାଇଁ ପ୍ରଥମ ପ୍ରାଇଭେଟ୍ ପାସେଞ୍ଜର ଭାବେ ଚୟନ କରାଯାଇଛି।

# ୟୁସାକୁଙ୍କ ୨୦ ହଜାର ଗର୍ଲଫ୍ରେଣ୍ଡ



ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୧୮ ଜାନୁୟାରୀ, ୨୦୨୦

# ମାଟ୍ରିକ ପରୀକ୍ଷା ସାଥୀ





# ସାମାଜିକ ବିଜ୍ଞାନ (SOCIAL SCIENCE)

ସମୟ: ୨ଘଣ୍ଟା ୩୦ ମିନିଟ୍ ପୂର୍ଣ୍ଣସଂଖ୍ୟା: ୧୦୦

ନିର୍ଦ୍ଦେଶାନୁଯାୟୀ ଉତ୍ତର ଲେଖ।
ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟାଙ୍କ ଦକ୍ଷିଣ ପାର୍ଶ୍ୱରେ ଦିଆଯାଇଛି।
ସମସ୍ତ ପ୍ରଶ୍ନ ବାଧ୍ୟତାମୂଳକ।

## PART – I (OBJECTIVE)

### ଇତିହାସ ଓ ରାଜନୀତି ବିଜ୍ଞାନ

୧. ଗୋଟିଏ ଶବ୍ଦରେ ଉତ୍ତର ଲେଖ। [୧×୫

(କ) ପ୍ରଥମ ବିଶ୍ୱଯୁଦ୍ଧ ପରେ ତୁର୍କୀ ଉପରେ କେଉଁ ଚୁକ୍ତି ଲଦି ଦିଆଯାଇଥିଲା ?

(ଖ) ନାଟାଲ ଭାରତୀୟ କଂଗ୍ରେସ କେଉଁ ପ୍ରକାର ଅନୁଷ୍ଠାନ ଥିଲା ?

(ଗ) ସାଇମନ୍ କମିଶନ୍ ବିରୋଧୀ ଶୋଭାଯାତ୍ରାରେ କେଉଁଠାରେ ଜବାହରଲାଲ ନେହେରୁ ପୋଲିସ୍ ଲାଠିମାଡ଼ର ଶିକାର ହୋଇଥିଲେ ?

(ଘ) ଯୋଧପୁରର ରାଜା ହନ୍ତସିଂହ କେଉଁ ଦେଶ ସହିତ ମିଶିଯିବାର ମସୁଧା କରୁଥିଲେ ?

(ଙ) ଭାରତର କେନ୍ଦ୍ର ସଂସଦର ଉଚ୍ଚସଦନକୁ କ'ଣ କୁହାଯାଏ ?

୨. ଗୋଟିଏ ବାକ୍ୟରେ ଉତ୍ତର ଦିଅ। [୧×୫

(କ) ୧୮୮୮ଅକ୍ଟୋବର ମାସରେ ଗାନ୍ଧିଜୀ କାହିଁକି ଇଂଲଣ୍ଡ ଯାତ୍ରା କଲେ ?

(ଖ) କିଏ ପୁରୀ ଜିଲ୍ଲାରେ ଲବଣ ସତ୍ୟାଗ୍ରହର ନେତୃତ୍ୱ ନେଇଥିଲେ ?

(ଗ) କେଉଁ ସ୍କୁଲରେ ଛାତ୍ର ଥିବା ସମୟରେ ସୁଭାଷଚନ୍ଦ୍ର ବୋଷ ଛାତ୍ରମାନଙ୍କୁ ସଂଗଠିତ କରି ଖୁଦିରାମ ସହିଦ ଦିବସ ପାଳନ କରିଥିଲେ ?

(ଘ) ୧୯୬୫ ଭାରତ-ପାକିସ୍ଥାନ ଯୁଦ୍ଧ ସମୟରେ କିଏ ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ଥିଲେ ?

(ଙ) ସମ୍ବିଧାନ ପ୍ରଣୟନ ସଭାର ପ୍ରଥମ ବୈଠକ କେବେ ବସିଥିଲା ?

୩. ଶୂନ୍ୟସ୍ଥାନ ପୂରଣ କର। [୧×୫

(କ) ଉତ୍କଳ ଭାଷା ଉନ୍ନତି ବିଧାୟିନୀ ସଭା ________ ଠାରେ ପ୍ରତିଷ୍ଠିତ ହୋଇଥିଲା।

(ଖ) ୧୯୩୧ ମସିହାରେ ଗଠିତ ସୀମା ନିର୍ଦ୍ଧାରଣ କମିଟିରେ ________ ଜଣ ସଦସ୍ୟ ଥିଲେ।

(ଗ) ________ କୁ ଲୌହମାନବ ଆଖ୍ୟା ଦିଆଯାଇଛି।

(ଘ) ଆମ ସମ୍ବିଧାନର ________ ଧାରାରେ ସାର୍ବଜନୀନ ସାବାଳକ ମତଦାନ ପ୍ରଥା ବିଷୟରେ ଉଲ୍ଲେଖ ରହିଛି।

(ଙ) ନିର୍ବାଚନ ପ୍ରଚାର ଅଭିଯାନ ମତଦାନ ପାଇଁ ନିର୍ଦ୍ଧାରିତ ଦିନର ________ ଘଣ୍ଟା ପୂର୍ବରୁ ବନ୍ଦ ହୁଏ।

୪. ଠିକ୍ ଉକ୍ତି ପାଇଁ (✓) ଓ ଭୁଲ୍ ଉକ୍ତି ପାଇଁ (×) ଦିଆଯାଇଥିବା ବକ୍ସରେ ସୂଚାଅ। [୧×୫

(କ) ୧୯୪୮ ମସିହାରେ ଭାଷାଭିତ୍ତିକ ପ୍ରଦେଶ ଆୟୋଗ ଗଠନ କରାଗଲା।

(ଖ) ଓଡ଼ିଶାର ପ୍ରଥମେ ରେଳଗାଡ଼ି ୧୮୫୩ ମସିହାରେ ଚାଲିଥିଲା।

(ଗ) ନାରିକେଳ ଗବେଷଣା କେନ୍ଦ୍ର ସାକ୍ଷୀଗୋପାଳଠାରେ ଅବସ୍ଥିତ।

(ଘ) ପାରଳାଖେମୁଣ୍ଡିର ମହାରାଜା ହରେକୃଷ୍ଣ ମହତାବଙ୍କୁ ପର୍ଶୁରାମ ଆଖ୍ୟା ଦେଇଥିଲେ।

(ଙ) ୧୯୬୨ ମସିହାରେ ଚୀନ୍ ଭାରତ ଉପରେ ଆକ୍ରମଣ କରିଥିଲା।

୫. 'କ' ସ୍ତମ୍ଭ ସହିତ 'ଖ' ସ୍ତମ୍ଭ ମିଳନ କର: [୧×୫

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ମିଖାଇଲ ଗୋର୍ବାଚେଭ୍ | ନୀଳଗିରି |
| ଆଦର୍ଶ ଆଚରଣ ବିଧି | ଓ ଡନେଲ୍ କମିଟି |
| ନବମ ପଞ୍ଚବାର୍ଷିକ ଯୋଜନା | ରୁଷିଆ |
| ଗଡ଼ଜାତ ରାଜ୍ୟ | ନିର୍ବାଚନ |
| ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠନ | ୧୯୯୭ |

### ଭୂଗୋଳ ଓ ଅର୍ଥନୀତି

୬. ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କର। [୧×୫

(କ) ଅପେକ୍ଷାକୃତ ଶୁଷ୍କ ଅଞ୍ଚଳରେ ଦେଖାଯାଉଥିବା ପଟୁମୃତ୍ତିକାକୁ ________ କୁହାଯାଏ।
(ତରାଇ, ଭାଙ୍ଗର, ରେ, କଙ୍କର)

(ଖ) ଭାରତର ରାଜ୍ୟମାନଙ୍କ ମଧ୍ୟରୁ ________ ରାଜ୍ୟରେ ସର୍ବନିମ୍ନ ଅରଣ୍ୟ ରହିଛି।
(ରାଜସ୍ଥାନ, ହରିଆନା, ଗୁଜରାଟ, ପଞ୍ଜାବ)

(ଗ) ________ କୁ ଘାତକ ଶିଳ୍ପ ବୋଲି କୁହାଯାଏ।
(ବସ୍ତ୍ର ବୟନ, ଝୋଟ ଶିଳ୍ପ, ରାସାୟନିକ ଶିଳ୍ପ, ଖଣି ଖନନ)

(ଘ) ________ ରେ ଚମଡ଼ା ଗୁଣ୍ଡ ମିଶାଇ ଅପମିଶ୍ରଣ କରାଯାଏ।
(ଚା, ଚାଉଳ, ଅଟା, ମସଲା)

(ଙ) ପ୍ରତିବର୍ଷ ________ ଦିନଟିକୁ ବିଶ୍ୱ ଖାଉଟି ଅଧିକାର ଦିବସ ରୂପେ ପାଳନ କରାଯାଏ।
(ଅଗଷ୍ଟ ୨୮, ମେ ୧୪, ମାର୍ଚ୍ଚ ୧୫, ଜାନୁୟାରୀ ୩୦)

୭. ଗୋଟିଏ ଲେଖାଏଁ ବାକ୍ୟରେ ପ୍ରକାଶ କର। [୧×୫
(କ) ରୋଗୋଲିଥ୍ (ଖ) ଖାଡ଼ିନ୍ (ଗ) ଭେନ୍
(ଘ) ଜଗତୀକରଣ (ଙ) ଦାରିଦ୍ର୍ୟ

୮. ରେଖାଙ୍କିତ ପଦକୁ ବଦଳାଇ ଭ୍ରମ ସଂଶୋଧନ କର। [୧×୫

(କ) ଯେଉଁ ସମ୍ବଳଗୁଡ଼ିକ ଭୂପୃଷ୍ଠର କେତେକ ନିର୍ଦ୍ଦିଷ୍ଟ ସ୍ଥାନରେ ସୀମିତ ଭାବେ ମିଳିଥାଏ, ସେଗୁଡ଼ିକ ସର୍ବତ୍ର ସୁଲଭ ସମ୍ବଳ କୁହାଯାଏ।

(ଖ) ଲାଟେରାଇଟ୍ ମୃତ୍ତିକାକୁ ଆନ୍ତର୍ଜାତିକ ସ୍ତରରେ କ୍ରାନ୍ତୀୟ ଚେର୍ଣ୍ଣୋଜେମ୍ ମୃତ୍ତିକା କୁହାଯାଏ।

(ଗ) ଜନସଂଖ୍ୟା ବୃଦ୍ଧି ବିକଶିତ ଦେଶମାନଙ୍କର ମୁଖ୍ୟ ସମସ୍ୟା ଅଟେ।

(ଘ) ବର୍ତ୍ତମାନ ଆମ ଦେଶରେ ପାଖାପାଖି ୨୪୦ଟି ଦ୍ରବ୍ୟକୁ ପାଇକାରୀ ଦର ସୂଚକ ପ୍ରସ୍ତୁତ କରିବା ପାଇଁ ବ୍ୟବହାର କରାଯାଉଛି।

(ଙ) ଉଚ୍ଚଦର ଖାଉଟି ଶୋଷଣର ଏକ କାରଣ ଅଟେ।

୯. ଏକ ବା ଦୁଇଟି ଶବ୍ଦରେ ପ୍ରକାଶ କର। [୧×୫

(କ) ୫୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଦୃଶ୍ୟମାନ ହେଉ ନ ଥିବା ଜାତି।

(ଖ) ହିମାଳୟ ପର୍ବତର ୨୭୦୦ ମିଟରରୁ ୪୦୦୦ ମିଟର ଉଚ୍ଚତା ମଧ୍ୟରେ ଥିବା ଅରଣ୍ୟ-

(ଗ) ଗାଈ ଗୋରୁମାନଙ୍କର ମଳମୂତ୍ର ବ୍ୟବହାର କରି ଗ୍ରାମାଞ୍ଚଳରେ ଉତ୍ପାଦନ କରାଯାଉଥିବା ଜୈବ ବାଷ୍ପ।

(ଘ) ଶିକ୍ଷାଗତ ଯୋଗ୍ୟତା ଥାଇ କର୍ମନିଯୁକ୍ତି ନ ପାଇବା।

(ଙ) କୌଣସି ଦେଶର ବର୍ଷକ ମଧ୍ୟରେ ଉତ୍ପାଦିତ ହୋଇଥିବା ସମସ୍ତ ଦ୍ରବ୍ୟ ଏବଂ ସେବାର ମୁଦ୍ରାଗତ ମୂଲ୍ୟ ଏବଂ ତତ୍ ସହିତ ବହିରାଗତ ଆୟର ସମଷ୍ଟି।

୧୦. (କ) ଭାରତର ରେଖାଙ୍କିତ ମାନଚିତ୍ରରେ ନିମ୍ନଲିଖିତ ଗୁଡ଼ିକ ଦର୍ଶାଅ। [୧×୩
୧. ପାଲାମୁ ବ୍ୟାଘ୍ର ପ୍ରକଳ୍ପ, ୨. ହୀରାକୁଦ, ୩. ନଇଭେଲି

(ଖ) ବାମ ପାର୍ଶ୍ୱରେ ପ୍ରଦତ୍ତ ଯୋଡ଼। ଶବ୍ଦ ସମ୍ପର୍କ ଭିତ୍ତିରେ ଡାହାଣ ପାର୍ଶ୍ୱରେ ଖାଲିଥିବା ସ୍ଥାନରେ ଶବ୍ଦ ଲେଖି ଯୋଡ଼ି ସମ୍ପର୍କ ସ୍ଥାପନ କର। [୧×୨

୧. ଅଙ୍କଲେଶ୍ୱର : ଖଣିଜତୈଳ : : ନଇଗା : ________

୨. ରାଜ୍ୟ : ରାଜ୍ୟ ଖାଉଟି କମିଶନ : : ଜିଲ୍ଲା : ________

## PART – II (SUBJECTIVE)

### ଇତିହାସ ଓ ରାଜନୀତି ବିଜ୍ଞାନ

1. ୬୦ଟି ଶବ୍ଦରେ ଉତ୍ତର ଲେଖ। [4

(କ) ଭାରତଛାଡ଼ ଆନ୍ଦୋଳନ ପ୍ରଶମନର କାରଣ କ'ଣ ଥିଲା ?

କିମ୍ବା, ଗଞ୍ଜାମ ଜାତୀୟ ସମିତି ସମ୍ପର୍କରେ ଉଲ୍ଲେଖ କର।

(ଖ) ଆଇନ ଅମାନ୍ୟ ଆନ୍ଦୋଳନର କେବେ ଘୋଷଣା କରାଯାଇଥିଲା ଓ ଏହାର କାର୍ଯ୍ୟକ୍ରମ କ'ଣ ଥିଲା ?[4

କିମ୍ବା, ଉତ୍କଳ ସଭା ସମ୍ପର୍କରେ ଏକ ବିବରଣୀ ଦିଅ।

2. ତିରିଶିଟି ଶବ୍ଦରେ ଉତ୍ତର ଦିଅ। [3

(କ) କେଉଁ ବ୍ୟକ୍ତି ସୀମାନ୍ତ ଗାନ୍ଧି ଭାବେ ପରିଚିତ ? ସେ କେଉଁଠାରେ କାହା ସାହାଯ୍ୟରେ ଆଇନ ଅମାନ୍ୟ ଆନ୍ଦୋଳନକୁ ସଂଗଠିତ କରିଥିଲେ ?

କିମ୍ବା, ମଧୁବାବୁ କାହିଁକି କଂଗ୍ରେସ ସହିତ ସଂପର୍କ ଛିନ୍ନ କରିଥିଲେ ?

(ଖ) ସାଇମନ୍ କମିଶନ୍ କେବେ ଓ କେଉଁଠାରେ ପଦାର୍ପଣ କରିଥିଲେ ଓ ଭାରତୟମାନଙ୍କର ଏହି କମିଶନ୍ ପ୍ରତି କି ପ୍ରତିକ୍ରିୟା ଥିଲା ?[3

କିମ୍ବା, କେବେ ଓ କାହିଁକି ହଣ୍ଟର କମିଟି ଗଠନ କରାଯାଇଥିଲା ? ଏହି କମିଟିର ରିପୋର୍ଟ କାହିଁକି ଭାରତୀୟମାନଙ୍କୁ ସନ୍ତୁଷ୍ଟ କରିପାରି ନ ଥିଲା ?

(ଗ) କେବେ ଓ କେଉଁ ସମ୍ବିଧାନ ସଂଶୋଧନ ଆଇନରେ କେନ୍ଦ୍ର ଶାସିତ ଅଞ୍ଚଳ ଦିଲ୍ଲୀକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟାର ମାନ୍ୟତା ମିଳିଛି ? ଏହି ସ୍ୱୀକୃତି ସହିତ ଦିଲ୍ଲୀ ପାଇଁ କ'ଣ ବ୍ୟବସ୍ଥା କରାଯାଇଛି ? [3

କିମ୍ବା, କେବେ ଓ କାହା ସୁପାରିସ କ୍ରମେ ଭାଷାଭିତ୍ତିକ ରାଜ୍ୟ ଆୟୋଗ ଗଠନ କରାଗଲା ଓ କେଉଁମାନେ ଏହାର ସଭ୍ୟ ଥିଲେ ?

3. କୋଡ଼ିଏଟି ଶବ୍ଦ ମଧ୍ୟରେ ଉତ୍ତର ଲେଖ। [2

(କ) ଇରମ୍ ଗୁଳିକାଣ୍ଡ କେବେ ଘଟିଥିଲା ଓ ଏହି ଗୁଳିକାଣ୍ଡରେ ପ୍ରାଣ ହରାଇଥିବା ମହିଳାଙ୍କ ନାମ କ'ଣ ?

କିମ୍ବା, କିଏ କାହିଁକି ଗାନ୍ଧିଜୀଙ୍କୁ 'ମହାତ୍ମା' ଆଖ୍ୟା ପ୍ରଦାନ କରିଥିଲେ ?

(ଖ) କିଏ ମହିମା ଧର୍ମର ପ୍ରଧାନ ପ୍ରବର୍ତ୍ତକ ଥିଲେ ଏବଂ କିଏ ଏହାର ମୁଖ୍ୟ ପ୍ରଚାରକ ଥିଲେ ? [2

କିମ୍ବା, ତିଳକ ସ୍ୱରାଜ ପାଣି କାହା ସ୍ମୃତିରେ ଓ କ'ଣ ପାଇଁ ଗଠନ କରାଯାଇଥିଲା ?

(ଗ) କେବେ ସୁଭାଷ ଚନ୍ଦ୍ର ବୋଷ ବର୍ଲିନ୍‌ରେ ପହଞ୍ଚିଥିଲେ ଏବଂ ସେଠାରେ କେଉଁ କେନ୍ଦ୍ର ପ୍ରତିଷ୍ଠା କରିଥିଲେ ? [2

କିମ୍ବା, ଦାଣ୍ଡିଯାତ୍ରାର ଉଦ୍ଦେଶ୍ୟ କ'ଣ ଥିଲା ଓ ଏହା ଜନସାଧାରଣଙ୍କୁ କି ପ୍ରକାର ସଂକେତ ପ୍ରଦାନ କରିଥିଲା ?

(ଘ) କେବେ ଓ କେଉଁମାନଙ୍କୁ ନେଇ ଆନ୍ଧ୍ରପ୍ରଦେଶ ଗଠିତ ହୋଇଥିଲା ? [2

କିମ୍ବା, ମେଘାଳୟ କେବେ ଓ କିପରି ସୃଷ୍ଟି ହେଲା ?

### ଭୂଗୋଳ ଓ ଅର୍ଥନୀତି

1. ୬୦ଟି ଶବ୍ଦରେ ଉତ୍ତର ଲେଖ। [4

(କ) ସମ୍ବଳ ଯୋଜନାର ବିଭିନ୍ନ ପ୍ରକ୍ରିୟା ଆଲୋଚନା କର।

କିମ୍ବା, ଭାରତର କ୍ଷୁଦ୍ରଶିଳ୍ପ ସମ୍ବନ୍ଧରେ ଲେଖ।

(ଖ) ବାଉଁଶନଳା ଦ୍ୱାରା ବୁନ୍ଦା ଜଳସେଚନ ବ୍ୟବସ୍ଥା ସମ୍ବନ୍ଧରେ ଲେଖ। [4

କିମ୍ବା, ଭାରତରେ ଖରିଫ୍ ଫସଲର ବିଶେଷତ୍ୱ ଓ ବଣ୍ଟନ ସମ୍ବନ୍ଧରେ ଲେଖ।

2. ସଂକ୍ଷେପରେ ଉତ୍ତର ଲେଖ। [3

(କ) ଅରଣ୍ୟ କ୍ଷୟର ମୁଖ୍ୟ କାରଣଗୁଡ଼ିକ ଲେଖ।

କିମ୍ବା, ଗୋବର ଗ୍ୟାସ୍ ପ୍ଲାଣ୍ଟ କ'ଣ ? ଏହାର ଉପାଦେୟତା ବିଷୟରେ ସଂକ୍ଷେପରେ ଲେଖ।

(ଖ) ସଂକ୍ଷିପ୍ତ ଟିପ୍ପଣୀ ଲେଖ। [3
ଫେଡ଼ାଲଫର :

କିମ୍ବା, ଲିଗ୍ନାଇଟ୍ କୋଇଲା :

(ଗ) ପାର୍ଥକ୍ୟ ଲେଖ। [2
ପୂରଣୀୟ ସମ୍ବଳ ଓ ଅପୂରଣୀୟ ସମ୍ବଳ

କିମ୍ବା, କଙ୍କର ଓ ଖାଦର

(ଘ) କାରଣ ଦର୍ଶାଅ। [2

(a) ଲୌହ -ଇସ୍ପାତ ଶିଳ୍ପକୁ ମୌଳିକ ଶିଳ୍ପ କୁହାଯାଏ।

କିମ୍ବା, ଆଲୁମିନିୟମ୍ ଏକ ଗୁରୁତ୍ୱପୂର୍ଣ୍ଣ ଧାତୁ।

(b) ଭାରତର ପଶ୍ଚିମ ଉପକୂଳରେ ଜୁଆରିଆ ଅରଣ୍ୟ ଦେଖାଯାଏ ନାହିଁ। [2

କିମ୍ବା, ବ୍ୟାପକ କୃଷିରେ ଯାନ୍ତ୍ରିକ ଉପକରଣ ବ୍ୟବହାର ଅଧିକ ହୋଇଥାଏ।

3. ସଂକ୍ଷେପରେ ଉତ୍ତର ଦିଅ। [3

(a) ବିଶ୍ୱ ବାଣିଜ୍ୟ ସଙ୍ଗଠନ ଯେଉଁ ସବୁ ପ୍ରସଙ୍ଗ ଉପରେ ଗୁରୁତ୍ୱ ପ୍ରଦାନ କରିଛି, ସେଗୁଡ଼ିକୁ ଉଲ୍ଲେଖ କର।

କିମ୍ବା, ବିକାଶୋନ୍ମୁଖୀ ଦେଶଗୁଡ଼ିକର ଲକ୍ଷଣଗୁଡ଼ିକ କ'ଣ ?

4. ପାର୍ଥକ୍ୟ ଦର୍ଶାଅ। [2

(a) ସରକାରୀ ମାଲିକାନା ଓ ଘରୋଇ ମାଲିକାନା।

କିମ୍ବା, ଜାତୀୟ ଖାଉଟି କମିଶନ ଓ ରାଜ୍ୟ ଖାଉଟି କମିଶନ ।

## ଉତ୍ତରମାଳା : PART – I (OBJECTIVE)

### ଇତିହାସ ଓ ରାଜନୀତି ବିଜ୍ଞାନ

୧. (କ) ସେଭର୍ସ (ଖ) ରାଜନୈତିକ (ଗ) ଲକ୍ଷ୍ନୌ (ଘ) ପାକିସ୍ଥାନ (ଙ) ରାଜ୍ୟସଭା

୨. (କ) ୧୮୮୮ ଅକ୍ଟୋବର ମାସରେ ଗାନ୍ଧିଜୀ ବାରିଷ୍ଟରୀ ପଢ଼ିବା ପାଇଁ ଇଂଲଣ୍ଡ ଯାତ୍ରାକଲେ। (ଖ) ପୁରୀ ଜିଲ୍ଲାରେ ପଣ୍ଡିତ ନୀଳକଣ୍ଠ ଦାସ ଓ ଜଗନ୍ନାଥ ରଥ ଲବଣ ସତ୍ୟାଗ୍ରହର ନେତୃତ୍ୱ ନେଇଥିଲେ। (ଗ) କଟକର ରେଭେନ୍ସା କଲେଜିଏଟ୍ ସ୍କୁଲରେ ଛାତ୍ର ଥିବା ସମୟରେ ସୁଭାଷଚନ୍ଦ୍ର ବୋଷ ଛାତ୍ରମାନଙ୍କୁ ସଂଗଠିତ କରି ଖୁଦିରାମ ସହିଦ ଦିବସ ପାଳନ କରିଥିଲେ। (ଘ) ୧୯୬୫ ଭାରତ-ପାକିସ୍ଥାନ ଯୁଦ୍ଧ ସମୟରେ ରିଚାର୍ଡ଼ ନିକ୍ସନ୍ ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ଥିଲେ। (ଙ) ସମ୍ବିଧାନ ପ୍ରଣୟନ ସଭାର ପ୍ରଥମ ବୈଠକ ୧୯୪୬ ମସିହା ଡିସେମ୍ବର ମାସ ୯ ତାରିଖରେ ବସିଥିଲା।

୩. (କ) ବାଲେଶ୍ୱର (ଖ) ତିନି (ଗ) ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ୍ (ଘ) ୩୨୬ (ଙ) ୪୮

୪. (କ) ✓ (ଖ) × (ଗ) ✓ (ଘ) × (ଙ) ✓

୫.

| 'କ'ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ମିଖାଇଲ ଗୋର୍ବାଚେଭ୍ | ରୁଷିଆ |
| ଆଦର୍ଶ ଆଚରଣ ବିଧି | ନିର୍ବାଚନ |
| ନବମ ପଞ୍ଚବାର୍ଷିକ ଯୋଜନା | ୧୯୯୭ |
| ଗଡ଼ଜାତ ରାଜ୍ୟ | ନୀଳଗିରି |
| ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠନ | ଓ ଡନେଲ୍ କମିଟି |

### ଭୂଗୋଳ ଓ ଅର୍ଥନୀତି

୬. (କ) ରେ (ଖ) ହରିଆନା (ଗ) ଖଣି ଖନନ୍ (ଘ) ଚା (ଙ) ମାର୍ଚ୍ଚ ୧୫

୭. (କ) ଆରାବଳୀ ପର୍ବତର ପାର୍ଶ୍ୱରେ ଦେଖାଯାଉଥିବା ମରୁସ୍ଥଳୀ ମୃତ୍ତିକାକୁ ରୋଗୋଲିଥ୍ କୁହାଯାଏ। (ଖ) ବୃଷ୍ଟିଜଳ ସଂଗ୍ରହ ପାଇଁ ଜୈସାଲମାର ଅଞ୍ଚଳରେ ନିର୍ମିତ ସଂରଚନାକୁ ଖାଡ଼ିନ୍ କୁହାଯାଏ। (ଗ) ଆଗ୍ନେୟ ଓ ରୂପାନ୍ତରିତ ଶିଳାର ଫାଟ, ଛିଦ୍ର, ଭୂଭ୍ରଂଶ ଏବଂ ଖଞ୍ଜାମାନଙ୍କରେ ଖଣିଜ କମ୍ ପରିମାଣରେ ଥିଲେ ତାହାକୁ ଭେନ୍ କୁହାଯାଏ। (ଘ) ବଜାରଭିତ୍ତିକ ଅର୍ଥନୀତିକୁ ଜଗତୀକରଣ କୁହାଯାଏ। (ଙ) ଜଣେ ବ୍ୟକ୍ତିଙ୍କୁ ଜୀବନଯାପନ କରିବା ପାଇଁ ସର୍ବନିମ୍ନ ଆବଶ୍ୟକତାର ଅଭାବକୁ ଦାରିଦ୍ର୍ୟ କୁହାଯାଏ।

୮. (କ) ଯେଉଁ ସମ୍ବଳଗୁଡ଼ିକ ଭୂପୃଷ୍ଠର କେତେକ ନିର୍ଦ୍ଦିଷ୍ଟ ସ୍ଥାନରେ ସୀମିତ ଭାବେ ମିଳିଥାଏ ସେଗୁଡ଼ିକର ସ୍ଥାନୀୟ ସମ୍ବଳ କୁହାଯାଏ। (ଖ) କୃଷ୍ଣ କାର୍ପାସ ମୃତ୍ତିକାକୁ ଆନ୍ତର୍ଜାତିକ ସ୍ତରରେ କ୍ରାନ୍ତୀୟ ଚେର୍ଣ୍ଣୋଜେମ୍ ମୃତ୍ତିକା କୁହାଯାଏ। (ଗ) ଜନସଂଖ୍ୟାବୃଦ୍ଧି ବିକାଶୋନ୍ମୁଖୀ ଦେଶଗୁଡ଼ିକର ମୁଖ୍ୟ ସମସ୍ୟା ଅଟେ। (ଘ) ବର୍ତ୍ତମାନ ଆମ ଦେଶରେ ପାଖାପାଖି ୪୬୦ ଟି ଦ୍ରବ୍ୟକୁ ପାଇକାରୀ ଦର ସୂଚକ ପ୍ରସ୍ତୁତ କରିବା ପାଇଁ ବ୍ୟବହାର କରାଯାଉଛି। (ଙ) ଉଚ୍ଚଦର ଖାଉଟି ଶୋଷଣର ଏକ ପ୍ରକାରଭେଦ ଅଟେ।

୯. (କ) ବିଲୁପ୍ତ ଜାତି (ଖ) ଆଲ୍‌ପାଇନ ଅରଣ୍ୟ (ଗ) ଗୋବରଗ୍ୟାସ୍ ପ୍ଲାଣ୍ଟ (ଘ) ପ୍ରାବିଧିକ ବେକାରୀ (ଙ) ମୋଟ ଜାତୀୟ ଆୟ

୧୦. (କ)




(ଖ) ୧. ପରମାଣୁ ଶକ୍ତି ଉତ୍ପାଦନ, ୨. ଜିଲ୍ଲା ବିଚାର ମଞ୍ଚ

## ଉତ୍ତରମାଳା : PART – II (SUBJECTIVE)

### ଇତିହାସ ଓ ରାଜନୀତି ବିଜ୍ଞାନ

1. (କ)(i) ନେତୃତ୍ୱ ଓ ସଂଗଠନ ଅଭାବ ଯୋଗୁଁ ଆନ୍ଦୋଳନ ଧୀରେ ଧୀରେ ପ୍ରଶମିତ ହୋଇଥିଲା। କାରଣ ନେତୃତ୍ୱ ଅଭାବରେ ଲୋକମାନେ ସ୍ୱତଃପ୍ରବୃତ୍ତ ଭାବରେ ନିଜ ବିଚାର ଅନୁଯାୟୀ ଆନ୍ଦୋଳନ ଚାଲୁରଖିବା ସମ୍ଭବପର ହୋଇ ନ ଥିଲା।

(ii) ଦେଶର ବିଭିନ୍ନ ପ୍ରାନ୍ତରେ ଆନ୍ଦୋଳନ କରୁଥିବା କଂଗ୍ରେସ କର୍ମୀଙ୍କ ମଧ୍ୟରେ ସମନ୍ୱୟ ନ ଥିଲା।

(iii) ଏହି ଆନ୍ଦୋଳନକୁ ଦେଶୀୟ ରାଜା, ଜମିଦାର, ଧନୀ ବ୍ୟବସାୟୀ ଓ କେତେକ ରାଜନୈତିକ ଦଳ ସମର୍ଥନ ଦେଇ ନ ଥିଲେ।

(iv) ସରକାରଙ୍କ ସଶସ୍ତ୍ର ଦମନଲୀଳା ଯୋଗୁଁ ଆନ୍ଦୋଳନ ଦବି ଯାଇଥିଲା।

କିମ୍ବା,

(i) କେତେକ ଉତ୍ସାହୀ ଯୁବକ ୧୯୦୩ ମସିହାରେ ରମ୍ଭାଠାରେ ଏକତ୍ରିତ ହୋଇ ଖଲ୍ଲିକୋଟ ରାଜା ହରିହର ମର୍ଦ୍ଦରାଜଙ୍କ ପ୍ରେରଣାରେ ଗଞ୍ଜାମ ଜାତୀୟ ସମିତି ନାମକ ଏକ ଅନୁଷ୍ଠାନ ଗଠନ କରିଥିଲେ।

(ii) ଗଞ୍ଜାମ ଓ ଅନ୍ୟାନ୍ୟ ଦକ୍ଷିଣାଞ୍ଚଳ ଜିଲ୍ଲା ତଥା ଓଡ଼ିଶାର ଅନ୍ୟାନ୍ୟ ଅଞ୍ଚଳକୁ ଏକ ଶାସନାଧୀନରେ ରଖିବା ପାଇଁ ଉଦ୍ୟମ କରିବା ଏହାର ଉଦ୍ଦେଶ୍ୟ ଥିଲା।

(iii) ୧୯୦୩ ଏପ୍ରିଲରେ ବ୍ରହ୍ମପୁରଠାରେ ଅନୁଷ୍ଠିତ ଏହାର ପ୍ରଥମ ବୈଠକରେ ଓଡ଼ିଶା, ବଙ୍ଗ, କେନ୍ଦ୍ରୀୟ ପ୍ରଦେଶ ଓ ମାନ୍ଦ୍ରାଜ ପ୍ରେସିଡେନ୍ସିର ସମସ୍ତ ଓଡ଼ିଆ ଭାଷାଭାଷୀ ଅଞ୍ଚଳରୁ ପ୍ରତିନିଧିମାନେ ଯୋଗ ଦେଇଥିଲେ ଓ ଏହି ସଭାରେ ଅଧକ୍ଷତା କରିଥିଲେ ଶ୍ୟାମସୁନ୍ଦର ରାଜଗୁରୁ।

(iv) ମଧୁସୂଦନ ଦାସ ନିମନ୍ତ୍ରିତ ହୋଇ ଏହି ସଭାରେ ଯୋଗ ଦେଇଥିଲେ।

(ଖ)(i) ୧୯୩୦ ମସିହା ଏପ୍ରିଲ ୯ ତାରିଖ ଦିନ ଆଇନ ଅମାନ୍ୟ ଆନ୍ଦୋଳନ ଘୋଷଣା କରାଯାଇଥିଲା।

(ii) ଏହାର କାର୍ଯ୍ୟକ୍ରମ ମଧ୍ୟରେ ଲବଣ ଆଇନ ଭଙ୍ଗ କରି ସମୁଦ୍ରରୁ ଲୁଣ ମାରିବା, ବିଦେଶୀ ଦ୍ରବ୍ୟରେ ଅଗ୍ନି ସଂଯୋଗ କରିବା ଓ ଅସ୍ପୃଶ୍ୟତା ବର୍ଜନ କରିବା।

(iii) ମଦ ଦୋକାନ, ଅଫିମ ବିକ୍ରୟ ସ୍ଥାନ ଓ ବିଦେଶୀ ଲୁଗା ଦୋକାନ ଆଗରେ ସତ୍ୟାଗ୍ରହ କରିବା ଓ ଚରଖାରେ ସୂତା କାଟିବା।

(iv) ଛାତ୍ରମାନେ ସ୍କୁଲ, କଲେଜ ପରିତ୍ୟାଗ କରିବା, ସରକାରୀ କର୍ମଚାରୀମାନେ ଚାକିରିରୁ ଇସ୍ତଫା ଦେବା ଓ ଓକିଲମାନେ ଆଇନ ବ୍ୟବସାୟ ତ୍ୟାଗ କରି ଅହିଂସା ଉପାୟରେ ଆନ୍ଦୋଳନ କରିବା ଏହାର କାର୍ଯ୍ୟକ୍ରମ ଥିଲା।

କିମ୍ବା,

(i) ମଧୁସୂଦନ ଦାସଙ୍କ ଉଦ୍ୟମରେ ୧୮୮୨ ଅଗଷ୍ଟ ୧୬ ତାରିଖରେ କଟକଠାରେ 'ଉତ୍କଳସଭା' ନାମକ ଏକ ରାଜନୈତିକ ଅନୁଷ୍ଠାନ ଗଠନ ହୋଇଥିଲା।

(ii) ଏହାର ପ୍ରଥମ ସଭାପତି ଓ ସମ୍ପାଦକ ଯଥାକ୍ରମେ ଥିଲେ ଚୌଧୁରୀ କାଶୀନାଥ ଦାସ ଓ ଗୌରୀଶଙ୍କର ରାୟ।

(iii) ସ୍ଥାନୀୟ ସ୍ୱାୟତ୍ତ ଶାସନ ଅନୁଷ୍ଠାନ ସୃଷ୍ଟି କରିବା ଓ ଲୋକହିତକର କାର୍ଯ୍ୟକ୍ରମକୁ ପ୍ରୋତ୍ସାହିତ କରିବା ଏହି ଅନୁଷ୍ଠାନର ଉଦ୍ଦେଶ୍ୟ ଥିଲା।

(iv) ଏହା ସର୍ବପ୍ରଥମ ସୁସଂଗଠିତ ରାଜନୈତିକ ଅନୁଷ୍ଠାନ ଥିଲେ ମଧ୍ୟ ଏହାର କାର୍ଯ୍ୟପରିସର ଅତି ସଂକୀର୍ଣ୍ଣ ଥିଲା।

2. (କ)((i) ଖାନ୍ ଅବ୍‌ଦୁଲ୍ ଗଫର ଖାନ୍ ସୀମାନ୍ତ ଗାନ୍ଧି ଭାବରେ ପରିଚିତ।

(ii) ସେ ଉତ୍ତର-ପଶ୍ଚିମ ସୀମାନ୍ତ ପ୍ରଦେଶରେ ଆଇନ ଅମାନ୍ୟ ଆନ୍ଦୋଳନକୁ ସଂଗଠିତ କରିଥିଲେ।

(iii) ତାଙ୍କ ଦ୍ୱାରା ଗଠିତ 'ଖୁଦାଇ ଖିଦ୍‌ମତ୍‌ଗାର' ନାମକ ସଂଗଠନ ମାଧ୍ୟମରେ ସେ ଆଇନ ଅମାନ୍ୟ ଆନ୍ଦୋଳନକୁ ସଂଗଠିତ କରିଥିଲେ।

କିମ୍ବା,

(i) ୧୯୦୩ ମସିହାରେ ଭାରତୀୟ ଜାତୀୟ କଂଗ୍ରେସର ମାନ୍ଦାଜ ଅଧିବେଶନରେ ମଧୁସୂଦନ ଦାସ ଓ ଗୌରୀଶଙ୍କର ରାୟ ଯୋଗଦେଇଥିଲେ।

(ii) ଏହି ଅଧିବେଶନରେ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ନେଇ ଓଡ଼ିଶା ପ୍ରଦେଶ ଗଠନ ଓ ଗଞ୍ଜାମକୁ ଓଡ଼ିଶା ସହିତ ମିଶ୍ରଣ ପାଇଁ ପ୍ରସ୍ତାବ ମଧୁସୂଦନ ଦାସ ଉପସ୍ଥାପନ କରିଥିଲେ।

(iii) ଏହି ପ୍ରସ୍ତାବକୁ ସେଠାରେ ଗୁରୁତ୍ୱ ଦିଆ ନଯିବାରୁ ମଧୁବାବୁ କ୍ଷୁବ୍ଧ ହୋଇ କଂଗ୍ରେସ ସହ ସମ୍ପର୍କ ଛିନ୍ନ କରିଥିଲେ।

(ଖ)(i) ସାଇମନ୍ କମିଶନ୍ ୧୯୨୮ ମସିହା ଫେବୃଆରୀ ୩ ତାରିଖରେ ବମ୍ବେଠାରେ ପଦାର୍ପଣ କରିଥିଲା।

(ii) ଏହି କମିଶନ୍‌ରେ ୭ ଜଣ ସଭ୍ୟ ଥିଲେ ମଧ୍ୟ ଜଣେବି ଭାରତୀୟ ସଭ୍ୟ ନ ଥିବାରୁ ଭାରତୀୟମାନେ ଅପମାନ ବୋଧ କରିଥିଲେ।

(iii) ତେଣୁ ସେମାନେ 'ସାଇମନ୍ ଫେରିଯାଅ' ଧ୍ୱନି ଦେବାସହ କମିଶନ୍‌ର ସଦସ୍ୟମାନଙ୍କୁ କଳାପତାକା ପ୍ରଦର୍ଶନ କଲେ।

କିମ୍ବା,

(i) ଜାଲିଆନାୱାଲାବାଗ୍ ହତ୍ୟାକାଣ୍ଡର ସରକାରୀ ତଦନ୍ତ କରିବା ପାଇଁ ୧୯୧୯ ଅକ୍ଟୋବର ମାସରେ ହଣ୍ଟର କମିଟି ଗଠନ କରାଯାଇଥିଲା।

(ii) ଏହି କମିଟିର ରିପୋର୍ଟରେ ହତ୍ୟାକାଣ୍ଡର ଖଳନାୟକ ଜେନେରାଲ ଡାୟାରଙ୍କ କାର୍ଯ୍ୟକୁ ଅନୁମୋଦନ କରାଯାଇ ତାଙ୍କୁ ନିର୍ଦ୍ଦୋଷ ଘୋଷଣା କରାଯାଇଥିଲା।

(iii) ତେଣୁ କମିଟି ଗଠନ ଏକ ଧୂଆଁବାଣ ଥିବାରୁ ଏହା ଭାରତୀୟମାନଙ୍କୁ ସନ୍ତୁଷ୍ଟ କରିପାରି ନ ଥିଲା।

(ଗ)(i) ୧୯୯୨ ମସିହା ଫେବୃୟାରୀ ମାସ ୧ ତାରିଖ ଦିନ ଦିଲ୍ଲୀକୁ ସ୍ୱତନ୍ତ୍ର ରାଜ୍ୟପାହ୍ୟାର ମାନ୍ୟତା ମିଳିଛି।

(ii) ୬୯ ତମ ସମ୍ବିଧାନ ସଂଶୋଧନ ଆଇନରେ କେନ୍ଦ୍ର ଶାସିତ ଅଞ୍ଚଳ ଦିଲ୍ଲୀକୁ ଏହି ମାନ୍ୟତା ମିଳିଛି।

(iii) ଏହି ସ୍ୱୀକୃତୀ ସ୍ୱୀକୃତି ସହିତ ୧୯୯୩ ମସିହା ପରଠାରୁ ଦିଲ୍ଲୀ ପାଇଁ ଗୋଟିଏ ବିଧାନ ସଭା ଓ ଗୋଟିଏ ମନ୍ତ୍ରି ପରିଷଦର ବ୍ୟବସ୍ଥା କରାଯାଇଛି।

କିମ୍ବା,

(i) ୧୯୪୮ ମସିହାରେ ସମ୍ବିଧାନ ସଭାର ସୁପାରିସ କ୍ରମେ ଭାଷଭିତ୍ତିକ ରାଜ୍ୟ ଆୟୋଗ ଗଠିତ ହୋଇଥିଲା।

(ii) ଏହି ଆୟୋଗରେ ତିନିଜଣ ସଭ୍ୟ ଥିଲେ।

(iii) ସେମାନେ ହେଲେ ଜବାହରଲାଲ ନେହେରୁ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଏବଂ ପଟ୍ଟାଭି ସୀତାରାମାୟା।

3.(କ) (i) ଇରମ ଗୁଳିକାଣ୍ଡ ୧୯୪୨ ମସିହା ସେପ୍ଟେମ୍ବର ୨୮ରେ ହୋଇଥିଲା।

(ii) ଏଥିରେ ପ୍ରାଣ ହରାଇଥିବା ମହିଳାଙ୍କ ନାମ ପରୀ ବେୱା।

କିମ୍ବା,

(i) ବିଶ୍ୱକବି ରବୀନ୍ଦ୍ରନାଥ ଠାକୁର ଗାନ୍ଧିଜୀଙ୍କୁ 'ମହାତ୍ମା' ଆଖ୍ୟା ପ୍ରଦାନ କରିଥିଲେ।

(ii) ଦକ୍ଷିଣ ଆଫ୍ରିକାରେ ଗାନ୍ଧିଜୀଙ୍କ ମହାନ୍ ନୀତି ଯୋଗୁଁ ସେ ଏହି ଆଖ୍ୟା ପ୍ରଦାନ କରିଥିଲେ।

(ଖ)(i) ମହିମା ଧର୍ମର ପ୍ରଧାନ ପ୍ରବର୍ତ୍ତକ ଥିଲେ ମହିମା ଗୋସ୍ୱାମୀ।

(ii) ଏହାର ମୁଖ୍ୟ ପ୍ରଚାରକ ଥିଲେ ଭୀମ ଭୋଇ।

କିମ୍ବା,

(i) ବାଲ ଗଙ୍ଗାଧର ତିଳକଙ୍କ ସ୍ମୃତିରେ ତିଳକ ସ୍ୱରାଜ ପାଣ୍ଠି ଗଠନ କରାଯାଇଥିଲା।

(ii) ଅସହଯୋଗ ଆନ୍ଦୋଳନକୁ ଅର୍ଥ ଯୋଗାଇବା ପାଇଁ ଏହି ପାଣ୍ଠି ଗଠିତ ହୋଇଥିଲା।

(ଗ)(i) ସୁଭାଷ ଚନ୍ଦ୍ର ବୋଷ ୧୯୪୧ ମସିହା ମାର୍ଚ୍ଚ ୨୫ରେ ବର୍ଲିନ୍‌ରେ ପହଞ୍ଚିଥିଲେ।

(ii) ସେ ବର୍ଲିନ୍‌ଠାରେ 'ସ୍ୱାଧୀନ ଭାରତ କେନ୍ଦ୍ର' ପ୍ରତିଷ୍ଠା କରିଥିଲେ।

କିମ୍ବା,

(i) ଇଂରେଜ ସରକାରଙ୍କ ଲବଣ ଆଇନ ଭଙ୍ଗ କରିବା ଦାଣ୍ଡିଯାତ୍ରାର ଉଦ୍ଦେଶ୍ୟ ଥିଲା।

(ii) ଏହା ଜନସାଧାରଣଙ୍କୁ ଆଇନ ଅମାନ୍ୟ ଆନ୍ଦୋଳନର ସଂକେତ ପ୍ରଦାନ କରିଥିଲା।

(ଘ)(i) ଆନ୍ଧ୍ରପ୍ରଦେଶ ୧୯୫୩ ମସିହାରେ ଗଠିତ ହୋଇଥିଲା।

(ii) ମାଡ୍ରାସର ତେଲୁଗୁ ଭାଷାଭାଷୀ ଅଞ୍ଚଳକୁ ନେଇ ଏହା ଗଠିତ ହୋଇଥିଲା।

କିମ୍ବା,

(i) ୧୯୬୯ ମସିହା ଆସାମ ପୁନର୍ଗଠନ ଆଇନ ଅନୁସାରେ ଆସାମ ରାଜ୍ୟ ମଧ୍ୟରେ ମେଘାଳୟ ଉପରାଜ୍ୟ ସୃଷ୍ଟି ହେଲା।

(ii) ୧୯୭୧ ମସିହାରେ ଏହା ରାଜ୍ୟ ପାହ୍ୟାକୁ ଉନ୍ନୀତ ହେଲା।

### ଭୂଗୋଳ ଓ ଅର୍ଥନୀତି

1.(କ) (i)ବିଭିନ୍ନ କାର୍ଯ୍ୟପାଇଁ ସମ୍ବଳର ଆବଶ୍ୟକତା ନିର୍ଦ୍ଧାରଣ ଓ ସମ୍ବଳପ୍ରାପ୍ତି ସ୍ଥାନର ଚିହ୍ନଟିକରଣ ଏବଂ ସମ୍ବଳ ଚାହିଦାର ପରିମାଣ ଆକଳନ କରିବା।

(ii) ସମ୍ବଳର ଗଚ୍ଛିତ ପରିମାଣ ଓ ବିକାଶସ୍ତର ଆକଳନ, ଏହାର ସର୍ବେକ୍ଷଣ, ମାନଚିତ୍ରକରଣ ଏବଂ ସଂଖ୍ୟାତ୍ମକ ତଥା ଗୁଣାତ୍ମକ ମୂଲ୍ୟାୟନ।

(iii) ସମ୍ବଳ ଉତ୍ତୋଳନ, କ୍ରିୟାତ୍ମକ ମୂଲ୍ୟ ଏବଂ ବ୍ୟବହାର ତଥା ଯୋଜନା ସଂରଚନା ପ୍ରସ୍ତୁତିକରଣ।

(iv) ସମ୍ବଳ ଉତ୍ତୋଳନ ପାଇଁ ଆବଶ୍ୟକୀୟ ଯନ୍ତ୍ରପାତିର ଉପଲବ୍ଧ, ଉପଯୁକ୍ତ କୌଶଳ ଓ ପ୍ରଯୁକ୍ତି ବିଦ୍ୟା, ବଜାର ମୂଲ୍ୟ ନିର୍ଦ୍ଧାରଣ, ଅନୁଷ୍ଠାନ, ଅବସ୍ଥାନ ଇତ୍ୟାଦି ସମ୍ବଳ ବିକାଶ ସମ୍ବନ୍ଧୀୟ ପ୍ରକ୍ରିୟାର ଅବଲମ୍ବନ ଉପରେ ଆଧାରିତ ଯୋଜନା ପ୍ରଣୟନ।

କିମ୍ବା,

(i) କ୍ଷୁଦ୍ର ଶିଳ୍ପରେ ଶ୍ରମ ଶକ୍ତି ବ୍ୟତୀତ ଶକ୍ତିଚାଳିତ ଯନ୍ତ୍ରପାତି ସାହାଯ୍ୟରେ ଦ୍ରବ୍ୟ ଉତ୍ପାଦିତ ହୋଇଥାଏ।

(ii) ଏହି ଶିଳ୍ପରେ ଅଳ୍ପ ପୁଞ୍ଜି ବିନିଯୋଗ ଓ କମ୍ ସଂଖ୍ୟାରେ ମଜୁରିଭୋଗୀ ଶ୍ରମିକ ନିଯୁକ୍ତି ହୋଇଥାନ୍ତି।

(iii) ଆବଶ୍ୟକ କଞ୍ଚାମାଲ ସ୍ଥାନୀୟ ଭାବେ ମିଳୁନ ଥିଲେ ବାହାରୁ ଆଣି ବ୍ୟବହାର କରାଯାଏ। ଉତ୍ପାଦିତ ଦ୍ରବ୍ୟ ଖୋଲାବଜାରରେ ବ୍ୟବସାୟୀମାନଙ୍କ ମାଧ୍ୟମରେ ବିକ୍ରୟ କରାଯାଏ।

(iv) କାଗଜ ତିଆରି ଦ୍ରବ୍ୟ, ଖେଳନା, ଆସବାବପତ୍ର, ଖାଇବା ତେଲ, ଚମଡ଼ା ଦ୍ରବ୍ୟ, ରେଡ଼ିଓ ଓ ଟେଲିଭିଜନ୍ ତଥା ବିଦ୍ୟୁତ୍ ସରଞ୍ଜାମ ଆଦି କ୍ଷୁଦ୍ର ଶିଳ୍ପ ମାଧ୍ୟମରେ ଉତ୍ପାଦନ ହୋଇଥାଏ।

(ଖ)(i) ପାହାଡ଼ ଉପରିସ୍ଥ ଝରଣାରୁ ନିମ୍ନସ୍ଥ ଜାଗାରେ ମାଧ୍ୟାକର୍ଷଣ ଶକ୍ତି ସାହାଯ୍ୟରେ ବାଉଁଶନଳା ସାହାଯ୍ୟରେ ଜଳ ପହଞ୍ଚିଥାଏ। ବାଉଁଶ ନଳାରେ ନିର୍ମିତ ନାଳୀ ଦ୍ୱାରା ଜଳ କୃଷିକ୍ଷେତ୍ରରେ ବିଭିନ୍ନ ଭାଗକୁ ନଳା ବିଛାଯାଇ ପାଣି ମଡ଼ାଯାଏ।

(ii) ଜଳ ସ୍ରୋତର ଗତି ଓ ଦିଗ ବାଉଁଶ ନଳାକୁ ବିଭିନ୍ନ ଜାଗାରେ ଯୋଡ଼ାଯାଇ ନିୟନ୍ତ୍ରଣ କରାଯାଏ।

(iii) ଯଦି ପାଇପଗୁଡ଼ିକ ରାସ୍ତା ପାରି ହେବାର ଥାଏ ତେବେ ସେଗୁଡ଼ିକ ରାସ୍ତାର ବହୁ ଉଚ୍ଚରେ ନିଆଯାଇଥାଏ।

(iv) ପ୍ରାୟ ୧୮ ରୁ ୨୦ ଲିଟର ପାଣି ବାଉଁଶ ନଳା ସାହାଯ୍ୟରେ ଶହ ଶହ ମିଟର ଦୂର ଗତି କଲାପରେ ଗଛ ମୂଳରେ ପ୍ରତି ମିନିଟ୍‌ରେ ୨୦ ରୁ ୮୦ ବୁନ୍ଦା ହିସାବରେ ପଡ଼େ।

କିମ୍ବା,

(i) ଭାରତରେ ଖରିଫ୍ ଫସଲ ମୌସୁମୀ ବାୟୁ ଆଗମନ ସହିତ ଜୁନ୍ ଓ ଜୁଲାଇ ମାସରେ ଆରମ୍ଭ ହୋଇ ଶୀତଋତୁ ପୂର୍ବ ଅକ୍ଟୋବର ଓ ନଭେମ୍ବର ପର୍ଯ୍ୟନ୍ତ ଚାଲିଥାଏ।

(ii) ଅଧିକ ଉତ୍ତାପ ଓ ଅଧିକ ବୃଷ୍ଟିପାତ ଆବଶ୍ୟକ କରୁଥିବା ଶସ୍ୟ ଏହି ଋତୁରେ ଚାଷ କରାଯାଏ।

(iii) ଧାନ, କପା, ଆଖୁ, ଝୋଟ, ମକା, ଜଡ଼ା ଆଦି ଖରିଫ୍ ଫସଲର ଅନ୍ତର୍ଗତ।

(iv) ଦେଶର ଅଧିକାଂଶ କୃଷିଭୂମି, ବନ୍ୟାପ୍ଲାବିତ ଅଞ୍ଚଳ, ସମତଳ ଭୂମି ଓ ଜଳସେଚିତ ଅଞ୍ଚଳରେ ଖରିଫ୍ ଚାଷ କରାଯାଇଥାଏ।

2. (କ)(i) ଜନବସତି ସ୍ଥାପନ ଓ ନଗରୀକରଣ ଯୋଗୁଁ ଭୂମିର ଆବଶ୍ୟକତା ବୃଦ୍ଧି ପାଉଛି।

ଅବଶିଷ୍ଟାଂଶ ପରବର୍ତ୍ତୀ ପୃଷ୍ଠାରେ...



ଧନ ହେଉଛି ଧର୍ମ ଲାଗି ବ୍ୟୟ କରିବା, ଯଦି ଏହା ନିଜର ଉପଭୋଗରେ ଲଗାଯାଏ, ତା' ହେଲେ ଧନରେ ଅପବ୍ୟୟ କରାଗଲା ବୋଲି ବୁଝାଯିବ ।
- ଶିରିଡ଼ି ସାଇବାବା

## ସଂକ୍ଷେପରେ

### ରେଲୱେ ତାରରେ ଜଳିଗଲେ ଯୁବକ

**କଟକ ଅଫିସ, ୧୭।୧:** କଟକ ରେଳ ଷ୍ଟେଶନରେ ଶୁକ୍ରବାର ଜଣେ ଯୁବକ ରେଲୱେ ତାର ସଂସ୍ପର୍ଶରେ ଆସି ଜଳିଯାଇଛନ୍ତି। ମୃତକଙ୍କ ପରିଚୟ ମିଳିପାରି ନ ଥିବାବେଳେ ବୟସ ପ୍ରାୟ ୩୦ ବର୍ଷ ହେବ। ସକାଳ ୮ଟାରେ ଯୁବକ ଜଣକ ଛିଣ୍ଡାବସ୍ତ୍ର ପିନ୍ଧି ଓ ଅଣ୍ଟାରେ ଦଉଡି ବାନ୍ଧି ପ୍ଲାଟ୍‌ଫର୍ମରେ ଡିଆଁ ମାରୁଥିଲେ। ହଠାତ୍ ୭ ନମ୍ବର ରେଳଧାରଣାରେ ଛିଡା ହୋଇଥିବା ଏକ କୋଇଲା ବୋଝେଇ ଟ୍ରେନ୍ ଉପରକୁ ଚଢି ଯାଇଥିଲେ। କେହି କିଛି ବୁଝିବା ଆଗରୁ ସେ ରେଳଧାରଣା ଉପରେ ଯାଇଥିବା ୩୩ କେଭି ବିଦ୍ୟୁତ୍ ତାରକୁ ଧରି ଓହଳି ପଡିଥିଲେ। ଫଳରେ ତାଙ୍କ ଶରୀରର ୯୦ ଭାଗ ପୋଡିଯିବାରୁ ମୃତ୍ୟୁ ଘଟିଥିଲା। ଜିଆରପି ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ଏସ୍‌ସିବି ମେଡିକାଲ ପଠାଇଥିଲା। ମୃତକ ଜଣକ ମାନସିକ ବିକାରଗ୍ରସ୍ତ ଯୁବକ। ଅନେକ ସମୟରେ ସେ ରେଳଷ୍ଟେଶନର ଆଖପାଖ ଅଞ୍ଚଳରେ ବୁଲାବୁଲି କରୁଥିଲେ ବୋଲି ପ୍ରାଥମିକ ତଦନ୍ତ ପରେ ଜିଆରପି ଥାନା ଅଧିକାରୀ ଉମାକାନ୍ତ ବିଶ୍ୱାଳ କହିଛନ୍ତି।

### କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନୀ ମାମଲା: ୩୧ରେ ପରବର୍ତ୍ତୀ ଶୁଣାଣି

**କଟକ ଅଫିସ,୧୭।୧:** କଣ୍ଟାବାଞ୍ଜି ବିଧାନସଭା ଆସନର ନିର୍ବାଚନୀ ଫଳାଫଳକୁ ନେଇ ହାଇକୋର୍ଟରେ ଦୁଇଟି ମାମଲା ରୁଜୁ ହୋଇଥିଲା। ଏହି ଦୁଇଟି ମାମଲାର ଏକତ୍ର ଶୁଣାଣି ଶୁକ୍ରବାର ଜଷ୍ଟିସ ବିଶ୍ୱଜିତ୍ ମହାନ୍ତିଙ୍କ ଇଜଲାସରେ ହୋଇଥିଲା। ଅଜୟ ଦାସଙ୍କ ପକ୍ଷରୁ ଆଗତ ମାମଲାରେ ବିଧାୟକ ସନ୍ତୋଷ ସିଂ ସାଲୁଜାଙ୍କ ପକ୍ଷରୁ ତାଙ୍କ ଓକିଲ ଜବାବ ଦାଖଲ କରିଥିଲେ। ଉକ୍ତ ମାମଲାରେ ମଧ୍ୟ ଅନ୍ୟତମ ଆବେଦନକାରୀ ତଥା ପରାଜିତ ପ୍ରାର୍ଥୀ ଲକ୍ଷ୍ମଣ ବାଗଙ୍କ ପକ୍ଷରୁ ଜବାବ ଦାଖଲ କରାଯାଇଛି। ତେବେ ଉକ୍ତ ମାମଲାରୁ ବାଦ ପଡ଼ିବା ପାଇଁ ଭାରତୀୟ ନିର୍ବାଚନ କମିଶନଙ୍କ ପକ୍ଷରୁ ହାଇକୋର୍ଟରେ ହୋଇଥିବା ଆବେଦନ ଉପରେ ଆସନ୍ତା ୩୧ ତାରିଖରେ ଶୁଣାଣି କରାଯିବ। ନିର୍ବାଚନ କମିଶନଙ୍କ ପକ୍ଷରୁ ପିଟିଶନରେ ଦର୍ଶାଯାଇଥିଲା, ଉକ୍ତ ମାମଲାରେ ନିର୍ବାଚନ କମିଶନଙ୍କୁ ପକ୍ଷଭୁକ୍ତ କରା ନ ଯାଉ। ମାତ୍ର ଏହାର ଜବାବରେ ଆବେଦନକାରୀଙ୍କ ପକ୍ଷରୁ କୋର୍ଟରେ ଦର୍ଶାଯାଇଥିଲା, ଇଭିଏମ୍‌ର ମାଲିକ ହେଉଛନ୍ତି ନିର୍ବାଚନ କମିଶନ। ଭୋଟ ପରେ ଗଣତି ହେବା ପର୍ଯ୍ୟନ୍ତ ଇଭିଏମ୍‌ର ରକ୍ଷଣାବେକ୍ଷଣ ଓ ସୁରକ୍ଷା ନିର୍ବାଚନ କମିଶନଙ୍କ ପରିଧି ମଧ୍ୟରେ ଆସୁଛି। ତେଣୁ ଉକ୍ତ ମାମଲାରେ ନିର୍ବାଚନ କମିଶନ ଅତ୍ୟାବଶ୍ୟକ ପକ୍ଷ ବୋଲି ଆବେଦନକାରୀଙ୍କ ଓକିଲ ଅଶ୍ୱିନୀ ଦାସ କୋର୍ଟରେ ଦର୍ଶାଇଥିଲେ।

# ୩୦୭ ଦଫା ଦାବିକଲା ଶିଖ୍ ସମ୍ପ୍ରଦାୟ

## ପୋଲିସ ସମ୍ମୁଖରେ ପଞ୍ଜାବୀ ଯୁବକଙ୍କୁ ଆକ୍ରମଣ ଘଟଣା



ଶିଖ ସମ୍ପ୍ରଦାୟର ମହମବତି ଶୋଭାଯାତ୍ରା।

- ମହମବତି ଜାଳି ପ୍ରତିବାଦ, ଆଗକୁ ଛାଡ଼ିଲାନି ପୋଲିସ
- ଏବେ ବି ଭୟ, ଆଶଙ୍କାରେ ପରବିନ୍ଦରଙ୍କ ପରିବାର

ଭୁବନେଶ୍ୱର,୧୭।୧(ବ୍ୟୁରୋ)

ପୋଲିସ ଉପସ୍ଥିତିରେ ପଞ୍ଜାବୀ ଯୁବକ ପରବିନ୍ଦର ପାଲ ସିଂଙ୍କୁ ଆକ୍ରମଣ ଘଟଣାକୁ ଇତି ମଧ୍ୟରେ ୫ଦିନ ବିତିଛି। ଏବେ ବି ପରବିନ୍ଦର ଓ ତାଙ୍କ ପରିବାର ଭୟ ଆଶଙ୍କାରେ କାଳାତିପାତ କରୁଛନ୍ତି। ମରଣାନ୍ତକ ଆକ୍ରମଣ ସତ୍ତ୍ୱେ ପୋଲିସ ସବୁ ଦେଖିବି କୋହଳ ଦଫା ଲଗାଇବା, ଗିରଫ ୩ ଅଭିଯୁକ୍ତ କେଇଘଣ୍ଟା ପରେ ଜାମିନରେ ମୁକୁଳିବା ଏବଂ ରାତି ଗୋଟାଏରେ ଭୁବନେଶ୍ୱର-ମଧ୍ୟ ବିଧାୟକ ଅନନ୍ତ ଜେନା, ଖୋର୍ଦ୍ଧା ଡିଏସ୍‌ପି ଅନୁପ କାନୁନ୍‌ଗୋଙ୍କ ସମେତ ୪ଜଣ ହଠାତ୍ ପରବିନ୍ଦରଙ୍କ ଘର କବାଟ ବାଡ଼େଇବା ଘଟଣାକୁ ସହଜରେ ଗ୍ରହଣ କରିପାରୁ ନାହାନ୍ତି ଭୁବନେଶ୍ୱରରେ ଥିବା ଶିଖ ସମ୍ପ୍ରଦାୟ। ଶୁକ୍ରବାର ଭୁବନେଶ୍ୱରରେ ରହୁଥିବା ଶିଖ୍ ସମ୍ପ୍ରଦାୟର ଲୋକେ ଖାରବେଳନଗର ଥାନା ନିକଟ ଗୁରୁଦ୍ୱାର ପରିସରରେ ଏକାଠି ହୋଇଥିଲେ। ସେମାନଙ୍କ ମନରେ ପୋଲିସର କାର୍ଯ୍ୟଧାରାକୁ ନେଇ ନାନା ଅସନ୍ତୋଷ କୁହୁଳୁଥିଲା। ସନ୍ଧ୍ୟାରେ ମହମବତି ଜାଳି ଶୋଭାଯାତ୍ରାରେ ମାଷ୍ଟରକ୍ୟାଣ୍ଟିନ ଅଭିମୁଖେ ବାହାରୁଥିଲେ। ହେଲେ ଆଇନଶୃଙ୍ଖଳା ପରିସ୍ଥିତି ଆଶଙ୍କା କରି ଶୋଭାଯାତ୍ରାକୁ ଆଗକୁ ଛାଡ଼ି ନ ଥିଲା। ଫଳରେ ସେମାନେ ଗୁରୁଦ୍ୱାର ଫାଟକ ନିକଟରେ ରହି ଆଖିରେ କଳା କପଡ଼ା ବାନ୍ଧି, ହାତରେ ମହମବତି ଜାଳି ପ୍ରତିବାଦ ଓ ଦାବି ଜଣାଇଥିଲେ। ପୋଲିସ ପଗଡ଼ିକୁ ସମ୍ମାନ ଦେଉ। ପରବିନ୍ଦରଙ୍କ ଆକ୍ରମଣକାରୀଙ୍କ ନାମରେ ୩୦୭ ଦଫା ଲଗାଇବା ଓ ସମ୍ପୃକ୍ତ ଅନ୍ୟମାନଙ୍କୁ ତୁରନ୍ତ ଗିରଫ କରୁ। ପରବିନ୍ଦରଙ୍କୁ ଉଚିତ ନ୍ୟାୟ ଦିଆଯାଉ ବୋଲି ଦାବି କରିଥିଲେ।

### ୩ ଅଭିଯୁକ୍ତଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ

ଶୁକ୍ରବାର ୩ ଅଭିଯୁକ୍ତ ଦୀପକ ଜେନା, ଶଙ୍କର ରାଉତ ଓ ଦୀପକ ମହାନ୍ତିଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ କରିଛି। ସିସିଟିଭି ଫୁଟେଜ, ସାକ୍ଷୀ ଓ ମେଡିକାଲ ରିପୋର୍ଟ ଆଧାରରେ ଚାର୍ଜଶିଟ୍ ଦାଖଲ କରାଯାଇଥିବା କମିଶନରେଟ୍ ପୋଲିସ ପକ୍ଷରୁ କୁହାଯାଇଛି। ମଙ୍ଗଳବାର ଅପରାହ୍ନରେ ଘଟଣା ଘଟିଥିବାବେଳେ ପିସିଆର୍ ଇନ୍‌ଚାର୍ଜ ସୁବାସ ଚନ୍ଦ୍ର ରାଉତଙ୍କୁ ନିଲମ୍ବିତ କରାଯିବା ସହ ଉପରୋକ୍ତ ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ୩ ଦିନ ମଧ୍ୟରେ ଚାର୍ଜଶିଟ୍ ଦାଖଲ କରିବାକୁ ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ ଘଟଣା ପରଦିନ ନିର୍ଦ୍ଦେଶ ଦେଇଥିଲେ।

ଏନେଇ ବରିଷ୍ଠ ଆଇନଜୀବୀ ଚିତ୍ତରଞ୍ଜନ ଦାସ କହିଛନ୍ତି, ପଣ୍ଡିତ ପୁଅ ମାଙ୍କଡ଼ ମାରିଲେ ଦୋଷ ନାହିଁ ଭଳି ପୋଲିସ କାର୍ଯ୍ୟ କରୁଛି। ପୋଲିସ ହାତରେ କ୍ଷମତା ରହିଥିବାରୁ ସେ ଲୋକଙ୍କ ଜୀବନ ସହ ଖେଳ ଖେଳୁଛନ୍ତି। ଜଣେ ପଞ୍ଜାବୀ ଯୁବକଙ୍କ ଆଖିକୁ ପଥରରେ ଛେଚି ମରଣାନ୍ତକ ଆକ୍ରମଣ କରାଗଲା, କିନ୍ତୁ ପୋଲିସ ୩୦୭ ଏବଂ ୩୨୬ ଲଗାଇଲା ନାହିଁ। ପୋଲିସ ଅଭିଯୁକ୍ତଙ୍କୁ ଘଣ୍ଟ ଘୋଡାଇଥିବା ଏଥିରୁ ସ୍ପଷ୍ଟ ହେଉଛି।

### ମଙ୍ଗୁମଠ ଭଙ୍ଗାକୁ ବିରୋଧ କରିଥିବାରୁ ଏଭଳି ଷଡ଼ଯନ୍ତ୍ର ହୋଇଥାଇପାରେ : ପରବିନ୍ଦର

ଆକ୍ରମଣ ପଛରେ ଷଡ଼ଯନ୍ତ୍ର ରହିଛି ବୋଲି ପରବିନ୍ଦର ପାଲ ସିଂ ଆଶଙ୍କା କରୁଛନ୍ତି। ସେ କହିଛନ୍ତି, ମଙ୍ଗୁମଠ ଭଙ୍ଗା ଖବର ଆସିବା ପରେ ପୁରୀକୁ ଯାଇ ପ୍ରତିବାଦ କରିଥିଲି। ଏ ସଂକ୍ରାନ୍ତରେ ଏକ ପ୍ରତିନିଧି ଦଳ ସହ ପଞ୍ଜାବ ଯାଇ ଆଲୋଚନା ମଧ୍ୟ କରିଥିଲି। ତେଣୁ ଜାଣିଶୁଣି ଏଭଳି ଆକ୍ରମଣ କରାଯାଇଛି। ତାଙ୍କ ପରିବାର ଏଠାରେ ସୁରକ୍ଷିତ ନାହାଁନ୍ତି। ଅଭିଯୁକ୍ତ ଜାମିନରେ ଆସି ଖୁଲମ୍ ଖୁଲା ବୁଲୁଛନ୍ତି। ଘର ଆଗରେ ପୋଲିସ ଥିଲେ ମଧ୍ୟ ଭରସା ପାଉନି। ପୋଲିସ ଆଗରେ ମୋର ପଗଡ଼ିକୁ ଘୋଷାଡି ନେଇ ଗୋଡ଼ରେ ଫିଙ୍ଗି ମୋତେ ପିଟିଲେ। ପୋଲିସ ଘର ଆଗରେ ଜଗିଲେ ମଧ୍ୟ ଶାନ୍ତିରେ ଘରେ ଶୋଇ ପାରୁନୁ। କୋହଳ ଦଫା ଲଗାଇବାରୁ ଅଭିଯୁକ୍ତମାନେ ଜାମିନ ପାଇଗଲେ। ଏବେ ଚାର୍ଜଶିଟ୍ ଦାଖଲ କ'ଣ ମୋତେ ଓ ମୋ ପଗଡ଼ିକୁ ନ୍ୟାୟ ଦେଇପାରିବ ବୋଲି ସେ ପ୍ରଶ୍ନ କରିଛନ୍ତି।

# ଛାତ୍ରଙ୍କୁ ସିନିୟର ଛାତ୍ରଙ୍କ ମାଡ଼

## ଥାନାରେ ଅଭିଯୋଗ କଲେ ଛାତ୍ରଙ୍କ ମା'

ଭୁବନେଶ୍ୱର,୧୭।୧(ବ୍ୟୁରୋ)

ଖଣ୍ଡଗିରି ଥାନା ସିଜୁଆ ଅଞ୍ଚଳରେ ଥିବା ଏକ ଘରୋଇ ସ୍କୁଲ ହଷ୍ଟେଲରେ ଏକାଦଶ ଶ୍ରେଣୀର ଛାତ୍ରଙ୍କଠାରୁ ଜଣେ ସପ୍ତମଶ୍ରେଣୀ ଛାତ୍ର ପ୍ରବଳ ମାଡ଼ ଖାଇ ଆହତ ହୋଇଛନ୍ତି। ତାଙ୍କ ଗୋଡ, ହାତ ଓ ପିଠିରେ ମାଡ଼ଚିହ୍ନ ରହିଛି। ଏହା ଜାଣିବା ପରେ ପରିବାର ଲୋକେ ଛାତ୍ରଙ୍କୁ ହଷ୍ଟେଲରୁ କଟକ ସ୍ଥିତ ଘରକୁ ନେଇ ଆସିଛନ୍ତି। ଏନେଇ ଶୁକ୍ରବାର ଖଣ୍ଡଗିରି ଥାନାରେ ଛାତ୍ରଙ୍କ ମା' ସଞ୍ଚିତା ବେହେରା ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଆଧାରରେ ପୋଲିସ ୪୩/୨୦ନମ୍ବରରେ ଏକ ମାମଲା ରୁଜୁ କରି ତଦନ୍ତ କରୁଛି।

ଅଭିଯୋଗ ଅନୁଯାୟୀ, ହଷ୍ଟେଲକୁ ଛାତ୍ରମାନେ ମୋବାଇଲ୍ ଫୋନ ନେବା ଅନୁମତି ନାହିଁ। କିନ୍ତୁ ଏକାଦଶ ଶ୍ରେଣୀର କେତେଜଣ ଛାତ୍ର ହଷ୍ଟେଲରେ ମୋବାଇଲ ଫୋନ୍‌ରେ ଗପୁଥିବା ନେଇ ୱାର୍ଡେନଙ୍କ ସନ୍ଦେହ ହୋଇଥିଲା। ୪ ଦିନ ତଳେ ସେ ଯାଞ୍ଚ କରିବାରୁ ଜଣେ ଏକାଦଶ ଶ୍ରେଣୀର ଛାତ୍ରଙ୍କଠାରୁ ମୋବାଇଲ ଫୋନ ମିଳିଥିଲା। ଏନେଇ ୱାର୍ଡେନ ଉକ୍ତ ଛାତ୍ରଙ୍କୁ ତାଗିଦ କରିଥିଲେ। ହେଲେ ୱାର୍ଡେନଙ୍କୁ କୁଆଡେ ୭ମ ଶ୍ରେଣୀର ଛାତ୍ର ଜଣକ ଖବର ଦେଇଥିବା ନେଇ ଉକ୍ତ ସିନିୟର ଛାତ୍ରଙ୍କ ସନ୍ଦେହ କରିଥିଲେ। ତେଣୁ ଗତ ୧୫ ତାରିଖ ରାତିରେ ହଷ୍ଟେଲରେ ତାଙ୍କୁ ନିର୍ଘାତ ମାଡ଼ ମାରିଥିଲେ।

# ଚନ୍ଦ୍ରଭାଗା ଉଡେନ୍ ରେସ୍ତୋରାଁର ଘରୋଇକରଣକୁ ବିରୋଧ

ଭୁବନେଶ୍ୱର,୧୭।୧(ବ୍ୟୁରୋ)

## ଓଡ଼ିଶା ପର୍ଯ୍ୟଟନ ନିଗମ କର୍ମଚାରୀ ସଂଘର ଚେତାବନୀ

କୋଣାର୍କ ଚନ୍ଦ୍ରଭାଗା ବେଳାଭୂମି ସଂଲଗ୍ନ ଉଡେନ୍ ରେସ୍ତୋରାଁକୁ ଘରୋଇ କମ୍ପାନୀକୁ ହସ୍ତାନ୍ତର କରିବା ନିଷ୍ପତ୍ତିକୁ ବିରୋଧ କରିଛି ଓଡ଼ିଶା ପର୍ଯ୍ୟଟନ ନିଗମ କର୍ମଚାରୀ ସଂଘ। ସଂଘ ପକ୍ଷରୁ ଶୁକ୍ରବାର ପାନ୍ଥନିବାସଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ରେସ୍ତୋରାଁର ଘରୋଇକରଣକୁ ବିରୋଧ କରାଯିବା ସହ ଏହା ଏକ ଯୋଜନାବଦ୍ଧ ଉଦ୍ୟମ ବୋଲି କୁହାଯାଇଛି। ଓଟିଡିସି ଦ୍ୱାରା ପରିଚାଳିତ ହେଉଥିବା ଏହି ଉଡେନ୍ ରେସ୍ତୋରାଁ ଦୀର୍ଘବର୍ଷ ହେବ ଲାଭରେ ଚାଲୁଥିଲା। ୨୦୧୭-୧୮ ବର୍ଷରେ ଚନ୍ଦ୍ରଭାଗା ଉଡେନ୍ ରେସ୍ତୋରାଁ ୩୭,୯୨,୨୨୩ ଟଙ୍କା ଆୟ କରିଥିବାବେଳେ ୨୦୧୮-୧୯ ବର୍ଷରେ ମୋଟ ୩୯,୧୨,୨୨୪ ଟଙ୍କା ଆୟ କରିଥିଲା। ଲାଭରେ ଚାଲୁଥିବା ସତ୍ତ୍ୱେ ପର୍ଯ୍ୟଟନ ବିଭାଗ କ'ଣ ପାଇଁ ଏହାକୁ ଘରୋଇ ହୋଟେଲ୍ ସଂସ୍ଥାକୁ ଟେକିଦେବାକୁ ବିଜ୍ଞାପନ ବାହାର କରିଛି ବୋଲି ସଂଘ ପ୍ରଶ୍ନ କରିଛି।

ଏନେଇ ସଂଘର କାର୍ଯ୍ୟକାରୀ ସଭାପତି ବେଣୁଧର ପାତ୍ର କହିଛନ୍ତି, ସାଧାରଣ ନିର୍ବାଚନ ପୂର୍ବରୁ ରାଜ୍ୟରେ ଲାଭରେ ଚାଲୁଥିବା ପ୍ରାୟ ୨୦ରୁ ଅଧିକ ପାନ୍ଥନିବାସକୁ ମଧ୍ୟ ଘରୋଇକରଣ କରିବାକୁ ଷଡ଼ଯନ୍ତ୍ର ଆରମ୍ଭ ହୋଇଥିଲା। ହେଲେ ସେତେବେଳେ ଏହା ସଫଳ ହୋଇପାରି ନ ଥିଲା। ରାଜସ୍ୱ ବିଭାଗ ଅଧୀନରେ ଥିବା ୧ ଏକର ଜମିରେ ପ୍ରାୟ ଏକ ଦଶନ୍ଧି ହେଲା ପର୍ଯ୍ୟଟନ ବିଭାଗ ଓଟିଡିସି ମାଧ୍ୟମରେ ଏହି ରେସ୍ତୋରାଁ ଚଳାଇ ଆସୁଥିଲା। ତେଣୁ ପର୍ଯ୍ୟଟନ ବିଭାଗ ଅଗ୍ରିମ ଦଖଲରେ ଥିବାରୁ ଉକ୍ତ ସ୍ଥାନ ବା ଜମିକୁ ସରକାରୀ ସଂସ୍ଥା ବ୍ୟତୀତ କୌଣସି ଘରୋଇ ସଂସ୍ଥାକୁ ସବ୍-ଲିଜ୍ ସୂତ୍ରରେ ଦିଆଯାଇପାରିବ ନାହିଁ ବୋଲି ସେ କହିଛନ୍ତି। ଯଦି ସରକାର ଏହି ନିଷ୍ପତ୍ତିରୁ ନ ଓହରନ୍ତି ତା'ହେଲେ କର୍ମଚାରୀମାନେ ଆନ୍ଦୋଳନକୁ ଓହ୍ଲାଇବା ସହିତ ଆଇନର ଆଶ୍ରୟ ନେବେ ବୋଲି ସଂଘ ପକ୍ଷରୁ କୁହାଯାଇଛି।

# ଅତିରିକ୍ତ ଜିଲା ଓ ଦୌରାଜଜ୍ କୋର୍ଟ ଉଦ୍‌ଘାଟିତ

କଟକ ଅଫିସ, ୧୭।୧



ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଜଷ୍ଟିସ ସଞ୍ଜୁ ପଣ୍ଡାଙ୍କ ସହ ଅନ୍ୟମାନେ ଭାରତ ସମ୍ବିଧାନର ମୁଖବନ୍ଧ ପାଠ କରୁଛନ୍ତି।

କଟକ ଜିଲା ଓ ଦୌରାଜଜ୍‌ଙ୍କ କୋର୍ଟ ପରିସରରେ ଶୁକ୍ରବାର ଏକ ଅତିରିକ୍ତ ଜିଲା ଓ ଦୌରାଜଜ୍ (ଏଲ୍‌ଆର୍)ଙ୍କ କୋର୍ଟ ଉଦ୍‌ଘାଟିତ ହୋଇଯାଇଛି। ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଜଷ୍ଟିସ ସଞ୍ଜୁ ପଣ୍ଡା ଏହାକୁ ଉଦ୍‌ଘାଟନ କରିଥିଲେ। ଜିଲା ଓ ଦୌରାଜଜ୍ ରାଜକୁମାର ସାହୁ କଟକ ଆଇନ ବିଭାଗ ଓଡ଼ିଶା ସରକାରଙ୍କ ନୂଆକୋର୍ଟ ସଂକ୍ରାନ୍ତୀୟ ବିଜ୍ଞପ୍ତି ପାଠ କରିଥିଲେ। ଉକ୍ତ କୋର୍ଟରେ ଅତିରିକ୍ତ ଜିଲା ଜଜ୍ ଭାବେ ସତ୍ୟନାରାୟଣ କର କାର୍ଯ୍ୟ ଆରମ୍ଭ କରିଛନ୍ତି। ଉଦ୍‌ଘାଟନ ପରେ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ସମ୍ବିଧାନ ମୁଖବନ୍ଧର ଏକ ବୋର୍ଡ ଉନ୍ମୋଚନ କରାଯାଇଛି। ଜିଲା ଆଇନ ସେବା ପ୍ରାଧିକରଣ ସଚିବ ଗାର୍ଗୀ ପଟ୍ଟନାୟକ କାର୍ଯ୍ୟକାରୀ ମୁଖ୍ୟ ବିଚାରପତିଙ୍କ ଅନୁମତି ନେଇ ସମସ୍ତ ବିଚାର ବିଭାଗୀୟ ଅଧିକାରୀ, କୋର୍ଟ କର୍ମଚାରୀ, ଆଇନଜୀବୀ ଏବଂ ପାରା ଲିଗାଲ ଭଲ୍ୟୁଣ୍ଟରଙ୍କୁ ଭାରତ ସମ୍ବିଧାନର ମୁଖବନ୍ଧ ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ଆଇନ ସେବା ପ୍ରାଧିକରଣ ସଦସ୍ୟ ସଚିବ ଦେବାଶିଷ ନାଏକ, ହାଇକୋର୍ଟର ଡିଆର୍ ପ୍ରୋଟୋକଲ ଜ୍ୟୋତିରଞ୍ଜନ ଦାସ ଯୋଗଦେଇଥିଲେ। ପ୍ରୋଟୋକଲ ଅଫିସର ବି.ବି. ରାଏ, ସିଭିଲ କୋର୍ଟସ୍ ରେଜିଷ୍ଟ୍ରାର ପଦ୍ମଲୋଚନ ବଡ଼ଜେନା ଏବଂ କୋର୍ଟ ମ୍ୟାନେଜର ଆଶିଷ କୁମାର ଘୋଷ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବ୍ରାଉନସୁଗାର ର୍‍ୟାକେଟରେ ଇଞ୍ଜିନିୟରିଂ ଛାତ୍ର ଗ୍ୟାଙ୍ଗ୍

ଭୁବନେଶ୍ୱର,୧୭।୧(ବ୍ୟୁରୋ)

- ମାଷ୍ଟରମାଇଣ୍ଡଙ୍କୁ ଗିରଫ କଲା ଏସ୍‌ଟିଏଫ୍
- ୧୫ ଗ୍ରାମ୍ ବ୍ରାଉନସୁଗାର ଜବତ
- ଇଞ୍ଜିନିୟରିଂ କଲେଜ, ହଷ୍ଟେଲରେ ବିକ୍ରି କରନ୍ତି

ବ୍ରାଉନସୁଗାର କାରବାରରେ ଇଞ୍ଜିନିୟରିଂ ଛାତ୍ର। ଶୁକ୍ରବାର କ୍ରାଇମ୍‌ବ୍ରାଞ୍ଚ ଏସ୍‌ଟିଏଫ୍ ଟିମ୍ ଜଣେ ଇଞ୍ଜିନିୟରିଂ ଛାତ୍ରଙ୍କୁ ଧରିବା ପରେ ଏକ ବଡ଼ ର୍‍ୟାକେଟର ସୁରାକ ପାଇଛି। ଗିରଫ ଛାତ୍ର ଜଣକ ହେଲେ ଝାଡ଼ଖଣ୍ଡ ହଜାରିବାଗ ଜିଲାର ବିଶାଲ ସିଂ (୨୩)। ତାଙ୍କ ନିକଟରୁ ୧୫ ଗ୍ରାମର ବ୍ରାଉନସୁଗାର ଜବତ କରାଯାଇଥିବାବେଳେ ପଚରାଉଚରାବେଳେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଛି। ତାଙ୍କ ବିରୋଧରେ ଏସ୍‌ଟିଏଫ୍ କେସ୍ ନଂ.୫/୨୦ ରୁଜୁ କରି ଭୁବନେଶ୍ୱର ଜିଲା ଦୌରାଜଜ୍ କୋର୍ଟକୁ ପଠାଇ ଦେଇଛି।

ବିଶାଲ ଏଠାରେ ଏକ ଇଞ୍ଜିନିୟରିଂ କଲେଜରେ ପଢ଼ିବା ସହ ବ୍ରାଉନସୁଗାର ବେପାର କରନ୍ତି। ବାଲେଶ୍ୱର ଜଳେଶ୍ୱରରୁ ବାଇକ୍ ଓ ବସ୍‌ରେ ବ୍ରାଉନସୁଗାର ଆଣି ଭୁବନେଶ୍ୱରର ବିଭିନ୍ନ ଇଞ୍ଜିନିୟରିଂ କଲେଜ ନିକଟ ଓ ହଷ୍ଟେଲରେ ବିକ୍ରି କରନ୍ତି। ଜଳେଶ୍ୱରରେ ୩ଜଣ ବ୍ୟକ୍ତି ବ୍ରାଉନସୁଗାର ଡିଲର ଚଳାଇଛନ୍ତି। ସେମାନେ ବାଂଲାଦେଶ ଓ କଲିକତାରୁ ଜଳପଥରେ ବ୍ରାଉନସୁଗାର ଆଣି ବିଶାଲଙ୍କ ଭଳି ବହୁ ବ୍ୟବସାୟୀଙ୍କୁ ଯୋଗାଇଥାନ୍ତି। ତେବେ ବିଶାଲଙ୍କ ର୍‍ୟାକେଟରେ ସାମିଲ ରହିଛନ୍ତି ବହୁ ଇଞ୍ଜିନିୟରିଂ ଛାତ୍ର। ପୁଣି ଅଧିକାଂଶ ଛାତ୍ର ହେଉଛନ୍ତି ତାଙ୍କର ଗ୍ରାହକ। ପ୍ରଥମେ ସେ ଏକୁଟିଆ ଏହି ବେପାର କରୁଥିବାବେଳେ ଧୀରେ ଧୀରେ ଗ୍ରାହକ ହୋଇଥିବା କେତେଜଣ ଛାତ୍ରଙ୍କୁ ନେଇ ସେ ଆରମ୍ଭ କରିଥିଲେ ଗ୍ୟାଙ୍ଗ୍। ସମ୍ପୃକ୍ତ ଛାତ୍ରଙ୍କୁ ଭିନ୍ନ ଭିନ୍ନ କଲେଜ ଅଞ୍ଚଳ ଓ ହଷ୍ଟେଲ ଦାୟିତ୍ୱ ଦେଇଥିବାବେଳେ ବିଶାଲ ପୂରା କାରବାରର ତଦାରଖ କରନ୍ତି। ସମୟ ସୁଯୋଗ ଦେଖି ନିଜେ ମଧ୍ୟ ବ୍ରାଉନସୁଗାର ବିକ୍ରି କରିଥାନ୍ତି। ସବୁଦିନପରି ଶୁକ୍ରବାର ବିଶାଲ ଖଣ୍ଡଗିରି ନିକଟ ପଞ୍ଚଶଖା ନଗରରେ ଥିବା ଏକ ଇଞ୍ଜିନିୟରିଂ କଲେଜ ନିକଟରେ ବ୍ରାଉନସୁଗାର ବିକ୍ରି କରୁଥିଲେ। ଖବରପାଇ ଏସ୍‌ଟିଏଫ୍ ଟିମ୍ ଅପରାହ୍ନ ୨ଟାରେ ସେଠାରେ ଚଢାଉ କରି ତାଙ୍କୁ କାବୁ କରିଥିଲେ।

ସୂଚନାଯୋଗ୍ୟ,୧୧ ଦିନରେ ଏସ୍‌ଟିଏଫ୍ ପୁରୀ, ବାଲେଶ୍ୱର, ଅନୁଗୋଳ, ଖୋର୍ଦ୍ଧା, ପିପିଲି, ଢେଙ୍କାନାଳ ଏବଂ ଭୁବନେଶ୍ୱରରେ ଚଢାଉ କରି ୧୧ରୁ ଊର୍ଦ୍ଧ୍ୱ ବ୍ରାଉନସୁଗାର ବେପାରୀଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ୯୩ ଗ୍ରାମର ବ୍ରାଉନ ସୁଗାର, ୯ଲକ୍ଷ ଟଙ୍କା ,୩ ବାଇକ ଏବଂ ବ୍ୟାଙ୍କ୍ ଆକାଉଣ୍ଟକୁ ଜବତ କରିଛି। ଆଗାମୀ ଦିନରେ ଏସ୍‌ଟିଏଫ୍ ପକ୍ଷରୁ ଏଭଳି ଚଢାଉ ଜାରି ରହିବ ବୋଲି ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

# ଜଟଣୀ ଫ୍ଲାଏ ଓଭରବ୍ରିଜର ଭିଜିଲାନ୍ସ ତଦନ୍ତ ହେବ

କଟକ ଅଫିସ,୧୭।୧

## ହାଇକୋର୍ଟଙ୍କ ଆଦେଶ

ଖୋର୍ଦ୍ଧା ଜିଲା ଜଟଣୀର କୁଦିଆରି ନିକଟରେ ନିର୍ମାଣାଧିନ ଫ୍ଲାଏ ଓଭରବ୍ରିଜ କାର୍ଯ୍ୟରେ ବ୍ୟାପକ ଅନିୟମିତତା କରାଯାଇଛି। ଟେଣ୍ଡର ଏଗ୍ରିମେଣ୍ଟରେ ଯେଉଁସବୁ ସର୍ତ୍ତ ଉଲ୍ଲେଖ ଥିଲା ସେଥିରେ ଖିଲାପ କରାଯାଇଛି। ଟେଣ୍ଡର ଏଗ୍ରିମେଣ୍ଟରେ ଫ୍ଲାଏ ଓଭରବ୍ରିଜ ନିର୍ମାଣ ପାଇଁ ଆବଶ୍ୟକ କରୁଥିବା ପିଲର୍ ୬୦ ଫୁଟ ଖନନ କରାଯିବା କଥା। ମାତ୍ର ୨୦ ଫୁଟ ଖନନ କରାଯାଇ ପିଲାର୍ ନିର୍ମାଣ କରାଯାଇଛି। ଏହାକୁ ବିରୋଧ କରି ସ୍ଥାନୀୟ ଲୋକେ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ମାତ୍ର ଭିଜିଲାନ୍ସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା। ଫଳରେ ଏହାକୁ ନେଇ ହାଇକୋର୍ଟରେ ମାମଲା ରୁଜୁ କରାଯାଇଥିଲା। ମାମଲାର ଶୁଣାଣି କରି ହାଇକୋର୍ଟଙ୍କ ପକ୍ଷରୁ ଉକ୍ତ ନିର୍ମାଣ କାର୍ଯ୍ୟର ତଦନ୍ତ ନିମନ୍ତେ ଭିଜିଲାନ୍ସକୁ ଆଦେଶ ଦିଆଯାଇଛି।

ପୂର୍ବ ପୃଷ୍ଠାର ଅବଶିଷ୍ଟାଂଶ...

# ସାମାଜିକ ବିଜ୍ଞାନ (SOCIAL SCIENCE)

(ii) କୃଷି ଭୂମିର ଆୟତନ ବୃଦ୍ଧି, ଶିକ୍ଷାନୁଷ୍ଠାନ, ଗମନାଗମନ ପଥର ବିସ୍ତୃତି, ଖଣିଜ ପଦାର୍ଥ ଉତ୍ତୋଳନ ଏବଂ ଜଳଭଣ୍ଡାର ଓ ନଦୀ ଉପତ୍ୟକା ଯୋଜନା ଇତ୍ୟାଦି ପାଇଁ ଅରଣ୍ୟ କ୍ଷୟ ହେଉଛି।

(iii) ପ୍ରାକୃତିକ ବିପର୍ଯ୍ୟୟ ତଥା ମାନବୀୟ କାର୍ଯ୍ୟ ଯୋଗୁଁ ଅରଣ୍ୟ କ୍ଷୟ ହେଉଛି।

**କିମ୍ବା,**

(i) ଗାଈ-ଗୋରୁମାନଙ୍କର ମଳମୂତ୍ର ବ୍ୟବହାର କରି ଯେଉଁ ଜୈବଗ୍ୟାସ୍ ଉତ୍ପାଦନ କରାଯାଏ, ତାହାକୁ ଗ୍ରାମାଞ୍ଚଳରେ ଗୋବର ଗ୍ୟାସ୍ ପ୍ଲାଣ୍ଟ କୁହାଯାଏ।

(ii) ରନ୍ଧନ କାର୍ଯ୍ୟରେ ଜାଳେଣି କାଠ ଓ ଗୋବର ଘସି ବଦଳରେ ଏହି ଗ୍ୟାସ୍‌ର ବ୍ୟବହାର ଦ୍ୱାରା ଗଛ ରକ୍ଷା ପାଇଥାଏ ଏବଂ କୃଷି କ୍ଷେତ୍ର ପାଇଁ ଜୈବିକ ସାର ମଧ୍ୟ ମିଳିଥାଏ।

(iii) ଏହାଦ୍ୱାରା ଜୈବଗ୍ୟାସ୍ ଏବଂ ଉତ୍କୃଷ୍ଟ ମାନର ଜୈବିକ ସାର ପାଇବାଦ୍ୱାରା ଚାଷୀ ଦୁଇଆଡୁ ଲାଭାନ୍ୱିତ ହୋଇଥାଏ।

(ଖ)(i) ଫେଡାଲଫର ମୃତ୍ତିକା ଲବଣାମ୍ଳଯୁକ୍ତ ଓ ସ୍ୱଳ୍ପ ଜୈବାଂଶବିଶିଷ୍ଟ ହୋଇଥାଏ।

(ii) ଏହା ଏକ ଲାଲ ମୃତ୍ତିକା।

(iii) ଦକ୍ଷିଣ ଭାରତର ବିଭିନ୍ନ ଆର୍ଦ୍ର ଅଞ୍ଚଳରେ ଏହି ପେଡ଼ାଲଫର ମୃତ୍ତିକା ଦେଖାଯାଏ।

**କିମ୍ବା,**

(i) ଏହି କୋଇଲାରେ ଅଙ୍ଗାରକର ପରିମାଣ ଶତକଡ଼ା ୬୦ ଭାଗ।

(ii) ଏହା ଏକ ନିମ୍ନମାନର ଏବଂ ଧୂସର ରଙ୍ଗର କୋଇଲା।

(iii) ଏହି କୋଇଲା ତାମିଲନାଡୁର ନେଭେଲିଠାରେ ମିଳେ ଓ ବିଦ୍ୟୁତ୍ ଶକ୍ତି ଉତ୍ପାଦନରେ ବ୍ୟବହୃତ ହୁଏ।

(ଗ)(i) **ପୂରଣୀୟ ସମ୍ବଳ:** ମନୁଷ୍ୟର ବ୍ୟବହାର ଦ୍ୱାରା ଯେଉଁ ସମ୍ବଳର ପରିମାଣରେ କୌଣସି ହ୍ରାସ ପରିଲକ୍ଷିତ ହୋଇ ନ ଥାଏ, ତାକୁ ପୂରଣୀୟ ବା ଅବିରାମ ସମ୍ବଳ କହନ୍ତି। ଉଦାହରଣ - ସୌରଶକ୍ତି, ପବନଶକ୍ତି ଓ ଜୁଆର ଶକ୍ତି।

(ii) **ଅପୂରଣୀୟ ସମ୍ବଳ:** ଯେଉଁ ସମ୍ବଳ ମନୁଷ୍ୟର ବ୍ୟବହାର ଦ୍ୱାରା ସଂପୂର୍ଣ୍ଣ ଶେଷ ହୋଇଯାଏ; କିନ୍ତୁ ପୁନଃ ସୃଷ୍ଟି କରାଯାଇପାରେ ନାହିଁ ତାହାକୁ ଅପୂରଣୀୟ ସମ୍ବଳ କୁହନ୍ତି। ଉଦାହରଣ-ଖଣିଜ ପଦାର୍ଥ ଓ ଖଣିଜ ତୈଳ।

**କିମ୍ବା,**(i) **କଙ୍କର :** ଭାଙ୍ଗର ମୃତ୍ତିକାର ଚୂନଗୋଡ଼ି ଅଧିକ ପରିମାଣରେ ଥିଲେ ତାହାକୁ କଙ୍କର ମୃତ୍ତିକା ବୋଲି କୁହାଯାଏ। ଏହି ମୃତ୍ତିକା ଗାଙ୍ଗେୟ ସମତଳ ଭୂମିରେ ପ୍ରାୟତଃ ଦେଖାଯାଏ।

**ଖାଦର :** ଗାଙ୍ଗେୟ ସମତଳ ଭୂମିର ନୂତନ ପଟୁ ମୃତ୍ତିକାକୁ ଖାଦର ମୃତ୍ତିକା କୁହାଯାଏ। ଏହା ମୁଖ୍ୟତଃ ନଦୀ ଶଯ୍ୟାର ପ୍ଲାବନଭୂମିରେ ଦେଖାଯାଏ।

(ଘ) (A)(i) ଲୌହ-ଇସ୍ପାତ ଶିଳ୍ପର ଉତ୍ପାଦିତ ଲୌହ ଇସ୍ପାତ ଅନ୍ୟ ମେସିନ ବା କଳକବ୍‌ଜାର କଞ୍ଚାମାଲ ରୂପେ ବ୍ୟବହୃତ ହୁଏ।

(ii) ଲୌହ-ଇସ୍ପାତ ଶିଳ୍ପର ସର୍ବଶେଷ ଉତ୍ପାଦ ଅନ୍ୟ ଏକ ଶିଳ୍ପର କଞ୍ଚାମାଲ ରୂପେ ବ୍ୟବହୃତ ହେଉଥିବାରୁ ଏହି ଶିଳ୍ପକୁ ମୌଳିକ ଶିଳ୍ପ କୁହାଯାଏ।

**କିମ୍ବା,**

(i) ଆଲୁମିନିୟମ୍ ଲୁହା ଭଳି ଶକ୍ତ ଏବଂ ହାଲୁକା।

(ii) ଏହା ତାପ ସୁପରିବାହୀ ଏବଂ ପ୍ରସାରଣଶୀଳ। ତେଣୁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଧାତୁ ଅଟେ।

(B)(i) ଭାରତର ପଶ୍ଚିମ ଉପକୂଳ ଅପ୍ରଶସ୍ତ, ଗଭୀର ଓ କମ୍ ଜୁଆର ଦେଖାଯାଏ।

(ii) ତେଣୁ ଏଠାରେ ଜୁଆରିଆ ଅରଣ୍ୟ ଦେଖାଯାଏ ନାହିଁ।

**କିମ୍ବା,**

(i) ଜନସଂଖ୍ୟାର ସ୍ୱଳ୍ପତା ଓ ଅଧିକ ଚାଷଜମି ଥିବା ଅଞ୍ଚଳରେ ବ୍ୟାପକ କୃଷି କରାଯାଏ।

(ii) ବ୍ୟାପକ କୃଷିଭୂମି ଥିବାରୁ ଯାନ୍ତ୍ରିକ ଉପକରଣ ଦ୍ୱାରା କୃଷିକାର୍ଯ୍ୟ କରାଯାଏ।

**3. (a)**(i) ପୃଥିବୀର ବିଭିନ୍ନ ଦେଶମାନଙ୍କ ମଧ୍ୟରେ ମୁକ୍ତ ଅବାଧ ଓ ନିରପେକ୍ଷ ବାଣିଜ୍ୟ କାରବାର ପ୍ରଚଳନ।

(ii) ଦେଶ ଦେଶ ମଧ୍ୟରେ ଥିବା ଦ୍ୱିପାକ୍ଷିକ ବାଣିଜ୍ୟ ରାଜିନାମା ବଦଳରେ ବହୁପାକ୍ଷିକ ରାଜିନାମାର ପ୍ରବର୍ତ୍ତନ।

(iii) ବିଭିନ୍ନ ଦେଶମାନଙ୍କ ମଧ୍ୟରେ ପୂର୍ବ ପ୍ରଚଳିତ ଆମଦାନି, ରପ୍ତାନୀ ନିୟମ ଓ କଟକଣା ଉଚ୍ଛେଦ କରାଯାଇଛି।

**କିମ୍ବା,**

(i) ବିକାଶୋନ୍ମୁଖୀ ଦେଶଗୁଡ଼ିକର ମୁଖ୍ୟ ଲକ୍ଷଣ ହେଉଛି ଜନସଂଖ୍ୟା ବୃଦ୍ଧି।

(ii) ଜନସଂଖ୍ୟା ବୃଦ୍ଧିକୁ ନିୟନ୍ତ୍ରଣ ନ କରି ପାରିବା ଯୋଗୁଁ ସମ୍ବଳ ଉପରେ ଅତ୍ୟଧିକ ଚାପ ପଡ଼େ ଓ ଲୋକମାନଙ୍କ ମୁଣ୍ଡପିଛା ଆୟରେ ଆଶାନୁରୂପ ବୃଦ୍ଧି ପରିଲକ୍ଷିତ ହୋଇପାରେ ନାହିଁ।

(iii) ଏହି ଦେଶମାନଙ୍କରେ ବସବାସ କରୁଥିବା ଅଧିକାଂଶ ଲୋକ ଗରିବ ହୋଇଥାନ୍ତି। ସେମାନଙ୍କ ମୁଣ୍ଡପିଛା ଆୟ କମ୍ ଓ ଜୀବନଯାପନ ମାନ ଅତି ନିମ୍ନ ଧରଣର।

**4. (a)**(i) **ସରକାରୀ ମାଲିକାନା:** ସରକାରୀ ଉଦ୍ୟମରେ ପ୍ରତିଷ୍ଠିତ ଓ ପରିଚାଳିତ ବିଭିନ୍ନ ଦ୍ରବ୍ୟ ଓ ସେବା ଉତ୍ପାଦନକାରୀ ସଂସ୍ଥା, ଯଥା- ଭାରତୀୟ ରେଳ ବିଭାଗ ଓ ଡାକ ବିଭାଗ ସରକାରୀ ମାଲିକାନାରେ ଥାଆନ୍ତି। ଏମାନେ ଜନକଲ୍ୟାଣ ପାଇଁ କାମ କରନ୍ତି।

(ii) **ଘରୋଇ ମାଲିକାନା:** ଭାରତର କୃଷି ଓ ଘରୋଇ କଳକାରଖାନା ବ୍ୟକ୍ତି ବିଶେଷଙ୍କ ମାଲିକାନାରେ ଥିବାରୁ ଏହାକୁ ଘରୋଇ ମାଲିକାନା କହନ୍ତି। ଏମାନେ ଲାଭ ଆଶାରଖି କାର୍ଯ୍ୟ କରିଥାନ୍ତି।

**କିମ୍ବା,**

(i) **ଜାତୀୟ ଖାଉଟି କମିଶନ :** ଜାତୀୟ ସ୍ତରରେ ଖାଉଟି ଅଦାଲତକୁ ଜାତୀୟ ଖାଉଟି କମିଶନ ବୋଲି କୁହାଯାଏ। ଆମ ଦେଶରେ ଏହାର କାର୍ଯ୍ୟାଳୟ ଦିଲ୍ଲୀରେ ଅବସ୍ଥିତ।

(ii) **ରାଜ୍ୟ ଖାଉଟି କମିଶନ :** ରାଜ୍ୟ ସ୍ତରରେ ଖାଉଟି ଅଦାଲକୁ ରାଜ୍ୟ ଖାଉଟି କମିଶନ ବୋଲି କୁହାଯାଏ। ଓଡ଼ିଶାରେ ଏହାର କାର୍ଯ୍ୟାଳୟ ଭୁବନେଶ୍ୱରଠାରେ ଅବସ୍ଥିତ।

□□□



ଧନହୀନ ପୁରୁଷକୁ ବେଶ୍ୟା, ବଳହୀନ ରାଜାଙ୍କୁ ପ୍ରଜା, ଫଳହୀନ ବୃକ୍ଷକୁ ପକ୍ଷୀ ଓ ଆତିଥ୍ୟ ବିହୀନ ଗୃହକୁ ଅତିଥି ତ୍ୟାଗ କରିଥାନ୍ତି।
- ଚାଣକ୍ୟ



## ସଂକ୍ଷେପରେ

### ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ 'ସ୍ୱୟମ୍' ଅନ୍‌ଲାଇନ୍ ପାଠ୍ୟକ୍ରମ ଉନ୍ମୋଚିତ



**ଭୁବନେଶ୍ୱର, ୧୭।୧(ବ୍ୟୁରୋ):** ମାନବସମ୍ବଳ ବିକାଶ ମନ୍ତ୍ରଣାଳୟ ଓ ୟୁଜିସି ଦ୍ୱାରା ଆୟୋଜିତ 'ସ୍ୱୟମ୍' ଅନ୍‌ଲାଇନ୍ ପାଠ୍ୟକ୍ରମ ଶୁକ୍ରବାର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ଉନ୍ମୋଚିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବିଶ୍ୱବିଦ୍ୟାଳୟ ଅଧୀନ ମହାବିଦ୍ୟାଳୟ ଅଧକ୍ଷ, ସଂଯୋଜକ ଓ ଛାତ୍ରୀମାନଙ୍କ ପାଇଁ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପଦ୍ମଜା ମିଶ୍ର କହିଥିଲେ ଯେ, ଆଜିର ସୂଚନା ଓ ଯୋଗାଯୋଗ ଯୁଗରେ ଅନ୍‌ଲାଇନ୍ ଶୈକ୍ଷିକ ପ୍ରକ୍ରିୟାର ଯଥେଷ୍ଟ ଗୁରୁତ୍ୱ ବଢ଼ିଛି। 'ସ୍ୱୟମ୍' କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରୀ, ଅଧାପିକା, ଅଧାପକ ଉପକୃତ ହେବେ। ଏହି ୱେବ୍‌ସାଇଟ୍‌ରେ ଅନେକ ଗୁଣାତ୍ମକ ପାଠ୍ୟକ୍ରମ ତଥା ଶୈକ୍ଷିକ ପଦ୍ଧତି ଉପଲବ୍ଧ ରହିଛି। କାର୍ଯ୍ୟକ୍ରମରେ ଖଡ଼ଗପୁର ଆଇଆଇଟି ପ୍ରଫେସର ତଥା 'ସ୍ୱୟମ୍' କାର୍ଯ୍ୟକ୍ରମର ପୂର୍ବ ଭାରତର ସଂଯୋଜକ ଶିବଶଙ୍କର ଦାସ ଯୋଗଦେଇ ଏ ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଏହି ପାଠ୍ୟକ୍ରମ କିପରି ଗ୍ରହଣ କରାଯାଇପାରିବ, ଏହାର ପରୀକ୍ଷା, ସନ୍ଦେହ ଦୂର ତଥା ସମୟ ସମ୍ପର୍କରେ ସେ ଉପସ୍ଥିତ ଛାତ୍ର, ଅଧାପିକା, ଅଧାପକଙ୍କ ପ୍ରଶ୍ନର ଉତ୍ତର ଦେଇଥିଲେ। ପ୍ରଥମ ଅଧିବେଶନରେ କୁଳପତିଙ୍କ ସମେତ ସ୍ନାତକୋତ୍ତର ପରିଷଦର ଅଧକ୍ଷା ଡ. ସରିତା ସୂପକାର, ସିଡିସିର ନିର୍ଦ୍ଦେଶିକା ଡ. ସସ୍ମିତା ମହାନ୍ତି ଓ ଶିବଶଙ୍କର ଦାସ ଉପସ୍ଥିତ ଥିଲେ। ଦ୍ୱିତୀୟ ଅଧିବେଶନରେ ଏ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଶେଷରେ ବିଶ୍ୱବିଦ୍ୟାଳୟରେ 'ସ୍ୱୟମ୍'ର ସହଯୋଗୀ ଡ. ବିବୁଧେନ୍ଦୁ ପତି ଧନ୍ୟବାଦ ଅର୍ପଣ କରିଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ୨୦ରୁ କୃଷି ଓଡ଼ିଶା: ଯୋଗଦେବେ ୧୧୨ କମ୍ପାନୀ

- ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ
- ଚାଷୀ ଜାଣିବେ ନୂତନ ଜ୍ଞାନକୌଶଳ ଓ କୃଷି ପ୍ରଣାଳୀ

**ଭୁବନେଶ୍ୱର, ୧୭।୧(ବ୍ୟୁରୋ)**





ଖବରଦାତା ସମ୍ମିଳନୀରେ ମନ୍ତ୍ରୀ ଅରୁଣ କୁମାର ସାହୁ ସୂଚନା ଦେଉଛନ୍ତି।

ରାଜ୍ୟର କୃଷକମାନଙ୍କୁ କୃଷିକ୍ଷେତ୍ରରେ ପ୍ରୟୋଗ ହେଉଥିବା ନୂତନ ଜ୍ଞାନକୌଶଳ ସହିତ ପରିଚିତ କରାଇବା ଲକ୍ଷ୍ୟ ନେଇ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ଆସନ୍ତା ୨୦ରୁ ଆରମ୍ଭ ହେବାକୁ ଯାଉଛି ରାଜ୍ୟସ୍ତରୀୟ କୃଷି ମହୋତ୍ସବ 'କୃଷି ଓଡ଼ିଶା-୨୦୨୦'। ଭୁବନେଶ୍ୱର ଜନତା ମଇଦାନରେ ହେବାକୁ ଥିବା ଏହି ମହୋତ୍ସବ ୫ ଦିନ ଧରି ଚାଲିବ। କୃଷିର ଗୁରୁତ୍ୱ ଏବଂ କୃଷକଙ୍କ ଅବଦାନକୁ ସ୍ୱୀକୃତି ପ୍ରଦାନ ସହିତ କୃଷି କ୍ଷେତ୍ରରେ ନୂତନ ଜ୍ଞାନକୌଶଳର ପ୍ରଦର୍ଶନ ଲକ୍ଷ୍ୟରେ ଚଳିତବର୍ଷ ୨୨୮ ଷ୍ଟଲ ନିର୍ମାଣ କରାଯାଇଛି। ଏଥିରେ ଜାତୀୟ ଓ ଅନ୍ତର୍ଜାତୀୟସ୍ତରର ପ୍ରାୟ ୧୧୨ କମ୍ପାନୀ ଯୋଗଦେବେ। ଦେଶ, ବିଦେଶରେ କୃଷି କ୍ଷେତ୍ରରେ ଘଟୁଥିବା ନୂତନ ଜ୍ଞାନକୌଶଳ ଓ କୃଷି ପ୍ରଣାଳୀ ସହ ଓଡ଼ିଶାର ଚାଷୀଙ୍କୁ ପରିଚିତ କରାଇବା ନିମନ୍ତେ ପ୍ରତିଦିନ ଆଲୋଚନାଚକ୍ର ଓ ପାଠଶାଳାର ଆୟୋଜନ କରାଯାଇଛି। ପ୍ରତ୍ୟହ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଆଲୋଚନାଚକ୍ରର ଆୟୋଜନ କରାଯିବ। ଏଥିରେ ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ଅନୁଷ୍ଠାନର ବିଶିଷ୍ଟ କୃଷି ବିଜ୍ଞାନୀ, କୃଷି ବିଶେଷଜ୍ଞ, କୃଷି ଅଧିକାରୀ ଓ ରାଜ୍ୟ ସରକାରଙ୍କ ବରିଷ୍ଠ ପଦାଧିକାରୀମାନେ ଯୋଗଦେବେ। ମୁଖ୍ୟତଃ ଜଳବାୟୁ ଆଧାରିତ କୃଷି ଜ୍ଞାନକୌଶଳ, ଜଳସମ୍ପଦର ସୁବିନିଯୋଗ, ବିଭିନ୍ନ କୃଷି ସମସ୍ୟାର ସ୍ଥାୟୀ ସମାଧାନ, ମୂଲ୍ୟଯୁକ୍ତ ଉତ୍ପାଦ ପାଇଁ ବଜାର ସଂଯୋଗ, କୃଷି ଉଦ୍ୟୋଗୀମାନଙ୍କ ପାଇଁ ମୂଲ୍ୟ ଶୃଙ୍ଖଳ ପରିଚାଳନା, ଫସଲ ଅମଳ ପରବର୍ତ୍ତୀ ଯତ୍ନ ଓ ପରିଚାଳନା, କୃଷି କ୍ଷେତ୍ରରେ ବୀମାଭିତ୍ତିକ ଆପଦକାଳୀନ ସ୍ଥିତି ପରିଚାଳନା, ଲାଭପ୍ରଦ କୃଷି ପାଇଁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ଭୂମିକା ଓ ଦାୟିତ୍ୱ ବିଷୟରେ ଆଲୋଚନା କରାଯିବ।

ଚଳିତବର୍ଷ କୃଷି କ୍ଷେତ୍ରରେ ସମବାୟ ଓ ଜାତୀୟ ବ୍ୟାଙ୍କ, ପଞ୍ଚାୟତିରାଜ ଜନପ୍ରତିନିଧି ଏବଂ ମହିଳାମାନଙ୍କ ଭୂମିକାକୁ ଗୁରୁତ୍ୱ ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଆସନ୍ତା ୨୧ ତାରିଖକୁ ସମବାୟ ଓ ବ୍ୟାଙ୍କିଙ୍ଗ ଦିବସ, ୨୨ ତାରିଖକୁ ପଞ୍ଚାୟତିରାଜ ଜନପ୍ରତିନିଧି ଦିବସ ଏବଂ ୨୩ ତାରିଖକୁ ମହିଳା ଦିବସ ଭାବରେ ରଖାଯାଇଛି। ସେହିପରି କୃଷି ଓ ଆନୁଷଙ୍ଗିକ କ୍ଷେତ୍ରକୁ ଋଣ ଯୋଗାଣ କ୍ଷେତ୍ରରେ ବ୍ୟାଙ୍କଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ନେଇ ୨୨ତାରିଖରେ ରାଜ୍ୟର ବ୍ୟାଙ୍କ ଅଧିକାରୀମାନଙ୍କ ଏକ ସ୍ୱତନ୍ତ୍ର ଅଧିବେଶନର ଆୟୋଜନ କରାଯାଇଛି। ଏଥିରେ ରାଜ୍ୟର ପ୍ରାୟ ୫୦୦ ବ୍ୟାଙ୍କ ଅଧିକାରୀମାନେ ଯୋଗଦେବେ। ଏହି ଅବସରରେ କୃଷି ଓ ଆନୁଷଙ୍ଗିକ କୃଷି ସମ୍ବନ୍ଧିତ କ୍ଷେତ୍ରରେ ପ୍ରଗତି ସମ୍ପର୍କରେ ତଥ୍ୟଭିତ୍ତିକ ଆକର୍ଷଣୀୟ ପ୍ରଦର୍ଶନୀ ମଣ୍ଡପର ଆୟୋଜନ କରାଯାଇଛି। କୃଷି ଓଡ଼ିଶା ଅବସରରେ ପ୍ରତ୍ୟେକ ସନ୍ଧ୍ୟାରେ ରାଜ୍ୟସ୍ତରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଅଗ୍ରଣୀ ଚାଷୀ ଓ ଉତ୍ପାଦକ ସଂସ୍ଥାଗୁଡ଼ିକୁ ସମ୍ବର୍ଦ୍ଧିତ କରାଯିବ। ଏହାଛଡ଼ା ପ୍ରତିଦିନ ସନ୍ଧ୍ୟାରେ ପ୍ରସଙ୍ଗଭିତ୍ତିକ ଆଲୋଚନା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ପରିବେଷଣ କରାଯିବ। 'କୃଷି ଓଡ଼ିଶା-୨୦୨୦'କୁ ଆସନ୍ତା ୨୦ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିବେ ଏବଂ ୨୪ରେ ଉଦ୍‌ଯାପନୀ ସନ୍ଧ୍ୟାରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ମୁଖ୍ୟଅତିଥି ଭାବେ ଯୋଗଦେବେ ବୋଲି କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ଅରୁଣ କୁମାର ସାହୁ କହିଛନ୍ତି। ବିଭାଗ ପକ୍ଷରୁ ଶୁକ୍ରବାର ଜନତା ମଇଦାନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମନ୍ତ୍ରୀ ଏହି ସୂଚନା ଦେବା ସହ ଚଳିତବର୍ଷ କୃଷି ଓଡ଼ିଶାକୁ କୃଷକଙ୍କ ପାଇଁ ଅଧିକ ଉପଯୋଗୀ ଓ ଲାଭଦାୟକ ନିମନ୍ତେ ଅଧିକ ଆକର୍ଷଣୀୟ ଓ ଶିକ୍ଷଣୀୟ କରିବା ଦିଗରେ ପଦକ୍ଷେପ ନିଆଯାଇଛି ବୋଲି କହିଛନ୍ତି। ବିଭାଗୀୟ ଅତିରିକ୍ତ ସଚିବ ଏମ୍.କେ. ପାଣି, ମେରି ଲାକ୍ରା, ମୃତ୍ତିକା ସଂରକ୍ଷଣ ନିର୍ଦ୍ଦେଶକ ଏଚ୍.କେ. ପଣ୍ଡା ଏବଂ ଓୟୁଏଟି ସମ୍ପ୍ରସାରଣ ବିଭାଗ ଡିନ୍ ପ୍ରଫେସର ପ୍ରଭାତ କୁମାର ରାଉଳ ଏହି ଅବସରରେ ଉପସ୍ଥିତ ଥିଲେ।



ପୁରୀ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ରଖାଯାଇଥିବା ଅସ୍ଥାୟୀ ବ୍ୟାରିକେଡ୍‌ରେ ଶ୍ରଦ୍ଧାଳୁ ଲୁଗାପଟା ଶୁଖାଇଛନ୍ତି।

## ୮ଗ୍ରାମ୍ ବ୍ରାଉନସୁଗାର ଜବତ, ଜଣେ ଗିରଫ

**ଜଟଣୀ,୧୭।୧(ଡି.ଏନ.ଏ)**

ବ୍ରାଉନସୁଗାର କାରବାର ଅଭିଯୋଗରେ ଜଟଣୀ ପୋଲିସ ଶୁକ୍ରବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ନୂଆଗାଁ ଗାନ୍ଧୀନଗର ଅଞ୍ଚଳର ଅଜୟ ନାୟକ। ତାଙ୍କ ନିକଟରୁ ୮ଗ୍ରାମ ବ୍ରାଉନସୁଗାର ଜବତ ହୋଇଛି। ଏହି ଥାନା ଅନ୍ତର୍ଗତ ଖଣ୍ଡୁଆଳୀ ମନ୍ଦିର ନିକଟରେ ଅଜୟ ବ୍ରାଉନସୁଗାର ବିକ୍ରି କରୁଥିବା ଖବରପାଇ ପୋଲିସ ପହଞ୍ଚି ତାଙ୍କୁ ଗିରଫ କରିଥିଲା। ଏନେଇ ଥାନାରେ ଏକ ମାମଲା (ନଂ.୨୫/୨୦)ରୁଜୁ ହୋଇଛି।

# ଫେବୃୟାରୀରେ ପୁରୀରେ ଓଡ଼ିଶା-ଜାପାନ ଫେଷ୍ଟିଭାଲ

**ପୁରୀ ଅଫିସ, ୧୭।୧**

ଆସନ୍ତା ଫେବୃୟାରୀ ୮ ଓ ୯ ତାରିଖ ଦୁଇଦିନ ଧରି ପୁରୀରେ ଆୟେଜନ ହେବ ଓଡ଼ିଶା-ଜାପାନ ଫେଷ୍ଟିଭାଲ। ଜଗନ୍ନାଥ ଷ୍ଟାଡିୟମ ପରିସରରେ ହେବାକୁ ଥିବା ଏହି ସାଂସ୍କୃତିକ ମହୋତ୍ସବ ଅବସରରେ ପୁରୀ ଏକ ମିନି ଜାପାନର ଭ୍ରମ ସୃଷ୍ଟି କରିବ। ଏହାଦ୍ୱାରା ଉଭୟ ଓଡ଼ିଶା ଓ ଜାପାନର କଳା, ସଂସ୍କୃତି ଆଦିର ଆଦାନ ପ୍ରଦାନ ହୋଇପାରିବ। ଜାପାନ -ଇଣ୍ଡିଆ କ୍ଲବ, ଚନ୍ଦ୍ରଶେଖର ଏକାଡେମୀ ଏବଂ ଇଣ୍ଡିଆ-ଜାପାନ ଫ୍ରେଣ୍ଡଶିପ ସେଣ୍ଟର ମିଳିତ ଆନୁକୂଲ୍ୟରେ ଆୟୋଜନ ହେବାକୁ ଥିବା ଏହି ମହୋତ୍ସବରେ ଜାପାନର ପ୍ରାୟ ୧୦୦ କଳାକାର ଏବଂ ସେମାନଙ୍କ ସହଯୋଗୀ ଭାଗ ନେବେ। ଏଥିଲାଗି ତିଆରି ହେବାକୁ ଥିବା ଷ୍ଟେଜକୁ ପାରମ୍ପରିକ ଭାବେ ବାଉଁଶ କାଠିରେ ସଜାଯିବ। ପ୍ରାୟ ୧ ହଜାର ଆକର୍ଷଣୀୟ ଲାଇଟ୍ ମଧ୍ୟ ଖଞ୍ଜାଯିବ ବୋଲି ମହୋତ୍ସବର ମୁଖ୍ୟ କୁନା ଦାଶ କହିଛନ୍ତି। ସେହିପରି ଏଥିରେ ଓଡ଼ିଶାର କଳା, ସଂସ୍କୃତି, ଖାଦ୍ୟ ଆଦି ପ୍ରଦର୍ଶନ କରାଯିବ। ଓଡ଼ିଶୀ ନୃତ୍ୟଶିଳ୍ପୀ ଏବଂ କଳାକାର ମଧ୍ୟ ଅଂଶଗ୍ରହଣ କରିବେ। ଏହାଦ୍ୱାରା ଉଭୟ ଓଡ଼ିଶା ଏବଂ ଜାପାନର କଳାକାରମାନେ ପରସ୍ପର ବିଷୟରେ ଅବଗତ ହୋଇପାରିବେ। ମହୋତ୍ସବକୁ ଆସିଥିବା ଲୋକେ ମଧ୍ୟ ଉଭୟ ଦେଶର କଳା, ସଂସ୍କୃତି ଓ ଖାଦ୍ୟପେୟ ସମ୍ପର୍କରେ ଜାଣିପାରିବେ ବୋଲି ଦାଶ କହିଛନ୍ତି।

# ଧନ୍ଦାମୂଳକ ଶିକ୍ଷା କ୍ଷେତ୍ରରେ ଓଡ଼ିଶା ପଦକ୍ଷେପକୁ ପ୍ରଶଂସା



**ଭୁବନେଶ୍ୱର,୧୭।୧(ବ୍ୟୁରୋ)**

### ଜାତୀୟସ୍ତରୀୟ କର୍ମଶାଳା ଉଦ୍‌ଯାପିତ

ରାଜ୍ୟରେ ୫୭୬ ଗୋଟି ହାଇସ୍କୁଲ ଓ କନିଷ୍ଠ ମହାବିଦ୍ୟାଳୟରେ ଧନ୍ଦାମୂଳକ ଶିକ୍ଷାଦାନ ୧୦ଟି ବିଷୟରେ ଦିଆଯାଉଛି। ଗୁରୁବାର ଇମେଜ୍ ସମ୍ମିଳନୀ କକ୍ଷରେ ଆରମ୍ଭ ହୋଇଥିବା ୨ ଦିନିଆ ଜାତୀୟ କର୍ମଶାଳା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଅଛି। ଏହି କର୍ମଶାଳାରେ ୧୬ଟି ରାଜ୍ୟର ପ୍ରତିନିଧି ଓ ଅଧିକାରୀ ଯୋଗ ଦେଇଥିଲେ। ଧନ୍ଦାମୂଳକ ଶିକ୍ଷାକୁ ବିଦ୍ୟାଳୟସ୍ତରରେ ପ୍ରଚାର ଓ ପ୍ରସାର ସମ୍ପର୍କରେ ଆଲୋଚନା କରାଯାଇଛି। ଏହାସହ ବିଭିନ୍ନ ରାଜ୍ୟର ଧନ୍ଦାମୂଳକ ଶିକ୍ଷାରେ ଅଭିନବ ପଦକ୍ଷେପଗୁଡ଼ିକ ବିଷୟରେ ମଧ୍ୟ ଆଲୋଚନା ହୋଇଛି। ଏହି ପରିପ୍ରେକ୍ଷୀରେ ସାରା ଦେଶରେ ପଶ୍ଚିମବଙ୍ଗ ଏବଂ ଓଡ଼ିଶାର ପଦକ୍ଷେପକୁ ପ୍ରଶଂସା କରାଯାଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଚିରଞ୍ଜୀବ ଗୁହା, ପି. ଈରାୟା, ତିଳୋତ୍ତମା ସେନାପତି ପ୍ରମୁଖ ଅଧିକାରୀ ଉପସ୍ଥିତ ଥିଲେ। ଆସନ୍ତା ଦିନରେ ଧନ୍ଦାମୂଳକ ଶିକ୍ଷାକୁ ଅଧିକ ବିଦ୍ୟାଳୟକୁ ସମ୍ପ୍ରସାରିତ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିବା ଜଣାପଡ଼ିଛି।

# ନଚାଇଲେ ହେମନ୍ତ ବ୍ରିଜୱାଶୀ

**ଭୁବନେଶ୍ୱର,୧୭।୧(ବ୍ୟୁରୋ)**

କଳିଙ୍ଗ ସଂସ୍କୃତି ଓ ଐତିହ୍ୟ ସୁରକ୍ଷା ମଞ୍ଚ (କାପୋକ୍) ଆନୁକୁଲ୍ୟରେ ଐତିହାସିକ ଦଶହରା ପଡ଼ିଆରେ ଚାଲିଥିବା 'ଶିଶୁପାଳଗଡ଼ ମହୋତ୍ସବ-୨୦୨୦'ର ଶୁକ୍ରବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ପ୍ରାରମ୍ଭରେ ସାଇ କଳା ସଂସଦର କଳାକାରମାନଙ୍କ ଦ୍ୱାରା 'ସୂର୍ଯ୍ୟଅଷ୍ଟକମ୍' ନୃତ୍ୟ ପରିବେଷିତ ହୋଇଥିଲା। ଏହାପରେ ସାଇ ସ୍ମୃତି କଳା ନିକେତନ ଦ୍ୱାରା ଓଡ଼ିଶୀ ନୃତ୍ୟରେ 'ଐରାଗୀ ନନ୍ଦିନୀ' ମଞ୍ଚସ୍ଥ ହୋଇଥିଲା। ପ୍ରାରମ୍ଭିକ ସଭାପରେ ଅନୁଷ୍ଠିତ ସାଂସ୍କୃତିକ ସନ୍ଧ୍ୟାରେ ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ତାରିକ ଅଜିଜ୍‌ଙ୍କ କଣ୍ଠରୁ ରେ ମନ..., ସେଇ ବର୍ଷା ସେଇ ରାତି..., ଯାହାକୁ ମୁଁ ଏତେ ଭଲ..., ମୁଁ ଯେ ଏକ ପାଗଳ ଭଅଁର... ଭଳି ଏଭରଗ୍ରୀନ୍ ଗୀତମାନ ଶୁଣିବାକୁ ମିଳିଥିଲା। ଏହାପରେ କଣ୍ଠଶିଳ୍ପୀ ସୋନମ ଦାସଙ୍କ କଣ୍ଠରୁ ସୁନ୍ ରାହା ହେ ନା ତୁ..., ତୁଝେ କିତନା ଚାହେନେ ଲାଗି..., ଦମାଦମ୍ ମସ୍ତକଲନ୍ଦର... ଭଳି କେତେକ ହିନ୍ଦୀ ହିଟ୍ ଶୁଣିବାର ଅବସର ମିଳିଥିଲା। ତେବେ ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ସାଜିଥିଲେ ରାଇଜିଂ ଷ୍ଟାର୍ ଫେମ୍ ହେମନ୍ତ ବ୍ରିଜୱାଶୀ। ମୁସ୍‌କୁରାନେ କି ବଜା..., ସାୱରିୟାଁ..., ଜଗ ଘୁମିୟା..., ତେରେ ମିଟି ମେଁ... ଭଳି ଗୀତରେ ଶ୍ରୋତାଙ୍କୁ ବେଶ୍ କିଛି ସମୟ ଧରି ନଚାଇଥିଲେ ବ୍ରିଜେଶ୍। ଏହି ଅବସରରେ 'ମୁଁ ଗଡ଼ଚଣ୍ଡୀ'ର ଲାଇଟ ଆଣ୍ଡ୍ ସାଉଣ୍ଡ ଶୋ ବେଶ୍ ଚିତ୍ତାକର୍ଷକ ହୋଇଥିଲା।

ଏହି ଅବସରରେ ଅତିଥିଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ଭୁବନେଶ୍ୱର ଉତ୍ତର ବିଧାୟକ ଅନନ୍ତ ନାରାୟଣ ଜେନା, ଜଟଣୀ ବିଧାୟକ ସୁରେଶ ରାଉତରାୟ, 'ମୋ ପରିବାର' ଅଧକ୍ଷ ଅରୂପ ପଟ୍ଟନାୟକ, ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧକ୍ଷ ସୁବାସ ସିଂ, କାପୋକ୍‌ର ସଂପାଦକ ଚିତ୍ତରଞ୍ଜନ ମହାନ୍ତି ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକଭାବେ ଉଦ୍‌ଘାଟନ କରିଥିଲେ। କାପୋକ୍‌ର ଅଧକ୍ଷ ସଂଗ୍ରାମ କେଶରୀ ପାଇକରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଉପସ୍ଥିତ ଅତିଥିମାନେ କଳିଙ୍ଗର ବୀରକଥା ସହ ଉତ୍କଳୀୟ କଳା, ସଂସ୍କୃତି ଓ ପରମ୍ପରାର ମହାନତା ସଂପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ବିଶ୍ୱଜିତ ବଳିଆରସିଂ ସଂଯୋଜନା କରିଥିବାବେଳେ କାପୋକ୍‌ର ସହସଂପାଦକ ରବିନ୍ଦ୍ର ପାତ୍ର, ସଭ୍ୟ ବାମଦେବ ଗଜେନ୍ଦ୍ର, ସୁବ୍ରତ ପାଇକରାୟ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। କାପୋକ୍‌ର ବରିଷ୍ଠ ସଭ୍ୟ ରଶ୍ମିରଞ୍ଜିତଶ୍ରୀଚନ୍ଦନ ଉପସ୍ଥିତ ଅତିଥି ଓ କଳାକାରମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଶନିବାର ମହୋତ୍ସବରେ ଋତୁରାଜ ମହାନ୍ତିଙ୍କ ଗୀତ ସାଙ୍ଗକୁ ହରିହର ଦାଶଙ୍କ ନୃତ୍ୟ ପ୍ରମୁଖ ଆକର୍ଷଣ ରହିବ।

**ଆଜିର ଆକର୍ଷଣ**
**ଋତୁରାଜଙ୍କ ଗୀତ, ହରିହରଙ୍କ ନାଚ**



**ଶିଶୁପାଳଗଡ଼ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା**





## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



ସୋମା



ଗୀତାଞ୍ଜଳି



ଶିବ



ବାପିନା



ଅଭିମନ୍ୟୁ



ସୌମ୍ୟା

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍‌ଫି ଫଟୋ
www.dharitri.com/category/selfie/

## ସଂକ୍ଷେପରେ

### ଜୋର୍ ଧରିଲା ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ଉଚ୍ଛେଦ ଅଭିଯାନ

**ପୁରୀ ଅଫିସ,୧୭।୧:** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ପୁରୀ ଗସ୍ତରେ ଆସିଥିଲେ। ମହାପ୍ରଭୁଙ୍କ ଦର୍ଶନ କରିବା ସହ ପୁରୀର ବିକାଶ ପାଇଁ ୭ଟି ମେଗା ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଏଥିସହ ଶ୍ରୀମନ୍ଦିର ଚତୁଃପାର୍ଶ୍ୱର ସୌନ୍ଦର୍ଯ୍ୟକରଣ ନକ୍ସାକୁ ମଧ ଅନୁଧାନ କରିଥିଲେ। ୨ ବର୍ଷ ଭିତରେ ସବୁ ପ୍ରକଳ୍ପ କାମ ଶେଷ କରିବାକୁ ଲକ୍ଷ୍ୟ ରହିଥିବାବେଳେ ଶୁକ୍ରବାରଠାରୁ ପୁଣି ଶ୍ରୀମନ୍ଦିର ସୁରକ୍ଷା ଜୋନ୍‌ରେ ଉଚ୍ଛେଦ ଅଭିଯାନକୁ ଜୋର୍‌ଦାର କରିଛି ପ୍ରଶାସନ। କାକୁଡ଼ିଖାଇ ଛକରେ ଥିବା ୩ଟି ଘରୋଇ ପ୍ଲଟରୁ କୋଠା ଭଙ୍ଗାଯାଇଛି। ୨ ପ୍ଲାଟୁନ ପୋଲିସ ଫୋର୍ସ, ୪ଜଣ ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟଙ୍କ ସମେତ ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ ଏବଂ ଉପଜିଲାପାଳ ଭବତାରଣ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଉଚ୍ଛେଦ କରାଯାଇଛି।

କାକୁଡ଼ିଖାଇ ଛକ ଏକ ଜନଗହଳି ଅଞ୍ଚଳ ହୋଇଥିବାରୁ ସକାଳୁ ପୋଲିସ ପକ୍ଷରୁ ବ୍ୟାରିକେଡିଂ କରାଯାଇ ସଂଲଗ୍ନ ରାସ୍ତାକୁ ସିଲ୍ କରାଯାଇଥିଲା। ବାଲିସାହି, ଦକ୍ଷିଣ ଦ୍ୱାର ଓ ଦୋଳମଣ୍ଡପକୁ ସଂଯୋଗ କରୁଥିବା ରାସ୍ତାକୁ ବ୍ୟାରିକେଡିଂ କରାଯାଇଥିଲା। ଏହାପରେ ଉଚ୍ଛେଦ ଆରମ୍ଭ ହୋଇଥିଲା। ୩ଟି ଘରୋଇ ପ୍ଲଟରେ ଥିବା ୨ ମହଲା, ୩ ମହଲା ଓ ୪ ମହଲା ବିଶିଷ୍ଟ କୋଠା ଭଙ୍ଗାଯାଇଥିଲା। କାକୁଡ଼ିଖାଇ ଛକ ପାର୍ଶ୍ୱକୁ ଲାଗି ଶ୍ରୀମନ୍ଦିର ରୋଷଶାଳା ରହିଛି। ଉଚ୍ଛେଦ ସମୟରେ ପ୍ରବଳ ଧୂଳି ଉଡୁଥିଲା। ତେଣୁ ଏହି ଧୂଳି ରୋଷଶାଳାରେ ପଶିବା ଆଶଙ୍କା କରି ଦମକଳ ବାହିନୀ ସହାୟତାରେ ପାଣି ସ୍ପ୍ରେ କରାଯାଇଥିଲା। ତଥାପି ବଡ ବଡ କାନ୍ଥ ଭାଙ୍ଗିବା ବେଳେ ସମଗ୍ର ଅଞ୍ଚଳ ଧୂଳିମୟ ହୋଇଯାଉଥିଲା। ଏହି ଘରୋଇ କୋଠାରେ ଚାଲୁଥିବା କେତେକ ଖଜା ଦୋକାନ ମଧ ଭଙ୍ଗାଯାଇଥିଲା। ସେହିପରି ଏହି କୋଠାକୁ ଲାଗି ରହିଛି ଦର୍ଜି ସେବାୟତ ପରିବାରଙ୍କ ଘର। ପ୍ରଶାସନ ପକ୍ଷରୁ ଶୁକ୍ରବାର ସେମାନଙ୍କୁ ଡକାଯାଇ ଆବଶ୍ୟକ କାଗଜପତ୍ର, ବ୍ୟାଙ୍କ ପାସ୍‌ବୁକ ଏବଂ ଆଧାରକାର୍ଡ ଜେରକ୍ସ କପି ନିଆଯାଇଛି। ଖୁବ୍‌ଶୀଘ୍ର ସେମାନଙ୍କୁ ସହାୟତା ରାଶି ପ୍ରଦାନ କରାଯିବା ପରେ ତାଙ୍କ ଘର ଭଙ୍ଗାଯିବ ବୋଲି ଜଣାପଡ଼ିଛି।

### ଚିତ୍ରଶିଳ୍ପୀଙ୍କ ବିୟୋଗରେ ଶୋକସଭା

**ଭୁବନେଶ୍ୱର,୧୭।୧(ବ୍ୟୁରୋ):** ଓଡ଼ିଶା ଲଳିତ କଳା ଏକାଡେମୀ ତରଫରୁ ବିଶିଷ୍ଟ ଚିତ୍ରଶିଳ୍ପୀ ପ୍ରମୋଦ ମହାନ୍ତିଙ୍କ ବିୟୋଗରେ ଏକାଡେମୀ କାର୍ଯ୍ୟାଳୟରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଦିବଂଗତ ଆତ୍ମାର ସଦ୍‌ଗତି କାମନା କରି ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ସ୍ୱର୍ଗତ ମହାନ୍ତି ୧୯୫୧ରେ କଟକର ବଡ଼ଚଣାରେ ଜନ୍ମଗ୍ରହଣ କରିଥିଲେ। ସରକାରୀ ଚାରୁ ଓ କାରୁକଳା ମହାବିଦ୍ୟାଳୟ, ଖଲ୍ଲିକୋଟରୁ ୧୯୭୧ରେ ସେ ଚିତ୍ରକଳାରେ ଡିପ୍ଲୋମା ହାସଲ କରିବା ପରେ ବିଶ୍ୱ ଭାରତୀ ବିଶ୍ୱବିଦ୍ୟାଳୟ, ଶାନ୍ତି ନିକେତନରେ ଉଚ୍ଚତର ଅଧ୍ୟୟନ କରିଥିଲେ। ସେ ଦୀର୍ଘଦିନ ଧରି କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ରରେ ଚିତ୍ରଶିଳ୍ପୀଭାବେ କାର୍ଯ୍ୟ କରିଥିଲେ। ତାଙ୍କର ଭାସ୍କର୍ଯ୍ୟ ତଥା ଚିତ୍ରକଳା କ୍ଷେତ୍ରରେ ସ୍ୱତନ୍ତ୍ର ଅବଦାନ ପାଇଁ ସେ ଏକାଡେମୀରୁ ୧୯୯୦ରେ ରାଜ୍ୟ ପୁରସ୍କାର ତଥା ବିଭିନ୍ନ ଅନୁଷ୍ଠାନରୁ ସମ୍ମାନିତ ହୋଇଥିଲେ। ଏଭଳି ବ୍ୟକ୍ତିତ୍ୱଙ୍କ ବିୟୋଗରେ ଏକାଡେମୀ ସଭାପତି ସୁଦର୍ଶନ ପଟ୍ଟନାୟକ, ସଚିବ ଗଜେନ୍ଦ୍ର ପ୍ରସାଦ ସାହୁ, ସଂସ୍କୃତି ବିଭାଗର ଯୁଗ୍ମ ଶାସନ ସଚିବ ମନସ୍ୱିନୀ ସାହୁ ଓ ସିନେ ସମୀକ୍ଷକ ଦିଲୀପ ହାଲି ପ୍ରମୁଖ ଉପସ୍ଥିତ ରହି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ଭୁବନେଶ୍ୱର ଅବକାରୀ ଅଫିସରେ କର୍ମଚାରୀ ଅଭାବ

- ଖସିଯାଉଛନ୍ତି ନିଶା ବେପାରୀ, ବଢୁଛି ବେପାର
- ୪ ଜୋନ୍‌ରେ ୫ କନଷ୍ଟେବଲ, ୭ ଏସ୍‌ଆଇ, ଏଏସ୍‌ଆଇ
- ମାନବ ସମ୍ବଳ ଅଭାବ ଯୋଗୁ କମୁଛି ମାମଲା

**କଟକ ରୋଡ,୧୭।୧(ଡି.ଏନ୍.ଏ.)**

ଭୁବନେଶ୍ୱର ଅବକାରୀ କାର୍ଯ୍ୟାଳୟରେ କର୍ମଚାରୀଙ୍କ ସଂଖ୍ୟା କମ୍ ଥିବା ଯୋଗୁ ନିଶା କାରବାରରେ ରୋକ୍ ଲଗାଯାଇପାରୁନାହିଁ। ନିଶା କାରବାର ବଢୁଥିବା ବେଳେ ବ୍ୟବସାୟୀଙ୍କୁ ଧରାଯାଇପାରୁନାହିଁ। ଫଳରେ ଏହା ସ୍ମାର୍ଟସିଟି ବାସିନ୍ଦାଙ୍କ ଚିନ୍ତା ବଢ଼ାଇଛି।

୨୦୧୦ ମସିହାରେ କଳ୍ପନା ଫ୍ଲାଟ ଅଞ୍ଚଳରେ ଭୁବନେଶ୍ୱର ଅବକାରୀ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଖୋଲାଯାଇଥିଲା। ପ୍ରାଥମିକ ପର୍ଯ୍ୟାୟରେ ସହରକୁ ୨ଟି ଜୋନ୍‌ରେ ଭାଗ କରାଯାଇଥିଲା। ଉପକଣ୍ଠ ଅଞ୍ଚଳରେ ନିଶା କାରବାର ସହ ସହର ମଧ୍ୟରେ ନିଶା କାରବାର ବଢ଼ିବା ଯୋଗୁ ୪ଟି ଜୋନ୍‌ରେ ଭାଗ କରାଯାଇଥିଲା। ଜୋନ୍ ସଂଖ୍ୟା ବଢ଼ିଲା, କିନ୍ତୁ ତଦନୁଯାୟୀ ଭିତ୍ତିଭୂମି ବୃଦ୍ଧିକୁ ଗୁରୁତ୍ୱ ଦିଆଗଲା ନାହିଁ। ଫଳରେ ସହରରେ ନିଶା ବ୍ୟବସାୟ ନିୟନ୍ତ୍ରଣକୁ ଆସିପାରୁ ନାହିଁ। ଜୋନ୍-୧ରୁ ଜୋନ୍-୪ ମଧ୍ୟରେ ୧୯ଟି ଥାନା ରହିଛି। ହେଲେ ୫ଜଣ କନଷ୍ଟେବଲ, ୩ଜଣ ଏସ୍‌ଆଇ ଏବଂ ୩ଜଣ ଏଏସ୍‌ଆଇ ନିଯୁକ୍ତ ରହିଛନ୍ତି। ଅସୁସ୍ଥତା କାରଣରୁ ଦୀର୍ଘଦିନ ଧରି ଜଣେ ଏଏସ୍‌ଆଇ ଛୁଟିରେ ରହିଥିବା ଜଣାପଡ଼ିଛି। ଦୀର୍ଘ ବର୍ଷ ହେଲା କର୍ମଚାରୀଙ୍କ ଅଭାବ ଲାଗି ରହିଛି। ଭୁବନେଶ୍ୱର ଅବକାରୀ ନିରୀକ୍ଷକ ଏବଂ ମୋବାଇଲ୍ ସ୍କ୍ୱାଡ ପ୍ରାୟ ସମୟରେ ଚୋରା ରନ୍ଧାମଦ, ମହୁଲି ମଦ, ପୋଚ ଆଦି ଜବତ କରୁଛି। କିନ୍ତୁ ସହରର ବିଭିନ୍ନ ବସ୍ତି ଅଞ୍ଚଳରେ ବ୍ରାଉନସୁଗାର, ହିରୋଇନ, ଗଞ୍ଜେଇ ଏବଂ ଚୋରା ବିଦେଶୀମଦ ବ୍ୟବସାୟୀଙ୍କୁ ଧରିବାରେ ଅବକାରୀ ବିଭାଗକୁ ବିଶେଷ ସଫଳତା ମିଳିପାରୁ ନାହିଁ। କମିଶନରେଟ ପୋଲିସ ନିଶା ବେପାରୀଙ୍କୁ ଧରୁଥିବାବେଳେ ଅବକାରୀ ବିଭାଗ ବିଫଳ ହେଉଛି। କର୍ମଚାରୀଙ୍କ ଅଭାବ ଦୂର କରିବା ସହ ଖାଲି ପଦବୀଗୁଡ଼ିକ ପୂରଣ ପାଇଁ ପ୍ରାୟ ଏକ ବର୍ଷ ପୂର୍ବେ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଇଥିଲେ ମଧ ବର୍ତ୍ତମାନ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଇ ନ ଥିବା ଜଣେ ଅଧିକାରୀ କହିଛନ୍ତି। ପ୍ରତ୍ୟେକ ଜୋନ ପାଇଁ ଅନ୍ୟୁନ ୪ଜଣ କନେଷ୍ଟବଲ, ୨ଜଣ ଏଏସ୍‌ଆଇ ଏବଂ ଜଣେ ଏସ୍‌ଆଇଙ୍କୁ ନିଯୁକ୍ତି ଦିଆଯିବା କଥା। ସେହିଭଳି ଅବକାରୀ ନିରୀକ୍ଷକଙ୍କ କାର୍ଯ୍ୟାଳୟ ପକ୍ଷରୁ ଚଢ଼ାଉ ପାଇଁ ଗୋଟିଏ ଗାଡ଼ି ରହିଥିବା ବେଳେ ତାହାକୁ ଖୋର୍ଦ୍ଧା ଜିଲା ପାଇଁ ନିୟୋଜିତ କରାଯାଇଛି। ଫଳରେ ଅନେକ ସମୟରେ ଚଢ଼ାଉକୁ ଯିବା ବେଳେ ଗାଡି ସମସ୍ୟା ସମସ୍ୟା ଦେଖାଯାଉଛି। ଅବକାରୀ ଅଧୀକ୍ଷକ ପ୍ରସନ୍ନ କୁମାର ଆଚାର୍ଯ୍ୟ କୁହନ୍ତି, ପ୍ରତ୍ୟେକ ମାସରେ ଭୁବନେଶ୍ୱର ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ୪୦ରୁ ୫୦ଟି ମାମଲା ରୁଜୁ ହେଉଛି। କର୍ମଚାରୀଙ୍କ ଅଭାବ ଯୋଗୁ ଯେଉଁ ଭାବେ ଚଢ଼ାଉ ହେବା କଥା ତାହା ତ୍ୱରାନ୍ୱିତ ହୋଇପାରୁ ନାହିଁ। ଖୁବ୍ ଶୀଘ୍ର ଅଧିକ କର୍ମଚାରୀ ନିଯୁକ୍ତି ପାଇଁ ସରକାର ପଦକ୍ଷେପ ନେଉଛନ୍ତି ବୋଲି ସେ କହିଛନ୍ତି।



କ୍ରାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କ ଗହଣରେ ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ ଓ ଅନ୍ୟ ଅତିଥିବୃନ୍ଦ।

# ନିୟମ ଉଲ୍ଲଂଘନ ଦେଶର ବିକାଶରେ ବାଧା ସୃଷ୍ଟିକରେ

**ଭୁବନେଶ୍ୱର, ୧୭।୧(ବ୍ୟୁରୋ)**

ଭାରତ ବ୍ୟତୀତ ଅନ୍ୟ ଦେଶଗୁଡ଼ିକରେ ଟ୍ରାଫିକ୍ ଲାଇଟ୍ ମାଧ୍ୟମରେ ଟ୍ରାଫିକ୍ ନିୟନ୍ତ୍ରିତ ହୋଇଥାଏ। କିନ୍ତୁ ଭାରତରେ ଟ୍ରାଫିକ୍ ନିୟନ୍ତ୍ରଣ ଲାଗି ପୋଲିସ ନିୟୋଜିତ ହୋଇଥିଲେ ମଧ ଲୋକେ ଟ୍ରାଫିକ୍ ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରୁଛନ୍ତି। ତେଣୁ ମାନସିକତାରେ ପରିବର୍ତ୍ତନ ଓ ନିୟମକୁ ପାଳନ କରିବା ସହ ସଚେତନତା ମାଧ୍ୟମରେ ଏହାର ସରଳ ସମାଧାନ ହୋଇପାରିବ ବୋଲି ଭୁବନେଶ୍ୱର-କଟକର ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ କହିଛନ୍ତି। ଶୁକ୍ରବାର ସାଇ ଇଣ୍ଟରନ୍ୟାଶନାଲ୍ ସ୍କୁଲରେ ଟ୍ରାଫିକ୍ ଓ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମରେ ପୋଲିସ କମିଶନର ମୁଖ୍ୟଅତିଥି ଭାବେ ଯୋଗଦେଇ ଆଇନକୁ ସମ୍ମାନ ଦେବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। କୌଣସି ପ୍ରକାରର ନିୟମ ଉଲ୍ଲଂଘନ ଦେଶର ବିକାଶରେ ବାଧା ସୃଷ୍ଟି କରିଥାଏ। ତେଣୁ ଆଇନକୁ ସମ୍ମାନ ଦେଲେ ସମାଜ ଏକ ସମ୍ମାନଜନକ ସ୍ଥିତିରେ ପହଞ୍ଚିପାରିବ। କାର୍ଯ୍ୟକ୍ରମରେ ଭୁବନେଶ୍ୱର-କଟକର ଟ୍ରାଫିକ୍ ଡିସିପି ସାଗରିକା ନାଥ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ଟ୍ରାଫିକ୍ ନିୟମ ଓ ସୁରକ୍ଷିତ ଗାଡ଼ିଚାଳନା ସମ୍ପର୍କରେ ମହତ୍ତ୍ୱପୂର୍ଣ୍ଣ ସୂଚନାମାନ ଦେଇଥିଲେ। ଏକ ଭିଡ଼ିଓ ପ୍ରେଜେଣ୍ଟେଶନ୍ ମାଧ୍ୟମରେ ଭାରତରେ ପ୍ରତିଦିନ ଘଟୁଥିବା ଦୁର୍ଘଟଣା ବିଷୟରେ ଗୁରୁତ୍ୱ ଦେଇ ଏନେଇ ସତର୍କତା ଓ ସାବଧାନତା ଅବଲମ୍ବନ କରିବା ନିହାତି ଜରୁରୀ ବୋଲି ସେ କହିଥିଲେ। ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ଡିସିପି ନାଥ ଟ୍ରାଫିକ୍ ବ୍ୟବସ୍ଥାର ଦଶସୂତ୍ରୀ ନିୟମ ସମ୍ପର୍କରେ ବସ୍ତୃତ ଭାବେ ଆଲୋଚନା କରିଥିଲେ। ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନ ଉପଦେଷ୍ଟା ତଥା ସାଇ ଇଣ୍ଟରନ୍ୟାଶନାଲ୍‌ର ପ୍ରତିଷ୍ଠାତା ଡ. ବିଜୟ କୁମାର ସାହୁ କହିଥିଲେ ଯେ, ଯାତାୟାତ ସମୟରେ ଟ୍ରାଫିକ୍ ନିୟମକୁ ପ୍ରତ୍ୟେକ ବ୍ୟକ୍ତି ମାନିବା ଦରକାର ଏବଂ ସମସ୍ତଙ୍କ ମଧ୍ୟରେ ଏ ସଚେତନତା ରହିବା ନିହାତି ଆବଶ୍ୟକ। ସ୍କୁଲର ସିନିୟର୍ ପ୍ରିନ୍ସିପାଲ୍ ନୀଳକଣ୍ଠ ପାଣିଗ୍ରାହୀ କହିଥିଲେ, ପ୍ରତ୍ୟେକ ନାଗରିକଙ୍କ ମିଳିତ ପ୍ରଚେଷ୍ଟା ଓ ମାନସିକତା ଦ୍ୱାରା ଟ୍ରାଫିକ୍ ନିୟମ ଉଲ୍ଲଂଘନକୁ ରୋକାଯାଇପାରିବ। ଶେଷରେ ଷ୍ଟ୍ରିଟ୍ ଥିଏଟର ଆକ୍ସନ୍ ଗ୍ରୁପ୍‌ର କଳାକାରମାନଙ୍କ ଦ୍ୱାରା ଟ୍ରାଫିକ୍ ଓ ସଡ଼କ ସଚେତନତା ଉପରେ ବ୍ୟଙ୍ଗାତ୍ମକ ନାଟକ ପରିବେଷଣ କରାଯାଇଥିଲା।



ରାମମନ୍ଦିର ଛକରେ ଶୁକ୍ରବାର ୧୦୮ ଆମ୍ବୁଲାନ୍ସ ପକ୍ଷରୁ ଆୟୋଜିତ ସଡ଼କ ସୁରକ୍ଷା ସଚେତନତା ଅଭିଯାନରେ ଯମବେଶଧାରୀ ଜଣେ ବାଇକ୍ ଚାଳକଙ୍କୁ ସଚେତନ କରୁଛନ୍ତି।

# ପର୍ଯ୍ୟଟନ ମନ୍ତ୍ରୀଙ୍କ ସ୍କୁଲ ପରିଦର୍ଶନ



**ଯାଁଳା,୧୭।୧(ଡି.ଏନ୍.ଏ.)**

ଜଟଣୀ ବ୍ଲକ ଯାଁଳାସ୍ଥିତ କୃଷ୍ଣଚନ୍ଦ୍ର ସରକାରୀ ବିଦ୍ୟାଳୟକୁ ଶୁକ୍ରବାର ମଧ୍ୟାହ୍ନରେ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଅଚାନକ ପରିଦର୍ଶନ କରିଥିଲେ। ଏହି ସମୟରେ ସ୍କୁଲ ଛାତ୍ରୀଛାତ୍ର ମଧ୍ୟାହ୍ନଭୋଜନ ଖାଉଥିଲେ। ମନ୍ତ୍ରୀ ପାଣିଗ୍ରାହୀ ପିଲାଙ୍କ ସହିତ ବସି ମଧ୍ୟାହ୍ନଭୋଜନ ଖାଇଥିଲେ। ସ୍କୁଲର ପରିସ୍ରାଗାର, ଜଳଯୋଗାଣ ବ୍ୟବସ୍ଥା ଆଦି ବୁଲି ଦେଖିଥିଲେ। ପିଲାମାନଙ୍କୁ କେତେକ ପ୍ରଶ୍ନ ପଚାରି ସନ୍ତୋଷଜନକ ଉତ୍ତର ପାଇ ଖୁସି ବ୍ୟକ୍ତ କରିଥିଲେ। ସ୍କୁଲ ନିକଟରେ ଥିବା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ଯାଇ ବିଭିନ୍ନ ସେକ୍ସନ ବୁଲିବା ସହ ଉପସ୍ଥିତ କର୍ମଚାରୀଙ୍କ ସହିତ ଆଲୋଚନା କରି ଫେରିଯାଇଥିଲେ। ସୂଚନା ଥାଉ କି, ଏକ ମାସ ପୂର୍ବେ ଏହି ସ୍କୁଲ ଓ ଶିକ୍ଷାଅଧିକାରୀଙ୍କ କାର୍ଯ୍ୟାଳୟକୁ ଗଣଶିକ୍ଷାମନ୍ତ୍ରୀ ଅଚାନକ ପରିଦର୍ଶନ କରିଥିଲେ।

### ପୁରୀରେ ଜାତୀୟ ଯୁବ ମହୋତ୍ସବ ଉଦ୍‌ଘାଟିତ

**ପୁରୀ ଅଫିସ, ୧୭।୧**

ଶ୍ରୀଜଗନ୍ନାଥ ବେଦ କର୍ମକାଣ୍ଡ ମହାବିଦ୍ୟାଳୟ ପରିସରରେ ନ୍ୟାଶନାଲ ଇନଷ୍ଟିଚ୍ୟୁଟ୍ ଅଫ୍ କଲ୍‌ଚର ଆଣ୍ଡ୍ ଏଜୁକେଶନ ଆନୁକୂଲ୍ୟରେ ଶୁକ୍ରବାରଠାରୁ ୪ଦିବସୀୟ ଜାତୀୟ ଯୁବ ମହୋତ୍ସବ ଆରମ୍ଭ ହୋଇଛି। ଏଥିରେ ୧୧ଟି ରାଜ୍ୟର ୨ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଛନ୍ତି। କଲେଜ ଅଧକ୍ଷ ଡ. ଜଗବନ୍ଧୁ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ମହେଶ୍ୱର ମହାନ୍ତି ଯୋଗ ଦେଇ କହିଲେ ଯେ, ଭାରତୀୟ ସଂସ୍କୃତି, ପରମ୍ପରା, ଭାସ୍କର୍ଯ୍ୟ ବିଶ୍ୱରେ ଉତ୍କର୍ଷତା ଲାଭ କରିଛି। ସମ୍ପର୍କର ସେତୁକୁ ସଂସ୍କୃତି ନିବିଡ଼ କରିଥାଏ। ସାମାଜିକ କର୍ମୀ ସୁବା ରାଓ, କେ.କେ. ଗୁପ୍ତା, ପ୍ରଦୀପ କୁମାର ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଯୁବକଙ୍କ ମଧ୍ୟରେ ଜାତୀୟ ସଂହତି, ଏକତା, ସଦ୍‌ଭାବ ଜାଗ୍ରତ, ପରସ୍ପର ମଧ୍ୟରେ ସଂସ୍କୃତିର ଭାବବିନିମୟ ଏହି ମହୋତ୍ସବ ଆୟୋଜନର ଉଦ୍ଦେଶ୍ୟ ବୋଲି ଅତିଥିମାନେ କହିଥିଲେ। ପ୍ରଥମ ସନ୍ଧ୍ୟାରେ ବିଭିନ୍ନ ରାଜ୍ୟର ଲୋକନୃତ୍ୟ ଓ ଲୋକକଳା ପରିବେଷଣ ହୋଇଥିଲା।



ଗିରଫ ୪ ଅଭିଯୁକ୍ତ ଓ ଜବତ ହୋଇଥିବା ମାରଣାସ୍ତ୍ର।

# ଡକାୟତି ଯୋଜନା, ୪ ଗିରଫ

**ଜଟଣୀ,୧୭।୧(ଡି.ଏନ୍.ଏ.)**

ଡକାୟତି ଯୋଜନା କରୁଥିବା ବେଳେ ଜଟଣୀ ପୋଲିସ ଚଢ଼ାଉ କରି ୪ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଜଟଣୀ ଥାନା ରଘୁନାଥନଗର ଅଞ୍ଚଳର ସତୀଶ କୁମାର ସୁବୁଦ୍ଧି, ବଡ଼ନୂଆଗାଁର ଆଦିତ୍ୟ ବାରିକ, କିଶୋର ମହାପାତ୍ର, ବିକାଶନଗର ଅଞ୍ଚଳର ହିରଣ୍ୟ କୁମାର ବେହେରା। ଏମାନଙ୍କ ନିକଟରୁ ମାରଣାସ୍ତ୍ର ଜବତ ହୋଇଛି। ସୂଚନା ଅନୁଯାୟୀ, ସ୍ଥାନୀୟ ଗ୍ୟାସ୍ ଫ୍ୟାକ୍ଟ୍ରି ରାସ୍ତାରେ ଗୁରୁବାର ରାତିରେ ୪ଜଣ ଡକାୟତି ପାଇଁ ଯୋଜନା କରୁଥିଲେ। ଖବରପାଇ ଆଇଆଇସି ବିଶ୍ୱରଞ୍ଜନ ସାହୁ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଧରିଥିଲେ। ଏ ନେଇ ଥାନାରେ ଏକ ମାମଲା (ନଂ.୨୭/୨୦)ରୁଜୁ ହୋଇଛି। ଏମାନଙ୍କ ନାମରେ ଜଟଣୀ ଥାନାରେ ବ୍ୟବସାୟୀଙ୍କଠାରୁ ଦାଦାବଟି ଆଦାୟ, ଅନ୍ୟାନ୍ୟ ଆପରାଧିକ ମାମଲା ରହିଥିବା ପୋଲିସ ସୂତ୍ରରୁ ଜଣାପଡିଛି।

# ନିଯୁକ୍ତି ଦାବିରେ କାରଖାନା ଆଗରେ ଧାରଣା

**ଖୁଣ୍ଟୁଣୀ,୧୭।୧( ଡି.ଏନ.ଏ .)**

ଖୁଣ୍ଟୁଣୀ ଥାନା ଅଧୀନ ରାଧାଶ୍ୟାମପୁରଠାରେ ପ୍ରତିଷ୍ଠିତ ଏକ ସିମେଣ୍ଟ କାରଖାନାକୁ ଜମି ଦେଇ ନିଯୁକ୍ତି ଓ ଅନ୍ୟାନ୍ୟ ସୁବିଧା ପାଇ ନ ଥିବା ୪୦ରୁ ଊର୍ଦ୍ଧ୍ୱ ପରିବାର ଶୁକ୍ରବାର କାରଖାନାର ମୁଖ୍ୟ ଫାଟକ ଆଗରେ ଧାରଣା ଦେଇଥିଲେ। ଫଳରେ ସକାଳ ୮ଟାରୁ କାରଖାନାକୁ କାମ କରିବାକୁ ଆସୁଥିବା କର୍ମଚାରୀ ଓ ଶ୍ରମିକମାନେ ପ୍ରବେଶ କରି ନ ପାରି ଫେରିଯିବାରୁ ଦିନତମାମ ବନ୍ଦ ରହିଥିଲା। ସୂଚନାଯୋଗ୍ୟ, ଏହି କାରଖାନାଟି ହେବା ପୂର୍ବରୁ ଜନଶୁଣାଣି ଦ୍ୱାରା ଘଣ୍ଟିଖାଲ ଓ ରାଧେଶ୍ୟାମପୁର ଗ୍ରାମର ଲୋକମାନଙ୍କୁ ନିଯୁକ୍ତି ଓ ବିଭିନ୍ନ ସୁବିଧା, ପଦକ୍ଷେପରେ ସାମିଲ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ୨୦୧୭ରେ କାରଖାନା ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାରୁ ୪୦ ପରିବାରଙ୍କଠାରୁ ଜମି ନେଇଥିଲେ। ପରମୁହୂର୍ତ୍ତରେ କାରଖାନା ନିର୍ମାଣ ହୋଇ ଉତ୍ପାଦନ କାର୍ଯ୍ୟ ଆରମ୍ଭ ହୋଇଯାଇଥିଲେ ସୁଦ୍ଧା ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଦିଆଯାଇ ନ ଥିଲା। ଏ ନେଇ କାରଖାନା ବିରୋଧରେ ବାରମ୍ବାର ଅଭିଯୋଗ, ଧାରଣା ଦିଆଯାଇଥିଲେ ମଧ ପ୍ରତିକାର କରାଯାଉ ନାହିଁ। ବାହାର ଲୋକଙ୍କୁ ନିଯୁକ୍ତି ଏବଂ କାରଖାନା ନିଜ ଲାଭ କଥା ଚିନ୍ତା କରୁଥିବାରୁ ବାଧ ହୋଇ ଧାରଣା ଦେଲୁ ବୋଲି ଗ୍ରାମର ସନ୍ତୋଷ ବେହେରା, ଅନାଥ ବେଉରା, ରାଜେଶ ବିଶ୍ୱାଳ, ବଳରାମ ବେଉରା, ସନାତନ ଦାସ, ଗୁଣ୍ଡିଚା ବେହେରା, ଆଶୁତୋଷ ମିଶ୍ର ପ୍ରମୁଖ ୪୦ ପରିବାର ପ୍ରକାଶ କରିଛନ୍ତି। ଘଟଣାସ୍ଥଳରେ ଖବରପାଇ ପୋଲିସ ପହଞ୍ଚି ଥିଲେ ମଧ ପ୍ରଶାସନିକ ଅଧିକାରୀ ନ ଆସିବାରୁ ବସି ରହିଥିଲେ। ଅପରାହ୍ନ ୫ଟା ପର୍ଯ୍ୟନ୍ତ କେହି ନ ଆସିବା ସହ କୁହୁଡ଼ି ପଡ଼ିବାରୁ ଧାରଣା ପ୍ରତ୍ୟାହୃତ କରିଥିଲେ।

# ଛାତ୍ରୀଛାତ୍ର ଶୃଙ୍ଖଳାକୁ ମୂଳମନ୍ତ୍ର କରନ୍ତୁ




ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦିବସରେ ମଞ୍ଚାସୀନ ଅତିଥି।

**ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର ବାର୍ଷିକ ଉତ୍ସବ 'ଓରାୟନ' ଉଦ୍‌ଘାଟିତ**

**ନରାଜ,୧୭।୧(ଡି.ଏନ.ଏ.)**

କଟକସ୍ଥିତ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର ବାର୍ଷିକ ଉତ୍ସବ 'ଓରାୟନ' ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥିଭାବେ ଅଭିନେତା ତଥା ମୋ କଲେଜ ଅଧକ୍ଷ ଆକାଶ ଦାସ ନାୟକ ଯୋଗଦେଇ ଛାତ୍ରୀଛାତ୍ର ଉତ୍ସାହ ଓ ଶୃଙ୍ଖଳିତ ଶୈଳୀକୁ ମୂଳମନ୍ତ୍ର ଭାବେ ଗ୍ରହଣ କରନ୍ତୁ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାରତୀୟ ଜିମ୍ନାଷ୍ଟିକ ଫେଡେରେଶନ ଉପାଧକ୍ଷ ଅଶୋକ କୁମାର ସାହୁ ଯୋଗଦେଇ କ୍ରୀଡ଼ା ପ୍ରେମୀ କ୍ରୀଡ଼ାମନୋଭାବ ନେଇ ଉତ୍ସବକୁ ଉପଭୋଗ କରିବାକୁ ଉପଦେଶ ଦେଇଥିଲେ। ବିଶ୍ୱବିଦ୍ୟାଳୟ ସଭାପତି ରଞ୍ଜିତା କୁଲକର୍ଣ୍ଣୀ, କୁଳପତି ପ୍ରଫେସର ଅଜୟ କୁମାର ସିଂହ, କାର୍ମିକ ନିର୍ଦ୍ଦେଶକ ନରେନ୍ଦ୍ର ଲାମ୍ବା ଓ କୁଳସଚିବ ପ୍ରଫେସର ବି ଆର ଶର୍ମା ପ୍ରମୁଖ ମଞ୍ଚାସୀନ ଅତିଥିଭାବେ ଉପସ୍ଥିତ ଥିଲେ। ଏହିଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଗଣେଶ ବନ୍ଦନା, ପାରମ୍ପରିକ ଓଡ଼ିଶୀ ଓ ସୁଫି ନୃତ୍ୟ ପରିବେଷଣ ହୋଇଥିଲା। କୁଳପତି ସିଂହ ବାର୍ଷିକ ଉତ୍ସବ ସମ୍ପର୍କରେ ସୂଚନା ପ୍ରଦାନ କରିବା ସହ ଅତିଥିଙ୍କୁ ସ୍ୱାଗତ କରିଥିଲେ। ଶେଷରେ କୁଳସଚିବ 'ଓରାୟନ'ର ସଞ୍ଚାଳନ ସମିତିକୁ ଶୁଭକାମନା ଦେବାସହିତ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଓଡ଼ିଶାର ସର୍ବୋତ୍କୃଷ୍ଟ କଲେଜ ଉତ୍ସବଭାବେ ନାମିତ ହୋଇଥିବା ମହୋତ୍ସବରେ ଚଳିତ ବର୍ଷ ୩୪ ପ୍ରତିଯୋଗିତା ହୋଇଥିଲା। ୩ଟି ବିଭାଗ ଯଥା: ସାଂସ୍କୃତିକ, କ୍ରୀଡ଼ା ଏବଂ ପାଠ୍ୟକ୍ରମ ଆଦି ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଭାରତର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୪୦ ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ର ଏଥିରେ ଯୋଗ ଦେଇଥିଲେ।

# ୧୫ରୁ ଓଡ଼ିଶା ମ୍ୟୁଜିକ ପ୍ରିମିୟର ଲିଗ୍

**କଟକ ଅଫିସ,୧୭।୧**

ଆସନ୍ତା ଫେବୃୟାରୀ ୧୫ ତାରିଖରେ ଜଗତ୍‌ପୁରସ୍ଥିତ ନିମପୁର ଷ୍ଟାଡିୟମରେ ୫ମ ଓଡ଼ିଶା ମ୍ୟୁଜିକ ପ୍ରିମିୟର ଲିଗ(ଓଏମପିଏଲ) କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ବିଭିନ୍ନ ଜିଲାର ବହୁ କଣ୍ଠଶିଳ୍ପୀ, ଗୀତିକାର, ସଙ୍ଗୀତଜ୍ଞ, ଆଙ୍କର ଓ ଅଭିନେତାଙ୍କୁ ନେଇ ହେବାକୁ ଥିବା ଏହି ଟୁର୍ନାମେଣ୍ଟ ଦୁଇ ଦିନ ଧରି ଚାଲିବ। ଏଥିରେ ମୋଟ୍ ୧୦ଟି ଟିମ୍ ଭାଗନେଇଛନ୍ତି। ପ୍ରତିବର୍ଷ ଭଳି ପୁରୀ ସୁପର କିଙ୍ଗ୍‌ସ, ଭୁବନେଶ୍ୱରର ଖଣ୍ଡଗିରି ୱାରିୟର୍ସ, କଳିଙ୍ଗ ଷ୍ଟ୍ରାଇକର୍ସ, କଟକର କିଙ୍ଗ୍‌ସ ଏକାଦଶ, ମର୍ନିଂ ଷ୍ଟାର, ବାରବାଟୀ ସିଙ୍ଘମ, ବ୍ରହ୍ମପୁର ସିଲ୍‌କ ସିଟି ବ୍ଲାଷ୍ଟର୍ସ, ବାଲେଶ୍ୱର ଚାମ୍ପିୟନ, ମୟୂରଭଞ୍ଜ ଟାଇଗର୍ସ ଟୁର୍ନାମେଣ୍ଟରେ ଭାଗ ନେଇଥିବାବେଳେ ଚଳିତବର୍ଷ ଜଗତ୍‌ସିଂହପୁର ଯୋଦ୍ଧା ଟିମ ପ୍ରଥମଥର ପାଇଁ ଭାଗ ନେଇଛି। ଏଥିସହିତ ଦର୍ଶକମାନଙ୍କ ମନୋରଞ୍ଜନ ପାଇଁ କଳାକାରମାନେ ସଙ୍ଗୀତ ପରିବେଷଣ କରିବେ। ଏଥିପାଇଁ ଏକ ମଞ୍ଚ ପ୍ରସ୍ତୁତ କରାଯିବ। ପ୍ରତ୍ୟେକ ଟିମ୍‌ର ଖେଳାଳିମାନେ ମ୍ୟାଚର ବିରତି ସମୟରେ ମଞ୍ଚରେ ଗୀତ ଗାଇବେ। ଏ ନେଇ ରାଜାବଗିଚାସ୍ଥିତ ଏକ ହୋଟେଲରେ ଶୁକ୍ରବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଟୁର୍ନାମେଣ୍ଟ ଆୟୋଜକ କମିଟିର ସମ୍ପାଦକ ଜିତୁ ମଙ୍ଗରାଜ ସୂଚନା ଦେଇଛନ୍ତି। ଏଥିସହିତ ଓଡ଼ିଶାର ବହୁ ଖ୍ୟାତନାମା କଣ୍ଠଶିଳ୍ପୀଙ୍କୁ ଜୀବନବ୍ୟାପୀ ସାଧନା ପାଇଁ ସମ୍ବର୍ଦ୍ଧିତ କରାଯିବ ବୋଲି କମିଟି ପକ୍ଷରୁ କୁହାଯାଇଛି। ଏହି ସମ୍ମିଳନୀରେ କମିଟିର ମୁଖ୍ୟ ଉପଦେଷ୍ଟା ମିହିର ମହାନ୍ତି, ସହ ସମ୍ପାଦକ ସଚିନ କୁମାର ରଥ, ବସନ୍ତ ପାତ୍ର, ସଞ୍ଜୀବ କଳିହା, ସୁଧାକର ମିଶ୍ର ଓ ବଦ୍ରିନାରାୟଣ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

### ବ୍ରାଉନସୁଗାର ଜବତ, ୩ ଗିରଫ

**ପୁରୀ ଅଫିସ, ୧୭।୧**

କୁମ୍ଭାରପଡ଼ା ଥାନା ପୋଲିସ ବ୍ରାଉନସୁଗାର ବିକ୍ରି ଅଭିଯୋଗରେ ୩ଜଣଙ୍କୁ ଶୁକ୍ରବାର ଗିରଫ କରିଛି। ସେମାନେ ହେଲେ ଏନ୍. ପୁରୁଷୋତ୍ତମ ରେଡ୍ଡୀ (୨୧), ଗୋପୀନାଥପୁରର ସୁକାନ୍ତ ମହାନ୍ତି (୩୨) ଏବଂ ଖଣ୍ଡିଆବନ୍ଧର ବୀରେନ ପ୍ରଧାନ (୨୩)। ସେମାନଙ୍କ ଠାରୁ ୬ଗ୍ରାମ ୪୮ ମିଲିଗ୍ରାମ ବ୍ରାଉନସୁଗାର ସମେତ ନଗଦ ୪୨୩୫ ଟଙ୍କା ଓ ୨ଟି ବାଇକ ଜବତ କରାଯାଇଛି। ସୂଚନା ଅନୁଯାୟୀ, ସନ୍ଧ୍ୟା ସମୟରେ ନବକଳେବର ରୋଡସ୍ଥିତ ଆଖଣ୍ଡଳମଣି ମନ୍ଦିର ନିକଟ ରାସ୍ତା ପାର୍ଶ୍ୱରେ ୩ଜଣ ଯୁବକ ବ୍ରାଉନସୁଗାର ବିକ୍ରି କରୁଥିବା ପୋଲିସ ଖବର ପାଇଥିଲା।

## ସଂକ୍ଷେପରେ

### ୧୨ ଘଣ୍ଟା ଗୁଳି ବିନିମୟ ପରେ କୋମ୍ବିଂ ଅପରେଶନ ଶେଷ

**ମାଲକାନଗିରି, ୧୭।୧ (ଡି.ଏନ.ଏ./ସ୍ୱ.ପ୍ର.):** ମାଲକାନଗିରି ଜିଲା ମୁଦୁଲିପଡ଼ା ଥାନା ଅନ୍ତର୍ଗତ ବଡଡୁରାଲ ପଞ୍ଚାୟତ ଗୋରେଇଗୁଡା ନିକଟସ୍ଥ ଜଙ୍ଗଲରେ ମାଓବାଦୀ ଏବଂ ସୁରକ୍ଷାବାହିନୀ ମଧ୍ୟରେ ଗୁଳି ବିନିମୟ ୧୨ ଘଣ୍ଟା ପରେ ଶେଷ ହୋଇଛି। ଘଟଣା ସ୍ଥଳରୁ ବହୁ ପରିମାଣର ମାଓବାଦୀଙ୍କ ବ୍ୟବହୃତ ସାମଗ୍ରୀ ଜବତ ହୋଇଛି। ଏହି ଜଙ୍ଗଲରେ ମାଓବାଦୀଙ୍କ କ୍ୟାମ୍ପ ଚାଲିଥିବା ନେଇ ଗୋଇନ୍ଦା ସୂଚନା ମିଳିବା ପରେ ମାଲକାନଗିରି ଏସପିଙ୍କ ନେତୃତ୍ୱରେ ଡିଭିଏଫ ଓ ବିଏସଏଫ ଯବାନମାନେ କୋମ୍ବିଂ ଅପରେସନ କରିଥିଲେ। ଯବାନଙ୍କୁ ଦେଖି ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ତେବେ ସେମାନେ ପ୍ରଥମେ ପୋଲିସ ଉପରକୁ ଗୁଳି ଚାଳନା କରିବାରୁ ପୋଲିସ ମଧ ଏହାର ପାଲଟା ଜବାବ ଦେଇଥିଲା। ଘଟଣା ସ୍ଥଳରୁ ୨୦ରୁ ଉର୍ଦ୍ଧ୍ୱ ବ୍ୟାଗ୍, ମାଓବାଦୀ ପୋଷାକ, ଅଫୁଟା ଗୁଳି, ବିଦ୍ୟୁତ୍ ତାର, ଜେନ୍ ସେଟ୍, ଔଷଧ, ବିଭିନ୍ନ ପୁସ୍ତିକା, ଖାଦ୍ୟ ସାମଗ୍ରୀ, ଜବତ ହୋଇଛି। ଅପରେଶନ ପରେ ଯବାନମାନେ ଜିଲା ପୋଲିସ ମୁଖ୍ୟ କାର୍ଯ୍ୟାଳୟକୁ ଫେରିଥିବା ଏକ ଖବରଦାତା ସମ୍ମିଳନୀରେ କୋରାପୁଟ ଡିଆଇଜି ସୋପିନ ଅହମ୍ମଦ କେ. ସୂଚନା ଦେଇଛନ୍ତି। ତେବେ ମାଓବାଦୀମାନେ ଭୟଭୀତ ହୋଇ ସ୍ଥାନୀୟ ଲୋକଙ୍କୁ ଡରାଇବା ପାଇଁ ଏପରି କ୍ୟାମ୍ପ କରିଛନ୍ତି। ସେମାନେ କିଛି ଅଘଟଣ ଘଟାଇବା ପାଇଁ ଚେଷ୍ଟା କରିଥିଲେ। ଏହା ପୂର୍ବରୁ ପୋଲିସ ଖବର ପାଇ ସେମାନଙ୍କ ଯୋଜନାକୁ ପଣ୍ଡ କରି ଦେଇଛି। ସ୍ୱାଭିମାନ ଅଞ୍ଚଳର ବିକାଶରେ ମାଓବାଦୀମାନେ ବାଧା ସୃଷ୍ଟି କରିପାରିବେ ନାହିଁ। ଉକ୍ତ ଅଞ୍ଚଳରେ ପୋଲିସ ଏବଂ ବିଏସଏଫ୍‌ର ମିଳିତ ଉଦ୍ୟମରେ ବିକାଶ କାର୍ଯ୍ୟ ଆଗେଇ ଚାଲିଛି । ଏହି ସମୟରେ ମାଲକାନଗିରି ଏସପି ଋଷିକେଶ ଡି. ଖିଲାରି, ଏସଡିପିଓ ପ୍ରହ୍ଲାଦ ସହାଇ ମୀନା, ଆଇଆଇସି ରାମ ପ୍ରସାଦ ନାଗ ଉପସ୍ଥିତ ଥିଲେ।

### ଭୋଜିରେ ଗଣ୍ଡଗୋଳକୁ ନେଇ ହତ୍ୟା

**ବୈଶିଙ୍ଗା, ୧୭।୧ (ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ପୁରୁଣିଆ ପଞ୍ଚାୟତର ନୂଆଗାଁ ଗ୍ରାମରେ ମକର ଭୋଜିରେ ଗଣ୍ଡଗୋଳରୁ ଗୁରୁବାର ରାତିରେ ନୃଶଂସ ହତ୍ୟାକାଣ୍ଡ ଘଟିଛି। ଅଭିଯୁକ୍ତ ମରଣାନ୍ତକ ଆକ୍ରମଣ କରି ଦୁଇଜଣଙ୍କୁ ପୋଖରୀରେ ଫିଙ୍ଗି ଦେଇଥିଲେ। ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଅବସ୍ଥାରେ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ମୃତକ ହେଲେ ରାଧାକୃଷ୍ଣ ବାରିକ(୫୧) । ଏହି ଘଟଣାରେ ପୋଲିସ ଶ୍ୟାମ ସୁନ୍ଦର ବାରିକଙ୍କୁ ଗିରଫ କରି ଘଟଣାର ତଦନ୍ତ ଜାରି ରଖିଛି। ଶରତ ବାରିକ, ଶ୍ୟାମସୁନ୍ଦର ବାରିକ ଓ ବିଶ୍ୱନାଥ ବେହେରାଙ୍କ ସହିତ ମୃତ ରାଧାକୃଷ୍ଣ ଗ୍ରାମରେ ଭୋଜି କରୁଥିଲେ। ମଦ ନିଶାରେ ସେମାନଙ୍କ ମଧ୍ୟରେ କୌଣସି କାରଣରୁ ଝଗଡ଼ା ହୋଇଥିଲା। ରାଧାକୃଷ୍ଣ ଓ ଶରତଙ୍କୁ ଅଭିଯୁକ୍ତ ଶ୍ୟାମ ସୁନ୍ଦର ମରଣାନ୍ତକ ଆକ୍ରମଣ କରିବା ସହ ଟାଣି ଟାଣି ପାଖ ପୋଖରୀରେ ଫିଙ୍ଗି ଦେଇ ଘଟଣାସ୍ଥଳରୁ ପଳାଇଥିଲେ। ରାତି ପ୍ରାୟ ୮ଟା ସମୟରେ ପୋଖରୀକୁ ଯାଇଥିବା କିଛି ଲୋକ ରାଧାକୃଷ୍ଣ ଓ ଶରତଙ୍କୁ ଉଦ୍ଧାର କରିଥିଲେ ମଧ ରାଧାକୃଷ୍ଣଙ୍କର ମୃତ୍ୟୁ ଘଟିଥିଲା। ଶରତଙ୍କ ମୁଣ୍ଡକୁ ଏକ କଟୁରୀରେ ଆକ୍ରମଣ କରାଯାଇଥିବା ଜଣାପଡ଼ିଛି। ଗୁରୁତର ଅବସ୍ଥାରେ ତାଙ୍କୁ କଟକ ବଡ଼ ଡ଼ାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ଖବର ପାଇ ବୈଶିଙ୍ଗା ପୋଲିସ ବିଳମ୍ବିତ ରାତିରେ ଗ୍ରାମରେ ପହଞ୍ଚି ମୁଖ୍ୟ ଅଭିଯୁକ୍ତ ଶ୍ୟାମସୁନ୍ଦରଙ୍କୁ ଗିରଫ କରିଥିବା ଆଇଆଇସି ଲକ୍ଷ୍ମୀଧର ସ୍ୱାଇଁଙ୍କ କହିଛନ୍ତି। ଏନେଇ ଥାନାରେ ଏକ ମାମଲା (ନଂ.୧୨/ ୨୦୨୦) ରୁଜୁ ହୋଇଛି।

# ସଚେତନତାରେ ସୀମିତ 'ରାବଣଛାୟା'

ଦିବ୍ୟଜ୍ୟୋତି ଦାଶ
ପାଲଲହଡା,୧୭।୧

କଳାର ରାଜ୍ୟ ଓଡ଼ିଶାରେ ଏକଦା ମନୋରଞ୍ଜନର ମୁଖ୍ୟ ମାଧ୍ୟମ ଥିଲା ଲୋକକଳା ରାବଣଛାୟା। ଅନୁଗୋଳ ଜିଲା ପାଲଲହଡ଼ା ଗଡ଼ଜାତରୁ ଦିନେ ଏହା ଦେଶବିଦେଶରେ ପହଞ୍ଚି ପାରିଥିଲା। ପୋଥି, ପୁରାଣମନସ୍କ ସେତେବେଳର ମଣିଷଙ୍କୁ ଆହୁରି ସଂସ୍କୃତିସମ୍ପନ୍ନ କରିବାରେ ଏହା ବେଶ୍ ସହାୟକ ହୋଇପାରିଥିଲା। କେବଳ ରାଜାରାଜୁଡ଼ା ଅମଳ ନୁହେଁ, ସ୍ୱାଧୀନତା ପରବର୍ତ୍ତୀ ଭାରତବର୍ଷରେ ମଧ ରାବଣଛାୟାର ଆଦର ସର୍ବତ୍ର ଥିଲା। ଖାସ୍ ଏହି କାରଣରୁ ନବେ ଦଶକରେ ଏହା ଓଡ଼ିଶା ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ଫଳରେ ଉକ୍ତ ଲୋକକଳାକୁ ଆହୁରି ଆଗକୁ ନେବାକୁ ପ୍ରୟାସ ଆରମ୍ଭ ହୋଇଥିଲା। ଗୁରୁମାନଙ୍କୁ ତାଲିମ ସହ ଆର୍ଥିକ ପ୍ରୋତ୍ସାହନ ମଧ ଯୋଗାଇ ଦିଆଯାଇଥିଲା। କିନ୍ତୁ ଧୀରେ ଧୀରେ ଅନୁପ୍ରବେଶ କରୁଥିବା ଆଧୁନିକ ତଥା ପାଶ୍ଚାତ୍ୟ ସଂସ୍କୃତି ସହ ସମକକ୍ଷ ଅଭାବରୁ ଏହି ପୁରାତନ ଲୋକକଳା ଏବେ ନିଜ ଜନ୍ମମାଟିରେ ମଧ ଚମକହୀନ ହୋଇପଡ଼ିଛି। ସରକାରୀ ପ୍ରୋତ୍ସାହନ ଆଦୌ ନ ଥିବାରୁ ଏହାକୁ ନିଶା ବା ପେସା କରିବାକୁ ଆଉ କୌଣସି କଳାକାର ଆଗ୍ରହ ପ୍ରକାଶ କରୁନାହାନ୍ତି। କେବଳ କେତୋଟି ସରକାରୀ ସଚେତନା କାର୍ଯ୍ୟକ୍ରମକୁ ଛାଡ଼ିଦେଲେ ବାକି କେଉଁଠାରେ ବି ଲୋକକଳା ରାବଣଛାୟାକୁ ଖୋଜାପଡୁନି କି ଲୋଡ଼ାପଡୁନି।



ରାବଣଛାୟା ପରିବେଷଣର ଏକ ଦୃଶ୍ୟ।

- ନାହିଁ ଆଉ ଏହି ଲୋକକଳାର ଆଦର
- ୧୯୮୮ରେ ମିଳିଥିଲା ସରକାରୀ ସହଯୋଗ
- ପରିବେଷଣ ପାଇଁ ମିଳୁନାହାନ୍ତି କଳାକାର
- ସରକାରୀ ଉଦାସୀନତାକୁ ଦାୟୀ କଲେ ଗୁରୁ

ପାଲଲହଡ଼ାର ଗୁରୁ ଖଗେଶ୍ୱର ପ୍ରଧାନଙ୍କ କହିବା ଅନୁଯାୟୀ, ଗଡ଼ଜାତ ବେଳେ ଓଡ଼ିଶାରେ ପ୍ରଚଳିତ ଛାୟା ନାଟକ ହିଁ ରାବଣଛାୟା ଭାବେ ପରିଚିତ ଥିଲା। ରାମାୟଣର କଥାବସ୍ତୁକୁ ନେଇ ଏହା ପ୍ରସ୍ତୁତ ହେଉଥିବାରୁ ଏବଂ ନାଟକରେ ରାବଣ ମୁଖ୍ୟ ଭୂମିକା ନେଉଥିବାରୁ ଏହାର ନାମକରଣ ଏପରି ହୋଇଥିଲା। କେତେଜଣ ଲୋକକଳା ଗବେଷକଙ୍କ ମତରେ ରାବଣ ଦେବୀ ସୀତାଙ୍କୁ ପୁଷ୍ପକ ବିମାନରେ ସମୁଦ୍ର ଉପର ଦେଇ ହରଣ ବେଳେ ସମୁଦ୍ରଜଳରେ ରାବଣର ଛାୟା ସୀତାଙ୍କ ଜୀବନକୁ ପ୍ରଭାବିତ କରିଥିବାରୁ ଏହି ଲୋକକଳାକୁ 'ରାବଣଛାୟା' ନାମରେ ନାମିତ କରାଯାଇଥିଲା। ପାଲଲହଡା ଉପଖଣ୍ଡ ଖମାର ଥାନା ଓଡ଼ଶ ଗାଁରେ ଆଠମଲ୍ଲିକରୁ ଆସିଥିବା ଭଟ୍ଟ ସମ୍ପ୍ରଦାୟର କଳାକାର ଏହି ଲୋକକଳା ଆରମ୍ଭ କରିଥିଲେ। ପରେ ଅଣଭଟ୍ଟ ସମ୍ପ୍ରଦାୟର ଶିଷ୍ୟ ରାବଣ ଛାୟାକୁ ଆଧୁନିକ ରୂପ ଦେବା ପାଇଁ ଉଦ୍ୟମ କରିଥିଲେ। ୧୯୮୮ରେ ପାଲଲହଡା ବିଧାୟକ ଥିବା ବିଭୁଧେନ୍ଦ୍ର ପ୍ରତାପ ଦାସଙ୍କ ସହଯୋଗରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ରାବଣଛାୟାର ଉନ୍ନତି ପାଇଁ ଓଡ଼ିଶା ସଂଗୀତ ନାଟକ ଏକାଡେମୀ ମାଧ୍ୟମରେ ୧.୫ ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ। ଏଥିସହ ପୁରାତନ ଲୋକକଳାକୁ ଯୁଗୋପଯୋଗୀ କରିବା ପାଇଁ ଉତ୍କଳ ସଂଗୀତ ମହାବିଦ୍ୟାଳୟରେ କଳାକାରଙ୍କ ତାଲିମ ବ୍ୟବସ୍ଥା କରାଇଥିଲେ। ସେମାନେ ଦିଲ୍ଲୀରେ କେନ୍ଦ୍ର ସଂଗୀତ ନାଟକ ଏକାଡେମୀ ଜାତୀୟ ପୁତ୍ତଳିକା ଉତ୍ସବରେ ଭାଗ ନେବା ସହ ଦେଶ ବାହାରେ ଲୋକକଳା ପ୍ରଦର୍ଶନ କରି ବହୁ ପ୍ରଶଂସା ସାଉଣ୍ଟିଥିଲେ। ବର୍ତ୍ତମାନ ଏହି ଲୋକକଳା ପାଇଁ ଅର୍ଥ ବାଧକ ସାଜିଥିବାବେଳେ ଆଉ ନୂତନ କଳାକାର ମିଳୁନାହାନ୍ତି। ନୂତନ ପିଢ଼ି ମଧ ଆଗ୍ରହ ପ୍ରକାଶ କରୁନାହାନ୍ତି। ମାତ୍ର ୮ ଜଣ କଳାକାରଙ୍କୁ ନେଇ ଏହି ବିଲୁପ୍ତପ୍ରାୟ ଲୋକକଳା ଏବେ କେବଳ ସରକାରୀ ସଚେତନତାଧର୍ମୀ କାର୍ଯ୍ୟକ୍ରମରେ ଅଟକି ଯାଇଥିବାରୁ ରାବଣଛାୟାର ଭବିଷ୍ୟତ ନେଇ ସେ ସନ୍ଦିହାନ ହୋଇପଡ଼ିଥିବା ଗୁରୁ ଖଗେଶ୍ୱର କହିଛନ୍ତି। ଏ ସମ୍ପର୍କରେ ପାଲଲହଡ଼ା ବିଧାୟକ ମୁକେଶ କୁମାର ପାଲ କହିଛନ୍ତି, ଏହି ଲୋକକଳାକୁ ବଞ୍ଚାଇ ରଖିବା ପାଇଁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯିବ। ସଂସ୍କୃତି ବିଭାଗ ସହ ମଧ ଆଲୋଚନା କରାଯିବ। ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ବିଜୟ କୁମାର ଜେନା କହିଛନ୍ତି, ଅତୀତରେ ବହୁ ପଦକ୍ଷେପ ନିଆଯାଇଛି। ଗତବର୍ଷ ଲୋକକଳା ମହୋତ୍ସବରେ କାଠି କଣ୍ଢେଇ ନାଚ ପ୍ରଦର୍ଶନ କରାଯାଇଥିଲା। ଆଗାମୀ ଦିନରେ ଅଧିକ ପଦକ୍ଷେପ ନିଆଯିବ।

# ୨୬ରେ ସବିତା, ପୂର୍ଣ୍ଣିମାଙ୍କୁ ସାହସିକତା ପୁରସ୍କାର

**କେନ୍ଦ୍ରାପଡା ଅଫିସ, ୧୭।୧:** କେନ୍ଦ୍ରାପଡା ଜିଲା ମହାକାଳପଡା ବ୍ଲକ ନିପାଣିଆ ଗ୍ରାମ ନିକଟ ଖୋଳା ନଦୀରେ ଗତବର୍ଷ ଜାନୁୟାରୀ ୨ରେ ଏକ ଯାତ୍ରୀବାହୀ ଡଙ୍ଗା ବୁଡିଯାଇ ୧୦ ଜଣଙ୍କ ମୃତ୍ୟୁ ଘଟିଥିଲା । ଏହି ଦୁର୍ଘଟଣାରୁ ୩୦ରୁ ଉର୍ଦ୍ଧ୍ୱ ଯାତ୍ରୀ ଅଳ୍ପକେ ବର୍ତ୍ତି ଯାଇଥିଲେ । କିନ୍ତୁ ନିପାଣିଆ ଗ୍ରାମର ସବିତା ଗିରି (୧୫) ଓ ପୂର୍ଣ୍ଣିମା ଗିରି(୧୫) କୁମ୍ଭୀର ପ୍ରବଣ ଏହି ନଦୀରୁ ୧୦ରୁ ଉର୍ଦ୍ଧ୍ୱ ଯାତ୍ରୀଙ୍କୁ ମରଣ ମୁହଁରୁ ବଞ୍ଚାଇ ରାଜ୍ୟରେ ଚହଳ ସୃଷ୍ଟି କରିଥିଲେ। ପରବର୍ତ୍ତୀ ସମୟରେ ଜିଲା ପ୍ରଶାସନର ଉଦ୍ୟମ ଓ ରାଜ୍ୟ ସରକାରଙ୍କ ଅନୁମୋଦନ କ୍ରମେ ଏହି ଦୁଇ ସମ୍ପର୍କୀୟ ଭଉଣୀଙ୍କୁ ଜାତୀୟ ସାହସିକତା ପୁରସ୍କାର ଆଗାମୀ ୨୬ ତାରିଖରେ ଦିଆଯିବ ବୋଲି ଶିଶୁ ବିକାଶ ଜାତୀୟ ପରିଷଦ ପକ୍ଷରୁ ଜଣାଇ ଦିଆଯାଇଥିଲା।

**ଶୁକ୍ରବାର ଦିଲ୍ଲୀ ଗଲେ**



ଏ ନେଇ ଚିଠି ପାଇବା ପରେ ଦୁଇ ଭଉଣୀ ଗତ ଗୁରୁବାର ଅଭିଭାବକଙ୍କ ସହ ଭୁବନେଶ୍ୱରରେ ପହଞ୍ଚି ଥିଲେ । ସେମାନେ ଶୁକ୍ରବାର ରାଜଧାନୀ ଏକ୍ସପ୍ରେସରେ ଦିଲ୍ଲୀ ଯାତ୍ରା କରିଛନ୍ତି । ଗମନାଗମନ ସୁବିଧା ନ ଥିବା ନିଜ ଗ୍ରାମ ନିକଟ ମହାନଦୀ ଶାଖା ଚୁବି ଘାଟଠାରେ ଏକ ସେତୁ ନିର୍ମାଣ ପାଇଁ ସେମାନେ ଦିଲ୍ଲୀ ଦରବାରରେ ଜଣାଇବେ ବୋଲି କହିଛନ୍ତି। ଦୁହେଁ ମହାକାଳପଡା ବ୍ଲକ ବତୀଘର ପଞ୍ଚାୟତର ଜ୍ଞାନମୟୀ ହାଇସ୍କୁଲରେ ଦଶମ ଶ୍ରେଣୀରେ ପାଠ ପଢୁଛନ୍ତି ।

# ଜଙ୍ଗଲରେ ଦଳିଦେଲା ହାତୀ

**ରାସୋଳ, ୧୭।୧ (ଡି.ଏନ.ଏ.):** ଗୁରୁବାର ସନ୍ଧ୍ୟାରେ ରାସୋଳ ଥାନା ଅଞ୍ଚଳର ଜଣେ ବ୍ୟକ୍ତିଙ୍କୁ ହାତୀ ଦଳି ମାରିଦେଇଛି। ମୃତକ ହେଲେ ବମ୍ପା ଗ୍ରାମର ଭାସ୍କର ବେହେରା।ଭାସ୍କର ଏବଂ ତାଙ୍କ ସ୍ତ୍ରୀ ବାବନ୍ଧ ଗ୍ରାମ ବ୍ୟାଙ୍କକୁ ଟଙ୍କା ଉଠାଇବାକୁ ଯାଇଥିଲେ। ସ୍ତ୍ରୀଙ୍କୁ ବସ୍‌ରେ ବସାଇ ଦେଇ ଭାସ୍କର ସାଇକେଲରେ ଘରକୁ ଫେରୁଥିଲେ। ଗୁଆଗରିଆ ଛକ ନିକଟରେ ହଠାତ୍ ଜଙ୍ଗଲ ଭିତରୁ ଏକ ହାତୀ ବାହାରି ଗୋଡ଼ାଇଥିଲା। ସେ ସାଇକେଲ ଛାଡ଼ିଦେଇ କାଜୁ ଜଙ୍ଗଲ ଭିତରକୁ ଦୌଡ଼ି ଥିଲେ। ହାତୀଟି ତାଙ୍କୁ ଗୋଡ଼ାଇ ଗୋଡ଼ାଇ ଦଳିଦେଇଥିଲା।

# ପୂର୍ବତନ ବିଧାୟକ ଅନାମ ନାଏକଙ୍କ ଘରେ ଭିଜିଲାନ୍ସ ଯାଞ୍ଚ

**କଟକ ଅଫିସ, ୧୭।୧:** ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭବାନୀପାଟଣା ବିଧାନସଭା ଆସନର ପୂର୍ବତନ ବିଧାୟକ ଅନାମ ନାଏକଙ୍କ ଘରେ ଶୁକ୍ରବାର ଭିଜିଲାନ୍ସ ଯାଞ୍ଚ କରିଛି। ଭବାନୀପାଟଣା ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ପକ୍ଷରୁ ଜାରି କରାଯାଇଥିବା ତଲାସି ୱାରେଣ୍ଟ ବଳରେ କୋରାପୁଟ ଭିଜିଲାନ୍ସ ଡିଭିଜନର ଅଧିକାରୀମାନେ ନାଏକଙ୍କ ଘର ସମେତ ୪ଟି ସ୍ଥାନରେ ଯାଞ୍ଚ କରିଛନ୍ତି। ସ୍ଥାନଗୁଡ଼ିକ ହେଉଛି ଭବାନୀପାଟଣା ସହରର ନାକ୍‌ଟିଗୁଡ଼ାରେ ଥିବା ୩ ମହଲା କୋଠା, ମ.ରାମଚନ୍ଦ୍ରପୁର ସହରରେ ଥିବା ଡ୍ୟୁପ୍ଲେକ୍ସ ଲଜ୍, ନାକ୍‌ଟିଗୁଡ଼ାଠାରେ ଥିବା ବ୍ୟବସାୟିକ କୋଠା, ଭବାନୀପାଟଣାର ପୂର୍ଣ୍ଣପଡ଼ାଠାରେ ନିର୍ମାଣାଧୀନ ଲଜ୍ ଓ କୋଠାକୁ ଭିଜିଲାନ୍ସ ଯାଞ୍ଚ କରିଛି। ଉପରୋକ୍ତ ସ୍ଥାନଗୁଡ଼ିକ ଯାଞ୍ଚ କରାଯିବା ପରେ ମୋଟ୍ ୩ କୋଟି ୪୨ ଲକ୍ଷ ୯୯ହଜାର ୪୦୨ ଟଙ୍କାର ସ୍ଥାବର ଅସ୍ଥାବର ସମ୍ପତ୍ତି ଠାବ କରାଯାଇଛି। ଏତଦ୍‌ବ୍ୟତୀତ ତାଙ୍କ ଘରୁ ୮୦ହଜାର ଟଙ୍କାର ସୁନାଗହଣା, ନଗଦ ୧୩,୬୮୦ ଟଙ୍କା, ୬ ଲକ୍ଷ ୨୧ହଜାର ୩୬୭ ଟଙ୍କାର ଗୃହ ଉପକରଣ ସାମଗ୍ରୀକୁ ମଧ ଭିଜିଲାନ୍ସ ଠାବ କରିଛି। ଭିଜିଲାନ୍ସ ସୂଚନା ଅନୁଯାୟୀ, ୧୯୯୦ ମସିହାରେ ନାଏକ କଳାହାଣ୍ଡି ଜିଲାପାଳଙ୍କ କାର୍ଯ୍ୟାଳୟରେ ଜଣେ କନିଷ୍ଠ କିରାଣି ଭାବେ ସରକାରୀ ଚାକିରିରେ ଯୋଗଦେଇଥିଲେ। ଏହାପରେ ସେ ଭବାନୀପାଟଣା ତହସିଲଦାରଙ୍କ କାର୍ଯ୍ୟାଳୟ, ଭବାନୀପାଟଣା ବ୍ଲକ ଆଦି ସ୍ଥାନରେ କାର୍ଯ୍ୟ କରିଛନ୍ତି। ୧୫ ବର୍ଷ ତଳେ ସେ ସରକାରୀ ଚାକିରିରୁ ଇସ୍ତଫା ଦେଇ ସକ୍ରିୟ ରାଜନୀତିରେ ଯୋଗ ଦେଇଥିଲେ। ୨୦୧୪ ନିର୍ବାଚନରେ ନାଏକ ଭବାନୀପାଟଣା ବିଧାନସଭା ଆସନରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ।

**୩ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଠାବ**

# ଜିଆର୍‌ଏସ୍ ସଂଯୁକ୍ତା ହତ୍ୟା ମାମଲା: ୨ ମିଲିସିଆ ଗିରଫ

**ଫୁଲବାଣୀ ଅଫିସ/ ଫିରିଙ୍ଗିଆ, ୧୭।୧:** ସାଧାରଣ ନିର୍ବାଚନ ବେଳେ କନ୍ଧମାଳ ଜିଲା ଗୋଚ୍ଛାପଡା ଥାନା ଅଞ୍ଚଳରେ ଜିଆର୍‌ଏସ୍ ସଂଯୁକ୍ତା ଦିଗାଲଙ୍କୁ ମାଓବାଦୀମାନେ ହତ୍ୟା କରିଥିଲେ। ଏହି ଘଟଣାରେ ଗୋଚ୍ଛାପଡା ଥାନା ପୋଲିସ ୨ ମିଲିସିଆଙ୍କୁ ଗିରଫ କରିଛି। ସେମାନେ ହେଲେ ପାଙ୍ଗା ଉପରସାହିର ସମିତି ସଭ୍ୟ ଗୁନି ଦିଗାଲ ଓ ସିଡ଼ା ଦିଗାଲ । ତଦନ୍ତ ଆଧାରରେ ଏମାନଙ୍କୁ ଗିରଫ କରାଯାଇଛି। ପୋଲିସ ସୂଚନା ଅନୁସାରେ, ଗୁନି ଓ ସିଡ଼ା ମାଓବାଦୀଙ୍କ ସମର୍ଥକ ଥିଲେ । ସବୁ ଖବର ମାଓବାଦୀଙ୍କୁ ପଠାଉଥିଲେ । ମାଓବାଦୀଙ୍କ ସହ ମିଶି ବିଭିନ୍ନ ଆଲୋଚନାରେ ଭାଗ ନେଇ ଗ୍ରାମରେ ଉପସ୍ଥିତି ଜାହିର କରୁଥିଲେ। ନିର୍ବାଚନ ଭଣ୍ଡୁର କରିବା ଏବଂ ପୋଲିଂ ପାର୍ଟି ଉଡ଼ାଇ ଦେବାକୁ ସେମାନେ ନିଷ୍ପତ୍ତି ନେଇଥିଲେ । ଏ ନେଇ ଏସ୍‌ପି ପ୍ରତୀକ ଗୀତା ସିଂ କହିଛନ୍ତି, ମାଓବାଦୀଙ୍କ ସହ ମିଶି ବୈଠକ କରିଥିଲେ । ଗାଁ ଗାଁ ବୁଲି ମାଓବାଦୀଙ୍କ ସପକ୍ଷରେ ପ୍ରଚାର କରିଥିଲେ। ସେମାନଙ୍କ ଟାର୍ଗେଟ ଇଲେକ୍ସନ ପାର୍ଟି ଉପରେ ଥିଲା । ସଂଯୁକ୍ତାଙ୍କ ମୁଣ୍ଡରେ ଗୁଳି ବାଜିବାରୁ ତାଙ୍କର ମୃତ୍ୟୁ ଘଟିଥିଲା । ଏହି ଘଟଣାରେ ଅନ୍ୟମାନେ ବି ସାମିଲ ଥିବା ଏସ୍‌ପି କହିଛନ୍ତି। ଗତ ଏପ୍ରିଲ ୧୭ ତାରିଖରେ ସାଧାରଣ ନିର୍ବାଚନ ପାଇଁ ପୋଲିଂ ପାର୍ଟି ଚେକିଂ ପାଇଁ ଏକ ଗାଡ଼ିରେ ଯାଉଥିଲେ । ସେଥିରେ ଆସିଷ୍ଟାଣ୍ଟ ସେକ୍ସନ ଅଫିସର(ଏଏସ୍‌ଓ) ପ୍ରକାଶ ଦାସ, ମେସେଞ୍ଜର ତଥା ଲୁଇସିଂ ପଞ୍ଚାୟତ ଜିଆରଏସ୍ ସଂଯୁକ୍ତା ଏବଂ ଅନ୍ୟମାନେ ଥିଲେ । ଫିରିଙ୍ଗିଆ ବ୍ଲକ ବାଲନ୍ଦାପଡାଠାରୁ ୧୦/୧୨ କିମି ଦୂର କୋଏରମାଣ୍ଡୁ ପଞ୍ଚାୟତ ବାରାହାଲାଠାରେ ଲ୍ୟାଣ୍ଡମାଇନ ବିସ୍ଫୋରଣ ହୋଇଥିଲା। ଗାଡି ଡ୍ରାଇଭର ତୁରନ୍ତ ଗାଡି ଅଟକାଇ ପଛକୁ ବୁଲାଇ ଫେରିବାକୁ ଚେଷ୍ଟା କରୁଥିବା ବେଳେ ଗୁଳି ଫୁଟିଥିଲା । ଗୁଳିଟି ସଂଯୁକ୍ତାଙ୍କ ମୁଣ୍ଡରେ ବାଜିଥିଲା । ଡ୍ରାଇଭର ଗାଡି ନ ଅଟକାଇ ବାଲନ୍ଦାପଡା ମେଡିକାଲ ନେଇ ଆସିଥିଲେ । ସେଠାରେ ସଞ୍ଜୁକ୍ତାଙ୍କ ମୃତ୍ୟୁ ଘଟିଥିଲା ।



ଗିରଫ ଦୁଇ ମିଲିସିଆ।


## CLASSIFIED DISPLAY

TARIFF
MORE SPACE • SAME PRICE

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ନବବର୍ଷର ଶୁଭ ଅବସରରେ
ଭାରତର ନଂ.1 କମ୍ପାନୀ, 1984ଠାରୁ ଆପଣଙ୍କ ସେବାରେ
ଧନଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲି. REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9499135756
B-34/7 A Block Vijay Enclave, Bururi, New Delhi

JAMUNA FINANCE
ବ୍ୟବସାୟ, ପର୍ସନାଲ, ମାର୍କଶିଟ୍, ପଶୁପାଳନ, କୃଷି ପ୍ରପର୍ଟି, ଗୃହ ଋଣ ଓ ଗ୍ରୁପ୍ ଋଣ। ସମସ୍ତ ପ୍ରକାର LOAN ସହଜ କିସ୍ତିରେ ଘରେ ବସି ପାଆନ୍ତୁ। ସୁଧ–2%
M: 7749011485, 7608013153
Salt Lake City, Kolkata-700091, Panditagaon, Khalikote, Ganjam

ଏପରି ଏକ ଋଣ ଯାହା ଘରକୁ ଖୁସି ଆଣେ
ଭାରତୀୟ ମୁଦ୍ରା ଯୋଜନା ଅଧୀନରେ
ଭାରତୀୟଙ୍କ ସବୁଠାରୁ ଭରସାଯୋଗ୍ୟ କମ୍ପାନୀ
ବ୍ୟବସାୟ ଋଣ, ପ୍ରପର୍ଟି ଋଣ, ମାର୍କଶିଟ୍ ଋଣ, ଆଧାରକାର୍ଡ ଋଣ, ପର୍ସନାଲ ଋଣ, ବିପିଏଲ୍ ଋଣ ଆଦି ସମସ୍ତ ଋଣ
1% ସୁଧ 50% ଛାଡ଼
ଲୋନ୍ ଧମାକା
ATM Card ଓ ପାସ୍‌ବୁକ୍ ଉପରେ ମଧ ଋଣ ଉପଲବ୍ଧ
ସବୁ ପ୍ରକାର ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
(କାମ ଆମର, ବିଶ୍ୱାସ ଆପଣଙ୍କର)
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ଅଫର୍
073763-45374
087219-21764

EDUCATION

ଭାରତ ସରକାରଙ୍କ ନର୍ସିଂ ଓ ଫାୟାର ସେଫଟି ପାଠ୍ୟକ୍ରମ ଓ ନିଯୁକ୍ତି ସୁଯୋଗ
ସରକାରଙ୍କ ପାଠ୍ୟକ୍ରମ ୨ବର୍ଷର Course ସରିଲାପରେ ଭାରତର ବିଭିନ୍ନ ହସ୍ପିଟାଲ ଓ Fire Sefty ବିଭିନ୍ନ ବିଭାଗର ନିଯୁକ୍ତି ସୁବିଧା ଉପଲବ୍ଧ
Nursing: OT.TECH, DM.L.T TECH, PHRAMACY, I.C.U, DIALYSIS, E.C.G, G.N.M
Fire Safety: Fire & Safety Engg. Tech., Fire and Industrial Safety Management
Hospital Practical, Hostel, Transport Facility Available Here
KIMS, KHANDAGIRI, BBSR
8658179869
7752094125

BUSINESS

SHINGHANIA TOWER
ଖାଲିଥିବା ଜମି ଓ ଛାତ ଉପରେ Shinghania Tower ଗ୍ରୁପର ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଆଜି ହିଁ ସଂମ୍ପର୍କ କରନ୍ତୁ
R-25/8, Krishna Apartment, MG Road Bengaluru, Karnataka 560076
Email: shinghaniatowercompany4242@gmail.com
WhatsApp No 9453480851

2003ଠାରୁ ଆପଣଙ୍କ ସେବାରେ
TOWER VISION CO.
ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ
ସିଧା କମ୍ପାନୀ ସହ କଥା ହୋଇ ନିଜର ଖାଲି ଜମି, ଛାତ, କ୍ଷେତ ଓ ପ୍ଲଟ୍‌ରେ ମଲ୍ଟିମିଡିଆ ଡିଜିଟାଲ ଟାୱାର୍ ଲଗାନ୍ତୁ ।
ଅଗ୍ରିମ: 65 ଲକ୍ଷ | ଭଡ଼ା: 60 ହଜାର
+ କୋର୍ଟ ଏଗ୍ରିମେଣ୍ଟ + ବାଇକ୍
ଜମିର ନିରୀକ୍ଷଣ କରାନ୍ତୁ ଓ ନିଜ ଜମିକୁ ରୋଜଗାରର ମାଧ୍ୟମରେ ପରିଣତ କରନ୍ତୁ
073762-57896
094994-92906
ADDRESS: T-51, GAUTAMPURI, DELHI

JOB JOB
ଶିବାନୀ SMS ଜବ୍ ପାର୍ଟ ଟାଇମ୍/ଫୁଲ୍ ଟାଇମ୍ JOB ALL ଓଡ଼ିଶାର ସବୁ ଜିଲ୍ଲା ଅନୁସାରେ ପୁଅ/ଝିଅ, ବେରୋଜଗାର, ଗୃହିଣୀ, ବେରୋଜଗାରୀ/ମାନ୍ଦାବସ୍ଥା ସମୟରେ ଆୟର ସୁବର୍ଣ୍ଣ ସୁଯୋଗ 15,000/-ରୁ 20,000/- ରୋଜଗାର କରନ୍ତୁ । ଲାପଟପ୍, ମୋବାଇଲ, ବାଇକ୍ ମାଗଣା । ଅନ୍‌ଲାଇନ୍ SMS କରନ୍ତୁ । ଜବ୍ ଆଇ.ଡି. ପାଇଁ ଯୋଗାଯୋଗ କରନ୍ତୁ ।
7265982706
7064678575

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚାଲେଞ୍ଜ
2 ଘଣ୍ଟାରେ 100% ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା, ଶତ୍ରୁ ମୁକ୍ତି, ସ୍ୱାମୀ-ସ୍ତ୍ରୀ ଝଗଡ଼ା, ପ୍ରେମବିବାହ, ଗୃହକ୍ଳେଶ, ପ୍ରପର୍ଟି, କୋର୍ଟ-କେସ୍, ଯାଦୁ-ଟୋନା, ବିଦେଶ ଯାତ୍ରା, ବଶୀକରଣ, ଗୁଣି-ଗାରେଡ଼ି
AtoZ ସମସ୍ୟାର ସମାଧାନ ଘରେ ବସି।
ବାବା ଅଲାଉଦ୍ଦିନ ବଙ୍ଗାଲି
ସ୍ପେ. ବଶୀକରଣ, ମୂଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ ଯଦି କାଟିଦେବେ ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
କାମ ନ ହେଲେ ଟଙ୍କା ଫେରସ୍ତ
8376889657
9971793786

ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ନା କାହିଁକି ସମାଧାନ ଅଛି ମୋ ପାଖରେ ଏଇଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଳେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋତାଧନ, ଜୁଆ-ସଟ୍ଟା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ପେ. ପୋତାଧନ, ସଟ୍ଟା, ଜୁଆ, ବଶୀକରଣ, ମୂଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଲି ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
8527425449

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସମ୍ପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9818298397
9953959390


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ଭିନ୍ନକ୍ଷମ ଯୁବତୀଙ୍କୁ ବଳାତ୍କାର, ଯୁବକ ଅଟକ

ଭବାନୀପାଟଣା,୧୭ା୧(ଡି.ଏନ୍.ଏ.): କଳାହାଣ୍ଡି ଜିଲା ମ.ରାମପୁର ଥାନା ଅଞ୍ଚଳର ଜଣେ ଭିନ୍ନକ୍ଷମ ଯୁବତୀଙ୍କୁ ବଳାତ୍କାର କରାଯାଇଛି। ମ.ରାମପୁରର ଜଣେ ଯୁବକ ତାଙ୍କୁ ବଳାତ୍କାର କରିଥିବା ନେଇ ଥାନାରେ ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି। ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଅଟକ ରଖି ପଚରାଉଚରା ଜାରିରଖିଥିବା ଥାନା ଅଧିକାରୀ ଗୋବିନ୍ଦ ମାଝି କହିଛନ୍ତି। ଏ ନେଇ ଥାନାରେ ଏକ ମାମଲା ରୁଜୁ କରି ତାଙ୍କୁ ଶନିବାର କୋର୍ଟ ଚାଲାଣ କରାଯିବ ବୋଲି କେସିଙ୍ଗା ଏସ୍‌ଡିପିଓ ଗୁପ୍ତେଶ୍ୱର ଭୋଇ ପ୍ରକାଶ କରିଛନ୍ତି। ଅଭିଯୋଗ ମୁତାବକ ସଂପୃକ୍ତା ଭିନ୍ନକ୍ଷମ ଯୁବତୀ ବଡ଼ଭାଇଙ୍କ ଦୋକାନରୁ ଘରକୁ ଫେରୁଥିଲେ। ମ.ରାମପୁରର ରାକେଶ ନାୟକ ସେହି ଯୁବତୀଙ୍କୁ ତାଙ୍କ ଘରେ ଛାଡ଼ି ଦେବାକୁ କହି ବଳପୂର୍ବକ ବାଇକ୍‌ରେ ବସାଇ ତୁଜୁଙ୍ଗ ଗ୍ରାମ ପଟକୁ ନେଇ ନିଛାଟିଆ ସ୍ଥାନରେ ବଳାତ୍କାର କରିଥିଲେ। ଏଥିସହିତ ରାକେଶ ତାଙ୍କ ଶରୀରର ବିଭିନ୍ନ ସ୍ଥାନକୁ କାମୁଡ଼ି କ୍ଷତବିକ୍ଷତ କରି ଦେଇଥିବା ଅଭିଯୋଗପତ୍ରରେ ଉଲ୍ଲେଖ ହୋଇଛି। ବଳାତ୍କାର ପରେ ସଂପୃକ୍ତା ଯୁବତୀଙ୍କୁ ଅଭିଯୁକ୍ତ ଗାଡ଼ିରେ ବସାଇ କୁଆଡ଼େ ନେଇଯାଉଥିଲେ। ସେହି ଗାଡ଼ିରୁ ତାଙ୍କୁ ଉଦ୍ଧାର କରାଯାଇଥିବା ଯୁବତୀଙ୍କ ଭାଉଜ କହିଛନ୍ତି। ଯଦି କାହାକୁ ଏହି ବିଷୟରେ କୁହ ତାହା ହେଲେ ତୁମମାନଙ୍କୁ ଜୀବନରୁ ମାରିଦେବି ବୋଲି ଧମକ ଦେଇ ରାକେଶ ଦ୍ରୁତଗତିରେ ବାଇକ୍ ନେଇ ପଳାଇଯାଇଥିବା ସେ ଅଭିଯୋଗ କରିଛନ୍ତି।

# ‘ଡିଜିଟାଲ ମାଧ୍ୟମ ଗଣତନ୍ତ୍ରରେ ସହଭାଗିତା ବୃଦ୍ଧି କରିବ’

## ମୁଖ୍ୟମନ୍ତ୍ରୀଙ୍କୁ ଇ-ରତ୍ନ ପୁରସ୍କାର




ଭୁବନେଶ୍ୱର,୧୭ା୧(ବ୍ୟୁରୋ)

ରାଜ୍ୟ ସରକାରଙ୍କ ୫-ଟି ମନ୍ତ୍ର ମଧ୍ୟରେ ଟେକ୍ନୋଲୋଜି(ବୈଷୟିକ ବିଦ୍ୟା) ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଡିଜିଟାଲ ମାଧ୍ୟମ ଦ୍ୱାରା ଲୋକମାନେ ଗଣତନ୍ତ୍ରରେ ସିଧାସଳଖ ଭାଗ ନେଇପାରିବେ। ତେଣୁ ଗଣତନ୍ତ୍ରରେ ଡିଜିଟାଲ ଗୁରୁତ୍ୱ ଅନୁଭବ କରି ରାଜ୍ୟ ସରକାର ସମସ୍ତ ପଦକ୍ଷେପ ଗ୍ରହଣ କରୁଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। କମ୍ପ୍ୟୁଟର ସୋସାଇଟି ଅଫ୍ ଇଣ୍ଡିଆ(ସିଏସ୍‌ଆଇ)ର ୫୩ ତମ ବାର୍ଷିକ କନଭେନ୍‌ଶନରେ ଶୁକ୍ରବାର ଯୋଗ ଦେଇ ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କୁ ଇ-ରତ୍ନ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ନବୀନ କହିଛନ୍ତି ଯେ, ‘ଡିଜିଟାଲ ଡେମୋକ୍ରାସି-ଆଇଟି ଫର ଚେଞ୍ଜ’ ବର୍ତ୍ତମାନ ଗୁରୁତ୍ୱପୂର୍ଣ୍ଣ ବିଷୟ। ଏହା ବର୍ତ୍ତମାନ ଏବଂ ଭବିଷ୍ୟତର ମଧ୍ୟ ଆବଶ୍ୟକତା। ଏହି ମାଧ୍ୟମରେ ଜନଗଣଙ୍କୁ ବ୍ୟବସ୍ଥା ଏବଂ ପ୍ରଶାସନିକ ପ୍ରକ୍ରିୟାରେ ଭାଗୀଦାର କରାଇଥାଏ। ଏହା ବ୍ୟବସ୍ଥାରେ ଅଧିକ ସ୍ୱଚ୍ଛତା ଆଣିଥାଏ। ଭାରତରେ ଦୈନିକ ବହୁ ପରିମାଣର ଡାଟା ବ୍ୟବହାର କରାଯାଇଥାଏ। ଏପରି କି ‘ଡାଟା ରିଚ୍ ଏବଂ ଡାଟା ପୁଅର’ ମଧ୍ୟରେ ତାରତମ୍ୟ ହ୍ରାସ ପାଇବାରେ ଲାଗିଛି। ସାମାଜିକ ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଡିଜିଟାଲାଇଜେଶନ୍ ଅଧିକ ତଥ୍ୟ ଯୋଗାଇ ପାରୁଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ସେହିଭଳି ଡିଜିଟାଲ ଗଣତନ୍ତ୍ର ସାମାଜିକ, ଅର୍ଥନୈତିକ ଓ ସାଂସ୍କୃତିକ କ୍ଷେତ୍ରରେ ସମସ୍ତଙ୍କୁ ନିଜକୁ ବ୍ୟକ୍ତ କରିବାର ସମାନ ସୁଯୋଗ ଦେଉଛି। ବର୍ତ୍ତମାନ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଡିଜିଟାଲ ଏକ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା। ରାଜ୍ୟ ସରକାରଙ୍କ ୫-ଟି କାର୍ଯ୍ୟକ୍ରମରେ ଏହାକୁ ଯଥେଷ୍ଟ ଗୁରୁତ୍ୱ ଦିଆଯାଉଛି। ଏହା ସହାୟତାରେ ଶ୍ରମ ପରିଚାଳନା, ସ୍ୱାସ୍ଥ୍ୟ କ୍ଷେତ୍ର, ଦକ୍ଷତା ବିକାଶ, ବିପର୍ଯ୍ୟୟ ପରିଚାଳନା ଇତ୍ୟାଦି କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ଆଇଟି ମନ୍ତ୍ରୀ ତୁଷାରକାନ୍ତି ବେହେରା, କନ୍ଧମାଳ ଏମ୍‌ପି ଅଚ୍ୟୁତ ସାମନ୍ତ, ଆଇଟି ସଚିବ ମନୋଜ ମିଶ୍ର ଏବଂ ସିଏସ୍‌ଆଇର କନଭେନର ମାନସ ରଞ୍ଜନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ।

# ସମ୍ମିଳନୀରେ ଯୋଗଦେଲେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର



ସମ୍ମିଳନୀରେ ଓଡ଼ିଶା ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ମତ ରଖୁଛନ୍ତି।

## ୭ମ ରାଜ୍ୟଗୋଷ୍ଠୀ ସଂସଦୀୟ ସଂଘ

ଭୁବନେଶ୍ୱର,୧୭ା୧(ବ୍ୟୁରୋ)

ବାଚସ୍ପତି ଡ. ସୂର୍ଯ୍ୟନାରାୟଣ ପାତ୍ର ଉତ୍ତରପ୍ରଦେଶ ରାଜଧାନୀ ଲକ୍ଷ୍ନୌଠାରେ ଆୟୋଜିତ ସପ୍ତମ ରାଜ୍ୟଗୋଷ୍ଠୀ ସଂସଦୀୟ ସଂଘ (ଭାରତ ଅଞ୍ଚଳ) ସମ୍ମିଳନୀରେ ଯୋଗଦେଇଛନ୍ତି। ଲକ୍ଷ୍ନୌ ବିଧାନଭବନରେ ଆୟୋଜିତ ଏହି ସମ୍ମିଳନୀରେ ଲୋକ ସଭା ଓ ରାଜ୍ୟ ବିଧାନସଭାର ଉପଯୁକ୍ତ ପରିଚାଳନା ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ଏହି ସମ୍ମିଳନୀରେ ଦେଶର ସମ୍ବିଧାନ ଓ ବିଧାନସଭା ପରିଚାଳନା ନିୟମାବଳୀ ଅନୁଯାୟୀ ଗୃହ ପରିଚାଳନା ଠିକ୍ ଭାବେ କରିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା। ଏମ୍‌ପି, ବିଧାୟକ ଓ ଗୃହର କର୍ମଚାରୀମାନଙ୍କୁ ଗୃହ ପରିଚାଳନାରେ ସହାୟତା ପ୍ରଦାନ, ଉତ୍ତମ ପ୍ରଶାସନ ସମ୍ପର୍କିତ ମାନକ ଚିହ୍ନଟୀକରଣ ତଥା ରାଜ୍ୟଗୋଷ୍ଠୀର ମୂଲ୍ୟବୋଧକୁ କାର୍ଯ୍ୟାନ୍ୱୟନ କରିବା ଆଦି ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ। ଏହି ସମ୍ମିଳନୀକୁ ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ପୂର୍ଣ୍ଣ ଅଧିବେଶନ ଅବସରରେ ରାଜ୍ୟଗୋଷ୍ଠୀ ସଂସଦୀୟ ସଂଘର ଅନ୍ୟତମ ସଦସ୍ୟ ଭାବେ ଯୋଗଦେଇ ବାଚସ୍ପତି ଡ. ପାତ୍ର ‘ବଜେଟ ପ୍ରସ୍ତାବ ସମୀକ୍ଷା ନିମିତ୍ତ ବିଧାୟକମାନଙ୍କ ସାମର୍ଥ୍ୟ ବୃଦ୍ଧି’ ଓ ‘ବିଧାୟକ କାର୍ଯ୍ୟରେ ବିଧାୟକମାନଙ୍କ ଧ୍ୟାନ ପରିବର୍ଦ୍ଧନ’ ବିଷୟ ଉପରେ ନିଜର ବକ୍ତବ୍ୟ ରଖିଥିଲେ। ଏହି ସମ୍ମିଳନୀରେ ସମସ୍ତ ରାଜ୍ୟର ବାଚସ୍ପତି, ଉପବାଚସ୍ପତି, ବିଧାନସଭାର ପ୍ରମୁଖ ସଚିବ/ସଚିବଙ୍କ ସମେତ ଅଷ୍ଟ୍ରେଲିଆ ଓ ଦକ୍ଷିଣ-ପୂର୍ବ ଏସିଆ ଅଞ୍ଚଳର ପ୍ରତିନିଧିମାନେ ଯୋଗଦେଇଛନ୍ତି। ସମ୍ମିଳନୀକୁ ରାଜ୍ୟଗୋଷ୍ଠୀ ସଂସଦୀୟ ସଂଘ, ଉତ୍ତରପ୍ରଦେଶ ଶାଖା ଦ୍ୱାରା ଆୟୋଜନ କରାଯାଉଛି। ୧୮ରେ ବାଚସ୍ପତି ଡ. ପାତ୍ର ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବେ। ଡ. ପାତ୍ରଙ୍କ ନେତୃତ୍ୱରେ ଗଠିତ ପ୍ରତିନିଧି ମଣ୍ଡଳୀରେ ଉପବାଚସ୍ପତି ରଜନୀକାନ୍ତ ସିଂ ଓ ବିଧାନସଭା ସଚିବ ଦାଶରଥି ଶତପଥୀ ପ୍ରମୁଖ ସାମିଲ ଅଛନ୍ତି।

# କୃଷକଙ୍କ ଆୟ ଦ୍ୱିଗୁଣିତ କରିବ ପାଣି ପଞ୍ଚାୟତ

ଭୁବନେଶ୍ୱର,୧୭ା୧(ବ୍ୟୁରୋ)

ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ ହୋଇଥିବାରୁ ପାଣି ପଞ୍ଚାୟତର ସ୍ୱତନ୍ତ୍ର ଗୁରୁତ୍ୱ ରହିଛି। ୨୦୦୨ ମସିହା ପାଣି ପଞ୍ଚାୟତ ଆଇନ, ୨୦୦୩ ଏବଂ ୨୦୦୮ରେ ପ୍ରଣୀତ ନିୟମାବଳୀ ଅନୁସାରେ ପାଣିପଞ୍ଚାୟତ ଗଠନ କରାଯାଇଛି ଏବଂ ଏହି ପ୍ରକ୍ରିୟା ଚାଲୁ ରହିଛି। ଏହି ସୁବିଧା ଉପଯୋଗ କରି ଚାଷୀମାନଙ୍କ ଆୟକୁ ୨ ଗୁଣ କରିବା ଲକ୍ଷ୍ୟ ନେଇ ସମସ୍ତ ସଦସ୍ୟ କାର୍ଯ୍ୟ କରିବା ଉଚିତ ବୋଲି ଉଠା ଜଳସେଚନ ନିଗମର ଅଧ୍ୟକ୍ଷ ଅମରେଶ ପତ୍ରୀ କହିଛନ୍ତି। ଓ.ଏଲ.ଆଇ.ସି ଭୁବନେଶ୍ୱର ଡିଭିଜନ ତରଫରୁ ଆୟୋଜିତ ପାଣି ପଞ୍ଚାୟତ ପକ୍ଷ ପାଳନ ସଭାରେ ମୁଖ୍ୟ ଅତିଥିଭାବେ ପତ୍ରୀ ଯୋଗଦେଇ ଆହୁରି କହିଲେ, ସବୁ ଜିଲାରେ ଜଳସମ୍ପଦ ବିଭାଗ ଅଧୀନରେ ବିଭିନ୍ନ ପାଣିପଞ୍ଚାୟତମାନ ଗଠନ କରାଯାଇଛି। ସେଗୁଡ଼ିକୁ ଅଧିକ କ୍ରିୟାଶୀଳ କରିବାକୁ ସରକାର ସମସ୍ତ ସହାୟତା ଦେବାକୁ ପ୍ରୟାସ କରୁଛନ୍ତି। ଭୁବନେଶ୍ୱର ଡିଭିଜନ ଅନ୍ତର୍ଗତ ୨୦୦ରୁ ଅଧିକ ଚାଷୀ, ଯେଉଁମାନେ ଉଭୟ ଖରିଫ ଓ ରବି ଋତୁରେ ଉଠା ଜଳସେଚନ ଜରିଆରେ ଚାଷ ସମୟରେ ନିଜ ଜମିକୁ ପାଣି ପାଇପାରିଛନ୍ତି ସେମାନେ ଏହି ସଭାରେ ଉପସ୍ଥିତ ଥିଲେ। ଆୟୋଜିତ ସଭାରେ ମହିଳା ଚାଷୀମାନଙ୍କୁ ସେମାନଙ୍କର ମତ ଉପସ୍ଥାପନ କରିବାର ସୁଯୋଗ ପ୍ରଦାନ କରାଯାଇଥିବାରୁ ସେମାନେ ଖୁସି ବ୍ୟକ୍ତ କରିଥିଲେ। କେବଳ ଧାନ ନୁହେଁ, ବରଂ କମ୍ ଜଳ ବ୍ୟବହାର କରି କିପରି ବିଭିନ୍ନ ପନିପରିବା, ଫୁଲ, ଫଳ ଆଦି ଲାଭଦାୟକ ଫସଲ କରିହେବ। ଏହି ଅବସରରେ ସ୍କୁଲ ପିଲାମାନଙ୍କ ଜରିଆରେ ପାଣି ପଞ୍ଚାୟତ ସମ୍ପର୍କରେ କୃଷକମାନଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ ବିଦ୍ୟାଳୟସ୍ତରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଚଳିତ ମାସ ୧୬ରୁ ୩୦ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ପାଣି ପଞ୍ଚାୟତ ପକ୍ଷ ପାଳିତ ହେଉଛି।

# ସିଏଏ, ଏନ୍‌ପିଆର୍‌ରୁ ସମର୍ଥନ ପ୍ରତ୍ୟାହାର କରୁ ବିଜେଡି

## ମୁଖ୍ୟମନ୍ତ୍ରୀଙ୍କୁ ଶ୍ରୀକାନ୍ତଙ୍କ ଚିଠି

**ଭୁବନେଶ୍ୱର,୧୭ା୧(ବ୍ୟୁରୋ):** ନାଗରିକତା ସଂଶୋଧନ ଆଇନ (ସିଏଏ) ଓ ଜାତୀୟ ଜନସଂଖ୍ୟା ରେଜିଷ୍ଟର (ଏନ୍‌ପିଆର୍)କୁ ବିଜେଡି ସମର୍ଥନ ଦେଇଛି। ଏନ୍‌ପିଆର ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆରସି)ର ଅନ୍ୟ ରୂପ। ଏହି ଆଇନ ସମ୍ବିଧାନର ସମ୍ପୂର୍ଣ୍ଣ ବିରୋଧୀ। ତେଣୁ ଏହି ଆଇନକୁ ରାଜ୍ୟ ସରକାର ଓ ବିଜେଡି ପକ୍ଷରୁ ଦିଆଯାଇଥିବା ସମର୍ଥନକୁ ପ୍ରତ୍ୟାହାର କରାଯାଉ। ଏହି ମର୍ମରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପତ୍ର ଲେଖି ଅନୁରୋଧ କରିଛନ୍ତି। ଶ୍ରୀକାନ୍ତ ଚିଠିରେ ଲେଖିଛନ୍ତି, ଭାରତର ସମ୍ବିଧାନ ସ୍ପଷ୍ଟ ଯେ ଧର୍ମକୁ ଭିତ୍ତିକରି କୌଣସି ଆଇନ ପ୍ରଣୟନ କରାଯାଇ ପାରିବନାହିଁ। ଏହା ଭାରତର ମୂଳ ଭାବନାର ପରିପନ୍ଥୀ। ସ୍ୱାମୀ ବିବେକାନନ୍ଦ ସିକାଗୋ ଧର୍ମସମ୍ମିଳନୀରେ ଭାରତର ମୂଳ ଭାବନାକୁ ସ୍ପଷ୍ଟଭାବେ ରଖି କହିଥିଲେ ଯେ, ବିଶ୍ୱ ଭ୍ରାତୃତ୍ୱର କେନ୍ଦ୍ରବିନ୍ଦୁ ହେଉଛି ଭାରତବର୍ଷ। ଆଜି ସେହି ପରମ୍ପରା ଓ ପରିଚୟକୁ ଲିଭାଇବାକୁ ଏକ ଅପଚେଷ୍ଟା ଚାଲିଛି ବୋଲି ଶ୍ରୀକାନ୍ତ କହିଛନ୍ତି। ସରକାର କିପରି ଚାଲୁଛି ତାହା ଭିନ୍ନ କଥା, ହେଲେ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ବିଚାରଧାରାକୁ ଆଧାରକରି ଯଦି ବିଜେଡି ଚାଲୁଥାଏ, ତେବେ ଏହି ସମ୍ବିଧାନ ବିରୋଧୀ ଆଇନ ସିଏଏକୁ ବିଜେଡି ସମର୍ଥନ ଦେଇ ନ ଥାନ୍ତା। ଏହି ଆଇନ୍ ନିର୍ଦ୍ଦିଷ୍ଟ ସଂଖ୍ୟାଲଘୁ ସମ୍ପ୍ରଦାୟଙ୍କ ଅଧିକାରକୁ କ୍ଷୁଣ୍ଣ କରିବାକୁ କେବଳ ଉଦ୍ଦିଷ୍ଟ ନୁହେଁ, ଏହି ଆଇନ୍ ପ୍ରତ୍ୟେକ ନାଗରିକ ବିଶେଷକରି ଦଳିତ-ଆଦିବାସୀ ଓ ଅନ୍ୟ ଗରିବ ଗୁରୁବା ଲୋକଙ୍କୁ ଏକ ଅସ୍ୱାଭାବିକ ପରିସ୍ଥିତିକୁ ଠେଲିଦେବ। କାହାପାଖରେ ନିଜର ଓ ନିଜ ବାପା- ମା’ଙ୍କର ଜନ୍ମ ସାର୍ଟିଫିକେଟ ଅଛି। ମୋ ପାଖରେ ତ ମୋର ବାପା-ମା’ଙ୍କର ଜନ୍ମତାରିଖର ସାର୍ଟିଫିକେଟ ନାହିଁ, ସାଧାରଣ ଲୋକେ କେଉଁଠୁ ଆଣିବେ ବୋଲି ଶ୍ରୀକାନ୍ତ ପ୍ରଶ୍ନ କରିଛନ୍ତି। ମହାତ୍ମା ଗାନ୍ଧୀ, ଡ. ଆମ୍ବେଦକର ଏବଂ ବିଜୁବାବୁଙ୍କ ଆଦର୍ଶକୁ ସମ୍ମାନ ଜଣାଇ ସମର୍ଥନ ପ୍ରତ୍ୟାହାର କରନ୍ତୁ। ମହାତ୍ମା ଗାନ୍ଧୀଙ୍କୁ ୧୯୪୮ରେ ଯେଉଁ ଶକ୍ତି ହତ୍ୟା କରିଥିଲେ ଆଜି ସେହି ଶକ୍ତି ମହାତ୍ମା ଗାନ୍ଧୀଙ୍କ ବିଚାରଧାରାକୁ ହତ୍ୟା କରିବାକୁ ଉଦ୍ୟମ କରୁଛନ୍ତି। ମୁଖ୍ୟମନ୍ତ୍ରୀ ନିଜକୁ ସେଥିରୁ କ୍ଷାନ୍ତ ରଖନ୍ତୁ ବୋଲି ଶ୍ରୀକାନ୍ତ କହିଛନ୍ତି।

## ODISHA STATE FOOD COMMISSION

**A-1, 9th Floor, Toshali Bhawan, Satyanagar, Bhubaneswar,751007**
**Ph: 0674-2570213 /FAX-0674-2570141**
**email-odishafoodcom@gmail.com**

**Notice No: 132/FC.** **Dt. 16.01.2020**

### TENDER CALL NOTICE

No.: CAD-826: Sealed tenders are invited from interested reputed Travel Agencies / Tour Operators /Service Providers/Private Individuals for providing 02 (two) nos. of **AC Petrol** driven vehicle **(Ciaz/Honda City)** on hire, for use of the Members of the Odisha State Food Commission, Bhubaneswar on monthly basis. The application form of tender containing General Bid Information and terms and conditions for hiring of vehicles etc. will be available with the Odisha State Food Commission on payment of **Rs.500/-** in shape of Account Payee Bank Draft drawn in favour of the **Odisha State Food Commission, Bhubaneswar** payable at **Bhubaneswar** from **18.01.2020 to 11.02.2020** or can be downloaded from Odisha Government website **www.odisha.gov.in** or **www.odishafoodcommission.nic.in** from **18.01.2020 to 11.02.2020**. In case the application form is downloaded from Government Website, the applicant shall furnish an Account Payee Bank Draft drawn in favour of the **Odisha State Food Commission, Bhubaneswar** payable at **Bhubaneswar** for an amount of Rs.500/- (Rupees Five hundred) only towards the cost of application along with the tender application.

The Service Provider must have **GST** Registration Certificate & registered with **GeM** (Government e- Marketplace).The vehicles must not be more than three years old as on the date of the service request from the date of initial registration.

The tender documents should be submitted to the **Member Secretary, Odisha State Food Commission, A-1 Block, 9th Floor, Toshali Bhawan, Satyanagar, Bhubaneswar - 751007** on or before **11.02.2020 by 5.30 P.M.** through **SPEED POST** only & the same tender will be opened at **11.30 A.M. on dt.12.02.2020**. The other modes of submission of tender documents will not be entertained.

**Sd./- (Smt.Sibani Mohanty, OAS(S))**
**Member Secretary**

07019/11/0002/1920

## ଓଡ଼ିଶା ସରକାର
## ସ୍ୱରାଷ୍ଟ୍ର ବିଭାଗ
### ବିଜ୍ଞାପନ

**ସଂଖ୍ୟା: ୨୩୧୧** **ତା. ୧୬ା୦୧ା୨୦୨୦**

**No.D-264:-** ରାଷ୍ଟ୍ରୀୟ ସାମରିକ ମହାବିଦ୍ୟାଳୟ ଡେରାଡୁନଠାରେ ଜାନୁୟାରୀ, ୨୦୨୧ ଅବଧି ନିମନ୍ତେ ଅଷ୍ଟମ ଶ୍ରେଣୀରେ ପିଲାଙ୍କ ନାମଲେଖାଇବା ପାଇଁ କଟକ ଜିଲ୍ଲାପାଳଙ୍କ ମାଧ୍ୟମରେ ଆଗାମୀ ତା.୦୧ା୦୬ା୨୦୨୦ରିଖ (ସୋମବାର) ଏବଂ ତା.୦୨ା୦୬ା୨୦୨୦ ରିଖ (ମଙ୍ଗଳବାର) ଦିବା ୧୦ ଘଟିକା ସମୟରେ ଲିଖିତ ପରୀକ୍ଷା ଅନୁଷ୍ଠିତ ହେବ। ଉକ୍ତ ପରୀକ୍ଷା କେବଳ ବାଳକମାନଙ୍କ ପାଇଁ ଉଦ୍ଦିଷ୍ଟ। ନାମ ଲେଖାଇବା ସମୟରେ ପ୍ରାର୍ଥୀଙ୍କର ବୟସ ଜାନୁୟାରୀ ୧ ତାରିଖ ୨୦୨୧ ସୁଦ୍ଧା ୧୧ ବର୍ଷ ୬ ମାସରୁ କମ୍ କିମ୍ବା ୧୩ ବର୍ଷ ବା ତଦୂର୍ଦ୍ଧ୍ୱ ହୋଇନଥିବ। ଅର୍ଥାତ୍ ପ୍ରାର୍ଥୀଙ୍କର ଜନ୍ମ ତା.୦୨ା୦୧ା୨୦୦୮ରିଖ ପୂର୍ବରୁ କିମ୍ବା ତା.୦୧ା୦୭ା୨୦୦୯ରିଖ ପରେ ହୋଇନଥିବା ଆବଶ୍ୟକ। ପ୍ରାର୍ଥୀ ରାଷ୍ଟ୍ରୀୟ ସାମରିକ ବିଦ୍ୟାଳୟରେ ପ୍ରବେଶ ସମୟରେ ସରକାରଙ୍କର କୌଣସି ସ୍ୱୀକୃତିପ୍ରାପ୍ତ ବିଦ୍ୟାଳୟରେ ସପ୍ତମ ଶ୍ରେଣୀରେ ଅଧ୍ୟୟନ କରୁଥିବେ କିମ୍ବା ସପ୍ତମଶ୍ରେଣୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବେ।

କଟକ କେନ୍ଦ୍ରରେ ଲିଖିତ ପରୀକ୍ଷା ତିନୋଟି ବିଷୟ ଯଥା- ଇଂରାଜୀ ତା.୦୧ା୦୬ା୨୦୨୦ରିଖ ଦିନ ୧୦.୦୦ ଘଟିକାରୁ ୧୨.୦୦ ଘଟିକା ପର୍ଯ୍ୟନ୍ତ ଇଂରାଜୀ, ଗଣିତ, ୧୪.୦୦ ଘଟିକାରୁ ୧୫.୩୦ ଘଟିକା ପର୍ଯ୍ୟନ୍ତ ଏବଂ ସାଧାରଣଜ୍ଞାନ ତା.୦୨ା୦୬ା୨୦୨୦ ରିଖ ଦିନ ୧୦.୦୦ ଘଟିକାରୁ ୧୧.୦୦ ଘଟିକା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ପ୍ରାର୍ଥୀ ଉକ୍ତ ପରୀକ୍ଷାରେ ହିନ୍ଦୀ କିମ୍ବା ଇଂରାଜୀ ଭାଷାରେ ଉତ୍ତର ଲେଖି ପାରିବେ। ଯେଉଁ ପ୍ରାର୍ଥୀମାନେ ଲିଖିତ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବେ କେବଳ ସେହି ପ୍ରାର୍ଥୀମାନଙ୍କୁ ବ୍ୟକ୍ତିଗତ ସାକ୍ଷାତକାର ପରୀକ୍ଷା ତା.୦୬ା୧୦ା୨୦୨୦ ରିଖ (ମଙ୍ଗଳବାର) ଦିନ ଦେବା ପାଇଁ ସୁଯୋଗ ଦିଆଯିବ। ମୌଖିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ପ୍ରାର୍ଥୀମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ସୈନିକ ଡାକ୍ତରଖାନାରେ କରାଯିବ। ସମ୍ପୃକ୍ତ ସୁସ୍ଥ ବିବେଚିତ ପ୍ରାର୍ଥୀମାନଙ୍କୁ ମହାବିଦ୍ୟାଳୟରେ ନାମ ଲେଖାଇବା ପାଇଁ ବିଚାର କରାଯିବ। ପ୍ରାର୍ଥୀମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ଏହି ଚୟନ ପ୍ରଣାଳୀର ଏକ ଅଂଶ ଅଟେ। ଆବଶ୍ୟକ ଦରଖାସ୍ତ ଫର୍ମ ତଥା ସୂଚନାପତ୍ରର ପ୍ରତ୍ୟେକ ସେଟ୍ ଏବଂ ବିଗତ ପରୀକ୍ଷାର ପ୍ରଶ୍ନାବଳୀ ପାଇବା ନିମନ୍ତେ ସିଧାସଳଖ COMMANDANT, RASHTRIYA INDIAN MILITARY COLLEGE, DEHRADUN, DRAWEE BRANCH, STATE BANK OF INDIA, TEL BHAVAN, DEHRADUN (BANK CODE-01576), UTARAKHANDଙ୍କ ସପକ୍ଷରେ Rs. 600/- ସାଧାରଣ ବର୍ଗର ପରୀକ୍ଷା ପ୍ରାର୍ଥୀଙ୍କ ପାଇଁ ଏବଂ Rs.555/- ଅଣସୂଚିତ ଜାତି ଓ ଅଣସୂଚିତ ଜନଜାତି ବର୍ଗର ପରୀକ୍ଷାର୍ଥୀଙ୍କ ପାଇଁ ବ୍ୟାଙ୍କ ଡ୍ରାଫ୍ଟ ଏବଂ ନିଜ ଠିକଣା ଯୁକ୍ତ ଚିଠା ଜମାଦେଇ ସ୍ପିଡ୍ ପୋଷ୍ଟ ମାଧ୍ୟମରେ ରାଷ୍ଟ୍ରୀୟ ସାମରିକ ମହାବିଦ୍ୟାଳୟ ଡେରାଡୁନ୍, ଉତ୍ତରାଖଣ୍ଡ ପିନ୍-୨୪୮୦୦୩ରୁ ମଗାଇ ପାରିବେ। ଉକ୍ତ websiteରେ ଉପଲବ୍ଧ ଥିବା ଚାଲାଣ କେବଳ ଗ୍ରହଣଯୋଗ୍ୟ। ଏହି ଫର୍ମ ବ୍ୟତୀତ କୌଣସି ଛପା ଦରଖାସ୍ତ ଗ୍ରହଣ କରାଯିବ ନାହିଁ। ପ୍ରାର୍ଥୀ ଆବେଦନ ସମୟରେ ଦୁଇକିତା ଦରଖାସ୍ତ ଫର୍ମ ସହିତ ୨ଟି ପାସପୋର୍ଟ ସାଇଜ୍ ଫଟୋ, ଡୋମିସାଇଲ୍ ସାର୍ଟିଫିକେଟ୍, ମ୍ୟୁନିସିପାଲିଟି/ଗ୍ରାମପଞ୍ଚାୟତର ଜନ୍ମ ରେଜିଷ୍ଟରର ବୟସ ପ୍ରମାଣପତ୍ର, ହରିଜନ ଓ ଆଦିବାସୀଙ୍କ କ୍ଷେତ୍ରରେ ଜାତିଗତ ପ୍ରମାଣପତ୍ର ଏବଂ ଆଟେଷ୍ଟେଡ୍ ଫଟୋଗ୍ରାଫ ସହ ଜନ୍ମ ତାରିଖ ଓ ଛାତ୍ର ପଢୁଥିବା ଶ୍ରେଣୀ ସମ୍ବନ୍ଧରେ ବିଦ୍ୟାଳୟର ପ୍ରିନ୍ସିପାଲଙ୍କଠାରୁ ମୂଳ ପ୍ରମାଣପତ୍ର ଇତ୍ୟାଦି କଟକ ଜିଲ୍ଲାପାଳଙ୍କ ନିକଟରେ ତା.୩୧ା୦୩ା୨୦୨୦ ରିଖ ସୁଦ୍ଧା ପହଞ୍ଚିବା ଆବଶ୍ୟକ। ଏ ସମ୍ବନ୍ଧୀୟ ସମସ୍ତ ତଥ୍ୟ ସ୍ୱରାଷ୍ଟ୍ର ବିଭାଗ ୱେବ୍‌ସାଇଟ୍ **(http://homeodisha.gov.in)** ରେ ମିଳିପାରିବ।

**(ଡଃ. ସନ୍ତୋଷ ବାଲା)**
**ସ୍ୱତନ୍ତ୍ର ଶାସନ ସଚିବ**

**12001/11/0026/1920**

## କେନ୍ଦୁଝରଗଡ଼ ପୌରପରିଷଦ କାର୍ଯ୍ୟାଳୟ
**କେନ୍ଦୁଝରଗଡ଼**

### ନୋଟିସ

ସଂଖ୍ୟା: ୭୬୧, ତାରିଖ: ୧୭ା୦୧ା୨୦୨୦

### ଆପଣଙ୍କ ଅଳିଆ ଆବର୍ଜନା ଆପଣଙ୍କ ଦାୟିତ୍ୱ

ଏତଦ୍ୱାରା କେନ୍ଦୁଝରଗଡ଼ ପୌରାଞ୍ଚଳ ମଧ୍ୟରେ ବସବାସ କରୁଥିବା ସମସ୍ତ ଅଧିବାସୀଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି, ନେସ୍‌ନାଲ ଗ୍ରୀନ୍ ଟ୍ରିବୁନାଲ୍‌ଙ୍କ ଆଦେଶ ଓ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ କୌଣସି ବ୍ୟକ୍ତି ନିଜସ୍ୱ ଅଳିଆ ଆବର୍ଜନା ଜମା କରିପାରିବେ ନାହିଁ କିମ୍ବା ପୌର ପରିଷଦ ତରଫରୁ କୌଣସି ଅଳିଆ ଆବର୍ଜନା ଉଠାଯାଇ ଡମ୍ପିଂ କରି ପରିବେଶ ଦୂଷିତ କରିପାରିବେ ନାହିଁ। ଏଥିରେ ବ୍ୟତିକ୍ରମ ହେଲେ ନିୟମ ଅନୁଯାୟୀ ଫୌଜଦାରୀ ମକଦ୍ଦମା କରାଯିବ। ତେଣୁ ପୌରପାଳିକା ତରଫରୁ ବିଭିନ୍ନ ୱାର୍ଡରେ ଖାଲିଥିବା ସରକାରୀ ଜାଗାରେ M.C.C. ତିଆରି କରି ସେଥିରେ ଉକ୍ତ ଅଳିଆ ଆବର୍ଜନାକୁ ବୈଜ୍ଞାନିକ ଉପାୟରେ ପ୍ରକ୍ରିୟାକରଣ ପୂର୍ବକ କମ୍ପୋଷ୍ଟ ଭାବେ ବ୍ୟବହାର କରାଯିବ। ତେଣୁ ସମସ୍ତ ୱାର୍ଡରେ M.C.C. ସକାଶେ ଆବଶ୍ୟକ ଜାଗା ଯୋଗାଇ ଦେବା ପାଇଁ ଜଣାଇ ଦିଆଯାଉଛି। ଏଥିରେ ବ୍ୟତିକ୍ରମ ପରିଲକ୍ଷିତ ହେଲେ ସମ୍ପୃକ୍ତ ୱାର୍ଡରୁ ପୌରପାଳିକା ତରଫରୁ ଅଳିଆ ଉଠାଯିବ ନାହିଁ। ସହରର ଉନ୍ନତି ଓ ପରିବେଶକୁ ସ୍ୱଚ୍ଛ ରଖିବା ପାଇଁ ଆପଣମାନଙ୍କର ସହଯୋଗ ଏକାନ୍ତ କାମ୍ୟ।

ସ୍ୱା./- ନିର୍ବାହୀ ଅଧିକାରୀ
କେନ୍ଦୁଝରଗଡ଼ ପୌରପାଳିକା

## BHUBANESWAR MUNICIPAL CORPORATION

**No.1628** **Date.17.01.2020**

### NATIONAL COMPETITIVE BIDDING THROUGH e-Procurement
### Bid Reference No - BMC-DIV-I-10/2019-20

On behalf of the Commissioner, Bhubaneswar Municipal Corporation (BMC), **City Engineer,** Bhubaneswar Municipal Corporation invites **Percentage Rate Bids for the work mentioned below** through **e-Procurement** in conformity with the terms and conditions of this Advertisement and the Detailed Tender Call Notice (DTCN) in Two Bid system (Part-I: General & Technical Bid and Part-II: Financial Bid / Price Bid / BOQ) from intending bidders fulfilling the eligibility criteria mentioned in this Notice and other qualifying requirements mentioned in this DTCN. **Bidders are also required to be registered with Odisha State Government in the class specified in the DTCN or else the successful bidder shall get themselves registered with Govt. of Odisha (If not registered) in appropriate class in line with the requirement of DTCN before signing of agreement.** Agreement is to be drawn up by BMC with the successful/selected bidder in the prescribed contract form of BMC (attached to the DTCN). Each bid should be submitted on-line through the website ***www.tendersodisha.gov.in*** by eligible bidders. The bidders should have necessary Portal Enrolment (Digital Signature Certificate) under e-procurement Process of Govt. of Odisha in required class/category. For queries, if any on this DTCN, intending bidders may contact Executive Engineer - 1/City Engineer, Bhubaneswar Municipal Corporation. Bhubaneswar.

| Sl. No. | Name of the work | Approx. Estimated. Cost In Rs. | E.M.D in Rs. * | Cost of Bid Documents Including GST in Rs. | Period of Completion | Class of Contractor |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of Road & drain from Sishu Vihar Culvert to Sishu Vihar Main Road via Plot No. 414/2 of Bajaranga Vihar in Ward No.6 | 1,57,33,044/- | 1,57,400/- | 11,200/- | 6 (Six) Months | 'B' and "A" Class |

**1. Time Schedule for Bidding:**

| Sl.No. | Description | Critical Dates |
|---|---|---|
| I | Period of availability of tenders on-line for bidding | **From Dt. 21.01.2020 (11.00 AM) to Dt.05.02.2020 (5.00 PM)** |
| ii | Last date & time of seeking clarifications (if any) | **Dt.04.02.2020 (5.00 PM)** |
| iii | Last date & time of bidding on-line | **Dt.05.02.2020 (5.00 PM)** |
| iv | Date & time of opening of the Technical Bids received on-line | **Dt.06.02.2020 (11.00 AM onwards)** |
| v | Date & time of opening of Price Bid/Financial Bid/ DTCN Part-II | To be intimated later to the bidder(s) found qualified after checking and evaluation of Technical Bids received on-line |

2. Other details can be seen in the bidding document/DTCN available in website ***www.tendersodisha.gov.in (for view, download and bidding) and in BMC website www.bmc.gov.in (for view and download only).***
3. Subsequent corrigendum, if required, shall appear in these websites.
4. Authority reserves the right to reject any or all the tenders without assigning any reasons thereof subject to the limitations prescribed by Central Vigilance Commission.

**By Order of Commissioner, BMC**
**City Engineer**
**Bhubaneswar Municipal Corporation**

**Progress Through Partnership for a Better Bhubaneswar**

## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
**ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧**
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: **www.oshb.org**

**ପତ୍ରସଂଖ୍ୟା: ୦୯** **ବିଜ୍ଞାପନ** **ତା: ୧୦ା୦୧ା୨୦**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ଘର ନଂ. ଏଲ୍‌ଆଇଜି-୧୬୮୧ (L.I.G.-1681), ଡୁମୁଡୁମା, ୨ୟ ପର୍ଯ୍ୟାୟ, ଭୁବନେଶ୍ୱର ଗୃହନିର୍ମାଣ ପ୍ରକଳ୍ପରେ (୧) ଅନିତା ଘୋଡ଼ା, ସ୍ୱାମୀ: ୰ମହେନ୍ଦ୍ର କୁମାର ପାଲ୍, (୨) ଭୂମିକା ପାଲ୍, (୩) ରୟାଂଶୁ ପାଲ୍, ନାବାଳକ, ପିତା: ୰ମହେନ୍ଦ୍ର କୁମାର ପାଲ୍‌ଙ୍କ ତରଫରୁ ପ୍ରତିନିଧି: ମାତା ଅନିତା ଘୋଡ଼ା, ସା: ସୁଆଁପଡ଼ା, ପୋ: କାଦବାରଙ୍ଗ, ଥାନା: ଅଗରପଡ଼ା, ଜିଲ୍ଲା: ଭଦ୍ରକଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରହୀତା (୧) ଅନିତା ଘୋଡ଼ା, (୨) ଭୂମିକା ପାଲ୍, (୩) ରୟାଂଶୁ ପାଲ୍ ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀ କେଦାରନାଥ ବେହେରା, ପିତା: ନାରାୟଣ ବେହେରା, ସା: ମଲ୍ଲାସାହି, ପୋ: ତାଳଦଣ୍ଡା, ଥାନା: କୁଜଙ୍ଗ, ଜିଲ୍ଲା: ଜଗତ୍‌ସିଂହପୁରଙ୍କ ନାମରେ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ଗୃହର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା’ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦରଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଇପାରେ।

**ସ୍ୱା./- ସହ ପ୍ରଶାସନିକ ଅଧିକାରୀ, ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**

## ODISHA SPACE APPLICATIONS CENTRE (ORSAC)

**Dept. of Science & Technology, Govt. of Odisha,**
**Plot No.45/48 (P), Jayadev Vihar, Unit-16,**
**Bhubaneswar-751023, Odisha, India**
**E-mail-orsac2012@gmail.com**
**Website : www.orsac.gov.in**

### RECRUITMENT NOTICE No.01/2020

No.CAD-832 :- Odisha Space Applications Centre (ORSAC), an Autonomous Scientific Organisation wants to recruit dynamic professional for the following post.

| Name of the Post | Pay Scale | No. of Vacancies & Category |
|---|---|---|
| Accounts Officer | Rs.15600-29100, Grade Pay-Rs.5400/-, Level-12 as per ORP Rule-2017 with Usual DA and other allowance revised from time to time. | 1 Post (Open) |

The detailed advertisement containing qualification / experience / Pay Scale / Age Limit & prescribed format of application etc. is available on Notice board at Odisha Space Applications Centre and ORSAC website **www.orsac.gov.in** and Government of Odisha Portal. The last date for receipt of application is 17.02.2020.

**ORSAC** **Chief Executive**
**17.01.2020** **28007/11/0016/1920**

## GOVERNMENT OF ODISHA
## OFFICE OF THE EXECUTIVE ENGINEER
## KALAHANDI (R&B) DIVISION, BHAWANIPATNA

**E-mail : eekalahandi@gmail.com**
**Fax No.06670-230512, Cell No.9437050413**
**E-Procurement Notice**
**Bid Identification No.BC KLD-15/2019-20**

No.B-584

**No.342** **Dated: 13.01.2020**

| | | | |
|---|---|---|---|
| 1 | Name of the work | : | 05 (Five) Nos. of Road works. |
| 2 | estimated Cost | : | Rs.39.00 lakhs to Rs.88.00 lakhs |
| 3 | Period of completion | : | 02 (Two) Calendar Months. |
| 4 | date and time of availability of bid document in the portal | : | 11.00 hours of 20.01.2020 to 17.00 hours of 28.01.2020 |
| 5 | Last date / Time for receipt of bid in the portal | : | 17.00 hour of 28.01.2020 |
| 6 | Name and address of the officer inviting bid | : | Executive Engineer, Kalahandi (R&B) Division, Bhawanipatna |
| 7 | Date & Venue of Opening of the Single & Double Cover Bid and Technical Bid (Cover 1) of Double Cover Bid. | : | On 29.01.2020 at 11.00 A.M. in the office of the Executive Engineer, Kalahandi (R&B) Division, Bhawanipatna |

Further details can be seen from the e-procurement portal **https://tendersorissa.gov.in**

**Sd./- (Er. A.K. Babu)**
**Executive Engineer, Kalahandi (R&B) Division**

**34017/11/0007/1920**



ଲୋକସେବା ଭବନ କନ୍‌ଭେନ୍‌ଶନ୍ ହଲ୍‌ରେ ଆୟୋଜିତ ସମ୍ମିଳନୀରେ ଉପସ୍ଥିତ ମନ୍ତ୍ରୀ, ସଚିବ ଓ ବରିଷ୍ଠ ଅଧିକାରୀମାନେ।

ପ୍ରଥମ ପୃଷ୍ଠାରୁ...

## 'ଲୋକଙ୍କୁ ମର୍ଯ୍ୟାଦା ...

ମନ୍ତ୍ରୀ ଓ ଅଧିକାରୀଙ୍କୁ ଶପଥପାଠ କରାଇଥିଲେ। ଶପଥପାଠରେ ସେ ଦର୍ଶାଇଥିଲେ ଯେ, 'ଜନସାଧାରଣ ହେଉଛନ୍ତି ଗଣତନ୍ତ୍ରର ଆତ୍ମା। ଗଣତନ୍ତ୍ରରେ ପ୍ରତିଟି ଅନୁଷ୍ଠାନ ଲୋକଙ୍କ କଲ୍ୟାଣ ପାଇଁ, ଲୋକ ପଇସାରେ, ଲୋକଙ୍କ ସେବା ଓ ସଶକ୍ତୀକରଣ ପାଇଁ ସୃଷ୍ଟି ହୋଇଛି। ଏହି ଥାନା/ ଡାକ୍ତରଖାନା/ କାର୍ଯ୍ୟାଳୟ ଲୋକଙ୍କ ସେବା ପାଇଁ ଉଦ୍ଦିଷ୍ଟ। ଲୋକମାନେ ଏହାର ପ୍ରକୃତ ମାଲିକ। ଏହି କାର୍ଯ୍ୟାଳୟକୁ ଆସୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ଉତ୍ତମ ବ୍ୟବହାର ସହ ବୃତ୍ତିଗତ ଏବଂ ସେବା ମନୋଭାବ ନେଇ ସେମାନଙ୍କ ସମସ୍ୟା ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରାଯିବ। ଲୋକମାନେ ହେଉଛନ୍ତି ପ୍ରକୃତ ପରିବାର। ଏଠାରେ କାମ କରୁଥିବା ସମସ୍ତ କର୍ମଚାରୀ ଲୋକଙ୍କ ପଇସାରେ ବେତନ ପାଉଛନ୍ତି।'

ସମ୍ମିଳନୀର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ, ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମକେଶରୀ ଆରୁଖ, ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ ପ୍ରମୁଖ ଜନସାଧାରଣଙ୍କୁ ଉତ୍ତମ ସେବା ଯୋଗାଇବା ପାଇଁ ପ୍ରଶାସକମାନେ ସର୍ବାଧିକ ପ୍ରାଥମିକତା ଦେବା ଉପରେ ଗୁରୁତ୍ୱାରୋପ କରିଥିଲେ। ଉନ୍ନୟନ କମିଶନର ସୁରେଶ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ କୃଷି ଉତ୍ପାଦନ କମିଶନର ପ୍ରଦୀପ୍ତ ମହାପାତ୍ର ଧନ୍ୟବାଦ ଦେଇଥିଲେ।

ସମ୍ମିଳନୀରେ ସମସ୍ତ ବିଭାଗର ସଚିବ ଏବଂ ସବୁ ଜିଲାପାଳ ଯୋଗଦେଇଛନ୍ତି। ଆସନ୍ତା ୫ ବର୍ଷ ପାଇଁ ରାଜ୍ୟର ବିକାଶକୁ କିପରି ତ୍ୱରାନ୍ୱିତ କରାଯାଇପାରିବ ସେ ନେଇ ସେମାନେ ରୋଡ୍‌ମ୍ୟାପ ପ୍ରସ୍ତୁତ କରିଛନ୍ତି। ଦିନତମାମ ଚାଲିଥିବା ଏହି ସମ୍ମିଳନୀରେ ରାଜ୍ୟ ସରକାର ନେଇଥିବା ନୂଆ ପଦକ୍ଷେପ ଓ ସମସ୍ୟା ଉପରେ ଆଲୋକପାତ କରାଯାଇଥିଲା। ସମ୍ମିଳନୀର ପ୍ରଥମ ପର୍ଯ୍ୟାୟରେ ସଚିବମାନେ ୫ଟି ଗ୍ରୁପ୍‌ରେ ବିଭକ୍ତ ହୋଇ ନୂତନ ଜ୍ଞାନକୌଶଳ ଓ ପ୍ରୟୋଗାତ୍ମକ ଚିନ୍ତାଧାରା ବିଷୟରେ ସୂଚନା ଦେଇଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଲୋକମାନଙ୍କୁ ସେବା ଯୋଗାଇବା କ୍ଷେତ୍ରରେ ପ୍ରଶାସନ ଦିନକୁ ଦିନ କି ପ୍ରକାର ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି ଓ ଏହାକୁ କିପରି ସମାଧାନ କରାଯାଇ ପାରିବ ସେନେଇ ଆଲୋଚନା ହୋଇଥିଲା। ଜିଲାପାଳମାନେ ଜିଲାରେ ଜୀବିକା, ସ୍ୱାସ୍ଥ୍ୟ, ଶିକ୍ଷା, ମହିଳା ସଶକ୍ତୀକରଣ, ପ୍ରଶାସନିକ ସମସ୍ୟା ନେଇ ଆଲୋଚନା କରିଥିଲେ। ପ୍ରତ୍ୟେକ ଅଧିବେଶନରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ହୋଇଥିଲା।




(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତେଲ ତେଲ;**
**ପାଣି ପାଣି ।**

ତେଲ ସହ ତେଲ ସହଜରେ ମିଶିଯାଏ। ସେହିପରି ପାଣି ମଧ୍ୟ ପାଣି ସହ ମିଶିଯାଇଥାଏ। ପରନ୍ତୁ ତେଲ ସହ ପାଣି କସ୍ମିନ କାଳେ ମିଶିପାରି ନ ଥାଏ। ପରୋକ୍ଷରେ ସମ ସ୍ୱଭାବ ବ୍ୟକ୍ତି ପରସ୍ପର ସହ ଅଚିରେ ମେଳ ଖାଇଯାଉଥିବା ବେଳେ ଅସମାନ ଦୁଇ ବ୍ୟକ୍ତିଙ୍କର ମିଳନ ଅସମ୍ଭବ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ତୁ କାର ପଦ ମୁଁ ସହିବି ନାହିଁ,**
**କି ତାଟିକିଲା ମାଡ଼ ଖାଇବି ନାହିଁ**
**କି ଖଣ୍ଡିଆ ପଥୁରି ଧୋଇବି ନାହିଁ ।**

ଯେଉଁ ଘରେ ବ୍ୟକ୍ତିଙ୍କୁ ସ୍ନେହ ଆଦର ମିଳି ନ ଥାଏ ସେ ଘର ପ୍ରତି ବ୍ୟକ୍ତିର ମୋହମାୟା ଫିକା ପଡ଼ିଯାଇଥାଏ। ଏପରିସ୍ଥଳେ ଶାଶୁଘର ସଦସ୍ୟଙ୍କଠାରୁ କଥା କଥାକେ ମାଡ଼ଗାଳି ଶୁଣୁଥିବା ବୋହୂ ସେଠାରେ ଚଳିବାକୁ ଇଚ୍ଛା ପ୍ରକାଶ ନ କରିବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଅର୍ଥ ବାଟମାରଣା ରୋକିବାକୁ ପଡ଼ିବ: ସମୀର

**ପୁରୀ ଅଫିସ, ୧୭।୧**

**ମହାପ୍ରଭୁଙ୍କୁ ଦର୍ଶନ କଲେ**

ଭାଜପା ରାଜ୍ୟ ସଭାପତି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ସମୀର ମହାନ୍ତି ଶୁକ୍ରବାର ସନ୍ଧ୍ୟାରେ ପୁରୀ ଆସି ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ସେ ଦଳୀୟ ନେତା ଓ କର୍ମୀଙ୍କ ସହ ଆସି ସିଂହଦ୍ୱାରରେ ପହଞ୍ଚିଥିଲେ। ତାଙ୍କୁ ଜିଲାର ଭାଜପା କର୍ମୀମାନେ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ କରିଥିଲେ। ଏହାପରେ ସେ ମନ୍ଦିରକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ପ୍ରାୟ ଅଧଘଣ୍ଟା ରହି ମନ୍ଦିରରୁ ଫେରିବା ପରେ ଗଣମାଧ୍ୟମକୁ କହିଥିଲେ, ମହାପ୍ରଭୁଙ୍କୁ ଦର୍ଶନ କରି ଆଶୀର୍ବାଦ ନେଇଛି। ବଡ଼ଠାକୁର ହେଉଛନ୍ତି ଆମ ଜଗନ୍ନାଥ। ବଡ଼ଦେଉଳରେ ରୁହନ୍ତି ଓ ବଡ଼ଦାଣ୍ଡରେ ଯାଆନ୍ତି। ଛପନ ଭୋଗ ଲଗାଯାଏ। ତଥାପି ଓଡ଼ିଶା କ'ଣ ଗରିବ ହୋଇ ରହିବ ବୋଲି ସେ ପ୍ରଶ୍ନ କରିଛନ୍ତି। ଓଡ଼ିଶାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅପାର ସହଯୋଗ ରହିଛି। ଦିଲ୍ଲୀ ଦରବାରରେ ଓଡ଼ିଶାର ସ୍ୱରକୁ ବଳ ଦେବା ପାଇଁ ଦୁଇ ଜଣ କେନ୍ଦ୍ରମନ୍ତ୍ରୀ, ୮ଜଣ ଏମ୍‌ପି ଏବଂ ୨ଜଣ ରାଜ୍ୟପାଳଙ୍କୁ ମଧ୍ୟ ନିଯୁକ୍ତି ଦେଇଛନ୍ତି। କିନ୍ତୁ ଦୀର୍ଘବର୍ଷ ଧରି ଯେଉଁ ଦୁଇଦଳ ଓଡ଼ିଶାର ଦାୟିତ୍ୱ ନେଇଛନ୍ତି ସେମାନଙ୍କର ଭୁଲ୍ ରହିଛି। ତାକୁ ସୁଧାରିବା ଦରକାର। ଭାଜପା ୩୭ହଜାର ବୁଥ୍‌ରେ ନିଜ କାର୍ଯ୍ୟକର୍ତ୍ତାଙ୍କୁ ସଙ୍ଗଠିତ କରିବ। ଦଳ ପାଖରେ ଯେଉଁ ଅନୁଭବୀ ନେତୃତ୍ୱ ରହିଛି ସେମାନଙ୍କ ସହଯୋଗ ଓ ପ୍ରେରଣା ମୋତେ ଆଗାମୀ ଦିନରେ ସହାୟ ହେବ। ରାଜନୀତି ପଶାପାଲିରେ ଯେଉଁ ଅର୍ଥ ବାଟମାରଣା ହେଉଛି ତାହାକୁ ନିଶ୍ଚିତ ଭାବେ ରୋକିବାକୁ ପଡ଼ିବ। ଏଥିରେ ଯଦି ବାଧାବିଘ୍ନ ଆସେ ତେବେ ଲୋକେ ରାସ୍ତାକୁ ବାହାରିବେ। ସେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହେଉ ଅବା ଫନୀ ସହାୟତା, ଜନସାଧାରଣଙ୍କ ଅର୍ଥ ସେମାନଙ୍କ ପାଖରେ ପହଞ୍ଚିବା ଦରକାର। ମହାପ୍ରଭୁ ଏ ଦିଗରେ ଭାଜପାର କର୍ମକର୍ତ୍ତାଙ୍କୁ ଶକ୍ତି ଦିଅନ୍ତୁ ବୋଲି ସମୀର କହିଥିଲେ।

# ଆର୍ଥିକ ସଙ୍କଟ ଉପରୁ ଦୃଷ୍ଟି ହଟାଇବାକୁ ଚେଷ୍ଟା ଚାଲିଛି: ଦିଗ୍‌ବିଜୟ

**ଭୁବନେଶ୍ୱର, ୧୭।୧ (ବ୍ୟୁରୋ)**

- ଉଜ୍ଜ୍ୱଳା ଦୁର୍ନୀତି କଥା ଉଠାଉନି ବିଜେଡି
- କାଳିଆ ଦୁର୍ନୀତି ପ୍ରସଙ୍ଗ ଉଠାଉନି ଭାଜପା
- ତାଙ୍କ ବୟାନର କିଛି ଗୁରୁତ୍ୱ ନାହିଁ କହିଲା ବିଜେଡି

୨୦୧୪ରୁ ନରେନ୍ଦ୍ର ମୋଦି ଦେଶର ପ୍ରଧାନମନ୍ତ୍ରୀ ଅଛନ୍ତି। ଦେଶବାସୀ ଯେଉଁ ଆଶା ନେଇ ତାଙ୍କୁ ପ୍ରଧାନମନ୍ତ୍ରୀ କେଲେ ତା'ର କିଛି ମୂଲ୍ୟ ରହିଲାନାହିଁ। ମୋଦି ସରକାରରେ ଦେଶର ଆର୍ଥିକ ଅବସ୍ଥା ଖରାପ ସ୍ଥିତି ଦେଇ ଗତିକରୁଛି। ଏଥିରୁ ନଜର ହଟାଇବାକୁ ନାଗରିକତ୍ୱ ସଂଶୋଧନ ଆଇନ, ଜମ୍ମୁ କଶ୍ମୀରରୁ ଧାରା ୩୭୦ ଉଚ୍ଛେଦ ଆଦି ନାଟକ କେନ୍ଦ୍ର ସରକାର ଚଳାଇଛନ୍ତି। ନିର୍ବାଚନ ପୂର୍ବରୁ ମୋଦି ଦେଇଥିବା କୌଣସି ଗୋଟିଏ ପ୍ରତିଶ୍ରୁତି ରଖିଲେନାହିଁ। ଦେଶରୁ ଭ୍ରଷ୍ଟାଚାର ଦୂର କରିବେ, ବେକାର ଯୁବତୀ, ଯୁବକଙ୍କୁ ରୋଜଗାର ଦେବେ, ଦେଶର ଆର୍ଥିକ ସ୍ଥିତି ସୁଧାରିବେ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଏହାସହ ବିମୁଦ୍ରୀକରଣ କରି ଆତଙ୍କବାଦୀ ରୋକିବେ, ଜାଲ୍ ନୋଟ୍ କାରବାର ବନ୍ଦ କରିବେ ବୋଲି ଯୁକ୍ତି ରଖିଥିଲେ। ହେଲେ ସବୁଠାରୁ ଅଧିକ ୪୬ପ୍ରତିଶତ ଜାଲ୍ ନୋଟ୍ ୨୦୦୦ ଟଙ୍କିଆ ନୋଟ୍ ମାଧ୍ୟମରେ ହେଉଛି। ଦେଶର ଜିଡିପି ନିମ୍ନଗାମୀ ହେଉଛି, ଲୋକଙ୍କ ରୋଜଗାର ଛଡାଇ ନିଆଯାଉଛି, ପିଏସ୍‌ୟୁରେ ଯେଉଁମାନେ ଥିଲେ ସେମାନଙ୍କୁ ଚାକିରିରୁ ହଟାଯାଉଥିବା କଂଗ୍ରେସ ବରିଷ୍ଠ କେନ୍ଦ୍ରୀୟ ନେତା ଦିଗ୍‌ବିଜୟ ସିଂ ଅଭିଯୋଗ କରିଛନ୍ତି।

କଂଗ୍ରେସ ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦିଗ୍‌ବିଜୟ କହିଛନ୍ତି ଯେ, ୨୦୦୪-୦୭ ପର୍ଯ୍ୟନ୍ତ ଓଡ଼ିଶାର ଦାୟିତ୍ୱରେ ଥିଲି। ୧୨ବର୍ଷ ପରେ ଏଠାକୁ ଆସିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜଣେ ଭଲ ନେତା। ମାତ୍ର ସେ ଭାଜପା ସହ କାହିଁକି ଅଛନ୍ତି ତାହା ଜଣାପଡୁନାହିଁ। ଓଡ଼ିଶାରେ ପ୍ରଶାସନିକ ଅଧିକାରୀ ବହୁତ ଶକ୍ତିଶାଳୀ। ମୁଖ୍ୟମନ୍ତ୍ରୀଙ୍କୁ ବିଧାୟକ, ଏମ୍‌ପିମାନେ ଭେଟି ପାରୁନାହାନ୍ତି ମାତ୍ର ପ୍ରଶାସନିକ ଅଧିକାରୀ ଭେଟୁଛନ୍ତି। ବିଜେଡି ଦିଲ୍ଲୀରେ ସିଏଏକୁ ସମର୍ଥନ ଦେଉଛନ୍ତି ହେଲେ ରାଜ୍ୟରେ ଏନ୍‌ଆରସିକୁ ବିରୋଧ କରୁଛନ୍ତି। ବିଜେଡି ହେଉଛି ଭାଜପାର ବି ଟିମ୍। ଉଜ୍ଜ୍ୱଳା ଦୁର୍ନୀତି କଥା ଏଠି ବିଜେଡି ଉଠାଉନାହିଁ। ସିଏଜି ରିପୋର୍ଟରେ ଉଜ୍ଜ୍ୱଳାରେ ବ୍ୟାପକ ଦୁର୍ନୀତି ହୋଇଥିବା ଦର୍ଶାଯାଇଥିଲା। ଜଣେ ବ୍ୟକ୍ତି ପ୍ରାୟ ୨୨ରୁ ଅଧିକ ଗ୍ୟାସ ନେଇଥିବା କୁହାଯାଇଥିଲା। ଏ ଘଟଣାର ତଦନ୍ତ ହେବା ଦରକାର। ସେହିପରି କାଳିଆ ଦୁର୍ନୀତି କଥା ଭାଜପା ଉଠାଉନି ବୋଲି ସେ କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ସଂଖ୍ୟାଲଘୁଙ୍କୁ ହଇରାଣ କରିବା ଭାଜପାର ମୂଳ ଲକ୍ଷ୍ୟ। ମୋଦି ଏବଂ ଗୃହମନ୍ତ୍ରୀ ଅମିତ ଶାହା ଯେପରି ଗୁଜରାଟରେ ଲୋକଙ୍କୁ ଡରାଇ ଶାସନ କଲେ ସେମିତି ଦେଶରେ କରିବାକୁ ଚାହୁଁଛନ୍ତି। ମାତ୍ର ସେମାନେ ଜାଣିନାହାନ୍ତି ଗୁଜରାଟ ଭାରତ ନୁହେଁ। ଦେଶସାରା ଅଶାନ୍ତିର ବାତାବରଣ ଦେଖିବାକୁ ମିଳିଲାଣି। ଅତ୍ୟାବଶ୍ୟକ ସାମଗ୍ରୀ ଦର ବୃଦ୍ଧି ପାଉଥିବା ଯୋଗୁ ଦେଶବାସୀ ରାଗିଗଲେଣି ବୋଲି ଦିଗ୍‌ବିଜୟ କହିଛନ୍ତି। ଦିଗ୍‌ବିଜୟଙ୍କ ସମାଲୋଚନାର ପ୍ରତିକ୍ରିୟା ରଖି ବିଜେଡି ମୁଖପାତ୍ର ସସ୍ମିତ ପାତ୍ର କହିଛନ୍ତି, କଂଗ୍ରେସର ଏହି ନେତା ତାଙ୍କ ହାଲୁକା ଓ ବିବାଦୀୟ ମନ୍ତବ୍ୟ ପାଇଁ ଜଣାଶୁଣା। ତାଙ୍କ ବୟାନର କୌଣସି ଗୁରୁତ୍ୱ ନାହିଁ ବୋଲି ପାତ୍ର କହିଛନ୍ତି।




ଖବରଦାତା ସମ୍ମିଳନୀରେ ବରିଷ୍ଠ ନେତା ଦିଗ୍‌ବିଜୟ ସିଂ ଉଦ୍‌ବୋଧନ ଦେଉଛନ୍ତି।

# ପାର୍ଲାମେଣ୍ଟାରୀ ଷ୍ଟାଣ୍ଡିଂ କମିଟିର ପୁରୀ ଗସ୍ତ

**ପୁରୀ ଅଫିସ, ୧୭।୧**

ଅର୍ବାନ ଡେଭେଲପମେଣ୍ଟର ପାର୍ଲାମେଣ୍ଟାରୀ ଷ୍ଟାଣ୍ଡିଂ କମିଟି ଶୁକ୍ରବାର ପୁରୀ ଗସ୍ତରେ ଆସି ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଜଗଦମ୍ବିକା ପାଲଙ୍କ ନେତୃତ୍ୱରେ ଆସିଥିବା ଟିମ୍‌ରେ ମଧ୍ୟପ୍ରଦେଶର ଏମ୍‌ପି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଦିଗବିଜୟ ସିଂଙ୍କ ସମେତ ୫ ଏମ୍‌ପି ଏବଂ ଅନ୍ୟ ଅଫିସିଆଲମାନେ ସାମିଲ ଅଛନ୍ତି। ରାତିରେ ଏମାନେ ମହାପ୍ରଭୁଙ୍କୁ ଦର୍ଶନ କରି ଆଶୀର୍ବାଦ ନେଇଛନ୍ତି। ଏହି ଷ୍ଟାଣ୍ଡିଂ କମିଟିର ସଦସ୍ୟମାନେ ତିନିଦିନିଆ ଗସ୍ତରେ ଆସି ସନ୍ଧ୍ୟାରେ ପୁରୀରେ ପହଞ୍ଚି ଥିଲେ। ଶନିବାର ସ୍ଥାନୀୟ ମେ' ଫେୟାର ହୋଟେଲ ପରିସରରେ ସଲିଡ ୱେଷ୍ଟମ୍ୟାନେଜମେଣ୍ଟ, ୱାଟର ସପ୍ଲାଏ, ସାନିଟେଶନ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଏବଂ ଅନ୍ୟାନ୍ୟ କେନ୍ଦ୍ରୀୟ ଯୋଜନାର କାର୍ଯ୍ୟକାରିତା ଉପରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିବେ। ୧୯ତାରିଖ ସକାଳେ ଏମାନେ ପୁରୀ ଛାଡ଼ିବାର କାର୍ଯ୍ୟକ୍ରମ ରହିଥିବା ଜଣାପଡ଼ିଛି।

# ଜାତିଭିତ୍ତିକ ଜନଗଣନା ପାଇଁ ଦାବି ରଖିବ ଓଡ଼ିଶା

**ଭୁବନେଶ୍ୱର, ୧୭।୧ (ବ୍ୟୁରୋ)**

**ରାଜସ୍ୱ ସଚିବ ସମ୍ମିଳନୀ**

ସାରା ଦେଶରେ ୨୦୨୧ ବର୍ଷ ପାଇଁ ଜନଗଣନା ଅନୁଷ୍ଠିତ ହେବାକୁ ଯାଉଛି। ଏଥିପାଇଁ କେନ୍ଦ୍ର ସରକାର ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଗୃହ ମନ୍ତ୍ରଣାଳୟ ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟଙ୍କ ଦ୍ୱାରା ରାଜସ୍ୱ ସଚିବମାନଙ୍କ ସମ୍ମିଳନୀ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ଏହି ସମ୍ମିଳନୀରେ ଜନଗଣନା ଏବଂ ଜାତୀୟ ଜନସଂଖ୍ୟା ପଞ୍ଜିକା(ଏନ୍‌ପିଆର) ସମ୍ପର୍କରେ ଆଲୋଚନା ହେବ। ଜନଗଣନା-୨୦୨୧ ପାଇଁ କେନ୍ଦ୍ରମନ୍ତ୍ରୀ ରାୟ ମାସ୍କଟ ମଧ୍ୟ ଉଦ୍‌ଘାଟନ କରିଛନ୍ତି। ଓଡ଼ିଶାରୁ ଏହି ସମ୍ମିଳନୀରେ ପ୍ରତିନିଧିତ୍ୱ କରିବା ପାଇଁ ରାଜସ୍ୱ ସ୍ୱତନ୍ତ୍ର ସଚିବ ରୁଦ୍ର ନାରାୟଣ ପଲାଇ ଦିଲ୍ଲୀ ଗସ୍ତ କରିଛନ୍ତି।

ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ, ଓଡ଼ିଶା ପକ୍ଷରୁ ଏହି ସମ୍ମିଳନୀରେ ଜାତିଭିତ୍ତିକ ଜନଗଣନା ସପକ୍ଷରେ ଦାବି ଉପସ୍ଥାପନ କରାଯିବ। ବିଶେଷ ଭାବେ ରାଜ୍ୟରେ ଅନ୍ୟାନ୍ୟ ପଛୁଆ ବର୍ଗ(ଓବିସି) ଏବଂ ସାମାଜିକ, ଆର୍ଥିକ ପଛୁଆ ବର୍ଗ(ଏସ୍‌ଇବିସି) ଗଣନା ପାଇଁ ରାଜ୍ୟ ସରକାର ପ୍ରସ୍ତାବ ରଖିବେ। ଗତ ସପ୍ତାହରେ ରାଜ୍ୟ କ୍ୟାବିନେଟ୍ ଏ ସମ୍ପର୍କିତ ଏକ ସଂକଳ୍ପ ପ୍ରସ୍ତାବ ଗୃହୀତ କରାଇ ସାରିଛନ୍ତି। ଏହା ପରେ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀଙ୍କ ପକ୍ଷରୁ କ୍ୟାବିନେଟ୍ ସଚିବ ରାଜୀବ ଗୌବଙ୍କୁ ମଧ୍ୟ ଚିଠି ଲେଖାଯାଇଛି। ଜନଗଣନା ଫର୍ମରେ ଓଡ଼ିଶା ପାଇଁ ଓବିସି ଏବଂ ଏସ୍‌ଇବିସିଙ୍କ ପାଇଁ ସ୍ୱତନ୍ତ୍ର ସ୍ଥାନ ରଖିବା ପାଇଁ ଅନୁରୋଧ କରାଯିବ।

# ୨୦ଫୁଟ୍ ରାସ୍ତା ତଳକୁ ଖସିଲା ବାଇକ, ୨ ମୃତ

**ବଣାଇ, ୧୭।୧ (ସ୍ୱ.ପ୍ର.)**

ସୁନ୍ଦରଗଡ଼ ଜିଲା ବଣାଇ ଥାନା ଅନ୍ତର୍ଗତ ନରେନ୍ଦ୍ର-ଗୁରୁଣ୍ଡିଆ ପୂର୍ତ୍ତ ବିଭାଗ ରାସ୍ତାର ରାଜାବସା ଗ୍ରାମ ନିକଟରେ ଶୁକ୍ରବାର ଅପରାହ୍ଣରେ ଏକ ଦୁର୍ଘଟଣା ଘଟିଛି। ଏକ ବାଇକ୍ ୨୦ଫୁଟ ରାସ୍ତାକଡକୁ ଖସି ପଡ଼ିବା ଫଳରେ ଘଟଣାସ୍ଥଳରେ ୨ ଯୁବକଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ଆହତଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ମୃତ ଯୁବକଦ୍ୱୟ ହେଲେ ବଣାଇ ଥାନା ଶିଶୁଡିହି ଗ୍ରାମର ସନ୍ତୋଷ କିଷାନ(୨୩), ସାନରଜାବସା ଗ୍ରାମର ଅଭିମନ୍ୟୁ ମୁଣ୍ଡା(୨୫) ଓ ଆହତ ଯୁବକ ହେଲେ ଶିଶୁଡିହି ଗ୍ରାମର କୈବଲ୍ୟ କିଷାନ(୧୯)।

ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

**OFFICIALLY JOB**
ଯୋଗ୍ୟତା : ଦଶମ ପାସ୍/ଫେଲ୍,
ବୟସ : (18-40)yrs.
Monthly Salary upto
Rs. 25,000/-
Contact : Immediately
Mob : 8763257042

**ମାଗଣାରେ ନିଯୁକ୍ତି**
ସରକାରୀ ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନରେ Old Patient and Child Care ନେବା ପାଇଁ ମହିଳା ପ୍ରାର୍ଥୀ ଆବଶ୍ୟକ। ଯୋଗ୍ୟତା: 8th above, 7,000 to 15,000 ମାସିକ।
Number - 7751841577
7894397909

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା : 10th/ above. Monthly Salary upto Rs. 27000/-
Contact : 9938676412

**Officially Staff**
For BBSR, CTC, Puri, Berhampur.
*Qualification 10th above.*
Salary upto Rs.25,000/-
M-9938699963

**WANTED**
ବଗିଚା କାମ କରିବା ପାଇଁ ମାଳୀ ଆବଶ୍ୟକ। ରହିବା ଘର ଓ ଖାଇବା ସହ 7500/- ଫୁଲନଖରା, କଟକ
7809525452

**REQUIRED** - Marketing boy with minimum 1 yr. exp. in Sanitaryware for BBSR. Reqd. Boys for Showroom / Godown & general work.
H.R. Trading Co., 57, Budha Nagar, Bhubaneswar - 751 006.
Ph (0674) 2310921, Email : hrtrading.co.in@gmail.com

**HAIRDRESSER REQUIRED**
ଭୁବନେଶ୍ୱର ଜେଣ୍ଟସ୍ ପାର୍ଲର ପାଇଁ ଅଭିଜ୍ଞ ଓ କୁଶଳୀ କାରିଗର ଆବଶ୍ୟକ।
ଦରମା 10,000 ରୁ 30,000
ରହିବା ଓ ଖାଇବା ମାଗଣା।
ଯୋଗାଯୋଗ :
+91 9853410081
+91 8658511010

**TEACHERS REQUIREMENT MALE OR FEMALE**
MONTESORY- 1 TO STD- 7 FOR
ST. XAVIER HIGH SCHOOL
Pandav Nagar, Plot No.4916, Tankapani Road, Bhubaneswar-18
Contact : 7978084379
8249088768

**WANTED**
CAR DRIVER FOR OFFICE AT CUTTACK.
CONTACT : 9437021279
9437496020

Required 4 Nos of
**Hardware Engineer**
Free Accomodation
B-25, Saheed Nagar, Bhubaneswar
Mob : 9438091660

**WANTED**
ଓଡ଼ିଆ, ହିନ୍ଦୀ, ଇଂରାଜୀରେ DTP କରିପାରୁଥିବା ସହିତ Computer ସମ୍ପର୍କରେ ସାଧାରଣ ଜ୍ଞାନ ରଖିଥିବା ପାର୍ଥୀ part time worker ହିସାବରେ ଆବଶ୍ୟକ।
0674-2421358

**Aurea Aviation**
Recruitment for
BPI Airport
*Fresher or Experience*
Con :- 9582775827

**ସେଲ୍ସମ୍ୟାନ୍ ଆବଶ୍ୟକ**
ସୋନୁ ଇଲେକ୍ଟ୍ରିକାଲ୍‌ସ ୧୫୯, ବାପୁଜୀନଗର, ଗଳି ନଂ.-୧୨
ଆଲ୍ଲାହାବାଦ ବ୍ୟାଙ୍କ ପାଖ, ଭୁବନେଶ୍ୱର

**ଆବଶ୍ୟକ**
**ସିକ୍ୟୁରିଟି ଗାର୍ଡ**
(ରହିବା ମାଗଣା)
ମାସିକ ଦରମା - 9000/- ରୁ 16000/- ଏବଂ EPF+ESI ଅଛି।
ନିଯୁକ୍ତି ସ୍ଥାନ - ଭୁବନେଶ୍ୱର, କଟକ, ଯାଜପୁର, ପାରାଦ୍ୱୀପ, ଝାରସୁଗୁଡା
M : 9777086435, 9556496258

**FELLOWSHIP ON IOL & ANTERIOR SEGMENT**
MNC-LEPRA Society is looking for candidates having certificate on MS (Optha), DNB or Diploma in Ophthalmology for fellowship programme of one & half year duration. Selected candidates will get attractive stipend with other facilities as per Lepra HR rule. Interested candidates are invited to send updated resume & testimonials to the below mentioned address on or before **31st January 2020.**
To
Medical Superintendent, MNC-Lepra Society Pandapali, Birmaharajpur, Subarnapur, Odisha-767018
Mail- debendra@leprahealthinaction.in, Mob-9437198482

**REQUIRED**
VIGEN INDIA REQUIRED
Smart Boys and Girls Candidates for Office Job. Age- 20-30
EDU - +2 to Graduate
Job Location - Rabi Talkies Squire and Sastri Nagar
Contact : 9348916882

**JOB OPPORTUNITY !**
HIGHLANDs AGRIVENTURE LTD. (An ISO 9001: 2015 Certified Public Company) requires candidates for the position of
AGRICULTURAL PROJECT IN-CHARGE
at- KEONJHAR, MAYURBHANJ, BALASORE & SAMBALPUR.
- Minimum Graduate (preferably experienced)
- Knowledge of Computer is essential.
- Willing to work with farmer base of semi-urban.
- Having own 2 Wheeler and willing to travel.

Joining Date : *Immediately*.
Gross Salary per month: 15, 000/- (apart from other benefits).
Send us your latest CV, within 10 days from the date of advertisement by email-: highlands.co.hr.@gmail.com,
Cont. No. – 6371 811 350.
(Deserving candidate will be called for a personal interview)

**URGENTLY REQUIRED**
Principal -7 to 8 Yrs Exp.
Teacher (Eng.) 2 to 3 Yrs
Teacher (Math & Sc.) 2 to 3 Yrs
Qualification B.Ed
Female Candidates only
SALARY NEGOTIABLE
LUCKY PUBLIC SCHOOL
Charichhak, Nimapara, Puri
Mob.: 7894447001, 7894447111
luckypublicschool2015@gmail.com

**WANTED**
ଧରିତ୍ରୀ DHARITRI Oriya daily
is looking for
ASSISTANT NEWS EDITORS
- Candidate should have at least 7 years experience in Desk work.
- Must have Masters Degree in Journalism.
- Candidate should be proficient in understanding, translating and editing news stories as well as coming up with attractive headlines.
- SENIOR SUB-EDITORS
- Candidate must have at least 3 years experience in desk work.
- Should have a degree in Journalism.
- Should have expertise in translation.

Apply immediately to :
recruitment@dharitri.com
Attractive salary commensurate with experience

See Career Appointment on every Wednesday & Saturday

**ନୋଟିସ**
ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

COLOR CLASSIFIED DISPLAY
on Every Tuesday and Friday

ଇଞ୍ଜୁରୀରୁ ଫେରିବା ଲାଗି ତରବର ନୁହେଁ, ବିଳମ୍ବ ଘଟିପାରେ। ମୁଁ କେବେ ଫିଟ୍ ହେବି କହିବା ମୁସ୍କିଲ।

–ଆଣ୍ଡି ମୁରେ, ବ୍ରିଟିଶ ଟେନିସ ଖେଳାଳି



ଚଳିତ ବର୍ଷ ଟି୨୦ ବିଶ୍ୱକପ୍ ଖେଳିସାରିବା ପରେ ମୁଁ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେବି।

–ମହମ୍ମଦ ହାଫିଜ୍, ପାକିସ୍ତାନ ଅଲରାଉଣ୍ଡର



## ସଂକ୍ଷେପରେ

### ରୋହିତ, ଧାୱନ ଆହତ

ରାଜକୋଟ,୧୭।୧(ପି.ଟି.)- ଦୁଇ ଭାରତୀୟ ଓପନର ଶିଖର ଧାୱନ ଓ ରୋହିତ ଶର୍ମା ଆହତ ହୋଇଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷ ଦ୍ୱିତୀୟ ଦିନିକିଆ ମ୍ୟାଚ୍ ଖେଳିବା ଅବସରରେ ଏହି ଦୁଇ ଖେଳାଳି ଆହତ ହୋଇଛନ୍ତି। ବ୍ୟାଟିଂ କରିବା ବେଳେ ପ୍ୟାଟ କୁମିନ୍ସଙ୍କ ଏକ ବାଉନ୍ସର ଧାୱନଙ୍କ ଛାତି କଡ଼ରେ ବାଜିଥିଲା। ଆହତ ହେବା ସତ୍ତ୍ୱେ ସେ ବ୍ୟାଟିଂ ଜାରି ରଖିଥିଲେ। ତୃତୀୟ ତଥା ଅନ୍ତିମ ଦିନିକିଆ ବେଳକୁ ସେ ସୁସ୍ଥ ହୋଇଯାଇଥିବେ ବୋଲି ଟିମ୍ ମ୍ୟାନେଜମେଣ୍ଟ ଆଶା ପ୍ରକାଶ କରିଛି।

ସେହିପରି ଫିଲ୍ଡିଂ କରୁଥିବା ବେଳେ ରୋହିତ ବାମ ହାତରେ ଆଘାତ ପାଇଥିଲେ। ୪୩ ତମ ଓଭରରେ ଡିପ୍ ପଏଣ୍ଟରେ ଏକ ଚୌକାକୁ ରୋକିବାକୁ ଯାଇ ଆହତ ହେବାସହ ଯନ୍ତ୍ରଣା ଅନୁଭବ କରୁଥିଲେ। ଏହାପରେ ସେ ଫିଜିଓ ନୀତିନ ପଟେଲଙ୍କ ସହ ପଡିଆ ବାହାରକୁ ଯାଇଥିଲେ। ତାଙ୍କ ବଦଳରେ କେଦାର ଯାଦବ ଫିଲ୍ଡିଂ କରିବାକୁ ଆସିଥିଲେ। ଖୁବ୍‌ଶୀଘ୍ର ଏହି ଦୁଇ ଖେଳାଳିଙ୍କ ଇଞ୍ଜୁରି ସଂକ୍ରାନ୍ତରେ ସୂଚନା ଦିଆଯିବ ବୋଲି ଆଶା କରାଯାଉଛି।

### ଭାରତୀୟ ଦଳରେ କେ.ଏସ୍. ଭରତ

ରାଜକୋଟ,୧୭।୧(ପି.ଟି.)- ଆହତ ସମସ୍ୟା ଯୋଗୁ ଅଷ୍ଟ୍ରେଲିଆ ବିପକ୍ଷ ଦ୍ୱିତୀୟ ଦିନିକିଆରୁ ବାଦ୍ ପଡ଼ିଥିବା ରିଷଭ ପନ୍ତଙ୍କ ବ୍ୟାକଅପ୍ ଖେଳାଳି ଭାବେ ଆନ୍ଧ୍ର ପ୍ରଦେଶ ଉଇକେଟକିପର କେ.ଏସ୍. ଭରତଙ୍କୁ ଭାରତୀୟ ଦଳରେ ସାମିଲ କରାଯାଇଥିଲା। କିନ୍ତୁ ତାଙ୍କୁ ପଦାର୍ପଣ ସୁଯୋଗ ମିଳିନାହିଁ। ମ୍ୟାଚ୍‌ରେ ଲୋକେଶ ରାହୁଲ ଉଇକେଟକିପର ଦାୟିତ୍ୱରେ ରହିଥିଲେ। ୨୬ ବର୍ଷୀୟ ଭରତ ୭୪ ପ୍ରଥମ ଶ୍ରେଣୀ ମ୍ୟାଚ୍ ଖେଳି ୪୧୪୩ ରନ୍ କରିସାରିଛନ୍ତି। ଟି୨୦ କ୍ରିକେଟରେ ତାଙ୍କ ଷ୍ଟ୍ରାଇକରେଟ୍ ୧୦୦ରୁ ଅଧିକ ରହିଛି। ସର୍ବଭାରତୀୟ ସିନିୟର ଚୟନ କମିଟି ବ୍ୟାକଅପ ଉଇକେଟକିପର ଭାବେ ଭରତଙ୍କ ନାମ ଘୋଷଣା କରିଛି ବୋଲି ବିସିସିଆଇ ସମ୍ପାଦକ ଜୟ ଶାହା କହିଛନ୍ତି। ସଞ୍ଜୁ ସାମସନ ଓ ଇଶାନ କିଷନ ଭାରତୀୟ ଏ' ଦଳର ସଦସ୍ୟ ଭାବେ ନ୍ୟୁଜିଲାଣ୍ଡ ଗସ୍ତ କରିଛନ୍ତି। ଏଣୁ ଚୟନ କମିଟି ଭରତଙ୍କ ନାମ ଘୋଷଣା କରିଛି। ଉଲ୍ଲେଖଥାଉ କି, ମୁମ୍ବାଇଠାରେ ଅଷ୍ଟ୍ରେଲିଆ ବିପକ୍ଷରେ ଅନୁଷ୍ଠିତ ପ୍ରଥମ ଦିନିକିଆରେ ପନ୍ତଙ୍କ ମୁଣ୍ଡରେ ବଲ ବାଜିଥିଲା।

### ଟେଷ୍ଟରୁ ବାସନ୍ଦ ରାବାଡା

ପୋର୍ଟ ଏଲିଜାବେଥ,୧୭।୧- ଦକ୍ଷିଣ ଆଫ୍ରିକାର ଅଗ୍ରଣୀ ପେସର କାଗିସୋ ରାବାଡା ଇଂଲଣ୍ଡ ବିପକ୍ଷ ଚତୁର୍ଥ ତଥା ଅନ୍ତିମ ଟେଷ୍ଟରୁ ବାଦ୍ ପଡ଼ିଛନ୍ତି। ସେଣ୍ଟ ଜର୍ଜସ ପାର୍କଠାରେ ଇଂଲଣ୍ଡ ବିପକ୍ଷରେ ଚାଲିଥିବା ତୃତୀୟ ଟେଷ୍ଟର ପ୍ରଥମ ଦିନରେ ରାବାଡା ପ୍ରତିପକ୍ଷ ଦଳର ଅଧିନାୟକ ଜୋ ରୁଟଙ୍କୁ କ୍ଲିନ ବୋଲ୍ଡ କରିବା ପରେ ଉତ୍ତେଜନାମୂଳକ ପ୍ରତିକ୍ରିୟା ଦେଇଥିଲେ। ସେଥିନେଇ ତାଙ୍କ ମ୍ୟାଚ୍ ଫି'ର ୧୫ ପ୍ରତିଶତ କାଟ କରାଯିବା ସହ ଏକ ଡିମେରିଟ ପଏଣ୍ଟ ଦିଆଯାଇଛି। ଗତ ୨୪ ମାସ ମଧ୍ୟରେ ଏହା ତାଙ୍କର ୪ର୍ଥ ଡିମେରିଟ ପଏଣ୍ଟ। ଏଥିଯୋଗୁ ଗୋଟିଏ ଟେଷ୍ଟରୁ ରାବାଡା ବାସନ୍ଦ ହେବା ସ୍ପଷ୍ଟ ହୋଇଛି। ସିରିଜ୍‌ର ଅନ୍ତିମ ଟେଷ୍ଟ ଜୋହାନ୍ସବର୍ଗର ୱାଣ୍ଡରସ ଗ୍ରାଉଣ୍ଡରେ ଖେଳାଯିବ। ସୂଚନାଯୋଗ୍ୟ, ଉଇକେଟ ନେବା ପରେ ରାବାଡା ରୁଟଙ୍କ ସାମ୍ନାରେ ଚିତ୍କାର କରିଥିଲେ।

## ଦ୍ୱିତୀୟ ଦିନିକିଆ: ଭାରତର ଦୃଢ଼ ପ୍ରତ୍ୟାବର୍ତ୍ତନ

# ଅଷ୍ଟ୍ରେଲିଆ ୩୬ ରନରେ ପରାସ୍ତ

ରାଜକୋଟ,୧୭।୧(ପି.ଟି.)

ୱାଙ୍ଖେଡେରେ ଲଜ୍ଜାଜନକ ପରାଜୟ କରିବା ପରେ ଭାରତ ଦୃଢ଼ ପ୍ରତ୍ୟାବର୍ତ୍ତନ କରିଛି। ଶୁକ୍ରବାର ଦ୍ୱିତୀୟ ଦିନିକିଆରେ ଭାରତ ୩୬ ରନରେ ଭ୍ରମଣକାରୀ ଅଷ୍ଟ୍ରେଲିଆକୁ ହରାଇବା ସହ ୩ ମ୍ୟାଚ୍ ବିଶିଷ୍ଟ ସିରିଜକୁ ୧-୧ ସ୍ତରକୁ ଆଣିଛି। ଟସ୍ ଜିତି ଅଷ୍ଟ୍ରେଲିଆ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ଭାରତ ପ୍ରଥମେ ବ୍ୟାଟିଂ କରି ୬ ଉଇକେଟ ହରାଇ ୩୪୦ ରନ କରିଥିଲା। ଜବାବରେ ଅଷ୍ଟ୍ରେଲିଆ ନିୟମିତ ବ୍ୟବଧାନରେ ଉଇକେଟ ହରାଇ ୪୯.୧ ଓଭରରେ ୩୦୪ ରନକରି ଅଲଆଉଟ ହୋଇଥିଲା। ଲୋକେଶ ରାହୁଲ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ରବିବାର ବେଙ୍ଗାଲୁରୁରେ ତୃତୀୟ ତଥା ନିର୍ଣ୍ଣାୟକ ଦିନିକିଆ ମ୍ୟାଚ୍ ଖେଳାଯିବ।

୩୪୧ ରନ କଷ୍ଟସାଧ୍ୟ ବିଜୟ ଲକ୍ଷ୍ୟର ପିଛା କରି ସ୍ୱଳ୍ପ ରନ୍‌ରେ ଅଷ୍ଟ୍ରେଲିଆ ଦୁଇ ଇନ୍‌ଫର୍ମ ଓପନର ଡେଭିଡ ୱାର୍ନର ଓ ଅଧିନାୟକ ଆରୋନ ଫିଞ୍ଚଙ୍କୁ ହରାଇଥିଲା। ୧୫ ରନ କରିଥିବା ବେଳେ ୱାର୍ନର ଓ ୩୩ ରନ କରି ଫିଞ୍ଚ୍ ଆଉଟ ହୋଇଥିଲେ। ୪୭ ବଲରୁ ୪ ଚୌକା ସହ ମାର୍ନସ ଲାବୁସେନ ୪୬ ରନକରି ପ୍ୟାଭିଲିୟନ ଫେରିଥିଲେ। ଏହାପରେ ଆଲେକ୍ସ କାରେ ଓ ଷ୍ଟିଭ୍ ସ୍ମିଥ୍ ଲଢୁଆ ବ୍ୟାଟିଂ କରି ସ୍କୋରକୁ ଆଗେଇ ନେଉଥିବା ବେଳେ ରିଷ୍ଟ ସ୍ପିନର କୁଲଦୀପ ଗୋଟିଏ ଓଭରରେ ଏ ଦୁଇ ଜଣଙ୍କୁ ଆଉଟ କରି ମ୍ୟାଚର ମୋଡ଼ ବଦଳାଇ ଦେଇଥିଲେ। କାରେ ୧୮ ଓ ସ୍ମିଥ୍ ୯୮ ରନ କରି କୁଲଦୀପଙ୍କ ଶିକାର ହୋଇଥିଲେ।



ଷ୍ଟିଭ ସ୍ମିଥଙ୍କ ଉଇକେଟ ନେବା ପରେ କୁଲଦୀପ ଯାଦବଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

ଏହାପରେ ସାମି କ୍ରମାଗତ ଦୁଇଟି ବଲ୍‌ରେ ଅଷ୍ଟନ ଟର୍ନର ଓ ପ୍ୟାଟ୍ କୁମିନ୍ସଙ୍କୁ ଆଉଟ କରି ହ୍ୟାଟ୍ରିକ ସମ୍ଭାବନା ସୃଷ୍ଟି କରିଥିଲେ। ସେହିପରି ଆଷ୍ଟନ ଅଗର ୨୫ ଓ ମିଚେଲ ଷ୍ଟାର୍କ ୬ ରନକରି ଗୋଟିଏ ଓଭରରେ ନବଦୀପ ସଇନିଙ୍କ ଦ୍ୱାରା ଆଉଟ ହୋଇଥିଲେ। କେନ୍ ରିଚାର୍ଡସନ ୧୧ ବଲରୁ ୪ ଚୌକା ଓ ୧ ଛକା ସହ ୨୪ ରନକରି ଅପରାଜିତ ରହିଥିଲେ। ଭାରତ ପକ୍ଷରୁ ସାମି ୩, ଜାଡେଜା, ସଇନି ଓ କୁଲଦୀପ ୨ଟି ଲେଖାଏ, ବୁମ୍ରା ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

| କମ୍ ଇନିଂସରେ ୧୦୦୦ ରନ ପୂରଣ (ଭାରତ) |
|---|
| ୨୫ ବିରାଟ୍ କୋହଲି/ ଶିଖର ଧାୱନ |
| ୨୫ ନଭଜୋତ ସିଂ ସିଦ୍ଧୁ |
| ୨୭ ଲୋକେଶ ରାହୁଲ |
| ୨୯ ମହେନ୍ଦ୍ର ସିଂ ଧୋନୀ/ ଅମ୍ବାତି ରାୟୁଡୁ |

| କମ୍ ମ୍ୟାଚ୍‌ରେ ୧୦୦ ଉଇକେଟ (ସ୍ପିନର) |
|---|
| ୪୪ ରସିଦ ଖାଁ |
| ୫୩ ସାକଲିନ ମୁସ୍ତାକ |
| ୫୮ ଇମ୍ରାନ ତାହିର/ କୁଲଦୀପ ଯାଦବ |
| ୬୦ ଶେନ ୱାର୍ନ |
| ୬୩ ଅଜନ୍ତା ମେଣ୍ଡିସ୍ |

ଏହି ମ୍ୟାଚରେ ଭାରତୀୟ ଟପ୍ ଅର୍ଡର ଭଲ ଖେଳିଥିଲା। ଅଭିଜ୍ଞ ଓପନର ଶିଖର ଧାୱନ, ଅଧିନାୟକ ବିରାଟ କୋହଲି ଓ ଲୋକେଶ ରାହୁଲଙ୍କ ଦମ୍‌ଦାର ବ୍ୟାଟିଂ ବଳରେ ଭାରତ ବିଶାଳ ସ୍କୋର କରିଥିଲା। ପ୍ରଥମ ଉଇକେଟରେ ରୋହିତ ଶର୍ମା ଓ ଧାୱନ ୮୧ ବଲରୁ ୮୧ ରନ ସଂଗ୍ରହ କରିଥିଲେ। ୪୪ଟି ବଲ ଖେଳି ୬ ଚୌକା ସହ ରୋହିତ ୪୨ ରନକରି କ୍ରିଜ୍‌ରେ ଜମିଆସୁଥିବା ବେଳେ ସୁଇପ୍ କରିବାକୁ ଯାଇ ଲେଗ୍ ସ୍ପିନର ଆଡାମ ଜାମ୍ପାଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ଏହାପରେ ଧାୱନ ୯୦ ବଲରୁ ୧୩ ଚୌକା ଓ ୧ ଛକା ସହ ୯୬ ରନକରି ଆଉଟ ହେବା ସହ ଶତକ ହାସଲରୁ ବଞ୍ଚିତ ହୋଇଥିଲେ। ସେ କେନ୍ ରିଚାର୍ଡସନଙ୍କ ବଲ୍‌ରେ ସୁନ୍ଦର ଶଟ୍ ଖେଳିଥିଲେ ମଧ୍ୟ ଫାଇନ ଲେଗ୍‌ରେ ମିଚେଲ ଷ୍ଟାର୍କଙ୍କ ହାତରେ ଧରା ପଡିଥିଲେ। ଦ୍ୱିତୀୟ ଉଇକେଟରେ ଅଧିନାୟକ କୋହଲି ଓ ଧାୱନ ୯୧ ବଲରୁ ୧୦୩ ରନ ସଂଗ୍ରହ କରିଥିଲେ। ଶ୍ରେୟାସ ଆୟାର ମାତ୍ର ୭ ରନ କରିଥିବା ବେଳେ ଜାମ୍ପାଙ୍କ ଦ୍ୱାରା କ୍ଲିନ୍ ବୋଲ୍ଡ ହୋଇଥିଲେ। ଏହାପରେ କୋହଲି ୭୬ଟି ବଲର ସମ୍ମୁଖୀନ ହୋଇ ୬ ଚୌକା ସହ ୭୮ ରନର ଅର୍ଦ୍ଧଶତକୀୟ ପାଳି ଖେଳି ଦଳର ସ୍କୋରକୁ ଆଗକୁ ନେଉଥିବା ବେଳେ ଜାମ୍ପାଙ୍କ ଦ୍ୱାରା ପୁଣି ଆଉଟ ହୋଇଥିଲେ। ଚତୁର୍ଥ ଉଇକେଟରେ କୋହଲି ଓ ରାହୁଲ ୬୩ ବଲରୁ ୭୮ ରନ ସଂଗ୍ରହ କରିଥିଲେ। ମନୀଷ ପାଣ୍ଡେ ଫେଲ୍ ମାରିଥିବାବେଳେ ଲୋକେଶ ରାହୁଲ ଚମତ୍କାର ପ୍ରଦର୍ଶନ କରିଥିଲେ। ମାତ୍ର ୫୨ଟି ବଲର ସମ୍ମୁଖୀନ ହୋଇ ୬ ଚୌକା ଓ ୩ ଛକା ସହ ସେ ଦ୍ରୁତ ୮୦ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଶତକ ଆଡ଼କୁ ମୁହାଁଉଥିବା ରାହୁଲ ଉଇକେଟକିପର ଆଲେକ୍ସ କାରେଙ୍କ ଡାଇରେକ୍ଟ ଥ୍ରୋ'ରେ ଦୁର୍ଭାଗ୍ୟଜନକ ଭାବେ ରନ୍ ଆଉଟ ହୋଇଥିଲେ। ଅଷ୍ଟ୍ରେଲିଆ ତରଫରୁ ଜାମ୍ପା ୩ ଓ ରିଚାର୍ଡସନ ୨ଟି ଉଇକେଟ ଅକ୍ତିଆର କରିଥିଲେ। ମିଚେଲ ଷ୍ଟାର୍କ ବ୍ୟୟବହୁଳ ରହିଥିଲେ। ସେ ୧୦ ଓଭର ବୋଲିଂ କରି ସର୍ବାଧିକ ୭୮ ରନ ବ୍ୟୟ କରିଥିଲେ ମଧ୍ୟ କୌଣସି ଉଇକେଟ ପାଇ ନ ଥିଲେ।

### ସ୍କୋର ବୋର୍ଡ

**ଭାରତ ଇନିଂସ**
ରୋହିତ–ଏଲ୍‌ବିଡବ୍ଲ୍ୟୁ–ଜାମ୍ପା–୪୨
ଧାୱନ–କ–ଷ୍ଟାର୍କ–ବୋ–ରିଚାର୍ଡସନ–୯୬
କୋହଲି–କ–ଷ୍ଟାର୍କ–ବୋ–ଜାମ୍ପା–୭୮
ଆୟାର–ବୋ–ଜାମ୍ପା–୭
ରାହୁଲ–ରନଆଉଟ(କାରେ)–୮୦
ମନୀଷ–କ–ଅଗର–ବୋ–ରିଚାର୍ଡସନ–୨
ଜାଡେଜା–ନଟଆଉଟ–୨୦
ଶାମି–ନଟଆଉଟ–୧
ଅତିରିକ୍ତ–୧୪
**ମୋଟ :** (୫୦ ଓଭର, ୬ ଉଇକେଟ) ୩୪୦।
**ଉଇକେଟ ପତନ:** ୧/୮୧, ୨/୧୮୪, ୩/୧୯୮, ୪/୨୭୬, ୫/୨୮୦, ୬/୩୩୮।
**ବୋଲିଂ (ଅଷ୍ଟ୍ରେଲିଆ)**
ପ୍ୟାଟ କୁମିନ୍ସ ୧୦–୧–୫୩–୦
ମିଚେଲ ଷ୍ଟାର୍କ ୧୦–୦–୭୮–୦
କେନ୍ ରିଚାର୍ଡସନ ୧୦–୦–୭୩–୨
ଆଡାମ ଜାମ୍ପା ୧୦–୦–୫୦–୩
ଅଷ୍ଟନ ଅଗର ୮–୦–୬୩–୦
ମାର୍ନସ ଲାବୁସେନ୍ ୨–୦–୧୪–୦।
**ଅଷ୍ଟ୍ରେଲିଆ ଇନିଂସ**
ୱାର୍ନର–କ–ମନୀଷ–ବୋ–ଶାମି–୧୫
ଫିଞ୍ଚ୍–ଷ୍ଟମ୍ପ– ରାହୁଲ–ବୋ–ଜାଡେଜା–୩୩
ସ୍ମିଥ୍–ବୋ–କୁଲଦୀପ–୯୮
ଲାବୁସେନ–କ–ଶାମି–ବୋ–ଜାଡେଜା–୪୬
କାରେ–କ–କୋହଲି–ବୋ– କୁଲଦୀପ–୧୮
ଟର୍ନର–ବୋ–ଶାମି–୧୩
ଅଗର–ଏଲବିଡବ୍ଲ୍ୟୁ–ସଇନି–୨୫
କୁମିନ୍ସ–ବୋ–ଶାମି–୦
ଷ୍ଟାର୍କ–କ–ରାହୁଲ–ବୋ–ସଇନି–୬
ରିଚାର୍ଡସନ–ନଟଆଉଟ–୨୪
ଜାମ୍ପା–ରାହୁଲ–ବୋ–ବୁମ୍ରା–୬
ଅତିରିକ୍ତ:–୨୦
**ମୋଟ:** (୪୯.୧ ଓଭର, ଅଲ୍‌ଆଉଟ) ୩୦୪।
**ଉଇକେଟ ପତନ:** ୧/୨୦, ୨/୮୨, ୩/୧୭୮, ୪/୨୨୦, ୫/୨୨୧, ୬/୨୫୯, ୭/୨୫୯, ୮/୨୭୪, ୯/୨୭୫, ୧୦/୩୦୪।
**ବୋଲିଂ (ଭାରତ)**
ଯଶପ୍ରୀତ୍ ବୁମ୍ରା ୯.୧–୨–୩୨–୧
ମହମ୍ମଦ ଶାମି ୧୦–୦–୭୭–୩
ନବଦୀପ ସଇନି ୧୦–୦–୬୨–୨
ରବୀନ୍ଦ୍ର ଜାଡେଜା ୧୦–୦–୫୮–୨
କୁଲଦୀପ ଯାଦବ ୧୦–୦–୫୬–୨
**ଲୋକେଶ ରାହୁଲ ମ୍ୟାନ୍ ଅଫ୍ ଦି ମ୍ୟାଚ୍**

## ତୃତୀୟ ଟେଷ୍ଟ: ଷ୍ଟୋକ୍ସ, ପୋପ୍‌ଙ୍କ ଶତକ

ପୋର୍ଟ ଏଲିଜାବେଥ,୧୭।୧(ଏ.ପି.)– ଏଠାରେ ଚାଲିଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ତୃତୀୟ ଟେଷ୍ଟ ମ୍ୟାଚ୍‌ରେ ଭ୍ରମଣକାରୀ ଇଂଲଣ୍ଡ ତା'ର ସ୍ଥିତି ଦୃଢ଼ କରିଛି। ଟସ୍ ଜିତି ବ୍ୟାଟିଂ କରି ଇଂଲଣ୍ଡ ପ୍ରଥମ ଇନିଂସରେ ୧୫୨ ଓଭରରେ ୯ ଉଇକେଟ ହରାଇ ୪୯୯ ରନକରି ପାଳି ଘୋଷଣା କରିଛି। ଜବାବରେ ପ୍ରଥମ ଇନିଂସ ଆରମ୍ଭ କରି ଦକ୍ଷିଣ ଆଫ୍ରିକା ୧୮ ଓଭରରେ ୨ ଉଇକେଟ ହରାଇ ୬୦ ରନ ସଂଗ୍ରହ କରିଛି। ଫଳରେ ଦକ୍ଷିଣ ଆଫ୍ରିକା ୮ ଉଇକେଟ ହାତରେ ରଖି ଏବେ ୪୩୯ ରନ ପଛରେ ରହିଛି। ଷ୍ଟମ୍ପ ଅପସାରଣ ବେଳକୁ ଓପନର ଡିନ୍ ଏଲଗାର ୩୨ ଓ ନାଇଟ ୱାଚ୍‌ମ୍ୟାନ ଅନରିଚ ନୋର୍ଜେ ବିନାସ୍କୋରରେ ଅପରାଜିତ ରହିଛନ୍ତି। ଅନ୍ୟତମ ଓପନର ପିଟର ମଲାନ ୧୮ ଓ ଜୁବେର ହମ୍‌ଜା ୧୦ ରନକରି ଡୋମ ବେସ୍‌ଙ୍କ ଦ୍ୱାରା ଆଉଟ ହୋଇଛନ୍ତି।

ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୨୨୪/୪ରୁ ଇଂଲଣ୍ଡ ଖେଳ ଆରମ୍ଭ କରିଥିଲା। ଓଭରନାଇଟ ବ୍ୟାଟ୍ସମ୍ୟାନ ବେନ୍ ଷ୍ଟୋକ୍ସ ୩୨ ଓ ଓଲି ପୋପ୍ ୩୯ ରନରୁ ଖେଳ ଆରମ୍ଭ କରି ଶତକ ହାସଲ କରିଥିଲେ। ଷ୍ଟୋକ୍ସ ୧୨୦ ରନ କରି ଆଉଟ ହୋଇଥିବା ବେଳେ ପୋପ୍ ୧୩୫ ରନକରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ସାମ କୁରାନ ୪୪ ଓ ମାର୍କ ଉଡ ୪୨ ରନ ସଂଗ୍ରହ କରିଥିବା ବେଳେ ଅନ୍ୟମାନେ ବିଫଳ ହୋଇଥିଲେ। ବୋଲିଂରେ ଦକ୍ଷିଣ ଆଫ୍ରିକା ତରଫରୁ କେଶବ ମହାରାଜ ସର୍ବାଧିକ ୫, କାଗିସୋ ରାବାଡ଼ା ୨, ଡେନ ପାଟରସନ ଓ ନୋର୍ଜେ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।

**ସଂକ୍ଷିପ୍ତ ସ୍କୋର:**
ଇଂଲଣ୍ଡ ପ୍ରଥମ ଇନିଂସ– ୧୫୨ ଓଭରରେ ୪୯୯/୯ ଇନିଂସ ଘୋଷଣା (ପୋପ୍– ୧୩୫*, ଷ୍ଟୋକ୍ସ– ୧୨୦, ମହାରାଜ– ୫/୧୮୦, ରାବାଡ଼ା– ୨/୯୭)। ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ– ୧୮ ଓଭରରେ ୬୦/୨ (ଏଲଗାର– ୩୨*, ବେସ୍– ୨/୧୨)

■ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ ବାଳିକା ଫୁଟବଲ

## ଓଡ଼ିଶା ୧୬–୦ରେ ପଞ୍ଜାବକୁ ହରାଇଲା

ଭୁବନେଶ୍ୱର, ୧୭।୧(କ୍ରୀଡ଼ା ପ୍ରତିନିଧି)

ଆସାମର ଗୁଆହାଟୀଠାରେ ଚାଲିଥିବା ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସର ଶୁକ୍ରବାର ଅନୁଷ୍ଠିତ ୨୧ ବର୍ଷରୁ କମ୍ ବାଳିକା ଫୁଟବଲ ମ୍ୟାଚରେ ଓଡ଼ିଶା ୧୬–୦ ଗୋଲରେ ପଞ୍ଜାବକୁ ପରାସ୍ତ କରିଛି। ଓଡ଼ିଶା ପକ୍ଷରୁ ଦୀପା ନାୟକ ୨୭, ୫୮, ୭୮, ୮୬ ମିନିଟରେ ହ୍ୟାଟ୍ରିକ ସହ ୪ଟି ଗୋଲ ଦେଇଥିବାବେଳେ ବନ୍ୟା କବିରାଜ ୧୭,୬୩, ସୁସ୍ମିତା ତନ୍ତି ୪୮, ୬୮, ଯଶୋଦା ମୁଣ୍ଡା ୫୧, ୬୦ତମ ମିନିଟରେ ୨ଟି ଲେଖାଏ ଏବଂ ସୁମନ ମହାପାତ୍ର, ସୁସ୍ମିତା ଦଳେଇ, ସୋନୀ ବେହେରା, ରୁନି ନାୟକ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ପଞ୍ଜାବ ପକ୍ଷରୁ ମହିଳା ବିଷ୍ଟୋଇ ୭ମ ଓ କାଜଲ ୬୫ତମ ମିନିଟରେ ଗୋଟିଏ ଲେଖାଏ ଆତ୍ମଘାତୀ ଗୋଲ ସ୍କୋର କରିଥିଲେ।

## କାର୍ଲୋସ ସେଞ୍ଜ୍‌ଙ୍କୁ ତୃତୀୟ ଟାଇଟଲ

ରିୟାଦ (ସୌଦି ଆରବ), ୧୭।୧ (ଏଏଫ୍‌ପି)

ଭେଟେରାନ ସ୍ପାନିଶ ଡ୍ରାଇଭର କାର୍ଲୋସ ସେଞ୍ଜ୍ ଶୁକ୍ରବାର ତୃତୀୟ ଥରପାଇଁ ଡାକାର ରାଲି ଜିତିଛନ୍ତି। ୫୭ ବର୍ଷୀୟ ଏହି ଡ୍ରାଇଭର ଅନ୍ତିମ ତଥା ଦ୍ୱାଦଶ ଷ୍ଟେଜ୍‌ରେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଗତଥରର ଚାମ୍ପିୟନ କାତାରର ନାସେର ଅଲ୍ ଆଟିୟାଙ୍କୁ ୬ ମିନିଟ୍ ୨୧ ସେକେଣ୍ଡ ପଛରେ ପକାଇ ଦେଇଥିଲେ। ନାସେର ମଙ୍ଗଳବାର ସେଞ୍ଜଙ୍କୁ ୨୪ସେକେଣ୍ଡ ପଛରେ ପକାଇ ଅଗ୍ରଣୀ ଲାଭ କରିଥିଲେ। ମାତ୍ର ଏହାପରେ ସେ ଗତିପଥ ନିର୍ଦ୍ଧାରଣ ପଦ୍ଧତିରେ ତ୍ରୁଟି କରି ବସିଥିଲେ। ରେସ୍ ପରେ ସେଞ୍ଜ ଆନନ୍ଦ ପ୍ରକାଶ କରିବା ସହ ସୌଦି ଆରବରେ ପ୍ରଥମ ଅଭିଜ୍ଞତା ବେଶ୍ ରୋମାଞ୍ଚକ ଥିଲା ବୋଲି କହିଛନ୍ତି। ଆସନ୍ତା ବର୍ଷ ରେସ୍‌ରେ ସେ ଅଂଶଗ୍ରହଣ କରିବେ କି ପଚରାଯିବାରେ ଏବେଠୁ କହିବା ଠିକ୍ ହେବ ନାହିଁ ବର୍ତ୍ତମାନ ମୁଁ ବିଜୟ ଖୁସିକୁ ଉପଭୋଗ କରିବାକୁ ଚାହେଁ ବୋଲି କହିଥିଲେ। ସେଞ୍ଜ ହେଉଛନ୍ତି ଫର୍ମୁଲା ୱାନ ଡ୍ରାଇଭର କାର୍ଲୋସ ସେଞ୍ଜ ଜୁନିୟରଙ୍କ ପିତା। ସେ ତାଙ୍କ ଏକ୍ସ–ରେଡ୍ ମିନିରେ ତୃତୀୟ ଷ୍ଟେଜ୍‌ରୁ ରେସ୍‌କୁ ନିଜ ନିୟନ୍ତ୍ରଣରେ ରଖିଥିଲେ। ସେଞ୍ଜ ବର୍ତ୍ତମାନ ପୃଥକ୍ ପୃଥକ କମ୍ପାନୀର ପ୍ରତିନିଧିତ୍ୱ କରି ଏହି ପ୍ରତିଯୋଗିତାରେ ତୃତୀୟ ଥର ଟାଇଟଲ ଜିତିବାରେ ସମର୍ଥ ହୋଇଛନ୍ତି।

ଡାକାର ରାଲି

ପୂର୍ବରୁ ସେ ୨୦୧୦ରେ ଭୋଗ୍ସୱାଗନ ଏବଂ ୨୦୧୮ରେ ପିଜଟ ତରଫରୁ ପ୍ରତିନିଧିତ୍ୱ କରି ଟାଇଟଲ ଜିତିସାରିଥିଲେ। ଷ୍ଟିଫାନେ ପିଟରହାନ୍‌ସେଲ ତାଙ୍କ ମିନିରେ ୯ ମିନିଟ୍ ୫୮ ସେକେଣ୍ଡ ପଛରେ ରହି ତୃତୀୟ ହୋଇଥିଲେ। କଷ୍ଟସାଧ୍ୟ ଡାକାର ରାଲି ୧୨ଦିନ ଧରି ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗୀମାନଙ୍କୁ ୭,୮୦୦ କିଲୋମିଟର ଅତିକ୍ରମ କରିବାକୁ ହୋଇଥିଲା। ମୋଟରବାଇକ୍ ବିଭାଗରେ ରିକି ବ୍ରାବେକ୍ ଯୁକ୍ତରାଷ୍ଟ୍ର ଆମେରିକାର ପ୍ରଥମ ରାଇଡର ଭାବେ ରେସ୍ ଜିତିଥିଲେ। ଦୁଇଥର ଫର୍ମୁଲା ୱାନ ଚାମ୍ପିୟନ ଫର୍ନାଣ୍ଡୋ ଆଲୋଁସୋ ତାଙ୍କ ଡାକାର ପଦାର୍ପଣରେ ୧୩ତମ ସ୍ଥାନ ଅଧିକାର କରିଥିଲେ। ରବିବାର ପର୍ତ୍ତୁଗୀଜ୍ ରାଇଡର ପଲୋ ଗୋନକ୍ଲେଭ୍ସଙ୍କ ମୃତ୍ୟୁ ଶୋକ ପରିବେଶ ସୃଷ୍ଟି କରିଥିଲା।





ଡାକାର ରାଲି ଜିତିବା ପରେ କାର୍ଲୋସ ସେଞ୍ଜ୍।

## ଆଜିଠୁ ରାଜ୍ୟ କୁଡୋ ତାଲିମ ଶିବିର

କଟକ ଅଫିସ,୧୭।୧

କୁଡୋ ଆସୋସିଏଶନ ଅଫ ଓଡ଼ିଶା ଆନୁକୂଲ୍ୟରେ ଶନିବାରଠାରୁ ଆରମ୍ଭ ହେବ ରାଜ୍ୟ କୁଡୋ ତାଲିମ ଶିବିର। ରାଜ୍ୟର ବିଭିନ୍ନ ଜିଲାରୁ ୧୦୦ରୁ ଊର୍ଦ୍ଧ୍ୱ କୁଡ଼ୋ ପ୍ରଶିକ୍ଷାର୍ଥୀ ଏଥିରେ ଅଂଶଗ୍ରହଣ କରିବେ। ଦୋଳମୁଣ୍ଡାଇସ୍ଥିତ ବିଜୟ ଗୋବିନ୍ଦ ଭବନରେ ଏହି ଶିବିର ୨ଦିନ ଧରି ଚାଲିବ। କୁଡୋ ଆସୋସିଏଶନ ଅଫ ଇଣ୍ଡିଆର ସଭାପତି ତଥା ମୁଖ୍ୟ ପ୍ରଶିକ୍ଷକ ସୋସିହାନ ମେହୁଲ ବୋରା ପ୍ରଶିକ୍ଷଣ ପ୍ରଦାନ କରିବେ। ଏ ନେଇ ଶୁକ୍ରବାର ସନ୍ଧ୍ୟାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ସଂଘ ସମ୍ପାଦକ ସିହାନ ନିତାଇ ଶଙ୍କର ଗୁଇଁ ଉପସ୍ଥିତ ରହି ଶିବିର ସମ୍ପର୍କରେ ଆଲୋକପାତ କରିଥିଲେ। କଟକ, ଖୋର୍ଦ୍ଧା, ଭଦ୍ରକ, ଯାଜପୁର, ବାଲେଶ୍ୱର, ପୁରୀ ଜିଲାରୁ ଅଧିକାଂଶ ଖେଳାଳି ଶିବିରରେ ଯୋଗ ଦେବେ। ରାଜ୍ୟରେ କୁଡୋ ମାର୍ଶଲ ଆର୍ଟକୁ ନୂତନ ଭାବେ ପଦାର୍ପଣପାଇଁ ଚେଷ୍ଟା କରାଯାଉଛି ବୋଲି ସମ୍ପାଦକ ଗୁଇଁ କହିଥିଲେ। ଏହି ଅବସରରେ ରାଜ୍ୟ ସଂଘର କୋଷାଧ୍ୟକ୍ଷ ନର୍ମଦା ଗୁଇଁ, ଉପସଭାପତି ମନୀଷ ନାଥାନି, ପ୍ରଶିକ୍ଷକ ସେନସାଇ ମେହୁଲ ଦେଧିଆ ଓ ସେନସାଇ ବିପୁଳ ସୁରୁ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଉପସ୍ଥିତ କର୍ମକର୍ତ୍ତା।

## ପୂର୍ବତନ ଅଲରାଉଣ୍ଡର ନାଦକର୍ଣ୍ଣୀଙ୍କ ପରଲୋକ

ମୁମ୍ବାଇ, ୧୭।୧ (ପି.ଟି.)

ପୂର୍ବତନ ଭାରତୀୟ ଅଲରାଉଣ୍ଡର ବାପୁ ନାଦକର୍ଣ୍ଣୀଙ୍କ ଶୁକ୍ରବାର ପରଲୋକ ଘଟିଛି। ଇଂଲଣ୍ଡ ବିପକ୍ଷ ଏକ ଟେଷ୍ଟ ମ୍ୟାଚରେ ରେକର୍ଡ କ୍ରମାଗତ ୨୧ ଓଭର ମେଡେନ ଓଭର ବୋଲିଂ ପାଇଁ ସେ ବିଶେଷ ଭାବେ ପରିଚିତ। ନାଦକର୍ଣ୍ଣୀଙ୍କୁ ୮୬ ବର୍ଷ ହୋଇଥିଲା। ସେ ତାଙ୍କ ସ୍ତ୍ରୀ ଏବଂ ଏକମାତ୍ର ଝିଅକୁ ଛାଡ଼ି ଚାଲିଯାଇଛନ୍ତି। ବାର୍ଦ୍ଧକ୍ୟଜନିତ ସମସ୍ୟା ଯୋଗୁ ତାଙ୍କର ଦେହାନ୍ତ ଘଟିଛି। ନାଦକର୍ଣ୍ଣୀ ଜଣେ ବାମହାତୀ ବ୍ୟାଟ୍ସମ୍ୟାନ ଏବଂ ରକ୍ଷଣଶୀଳ ମନ୍ଥର ଗତି ବୋଲର ଥିଲେ। ସେ ଦେଶ ତରଫରୁ ୪୧ ଟେଷ୍ଟ ମ୍ୟାଚ ଖେଳି ୧୪୧୪ ରନ ସଂଗ୍ରହ କରିବା ସହ ୮୮ ଉଇକେଟ ଅକ୍ତିଆର କରିଥିଲେ। ତାଙ୍କ ଶ୍ରେଷ୍ଠ ବୋଲିଂ ଫିଗର ୬/୪୩ ରହିଛି। ମୁମ୍ବାଇ ଓ ମହାରାଷ୍ଟ୍ରର ଜଣେ ଷ୍ଟଲୱାର୍ଟ କ୍ରିକେଟର ଥିଲେ। ସେ ୧୯୧ ପ୍ରଥମ ଶ୍ରେଣୀ ମ୍ୟାଚ ଖେଳି ୫୦୦ ଉଇକେଟ ନେଇଥିଲେ। ସେ ୮୮୮୦ ରନ ସଂଗ୍ରହ କରିଥିଲେ। ନାସିକ୍‌ରେ ଜନ୍ମଗ୍ରହଣ କରିଥିବା ନାଦକର୍ଣ୍ଣୀ ୧୯୫୫ରେ ଦିଲ୍ଲୀରେ ନ୍ୟୁଜିଲାଣ୍ଡ ବିପକ୍ଷରେ ତାଙ୍କ ଟେଷ୍ଟ ପଦାର୍ପଣ କରିଥିଲେ। ସେ ତାଙ୍କର ଅନ୍ତିମ ଟେଷ୍ଟ ମ୍ୟାଚ ଏହି ଦେଶ ବିପକ୍ଷରେ ୧୯୬୮ରେ ଅକ୍‌ଲାଣ୍ଡଠାରେ ଖେଳିଥିଲେ। ମନସୁର ଅଲ୍ଲୀ ଖାଁ ପଟୌଦି ତାଙ୍କର ଅଧିନାୟକ ଥିଲେ। ନାଦକର୍ଣ୍ଣୀ ଖୁବ୍ ଟାଇଟ୍ ବୋଲିଂ କରୁଥିଲେ। ଗୋଟିଏ ମ୍ୟାଚରେ ସେ କ୍ରମାଗତ ୨୧ ଓଭର ମେଡେନ ପକାଇଥିଲେ। ସେତେବେଳେ ମାଡ୍ରାସ (ବର୍ତ୍ତମାନ ଚେନ୍ନାଇ)ରେ ତାଙ୍କ ବୋଲିଂ ଫିଗର ଥିଲା ୩୨–୨୭–୫–୦। ସେ ୧୯୬୦–୬୧ରେ ପାକିସ୍ତାନ ବିପକ୍ଷ ସିରିଜରେ ଚମତ୍କାର ବୋଲିଂ କରିଥିଲେ। କାନପୁରଠାରେ ତାଙ୍କ ବୋଲିଂ ଫିଗର ୩୨–୨୪–୨୩–୦ ଏବଂ ପରେ ଦିଲ୍ଲୀଠାରେ ୩୪–୨୪–୨୪–୧ ରହିଥିଲା। ନାଦକର୍ଣ୍ଣୀଙ୍କ ବିୟୋଗରେ କିମ୍ବଦନ୍ତୀ କ୍ରିକେଟର ସୁନୀଲ ଗାଭାସ୍କର ଓ ସଚିନ ତେନ୍ଦୁଲକର, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ, ଏନ୍‌ସିପି ସଭାପତି ଶରଦ ପାୱାର ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।





## କଳିଙ୍ଗ ଷ୍ଟାଡିୟମରେ ଭାରତ-ନେଦରଲାଣ୍ଡ୍ସ ହକି ମ୍ୟାଚ୍ ଆଜି

# ପ୍ରୋ ଲିଗ୍ରୁ ଅଲିମ୍ପିକ୍ସ ପ୍ରସ୍ତୁତି

ଭୁବନେଶ୍ୱର, ୧୭।୧(କ୍ରୀଡ଼ା ପ୍ରତିନିଧି)

ଆଉ ଏକ ହାଇ ପ୍ରୋଫାଇଲ ହକି ମୁକାବିଲା ପାଇଁ କଳିଙ୍ଗ ଷ୍ଟାଡିୟମ ପ୍ରସ୍ତୁତ। ହକି ବିଶ୍ୱକପ ସମେତ ଅନେକ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ ସଫଳ ଆୟୋଜନର ମୂକ ସାକ୍ଷୀ ରହିଥିବା ଏହି ଷ୍ଟାଡିୟମରେ ଏଥର ହେବ ଏଫଆଇଏଚ୍ ହକି ପ୍ରୋ ଲିଗ୍। ପରସ୍ପରର ସମ୍ମୁଖୀନ ହେବେ ବିଶ୍ୱର ଦୁଇ ହକି ମହାଶକ୍ତି ଭାରତ ଓ ନେଦରଲାଣ୍ଡ୍ସ। ବିଶ୍ୱ ର୍ୟାଙ୍କିଂରେ ଭାରତ ୫ ଓ ନେଦରଲାଣ୍ଡ୍ସ ୩ ନମ୍ବରରେ ଥିବାରୁ କଡ଼ା ମୁକାବିଲା ଅବଶ୍ୟମ୍ଭାବୀ। ତେବେ ଫଳାଫଳ ଯାହା ହେଉନା କାହିଁକି ପ୍ରୋ ଲିଗ୍ରୁ ହିଁ ଅଲିମ୍ପିକ୍ସ ପାଇଁ ପ୍ରସ୍ତୁତି ହେବ ବୋଲି ଉଭୟ ଦଳର କୋଚ୍ ପ୍ରକାଶ କରିଛନ୍ତି। ୨୦୨୦ ଅଲିମ୍ପିକ୍ସ ଜାପାନର ଟୋକିଓରେ ଜୁଲାଇ ୨୪ରୁ ଅଗଷ୍ଟ ୯ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

### ଭାରତ ପାଇଁ ପ୍ରଥମ

ହକି ପ୍ରୋ ଲିଗ୍ର ଏହା ଦ୍ୱିତୀୟ ସଂସ୍କରଣ ହୋଇଥିଲେ ହେଁ ଭାରତ ପ୍ରଥମଥର ପାଇଁ ଅଂଶଗ୍ରହଣ କରିବ। ପ୍ରଥମ ସଂସ୍କରଣରେ ଭାରତ ଭାଗ ନେଇ ନ ଥିଲା। ଏଥର ପ୍ରୋ ଲିଗ୍ରେ ମୋଟ ୯ଟି ଦଳ ଭାଗ ନେଉଛନ୍ତି। କଳିଙ୍ଗ ଷ୍ଟାଡିୟମରୁ ହିଁ ପ୍ରତିଯୋଗିତାର ଶୁଭାରମ୍ଭ ହେବ। ଘରୋଇ ପରିବେଶରେ ଭାରତ ୪ଟି ଦଳକୁ ବିଭିନ୍ନ ସମୟରେ ଭେଟିବ। ପ୍ରଥମ ଦଳ ନେଦରଲାଣ୍ଡ୍ସ ବିପକ୍ଷରେ ଶନିବାର ଓ ରବିବାର ୨ଟି ମ୍ୟାଚ ଖେଳିବ। ଏହାପରେ ବିଶ୍ୱ ଚାମ୍ପିୟନ ବେଲଜିୟମ ବିପକ୍ଷରେ ଫେବୃୟାରୀ ୮,୯ ଏବଂ ଅଷ୍ଟ୍ରେଲିଆ ବିପକ୍ଷରେ ଫେବୃୟାରୀ ୨୨, ୨୩ ତାରିଖରେ ଖେଳିବ। ଏହାପରେ ମନପ୍ରୀତ ସିଂଙ୍କ ନେତୃତ୍ୱାଧୀନ ଦଳକୁ ବାହାର ପରିବେଶରେ ଏପ୍ରିଲ ୨୫,୨୬ରେ ଜର୍ମାନୀ ଏବଂ ମେ ୨,୩ରେ ଗ୍ରେଟ୍ ବ୍ରିଟେନ ବିପକ୍ଷରେ ଖେଳିବାକୁ ପଡ଼ିବ। ପରବର୍ତ୍ତୀ ମ୍ୟାଚ ଘରୋଇ ପରିବେଶରେ ମେ ୨୩,୨୪ରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଖେଳିବାପରେ ଆର୍ଜେଣ୍ଟିନା ଯାଇ ଜୁନ ୫,୬ରେ ଏହି ଦଳ ସହିତ ମୁକାବିଲା କରିବ। ଭାରତୀୟ ଦଳ ଏହାର ଶେଷ ରାଉଣ୍ଡ ରବିନ ମ୍ୟାଚ ସ୍ପେନରେ ଜୁନ ୧୩,୧୪ ତାରିଖରେ ଖେଳିବ।

### ମଧୁର ପ୍ରତିଶୋଧ ପାଇଁ ସୁଯୋଗ

ଭାରତୀୟ ଦଳର ମୁଖ୍ୟ କୋଚ୍ ଗ୍ରାହାମ ରିଡ୍ ପୂର୍ବରୁ ନେଦରଲାଣ୍ଡ୍ସ ଦଳର ସହକାରୀ କୋଚ୍ ଥିଲେ। ତେଣୁ ଏହି ଦଳର ଶକ୍ତି ଓ ଦୁର୍ବଳତା ତାଙ୍କୁ ଭଲଭାବେ ଜଣା। ସେହି ଅନୁସାରେ ସେ ନିଜ ଦଳକୁ ପ୍ରସ୍ତୁତ କରିଛନ୍ତି। ୨୦୧୮ ହକି ବିଶ୍ୱକପର କ୍ୱାର୍ଟର ଫାଇନାଲରେ ଭାରତ ୧-୨ ଗୋଲରେ ନେଦରଲାଣ୍ଡ୍ସଠାରୁ ହାରିଥିଲା।



ଭାରତୀୟ ଦଳ ଅଧିନାୟକ ମନପ୍ରୀତ ସିଂ ଓ କୋଚ୍ ଗ୍ରାହାମ୍ ରିଡ୍।

ତେଣୁ ଏବେ ମଧୁର ପ୍ରତିଶୋଧ ନେବାର ସମୟ ଆସିଛି। ଉଭୟ ଦଳ ମଧ୍ୟରେ ହୋଇଥିବା ଗତ ୧୦ଟି ମ୍ୟାଚ ମଧ୍ୟରୁ ନେଦରଲାଣ୍ଡ୍ସ ୫ଟି ଜିତିଥିବାବେଳେ ଭାରତ ୪ଟିରେ ବିଜୟୀ ହୋଇଛି। ଅବଶିଷ୍ଟ ଗୋଟିଏ ମ୍ୟାଚ ଡ୍ର ରହିଛି।

### ଭଲ ଆରମ୍ଭ ଗୁରୁତ୍ୱପୂର୍ଣ୍ଣ

ପ୍ରୋ ଲିଗ୍କୁ ଅଲିମ୍ପିକ୍ସ ପ୍ରସ୍ତୁତିର ପ୍ଲାଟଫର୍ମ ବୋଲି ବର୍ଣ୍ଣନା କରିଛନ୍ତି ରିଡ୍। ଆମେ ପ୍ରଥମ ତିନୋଟି ମୁକାବିଲାରେ ଶୀର୍ଷସ୍ଥାନୀୟ ଦଳ ଗୁଡ଼ିକୁ ଭେଟିବୁ। ତେଣୁ ଭଲ ଆରମ୍ଭ କରିବା ହିଁ ଗୁରୁତ୍ୱପୂର୍ଣ୍ଣ। ଆମର ଅଲିମ୍ପିକ୍ସ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ପ୍ରୋ ଲିଗ୍ରେ ବଡ଼ ଦଳଗୁଡ଼ିକ ବିପକ୍ଷରେ ଖେଳିବା ଦ୍ୱାରା ଦୋଷ ଦୁର୍ବଳତା ଜାଣିହେବ। ତେଣୁ ଏହି ପ୍ରତିଯୋଗିତା ଏକ ଭଲ ପ୍ଲାଟ୍ଫର୍ମ ବୋଲି ରିଡ୍ କହିଛନ୍ତି। ଭାରତୀୟ ଦଳ କଳିଙ୍ଗ ଷ୍ଟାଡିୟମରେ ଦୀର୍ଘଦିନ ଅଭ୍ୟାସ କରିଛି। ଏଠାରେ ଅନେକ ମ୍ୟାଚ ମଧ୍ୟ ଖେଳି ସାରିଛି। ତେଣୁ ଟର୍ଫ ସହ ଦଳର ଖେଳାଳିମାନେ ଭଲଭାବେ ଅଭ୍ୟସ୍ତ।

**ମ୍ୟାଚ ଆରମ୍ଭ: ରାତି ୭ଟା**

ଗତବର୍ଷ ନଭେମ୍ବରରେ ଏହି ଭେନ୍ୟୁରେ ରୁଷିଆକୁ ୧୧-୩ ଏଗ୍ରିଗେଟ୍ରେ ହରାଇ ଭାରତ ଟୋକିଓ ଟିକେଟ ପାଇଥିଲା। ଏଥିରୁ ଦଳକୁ ଫାଇଦା ମିଳିବ ବୋଲି ଆଶା କରାଯାଉଛି। ଚିଙ୍ଗଲେନସାନା ସିଂ ଓ ସୁମିତ ପ୍ରତ୍ୟାବର୍ତ୍ତନ କରିଥିବାରୁ ଭାରତୀୟ ଦଳର ଶକ୍ତି ବୃଦ୍ଧି ପାଇଛି।

### ଭୁବନେଶ୍ୱରରେ ଖେଳିବାକୁ ଭଲ ପାଉ

ଭାରତ ବିପକ୍ଷରେ ଏହାର ଘରୋଇ ଗ୍ରାଉଣ୍ଡରେ ଖେଳିବା ସବୁବେଳେ ଚ୍ୟାଲେଞ୍ଜିଂ ହୋଇଥାଏ। ଭାରତ ବିପକ୍ଷ ପ୍ରଥମ ମ୍ୟାଚ ଗୁରୁତ୍ୱପୂର୍ଣ୍ଣ। ତେବେ ଆମେ ଭୁବନେଶ୍ୱରରେ ଖେଳିବାକୁ ଭଲ ପାଉ। ତେଣୁ ମୁକାବିଲା ସଂଘର୍ଷପୂର୍ଣ୍ଣ ହେବ ବୋଲି ନେଦରଲାଣ୍ଡ୍ସ କୋଚ୍ ମ୍ୟାକ୍ସ କାଲଡାସ ପ୍ରକାଶ କରିଛନ୍ତି। ଅଲିମ୍ପିକ୍ସ ପାଇଁ ପ୍ରସ୍ତୁତିର ଏହା ଏକ ଭଲ ମାଧ୍ୟମ ବୋଲି ସେ ସ୍ୱୀକାର କରିଛନ୍ତି। ପ୍ରୋ ଲିଗ୍ର ଗତ ସଂସ୍କରଣରେ ଆମେ କମ୍ବିନେଶନକୁ ନେଇ ବହୁ ପରୀକ୍ଷା ନିରୀକ୍ଷା କରିଥିଲୁ। ଏହି ସଂସ୍କରଣକୁ ଆମେ ଶକ୍ତିଶାଳୀ ଦଳ ନେଇ ଆସିଛୁ। ଟୋକିଓ ଅଲିମ୍ପିକ୍ସ ପାଇଁ ଭଲଭାବେ ପ୍ରସ୍ତୁତ ହେବା ଆମର ମୁଖ୍ୟ ଲକ୍ଷ୍ୟ ବୋଲି କାଲଡାସ କହିଛନ୍ତି।





ଏଫ୍ଆଇଏଚ୍ ହକି ପ୍ରୋ ଲିଗ୍ ପାଇଁ ଶୁକ୍ରବାର କଳିଙ୍ଗ ଷ୍ଟାଡିୟମରେ ଭାରତ ଓ ନେଦରଲାଣ୍ଡ୍ସ ଦଳର ଅଭ୍ୟାସ। (ଫଟୋ: ବିକାଶ ନାୟକ)

**୧୫ତମ ଜନ୍ମଦିନ ଶୁଭେଚ୍ଛା**



**ଅଭିଜିତ୍ ସାହୁ (ଟିଟୁନ୍)**
ଆଜି ତୋର ୧୫ତମ ଜନ୍ମବାର୍ଷିକୀ ଅବସରରେ ପ୍ରଭୁ ଶ୍ରୀସର୍ପେଶ୍ୱରଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ ଯେ, ତୋର ଚଲାପଥ କୁସୁମିତ ହେଉ। ଜନ୍ମଦିନ ଅବସରରେ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି: ବଡବାବା, ବଡମାମା, ବାବା, ମାମା, ଅପା, ପିଉସା, ଦାଦା, ଖୁଡୀ, ଅଜା, ଆଈ, ମାମୁ, ମାଇଁ, ମଉସା, ମାଉସୀ, ଦିଦି, ନନା, ସାନଭାଇ, ଭଉଣୀ ଓ ପରିବାରବର୍ଗ ।
ଧ-୧୬୧୯୨

**ଦ୍ୱିତୀୟ ଜନ୍ମଦିନ ଶୁଭେଚ୍ଛା**



**ଇପ୍ସିତା ସାହୁ (ପିହୁ)**
ଶାସ୍ତ୍ରୀ ନଗର, ଭୁବନେଶ୍ୱର
ମହାପ୍ରଭୁ ଶ୍ରୀଜଗନ୍ନାଥ ତୋର ଚଲାପଥ କୁସୁମିତ କରନ୍ତୁ ଓ ତୋତେ ଦୀର୍ଘାୟୁ କରନ୍ତୁ।
-:ଶୁଭେଚ୍ଛା ସହ:-
ଜେଜେମା', ଜେଜେବାପା, ଅଜା, ଆଈ, ବାବା, ମାମା, ମାମୁ, ମାଇଁ, ବନ୍ଧୁ ଓ ପରିବାରବର୍ଗ ।
ଧ-୧୬୨୬୧

## ଓଡ଼ିଶା ଏଫ୍ସି ସହ ଭିନିତଙ୍କ ଚୁକ୍ତି ମିଆଦ ବୃଦ୍ଧି

ଭୁବନେଶ୍ୱର, ୧୭।୧ (କ୍ରୀଡ଼ା ପ୍ରତିନିଧି)

ଇଣ୍ଡିଆନ ସୁପରଲିଗ୍ ଫ୍ରାଞ୍ଚାଇଜ୍ ଓଡ଼ିଶା ଏଫସି ଅନ୍ତର୍ଜାତୀୟ ଖେଳାଳି ଭିନିତ ରାୟଙ୍କ ଚୁକ୍ତି ମିଆଦ ବୃଦ୍ଧି କରିଛି। ସେ ୨୦୨୩ ପର୍ଯ୍ୟନ୍ତ ଦଳସହ ରହିବେ ବୋଲି ଶୁକ୍ରବାର ଭୁବନେଶ୍ୱର ଭିତ୍ତିକ ଆଇଏସଏଲ କ୍ଲବ ପକ୍ଷରୁ ପ୍ରକାଶ କରାଯାଇଛି। ''ଭିନିତ ଜଣେ ଦକ୍ଷ ଖେଳାଳି। ସେ ଓଡ଼ିଶା ଏଫସିର ସଫଳତାରେ ବଡ଼ ଅଂଶୀଦାର। ଗତ ୩ ବର୍ଷ ମଧ୍ୟରେ ସେ ନିଜ ଖେଳରେ ବହୁ ଉନ୍ନତି ଆଣିଛନ୍ତି। ତେଣୁ ଆମେ ଆଗାମୀ ୩ ବର୍ଷ ପାଇଁ ତାଙ୍କ ଚୁକ୍ତି ମିଆଦ ବଢ଼ାଇବାକୁ ନିଷ୍ପତ୍ତି ନେଇଛୁ'' ବୋଲି ଓଡ଼ିଶା ଏଫସି ମାଲିକ ରୋହନ ଶର୍ମା ପ୍ରକାଶ କରିଛନ୍ତି। ନିଜ ଚୁକ୍ତିର ନବୀକରଣରେ ଖୁସି ଜାହିର କରିଛନ୍ତି ଭିନିତ। ଏହି କ୍ଲବ ପକ୍ଷରୁ ମୁଁ କ୍ରମାଗତ ଆଇଏସଏଲ ମ୍ୟାଚ ଖେଳିବାକୁ ସୁଯୋଗ ଦେଇଛି। ଜଣେ ଖେଳାଳିଭାବେ ମଧ୍ୟ ମୁଁ ଅନେକ କିଛି ଶିଖିବାକୁ ପାଇଛି। ଚଳିତ ସିଜନରେ ଆମେ ପ୍ଲେ-ଅଫ୍କୁ ଉନ୍ନୀତ ହେବାର ଯଥେଷ୍ଟ ସମ୍ଭାବନା ରହିଛି'' ବୋଲି ୨୨ ବର୍ଷୀୟ ଭିନିତ କହିଛନ୍ତି।



## ଫାଇନାଲରେ ମଙ୍ଗଳା କ୍ଲବ

ଭୁବନେଶ୍ୱର,୧୭।୧(ସ୍ପୋର୍ଟ୍ସ ବ୍ୟୁରୋ)- ଶିବଶକ୍ତି କ୍ଲବ ଆନୁକୂଲ୍ୟରେ ତମାଣ୍ଡୋ ମିନିଷ୍ଟାଡିୟମରେ ଚାଲିଥିବା ଫୁଟବଲ ଟୁର୍ନାମେଣ୍ଟର ଫାଇନାଲରେ ପ୍ରବେଶ କରିଛି ମଙ୍ଗଳା କ୍ଲବ। ଶୁକ୍ରବାର ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲରେ ପୂର୍ବତଟ ରେଲୱେକୁ କଟକର ମଙ୍ଗଳା କ୍ଲବ ୧-୦ ଗୋଲରେ ହରାଇ ଦେଇଛି। ଖେଳର ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିଥିଲା। ଦ୍ୱିତୀୟାର୍ଦ୍ଧ ତଥା ୫୪ତମ ମିନିଟ୍ରେ ରାକେଶ ସାହୁଙ୍କ ଗୋଲ ମଙ୍ଗଳା କ୍ଲବ ପାଇଁ ବିଜୟ ସୂଚକ ସାବ୍ୟସ୍ତ ହୋଇଥିଲା। ଟି. ମୋହନ ରାଓ, ପ୍ରିୟବ୍ରତ ବାହିନିପତି, ଅବିନାଶ ପଟ୍ଟନାୟକ, ବେଣୁଧର ଦାସ ରେଫରି ଭାବେ ମ୍ୟାଚ୍ ପରିଚାଳନା କରିଥିଲେ। ବିଜୟୀ ଦଳର ଆର୍ତ୍ତ ସାମଲଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି। ପୁରସ୍କାର ବିତରଣ ଉତ୍ସବରେ ଶକ୍ତିଶଙ୍କର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଆସନ୍ତା ରବିବାର ଫାଇନାଲ ମ୍ୟାଚ୍ରେ ମଙ୍ଗଳା କ୍ଲବ ଓ ସଂଘର୍ଷ କ୍ଲବ ପରସ୍ପରକୁ ଭେଟିବେ।

## ପ୍ରଥମ ମ୍ୟାଚ୍ ଜିତିଲା ଆଫଗାନିସ୍ତାନ

**୧୯ ବର୍ଷରୁ କମ୍ ବିଶ୍ୱକପ୍**

କିମ୍ବରଲେ(ଦକ୍ଷିଣ ଆଫ୍ରିକା),୧୭।୧

୧୯ ବର୍ଷରୁ କମ୍ କ୍ରିକେଟ ବିଶ୍ୱକପ୍ ଶୁକ୍ରବାରଠାରୁ ଆରମ୍ଭ ହୋଇଯାଇଛି। ପ୍ରଥମ ମ୍ୟାଚ୍ରେ ଶାଫିକୁଲା ଗଫାରିଙ୍କ ୬ ଉଇକେଟ ସଫଳତା ଯୋଗୁ ଆୟୋଜକ ଦକ୍ଷିଣ ଆଫ୍ରିକାକୁ ୭ ଉଇକେଟରେ ହରାଇ ଦେଇଛି ଆଫଗାନିସ୍ତାନ। ୧୫ ରନ୍ ବ୍ୟୟରେ ୬ ଉଇକେଟ ଅକ୍ତିଆର କରି ଗଫାରି ୧୯ ବର୍ଷରୁ କମ୍ ଆଫଗାନିସ୍ତାନ ବୋଲରଙ୍କ ମଧ୍ୟରେ ଶ୍ରେଷ୍ଠ ସ୍ପେଲ ପକାଇଛନ୍ତି।

ଟସ୍ ଜିତି ପ୍ରଥମେ ବାଟିଂ କରିଥିବା ଘରୋଇ ଦକ୍ଷିଣ ଆଫ୍ରିକା ଦୁଇ ଓପନରଙ୍କୁ ଆଫଗାନିସ୍ତାନ ପେସର ଫାଜଲ ହକ ପ୍ୟାଭେଲିୟନ ପଠାଇଥିଲେ। ପରେ ଗଫାରିଙ୍କ ଯାଦୁଗରି ବୋଲିଂ ଯୋଗୁ ଦଳ ୨୯.୧ ଓଭରରେ ୧୨୯ ରନ୍ କରି ଅଲଆଉଟ୍ ହୋଇଯାଇଥିଲା। ଦଳ ପାଇଁ ଅଧିନାୟକ ବ୍ରାଇସ ପାର୍ସନ୍ସ ୪୦ ଓ ଗେରାଲ୍ଡ କୋଟଜି ୩୮ ରନ୍ କରିଥିଲେ। ଆଫଗାନିସ୍ତାନ ପକ୍ଷରୁ ଗଫାରିଙ୍କ ଛଡ଼ା ନୁର ଅହମ୍ମଦ ଓ ଫାଜଲ ହକ୍ ଦୁଇ ଲେଖାଏ ଉଇକେଟ ହାତେଇଥିଲେ। ଜବାବରେ ଆଫଗାନିସ୍ତାନ ୩ ଉଇକେଟ ହରାଇ ବିଜୟଲକ୍ଷ୍ୟ ୧୩୦ ରନ୍ ହାସଲ କରିନେଇଥିଲା। ଜାତୀୟ ଦଳ ପାଇଁ ଦୁଇ ଟେଷ୍ଟ ଖେଳିସାରିଥିବା ଇବ୍ରାହିମ ଜର୍ଡାନ ୫୨ ଓ ଇମରାନ ମିର ୫୭ ରନ୍ କରିଥିଲେ। ଆଚିଲେ କ୍ଲୋଟ ୨ ଉଇକେଟ ହାସଲ କରିଥିଲେ।

## ସ୍କୋପମ୍ୟାନ ଭାରତ ମହିଳା ହକି ଦଳର ଆନାଲିଟିକାଲ କୋଚ୍

ନୂଆଦିଲ୍ଲୀ,୧୭।୧(ପି.ଟି.)

ଅଲିମ୍ପିକ୍ ସ୍ୱର୍ଣ୍ଣ ପଦକ ବିଜୟିନୀ ତଥା ପୂର୍ବତନ ଡଚ୍ ମହିଳା ହକି ତାରକା ଜାନେକ୍ ସ୍କୋପ୍ମ୍ୟାନ ଭାରତୀୟ ମହିଳା ହକି ଦଳର ଆନାଲିଟିକାଲ କୋଚ୍ ନିଯୁକ୍ତ ହୋଇଛନ୍ତି। ଶୁକ୍ରବାର ହକି ଇଣ୍ଡିଆ ଏ ନେଇ ଘୋଷଣା କରିଛି। ଚଳିତ ବର୍ଷ ଆୟୋଜନ ହେବାକୁ ଥିବା ଟୋକିଓ ଅଲିମ୍ପିକ୍ସର ପ୍ରସ୍ତୁତି ପାଇଁ ତାଙ୍କ ନିଯୁକ୍ତ କରାଯାଇଛି। ଏହା ଦ୍ୱାରା ଭାରତୀୟ ଦଳର ସପୋର୍ଟ ଷ୍ଟାଫ୍ ୟୁନିଟ୍ ଆହୁରି ଦୃଢ଼ ହେବ। ଅଲିମ୍ପିକ୍ସ ପର୍ଯ୍ୟନ୍ତ ସେ ଦାୟିତ୍ୱରେ ରହିବେ।

୨୦୦୮ ବେଜିଂ ଅଲିମ୍ପିକ୍ସରେ ସ୍କୋପମ୍ୟାନ ନେଦରଲାଣ୍ଡ୍ସ ମହିଳା ଦଳ ତରଫରୁ ପ୍ରତିନିଧିତ୍ୱ କରି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏହାପୂର୍ବରୁ ସେ ୨୦୦୪ ଏଥେନ୍ସ ଅଲିମ୍ପିକ୍ସରେ ମଧ୍ୟ ରୌପ୍ୟ ପଦକ ଜିତିଥିଲେ। ନିଜ ସମୟରେ ସେ ଜଣେ ଉଚ୍ଚକୋଟୀର ହକି ଖେଳାଳି ଥିଲେ। ଶନିବାର ସେ ବେଙ୍ଗାଲୁରୁସ୍ଥିତି ସାଇ ସେଣ୍ଟରରେ ଚାଲିଥିବା ଜାତୀୟ ହକି କ୍ୟାମ୍ପ ଅବସରରେ ଦଳରେ ଯୋଗଦେବେ। ଭାରତ ସିଜିନ ଆରମ୍ଭରେ ନ୍ୟୁଜିଲାଣ୍ଡକୁ ଭେଟିବ। ଆୟୋଜକ ଗ୍ରେଟ ବ୍ରିଟେନ ସହିତ ମଧ୍ୟ ଭାରତ ମ୍ୟାଚ୍ରେ ଅବତୀର୍ଣ୍ଣ ହେବ। ସ୍କୋପ୍ମ୍ୟାନ ଭାରତୀୟ ଦଳ ସହ ଯାତ୍ରା କରିବେ। ଭାରତୀୟ ମହିଳ ଦଳ ସହ କାର୍ଯ୍ୟକରିବାକୁ ବେଶ୍ ଆଗ୍ରହୀ ବୋଲି ସ୍କୋପମ୍ୟାନ କହିଛନ୍ତି। ଭାରତୀୟ ଦଳରେ ପ୍ରତିଭାସମ୍ପନ୍ନ ଖେଳାଳି ରହିଛନ୍ତି। ସଫଳତା ପାଇଁ ଖେଳାଳିମାନେ ବେଶ୍ ବ୍ୟଗ୍ର ଅଛନ୍ତି। ଦଳ ସହିତ କାର୍ଯ୍ୟ କରି ଭାରତକୁ ସଫଳ କରାଇବା ଲକ୍ଷ୍ୟରେ ରହିଛି ବୋଲି ସେ କହିଛନ୍ତି।

ଦୁଇବର୍ଷ ସଫଳତାର ସହ ନେଦରଲାଣ୍ଡ୍ସର ନେତୃତ୍ୱ ନେବା ପରେ ସେ ଅବସର ଗ୍ରହଣ କରିଥିଲେ। ୨୦୦୬ରେ ନେଦରଲାଣ୍ଡ୍ସ ବିଶ୍ୱକପ୍ ଜିତିଥିଲା ଓ ସେ ଦଳ ତରଫରୁ ପ୍ରତିନିଧିତ୍ୱ କରିଥିଲେ। ସେହିପରି ୨୦୦୨ ଓ ୨୦୧୦ ବିଶ୍ୱକପ୍ରେ ମଧ୍ୟ ସେ ରୌପ୍ୟ ପଦକ ହାସଲ କରିଥିଲେ। ୪୨ ବର୍ଷୀୟା ସ୍କୋପମ୍ୟାନ ୨୦୧୬ରୁ ୨୦୧୯ ପର୍ଯ୍ୟନ୍ତ ଆମେରିକା ମହିଳା ହକି ଦଳର କୋଚ୍ ରହିଥିଲେ। ଏହା ବ୍ୟତୀତ ସେ ଆମେରିକା ୨୧ ବର୍ଷରୁ କମ୍ ମହିଳା ଦଳ ସହିତ ଜଡିତ ରହିଆସିଥିଲେ। ୨୦୧୪ରୁ ୨୦୧୬ ପର୍ଯ୍ୟନ୍ତ ସେ ଆମେରିକା ମହିଳା ଦଳର ଆସିଷ୍ଟାଣ୍ଟ କୋଚ୍ ଭାବେ ସଫଳତାର ସହ ଦାୟିତ୍ୱ ନିର୍ବାହ କରିଥିଲେ। ଫଳରେ ଏହାପରେ ତାଙ୍କୁ ହେଡ୍ କୋଚ୍ ଦାୟିତ୍ୱ ଦିଆଯାଇଥିଲା।

ଭାରତୀୟ ମୁଖ୍ୟ କୋଚ୍ ଜୋର୍ଡ ମାରିଜନେ ସ୍କୋପମ୍ୟାନଙ୍କ ନିଯୁକ୍ତିକୁ ସ୍ୱାଗତ କରିଛନ୍ତି। ତାଙ୍କୁ ପୂର୍ବରୁ ଜାଣିଛି। ଭାରତୀୟ ଦଳର ପ୍ରଦର୍ଶନରେ ଉନ୍ନତି ଆଣିବାରେ ସେ ସହାୟ ହେବେ ବୋଲି ମାରିଜନେ କହିଛନ୍ତି।



କୋଚ୍ ଜୋର୍ଡ ମାରିଜନେଙ୍କ ସହ ଜାନେକ୍ ସ୍କୋପମ୍ୟାନ।

## ଜେକେଏସ୍ କରାଟେରେ ୭୦୦ ପ୍ରତିଯୋଗୀ

ଭୁବନେଶ୍ୱର, ୧୭।୧(କ୍ରୀଡ଼ା ପ୍ରତିନିଧି)

ଓକିନାୱା କରାଟେ ସ୍କୁଲ ଆନୁକୂଲ୍ୟରେ ଜାପାନ କରାଟେ ସୋତୋକାଇ(ଜେକେଏସ)ର ରାଜ୍ୟ ଚାମ୍ପିୟନଶିପ୍ ଚଳିତମାସ ୧୯ ତାରିଖରେ ଅନୁଷ୍ଠିତ ହେବ। ମଞ୍ଚେଶ୍ୱରସ୍ଥିତ ରେଲୱେ ଇନ୍ଡୋର ଷ୍ଟାଡିୟମରେ ହେବାକୁଥିବା ଏହି ପ୍ରତିଯୋଗିତାରେ ବିଭିନ୍ନ ସ୍କୁଲ ଓ କଲେଜରୁ ୭୦୦ ପ୍ରତିଯୋଗୀ ଭାଗନେବେ। ୧୫୦ ଅଫିସିଆଲ ମ୍ୟାଚ ପରିଚାଳନା କରିବେ। ପ୍ରତିଯୋଗୀ, ଅଫିସିଆଲ, କର୍ମକର୍ତ୍ତା ଓ ଅଭିଭାବକଙ୍କୁ ମିଶାଇ ୧୫୦୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଟୁର୍ନାମେଣ୍ଟ ଭେନ୍ୟୁରେ ଏକତ୍ରିତ ହେବେ ବୋଲି ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଜାପାନ କରାଟେ ଓଡ଼ିଶାର ସଭାପତି ତଥା ସୋତୋକାଇ ଇଣ୍ଡିଆର ଉପସଭାପତି ସୌମ୍ୟରଞ୍ଜନ ଦାସ ପ୍ରକାଶ କରିଛନ୍ତି। ପ୍ରତିଯୋଗିତାରେ ୬, ୮, ୯, ୧୦, ୧୧, ୧୨, ୧୩, ୧୪, ୧୫, ୧୬, ୧୭, ୨୧ ବର୍ଷରୁ କମ୍ ଏବଂ ସିନିୟର ବର୍ଗରେ ଓଜନ ଓ ବେଲ୍ଟ ଭିତ୍ତିରେ ମୋଟ ୧୫୦ କାଟେଗୋରିରେ ପ୍ରତିଦ୍ୱନ୍ଦ୍ୱିତା ହେବ। ପ୍ରତିଯୋଗିତା ସକାଳ ୯ଟାରୁ ଆରମ୍ଭ ହୋଇ ସନ୍ଧ୍ୟା ୬ ପର୍ଯ୍ୟନ୍ତ ଚାଲିବ। ବିଧାୟକ ଅତନୁ ସାବ୍ୟସାଚୀ ନାୟକ, ଅନନ୍ତ ନାରାୟଣ ଜେନା, ସୁଶାନ୍ତ କୁମାର ରାଉତ ଏବଂ ଏମ୍ପି ଅପରାଜିତା ଷଡ଼ଙ୍ଗୀ ଅତିଥିଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ବୋଲି ସୌମ୍ୟ ପ୍ରକାଶ କରିଛନ୍ତି। ଜାପାନ କରାଟେ ସୋତୋକାଇ ପ୍ରତିଯୋଗୀମାନେ ଜାତୀୟ ସ୍ତରରେ ମଧ୍ୟ ଭଲ ପ୍ରଦର୍ଶନ କରି ଆସୁଛନ୍ତି। ଗତବର୍ଷ ଆସାମର ଗୁଆହାଟୀରେ ଅନୁଷ୍ଠିତ ଜାତୀୟ ପ୍ରତିଯୋଗିତାର ୨୧ ବର୍ଷରୁ କମ୍ ବିଭାଗରେ ଚିରସ୍ମିତା ଭଞ୍ଜ ରୌପ୍ୟ ପଦକ ହାସଲ କରିଥିବା ସେ ସୂଚନା ଦେଇଛନ୍ତି। ରାଜ୍ୟ ପ୍ରତିଯୋଗିତାରେ ପ୍ରଦର୍ଶନ ଭିତ୍ତିରେ ଆଗାମୀ ଜାତୀୟ ପ୍ରତିଯୋଗିତା ପାଇଁ ପ୍ରତିଯୋଗୀ ଚୟନ ହେବେ ବୋଲି ସୌମ୍ୟ କହିଛନ୍ତି। ଉକ୍ତ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଇନ୍ଷ୍ଟ୍ରକ୍ଟର ଜ୍ଞାନରଞ୍ଜନ ନନ୍ଦ, ଦୀପକ କୁମାର ପଟୱାରସିଂ, ସନ୍ଦୀପ ପଟ୍ଟନାୟକ, ଦେବାଶିଷ ରାଉତ ଏବଂ କରାଟେକା ତଥା ଯାଆଁଳା ଭଉଣୀ ମଧୁସ୍ମିତା ଭଞ୍ଜଦେଓ ଓ ଚିରସ୍ମିତା ଭଞ୍ଜଦେଓ ଉପସ୍ଥିତ ଥିଲେ।



ଜାପାନ କରାଟେ ସୋତୋକାଇ ରାଜ୍ୟ ଚାମ୍ପିୟନଶିପ ସମ୍ପର୍କରେ କର୍ମକର୍ତ୍ତାମାନେ ସୂଚନା ଦେଉଛନ୍ତି।

## ମନେ ପଡ଼ନ୍ତି

**ଚତୁର୍ଦ୍ଦଶାହ ଉପଲକ୍ଷେ**



**ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ନାୟକ**
ସହପ୍ରତିଋତ୍ୱିକ, ସତ୍ସଙ୍ଗ
ଆବିର୍ଭାବ: ୨୨।୦୪।୧୯୨୯
ତିରୋଧାନ: ୦୬।୦୧।୨୦୨୦
ଆପଣଙ୍କ ତିରୋଧାନର ଚତୁର୍ଦ୍ଦଶ ଦିବସରେ ପରମପିତାଙ୍କ ଶ୍ରୀଚରଣରେ 'ସତ୍ସଙ୍ଗ' ନିବେଦନ କରି ଆପଣଙ୍କ ଅମର ଆତ୍ମାର ସଦ୍ଗତି ନିମନ୍ତେ ଏକାନ୍ତ ପ୍ରାର୍ଥନା ଜଣାଉଛୁ।
ଶ୍ରଦ୍ଧାଞ୍ଜଳି ସହ:
ପୁତ୍ର: ପ୍ରଦ୍ୟୁମ୍ନ କୁମାର, ରାଜପ୍ରସାଦ, ହରପ୍ରସାଦ, ଦେବୀପ୍ରସାଦ ତଥା ସମସ୍ତ ଆତ୍ମୀୟସ୍ୱଜନ ଏବଂ ପରିବାରବର୍ଗ।
ବି:ଦ୍ର: ଆଗାମୀ ୧୯।୦୧।୨୦୨୦ ସନ୍ଧ୍ୟାରେ ଭୁବନେଶ୍ୱର ସତ୍ସଙ୍ଗ ବିହାର ଠାରେ ସତ୍ସଙ୍ଗ ଅନୁଷ୍ଠାନରେ ଯୋଗଦେବା ପାଇଁ ସମସ୍ତ ସତ୍ସଙ୍ଗୀ ଭାଇ ଏବଂ ମା' ମାନଙ୍କୁ ବିନମ୍ର ଅନୁରୋଧ ଜଣାଉଛୁ।
ଧ-୧୬୧୭୯

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତା ଲୋଚନ ସାମଲ**
ଆବିର୍ଭାବ: ୧୦।୦୩।୧୯୩୪
ତିରୋଧାନ: ୨୩।୦୧।୨୦୧୯
**ସ୍ୱର୍ଗତ ଗଣେଶ୍ୱର ସାମଲ**
ଆବିର୍ଭାବ: ୦୧।୦୧।୧୯୩୦
ତିରୋଧାନ: ୨୮।୦୧।୨୦୧୯
ଆପଣମାନଙ୍କ ଅମରାତ୍ମା ଶାନ୍ତି ଓ ସଦ୍ଗତି ଲାଭକରୁ, ଏତିକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ପରିବାର ଓ ବନ୍ଧୁବର୍ଗ।
ଧ-୧୬୨୬୦

**ଏକାଦଶାହ ଉପଲକ୍ଷେ**



**ସ୍ୱର୍ଗତା ରତ୍ନମଣୀ ଚୌଧୁରୀ**
ମଧୁସୂଦନ ନଗର, ଭୁବନେଶ୍ୱର
ଆବିର୍ଭାବ: ୨୮।୦୭।୧୯୪୨
ତିରୋଧାନ: ୦୮।୦୧।୨୦୨୦
ଆପଣଙ୍କ ଅମର ଆତ୍ମାର ସଦ୍ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ବିନମ୍ର ପ୍ରାର୍ଥନା। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଭଲପାଇବା, ନିଷ୍ଠା, ଧର୍ମପରାୟଣତା ଓ ପରୋପକାରିତା ଆମ ଜୀବନର ପାଥେୟ ହେଉ।
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସହ:
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୫୩୬୪୭

**ଏକାଦଶାହ ଉପଲକ୍ଷେ**



**ସ୍ୱର୍ଗତ ଆର୍ତ୍ତତ୍ରାଣ ମହାଖୁଡ**
ଅବସରପ୍ରାପ୍ତ ବରିଷ୍ଠ ପରିସଂଖ୍ୟାନ ନିରୀକ୍ଷକ
କଣ୍ଟାପାଳ, ଢେଙ୍କାନାଳ
ଆବିର୍ଭାବ: ୦୭।୦୧।୧୯୩୯
ତିରୋଧାନ: ୦୮।୦୧।୨୦୨୦
ତୁମ ଶୂନ୍ୟସ୍ଥାନ ଝୁରେ ସଦା ମନ, କିଏ ହେବ ତୁମ ଭଳି। ଅମର ଆତ୍ମାର ସଦ୍ଗତି ହେଉ, ଭକ୍ତିପୂତ ଶ୍ରଦ୍ଧାଞ୍ଜଳି।
ଇତି:
ତୁମର ପତ୍ନୀ: ଶୁକାନ୍ତୀ, ପୁତ୍ର: ପ୍ରବୀଣ, ପ୍ରଦ୍ୟୁତ, ପ୍ରତାପ, ପ୍ରବୀର, ଝିଅ: ପ୍ରବାସିନୀ, ରଶ୍ମିତା, ଜ୍ୱାଇଁ: ନରେଶ, ଶ୍ରୀକାନ୍ତ, ପୁତ୍ରବଧୂ: ମମତା, ରାଜଶ୍ରୀ, ସସ୍ମିତା, ମୀନାକ୍ଷୀ ଏବଂ ନାତିନାତୁଣୀମାନେ, ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ।
ଧ-୬୮୪୪

# ଗୁଡ଼ି ମାଞ୍ଜା ସୂତାରେ ବାଇକ ଆରୋହୀଙ୍କ ଗଳା କଟିଲା

**ଭୁବନେଶ୍ୱର,୧୭।୧(ବ୍ୟୁରୋ)**

ସର୍ବସାଧାରଣରେ ଗୁଡ଼ି ଉଡ଼ାଇବା ଲୋକଙ୍କ ପାଇଁ ଘାତକ ହେଉଛି। ପୂର୍ବରୁ କଟକ ସମେତ କେତେକ ସ୍ଥାନରେ ଗୁଡ଼ି ମାଞ୍ଜା ସୂତା ଲୋକଙ୍କ ଜୀବନ ମଧ ନେଇଛି। ଅନେକେ ଯାତାୟାତ ସମୟରେ ମାଞ୍ଜା ସୂତାରେ ଛନ୍ଦି ହୋଇ ଲହୁଲୁହାଣ ହେବାର ନଜିର ରହିଛି। ଶୁକ୍ରବାର ପୁଣି ସେଭଳି ଏକ ଘଟଣା ଘଟିଛି ରାଜଧାନୀ ଭୁବନେଶ୍ୱରରେ। ବରମୁଣ୍ଡା ଅଞ୍ଚଳର ଦେବବ୍ରତ ପୃଷ୍ଟି ଅପରାହ୍ନ ସାଢେ ୫ଟାରେ ରାଜଧାନୀ କଲେଜ ସମ୍ମୁଖ ଓଭରବ୍ରିଜର ଅଣ୍ଡର ପାସ୍ ଦେଇ ଘରକୁ ଫେରୁଥିଲେ। ଏହି ସମୟରେ ରୁଚିକା ମାର୍କେଟ ନିକଟ ରାସ୍ତାକଡ଼ ଗଛରେ ଏକ ଗୁଡ଼ିର ମାଞ୍ଜା ସୂତା ଝୁଲିରହିଥିଲାବେଳେ ସାମାନ୍ୟ ଅନ୍ଧାର ଯୋଗୁ ତାହା ଦେବବ୍ରତଙ୍କୁ ଦେଖାଯାଇ ନ ଥିଲା। ଫଳରେ ତାଙ୍କ ବେକରେ ମାଞ୍ଜା ସୂତା ଗୁଡେଇ ହୋଇଯାଇଥିଲା। ତାଙ୍କ ଗଳା କଟି ଯିବା ସହ ସେ ବାଇକରୁ ତଳେ ପଡ଼ିଯାଇଥିଲେ। ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ସୃଷ୍ଟି ହୋଇଛି। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ଖଣ୍ଡଗିରି ପୋଲିସ ତାଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲା।

**ରାସ୍ତାରେ ପଡ଼ି ଗୁରୁତର**

ସୂଚନାଥାଉ କି, ଏଭଳି ଦୁର୍ଘଟଣା ଏଡ଼ାଇବା ପାଇଁ ପ୍ରଶାସନ ପକ୍ଷରୁ ସର୍ବସାଧାରଣରେ ଗୁଡ଼ି ଉଡ଼ାଇବାରେ କଟକଣା ଲଗାଯିବା ଜରୁରୀ। ଏହାସହ ଗୁଡ଼ି ଉଡ଼ାଇବା ପାଇଁ ନିର୍ଦ୍ଦିଷ୍ଟ ସ୍ଥାନ ଚିହ୍ନଟ ଏବଂ ନାଇଲନ ସୂତା ବ୍ୟବହାରକୁ ନିଷେଧ କରାଯିବା ଆବଶ୍ୟକ। କଟକରେ ପୂର୍ବରୁ ଏହି ବ୍ୟବସ୍ଥା କରାଯାଇଥିବାବେଳେ ରାଜଧାନୀରେ ମଧ ଏହା କରାଯିବା ଜରୁରୀ ବୋଲି ମତ ପ୍ରକାଶ ପାଇଛି।

## ନିର୍ବାଚନୀ ମାମଲା ଖାରଜ ପାଇଁ ବୌଦ୍ଧ ବିଧାୟକଙ୍କ ଆବେଦନ

**କଟକ ଅଫିସ,୧୭।୧:** ବୌଦ୍ଧ ବିଧାନସଭା ନିର୍ବାଚନୀ ମାମଲାକୁ ଶୁଣାଣି ପୂର୍ବରୁ ଖାରଜ କରିବା ନିମନ୍ତେ ବିଧାୟକ ପ୍ରଦୀପ ଅମାତଙ୍କ ପକ୍ଷରୁ ହାଇକୋର୍ଟରେ ଆବେଦନ କରାଯାଇଛି। ନିର୍ବାଚନ ପରିଚାଳନାରେ ତ୍ରୁଟି ଥିବା ନେଇ ପରାଜିତ ପ୍ରାର୍ଥୀ ହାଇକୋର୍ଟରେ ଆବେଦନ କରିଥିଲେ। ଏ ନେଇ ମାମଲା ରୁଜୁ ହୋଇଥିଲା। ପରେ ହାଇକୋର୍ଟଙ୍କ ପକ୍ଷରୁ ଏ ନେଇ ବିଧାୟକ ଅମାତଙ୍କୁ ଜବାବ ଦାଖଲ ପାଇଁ ନୋଟିସ୍ ଜାରି କରାଯାଇଥିଲା। ମାତ୍ର ଉକ୍ତ ମାମଲାକୁ ଖାରଜ କରିବା ନିମନ୍ତେ ଶୁକ୍ରବାର ବିଧାୟକ ଅମାତଙ୍କ ପକ୍ଷରୁ ଏକ ପିଟିଶନ୍ ଦାଖଲ କରାଯାଇଛି। ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଆସନ୍ତା ଫେବୃୟାରୀ ୫ ତାରିଖକୁ ଧାର୍ଯ୍ୟ ହୋଇଛି।






ବିଭିନ୍ନ ଦାବି ନେଇ ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ପ୍ରଶିକ୍ଷଣପ୍ରାପ୍ତ ଆଶାୟୀ ଶିକ୍ଷକ ସଂଘ ପକ୍ଷରୁ ଦିଆଯାଇଥିବା ଧାରଣା।

## ସମୂହ ଆତ୍ମାହୁତି ପାଇଁ ଆଶାୟୀ ଶିକ୍ଷକ ସଂଘର ଚେତାବନୀ

**ଭୁବନେଶ୍ୱର, ୧୭।୧(ବ୍ୟୁରୋ):** ହାଇସ୍କୁଲରେ କ୍ରୀଡ଼ା, ହିନ୍ଦୀ ଓ ସଂସ୍କୃତ ଶିକ୍ଷକ ନିଯୁକ୍ତି ହେଉନାହାନ୍ତି। ୨୦୧୯ ସୁଦ୍ଧା ପ୍ରାୟ ୧୫ ହଜାର କ୍ରୀଡ଼ା, ହିନ୍ଦୀ ଓ ସଂସ୍କୃତ ଶିକ୍ଷକ ପଦବୀ ଖାଲି ଥିଲେ ମଧ ଗଣଶିକ୍ଷା ବିଭାଗ କୌଣସି ପଦକ୍ଷେପ ନେଉନାହିଁ ବୋଲି ପ୍ରଶିକ୍ଷଣପ୍ରାପ୍ତ ଆଶାୟୀ ଶିକ୍ଷକ ସଂଘ ପକ୍ଷରୁ କୁହାଯାଇଛି। ସଂଘ ପକ୍ଷରୁ ଏନେଇ ଶୁକ୍ରବାର ପିଏମ୍‌ଜିଠାରେ ଧାରଣା ଦିଆଯାଇଥିଲା। ସମାନ ଦାବି ନେଇ ପୂର୍ବରୁ ମଧ ଦୁଇ ଦୁଇଥର ଧାରଣା ହୋଇଥିଲା। ସଂଘର କହିବାନୁଯାୟୀ, ଧାରଣା ସମୟରେ କ୍ରୀଡ଼ା, ହିନ୍ଦୀ ଓ ସଂସ୍କୃତ ଶିକ୍ଷକ ପଦବୀ ପୂରଣ ହେବ ବୋଲି ବିଭାଗ ପକ୍ଷରୁ ପ୍ରତିଶ୍ରୁତି ମିଳିଥିଲା। କିନ୍ତୁ ଗଣଶିକ୍ଷା ବିଭାଗର କର୍ମକର୍ତ୍ତାମାନେ ବର୍ତ୍ତମାନ ପର୍ଯ୍ୟନ୍ତ ପଦବୀ ଫାଇଲ୍‌କୁ ଅର୍ଥ ବିଭାଗକୁ ପଠାଇ ନାହାନ୍ତି। ତେଣୁ ନିରାଶ ହୋଇ ସଂଘ ପକ୍ଷରୁ ଶୁକ୍ରବାର ପୁଣି ଥରେ ଧାରଣା ଦିଆଯାଇଥିଲା। ଏହାର ସମାଧାନ ଲାଗି ସଂଘ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛି। ଯଦି ସରକାର ଯଥାଶୀଘ୍ର ନିଯୁକ୍ତି ପାଇଁ ବିଜ୍ଞାପନ ବାହାର ନ କରନ୍ତି, ତେବେ ସେମାନେ ସମୂହ ଆତ୍ମାହୁତି ଦେବେ ବୋଲି ସଂଘ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଜଣାଯାଇଛି।

# ୨୩ରୁ ଆଇଏଫ୍‌ଏଫ୍‌ବି

**ଭୁବନେଶ୍ୱର,୧୭।୧(ବ୍ୟୁରୋ)**

ଇଣ୍ଡିଆନ୍ ଫିଲ୍ମ ଫେଷ୍ଟିଭାଲ ଅଫ୍ ଭୁବନେଶ୍ୱର (ଆଇଏଫ୍‌ଏଫ୍‌ବି)ର ୧୧ତମ ସଂସ୍କରଣ ଆସନ୍ତା ୨୩ରୁ ୨୬ ତାରିଖ ପର୍ଯ୍ୟନ୍ତ ଗୁରୁ କେଲୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରଠାରେ ଅନୁଷ୍ଠିତ ହେବ। ଫିଲ୍ମ ସୋସାଇଟି ଅଫ୍ ଭୁବନେଶ୍ୱର ଦ୍ୱାରା ପ୍ରତିବର୍ଷ ଆୟୋଜିତ ହେଉଥିବା ଏହି ଚଳଚ୍ଚିତ୍ର ମହୋତ୍ସବରେ ଚଳିତବର୍ଷ ସମକାଳୀନ ଭାରତୀୟ ଫିଲ୍ମକୁ ଗୁରୁତ୍ୱ ଦିଆଯିବ। ଜାତୀୟ ତଥା ଅନ୍ତର୍ଜାତୀୟସ୍ତରରେ ପ୍ରଦର୍ଶିତ ହୋଇ ପ୍ରଶଂସିତ ହୋଇଥିବା ପ୍ରମୁଖ ଫିଲ୍ମଗୁଡ଼ିକୁ ମହୋତ୍ସବରେ ପ୍ରଦର୍ଶନ କରାଯିବ। ବିଶେଷକରି ସାଂସ୍କୃତିକ ଓ ସାମାଜିକ ଦୃଷ୍ଟିକୋଣରୁ ଗୁରୁତ୍ୱ ରଖୁଥିବା ଫିଲ୍ମଗୁଡ଼ିକୁ ଏଥର ଗୁରୁତ୍ୱ ଦିଆଯାଇଥିବା ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।

କେରଳ ଚଳଚ୍ଚିତ୍ର ଏକାଡେମୀ, ନ୍ୟାଶନାଲ ଫିଲ୍ମ ଆର୍କାଇଭ୍ସ ଅଫ୍ ଇଣ୍ଡିଆ, ମୁଭି ସେଣ୍ଟ୍ସ ଆଣ୍ଡ୍ ଇଣ୍ଡିଆ ଫାଉଣ୍ଡେଶନ ଫର୍ ଦି ଆର୍ଟସ୍‌ର ମିଳିତ ସହଯୋଗରେ ଆଇଏଫ୍‌ଏଫ୍‌ବି-୨୦୨୦ ଆୟୋଜିତ ହେବ। ନିକଟରେ ଇହଧାମ ତ୍ୟାଗ କରିଥିବା ଓଡ଼ିଆ ଚଳଚ୍ଚିତ୍ର ନିର୍ମାତା ମନମୋହନ ମହାପାତ୍ରଙ୍କ ଉଦ୍ଦେଶ୍ୟରେ ଏହି ଚଳଚ୍ଚିତ୍ର ମହୋତ୍ସବକୁ ଉତ୍ସର୍ଗ କରାଯିବ। ଚଳିତବର୍ଷ ଏକାଧିକ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଜିତିଥିବା ମହାପାତ୍ରଙ୍କ ନିର୍ମିତ ଚଳଚ୍ଚିତ୍ର 'ଭିଜା ମାଟିର ସ୍ୱର୍ଗ' ଆଇଏଫ୍‌ଏଫ୍‌ବିର ଉଦ୍‌ଘାଟନୀ ଦିବସରେ ପ୍ରଦର୍ଶିତ ହେବ। ଏହାବ୍ୟତୀତ ଫିଲ୍ମନିର୍ମାତା ମୃଣାଳ ସେନଙ୍କୁ ଚଳିତବର୍ଷ ଆଇଏଫ୍‌ଏଫ୍‌ବି ସ୍ମରଣ କରିବ। ମହୋତ୍ସବର ଉଦ୍‌ଯାପନୀ ଦିବସରେ ଫିଲ୍ମମେକର ଗୌତମ ଘୋଷଙ୍କ 'ରାହଗିରି' ଫିଲ୍ମ ପ୍ରଦର୍ଶିତ ହେବ। ଏହି ଅବସରରେ ହେବାକୁ ଥିବା ବିଭିନ୍ନ କର୍ମଶାଳାରେ ରନୀ ସେନ୍, ୱାନ୍‌ଫ୍ରାଙ୍ଗ୍ ଡିଙ୍ଗ୍‌ଡୋ, ଫାହିମ୍ ଇର୍‌ସାଦ, ଆବାନ୍ ରାଜାଙ୍କ ଭଳି ବହୁ ପୁରସ୍କାର ବିଜେତା ତଥା ଚଳଚ୍ଚିତ୍ର ନିର୍ମାତା ଯୋଗଦେଇ ଦର୍ଶକଙ୍କ ସହ ଆଲୋଚନାରେ ଅଂଶଗ୍ରହଣ କରିବେ। ସନ୍‌ଡ୍ୟାନ୍ସ, ବୁସାନ୍, ଗୋଟବର୍ଗ, ଆଇଏଫ୍‌ଏଫ୍‌କେ ଏବଂ ମାମି ଭଳି ଫିଲ୍ମ ଫେଷ୍ଟିଭାଲରେ ପ୍ରଦର୍ଶିତ ହୋଇଥିବା ବିଭିନ୍ନ ଅଞ୍ଚଳର ଭିନ୍ନ ଭିନ୍ନ ଭାଷାୟ ଫିଲ୍ମ ଆଇଏଫ୍‌ଏଫ୍‌ବିରେ ପ୍ରଦର୍ଶିତ ହେବ। ଅଭିଷେକ ଶାହଙ୍କ ଗୁଜରାଟୀ ଫିଲ୍ମ 'ହେଲ୍ଲାରୋ', ରନୀ ସେନଙ୍କ ବଙ୍ଗଳା ଫିଲ୍ମ 'କ୍ୟାଟ୍ ଷ୍ଟିକ୍ସ', ଭାସ୍କର ହାଜାରିକାଙ୍କ ଅହମୀୟା ଫିଲ୍ମ 'ଆମିସ୍' ଭଳି ଏକାଧିକ ଖ୍ୟାତନାମା ଫିଲ୍ମ ଏଠାରେ ଦେଖିବାକୁ ମିଳିବ। ଏହି ଅବସରରେ ଏକ ନ୍ୟାଶନାଲ ଷ୍ଟୁଡେଣ୍ଟ ଫିଲ୍ମ ପ୍ରତିଯୋଗିତା କରାଯାଇ ଏହା ମଧ୍ୟରୁ ଶ୍ରେଷ୍ଠ ଫିଲ୍ମକୁ ମହୋତ୍ସବରେ ପ୍ରଦର୍ଶିତ କରାଯିବ।

## ଜବାବ ଦାଖଲ ପାଇଁ ସମୟ ନେଲେ ରାୟଗଡ଼ା ବିଧାୟକ

**କଟକ ଅଫିସ,୧୭।୧:** ରାୟଗଡା ବିଧାନସଭା ନିର୍ବାଚନୀ ମାମଲାର ଶୁଣାଣି ଶୁକ୍ରବାର ହାଇକୋର୍ଟରେ ହୋଇଥିଲା। ମାମଲା ସମ୍ପର୍କରେ ଜବାବ ଦାଖଲ ନିମନ୍ତେ ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି ହାଇକୋର୍ଟଙ୍କୁ ସମୟ ମାଗିଛନ୍ତି। ତେବେ ଆସନ୍ତା ୪ ସପ୍ତାହ ମଧ୍ୟରେ ହାଇକୋର୍ଟରେ ଜବାବ ଦାଖଲ କରିବାକୁ ବିଚାରପତି ଜଷ୍ଟିସ ବି.ଆର୍. ଷଡଙ୍ଗୀ ଆଦେଶ ଦେଇଛନ୍ତି। ସୂଚନାଥାଉ କି, ନିର୍ବାଚନରେ ଅନିୟମିତତା ହୋଇଥିବା ଦର୍ଶାଇ ରାୟଗଡ଼ା ଅଞ୍ଚଳର ଜଣେ ଭୋଟର ହାଇକୋର୍ଟରେ ଏହି ମାମଲା ରୁଜୁ କରିଥିଲେ। ଏପରି କି ନିର୍ବାଚନୀ ସତ୍ୟପାଠରେ ବିଧାୟକ ଅନେକ ତଥ୍ୟ ଲୁଚାଇଥିବା ନେଇ ଆବେଦନକାରୀ ପିଟିଶନରେ ଉଲ୍ଲେଖ କରିଥିଲେ।




## ବାରବାଟୀ-କଟକ ନିର୍ବାଚନୀ ମାମଲାରେ ମୋକିମଙ୍କ ପକ୍ଷରୁ ଯୁକ୍ତି ଉପସ୍ଥାପନ

**କଟକ ଅଫିସ,୧୭।୧**

ବାରବାଟୀ-କଟକ ବିଧାନସଭା ନିର୍ବାଚନୀ ମାମଲାକୁ ନେଇ ହାଇକୋର୍ଟରେ ରୁଜୁ ହୋଇଥିବା ମାମଲାରେ ବିଧାୟକ ମହମ୍ମଦ ମୋକିମଙ୍କ ପକ୍ଷରୁ ବରିଷ୍ଠ ଆଡଭୋକେଟ ବିଦ୍ୟାଧର ମିଶ୍ର ଶୁକ୍ରବାର ଯୁକ୍ତି ଉପସ୍ଥାପନ କରିଥିଲେ। ଶୁକ୍ରବାର ଶୁଣାଣି ଅଧାରେ ରହିଥିଲା। ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଆସନ୍ତା ୨୪ ତାରିଖକୁ ଧାର୍ଯ୍ୟ ହୋଇଛି। ସୂଚନାଥାଉ କି, ନିର୍ବାଚନୀ ସତ୍ୟପାଠରେ ବିଧାୟକ ମହମ୍ମଦ ମୋକିମ ଅନେକ ତଥ୍ୟ ଲୁଚାଇଥିବା ନେଇ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଦେବାଶିଷ ସାମନ୍ତରାୟ ହାଇକୋର୍ଟରେ ମାମଲା ରୁଜୁ କରିଥିଲେ। ବିଧାୟକ ମୋକିମ ମିଥ୍ୟା ସତ୍ୟପାଠ ଦାଖଲ କରିଥିବାରୁ ତାଙ୍କ ସଭ୍ୟ ପଦ ରଦ୍ଦ କରିବାକୁ ସାମନ୍ତରାୟ ହାଇକୋର୍ଟରେ ଆବେଦନ କରିଥିଲେ। ମାତ୍ର ସାମନ୍ତରାୟଙ୍କ ପିଟିଶନରେ ସତ୍ୟତା ନ ଥିବା ଦର୍ଶାଇ ମୋକିମ ଉକ୍ତ ମାମଲାକୁ ଖାରଜ କରିବା ପାଇଁ ହାଇକୋର୍ଟରେ ନିବେଦନ କରିଥିଲେ।

## ପୁଞ୍ଜିଲାଲଙ୍କ ଅଡୁଆ ବଢ଼ିଲା

**କଟକ ଅଫିସ,୧୭।୧**

**ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲା**

ବଲାଙ୍ଗୀର ଜିଲା ପାଟଣାଗଡ ବୋମା ବିସ୍ଫୋରଣ ମାମଲାର ମୁଖ୍ୟ ଅଭିଯୁକ୍ତ ପୁଞ୍ଜିଲାଲ ମେହେରଙ୍କ ପାଇଁ ଅଡୁଆ ବଢ଼ିଛି। ପୁଞ୍ଜିଲାଲଙ୍କ ଜାମିନ ପାଇଁ ତାଙ୍କ ଓକିଲ ହାଇକୋର୍ଟ ଆସିଛନ୍ତି। ବିଚାରପତି ଜଷ୍ଟିସ ଅକ୍ଷୟ କୁମାର ମିଶ୍ର ଏହି ଜାମିନ ଆବେଦନର ଶୁଣାଣି ପାଇଁ ଶୁକ୍ରବାର ମନା କରିଦେଇଛନ୍ତି। ଏଥିପୂର୍ବରୁ ପୁଞ୍ଜିଲାଲଙ୍କ ଓକିଲ ନିୟମିତ ଜାମିନ ପାଇଁ ହାଇକୋର୍ଟ ଆସିଥିଲେ। ମାତ୍ର ଜାମିନ ଆବେଦନର ଶୁଣାଣି କରି ବିଚାରପତି ଜଷ୍ଟିସ ସଙ୍ଗମ କୁମାର ସାହୁ ପୁଞ୍ଜିଲାଲଙ୍କ ଜାମିନ ଆବେଦନକୁ ଖାରଜ କରିଦେଇଥିଲେ। ତେଣୁ ଜାମିନ ଆବେଦନର ଶୁଣାଣି ପ୍ରଥମେ ଯେଉଁ କୋର୍ଟରେ ହୋଇଥିଲା ଉକ୍ତ କୋର୍ଟରେ ଏହାର ପୁନର୍ବାର ଶୁଣାଣି ପାଇଁ ଜଷ୍ଟିସ ମିଶ୍ର ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଥାଉ କି, ଏହି ସମ୍ବେଦନଶୀଳ ଘଟଣା ୨୦୧୮ ଫେବୃୟାରୀ ୨୩ ତାରିଖରେ ଘଟିଥିଲା। ପାଟଣାଗଡ଼ ଅଞ୍ଚଳର ନବବିବାହିତ ସୌମ୍ୟଶେଖର ସାହୁଙ୍କ ପାଖକୁ ଏକ ପାର୍ସଲ ଆସିଥିଲା। ଏହି ପାର୍ସଲ ଖୋଲିବା ମାତ୍ରେ ତାହା ବିସ୍ଫୋରଣ ହୋଇଥିଲା। ଏଥିରେ ସୌମ୍ୟ ଓ ତାଙ୍କ ଜେଜେମା' ଜେମାମଣିଙ୍କର ମୃତ୍ୟୁ ଘଟିଥିବାବେଳେ ସ୍ତ୍ରୀ ରିମା ଗୁରୁତର ହୋଇଥିଲେ। ଉକ୍ତ ଘଟଣାରେ କ୍ରାଇମବ୍ରାଞ୍ଚ ପକ୍ଷରୁ ୨୦୧୮ ଏପ୍ରିଲ ୨୫ରେ ପୁଞ୍ଜିଲାଲଙ୍କୁ ଗିରଫ କରାଯାଇଥିଲା।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ



ଧନ ମନୁଷ୍ୟକୁ ସନ୍ତୋଷ ଦେଇପାରେ ନାହିଁ।
- ଶଙ୍କରାଚାର୍ଯ୍ୟ

## ଆଜି କ'ଣ କେଉଁଠି

କଟକ

- କୁଡୋ ଆସୋସିଏଶନ ଅଫ ଓଡ଼ିଶାର ସେମିନାର ଓ ତାଲିମ ଶିବିର ଉଦ୍‌ଘାଟନ ଉତ୍ସବ, ବିଜୟ ଗୋବିନ୍ଦ ଭବନ, ଦୋଳମୁଣ୍ଡାଇ, ପୂର୍ବାହ୍ନ ୧୦ଟା ୩୦।
- ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆନ୍ତଃମହାବିଦ୍ୟାଳୟ ସାଂସ୍କୃତିକ, କ୍ରୀଡ଼ା ଏବଂ ଏକାଡେମିକ ଫେଷ୍ଟିଭାଲର ଦ୍ୱିତୀୟ ଦିବସ, ବିଶ୍ୱବିଦ୍ୟାଳୟ ପରିସର, ପୂର୍ବାହ୍ନ ୧୧ଟା।
- ଷଷ୍ଠ ନେତାଜୀ ସୁଭାଷ ଫେଷ୍ଟିଭାଲ, ନେତାଜୀ ଭବନ, ଓଡ଼ିଆବଜାର, ପୂର୍ବାହ୍ନ ୧୧ଟା।
- ଫାର୍ଷ୍ଟ ଷ୍ଟେପ ବିଦ୍ୟାଳୟର ତୃତୀୟ ବାର୍ଷିକ ଉତ୍ସବ, ସାରଳା ଭବନ, ବିଜୁ ପଟ୍ଟନାୟକ ଛକ, ଅପରାହ୍ନ ୪ଟା।

# ଯୁକ୍ତ ୨ ପ୍ରଥମ ବର୍ଷ ପରୀକ୍ଷା କଡ଼ାକଡ଼ି ନିଷ୍ପତ୍ତି ବିରୋଧରେ ବିକ୍ଷୋଭ

■ଖ୍ରୀଷ୍ଟ କଲେଜ ଫାଟକରେ ତାଲା

■ରେଭେନ୍‌ଶା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଅସନ୍ତୋଷ

**କଟକ ଅଫିସ,୧୭।୧**

ଯୁକ୍ତ ଦୁଇ ପ୍ରଥମ ବର୍ଷରେ ସର୍ବନିମ୍ନ ୩୩ ପ୍ରତିଶତ ମାର୍କ ରଖି ଦ୍ୱିତୀୟ ବର୍ଷକୁ ଉତ୍ତୀର୍ଣ୍ଣ ହେବା ପାଇଁ ଚଳିତବର୍ଷ ସ୍କୁଲ ଓ ଗଣ ଶିକ୍ଷା ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏହାକୁ ନେଇ ବିଭିନ୍ନ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଉଛି। ଶୁକ୍ରବାର ଖ୍ରୀଷ୍ଟ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ମୁଖ୍ୟ ଫାଟକକୁ ତାଲା ପକାଇବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଫଳରେ ମହାବିଦ୍ୟାଳୟ ପରିସରରେ ଚାପା ଉତ୍ତେଜନା ସୃଷ୍ଟି ହୋଇଥିଲା। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ସିଦ୍ଧାର୍ଥ କୁମାର ସାହୁ ଧାରଣାରତ ଛାତ୍ରୀଛାତ୍ରଙ୍କ ସହିତ ଆଲୋଚନା କରିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ସେହିପରି ରେଭେନ୍‌ଶା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଅସନ୍ତୋଷ ବ୍ୟକ୍ତ କରି ବିଦ୍ୟାଳୟର ମୁଖ୍ୟ ଫାଟକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଅଧ୍ୟକ୍ଷ ଡ. ପ୍ରକାଶ ଚନ୍ଦ୍ର ବେହେରା ସେଠାରେ ପହଞ୍ଚି ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିବାପରେ ପରସ୍ଥିତି ଶାନ୍ତ ହୋଇଥିଲା।

ମିଳିଥିବା ସୂଚନା ଅନୁଯାୟୀ, ଚଳିତବର୍ଷ ଛାତ୍ରୀଛାତ୍ରମାନେ ଯୁକ୍ତ ଦୁଇ ପ୍ରଥମ ବର୍ଷ ପରୀକ୍ଷାରେ ପାସ ନ କଲେ ଦ୍ୱିତୀୟ ବର୍ଷକୁ ଉତ୍ତୀର୍ଣ୍ଣ ହୋଇପାରିବେ ନାହିଁ। ଦ୍ୱିତୀୟ ବର୍ଷକୁ ଯିବାକୁ ହେଲେ ଛାତ୍ରୀଛାତ୍ରମାନେ ପ୍ରଥମ ବର୍ଷରେ ୩୩ ପ୍ରତିଶତ ନମ୍ବର ରଖିବା ଜରୁରୀ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ଦେଇଥିଲେ। ତେବେ ପରୀକ୍ଷାରେ ପାଶ କରିବା ପାଇଁ ପ୍ରଥମ ବର୍ଷ ପିଲାଙ୍କୁ ଦୁଇଟି ସୁଯୋଗ ମିଳିବ। ପ୍ରଥମ ପରୀକ୍ଷାରେ ୩୩ ପ୍ରତିଶତରୁ କମ୍ ରଖିଥିବା ପିଲାଙ୍କ ପାଇଁ ରିମେଡିଆଲ କ୍ଲାସ ହେବ। ଏହାପରେ ଦ୍ୱିତୀୟ ସୁଯୋଗ ଭାବେ ମେ ମାସ ଶେଷ ସପ୍ତାହରେ ପରୀକ୍ଷା କରାଯିବ। ହେଲେ ଏହାକୁ ଛାତ୍ରୀଛାତ୍ରମାନେ ବିରୋଧ କରି କହିଥିଲେ ଏହି ନିଷ୍ପତ୍ତିକୁ ଛାତ୍ରୀଛାତ୍ରଙ୍କ ଉପରେ ଲଦି ଦିଆଯାଉଛି। ପରୀକ୍ଷାକୁ ଅଳ୍ପଦିନ ବାକି ଥିଲେ ମଧ୍ୟ ଏପର୍ଯ୍ୟନ୍ତ ବାର୍ଷିକ ପାଠ୍ୟକ୍ରମ ଶେଷ ହୋଇନାହିଁ। ଯାହାଦ୍ୱାରା ଛାତ୍ରୀଛାତ୍ରମାନେ ଠିକ୍ ଭାବେ ପରୀକ୍ଷା ପାଇଁ ପ୍ରସ୍ତୁତ ହୋଇପାରିବେ ନାହିଁ। ଯଦି ଏହି ନିଷ୍ପତ୍ତିକୁ ପରିବର୍ତ୍ତନ ନ କରାଯାଏ ଆନ୍ଦୋଳନ ତୀବ୍ରତର କରାଯିବ ବୋଲି ଛାତ୍ରୀଛାତ୍ରମାନେ ଦୃଢୋକ୍ତି ପ୍ରକାଶ କରିଥିଲେ। ସୂଚନାଯୋଗ୍ୟ, ଯୁକ୍ତ ୨ ପ୍ରଥମ ବର୍ଷ ପରୀକ୍ଷା କଡାକଡି ନିଷ୍ପତ୍ତିକୁ ନେଇ ଗୁରୁବାର ରାଜାବଗିଚାସ୍ଥିତ ନେତାଜୀ ସୁଭାଷ ସ୍ମାରକୀ ସିଟି ମହାବିଦ୍ୟାଳୟ ମୁଖ୍ୟଫାଟକରେ ଛାତ୍ରୀଛାତ୍ରମାନେ ତାଲା ପକାଇବା ସହ ଟାୟାର ଜାଳି ବିକ୍ଷୋଭ କରିଥିଲେ।



ଖ୍ରୀଷ୍ଟ କଲେଜ ସମ୍ମୁଖରେ ଛାତ୍ରୀଛାତ୍ରମାନେ ବିକ୍ଷୋଭ କରୁଛନ୍ତି।

## ସିଏମ୍‌ସି ପକ୍ଷରୁ ଜବରଦଖଲ ଉଚ୍ଛେଦ

**କଟକ ଅଫିସ, ୧୭।୧**

ମଙ୍ଗଳାବାଗ ଥାନା ଅଧୀନ ରାଣୀହାଟ ଅଞ୍ଚଳରୁ ଶୁକ୍ରବାର ସିଏମ୍‌ସି ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ହିନ୍ଦ ସିନେମାହଲ ଛକରୁ ଏସ୍‌ସିବି ମେଡିକାଲ ପଛଗେଟ୍ ପର୍ଯ୍ୟନ୍ତ ଥିବା ସମସ୍ତ ଉଠାଦୋକାନ ଓ ଏସ୍‌ସିବି ମେଡିକାଲ ପରିସରରୁ ୭ଟି ଗୁମୁଟିକୁ ହଟାଯାଇଥିଲା। ଏହି ଅଞ୍ଚଳରେ ବେଆଇନ ଭାବେ ଉଠା ଦୋକାନ ଗଢି ଉଠିଥିବାରୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଥିଲା। ଏପରି କି ଏସ୍‌ସିବି ମେଡିକାଲକୁ ଆମ୍ବୁଲାନ୍ସ ଯିବା ଆସିବାରେ ମଧ୍ୟ ସମସ୍ୟା ଉପୁଜୁଥିଲା। ତେଣୁ ସିଏମ୍‌ସି ପକ୍ଷରୁ ଏହି ପଦକ୍ଷେପ ନିଆଯାଇଥିଲା। ଜବରଦଖଲ ଉଚ୍ଛେଦ ସମୟରେ ଉତ୍ତେଜନା ଆଶଙ୍କା ଥିବାରୁ ମଙ୍ଗଳାବାଗ ପୋଲିସ ଉପସ୍ଥିତ ରହିଥିଲା।

## ସଡ଼କ ସୁରକ୍ଷା ପ୍ରତି ଧ୍ୟାନ ଦିଅନ୍ତୁ ଛାତ୍ରୀଛାତ୍ର

**କଟକ ସଦର,୧୭।୧(ଡି.ଏନ୍.ଏ.)**

କଟକ ସଦର ବ୍ଲକ ଅଧୀନ କନ୍ଦରପୁର କଲେଜର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା ଅତିଥି ଭାବେ ଯୋଗଦେଇ ସଡ଼କ ସୁରକ୍ଷା ସମ୍ପର୍କରେ ଛାତ୍ରୀଛାତ୍ରମାନେ ଅନ୍ୟମାନଙ୍କୁ ଯେତିକି ସଚେତନ କରୁଛନ୍ତି, ସମପରିମାଣରେ ନିଜେ ସେଥିପ୍ରତି ଧ୍ୟାନ ଦେବାକୁ ଆହ୍ୱାନ ଜଣାଇଥିଲେ। ଅଧ୍ୟକ୍ଷ ସାରଦା ପ୍ରସାଦ ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜ୍ୟ ଉଠାଜଳସେଚନ ନିଗମର ଅଧ୍ୟକ୍ଷ ଅମରେଶ ପତ୍ରୀ ଓ ମୁଖ୍ୟବକ୍ତା ଭାବେ ପ୍ରଫୁଲ୍ଲ କୁମାର ସିଂ ଯୋଗଦେଇଥିଲେ। ଡ. ନମିତା ପଟ୍ଟନାୟକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବାବେଳେ ଡ. ସ୍ମିତା ମହାନ୍ତି ଧନ୍ୟବାଦ ଦେଇଥିଲେ। ଏଥିରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବା ସହ ୨୦୧୮-୧୯ ଶିକ୍ଷାବର୍ଷର ଶ୍ରେଷ୍ଠ ଗ୍ରାଜୁଏଟ ଭାବେ ଶିକ୍ଷା ବିଭାଗର ସାଗର ଦାସଙ୍କୁ ସମ୍ମାନିତ କରାଯାଇଥିଲା। ଅଧ୍ୟାପକ ପ୍ରତାପ କିଶୋର ଦାସ, ପ୍ରଦୀପ୍ତ କୁମାର ବିଶ୍ୱାଳ ଓ ଦୁଃଶାସନ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପଦଯାତ୍ରାରେ ସଡ଼କ ସୁରକ୍ଷା ବାର୍ତ୍ତା

**କଣ୍ଟାପଡା, ୧୭।୧(ଡି.ଏନ୍.ଏ.):** ଫୁଲନଖରା ଟ୍ରାଫିକ ଥାନା ପକ୍ଷରୁ ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସଡକ ସୁରକ୍ଷା ସମ୍ପର୍କିତ ପଦଯାତ୍ରାକୁ ଟ୍ରାଫିକ ଏସିପି ଦେବଜ୍ୟୋତି ଦାସ ଉଦ୍‌ଘାଟନ କରିଥିଲେ। ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ର ପଦଯାତ୍ରାରେ ସାମିଲ ହେବା ସହ ରାଜପଥରେ ଯାତ୍ରୀମାନଙ୍କୁ ସଡକ ସୁରକ୍ଷା ସମ୍ପର୍କିତ ବାର୍ତ୍ତା ଦେଇ ସଚେତନ କରାଇଥିଲେ। ଟ୍ରାଫିକ ଥାନା ପକ୍ଷରୁ ପଥପ୍ରାନ୍ତ ନାଟକ ମାଧ୍ୟମରେ ଗାଡିଚାଳକମାନଙ୍କୁ ଟ୍ରାଫିକ ନିୟମ ସମ୍ପର୍କରେ ଅବଗତ କରାଯାଇଥିଲା। ଟ୍ରାଫିକ ଥାନା ଆଇଆଇସି ଆକାଶ ରଣା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସଡ଼କ ସୁରକ୍ଷା ସପ୍ତାହ ଉଦ୍‌ଯାପିତ

**କଣ୍ଟାପଡା, ୧୭।୧(ଡି.ଏନ୍.ଏ.):** ଗୋବିନ୍ଦପୁର ଥାନା ଓ କଲେଜର ମିଳିତ ସହଯୋଗରେ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଗୋବିନ୍ଦପୁର କଲେଜ ଅଧ୍ୟକ୍ଷ ଡ. ଗଗନ ବିହାରୀ ବେଉରାଙ୍କ ଅଧ୍ୟକ୍ଷତାରେ କଲେଜ ସମ୍ମିଳନୀ କକ୍ଷରେ ଆୟୋଜିତ ସଭାରେ କଟକ ସଦର ଉପଖଣ୍ଡ ପୋଲିସ ଅଧିକାରୀ ସୁବାସ ଚନ୍ଦ୍ର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ରାସ୍ତାରେ ଯିବାବେଳେ ନିଜକୁ ସୁରକ୍ଷିତ ରଖିବାକୁ ହେଲେ ଟ୍ରାଫିକ ନିୟମ ମାନିବା ଅତ୍ୟନ୍ତ ଜରୁରୀ ବୋଲି କହିଥିଲେ। ଏହି ସଭାରେ ଗୋବିନ୍ଦପୁର ଥାନାଧିକାରୀ ମାନସ ରଞ୍ଜନ ମିଶ୍ର, ଡା. ଅଭିଳାଷ ବେହେରା, ଅଧ୍ୟାପକ ପ୍ରେମଜିତ ରାୟ, କୈଳାଶ ଚନ୍ଦ୍ର ଦାସ ପ୍ରମୁଖ ଟ୍ରାଫିକ ନିୟମ ସମ୍ପର୍କରେ ଛାତ୍ରୀଛାତ୍ରମାନଙ୍କୁ ସଚେତନ କରାଇଥିଲେ।





କଟକ ଦେଉଳସାହିସ୍ଥିତ ରଘୁନାଥଜୀଉ ଡିଗ୍ରୀ କଲେଜ ପରିବେଶ ବିଜ୍ଞାନ ବିଭାଗର ପାଠଚକ୍ରରେ ଅତିଥିମାନେ ବାର୍ଷିକ ପତ୍ରିକା ଉନ୍ମୋଚନ କରୁଛନ୍ତି।

## ୧୫ରୁ ଓଡ଼ିଶା ମ୍ୟୁଜିକ ପ୍ରିମିୟର ଲିଗ୍

**କଟକ ଅଫିସ,୧୭।୧**

ଆସନ୍ତା ଫେବୃୟାରୀ ୧୫ ତାରିଖରେ ଜଗତ୍‌ପୁରସ୍ଥିତ ନିମପୁର ଷ୍ଟାଡିୟମରେ ୫ମ ଓଡ଼ିଶା ମ୍ୟୁଜିକ ପ୍ରିମିୟର ଲିଗ(ଓଏମପିଏଲ) କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ବିଭିନ୍ନ ଜିଲାର ବହୁ କଣ୍ଠଶିଳ୍ପୀ, ଗୀତିକାର, ସଙ୍ଗୀତଜ୍ଞ, ଆଙ୍କର ଓ ଅଭିନେତାଙ୍କୁ ନେଇ ହେବାକୁ ଥିବା ଏହି ଟୁର୍ନାମେଣ୍ଟ ଦୁଇ ଦିନ ଧରି ଚାଲିବ। ଏଥିରେ ମୋଟ୍ ୧୦ଟି ଟିମ୍ ଭାଗନେଇଛନ୍ତି। ପ୍ରତିବର୍ଷ ଭଳି ପୁରୀ ସୁପର କିଙ୍ଗସ, ଭୁବନେଶ୍ୱରର ଖଣ୍ଡଗିରି ୱାରିୟର୍ସ, କଳିଙ୍ଗ ଷ୍ଟ୍ରାଇକର୍ସ, କଟକର କିଙ୍ଗସ ଏକାଦଶ, ମର୍ନିଂ ଷ୍ଟାର, ବାରବାଟୀ ସିଙ୍ଘମ, ବ୍ରହ୍ମପୁର ସିଲ୍କ ସିଟି ବ୍ଲାଷ୍ଟର୍ସ, ବାଲେଶ୍ୱର ଚାମ୍ପିୟନ, ମୟୂରଭଞ୍ଜ ଟାଇଗର୍ସ ଟୁର୍ନାମେଣ୍ଟରେ ଭାଗ ନେଇଥିବାବେଳେ ଚଳିତବର୍ଷ ଜଗତ୍‌ସିଂହପୁର ଯୋଦ୍ଧା ଟିମ ପ୍ରଥମଥର ପାଇଁ ଭାଗ ନେଇଛି। ଏଥିସହିତ ଦର୍ଶକମାନଙ୍କ ମନୋରଞ୍ଜନ ପାଇଁ କଳାକାରମାନେ ସଙ୍ଗୀତ ପରିବେଷଣ କରିବେ। ଏଥିପାଇଁ ଏକ ମଞ୍ଚ ପ୍ରସ୍ତୁତ କରାଯିବ। ପ୍ରତ୍ୟେକ ଟିମ୍‌ର ଖେଳାଳିମାନେ ମ୍ୟାଚର ବିରତି ସମୟରେ ମଞ୍ଚରେ ଗୀତ ଗାଇବେ। ଏ ନେଇ ରାଜାବଗିଚାସ୍ଥିତ ଏକ ହୋଟେଲରେ ଶୁକ୍ରବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଟୁର୍ନାମେଣ୍ଟ ଆୟୋଜକ କମିଟିର ସମ୍ପାଦକ ଜିତୁ ମଙ୍ଗରାଜ ସୂଚନା ଦେଇଛନ୍ତି। ଏଥିସହିତ ଓଡ଼ିଶାର ବହୁ ଖ୍ୟାତନାମା କଣ୍ଠଶିଳ୍ପୀଙ୍କୁ ଜୀବନବ୍ୟାପୀ ସାଧନା ପାଇଁ ସମ୍ବର୍ଦ୍ଧିତ କରାଯିବ ବୋଲି କମିଟି ପକ୍ଷରୁ କୁହାଯାଇଛି। ଏହି ସମ୍ମିଳନୀରେ କମିଟିର ମୁଖ୍ୟ ଉପଦେଷ୍ଟା ମିହିର ମହାନ୍ତି, ସହ ସମ୍ପାଦକ ସଚିନ କୁମାର ରଥ, ବସନ୍ତ ପାତ୍ର, ସଞ୍ଜୀବ କଳିହା, ସୁଧାକର ମିଶ୍ର ଓ ବଦ୍ରିନାରାୟଣ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ନିଯୁକ୍ତି ଦାବିରେ କାରଖାନା ଆଗରେ ଧାରଣା

**ଖୁଣ୍ଟୁଣୀ,୧୭।୧( ଡି.ଏନ.ଏ .)**

ଖୁଣ୍ଟୁଣୀ ଥାନା ଅଧୀନ ରାଧାଶ୍ୟାମପୁରଠାରେ ପ୍ରତିଷ୍ଠିତ ଏକ ସିମେଣ୍ଟ କାରଖାନାକୁ ଜମି ଦେଇ ନିଯୁକ୍ତି ଓ ଅନ୍ୟାନ୍ୟ ସୁବିଧା ପାଇ ନ ଥିବା ୪୦ରୁ ଉର୍ଦ୍ଧ୍ୱ ପରିବାର ଶୁକ୍ରବାର କାରଖାନାର ମୁଖ୍ୟ ଫାଟକ ଆଗରେ ଧାରଣା ଦେଇଥିଲେ। ଫଳରେ ସକାଳ ୮ଟାରୁ କାରଖାନାକୁ କାମ କରିବାକୁ ଆସୁଥିବା କର୍ମଚାରୀ ଓ ଶ୍ରମିକମାନେ ପ୍ରବେଶ କରି ନ ପାରି ଫେରିଯିବାରୁ ଦିନତମାମ ବନ୍ଦ ରହିଥିଲା। ସୂଚନାଯୋଗ୍ୟ, ଏହି କାରଖାନାଟି ହେବା ପୂର୍ବରୁ ଜନଶୁଣାଣି ଦ୍ୱାରା ଘଣ୍ଟିଖାଲ ଓ ରାଧେଶ୍ୟାମପୁର ଗ୍ରାମର ଲୋକମାନଙ୍କୁ ନିଯୁକ୍ତି ଓ ବିଭିନ୍ନ ସୁବିଧା, ପଦକ୍ଷେପରେ ସାମିଲ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ୨୦୧୭ରେ କାରଖାନା ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାରୁ ୪୦ ପରିବାରଙ୍କଠାରୁ ଜମି ନେଇଥିଲେ। ପରମୁହୂର୍ତ୍ତରେ କାରଖାନା ନିର୍ମାଣ ହୋଇ ଉତ୍ପାଦନ କାର୍ଯ୍ୟ ଆରମ୍ଭ ହୋଇଯାଇଥିଲେ ସୁଦ୍ଧା ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଦିଆଯାଇ ନ ଥିଲା। ଏ ନେଇ କାରଖାନା ବିରୋଧରେ ବାରମ୍ବାର ଅଭିଯୋଗ, ଧାରଣା ଦିଆଯାଇଥିଲେ ମଧ୍ୟ ପ୍ରତିକାର କରାଯାଉ ନାହିଁ। ବାହାର ଲୋକଙ୍କୁ ନିଯୁକ୍ତି ଏବଂ କାରଖାନା ନିଜ ଲାଭ କଥା ଚିନ୍ତା କରୁଥିବାରୁ ବାଧ୍ୟ ହୋଇ ଧାରଣା ଦେଲୁ ବୋଲି ଗ୍ରାମର ସନ୍ତୋଷ ବେହେରା, ଅନାଥ ବେଉରା, ରାଜେଶ ବିଶ୍ୱାଳ, ବଳରାମ ବେଉରା, ସନାତନ ଦାସ, ଗୁଣ୍ଡିଚା ବେହେରା, ଆଶୁତୋଷ ମିଶ୍ର ପ୍ରମୁଖ ୪୦ ପରିବାର ପ୍ରକାଶ କରିଛନ୍ତି। ଘଟଣାସ୍ଥଳରେ ଖବରପାଇ ପୋଲିସ ପହଞ୍ଚି ଥିଲେ ମଧ୍ୟ ପ୍ରଶାସନିକ ଅଧିକାରୀ ନ ଆସିବାରୁ ବସି ରହିଥିଲେ। ଅପରାହ୍ନ ୫ଟା ପର୍ଯ୍ୟନ୍ତ କେହି ନ ଆସିବା ସହ କୁହୁଡ଼ି ପଡ଼ିବାରୁ ଧାରଣା ପ୍ରତ୍ୟାହୃତ କରିଥିଲେ।

## ଖୁଣ୍ଟୁଣୀ କଲେଜରେ ସଡ଼କ ସୁରକ୍ଷା ସପ୍ତାହ

**ଖୁଣ୍ଟୁଣୀ,୧୭।୧( ଡି.ଏନ.ଏ .)**

ଖୁଣ୍ଟୁଣୀ କଲେଜ ପରିସରରେ ଶୁକ୍ରବାର ୩୧ତମ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରମାନେ ଏକ ସଚେତନତା ଶୋଭାଯାତ୍ରାରେ ବାହାରିଥିଲେ। କଟକ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ, ଖୁଣ୍ଟୁଣୀ ଟ୍ରକ୍ ମାଲିକ ସଂଘ ଏବଂ ଥାନା ପକ୍ଷରୁ କାର୍ଯ୍ୟକ୍ରମ ଆୟୋଜିତ କରାଯାଇଥିଲା। ଏହାସହ ପଥପ୍ରାନ୍ତ ନାଟକ ମଧ୍ୟ ମଞ୍ଚସ୍ଥ ହୋଇଥିଲା। ପରେ କଲେଜ ପରିସରରେ ଆୟୋଜିତ ସଭାରେ କଟକ ଗ୍ରାମାଞ୍ଚଳ ଆରକ୍ଷୀ ଅଧୀକ୍ଷକ ରାଧାବିନୋଦ ପାଣିଗ୍ରାହୀ ମୁଖ୍ୟଅତିଥି, ମୋଟରଯାନ ନିରୀକ୍ଷଣ ଅଧିକାରୀ ରବି ନାରାୟଣ ଜେନା, ଖୁଣ୍ଟୁଣୀ ଥାନାଧିକାରୀ ସୁଚିତ୍ର ବିର୍ଯ୍ୟ ଦାସ, ସର୍ବଭାରତୀୟ ମୋଟର କଂଗ୍ରେସ କଟକର ଜିଲା ସଭାପତି ପ୍ରଶାନ୍ତ ପ୍ରଧାନ, ଇଂଲିଶ ଅଧ୍ୟାପକ ଜିତେନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଇତିହାସ ଅଧ୍ୟାପକ ଡ. ମନୋରଞ୍ଜନ ମହାନ୍ତି ସଚେତନତା ବାର୍ତ୍ତା ଦେଇଥିବାବେଳେ ଅଧ୍ୟାପକ ସୁରେନ୍ଦ୍ର ପେଣ୍ଟୋଇ ପରିଚାଳନା ଏବଂ ଧନ୍ୟବାଦ ଦେଇଥିଲେ। ଖୁଣ୍ଟୁଣୀ ଟ୍ରକ୍ ମାଲିକ ସଂଘର ସଭାପତିମନୋଜ ମିଶ୍ର, ସମ୍ପାଦକ ଅଶୋକ ସାମନ୍ତରାୟ, କଲେଜ ପରିଚାଳନା କମିଟିର ସଭ୍ୟ ନୃସିଂହଚରଣ ସାହୁ, ଅଧ୍ୟାପକ ଅନିରୁଦ୍ଧ ପତ୍ରୀ ଉପସ୍ଥିତ ଥିଲେ।

## ଡ୍ରିମ୍‌ସରେ ଜାତୀୟ ଆଲୋଚନାଚକ୍ର





ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥିବୃନ୍ଦ।

**କଟକ ଅଫିସ,୧୭।୧**

ଡ୍ରିମ୍‌ସ ସ୍ୱୟଂଶାସିତ ବୈଷୟିକ ମହାବିଦ୍ୟାଳୟରେ 'ଶକ୍ତି କ୍ଷେତ୍ରରେ ଗୁଣାତ୍ମକମାନ ବୃଦ୍ଧି' ଶୀର୍ଷକ ଜାତୀୟ ଆଲୋଚନାଚକ୍ର ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ନ୍ୟାଶନାଲ ବୋର୍ଡ ଅଫ ଆକ୍ରିଡେସନ୍‌ର ଅଧ୍ୟକ୍ଷ କେ.କେ. ଅଗ୍ରୱାଲ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟର ଶିକ୍ଷା ବ୍ୟବସ୍ଥା ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରଫେସର ପ୍ରକାଶ କୁମାର ରାୟ ଓ ସମ୍ମାନିତ ଅତିଥି ଭାବେ ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହର ପ୍ରୋ-ଚେୟାରମ୍ୟାନ ଇଂ. ଦୁର୍ଗାପ୍ରସାଦ ରଥ ଯୋଗଦେଇଥିଲେ। ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ଡ. ରାଜେନ୍ଦ୍ର କୁମାର ଦାସ ସ୍ୱାଗତ ଭାଷଣ ଦେଇଥିବାବେଳେ ଡ. ନୟନ ରଞ୍ଜନ ସାମଲ ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ। ପ୍ରାଧ୍ୟାପିକା ଅନୂରେଖା ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। 'ଡ୍ରିମ୍‌ସ'ର ଅଧ୍ୟକ୍ଷ ପ୍ରମୋଦ ଚନ୍ଦ୍ର ରଥ ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ଏକାଡେମିକ୍ ନିର୍ଦ୍ଦେଶକ ଲୋକନାଥ ବେହେରା, ଉପାଧ୍ୟକ୍ଷ ବିପିନ ବିହାରୀ ମହାନ୍ତି, ଡ. ଲୀନା ପଟ୍ଟନାୟକଙ୍କ ସମେତ ବିଭିନ୍ନ ବିଭାଗର ମୁଖ୍ୟ, ବିଭିନ୍ନ କଲେଜର ଅଧ୍ୟାପିକାଅଧ୍ୟାପକ ଓ ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିଥିଲେ। ପ୍ରାଧ୍ୟାପକ ସୁଶାନ୍ତ କୁମାର ସେଠୀ ଧନ୍ୟବାଦ ଦେଇଥିଲେ।

## ରୋଡ୍ ବ୍ୟାରିୟର ଦାବି କଲେ ଗ୍ରାମବାସୀ

**ଚୌଦ୍ୱାର,୧୭।୧(ଡି.ଏନ୍.ଏ.):** ପୁରୁଣା କଟକ-ସମ୍ବଲପୁର ରାସ୍ତାର ଚନ୍ଦନେଶ୍ୱର ମନ୍ଦିର ରାସ୍ତା ସମ୍ମୁଖରେ ରୋଡ ବ୍ୟାରିୟର ରଖିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଧବଳେଶ୍ୱର ଓ ଆଠଗଡ ଅଞ୍ଚଳକୁ ଯିବାପାଇଁ ଏହି ରାସ୍ତା ସବୁବେଳେ ବ୍ୟସ୍ତବହୁଳ ରହିଥାଏ। ଏଥିସହ ୫୫ନଂ ଜାତୀୟ ରାଜପଥର ମଙ୍ଗୁଳି ଛକଠାରୁ ଢେଙ୍କାନାଳ ପର୍ଯ୍ୟନ୍ତ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଜାରି ରହିଥିବାରୁ ଚୌଦ୍ୱାରଠାରୁ ଢେଙ୍କାନାଳ ପର୍ଯ୍ୟନ୍ତ ରାଜପଥ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି। ଫଳରେ ମଙ୍ଗୁଳି ଛକଠାରୁ ଅନୁଗୋଳ, ଢେଙ୍କାନାଳ ଅଞ୍ଚଳକୁ ଯିବାପାଇଁ ଏହି ରାସ୍ତାକୁ ଗାଡି ଚାଳକ ଆପଣାଇବା ପାଇଁ ଉଚିତ୍ ମଣୁଛନ୍ତି। ଏଥିଯୋଗୁ ଏହି ରାସ୍ତାରେ ଯାନବାହନ ଚଳାଚଳ ବୃଦ୍ଧି ପାଇଛି। ଦୈନିକ ବାଲି ବୋଝେଇ ଭାରିଯାନ ଏହି ରାସ୍ତାରେ ଯିବାଆସିବା କରୁଥିବାରୁ ସ୍ଥାନୀୟ ଚଷାପଡ଼ା, ଜେନିପୁର, ପାଇକେରାପୁର ଆଦି ଗ୍ରାମବାସୀ ଉକ୍ତ ରାସ୍ତାରେ ଯାତାୟାତ କରିବାକୁ ସୁରକ୍ଷିତ ମଣୁନାହାନ୍ତି। ଉକ୍ତ ରାସ୍ତାର ଜେନିପୁରଠାରୁ ଢିଅସାହି ପର୍ଯ୍ୟନ୍ତ ହମ୍ପ୍ସ ନ ଥିବାରୁ ଦ୍ରୁତ ଗତିରେ ଯାନବାହନ ଚଳାଚଳ କରୁଛନ୍ତି। ଟିପିଏମ୍ ଫାଣ୍ଡି ଅଧୀନ ଚଷାପଡା ଗ୍ରାମର ଚନ୍ଦନେଶ୍ୱର ମନ୍ଦିର ନିକଟରେ ରାସ୍ତାଟି ୟୁଟର୍ନ ହୋଇଥିବାରୁ ଛୋଟବଡ ଦୁର୍ଘଟଣାମାନ ଘଟୁଛି। ଯାନବାହନ ବେଗ ଉପରେ ରୋକ ଲଗାଇବା ପାଇଁ ଏହି ବୁଲାଣି ରାସ୍ତାରେ ରୋଡ ବ୍ୟାରିୟର ବସାଇବା ପାଇଁ ସରପଞ୍ଚ ସରୋଜ ପ୍ରଧାନ, ମନୋରଞ୍ଜନ ସ୍ୱାଇଁ, ଭାସ୍କର ରାଉତ, ଗଣେଶ୍ୱର ବେହେରା, ତ୍ରିବିକ୍ରମ ବେହେରା, ଶଙ୍କର ଗୋଛାୟତ, ପ୍ରଫୁଲ୍ଲ ବେହେରା, ରବୀନ୍ଦ୍ର ମଲ୍ଲିକଙ୍କ ସମେତ ଗ୍ରାମବାସୀ ଦାବି କରୁଛନ୍ତି। ଏ ନେଇ ଚୌଦ୍ୱାର ଥାନାଧିକାରୀଙ୍କୁ ଗ୍ରାମବାସୀ ଅବଗତ କରିଥିବା ଜଣାପଡିଛି। ଏ ସମ୍ପର୍କରେ ଟିପିଏମ ଫାଣ୍ଡି ଅଧିକାରୀ ନୃସିଂହଚରଣ ସ୍ୱାଇଁ କୁହନ୍ତି, ରାସ୍ତାଟି ବିପଦସଙ୍କୁଳ ରହିଛି। ଗ୍ରାମବାସୀଙ୍କ ଦାବିକୁ ଦୃଷ୍ଟିରେ ରଖି ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବ।

## ଚାରିଚକିଆ ଯାନ ପ୍ରବେଶପତ୍ର ଉଦ୍‌ଘାଟିତ

**କଟକ ଅଫିସ, ୧୭।୧**

ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନ ପ୍ରକୋଷ୍ଠରେ ଶୁକ୍ରବାର ଚାରିଚକିଆ ଯାନ ପ୍ରବେଶପତ୍ର ଉଦ୍‌ଘାଟିତ ହୋଇଛି। ବିଚାରପତି ଜଷ୍ଟିସ ସଙ୍ଗମ କୁମାର ସାହୁ ଏହାକୁ ଉଦ୍‌ଘାଟନ କରିଥିଲେ। ଟ୍ରାଫିକ ପ୍ରକ୍ରିୟାକୁ ଆଖିଆଗରେ ରଖି ଆଇନଜୀବୀମାନଙ୍କ ସୁରକ୍ଷା ଦୃଷ୍ଟିରୁ ଚାରିଚକିଆ ଯାନ ପ୍ରବେଶପତ୍ର ପ୍ରସ୍ତୁତ ହୋଇଛି। ଏହାଦ୍ୱାରା ହାଇକୋର୍ଟ ବାର୍ ଆସୋସିଏଶନର ପାର୍କିଂ ସମସ୍ୟାକୁ ଶୃଙ୍ଖଳିତ କରାଯିବା ସହିତ ଚାରିଚକିଆ ଯାନ ପ୍ରବେଶପତ୍ର ରଖିଥିବା ଆଇନଜୀବୀମାନେ କେବଳ ଏହି ସୁବିଧା ପାଇପାରିବେ। ଏହାର ମୂଲ୍ୟ ୫୦ ଟଙ୍କା ଧାର୍ଯ୍ୟ କରାଯାଇଥିବା ସଂଘ ସମ୍ପାଦକ ସଞ୍ଜୟ କୁମାର ଦାସ କହିଛନ୍ତି। ପ୍ରାରମ୍ଭରେ ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନର ସଭାପତି ଗୋପାଳକୃଷ୍ଣ ମହାନ୍ତି ପୁଷ୍ପଗୁଚ୍ଛ ଦେଇ ଜଷ୍ଟିସ ସାହୁଙ୍କୁ ଆନୁଷ୍ଠାନିକ ଭାବେ ନିମନ୍ତ୍ରଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ହାଇକୋର୍ଟ ବାର୍ ଆସୋସିଏଶନ ସଭାପତି ଗୋପାଳକୃଷ୍ଣ ମହାନ୍ତି, ଯୁଗ୍ମ ସମ୍ପାଦକ ତଥା ଆଇନଜୀବୀ ଜଟେଶ୍ୱର ନାୟକ, ମାନସୀ ଦାସ, ଅଧିରାଜ ମହାନ୍ତି, ସାରଦା ପ୍ରସାଦ ତ୍ରିପାଠୀ, ମାନସ ରଞ୍ଜନ ନାୟକ, ଆଶିଷ କୁମାର ମିଶ୍ର, ପୂର୍ବତନ ଯୁଗ୍ମ ସମ୍ପାଦକ ବିଭୁ ପ୍ରସନ୍ନ ମହାପାତ୍ର, ଭାରତୀ ଦାସ, ଗଣେଶ୍ୱର ବେହେରାଙ୍କ ସମେତ ବହୁ ସଂଖ୍ୟକ ଆଇନଜୀବୀ ଉପସ୍ଥିତ ଥିଲେ। ଆଗାମୀ ଦିନରେ ପାର୍କିଂ ବ୍ୟବସ୍ଥାକୁ ଶୃଙ୍ଖଳିତ କରିବା ନିମନ୍ତେ ସମସ୍ତ ଆଇନଜୀବୀ ତଥା ଦୂରଦୂରାନ୍ତରୁ ଆସୁଥିବା ମହକିଲମାନଙ୍କ ସାହାଯ୍ୟ ସହଯୋଗ କାମନା କରିଥିଲେ।





ସିଏଏ ସପକ୍ଷରେ ଜନ ସଚେତନତା ନେଇ ସିଏମ୍‌ସି ୱାର୍ଡ ନଂ.୨୮ ଭାଜପା ଗୋପାଳଜୀଉ ମଣ୍ଡଳ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

## ୮ ଟନ୍ ଚୋରି ହାର୍ଡ-କୋକ୍ ଜବତ

**ଚୌଦ୍ୱାର,୧୭।୧(ଡି.ଏନ୍.ଏ.)**

କେନ୍ଦ୍ରାପଡ଼ା ଜିଲା ଡେରାବିଶ ଥାନା ଅନ୍ତର୍ଗତ ଚାନ୍ଦୋଳ ଅଞ୍ଚଳରୁ ଚୋରି ହୋଇଥିବା ଏକ ହାର୍ଡ-କୋକ୍ ଟ୍ରକ୍‌କୁ ଚୌଦ୍ୱାର ପୋଲିସ ୫୫ନମ୍ବର ଜାତୀୟ ରାଜପଥର କଜଳଖଣା ନିକଟସ୍ଥ ଏକ ଢାବା ସମ୍ମୁଖରୁ ଶୁକ୍ରବାର ଉଦ୍ଧାର କରିଛି। ଏହାସହ ଉକ୍ତ ଟ୍ରକ୍‌ରୁ ଚୋରି ହୋଇଥିବା ୧୭ଟନ୍ ହାର୍ଡ-କୋକ ମଧ୍ୟରୁ ୮ଟନ୍ ହାର୍ଡ-କୋକ ଉଦ୍ଧାର କରିଛି। ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଉକ୍ତ କୋକ୍ ଲୋଡ଼ ହୋଇଥିବା ଗୋଟିଏ ଟାଟା ଏସିଇ ଓ ଏକ ପିକ୍ ଅପ୍ ଭ୍ୟାନ୍‌କୁ ଶୁକ୍ରବାର ସନ୍ଧ୍ୟାରେ ଜବତ କରିଛି। ପୋଲିସ ସୂଚନା ଅନୁଯାୟୀ, ୧୭ଟନ୍ ହାର୍ଡ-କୋକ୍ ନେଇ ଗତ ଡିସେମ୍ବର୧୯ରେ ପାରାଦ୍ୱୀପରୁ ଥେରୁଆଲି ଇମ୍ଫା କମ୍ପାନୀ ଅଭିମୁଖେ ଟ୍ରକଟି ବାହାରିଥିଲା। ନିର୍ଦ୍ଧାରିତ ଦିନ ଭିତରେ ଟ୍ରକ କମ୍ପାନୀରେ ପହଞ୍ଚି ନ ଥିବା ଖବରପାଇ ଟ୍ରକ ମାଲିକ ପାଟକୁରା ଅଞ୍ଚଳର ସୁଧୀର ଚନ୍ଦ୍ର ସାମଲ ଡ୍ରାଇଭରକୁ ଯୋଗାଯୋଗ କରିବାରେ ତା'ର ମୋବାଇଲ ସୁଇଚଅଫ୍ ଥିଲା। ତାଙ୍କ ନଂ. ଓଆର ୨୧ବି ୩୨୫୮ଯୁକ୍ତ ଟ୍ରକ୍‌ଟି ଡିସେମ୍ବର ୨୩ ତାରିଖ ଦିନ କଜଳଖଣା ନିକଟରେ ଥୁଆ ହୋଇଥିବା କୌଣସି ସୂତ୍ରରୁ ସୁଧୀର ଜାଣି ଚୌଦ୍ୱାର ଥାନାରେ ଅଭିଯୋଗ କରିଥିଲେ। ରାସ୍ତାରେ ଥୁଆ ହୋଇଥିବା ଟ୍ରକ୍‌ରେ ଲୋଡ଼ ହୋଇଥିବା ହାର୍ଡ-କୋକ ଚୋରି ହୋଇଯାଇଥିବା ଏବଂ ଟ୍ରକ୍‌ରେ ଥିବା ୨ଟି ବ୍ୟାଟେରି,୨ଟି ପାଲ,ଗାଡ଼ି ଜଗ୍ ଓ ଜିପିଏସ୍ ମେଶିନ୍ ମଧ୍ୟ ଚୋରି ହୋଇଯାଇଥିବା ସେ ଅଭିଯୋଗ ପତ୍ରରେ ଦର୍ଶାଇଥିଲେ। ଚୌଦ୍ୱାର ପୋଲିସ ଗାଡ଼ିଟିକୁ ଉଦ୍ଧାର କରି ମାଲିକ ସୁଧୀରଙ୍କୁ ହସ୍ତାନ୍ତର କରିବା ସହିତ ଘଟଣାର ତଦନ୍ତ କରି ଜଗତପୁର ଥାନା ପାଗା ସତ୍ୟଭାମାପୁର ଅଞ୍ଚଳରେ ଚଢ଼ାଉ କରି ୮ଟନ୍ କୋକ୍ ଲୋଡ଼ ହୋଇ ଗୋଟିଏ ସ୍ଥାନରେ ରଖାଯାଇଥିବା ଓଆର୦୨ବିକ୍ୟୁ ୮୧୯୯ ନମ୍ବରଯୁକ୍ତ ପିକ୍ ଅପ୍ ଭ୍ୟାନ୍ ଓ ଓଆର ୦୫ ଏସି ୦୭୩୨ ନମ୍ବରଯୁକ୍ତ ଟାଟା ଏସିଇକୁ ଜବତ କରି ଥାନାକୁ ଆଣିଛନ୍ତି । ଉକ୍ତ ଗାଡ଼ି ଦୁଇଟିର ମାଲିକ ଓ ଡ୍ରାଇଭର ଫେରାର ହୋଇ ଯାଇଥିବା ପୋଲିସ ସୂଚନା ଦେଇଛି। ଘଟଣାର ଅଧିକ ତଦନ୍ତ ଜାରି ରହିଛି ।




ଧନ ଜୀବନ ଏ ଜଗତେ, ଯେ ପ୍ରାଣ ଧରେ
ପ୍ରାଣୀ ହିତେ।
-ଜଗନ୍ନାଥ ଦାସ



## ସଂକ୍ଷେପରେ

### ଉଦ୍ୟାନ ବିଶେଷଜ୍ଞଙ୍କ ସୋରିଷ ଖେତ ପରିଦର୍ଶନ



ବଡମ୍ବା,୧୭।୧(ଡି.ଏନ.ଏ.):ବଡ଼ମ୍ବା ବ୍ଲକ ଅନ୍ତର୍ଗତ ଗମେଇ ଗ୍ରାମଠାରେ ଥିବା ଏକ ସୋରିଷ ଖେତକୁ ଉଦ୍ୟାନ ବିଶେଷଜ୍ଞମାନେ ଶୁକ୍ରବାର ପରିଦର୍ଶନ କରିଛନ୍ତି। କୃଷକ ସଙ୍ଗଠନ ନିଗମ ସଂଯୋଜକ ତଥା ପ୍ରଭାରୀ ଡ.ତୁଷାର ରଞ୍ଜନ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମ୍ପାଦକ ସୁରେଶ ତ୍ରିପାଠୀ, ସଙ୍ଗଠନ ମୁଖ୍ୟ ରବୀନ୍ଦ୍ର ପ୍ରଧାନ, ପ୍ରମୋଦ କୁମାର କଅଁର, ସଙ୍ଗଠନ କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ କୁମାର ସାମଲ ପ୍ରମୁଖ ସାମିଲ ହୋଇ ଖେତ ପରିଦର୍ଶନ କରିଥିଲେ। ପ୍ରମୁଖ ଚାଷୀ କୈଳାସ ଦଳେଇ, ସନ୍ତୋଷ କୁମାର ନାୟକ ଓ ମାନସ କୁମାର ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶଯୋଗ୍ୟ, ଗମେଇ ଗ୍ରାମର ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଚାଷୀଙ୍କୁ କଟକ କୃଷି ବିଜ୍ଞାନ କେନ୍ଦ୍ର ଚଳିତବର୍ଷ ସୋରିଷ ଚାଷ କରିବା ପାଇଁ ପୁଷା ସୋରିଶ ୨୬ ସହିତ ସଲଫର ସାର ଯୋଗାଇ ଦେଇଥିଲା। ୨୫ ଏକର ପରିମିତ ଖେତରେ ଉକ୍ତ ସୋରିଷ ଚାଷ ବେଶ୍ ସଫଳ ହୋଇଥିବା ଦେଖି କର୍ମକର୍ତ୍ତା ଖୁସିବ୍ୟକ୍ତ କରିଥିଲେ।

### ଆଇନ ସଚେତନତା ଶିବିର

ବାଙ୍କୀ,୧୭।୧(ସ୍ୱ.ପ୍ର.): ବାଙ୍କୀ ତାଲୁକ ଆଇନସେବା କମିଟି ପକ୍ଷରୁ ସରକାରୀ ବାଳିକା ହାଇସ୍କୁଲ ସଭାଗୃହରେ ଶୁକ୍ରବାର ମୌଳିକ ଅଧିକାର ଓ ନାଗରିକଙ୍କ କର୍ତ୍ତବ୍ୟ ସମ୍ପର୍କରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ବାଙ୍କୀ ତାଲୁକ ଆଇନସେବା କମିଟି ଅଧ୍ୟକ୍ଷ ତଥା ସିନିୟର ଡିଭିଜନ ସିଭିଲ ଜଜ ଦୀପଙ୍କର ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ବରିଷ୍ଠ ଓକିଲ ଜିତେନ୍ କୁମାର ପଣ୍ଡା କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ପ୍ରଧାନଶିକ୍ଷୟିତ୍ରୀ ବୀଣାପାଣି ଦାଶ ସ୍ୱାଗତ ଭାଷଣ ଦେଇଥିଲେ। ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ଡ.ମମତା ମହାନ୍ତି ମୁଖ୍ୟବକ୍ତା, ଆଇନସେବା କମିଟି ସଭ୍ୟ ବ୍ରଜବନ୍ଧୁ ପାଲ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ମୌଳିକ ଅଧିକାର, ନାଗରିକଙ୍କ କର୍ତ୍ତବ୍ୟ, ସମ୍ବିଧାନ, ଜାତୀୟପତାକା, ଜାତୀୟ ଚିହ୍ନକୁ ସମ୍ମାନ, ନାରୀ ମର୍ଯ୍ୟାଦାକୁ ସମ୍ମାନ, ଆମର ଐତିହ୍ୟକୁ ରକ୍ଷା କରିବା, ପରିବେଶ ତଥା ହ୍ରଦ, ନଦୀ, ବନାନିକୁ ରକ୍ଷା କରିବା, ମାତାପିତା, ଅଭିଭାବକ ସେମାନଙ୍କ ୬ରୁ ୧୪ବର୍ଷ ପିଲାଙ୍କୁ ପାଠ ପଢ଼ାଇବା ପାଇଁ ଯତ୍ନବାନ ହେବା ଉଚିତ ବୋଲି ଅତିଥି ମତବ୍ୟକ୍ତ କରିଥିଲେ। ପାରାଲିଗାଲ କର୍ମୀ ବରେନ୍ଦ୍ର ବେହେରା ସହଯୋଗ କରିଥିଲେ।

### ଗୋପାଳପୁର ପଞ୍ଚାୟତରେ ଚାଷୀ କର୍ମଶାଳା

ବଡ଼ମ୍ବା,୧୭।୧(ଡି.ଏନ.ଏ.): ନାବାର୍ଡ ଓ କୃଷକ ସଙ୍ଗଠନ ନିଗମ ଆନୁକୂଲ୍ୟରେ ବଡ଼ମ୍ବା ବ୍ଲକ ଅନ୍ତର୍ଗତ ଗୋପାଳପୁର ପଞ୍ଚାୟତରେ ଶୁକ୍ରବାର ଏକ ଚାଷୀ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ନାବାର୍ଡର ଡିଡିଏମ ସିଦ୍ଧାର୍ଥ ଶଙ୍କର ପଣ୍ଡା ସଭାପତିତ୍ୱ କରିବା ସହିତ କୃଷକ ଉପକାରିତା ଏବଂ କୃଷିର ଉନ୍ନତି ବିଷୟରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତର ବହୁ ଚାଷୀ ଯୋଗ ଦେଇଥିଲେ। କୃଷକ ସଙ୍ଗଠନ ନିଗମ ସମ୍ପାଦକ ସୁରେଶ ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିଲେ। କର୍ମଶାଳାରେ ଅଚିହ୍ନାବାବା ଫାର୍ମର ପ୍ରଡ୍ୟୁସର କମ୍ପାନୀ ନିର୍ଦ୍ଦେଶକ ରବୀନ୍ଦ୍ର ପ୍ରଧାନ, ପ୍ରମୋଦ କୁମାର କଅଁର ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ ସାମଲ ଉପସ୍ଥିତ ଥିଲେ।

# ବିଇଓ ଅଫିସ ଘେରିଲେ ଛାତ୍ରୀଛାତ୍ର, ଅଭିଭାବକ

ନରସିଂହପୁର,୧୭।୧(ଡି.ଏନ.ଏ.)


ବିଇଓଙ୍କ କାର୍ଯ୍ୟାଳୟ ଆଗରେ ଛାତ୍ରୀଛାତ୍ର ଧାରଣା ଦେଇଛନ୍ତି।

**ମାଳିସାହି ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ଦାବି**

- ୧୫ ଦିନ ମଧ୍ୟରେ ଦାବି ପୂରଣ କରିବାକୁ ପ୍ରତିଶ୍ରୁତି
- ୬୨ ଛାତ୍ରୀଛାତ୍ରଙ୍କ ପାଇଁ ଅଛନ୍ତି ଜଣେ ଶିକ୍ଷୟିତ୍ରୀ

ନରସିଂହପୁର ବ୍ଲକ ଅଧୀନ ମାଳିସାହି ପ୍ରାଥମିକ ବିଦ୍ୟାଳୟରେ ଦୀର୍ଘଦିନ ହେବ ଆବଶ୍ୟକ ଶିକ୍ଷକ ପଦବୀ ଖାଲି ପଡ଼ିଛି। ଫଳରେ ଏଠାରେ ଶିକ୍ଷାଦାନ ଏକ ପ୍ରକାର ବିପର୍ଯ୍ୟସ୍ତ ହୋଇପଡ଼ିଛି। ଶିକ୍ଷକ ନିଯୁକ୍ତି ପାଇଁ ବିଭିନ୍ନ ସମୟରେ ଦାବି କରାଯାଉଥିଲେ ମଧ୍ୟ ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେଉନାହିଁ। ତେଣୁ ତୁରନ୍ତ ଶିକ୍ଷକ ନିଯୁକ୍ତି ଦାବିରେ ଶୁକ୍ରବାର ବିଦ୍ୟାଳୟ ଛାତ୍ରୀଛାତ୍ର, ଅଭିଭାବକ ଓ ଶିକ୍ଷା କମିଟି ସଦସ୍ୟ ବ୍ଲକ ଶିକ୍ଷା ଅଧିକାରୀ (ବିଇଓ)ଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ଶିକ୍ଷା କମିଟି ସଭାପତି ସର୍ବେଶ୍ୱର ବେହେରା, ସଭ୍ୟା ସୁଭଦ୍ରା ରଣା, ମିନତି ରଣା, ମାମିନୀ ରଣା, ସରୋଜିନୀ ରଣା, ସର୍ବେଶ୍ୱର ନାୟକ, କିଶୋର ସେନାପତି ପ୍ରମୁଖ ଅସନ୍ତୋଷ ପ୍ରକାଶ କରି କହିଥିଲେ, ମାଳିସାହି ପ୍ରୋଜେକ୍ଟ ପ୍ରାଥମିକ ବିଦ୍ୟାଳୟରେ ୬୨ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ହେଲେ ସେମାନଙ୍କୁ ପଢ଼ାଇବାକୁ ମାତ୍ର ଜଣେ ଶିକ୍ଷୟିତ୍ରୀ ରହିଛନ୍ତି। ସେ ପୁଣି ବିଭିନ୍ନ ଅଫିସ୍ କାର୍ଯ୍ୟରେ ନିଜକୁ ନିୟୋଜିତ କଲାବେଳେ ପିଲାଙ୍କ ପାଠ ପଢାରେ ବହୁ ଅସୁବିଧା ହେଉଛି। ବାରମ୍ବାର ଦାବିସତ୍ତ୍ୱେ ଜଣେ ହେଲେ ବି ଶିକ୍ଷକ ଆସୁନାହାନ୍ତି। ତେଣୁ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆମେ ଆନ୍ଦୋଳନରୁ ଓହରିବୁ ନାହିଁ ବୋଲି ପ୍ରକାଶ କରିଥିଲେ। ବ୍ଲକ ଶିକ୍ଷାଧିକାରୀ ସୁଜାତା ପ୍ରିୟଦର୍ଶିନୀ ଅନୁପସ୍ଥିତ ଥିବାରୁ ଫୋନ୍ ଯୋଗେ ଆନ୍ଦୋଳନକାରୀଙ୍କ ସହ କଥାହୋଇ ୧୫ ଦିନ ମଧ୍ୟରେ ଶିକ୍ଷକ ପଦବୀ ପୂରଣ କରାଯିବ ବୋଲି କହିଥିଲେ। ଏହାପରେ ଅଭିଭାବକ, ଛାତ୍ରୀଛାତ୍ର ଓ ଶିକ୍ଷା କମିଟି ସଦସ୍ୟ ଧାରଣାରୁ ଓହରି ଯାଇଥିଲେ।

## ରାଜ୍ୟସ୍ତରୀୟ କ୍ରିକେଟ୍: କଟକ ବିଜୟୀ

ବାଙ୍କୀ,୧୭।୧(ସ୍ୱ.ପ୍ର.)

ବାଙ୍କୀ କଚେରି ପଡ଼ିଆରେ ଚାଲିଥିବା ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟର ଷଷ୍ଠ ଦିବସ ଖେଳ ଶୁକ୍ରବାର କଟକ ଓ ଖୋର୍ଦ୍ଧା ଗୁରୁଜଙ୍ଗ ମଧ୍ୟରେ ଅନୁଷ୍ଠିତ ହୋଇଛି। କଟକ ଟସ୍ ଜିଣି ନିର୍ଦ୍ଧାରିତ ୨୨ ଓଭରରେ ସମସ୍ତ ଉଇକେଟ ହରାଇ ୨୧୧ ରନ୍ ସଂଗ୍ରହ କରିଥିଲା। ଦଳପକ୍ଷରୁ ରାଜକିଶୋର ୬୭ରନ୍ ଓ ତପନ ନାୟକ ୫୯ରନ୍ ସଂଗ୍ରହ କରିଥିଲେ। ବିପକ୍ଷ ଦଳର ଅସୀତ୍ ପରିଡା ୪ ଉଇକେଟ୍ ନେଇଥିଲେ। ୨୧୨ରନ୍ ବିଜୟ ଲକ୍ଷ୍ୟ ନେଇ ଗୁରୁଜଙ୍ଗ ଦଳ ଖେଳ ଆରମ୍ଭ କରି ସମସ୍ତ ଉଇକେଟ ହରାଇ ୧୬୬ରନ ସଂଗ୍ରହ କରିଥିଲା। ଦଳପକ୍ଷରୁ ସୌମ୍ୟରଞ୍ଜନ ୩୩ରନ ସଂଗ୍ରହ କରିଥିଲେ। ବିପକ୍ଷ ଦଳର ଅନୀଲ ପାଣି ୪ ଉଇକେଟ ନେଇଥିଲେ। ମ୍ୟାଚରେ ଅନୀଲ ପାଣି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଶୁଭେନ୍ଦୁ ମିଶ୍ର ଓ ଆଦର୍ଶ ମହାପାତ୍ର ଖେଳକୁ ପରିଚାଳନା କରିଥିଲେ। ପ୍ରଶାନ୍ତ ଦାସ, ଧନଞ୍ଜୟ ପରିଡା, ବସନ୍ତ ଦାଶ ଓ ଆଲୋକ ବେହେରା ପ୍ରମୁଖ ସହଯୋଗ କରିଥିଲେ। ଶନିବାର ଟିଏଫସି ଭୁବନେଶ୍ୱର ସହ ଅଟ୍ରି ଖୋର୍ଦ୍ଧା ମଧ୍ୟରେ ଖେଳ ହେବ ବୋଲି ସତ୍ୟ ରଞ୍ଜନ ସାହୁ ପ୍ରକାଶ କରିଛନ୍ତି।

## ସଡ଼କ ସୁରକ୍ଷା ସଚେତନତା

ଟିଗିରିଆ,୧୭।୧(ଡି.ଏନ.ଏ.)

ଟିଗିରିଆ ନିଜିଗଡ଼ସ୍ଥିତ ପ୍ରସନ୍ନ ପୁରୁଷୋତ୍ତମଦେବ ମହାବିଦ୍ୟାଳୟ ଜାତୀୟ ସେବା ସଂସ୍ଥା ମହିଳା ଓ ପୁରୁଷ ବିଭାଗ ଏବଂ ସମର ଶିକ୍ଷାର୍ଥୀ ବାହିନୀ ତରଫରୁ ଶୁକ୍ରବାର ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଛାତ୍ରୀଛାତ୍ର ନିକଟସ୍ଥ ଗୋହିରୀମୁଣ୍ଡ ଛକଠାରେ ବିଭିନ୍ନ ଯାନବାହନ ଚାଳକଙ୍କୁ ଅଟକାଇ ଟ୍ରାଫିକ ନିୟମ, ଗାଡିଚାଳନାର ନିୟମ ସମ୍ବନ୍ଧରେ ସଚେତନ କରିବା ସହିତ ଧୂମପାନ, ନିଶାସେବନ କରି ଯାନ ନ ଚଳାଇବାକୁ କହିଥିଲେ। ଅଧ୍ୟକ୍ଷ ରମେଶ ଚନ୍ଦ୍ର ଶତପଥୀ, ପ୍ରାଧ୍ୟାପକ ବିଜୟ କୁମାର ଦାଶ, ଅବସରପ୍ରାପ୍ତ ପ୍ରାଧ୍ୟାପକ ବିଭୂତି ଭୂଷଣ ପଟ୍ଟନାୟକ, ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକାଅଧ୍ୟାପକ ଓ କର୍ମଚାରୀ ସହଯୋଗ କରିଥିଲେ। ଜାତୀୟ ସେବାସଂସ୍ଥା ମହିଳା ବିଭାଗ ସଂଯୋଜିକା ଜୟନ୍ତୀପ୍ରଭା ଦେବୀ, ପୁରୁଷ ବିଭାଗ ସଂଯୋଜକ ଡ. ପତିତପାବନ ପଣ୍ଡା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସମରଶିକ୍ଷାର୍ଥୀ ବାହିନୀ ଲ୍ୟୁଟନାଣ୍ଟ ଲକ୍ଷ୍ମୀଧର ସାହୁ ରାଲିକୁ ଶୃଙ୍ଖଳିତ କରିଥିଲେ।



ସଡ଼କ ସୁରକ୍ଷା ସଚେତନତାରେ ସାମିଲ ହୋଇଥିବା ଛାତ୍ରୀଛାତ୍ର ଓ ଅନ୍ୟମାନେ।

# ଜବରଦଖଲ ଉଚ୍ଛେଦ ଦାବିରେ ରାସ୍ତାରୋକୋ



ଜବରଦଖଲ ଉଚ୍ଛେଦ ଦାବିରେ କଇଁଆଛକ ବଜାରଠାରେ ରାସ୍ତାରୋକୋ କରାଯାଇଛି।

ଆଠଗଡ଼,୧୭।୧(ସ୍ୱ.ପ୍ର.)

ଆଠଗଡ଼ ଏନଏସି ଅନ୍ତର୍ଗତ କନ୍ତୋଲ ସାପ୍ତାହିକ ହାଟ ଜମିକୁ କେତେଜଣ ବ୍ୟକ୍ତି ଦୀର୍ଘଦିନ ହେବ ଜବରଦଖଲ କରିଛନ୍ତି। ସେହିପରି ଗ୍ରାମର ଶ୍ରୀଶ୍ରୀ ଭୁବନେଶ୍ୱର ମହାଦେବଙ୍କ ଜମିକୁ ମଧ୍ୟ ଜବରଦଖଲ କରାଯାଇଛି। ତେଣୁ ଗତ ପ୍ରାୟ ୧ ମାସ ତଳେ ଦିବାକର ମହାନ୍ତିଙ୍କ ନେତୃତ୍ୱରେ ବହୁ ଗ୍ରାମବାସୀ ଆଠଗଡ଼ ଉପଜିଲାପାଳ ଓ କଟକ ଜିଲାପାଳଙ୍କୁ ଭେଟି ଏସବୁ ଜମିକୁ ଜବରଦଖଲ ମୁକ୍ତ କରିବାକୁ ଦାବି କରିଥିଲେ। ହେଲେ ଅଦ୍ୟାବଧି ଏସବୁ ଜମିକୁ ଜବରଦଖଲମୁକ୍ତ କରାଯାଇନି। ଫଳରେ ଏହାର ପ୍ରତିବାଦରେ ଶୁକ୍ରବାର ମହାନ୍ତିଙ୍କ ନେତୃତ୍ୱରେ ବହୁ ଅଧିବାସୀ ସ୍ଥାନୀୟ କଇଁଆଛକ ବଜାରଠାରେ ଦୀର୍ଘ ସମୟ ଧରି ରାସ୍ତା ଅବରୋଧ କରି ତୁରନ୍ତ ଜମିକୁ ଜବରଦଖଲ ମୁକ୍ତ କରିବାକୁ ଦାବି କରିଥିଲେ। ଖବରପାଇ ଆଠଗଡ଼ ଥାନା ଆଇଆଇସି ଜ୍ଞାନରଞ୍ଜନ ମିଶ୍ର ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ପ୍ରଶାସନ ପକ୍ଷରୁ ଅତିରିକ୍ତ ତହସିଲଦାର ସୁଧାଂଶୁ ଶେଖର ସାଓ ପହଞ୍ଚି ସୋମବାର ସୁଦ୍ଧା ଜବରଦଖଲ ହଟାଇବା ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

## ଦୁଇ ଦିନରେ ୨୭ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଆଦାୟ

ଆଠଗଡ଼,୧୭।୧(ସ୍ୱ.ପ୍ର.)

ବିଲ୍ ପୈଠ କରୁ ନ ଥିବା ଉପଭୋକ୍ତାଙ୍କ ବିଦ୍ୟୁତ୍ ସଂଯୋଗକୁ ସେସୁ ପକ୍ଷରୁ ବିଚ୍ଛିନ୍ନ କରାଯାଉଛି। ଏହିକ୍ରମରେ ଆଠଗଡ଼ ବିଦ୍ୟୁତ ସବ୍‌ଡିଭିଜନର ସହକାରୀ ଯନ୍ତ୍ରୀ ସନ୍ତୋଷ ସାମନ୍ତରାୟ, ମୁଖ୍ୟ ଆର୍ଥିକ ପରିଚାଳକ ସଞ୍ଜୟ ଜେନାଙ୍କ ନେତୃତ୍ୱରେ କର୍ମଚାରୀ ବିଭିନ୍ନ ଗ୍ରାମ ଓ ଆଠଗଡ଼ ଏନ୍ଏସି ଅଞ୍ଚଳ ବୁଲି ଗୁରୁବାର ଓ ଶୁକ୍ରବାର ସୁଦ୍ଧା ୫୦ରୁ ଊର୍ଦ୍ଧ୍ୱ ଉପଭୋକ୍ତାଙ୍କ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରିଥିବା ଜଣାପଡ଼ିଛି। ଏତଦ୍‌ବ୍ୟତୀତ ଗସ୍ତ ସମୟରେ ଉପଭୋକ୍ତା ସେମାନଙ୍କ ଦେୟ ମଧ୍ୟ ପୈଠ କରୁଛନ୍ତି। ୨ଦିନ ସୁଦ୍ଧା ୨୭ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଦେୟ ବାବଦକୁ ଆଦାୟ କରାଯାଇଥିବା ସେସୁ ପକ୍ଷରୁ କୁହାଯାଇଛି।

## ଝୋଟି, ସଙ୍ଗୀତ ପ୍ରତିଯୋଗିତା

ବଡ଼ମ୍ବା,୧୭।୧(ଡି.ଏନ.ଏ.)

ବଡ଼ମ୍ବାରେ ଶୁକ୍ରବାର ଝୋଟି ଓ ସଙ୍ଗୀତ ପ୍ରତିଯୋଗିତା ହୋଇଛି। ବଡ଼ମ୍ବା ବିକାଶ ପରିଷଦ ଝୋଟି ପ୍ରତିଯୋଗିତାକୁ ପରିଚାଳନା କରିଥିବାବେଳେ ସଙ୍ଗୀତ ପ୍ରତିଯୋଗିତାକୁ ସାଧାରଣତନ୍ତ୍ର ପରିଚାଳନା କମିଟି ପକ୍ଷରୁ ପରିଚାଳାନା କରାଯାଇଥିଲା। ଉଭୟ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ସାଧାରଣତନ୍ତ୍ର ଦିବସରେ ପୁରସ୍କୃତ କରାଯିବ ବୋଲି ପରିଚାଳନା କମିଟି ସଂଯୋଜକ ରମେଶଚନ୍ଦ୍ର ବେହେରା ସୂଚନା ଦେଇଛନ୍ତି।

## ଆଦର୍ଶ ବିଦ୍ୟାଳୟ ପାଇଁ ଭିତ୍ତିପ୍ରସ୍ତର



ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

ଟିଗିରିଆ,୧୭।୧(ଡି.ଏନ.ଏ.)

ଟିଗିରିଆ ବ୍ଲକ ଅଧୀନ ଅଚଳକୋଟ ଓ ହରିଡ଼ାପଶି ମଧ୍ୟସ୍ଥଳରେ ଶୁକ୍ରବାର ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଆୟୋଜିତ ଉତ୍ସବରେ ବ୍ଲକ ଶିକ୍ଷାଧିକାରୀ ଡ. ଦୁର୍ଗାଚରଣ ନାୟକ ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ବ୍ଲକ ଅଧ୍ୟକ୍ଷା ରୂପା ଦଳେଇ, ଜିଲାପରିଷଦ ସଭ୍ୟା ରଶ୍ମିତା ମହାଳିକ, ବ୍ଲକ ଉପାଧ୍ୟକ୍ଷ ଗୌରହରି ପରିଡ଼ା ଏବଂ ଅଚଳକୋଟ ସରପଞ୍ଚ ଗୌରହରି ପ୍ରଧାନ, ଶିକ୍ଷାବିତ୍ ଧ୍ରୁବଚରଣ ସ୍ୱାଇଁ ଓ ବ୍ଲକ ବିଜେଡି ସଭାପତି ଅଜିତ କୁମାର ଧୀର, ଗ୍ରାମ୍ୟ ଉନ୍ନୟନ ବିଭାଗ ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ମୁକ୍ତିକାନ୍ତ ପଣ୍ଡା ଏବଂ ସହକାରୀ ଯନ୍ତ୍ରୀ ସୁରେଶ ମହାନ୍ତି ଉପସ୍ଥିତ ଥିଲେ। ୧୧ ଏକର ୩୫ ଡେସିମିଲ ଜମିରେ ହେବାକୁ ଥିବା ଏହି ବିଦ୍ୟାଳୟ ପାଇଁ ୪୩ଲକ୍ଷ ୬୩ହଜାର ଟଙ୍କା ବ୍ୟୟ କରାଯିବ।

## ଅବକାରୀ ଚଢ଼ାଉ, ୨ ଗିରଫ

ଆଠଗଡ଼,୧୭।୧(ସ୍ୱ.ପ୍ର.)

ଆଠଗଡ଼ ଅବକାରୀ ବିଭାଗ ଓ କଟକ ଜିଲା ୨ନଂ ଅବକାରୀ ଭ୍ରାମ୍ୟମାଣ ସ୍କ୍ୱାଡ୍ ପକ୍ଷରୁ ଶୁକ୍ରବାର କୋରଙ୍ଗା ଗ୍ରାମର ଏକାଧିକ ମଦ ପ୍ରସ୍ତୁତି ଆଡ୍ଡାରେ ଚଢ଼ାଉ କରାଯାଇଛି। ଏହି ସମୟରେ କୋରଙ୍ଗା ଗ୍ରାମ ନିକଟସ୍ଥ ବୁଦୁବୁଦିଆ ଜଙ୍ଗଲରେ ମଦ ପ୍ରସ୍ତୁତି ପାଇଁ ଗଚ୍ଛିତ ଥିବା ୪୬୬୦ ଲିଟର ଗୁଡ଼ ପୋଚ ଓ ୨୨୫ ଲିଟର ଦେଶୀମଦ ଜବତ କରାଯାଇଥିଲା। ସେହିପରି ମଦ ଚୋରା ଚାଲାଣ କରୁଥିବା ଗ୍ରାମର ଚକରା ନାଏକ ଓ ମକରଧ୍ୱଜ ନାଏକଙ୍କୁ ଗିରଫ କରାଯାଇଥିଲା। ଆଠଗଡ଼ ଅବକାରୀ ନିରୀକ୍ଷକ ସଞ୍ଜିତ ବାର୍ଲା, ସହକାରୀ ନିରୀକ୍ଷକ ବିଜୟ ଭଞ୍ଜ, ଭ୍ରାମ୍ୟମାଣ ସ୍କ୍ୱାଡ୍ ସହକାରୀ ନିରୀକ୍ଷକ ରମେଶ ଶତପଥୀଙ୍କ ସମେତ ବହୁ ଅବକାରୀ ଅଧିକାରୀ, ପୋଲିସ ଓ ବନବିଭାଗ କର୍ମଚାରୀ ଚଢ଼ାଉରେ ସାମିଲ ହୋଇଥିଲେ।

## ଛାତ୍ରୀଛାତ୍ର ଶୃଙ୍ଖଳାକୁ ମୂଳମନ୍ତ୍ର କରନ୍ତୁ



ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦିବସରେ ମଞ୍ଚାସୀନ ଅତିଥି।

ନରାଜ,୧୭।୧(ଡି.ଏନ.ଏ.)

**ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର ବାର୍ଷିକ ଉତ୍ସବ 'ଓରାୟନ' ଉଦ୍‌ଘାଟିତ**

କଟକସ୍ଥିତ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର ବାର୍ଷିକ ଉତ୍ସବ 'ଓରାୟନ' ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥିଭାବେ ଅଭିନେତା ତଥା ମୋ କଲେଜ ଅଧ୍ୟକ୍ଷ ଆକାଶ ଦାସ ନାୟକ ଯୋଗଦେଇ ଛାତ୍ରୀଛାତ୍ର ଉତ୍ସାହ ଓ ଶୃଙ୍ଖଳିତ ଶୈଳୀକୁ ମୂଳମନ୍ତ୍ର ଭାବେ ଗ୍ରହଣ କରନ୍ତୁ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାରତୀୟ ଜିମ୍ନାଷ୍ଟିକ ଫେଡେରେଶନ ଉପାଧ୍ୟକ୍ଷ ଅଶୋକ କୁମାର ସାହୁ ଯୋଗଦେଇ କ୍ରୀଡ଼ାପ୍ରେମୀ କ୍ରୀଡ଼ାମନୋଭାବ ନେଇ ଉତ୍ସବକୁ ଉପଭୋଗ କରିବାକୁ ଉପଦେଶ ଦେଇଥିଲେ। ବିଶ୍ୱବିଦ୍ୟାଳୟ ସଭାପତି ରଞ୍ଜିତା କୁଲକର୍ଣ୍ଣୀ, କୁଳପତି ପ୍ରଫେସର ଅଜୟ କୁମାର ସିଂହ, କାର୍ମିକ ନିର୍ଦ୍ଦେଶକ ନରେନ୍ଦ୍ର ଲାମ୍ବା ଓ କୁଳସଚିବ ପ୍ରଫେସର ବି ଆର ଶର୍ମା ପ୍ରମୁଖ ମଞ୍ଚାସୀନ ଅତିଥିଭାବେ ଉପସ୍ଥିତ ଥିଲେ। ଏହିଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଗଣେଶ ବନ୍ଦନା, ପାରମ୍ପରିକ ଓଡ଼ିଶୀ ଓ ସୁଫି ନୃତ୍ୟ ପରିବେଷଣ ହୋଇଥିଲା। କୁଳପତି ସିଂହ ବାର୍ଷିକ ଉତ୍ସବ ସମ୍ପର୍କରେ ସୂଚନା ପ୍ରଦାନ କରିବା ସହ ଅତିଥିଙ୍କୁ ସ୍ୱାଗତ କରିଥିଲେ। ଶେଷରେ କୁଳସଚିବ 'ଓରାୟନ'ର ସଞ୍ଚାଳନ ସମିତିକୁ ଶୁଭକାମନା ଦେବାସହିତ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଓଡ଼ିଶାର ସର୍ବୋତ୍କୃଷ୍ଟ କଲେଜ ଉତ୍ସବଭାବେ ନାମିତ ହୋଇଥିବା ମହୋତ୍ସବରେ ଚଳିତ ବର୍ଷ ୩୪ ପ୍ରତିଯୋଗିତା ହୋଇଥିଲା। ୩ଟି ବିଭାଗ ଯଥା: ସାଂସ୍କୃତିକ, କ୍ରୀଡ଼ା ଏବଂ ପାଠ୍ୟକ୍ରମ ଆଦି ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଭାରତର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୪୦ ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ର ଏଥିରେ ଯୋଗ ଦେଇଥିଲେ।

# କର୍କଟ ରୋଗ ଚିହ୍ନଟ, ପରାମର୍ଶ ଶିବିର

ମାହାଙ୍ଗା,୧୭।୧(ସ୍ୱ.ପ୍ର.)

ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଶୁକ୍ରବାର କର୍କଟ ରୋଗ ଚିହ୍ନଟ ଓ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ଆଚାର୍ଯ୍ୟ ହରିହର ଆଞ୍ଚଳିକ କର୍କଟ ରୋଗ ପ୍ରତିଷ୍ଠାନର ବିଶେଷଜ୍ଞ ଡା. ସୂର୍ଯ୍ୟନାରାୟଣ ମିଶ୍ର, ଡା. ଲାଲମୋହନ ସୟ, ଡା. କୁନାଲ ଗୌତମ ଯୋଗଦେଇ ଅଞ୍ଚଳର ବିଭିନ୍ନ ସ୍ଥାନରୁ ଆସିଥିବା ୮୨ଜଣ ରୋଗୀଙ୍କ ବିଭିନ୍ନ ପରୀକ୍ଷା କରି ଚିକିତ୍ସା ନିମନ୍ତେ ପରାମର୍ଶ ଦେଇଥିଲେ। ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଡା. ନୃସିଂହ ଚନ୍ଦ୍ର ବେହେରା, ସୁଧାଂଶୁ ରଞ୍ଜନ ରଥ ଯୋଗଦେଇଥିବାବେଳେ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସାଧିକାରୀ ହେମନ୍ତ କୁମାର ସିଂହ, ଡା. ପ୍ରବୀଣ ଜେନା, ଡା. ମାନସ ରଞ୍ଜନ ମହାନ୍ତି, ସୁଧାଂଶୁ କୁମାର ଦାସ, ଗୀତାଞ୍ଜଳି ଲେଙ୍କା, ଗୋବିନ୍ଦ ଚନ୍ଦ୍ର ବଡ଼ୁଆ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ବିତ୍ତ ପରିଚାଳକ ସନ୍ତୋଷ କୁମାର ଶତପଥୀ ସଂଯୋଜନା କରିଥିଲେ।

# ମାଛଚାଷ ନିମନ୍ତେ ମହିଳା ଗୋଷ୍ଠୀଙ୍କୁ ପ୍ରଶିକ୍ଷଣ

ବଡ଼ମ୍ବା,୧୭।୧(ଡି.ଏନ.ଏ.)


ଅତିଥି ମହିଳା ଗୋଷ୍ଠୀ ସଦସ୍ୟାଙ୍କୁ ଉପକରଣ ପ୍ରଦାନ କରୁଛନ୍ତି।

ପଞ୍ଚାୟତ ପୋଖରୀରେ ମାଛ ଚାଷ କରିବା ନିମନ୍ତେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ବଡ଼ମ୍ବା ବ୍ଲକ ଆତ୍ମା ସଭାଗୃହରେ ଏହି ୨ ଦିନିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। କଟକ ଜିଲା ଉପମତ୍ସ୍ୟ ନିର୍ଦ୍ଦେଶକ ସୀମାଞ୍ଚଳ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ମତ୍ସ୍ୟ ଅଧିକାରୀ ବବିତା ମହନ୍ତ, ବ୍ଲକ ଆତ୍ମା ଅଧ୍ୟକ୍ଷ ସର୍ବେଶ୍ୱର ସ୍ୱାଇଁ, ବଡ଼ମ୍ବା ମିଶନ ଶକ୍ତି ବି.ପି.ସି. ରାକେଶ କୁମାର ରାଉତରାୟ, ନରସିଂହପୁର ବିପିସି ବିବେକାନନ୍ଦ ଜେନା, ବଡ଼ମ୍ବା ଭାରପ୍ରାପ୍ତ ସହକାରୀ ମତ୍ସ୍ୟ ଅଧିକାରୀ ଦିନେଶ କୁମାର ପ୍ରଧାନ, ନରସିଂହପୁର ଭାରପ୍ରାପ୍ତ ମତ୍ସ୍ୟ ଅଧିକାରୀ ଦେବୀଦତ୍ତ ମହାନ୍ତି ପ୍ରମୁଖ ଯୋଗଦେଇ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

ବିଶେଷକରି ମତ୍ସ୍ୟଚାଷ ନିମନ୍ତେ ପୋଖରୀର ଉପଯୋଗିତା ସହିତ ଆବଶ୍ୟକ ସଂଖ୍ୟକ ମାଛ ଛାଡ଼ିବା, ଠିକ୍ ଖାଦ୍ୟପ୍ରଦାନ କରିବା, ପୋଖରୀ ଓ ତା'ର ଚତୁଃପାର୍ଶ୍ୱ ସଫା କରିବା ଉପରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ବଡ଼ମ୍ବା ସହକାରୀ ମତ୍ସ୍ୟ ସହାୟକ ନୃସିଂହ ଚରଣ ମହାନ୍ତି ଓ ସାମାଜିକ କର୍ମୀ ମାନସ ବରାଳ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏଥିରେ ବଡ଼ମ୍ବା ଓ ନରସିଂହପୁର ବ୍ଲକ୍ ଅନ୍ତର୍ଗତ ବିଭିନ୍ନ ମହିଳା ଗୋଷ୍ଠୀର ୩୦ଜଣ ସଭ୍ୟ ଯୋଗଦେଇଥିଲେ। ସମସ୍ତ ଗୋଷ୍ଠୀର କର୍ମକର୍ତ୍ତାଙ୍କୁ ମତ୍ସ୍ୟଚାଷ ସମ୍ପର୍କିତ ଉପକରଣ ପ୍ରଦାନ କରାଯାଇଥିଲା। ଶନିବାର ପ୍ରଶିକ୍ଷଣ ନେଇଥିବା ସମସ୍ତ ସଦସ୍ୟାଙ୍କୁ କୌଶଲ୍ୟାଗଙ୍ଗସ୍ଥିତ ମଧୁରଜଳ ମତ୍ସ୍ୟଚାଷ(ସିଫା)କୁ କ୍ଷେତ୍ର ପରିଦର୍ଶନରେ ନିଆଯିବ।



ଧନ ଜୀବନ ଏ ଜଗତେ, ଯେ ପ୍ରାଣ ଧରେ
ପ୍ରାଣୀ ହିତେ।
-ଜଗନ୍ନାଥ ଦାସ



## ସଂକ୍ଷେପରେ

### ଏତଲା ପ୍ରତ୍ୟାହାର ପାଇଁ ମିଳୁଛି ଧମକ

**ଖୋର୍ଦ୍ଧା ଅଫିସ, ୧୭।୧:** ଖୋର୍ଦ୍ଧା ପୋଲିସ ଜିଲା କୃଷ୍ଣପୁର ଗ୍ରାମରେ ପିଲାଖେଳରୁ ସୃଷ୍ଟି ମାରପିଟ୍ ଘଟଣା ଜାତିଆଣ ବିବାଦର ରୂପ ନେଇଥିବା ବେଳେ ପୋଲିସ ମକଦ୍ଦମା ରୁଜୁ କରି ଚୁପ ବସିଥିବା ଅଭିଯୋଗ ହୋଇଛି। ଅଭିଯୁକ୍ତମାନେ ଏତଲା ପ୍ରତ୍ୟାହାର କରିବାକୁ ଧମକ ଦେଉଛନ୍ତି । ପୋଲିସଠାରୁ ନ୍ୟାୟ ନ ପାଇବା ପରେ ଅଭିଯୋଗକାରୀ ମୁଖ୍ୟମନ୍ତ୍ରୀଙ୍କୁ ଏ ନେଇ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ ଗତ ଡିସେମ୍ବର ୨୬ରେ ପିଲାଖେଳରୁ କୃଷ୍ଣପୁରରେ ଉତ୍ତେଜନା ଦେଖାଦେଇଥିଲା । ଧନେଶ୍ୱର ସାହୁ, ମହେଶ୍ୱର ସାହୁ ଓ ଝୁମୁରି ସାହୁ ପ୍ରମୁଖ ୩ଜଣ ମିଳିତ ହୋଇ ମିନତୀ ସେଠୀଙ୍କୁ ମାରପିଟ୍ କରିଥିଲେ । ଜାତିଆଣ ଆକ୍ଷେପ କରିଥିଲେ । ଏନେଇ ଥାନାରେ ଅଭିଯୋଗ ପରେ ପୋଲିସ ୨୦୭/୧୯ରେ ମୋକଦ୍ଦମା ରୁଜୁ କରି ତଦନ୍ତ ଚଳାଇଛି ।

### ଦାତବ୍ୟ ଜଳଦାନ କେନ୍ଦ୍ର ବନ୍ଦ

ଖୋର୍ଦ୍ଧା ଅଫିସ,୧୭।୧:ଖୋର୍ଦ୍ଧା ସହରର ଟାଉନ ହଲ ନିକଟସ୍ଥ ଶହୀଦ୍ ପାର୍କ ପାର୍ଶ୍ୱରେ ଥିବା ଦାତବ୍ୟ ଜଳଦାନ କେନ୍ଦ୍ରକୁ ପ୍ରାୟ ୨୫ ଦିନ ହେଲା ଜଳଯୋଗାଣ ବନ୍ଦ କରାଯାଇଛି। ଫଳରେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ତୁରନ୍ତ ଏହାକୁ କାର୍ଯ୍ୟକ୍ଷମ କରିବାକୁ ଦାବି ହେଉଥିଲେ ମଧ ସୁଫଳ ମିଳୁନାହିଁ। ଏ ନେଇ କେତେଜଣ ଲୋକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି କହିଛନ୍ତି।

### କ୍ରିକେଟ: ନଁପୁଟ କ୍ଲବ ବିଜୟୀ

**ଖୋର୍ଦ୍ଧା ଅଫିସ,୧୭।୧:** ସାରୁଅ ପଞ୍ଚାୟତର ପତନୀବର ଖେଳପଡିଆରେ ଶୁକ୍ରବାର ନଁପୁଟ କ୍ରିକେଟ କପ୍ ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ମ୍ୟାଚରେ ନଁପୁଟ କ୍ରିକେଟ କ୍ଲବ ୯୮ରନରେ ତମାଣ୍ଡୋ କ୍ରିକେଟ କ୍ଲବକୁ ପରାସ୍ତ କରି ବିଜୟୀ ହୋଇଛି। ନଁପୁଟ କ୍ରିକେଟ କ୍ଲବ ନିର୍ଦ୍ଧାରିତ ୨୦ଓଭରରେ ୭ ଉଇକେଟ ହରାଇ ୨୨୫ ରନ ସଂଗ୍ରହ କରିଥିଲା। ଜବାବରେ ତମାଣ୍ଡୋ କ୍ଲବ ୧୬ଓଭରରେ ସମସ୍ତ ଉଇକେଟ୍ ହରାଇ ୧୨୭ ରନ ସଂଗ୍ରହ କରି ପରାସ୍ତ ହୋଇଥିଲା। ନଁପୁଟ ଟିମର ଆଇ.ଏସ୍. ଗିରି ୪୫ ବଲରେ ୧୦୦ ରନ ସଂଗ୍ରହ କରି ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ଗ୍ରହଣ କରିଥିଲେ। ରେନ୍‌ବୋ କ୍ରିକେଟ କ୍ଲବ ସଭାପତି ସଂଗ୍ରାମୀ କିଶୋର ବିଶ୍ୱାଳ ମ୍ୟାଚକୁ ଉଦ୍‌ଘାଟନ କରିଥିଲେ। ପ୍ରଣବ ପାଇକରାୟ ଓ ଭାଗୀରଥି ବେହେରା ମ୍ୟାଚକୁ ପରିଚାଳନା କରିଥିଲେ।

### ସଡ଼କ ସୁରକ୍ଷା ସଚେତନତା

**ଖୋର୍ଦ୍ଧା ଅଫିସ,୧୭।୧:** ଖୋର୍ଦ୍ଧା ପୋଲିସ ଜିଲାର ଜଙ୍କିଆ ଥାନା ପୋଲିସ ସଡକ ସୁରକ୍ଷାର ସଚେତନତାର ବାର୍ତ୍ତା ବାଣ୍ଟିଛି। ଏ ଅବସରରେ ଜଙ୍କିଆ ସ୍କୁଲର ଛାତ୍ରୀଛାତ୍ରମାନେ ସ୍କୁଲଠାରୁ ଏକ ଶୋଭାଯାତ୍ରାରେ ବାହାରି ବଜାର ପରିକ୍ରମା କରି ସଚେତନତା ସୃଷ୍ଟି କରିଥିଲେ। ପରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଏସପି ଅଜେୟ ପ୍ରତାପ ସ୍ୱାଇଁ, ଖୋର୍ଦ୍ଧା ଏସ୍‌ଡିପିଓ ସୁଶିଲ ମିଶ୍ର ଯୋଗ ଦେଇଥିଲେ। ଜଙ୍କିଆ ଥାନା ଆଇଆଇସି ସତ୍ୟବ୍ରତ ଲେଙ୍କା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ନିୟମ ମାନୁନାହାନ୍ତି ଘରୋଇ ଆମ୍ବୁଲାନ୍ସ ଚାଳକ

## ପୁଣି ଜିଲା ମୁଖ୍ୟ ଚିକିତ୍ସାଳୟ ପ୍ରବେଶ ପଥ ଅବରୋଧ

**ଖୋର୍ଦ୍ଧା ଅଫିସ, ୧୭।୧**

ଜିଲା ମୁଖ୍ୟ ଚିକିତ୍ସାଳୟ (ଡିଏଚ୍‌ଏଚ୍)ର ପ୍ରବେଶପଥରେ ବାଇକ୍, ଘରୋଇ ଆମ୍ବୁଲାନ୍ସ ସମେତ ଯାନବାହନ ରଖିଲେ ଆକଟ କରୁନାହାନ୍ତି ସୁରକ୍ଷାକର୍ମୀ। ଘରୋଇ ଆମ୍ବୁଲାନ୍ସ ଯୋଗୁ ବଦଳିଗଲା ନିୟମ ବୋଲି ସାଧାରଣରେ ଅଭିଯୋଗ ହେଉଛି। ଫଳରେ ୧୦୮ ଓ ୧୦୨ ଆମ୍ବୁଲାନ୍ସରେ ଆସୁଥିବା ରୋଗୀମାନେ ବହୁ ସମୟ ଧରି ପ୍ରବେଶ ପଥରେ ଅଟକି ରହୁଛନ୍ତି।

ସୂଚନା ଅନୁଯାୟୀ, ଜିଲା ମୁଖ୍ୟ ଚିକିତ୍ସାଳୟର ମୁଖ୍ୟଦ୍ୱାର ପ୍ରବେଶ ପଥରେ ବାଇକ୍, ଘରୋଇ ଆମ୍ବୁଲାନ୍ସ ଆଦି ଯାନବାହନ ରଖିବା ଦ୍ୱାରା ରୋଗୀ ଆଣୁଥିବା ଆମ୍ବୁଲାନ୍ସ ଆସିବାକୁ ଅସୁବିଧା ହେଉଥିଲା। ସ୍ୱାସ୍ଥ୍ୟବିଭାଗର ପଦକ୍ଷେପ ପରେ



ହସ୍ପିଟାଲ ସମ୍ମୁଖରେ ରଖାଯାଇଥିବା ଯାନବାହନ ।

ଜଣେ ସୁରକ୍ଷା କର୍ମୀଙ୍କୁ ନିୟୋଜିତ କରାଯାଇଥିଲା। ଗତ ଡିସେମ୍ବର ମାସରେ ସୁରକ୍ଷା କର୍ମୀ ପ୍ରବେଶ ପଥରେ ଯାନବାହନ ରଖିବାକୁ ବାରଣ କରିଥିଲେ। ଫଳରେ ବାଇକ୍ ଆଉ ପ୍ରବେଶ ପଥରେ ରହୁ ନ ଥିଲା। ସୁରକ୍ଷାକର୍ମୀଙ୍କ ଆକଟକୁ ଘରୋଇ ଆମ୍ବୁଲାନ୍ସ ମାନି ନ ଥିଲେ। ପ୍ରବେଶ ପଥରେ ଘରୋଇ ଆମ୍ବୁଲାନ୍ସ ରଖି ରାସ୍ତା ଅବରୋଧ କରୁଥିଲେ। ଏ ନେଇ ସୁରକ୍ଷାକର୍ମୀଙ୍କୁ ପଚାରିବାରୁ କୁହନ୍ତି, ଆମେ ଆମ କର୍ତ୍ତବ୍ୟରେ ଅବହେଳା କରୁ ନାହିଁ। ଆମ କଥା ଆମ୍ବୁଲାନ୍ସ ଡ୍ରାଇଭର ଶୁଣୁ ନାହାନ୍ତି। ଏଣୁ ଆମେ ଚୁପ୍ ରହୁଛୁ। କିଛିଦିନ ପରେ ବାଇକ୍ ଚାଳକମାନେ ମଧ ଆଉ ସୁରକ୍ଷାକର୍ମୀଙ୍କ ଆକଟ ନ ମାନି ବାଇକ୍ ରଖିଥିଲେ। ଏ ନେଇ ଜଣେ ବାଇକ୍ ଚାଳକ କୁହନ୍ତି, ଡିସେମ୍ବର ମାସ ପରେ ମଧ ଘରୋଇ ଆମ୍ବୁଲାନ୍ସ ଉପରେ ଲଗାମ ଲଗାଇ ପାରିଲାନି ପ୍ରଶାସନ। ଏଣୁ ବାଇକ୍ ଚାଳକ ନିୟମକୁ ମାନିଲେ ନାହିଁ।

### ରେଫର ହେଉଥିବା ରୋଗୀଙ୍କୁ ହଇରାଣ କରୁଛନ୍ତି

ସରକାରୀ ଆମ୍ବୁଲାନ୍ସ ଥିଲେ ମଧ ଘରୋଇ ଆମ୍ବୁଲାନ୍ସ ଚାଳକମାନେ ଗୁରୁତର ରେଫର ରୋଗୀଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରୁ ନେଉଛନ୍ତି। ଘରୋଇ ଆମ୍ବୁଲାନ୍ସରେ ଶୀଘ୍ର ପହଞ୍ଚିବେ ବୋଲି ନେଉଛନ୍ତି। ତେବେ ଅଧିକାଂଶ ରୋଗୀ ହଟହଟା ହେଉଥିବା ନଜିର ରହିଛି। ପୁଣି ଅଧିକ ଅର୍ଥ ଦେବାକୁ ପଡୁଛି । ଏ ନେଇ ଜଣେ ରୋଗୀଙ୍କ ସମ୍ପର୍କୀୟ କୁହନ୍ତି, ରୋଗୀଙ୍କୁ ଭୁବନେଶ୍ୱର, କଟକ କିମ୍ବା ଅନ୍ୟ କୌଣସି ରେଫର ସ୍ଥାନକୁ ନେବାକୁ ସମ୍ପର୍କୀୟମାନେ ଆସୁଥିବାବେଳେ ଘରୋଇ ଆମ୍ବୁଲାନ୍ସ ଚାଳକ ସେମାନଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ତାଙ୍କ ସହିତ ଯିବା ପାଇଁ ରାଜି କରାଇଥାନ୍ତି। ଫଳରେ ଘରୋଇ ଆମ୍ବୁଲାନ୍ସ ଚାଳକଙ୍କ ଦୌରାତ୍ମ୍ୟ ବଢ଼ିଚାଲିଛି। ଅନ୍ୟପକ୍ଷରେ ଠିକ୍‌ରେ ସେବା ନ ପାଇ ଜିଲା ମୁଖ୍ୟ ଚିକିତ୍ସାଳୟରୁ ମୁହଁ ଫେରାଉଥିବା ରୋଗୀଙ୍କୁ କେତେକ ଘରୋଇ ଆମ୍ବୁଲାନ୍ସ ଚାଳକ ସ୍ଥାନୀୟ ଘରୋଇ ନର୍ସିଂହୋମକୁ ନେଉଥିବା ଜଣାପଡିଛି।



ଗିରଫ ୪ ଅଭିଯୁକ୍ତ ଓ ଜବତ ହୋଇଥିବା ମାରଣାସ୍ତ୍ର ।

# ଡକାୟତି ଯୋଜନା, ୪ ଗିରଫ

**ଜଟଣୀ,୧୭।୧(ଡି.ଏନ୍.ଏ.)**

ଡକାୟତି ଯୋଜନା କରୁଥିବା ବେଳେ ଜଟଣୀ ପୋଲିସ ଚଢ଼ାଉ କରି ୪ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଜଟଣୀ ଥାନା ରଘୁନାଥନଗର ଅଞ୍ଚଳର ସତୀଶ କୁମାର ସୁବୁଦ୍ଧି, ବଡ଼ନୂଆଗାଁର ଆଦିତ୍ୟ ବାରିକ, କିଶୋର ମହାପାତ୍ର, ବିକାଶନଗର ଅଞ୍ଚଳର ହିରଣ୍ୟ କୁମାର ବେହେରା। ଏମାନଙ୍କ ନିକଟରୁ ମାରଣାସ୍ତ୍ର ଜବତ ହୋଇଛି। ସୂଚନା ଅନୁଯାୟୀ, ସ୍ଥାନୀୟ ଗ୍ୟାସ୍ ଫ୍ୟାକ୍ଟ୍ରି ରାସ୍ତାରେ ଗୁରୁବାର ରାତିରେ ୪ଜଣ ଡକାୟତି ପାଇଁ ଯୋଜନା କରୁଥିଲେ। ଖବରପାଇ ଆଇଆଇସି ବିଶ୍ୱରଞ୍ଜନ ସାହୁ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଧରିଥିଲେ। ଏ ନେଇ ଥାନାରେ ଏକ ମାମଲା (ନଂ.୨୭/୨୦)ରୁଜୁ ହୋଇଛି। ଏମାନଙ୍କ ନାମରେ ଜଟଣୀ ଥାନାରେ ବ୍ୟବସାୟୀଙ୍କଠାରୁ ଦାଦାବଟି ଆଦାୟ, ଅନ୍ୟାନ୍ୟ ଆପରାଧିକ ମାମଲା ରହିଥିବା ପୋଲିସ ସୂତ୍ରରୁ ଜଣାପଡିଛି।



ବେଗୁନିଆସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟର ସାମ୍ବତ୍ସରିକ ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ ।

# ‘ପ୍ରାଥମିକ ଶିକ୍ଷା ହିଁ ବିକାଶର ମୂଳଦୁଆ’

**ବେଗୁନିଆ,୧୭।୧(ଡି.ଏନ୍.ଏ.)**

ମନୁଷ୍ୟ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ପାଇଁ ସର୍ବଦା ସ୍ୱପ୍ନ ଦେଖିଥାଏ। ଶୈଶବ ଅବସ୍ଥାରୁ ଯଦି ପ୍ରାଥମିକ ଶିକ୍ଷାର ମୂଳଦୁଆ ସୁଦୃଢ଼ ହୋଇନାହିଁ, ତେବେ ଭଲ ପିଲାର ପରିଚୟ ଅସମ୍ଭବ। ତେଣୁ ପ୍ରାଥମିକ ଶିକ୍ଷା ହିଁ ବିକାଶର ମୂଳଦୁଆ। ଏଥିସହ ଦେଶ ଓ ଜାତିର ଟେକ ରଖିଥାଏ ବୋଲି ବେଗୁନିଆ ସଦର ମହକୁମାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ସାମ୍ବତ୍ସରିକ ଉତ୍ସବରେ ଅତିଥିମାନେ କହିଛନ୍ତି। ଶୁକ୍ରବାର ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଧକ୍ଷ ରମେଶ କୁମାର ଦଳବେହେରା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ବେଗୁନିଆ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ମୁଖ୍ୟବକ୍ତା ବ୍ଲକ ଅଧକ୍ଷା ଜାନକୀ ସ୍ୱାଇଁ ଓ ସମ୍ମାନିତ ଅତିଥିଭାବେ ତହସିଲଦାର ବିବେକାନନ୍ଦ ପରିଡ଼ା, ପୂର୍ବତନ ଅଧକ୍ଷା ରଶ୍ମିବାଳା ପରିଡ଼ା, ବ୍ଲକ ଶିକ୍ଷାଧିକାରୀ ସୁରେନ୍ଦ୍ର ମଙ୍ଗରାଜ, ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଲଛମନ ପରିଡ଼ା, ପୂର୍ବତନ ବ୍ଲକ ଉପାଧକ୍ଷ ସତ୍ୟନାରାୟଣ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ଶଙ୍ଖମୁଦ୍ରା ଥାଟୋଇ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶିକ୍ଷକ ଅକ୍ଷୟ ମଲ୍ଲିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ଦିବ୍ୟଦର୍ଶନୀ ସାହୁ ଧନ୍ୟବାଦ ଦେଇଥିଲେ।

### ଡାକ୍ତର, ଔଷଧ ଦୋକାନୀଙ୍କୁ ଗୁଳିମାଡ଼ ଘଟଣା
## ୩୩ଦିନ ପରେ ବି ପୋଲିସ ହାତ ଖାଲି

**ଖୋର୍ଦ୍ଧା ଅଫିସ,୧୭।୧**

ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟ ନିକଟ ବଡଶଙ୍ଖସ୍ଥିତ ଏକ ଘରୋଇ କ୍ଲିନିକ୍‌ରେ ଡାକ୍ତର ଓ ଔଷଧ ଦୋକାନୀଙ୍କୁ ଗୁଳିମାଡ ଘଟଣାର ୩୩ ଦିନ ପରେ ବି ପୋଲିସ ହାତ ଖାଲି ଥିବା ଜଣାପଡିଛି। କେବଳ ସୁପାରିକିଲର ନିୟୋଜିତ କରାଯାଇ ଗୁଳି କରାଯାଇଥିବା ସଫେଇ ଦେଇଛି ପୋଲିସ। ସେହିଭଳି ଅଭିଯୁକ୍ତର ସିସିଟିଭି ଫୁଟେଜରୁ ଫଟୋ ଜାରି କରି ପୋଲିସ ଅନୁରୂପ ଭାବେ ଚୁପ ହୋଇ ବସି ରହିଛି। ସୂଚନାଥାଉ କି, ଗତ ଡିସେମ୍ବର ୧୫ ତାରିଖ ସନ୍ଧ୍ୟାରେ ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ମାନସ ରଞ୍ଜନ ଦାସ ଓ ମେଡିସିନ ଦୋକାନୀ କୃଷ୍ଣଚନ୍ଦ୍ର ସାହୁ ଓରଫ ସନ୍ତୋଷଙ୍କୁ କେହି ଦୁର୍ବୃତ୍ତ ଗୁଳିମାଡ କରି ଫେରାର ହୋଇଯାଇଥିଲେ। ମେଡିସିନ୍ ଦୋକାନୀଙ୍କ ମୃତ୍ୟୁ ଘଟିଥିଲା।

## ପୋଲିସ ଷ୍ଟପ ପୋଷ୍ଟ ଚୋରି: ୩ ଗିରଫ

**ଖୋର୍ଦ୍ଧା ଅଫିସ, ୧୭।୧**

ପୋଲିସ ଷ୍ଟପ ପୋଷ୍ଟ ଚୋରି କରିବା ଅଭିଯୋଗରେ ଖୋର୍ଦ୍ଧା ଆଦର୍ଶ ଥାନା ଶିଳ୍ପାଞ୍ଚଳ ଫାଣ୍ଡି ପୋଲିସ ମକନ୍ଦପ୍ରସାଦର ୩ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଏମଡି ସରିଫ(୩୨), ପପୁ ଦାସ(୨୫) ଓ ମହେଦିନ ଖାନ(୨୨)।ଜାମିନ ନାମଞ୍ଜୁର ହେବାରୁ ଏମାନଙ୍କୁ ଖୋର୍ଦ୍ଧା ସବଜେଲକୁ ପଠାଇଦିଆଯାଇଛି। ଏମାନଙ୍କ ନିକଟରୁ ୬ଟି ଷ୍ଟପ ପୋଷ୍ଟ ଜବତ ହୋଇଛି। ସୂଚନା ଅନଯାୟୀ, ଗତ ଗୁରୁବାର ସ୍ଥାନୀୟ ସାଇ ମନ୍ଦିର ଛକରୁ ୪ଟି ପୋଲିସ ଷ୍ଟପ ପୋଷ୍ଟ ଚୋରି ହୋଇଥିଲା। ଏନେଇ ଥାନାରେ ଏକ ମାମଲା (ନଂ.୧୫/୨୦)ରୁଜୁ ହୋଇଛି।

# ପର୍ଯ୍ୟଟନ ମନ୍ତ୍ରୀଙ୍କ ଅଚାନକ ସ୍କୁଲ ପରିଦର୍ଶନ

**ଯାଁଳା,୧୭।୧(ଡି.ଏନ୍.ଏ.)**

ଜଟଣୀ ବ୍ଲକ ଯାଁଳାସ୍ଥିତ କୃଷ୍ଣଚନ୍ଦ୍ର ସରକାରୀ ବିଦ୍ୟାଳୟକୁ ଶୁକ୍ରବାର ମଧ୍ୟାହ୍ନରେ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଅଚାନକ ପରିଦର୍ଶନ କରିଥିଲେ। ଏହି ସମୟରେ ସ୍କୁଲ ଛାତ୍ରୀଛାତ୍ର ମଧ୍ୟାହ୍ନଭୋଜନ ଖାଉଥିଲେ। ମନ୍ତ୍ରୀ ପାଣିଗ୍ରାହୀ ପିଲାଙ୍କ ସହିତ ବସି ମଧ୍ୟାହ୍ନଭୋଜନ ଖାଇଥିଲେ। ସ୍କୁଲର ପରିସ୍ରାଗାର, ଜଳଯୋଗାଣ ବ୍ୟବସ୍ଥା ଆଦି ବୁଲି ଦେଖିଥିଲେ। ପିଲାମାନଙ୍କୁ କେତେକ ପ୍ରଶ୍ନ ପଚାରି ସନ୍ତୋଷଜନକ ଉତ୍ତର ପାଇ ଖୁସି ବ୍ୟକ୍ତ କରିଥିଲେ। ସ୍କୁଲ ନିକଟରେ ଥିବା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ଯାଇ ବିଭିନ୍ନ ସେକ୍ସନ ବୁଲିବା ସହ ଉପସ୍ଥିତ କର୍ମଚାରୀଙ୍କ ସହିତ ଆଲୋଚନା କରି ଫେରିଯାଇଥିଲେ। ସୂଚନା ଥାଉ କି, ଏକ ମାସ ପୂର୍ବେ ଏହି ସ୍କୁଲ ଓ ଶିକ୍ଷାଅଧିକାରୀଙ୍କ କାର୍ଯ୍ୟାଳୟକୁ ଗଣଶିକ୍ଷାମନ୍ତ୍ରୀ ଅଚାନକ ପରିଦର୍ଶନ କରିଥିଲେ।



ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ପିଲାଙ୍କ ସହ ମଧ୍ୟାହ୍ନଭୋଜନ ଖାଉଛନ୍ତି ।

# ଆକର୍ଷଣ ସାଜିଲା ଗୋଟିପୁଅ, ସମ୍ବଲପୁରୀ ନୃତ୍ୟ

## ହଟକେଶ୍ୱର ମକର ମହୋତ୍ସବର ୩ୟ ଦିବସ

**ଖୋର୍ଦ୍ଧା ଅଫିସ, ୧୭।୧:**

ଜିଲା ପ୍ରଶାସନ ଓ ହଟକେଶ୍ୱର ମକର ମହୋତ୍ସବ କମିଟି ପକ୍ଷରୁ ଅଟ୍ରିରେ ୫ମ ହଟକେଶ୍ୱର ମକର ମହୋତ୍ସବର ଶୁକ୍ରବାର ଥିଲା ତୃତୀୟ ସନ୍ଧ୍ୟା। ଏଥିରେ ମୁଖ୍ୟ ଅତିଥିଭାବେ ଉଚ୍ଚ ଶିକ୍ଷାମନ୍ତ୍ରୀ ଅରୁଣ ସାହୁ ଯୋଗଦେଇଥିଲେ। ବେଗୁନିଆ ବିଧାୟକ ରାଜେନ୍ଦ୍ର କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ଏସପି ଅଜେୟ ପ୍ରତାପ ସ୍ୱାଇଁ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ।ଏହି ଅବସରରେ ମକର ସ୍ମରଣିକା ଉନ୍ମୋଚିତ ହୋଇଥିଲା। ମହୋତ୍ସବର ସନ୍ଧ୍ୟାରେ ନୃତ୍ୟାଳୟ ଭୁବନେଶ୍ୱର, ନୁପୁର ଭୁବନେଶ୍ୱର, ନୃତ୍ୟଶ୍ରୀ ଜଟଣୀ ପକ୍ଷରୁ ଗୋଟିପୁଅ ନୃତ୍ୟ, ସମ୍ବଲପୁରୀ ଓ ଓଡିଶୀ ନୃତ୍ୟ ପରିବେଷଣ ହୋଇଥିଲା। ତେବେ ନୃତ୍ୟଶୀର ଅନୁରୂପ ଝଲକ ଥିଲା ହଟକେଶ୍ୱର ଦେବଙ୍କ ଉପରେ ସଙ୍ଗୀତ। ଅନ୍ୟପକ୍ଷେ ପୋଲିସ ପକ୍ଷରୁ ସଡକ ସୁରକ୍ଷା ଉପରେ ଏକ ସଚେତନାର ଦୃଶ୍ୟ ମହୋତ୍ସବ ଷ୍ଟଲରେ ସ୍ଥାନ ପାଇଛି। ପୁଣି ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ଖୋର୍ଦ୍ଧା ପକ୍ଷରୁ ଏକ ଫଟୋ ଗ୍ୟାଲେରୀ କରାଯାଇଛି।

# ‘ସମ୍ପର୍କର ସେତୁକୁ ନିବିଡ଼ କରେ ସଂସ୍କୃତି’

**ପୁରୀ ଅଫିସ, ୧୭।୧**

ଶ୍ରୀଜଗନ୍ନାଥ ବେଦ କର୍ମକାଣ୍ଡ ମହାବିଦ୍ୟାଳୟ ପରିସରରେ ନ୍ୟାଶନାଲ ଇନଷ୍ଟିଚ୍ୟୁଟ୍ ଅଫ୍ କଲ୍‌ଚର ଆଣ୍ଡ୍ ଏଜୁକେଶନ ଆନୁକୂଲ୍ୟରେ ଶୁକ୍ରବାରଠାରୁ ୪ଦିବସୀୟ ଜାତୀୟ ଯୁବ ମହୋତ୍ସବ ଆରମ୍ଭ ହୋଇଛି। ଏଥିରେ ୧୧ଟି ରାଜ୍ୟର ୨ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଛନ୍ତି। କଲେଜ ଅଧକ୍ଷ ଡ. ଜଗବନ୍ଧୁ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ମହେଶ୍ୱର ମହାନ୍ତି ଯୋଗ ଦେଇ କହିଲେ ଯେ, ଭାରତୀୟ ସଂସ୍କୃତି, ପରମ୍ପରା, ଭାସ୍କର୍ଯ୍ୟ ବିଶ୍ୱରେ ଉତ୍କର୍ଷତା ଲାଭ କରିଛି। ସମ୍ପର୍କର ସେତୁକୁ ସଂସ୍କୃତି ନିବିଡ଼ କରିଥାଏ। ସାମାଜିକ କର୍ମୀ ସୁବା ରାଓ, କେ.କେ. ଗୁପ୍ତା, ପ୍ରଦୀପ କୁମାର ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଯୁବକଙ୍କ ମଧରେ ଜାତୀୟ ସଂହତି, ଏକତା, ସଦ୍‌ଭାବ ଜାଗ୍ରତ, ପରସ୍ପର ମଧରେ ସଂସ୍କୃତିର ଭାବବିନିମୟ ଏହି ମହୋତ୍ସବ ଆୟୋଜନର ଉଦ୍ଦେଶ୍ୟ ବୋଲି ଅତିଥିମାନେ କହିଥିଲେ। ପ୍ରଥମ ସନ୍ଧ୍ୟାରେ ବିଭିନ୍ନ ରାଜ୍ୟର ଲୋକନୃତ୍ୟ ଓ ଲୋକକଳା ପରିବେଷଣ ହୋଇଥିଲା।

# ଫୁଟବଲ: ସେମିରେ ମହାବୀର କ୍ଲବ

**ଜଟଣୀ,୧୭।୧(ଡି.ଏନ୍.ଏ.):**

ଜଟଣୀ କୁସୁମାଟି-ଛଣଘର ଖେଳପଡ଼ିଆରେ ଚାଲିଥିବା ଶ୍ରୀବତ୍ସ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟର ଶୁକ୍ରବାର ମ୍ୟାଚ୍‌ରେ କଟକର ନିପେନ୍ ଏଫ୍‌ସି ଦଳକୁ ୩-୧ ଗୋଲରେ ପରାସ୍ତ କରି ସମ୍ବଲପୁରର ମହାବୀର କ୍ଲବ ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଛି। ମହାବୀର କ୍ଲବ ପକ୍ଷରୁ ପ୍ରଥମାର୍ଦ୍ଧରେ ଡି. ମୁଦୁଲି ଓ ଦ୍ୱିତୀୟାର୍ଦ୍ଧରେ ଏସ୍.ବଢ଼େଇ,ଏସ୍.ପ୍ରଧାନ ଗୋଲ କରିଥିଲେ। ନିପେନ୍ ଏଫ୍‌ସିର ଏମ୍‌ଡି ଆଫ୍ରିଦ ଗୋଟିଏ ଗୋଲ୍ କରିଥିଲେ। ରାମଚନ୍ଦ୍ର ମିଶ୍ର ରେଫରି ରହିଥିବା ବେଳେ ଆସିଷ୍ଟାଣ୍ଟ ରେଫ୍‌ରି ଭାବେ ପ୍ରଫୁଲ୍ଲ ବେହେରା ଓ ବିଦେଶୀ ନାୟକ ମ୍ୟାଚ୍ ପରିଚାଳନା କରିଥିଲେ। ମହାବୀର କ୍ଲବର ସ୍ୱାଧୀନ ବଢ଼େଇ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ




ଅତିଥିଙ୍କଠାରୁ ସ୍ୱାଧୀନ ବଢ଼େଇ ପୁରସ୍କାର ଗ୍ରହଣ କରୁଛନ୍ତି ।

ହୋଇଥିଲେ। ଫ୍ରେଣ୍ଡସ ପାରାଡାଇଜ ସ୍ପୋର୍ଟସ୍ ଆସୋସିଏଶନର ରଶ୍ମିପ୍ରକାଶ ସ୍ୱାଇଁ, ସ୍ମୃତିରଞ୍ଜନ ବେହେରା, ଶୁଭାଶିଷ ପରିଡ଼ା, ରମେଶ ପ୍ରଧାନ, ତପନ ନାୟକ ଓ ଅନ୍ୟ ସଦସ୍ୟଙ୍କ ଦ୍ୱାରା ଟୁର୍ନାମେଣ୍ଟ ପରିଚାଳିତ ହୋଇଥିଲା।

# ଆବାସ ଯୋଜନାରେ ଗୃହ ଯୋଗାଇବାକୁ ଗୁରୁତ୍ୱ

**କୃଷ୍ଣପ୍ରସାଦ,୧୭।୧(ଡି.ଏନ.ଏ.)**

## କୃଷ୍ଣପ୍ରସାଦ ପଞ୍ଚାୟତ ସମିତିର ସପ୍ତମ ଅଧିବେଶନ

ପୁରୀ ଜିଲା ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକର ସମ୍ମିଳନୀ କକ୍ଷରେ ସପ୍ତମ ପଞ୍ଚାୟତ ସମିତି ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧକ୍ଷା ସୌଦାମିନୀ ମାନସିଂହ କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ। ବିଡିଓ ଅଭିମନ୍ୟୁ ମାଝୀ ସମସ୍ତ ଲୋକ ପ୍ରତିନିଧିଙ୍କୁ ନବବର୍ଷର ଅଭିନନ୍ଦନ ଜଣାଇ ସଭା କାର୍ଯ୍ୟକୁ ଆଗେଇ ନେଇଥିଲେ। ପ୍ରାରମ୍ଭରେ ବ୍ଲକ ଗ୍ରାମପଞ୍ଚାୟତ ଅଧିକାରୀ ସୁରେନ୍ଦ୍ର ପଲେଇ ପୂର୍ବ ବୈଠକର ବିବରଣୀ ପାଠ କରିବା ସହ ତାହା ଗୃହୀତ କରାଇଥିଲେ। ଅନ୍ୟମାନଙ୍କ ମଧରେ ବ୍ଲକ ସହକାରୀ ଯନ୍ତ୍ରୀ ଇଂ.ପ୍ରସନ୍ନ କୁମାର ସ୍ୱାଇଁ, ଜିଲା ପରିଷଦ ସଭ୍ୟ ପ୍ରଭାତି ପ୍ରଧାନ, ବନ୍ଦନା ପ୍ରଧାନ, ବ୍ଲକ ଉପାଧକ୍ଷ ପ୍ରଫୁଲ୍ଲ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ । ଆବାସ ଯୋଜନା ସମ୍ପର୍କରେ ଦୀର୍ଘ ସମୟ ଧରି ଆଲୋଚନା



ବୈଠକରେ ବିଡିଓ ଅଭିମନ୍ୟୁ ମାଝି ଓ ଅନ୍ୟମାନେ ।

ହେବା ସହ ସମସ୍ତ ଆଜବେଷ୍ଟସ୍ ଘର ଥିବା ପରିବାରକୁ ଆବାସ ଯୋଜନାରେ ଛାତଘର ଯୋଗାଇଦେବାକୁ ସମିତିରେ ଦାବି ହୋଇଥିଲା । ପର୍ଯ୍ୟଟନ ଋତୁ ଚାଲିଥିବା ବେଳେ ବ୍ଲକର ପର୍ଯ୍ୟଟନସ୍ଥଳ ସାତପଡା ପରିବେଶ ଏବେ ଅବାଧ ମଦ ବେପାରୀଙ୍କ ଆଡ୍ଡା ସ୍ଥଳୀ ପାଲଟିଛି । ଏ ଦିଗରେ ବିହିତ ପଦକ୍ଷେପ ନେବାକୁ ସାତପଡା ସରପଞ୍ଚ ତ୍ରିନାଥ ଚନ୍ଦ୍ର ସାମନ୍ତରାୟ ସଭାରେ ଦୃଷ୍ଟି ଆକର୍ଷଣ କରିଥିଲେ । ଅଞ୍ଚଳର ପ୍ରସିଦ୍ଧ ଶୈବପୀଠ ଶ୍ରୀ ଶ୍ରୀ କମଳେଶ୍ୱର ଦେବଙ୍କ ପୀଠରେ ଆବଶ୍ୟକୀୟ କଂକ୍ରିଟ୍ ରାସ୍ତା ନିର୍ମାଣ କରିବା ନିମନ୍ତେ ତିତିପ ପଞ୍ଚାୟତ ସମିତିସଭ୍ୟ ମନୋଜ କୁମାର ସାହୁ ବୈଠକରେ ଉପସ୍ଥାପନା କରିଥିଲେ । ବୈଠକରେ ସିଡିପିଓ ମନୋରମା ଦେବୀ,ଏପିଓ ଅଭିନ୍ନ କୁମାର ପଲେଇ, ମୁଖ୍ୟକିରାଣି ରୂପକ କୁମାର ରାଉତରାୟ, ବରିଷ୍ଠ କିରାଣି ପୂର୍ଣ୍ଣଚନ୍ଦ୍ର କାଣ୍ଡି, କନିଷ୍ଠଯନ୍ତ୍ରୀ ଧର୍ମେନ୍ଦ୍ର କୁମାର ସାମନ୍ତରାୟ, କମଳାକାନ୍ତ ବାସକେଇ, ଶିଶିର ଶେଖର ନାୟକ, ଅଶୋକ ସୁବୁଦ୍ଧି, ଜଳଯୋଗାଣ ଯନ୍ତ୍ରୀ ବିପିନ ବିହାରୀ ମଙ୍ଗରାଜ, ଖାଦ୍ୟଯୋଗାଣ ଅଧିକାରୀ ଦୈତାରୀ ପ୍ରଧାନଙ୍କ ସମେତ ସମସ୍ତ ସରପଞ୍ଚ, ସମିତିସଭ୍ୟ ଉପସ୍ଥିତ ଥିଲେ ।



ଧନ ମନୁଷ୍ୟକୁ ସନ୍ତୋଷ ଦେଇପାରେ ନାହିଁ।
-ଶଙ୍କରାଚାର୍ଯ୍ୟ



## ସଂକ୍ଷେପରେ

### ବ୍ରାଉନସୁଗାର ଜବତ, ୩ ଗିରଫ

ପୁରୀ ଅଫିସ, ୧୭।୧: କୁମ୍ଭାରପଡ଼ା ଥାନା ପୋଲିସ ବ୍ରାଉନସୁଗାର ବିକ୍ରି ଅଭିଯୋଗରେ ୩ଜଣଙ୍କୁ ଶୁକ୍ରବାର ଗିରଫ କରିଛି। ସେମାନେ ହେଲେ ଏନ୍. ପୁରୁଷୋତ୍ତମ ରେଡ୍ଡୀ (୨୧), ଗୋପୀନାଥପୁରର ସୁକାନ୍ତ ମହାନ୍ତି (୩୨) ଏବଂ ଖଣ୍ଡିଆବନ୍ଧର ବୀରେନ ପ୍ରଧାନ (୨୩)। ସେମାନଙ୍କ ଠାରୁ ୬ଗ୍ରାମ ୪୮ ମିଲିଗ୍ରାମ ବ୍ରାଉନସୁଗାର ସମେତ ନଗଦ ୪୨୩୫ ଟଙ୍କା ଓ ୨ଟି ବାଇକ ଜବତ କରାଯାଇଛି। ସୂଚନା ଅନୁଯାୟୀ, ସନ୍ଧ୍ୟା ସମୟରେ ନବକଳେବର ରୋଡସ୍ଥିତ ଆଖଣ୍ଡଳମଣି ମନ୍ଦିର ନିକଟ ରାସ୍ତା ପାର୍ଶ୍ୱରେ ୩ଜଣ ଯୁବକ ବ୍ରାଉନସୁଗାର ବିକ୍ରି କରୁଥିବା ପୋଲିସ ଖବର ପାଇଥିଲା। ଗ୍ରାହକ ସାଜି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ୩ଜଣଙ୍କୁ କାବୁ କରିଥିଲା।

### ଭତ୍ତା ଟଙ୍କା ବୃଦ୍ଧି ପାଇଁ ସ୍ମାରକପତ୍ର

ପୁରୀ ଅଫିସ, ୧୭।୧: ଭତ୍ତା ଟଙ୍କା ବୃଦ୍ଧି ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଶୁକ୍ରବାର ଜିଲାପାଳଙ୍କୁ ବ୍ରହ୍ମଗିରି ବ୍ଲକ ଗୋରୁଆଳ ପଞ୍ଚାୟତର ହିତାଧିକାରୀମାନେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏଥିରେ ଦର୍ଶାଯାଇଛି ଯେ, ଅନ୍ୟ ରାଜ୍ୟରେ ଭତ୍ତା ହିତାଧିକାରୀମାନେ ମାସିକ ୨ରୁ ୩ ହଜାର ଟଙ୍କା ପାଉଛନ୍ତି। ମାତ୍ର ଆମକୁ ୮୦ ବର୍ଷ ତଳକୁ ୫୦୦ ଏବଂ ୮୦ ବର୍ଷ ଉପରକୁ ୭୦୦ ଟଙ୍କା ଦିଆଯାଉଛି। ଏତିକି ଟଙ୍କାରେ ଚଳିବା କଷ୍ଟକର ହେଉଛି। ତେଣୁ ସରକାର ଆସନ୍ତା ଫେବୃୟାରୀ ୧୫ ମଧ୍ୟରେ ଅନ୍ୟ ରାଜ୍ୟ ଭଳି ଭତ୍ତା ଟଙ୍କା ପ୍ରଦାନ କରନ୍ତୁ। ନଚେତ ବ୍ରହ୍ମଗିରି ବ୍ଲକର ଭତ୍ତା ହିତାଧିକାରୀମାନେ ରାସ୍ତାକୁ ଓହ୍ଲାଇବେ। ସାମାଜିକ କର୍ମୀ ମାନସ କୁମାର ପ୍ରଧାନ, ଚଞ୍ଚଳା ପାଣି, ଫକିର ସ୍ୱାଇଁ, ଫୁଲ ବେହେରା, ସୁନା ସାହୁ ପ୍ରମୁଖଙ୍କ ଦସ୍ତଖତ ସମ୍ବଳିତ ଏହି ସ୍ମାରକପତ୍ର ପ୍ରଦାନ କରାଯାଇଛି।

### ଦନ୍ତ ଚିକିତ୍ସା ଶିବିର

ନିମାପଡ଼ା,୧୭।୧ ( ଡି.ଏନ୍.ଏ. ): ନିମାପଡ଼ାସ୍ଥିତ ଆନନ୍ଦ ନର୍ସିଂହୋମରେ ଦୁଇଦିନିଆ ଦନ୍ତ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ବିଜୁ କୃଷକ କଲ୍ୟାଣ ଯୋଜନା ଓ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଅନ୍ତର୍ଭୁକ୍ତ ରୋଗୀ ଓ ଅନ୍ୟମାନେ ମାଗଣାରେ ଚିକିତ୍ସା କରାଇଥିଲେ। ଏହି ଶିବିରରେ ଡା. ବିଶ୍ୱରଞ୍ଜନ ମହାନ୍ତି ଯୋଗଦେଇ ଶତାଧିକ ଦାନ୍ତ ରୋଗୀଙ୍କ ଚିକିତ୍ସା କରିବା ସହ ମାଗଣାରେ ଔଷଧ ବଣ୍ଟନ କରିଥିଲେ। ଆନନ୍ଦ ନର୍ସିଂହୋମର ପ୍ରୋପ୍ରାଇଟର ବିରଞ୍ଚି ନାରାୟଣ କୁଣ୍ଡୁଙ୍କ ସମେତ କ୍ଲିନିକର ଫାର୍ମାସିଷ୍ଟ, ନର୍ସ, ସ୍ୱାସ୍ଥ୍ୟକର୍ମୀ ଏହି ଶିବିରରେ ସହାୟତା କରିଥିଲେ।

### ସମୀରଙ୍କୁ ସମ୍ବର୍ଦ୍ଧନା

ସାକ୍ଷୀଗୋପାଳ, ୧୭।୧(ଡି.ଏନ.ଏ.)- ପୁରୀ ଗସ୍ତରେ ବାହାରିଥିବା ଭାଜପା ନୂତନ ସଭାପତି ସମୀର ମହାନ୍ତିଙ୍କୁ ସତ୍ୟବାଦୀ ଭାଜପା ପକ୍ଷରୁ ସାକ୍ଷୀଗୋପାଳରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ରାଜ୍ୟ ପରିଷଦ ସଭ୍ୟ ତଥା ସତ୍ୟବାଦୀ ବିଧାନସଭା ଆସନ ପାଇଁ ଭାଜପାରୁ ପ୍ରତିଦ୍ୱନ୍ଦିତା କରିଥିବା ଓମ୍ ପ୍ରକାଶ ମିଶ୍ରଙ୍କ ସହିତ ଯୁବ ସଂଗଠକ ଦୀପକ କୁମାର ଶତପଥୀ, ମଣ୍ଡଳ ସଭାପତି ଉମେଶ ଚନ୍ଦ୍ର ପ୍ରଧାନ, ସୁରେନ୍ଦ୍ର ପ୍ରଧାନ ଓ କମଳାକାନ୍ତ ମିଶ୍ର ପ୍ରମୁଖ ସ୍ଥାନୀୟ କର୍ମକର୍ତ୍ତା ଫୁଲମାଳ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।

### ଶୈକ୍ଷିକ ବାତାବରଣ, ସୃଜନଶୀଳତା ଉପରେ ଗୁରୁତ୍ୱ

ପୁରୀ ଅଫିସ, ୧୭।୧: ସର୍ବୋଦୟନଗର ଆଦର୍ଶ ପ୍ରକଳ୍ପ ବିଦ୍ୟାଳୟରେ ଶିକ୍ଷକ ଏବଂ ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗଦେଇ ଶୈକ୍ଷିକ ବାତାବରଣ, ସ୍ୱଚ୍ଛତା, ପିଲାଙ୍କ ସୃଜନଶୀଳତା, ଅଭିଭାବକ-ଶିକ୍ଷକଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ସ୍ଥାପନ ଉପରେ ଗୁରୁତ୍ୱାରୋପ କରିଥିଲେ। ଶ୍ରେଣୀରେ ଦୀର୍ଘ ସମୟ ଧରି ଅନୁପସ୍ଥିତ ରହୁଥିବା ଛାତ୍ରୀଛାତ୍ରଙ୍କ ସମ୍ପର୍କରେ ସେମାନଙ୍କ ଅଭିଭାବକଙ୍କୁ ଜଣାଇବାକୁ ସେ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ସମସ୍ୟା ଦୂର ପାଇଁ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ କହିଥିଲେ। ଶିଶୁର ଶାରୀରିକ, ମାନସିକ, ବୌଦ୍ଧିକ ବିକାଶ କ୍ଷେତ୍ରରେ ଉଭୟ ଶିକ୍ଷକ ଓ ଅଭିଭାବକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଶିକ୍ଷକ-ଅଭିଭାବକଙ୍କ ମଧ୍ୟରେ ସୁସମନ୍ୱୟ, ବିଦ୍ୟାଳୟ ବିକାଶରେ ଅଭିଭାବକଙ୍କ ଭାଗୀଦାରି, ପିଲାଙ୍କ ଶତପ୍ରତିଶତ ଉପସ୍ଥାନ, ପିଲାଙ୍କ ପଢ଼ାରେ ଉନ୍ନତି ପାଇଁ ପ୍ରଚେଷ୍ଟା, ନିୟମିତ ପିଲାଙ୍କୁ ସ୍କୁଲ ପଠାଇବାକୁ ସେ ପରାମର୍ଶ ଦେଇଥିଲେ। ଏହି ଅବସରରେ ପିଲାଙ୍କ ପ୍ରୋଗ୍ରେସ ରିପୋର୍ଟକୁ ସେମାନଙ୍କ ମାତାପିତାଙ୍କୁ ପ୍ରଦାନ କରିଥିଲେ। ସେହିପରି କେତେକ ଶ୍ରେଣୀ ପରିଦର୍ଶନ କରି ପିଲାଙ୍କୁ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ଏଥିସହ ଉପସ୍ଥାନ ରେଜିଷ୍ଟର ଯାଞ୍ଚ କରିଥିଲେ।

# ଜୋର୍ ଧରିଲା ଉଚ୍ଛେଦ ଅଭିଯାନ

ପୁରୀ ଅଫିସ,୧୭।୧:

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ପୁରୀ ଗସ୍ତରେ ଆସିଥିଲେ। ମହାପ୍ରଭୁଙ୍କ ଦର୍ଶନ କରିବା ସହ ପୁରୀର ବିକାଶ ପାଇଁ ୭ଟି ମେଗା ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଏଥିସହ ଶ୍ରୀମନ୍ଦିର ଚତୁଃପାର୍ଶ୍ୱର ସୌନ୍ଦର୍ଯ୍ୟକରଣ ନକ୍ସାକୁ ମଧ୍ୟ ଅନୁଧ୍ୟାନ କରିଥିଲେ। ୨ ବର୍ଷ ଭିତରେ ସବୁ ପ୍ରକଳ୍ପ କାମ ଶେଷ କରିବାକୁ ଲକ୍ଷ୍ୟ ରହିଥିବାବେଳେ ଶୁକ୍ରବାରଠାରୁ ପୁଣି ଶ୍ରୀମନ୍ଦିର ସୁରକ୍ଷା ଜୋନ୍‌ରେ ଉଚ୍ଛେଦ ଅଭିଯାନକୁ ଜୋର୍‌ଦାର କରିଛି ପ୍ରଶାସନ। କାକୁଡ଼ିଖାଇ ଛକରେ ଥିବା ୩ଟି ଘରୋଇ ପ୍ଲଟରୁ କୋଠା ଭଙ୍ଗାଯାଇଛି। ୨ ପ୍ଲାଟୁନ ପୋଲିସ ଫୋର୍ସ, ୪ଜଣ ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟଙ୍କ ସମେତ ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ ଏବଂ ଉପଜିଲାପାଳ ଭବତାରଣ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଉଚ୍ଛେଦ କରାଯାଇଛି।

କାକୁଡ଼ିଖାଇ ଛକ ଏକ ଜନଗହଳି ଅଞ୍ଚଳ ହୋଇଥିବାରୁ ସକାଳୁ ପୋଲିସ ପକ୍ଷରୁ ବ୍ୟାରିକେଡିଂ କରାଯାଇ ସଂଲଗ୍ନ ରାସ୍ତାକୁ ସିଲ୍ କରାଯାଇଥିଲା। ବାଲିସାହି, ଦକ୍ଷିଣ ଦ୍ୱାର ଓ ଦୋଳମଣ୍ଡପକୁ ସଂଯୋଗ କରୁଥିବା ରାସ୍ତାକୁ ବ୍ୟାରିକେଡିଂ କରାଯାଇଥିଲା। ଏହାପରେ ଉଚ୍ଛେଦ ଆରମ୍ଭ ହୋଇଥିଲା। ୩ଟି ଘରୋଇ ପ୍ଲଟରେ ଥିବା ୨ ମହଲା, ୩ ମହଲା ଓ ୪ ମହଲା ବିଶିଷ୍ଟ କୋଠା ଭଙ୍ଗାଯାଇଥିଲା। କାକୁଡ଼ିଖାଇ ଛକ ପାର୍ଶ୍ୱକୁ ଲାଗି ଶ୍ରୀମନ୍ଦିର ରୋଷଶାଳା ରହିଛି। ଉଚ୍ଛେଦ ସମୟରେ ପ୍ରବଳ ଧୂଳି ଉଡୁଥିଲା। ତେଣୁ ଏହି ଧୂଳି ରୋଷଶାଳାରେ ପଶିବା ଆଶଙ୍କା କରି



କାକୁଡିଖାଇ ଛକଠାରେ ଥିବା କୋଠାକୁ ଭଙ୍ଗାଯାଉଛି।

**ଶ୍ରୀମନ୍ଦିର ସୁରକ୍ଷା ଜୋନ୍**
- କାକୁଡ଼ିଖାଇ ଛକରେ ଭଙ୍ଗାଗଲା ୩ କୋଠା
- ରୋଷଘରେ ଧୂଳି ପଶିବା ଆଶଙ୍କା
- ଉଚ୍ଛେଦ ସମୟରେ ପାଣି ସ୍ପ୍ରେ କରାଗଲା

ଦମକଳ ବାହିନୀ ସହାୟତାରେ ପାଣି ସ୍ପ୍ରେ କରାଯାଇଥିଲା। ତଥାପି ବଡ ବଡ କାନ୍ଥ ଭାଙ୍ଗିବା ବେଳେ ସମଗ୍ର ଅଞ୍ଚଳ ଧୂଳିମୟ ହୋଇଯାଉଥିଲା। ଏହି ଘରୋଇ କୋଠାରେ ଚାଲୁଥିବା କେତେକ ଖଜା ଦୋକାନ ମଧ୍ୟ ଭଙ୍ଗାଯାଇଥିଲା। ସେହିପରି ଏହି କୋଠାକୁ ଲାଗି ରହିଛି ଦର୍ଜି ସେବାୟତ ପରିବାରଙ୍କ ଘର। ପ୍ରଶାସନ ପକ୍ଷରୁ ଶୁକ୍ରବାର ସେମାନଙ୍କୁ ଡକାଯାଇ ଆବଶ୍ୟକ କାଗଜପତ୍ର, ବ୍ୟାଙ୍କ ପାସ୍‌ବୁକ ଏବଂ ଆଧାରକାର୍ଡ ଜେରକ୍ସ କପି ନିଆଯାଇଛି। ଖୁବ୍‌ଶୀଘ୍ର ସେମାନଙ୍କୁ ସହାୟତା ରାଶି ପ୍ରଦାନ କରାଯିବା ପରେ ତାଙ୍କ ଘର ଭଙ୍ଗାଯିବ ବୋଲି ଜଣାପଡ଼ିଛି।

ଏ ସମ୍ପର୍କରେ ଅତିରିକ୍ତ ଜିଲାପାଳ କହିଛନ୍ତି, ସୁରକ୍ଷା ଜୋନ୍‌ରେ ପ୍ରାୟ ୯୦ ପ୍ରତିଶତ ପ୍ଲଟର ସେଲ୍‌ଡିଡ୍ ଶେଷ ହୋଇଛି। ଯେଉଁମାନେ ଦେଇନାହାନ୍ତି ସେମାନଙ୍କ ସହ ସହମତିଭିତ୍ତିକ ଆଲୋଚନା ଚାଲିଛି। ଖୁବ୍‌ଶୀଘ୍ର ଏହାର ବିକ୍ରି କବଲା ହୋଇଯିବ ବୋଲି ଆଶା ରଖିଛୁ। ଯଦି ସେମାନେ ସରକାରଙ୍କୁ ନ ଦିଅନ୍ତି ତା'ହେଲେ ଜମି ଅଧିଗ୍ରହଣ ଆଇନ ଅନୁସାରେ ଏହାକୁ ଅଧିଗ୍ରହଣ କରାଯିବ। ତେବେ ଯେଉଁମାନେ ଜମି ବିକ୍ରି କରି ସେମାନଙ୍କ ଘର ଖାଲି କରିସାରିଛନ୍ତି ପର୍ଯ୍ୟାୟକ୍ରମେ ତାହାକୁ ଉଚ୍ଛେଦ କରାଯାଉଛି। ମଠ ଓ ମନ୍ଦିରର ଗାଦିଘର, ଠାକୁରଙ୍କ ବିଜେସ୍ଥଳୀକୁ ବାଦ୍ ଦିଆଯାଇ ଆଉ ସବୁ ନିର୍ମାଣ ଭଙ୍ଗାଯିବ।

## ଜବରଦଖଲରେ ସରକାରୀ ଜମି
### ମାପଚୁପ ଲାଗି ତହସିଲଦାରଙ୍କୁ ଚିଠି

ଗୋପ,୧୭।୧(ଡି.ଏନ.ଏ)

ଗୋପ ବ୍ଲକ୍‌ରେ ବହୁ ପରିମାଣର ସରକାରୀ ଜମି ଜବରଦଖଲରେ ରହିଛି। ଏ ନେଇ ପୂର୍ବରୁ ବହୁଥର ଅଭିଯୋଗ ହୋଇଥିଲେ ମଧ୍ୟ ଜମି ଖାଲି କରିବା ଦିଗରେ ଠୋସ୍ ପଦକ୍ଷେପ ନିଆଯାଇ ନାହିଁ। ହେଲେ ଏବେ ପ୍ରଶାସନ ତତ୍ପର ହୋଇପଡ଼ିଛି। ଏହି ଜମିଗୁଡ଼ିକର ମାପଚୁପ ପାଇଁ ବିଡିଓ ଦୀପ୍ତିରାଣୀ ଦାସ ଗତ କିଛିଦିନ ତଳେ ତହସିଲଦାରଙ୍କୁ ଚିଠି ଲେଖିଥିଲେ। କିନ୍ତୁ ଏଥିରେ ବିଳମ୍ବ ହେଉଥିବା ଯୋଗୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ସୂଚନାଯୋଗ୍ୟ, ଗୋପ ବ୍ଲକ୍ କାର୍ଯ୍ୟାଳୟଟି ୧୯ଟି ପ୍ଲଟ୍‌ରେ ୨ ଏକର ୯୬ ଡିସିମିଲି ଜମିରେ ରହିଛି। କିନ୍ତୁ ଏଥିରୁ ଅନେକ ଜମି ଜବରଦଖଲରେ ରହିଥିବା ଅଭିଯୋଗ ହୋଇଥିଲା। ଏ ନେଇ ବିଡିଓ ଦାସ ବ୍ଲକ୍ ଚିଠି ନଂ. ୫୧୬୫ରେ ଗତ ୩୧ତାରିଖରେ ଗୋପ ତହସିଲକୁ ଚିଠି ଲେଖି ଜାଗାକୁ ମାପଚୁପ କରିବାକୁ ନିବେଦନ କରିଥିଲେ। ବ୍ଲକ୍‌ର ଜମିକୁ କେତେକ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ମାଡ଼ି ବସିଥିବାବେଳେ ପାଚେରି ନିର୍ମାଣ ପାଇଁ ଥିବା ୧୫ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇପାରୁ ନାହିଁ। ଏ ନେଇ ବିଡିଓ ଦାସ କୁହନ୍ତି, ପୂର୍ବରୁ ବ୍ଲକ୍ ପକ୍ଷରୁ ମାପ ଚୁପ କରିବା ଲାଗି ଚିଠି ଲେଖାଯାଇଥିଲା । କିନ୍ତୁ ବର୍ତ୍ତମାନ ଯାଏଁ ମାପଚୁପ ହୋଇପାରିନି। ଖୁବ୍‌ଶୀଘ୍ର ଜବରଦଖଲ ଉଚ୍ଛେଦ ସହ ପାଚେରି ନିର୍ମାଣ କରାଯିବ।

## ୫ ଯୋଡ଼ିଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ

ପୁରୀ ଅଫିସ, ୧୭।୧:

ବାତ୍ୟା ଫନୀ ପରେ ପୁରୀ ଜିଲାର ଦିବ୍ୟାଙ୍ଗମାନଙ୍କୁ ଶିକ୍ଷା, ସାମାଜିକ ସୁରକ୍ଷା, ଜୀବନ ଜୀବିକା ଆଦିରେ ସହାୟତା କରିବା ଲାଗି ଜିଲା ପ୍ରଶାସନ ପକ୍ଷରୁ ଆରମ୍ଭ ହୋଇଛି ପ୍ରଫୁଲ୍ଲ ଯୋଜନା। ଏଥିରେ ଦିବ୍ୟାଙ୍ଗମାନଙ୍କ ଜୀବନଧାରଣ ମାନ କିପରି ଉନ୍ନତ ହୋଇପାରିବ ତାହା ଉପରେ ଗୁରୁତ୍ୱ ଦିଆଯାଉଛି। ଏହି କ୍ରମରେ ଶୁକ୍ରବାର ୫ ଯୋଡ଼ିଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି। ବଲଙ୍ଗୀର ପ୍ରଭାକର ନାୟକ ଓ ଦେବକୀ ନାୟକ, ପିପିଲିର ରୁକ୍‌ସାନା ଖାତୁନ ଓ ହୁମାୟୁନ ଖାଁ, ପୁରୀର ସୁମନ୍ତ ପଲେଇ ଓ ରୁକୁନା ପ୍ରଧାନ, ବଲଙ୍ଗୀର ଅନୁପମା କର ଓ ରବୀନ୍ଦ୍ର ପଣ୍ଡା, ନିମାପଡ଼ାର ଜଗବନ୍ଧୁ ରାଉତ ଓ ବିନୋଦିନୀ କାଣ୍ଡି ଏହି ୫ ଦିବ୍ୟାଙ୍ଗ ଯୋଡ଼ିଙ୍କୁ ପ୍ରୋତ୍ସାହନ ରାଶି ଦିଆଯାଇଛି। ପ୍ରତ୍ୟେକ ଯୋଡ଼ିଙ୍କୁ ୫୦ ହଜାର ଟଙ୍କା ଲେଖାଏ ପ୍ରଦାନ କରାଯାଇଛି। ଜିଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ପ୍ରଫୁଲ୍ଲ ଯୋଜନାର ମିଡିଆ ତଥା ଜୀବନଜୀବିକା ପରାମର୍ଶଦାତା ସିଦ୍ଧାର୍ଥ ରାୟ ଏହି ପ୍ରୋତ୍ସାହନ ରାଶି ପ୍ରଦାନ କରି ସେମାନଙ୍କ ମଙ୍ଗଳମୟ ଜୀବନ କାମନା କରିଥିଲେ। ସୂଚନାଥାଉ କି, ଜଣେ ଦିବ୍ୟାଙ୍ଗଙ୍କୁ ଜଣେ ସକ୍ଷମ ବ୍ୟକ୍ତି ବିବାହ କଲେ ୫୦ ହଜାର ଟଙ୍କା ସହାୟତା ରାଶି ଦିଆଯିବାର ବ୍ୟବସ୍ଥା ରହିଛି। ଏହି ରାଶି ପାଇବାକୁ ଇଚ୍ଛା କରୁଥିବା ବିବାହିତ ଯୋଡ଼ି ଜିଲା ସାମାଜିକ ସୁରକ୍ଷା ତଥା ଭିନ୍ନକ୍ଷମ ସଶକ୍ତୀକରଣ କାର୍ଯ୍ୟାଳୟରେ ଆବେଦନ କରିପାରିବେ ବୋଲି ଜିଲା ସମାଜ ସୁରକ୍ଷା ଅଧିକାରୀ ତ୍ରିନାଥ ପାଢ଼ୀ କହିଛନ୍ତି।

## 'ସମ୍ପର୍କ ସେତୁକୁ ନିବିଡ଼ କରେ ସଂସ୍କୃତି'
### ଜାତୀୟ ଯୁବ ମହୋତ୍ସବ ଉଦ୍‌ଘାଟିତ




ଜାତୀୟ ଯୁବ ମହୋତ୍ସବର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ ।

ପୁରୀ ଅଫିସ, ୧୭।୧:

ଶ୍ରୀଜଗନ୍ନାଥ ବେଦ କର୍ମକାଣ୍ଡ ମହାବିଦ୍ୟାଳୟ ପରିସରରେ ନ୍ୟାଶନାଲ ଇନଷ୍ଟିଚ୍ୟୁଟ୍ ଅଫ୍ କଲ୍‌ଚର ଆଣ୍ଡ୍ ଏଜୁକେଶନ ଆନୁକୂଲ୍ୟରେ ଶୁକ୍ରବାରଠାରୁ ୪ଦିବସୀୟ ଜାତୀୟ ଯୁବ ମହୋତ୍ସବ ଆରମ୍ଭ ହୋଇଛି। ଏଥିରେ ୧୧ଟି ରାଜ୍ୟର ୨ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଛନ୍ତି। କଲେଜ ଅଧ୍ୟକ୍ଷ ଡ. ଜଗବନ୍ଧୁ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ମହେଶ୍ୱର ମହାନ୍ତି ଯୋଗ ଦେଇ କହିଲେ ଯେ, ଭାରତୀୟ ସଂସ୍କୃତି, ପରମ୍ପରା, ଭାସ୍କର୍ଯ୍ୟ ବିଶ୍ୱରେ ଉତ୍କର୍ଷତା ଲାଭ କରିଛି। ସମ୍ପର୍କର ସେତୁକୁ ସଂସ୍କୃତି ନିବିଡ଼ କରିଥାଏ। ସାମାଜିକ କର୍ମୀ ସୁବା ରାଓ, କେ.କେ. ଗୁପ୍ତା, ପ୍ରଦୀପ କୁମାର ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଯୁବକଙ୍କ ମଧ୍ୟରେ ଜାତୀୟ ସଂହତି, ଏକତା, ସଦ୍‌ଭାବ ଜାଗ୍ରତ, ପରସ୍ପର ମଧ୍ୟରେ ସଂସ୍କୃତିର ଭାବବିନିମୟ ଏହି ମହୋତ୍ସବ ଆୟୋଜନର ଉଦ୍ଦେଶ୍ୟ ବୋଲି ଅତିଥିମାନେ କହିଥିଲେ। ପ୍ରଥମ ସନ୍ଧ୍ୟାରେ ବିଭିନ୍ନ ରାଜ୍ୟର ଲୋକନୃତ୍ୟ ଓ ଲୋକକଳା ପରିବେଷଣ ହୋଇଥିଲା।

## ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ତାଲିମ

ବ୍ରହ୍ମଗିରି,୧୭।୧(ଡି.ଏନ.ଏ.):

ବନ୍ୟା, ବାତ୍ୟା, ସୁନାମୀ, ଭୂମିକମ୍ପ ଇତ୍ୟାଦି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ରକ୍ଷା ପାଇବା ବିମ୍‌ଷ୍ଟେକ୍ ରାଷ୍ଟ୍ର ସମୂହ ଓ ଏନଡିଆରଏଫ୍ ପକ୍ଷରୁ ବଳଭଦ୍ରପାଟଣା ବାତ୍ୟା ଆଶ୍ରୟସ୍ଥଳୀଠାରେ ଏକ ତାଲିମ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ର ଓ ଜନସାଧାରଣ ଏହି ଶିବିରରେ ଯୋଗଦେଇଥିଲେ। ଶିବିରରେ ବିପର୍ଯ୍ୟୟ ସମୟରେ ଏନ୍‌ଡିଆର୍‌ଏଫ୍ ତଥା ଉଦ୍ଧାରକାରୀ ଦଳ ପହଞ୍ଚିବା ପୂର୍ବରୁ ଲୋକମାନେ ନିଜକୁ କିପରି ସୁରକ୍ଷିତ କରିପାରିବେ ସେ ବିଷୟରେ ତାଲିମ୍ ପ୍ରଦାନ କରାଯାଇଛି। ବନ୍ୟା ସମୟରେ ସାପ କାମୁଡାରୁ କିପରି ଲୋକମାନଙ୍କୁ ରକ୍ଷା କରିହେବ, ବାତ୍ୟାରେ ଲୋକମାନଙ୍କୁ ଉଦ୍ଧାର କରି କିଭଳି ଭାବରେ ସୁରକ୍ଷିତ ସ୍ଥାନକୁ ଅଣାଯାଇପାରିବ, ସେମାନଙ୍କର କିଭଳି ଭାବରେ ପ୍ରାଥମିକ ଚିକିତ୍ସା କରାଯିବ ଆଦି ତାଲିମ୍ ଦିଆଯାଇଛି। ଏଥିରେ ଏନ୍‌ଡିଆର୍‌ଏଫ୍ ଟିମ୍ କମାଣ୍ଡର ଇନ୍ସପେକ୍ଟର ଡି.କେ. ପାଣ୍ଡେ, ଏସ୍.କେ. ଭୋଇ, ବି. ଚୌଧୁରୀ, ଏସ୍ ଆଇ କୁଲଦୀପ୍, ଏନ୍.ସି.ମଣ୍ଡଳ, ବି.ପି. ବେହେରା, ଏ.କେ.ତ୍ୟାଗୀ ପ୍ରମୁଖ ଯୋଗଦେଇଥିଲେ।

## ସଡ଼କ ସୁରକ୍ଷା ସଚେତନତା ଶୋଭାଯାତ୍ରା



ବାଇକ୍ ଆରୋହୀଙ୍କୁ ସଡ଼କ ସୁରକ୍ଷା ସମ୍ପର୍କରେ ସଚେତନ କରାଯାଉଛି ।

ଗୋପ,୧୭।୧(ଡି.ଏନ.ଏ)

ଜିଲା ପରିବହନ ବିଭାଗ ଓ ଗୋପ କଲେଜ ଜାତୀୟ ସେବା ଯୋଜନା ମିଳିତ ଆନୁକୂଲ୍ୟରେ ୩୧ତମ 'ଜାତୀୟ ସଡ଼କ ସୁରକ୍ଷା ସପ୍ତାହ' ପାଳିତ ହୋଇଯାଇଛି। ଗୋପ କଲେଜର ଅଧ୍ୟକ୍ଷ ପ୍ରମୋଦ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଗୋପ ଥାନାଧିକାରୀ ସୁଧୀର କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ସଚେତନ ହେଲେ ସଡ଼କ ଦୁର୍ଘଟଣା କମିବ ବୋଲି ମତବ୍ୟକ୍ତ କରିଥିଲେ। ଜାତୀୟ ସେବା ଯୋଜନାର ଅଧିକାରୀ ପ୍ରାଧ୍ୟାପକ ପ୍ରକାଶ ଚନ୍ଦ୍ର ଖଟୋଇ, ଅଧ୍ୟାପକ ଶରତ ସାହୁ, ମାନସ ସାମନ୍ତରାୟ ଓ ନକୁଳ ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ସଡ଼କ ସୁରକ୍ଷା ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ଏହି ଅବସରରେ କଲେଜ ପରିସରରୁ ଏକ ସଚେତନତା ଶୋଭାଯାତ୍ରା ବାହାରି 'ସଡ଼କ ସୁରକ୍ଷା, ଜୀବନ ରକ୍ଷା', 'ଦ୍ରୁତଗତି ମହା ବିପତି' ଆଦି ସ୍ଲୋଗାନ ଦେଇ ପିପିଲି–କୋଣାର୍କ ମୁଖ୍ୟରାସ୍ତାର ଗୋପ କଲେଜ ମୁଖ୍ୟ ଫାଟକ ସମ୍ମୁଖରେ ପହଞ୍ଚି ସଚେତନତା କରିଥିଲେ। ସେହିପରି ହେଲ୍‌ମେଟ୍ ଓ ସିଟ୍‌ବେଲ୍ଟ ବ୍ୟବହାର କରୁଥିବା ଗାଡ଼ି ଚାଳକଙ୍କୁ ଗୋଲାପ ଫୁଲ ଓ ଚକୋଲେଟ୍ ଉପହାର ଦେଇ ଉତ୍ସାହିତ କରିଥିଲେ।

**ପ୍ରଫୁଲ୍ଲ ଯୋଜନା**

## ରାଜ୍ୟ ଓପନ ଟାଏକୋଣ୍ଡୋ ଚାମ୍ପିୟନଶିପ୍‌ରେ ସତ୍ୟବାଦୀରୁ ୧୧ କ୍ରୀଡ଼ାବିତ୍

ସାକ୍ଷୀଗୋପାଳ,୧୭।୧(ଡି.ଏନ.ଏ.)

ଓଡ଼ିଶା ଟାଏକୋଣ୍ଡୋ ଆସୋସିଏଶନ ପକ୍ଷରୁ କଟକ ଜବାହାରଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମରେ ଆରମ୍ଭ ହୋଇଥିବା ରାଜ୍ୟ ଓପନ ଟାଏକୋଣ୍ଡୋ ଚାମ୍ପିୟନଶିପରେ ସାକ୍ଷୀଗୋପାଳ ଟାଏକୋଣ୍ଡୋ ଏକାଡେମୀର ୧୧ ଜଣ ପ୍ରତିଯୋଗୀ ସାମିଲ ହୋଇଛନ୍ତି। ସେମାନେ ହେଲେ ଅନୁସାର ଶତପଥୀ, ଋତୁପର୍ଣ୍ଣା ଦାଶ, ସୁଶ୍ରୀସୁମନ ମହାପାତ୍ର, ଅର୍ପିତ ନାୟକ, ସୁଭମ୍ ମହାରଣା, ଅମିୟରଞ୍ଜନ ବେହେରା, ଅରଧା ଜୟରତ୍ନ ରଥ, ମୀର ସମୀର, ଆଦର୍ଶ୍ୟା ମିଶ୍ର, ବଳରାମ ଓ ଏମ. ଡି. ଫରାନ୍। ଏହି ପ୍ରତିଯୋଗିତାରେ ସଫଳତା ଅର୍ଜନ କରିବା ପରେ ସେମାନେ ଜାତୀୟ ପ୍ରତିଯୋଗିତା ପାଇଁ ଯୋଗ୍ୟ ବିବେଚିତ ହେବେ ବୋଲି ଏକାଡେମୀର ସମ୍ପାଦକ ସତ୍ୟ ନରାୟଣ ମିଶ୍ର ସୂଚନା ଦେଇଛନ୍ତି।



ରାଜ୍ୟ ଓପନ ଟାଏକୋଣ୍ଡୋ ଚାମ୍ପିୟନଶିପରେ ଭାଗନେଇଥିବା ପ୍ରତିଯୋଗୀମାନେ ।

## ଖିଲାପୀ ଉପଭୋକ୍ତାଙ୍କୁ ବିଦ୍ୟୁତ୍‌କାଟ୍ ଭୟ

ନିମାପଡ଼ା,୧୭।୧ ( ଡି.ଏନ୍.ଏ. ):

ବର୍ଷ ବର୍ଷ ଧରି ବକେୟା ବିଦ୍ୟୁତ୍ ବିଲ୍ ଭରୁ ନ ଥିବା ଖିଲାପୀ ଉପଭୋକ୍ତାଙ୍କ ସଂଯୋଗ ବିଚ୍ଛିନ୍ନ ପ୍ରକ୍ରିୟା ଆରମ୍ଭ ହୋଇଛି। ଏ ନେଇ ଉପଭୋକ୍ତାଙ୍କ ମଧ୍ୟରେ ଭୟର ବାତାବରଣ ଦେଖାଯାଉଛି। ଯେଉଁମାନଙ୍କ ବିଲ୍ ବକେୟା ଥିଲା, ସେମାନେ ସେସୁ କାର୍ଯ୍ୟାଳୟକୁ ଯାଇ ବିଲ୍ ଭରୁଥିବା ଦେଖିବାକୁ ମିଳୁଛି । ଫଳରେ ସେସୁ କାର୍ଯ୍ୟାଳୟରେ ନାହିଁ ନ ଥିବା ଭିଡ଼ ପରିଲକ୍ଷିତ ହୋଇଛି।

ସୂଚନାଥାଉ କି, ବକେୟା ବିଦ୍ୟୁତ୍ ବିଲ୍ ପଇଠ କରିବା ପାଇଁ ସେସୁ ପକ୍ଷରୁ ଜାନୁୟାରୀ ୧୫ତାରିଖ ଶେଷ ରଖାଯାଇଥିଲା। ଏହି ଅବଧିରେ ଯେଉଁ ଉପଭୋକ୍ତା ବକେୟା ବିଲ୍ ପଇଠ କରିନାହାନ୍ତି, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ଏହାସହିତ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯାଉଛି। ଗୁରୁବାର ଏବଂ ଶୁକ୍ରବାର ନିମାପଡ଼ା ଡିଭିଜନ୍‌ରେ ୧୩୦ ଉପଭୋକ୍ତାଙ୍କ ସଂଯୋଗ ବିଚ୍ଛିନ୍ନ କରାଯାଇଛି। ନିର୍ବାହୀ ଯନ୍ତ୍ରୀ ପ୍ରତ୍ୟୁଷ ମିଶ୍ରଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ନିମାପଡ଼ା, କାକଟପୁର, ପିପିଲି ଆଦି ୩ଟି ସବ୍‌ଡିଭିଜନ ଅଧୀନରେ ମୋଟ ୧ ଲକ୍ଷ ୭୩ ହଜାର ଉପଭୋକ୍ତା ରହିଛନ୍ତି। ସେଥିରୁ ୧ ଲକ୍ଷ ୮ହଜାର ଉପଭୋକ୍ତାଙ୍କ ସଂଯୋଗ ବିଚ୍ଛିନ୍ନ ପାଇଁ ଡିସି ନୋଟିସ୍ ଦିଆଯାଇଛି। ନୋଟିସ୍ ମିଳିବା ପରେ ଗୁରୁବାର ଓ ଶୁକ୍ରବାର ଦୁଇ ଦିନରେ ମୋଟ ୪୭ଲକ୍ଷ ୨୦ହଜାର ଟଙ୍କାର ବକେୟା ବିଲ୍ ପଇଠ ହୋଇଛି। ଅନ୍ୟପକ୍ଷେ ନୋଟିସ୍ ସତ୍ତ୍ୱେ ଯେଉଁମାନେ ବକେୟା ବିଲ୍ ଦାଖଲ କରୁନାହାନ୍ତି, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସେସୁ ପ୍ରସ୍ତୁତ ରହିଛି। ଏଥିପାଇଁ ୨୮ଟି ଟିମ୍ ଗଠନ କରାଯାଇଛି। ଶୁକ୍ରବାର ବିଦ୍ୟୁତ୍ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଜିତେନ୍ଦ୍ର ମିଶ୍ର ଏବଂ ମୁଖ୍ୟଯନ୍ତ୍ରୀ ମନୋଜ ସିଂ ଅଚାନକ ନିମାପଡ଼ା ଅଞ୍ଚଳ ପରିଦର୍ଶନ କରିଥିଲେ। ନିମାପଡ଼ା ସବ୍‌ଡିଭିଜନ କାର୍ଯ୍ୟାଳୟକୁ ଯାଇ ତଦାରଖ ସହିତ ସମୀକ୍ଷା କରିଛନ୍ତି। ବିଦ୍ୟୁତ୍ ମିଟର ଠିକ୍ କରିବା ସହ ବକେୟା ବିଲ୍ କିସ୍ତିରେ ପଇଠ କରିବାକୁ କେତେଜଣ ଉପଭୋକ୍ତାଙ୍କୁ ପରାମର୍ଶ ଦେଇଥିଲେ। ବିଲ୍ ପଇଠ ନ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ। ଅନ୍ୟପକ୍ଷରେ ନିମାପଡ଼ା ବିଦ୍ୟୁତ୍ ଉପଭୋକ୍ତା ପ୍ରତାପ ଚନ୍ଦ୍ର ମହାରଣା କୁହନ୍ତି, ବିଭାଗୀୟ କର୍ମଚାରୀଙ୍କ ଅବହେଳା ଯୋଗୁ ତ୍ରୁଟିପୂର୍ଣ୍ଣ ବିଲ୍ ମିଳିଛି। ସଂଶୋଧନ ପାଇଁ କାର୍ଯ୍ୟାଳୟ ଆସିଛି। ଗୋପ ସେକ୍ସନର ଉପଭୋକ୍ତା ଗୁନ ସେଠୀ ଓ ଗୋରାଙ୍ଗ କାନୁନ୍‌ଗୋ କୁହନ୍ତି, ଠିକ୍ ସମୟରେ ସେମାନେ ବିଲ୍ ପଇଠ କରିଛନ୍ତି। ପାଖରେ ରସିଦ୍ ଅଛି। ହେଲେ ବିଲ୍‌ରୁ ଉକ୍ତ ଦେୟ କଟିନାହିଁ। ବହୁ ଉପଭୋକ୍ତାଙ୍କ ବିଲ୍‌ରେ ତ୍ରୁଟିଥିବା ସେମାନେ ପ୍ରକାଶ କରିଛନ୍ତି।



ବିଦ୍ୟୁତ୍ କାର୍ଯ୍ୟାଳୟରେ ବିଲ୍ ପୈଠ ପାଇଁ ଉପଭୋକ୍ତାଙ୍କ ଭିଡ ।

**ବକେୟା ବିଲ୍ ଭରିବାକୁ ଭିଡ଼**
- ୨ ଦିନରେ ଆଦାୟ ହୋଇଛି ୪୭ଲକ୍ଷ ୨୦ହଜାର ଟଙ୍କା
- ୧୩୦ ଉପଭୋକ୍ତାଙ୍କ ବିଦ୍ୟୁତ୍ ସଂଯୋଗ କଟାଯାଇଛି

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୧୮ ଜାନୁୟାରୀ, ୨୦୨୦



ଧନ ଜୀବନ ଏ ଜଗତେ, ଯେ ପ୍ରାଣ ଧରେ
ପ୍ରାଣୀ ହିତେ।
-ଜଗନ୍ନାଥ ଦାସ



## ସଂକ୍ଷେପରେ

### ରାମାନନ୍ଦାଚାର୍ଯ୍ୟଙ୍କ ଆବିର୍ଭାବ ଉତ୍ସବ



ପୁରୀ ଅଫିସ, ୧୭।୧:ବଡ଼ଆଖଡା ମଠରେ ଶୁକ୍ରବାର ରାମାନନ୍ଦୀ ସମ୍ପ୍ରଦାୟଙ୍କ ପକ୍ଷରୁ ଜଗଦ୍‌ଗୁରୁ ରାମାନନ୍ଦାଚାର୍ଯ୍ୟ ମହାରାଜଙ୍କ ଆବିର୍ଭାବ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ରାମାନନ୍ଦାଚାର୍ଯ୍ୟଙ୍କ ପ୍ରତିମୂର୍ତ୍ତି ପୂଜନ କରାଯାଇଥିଲା। ମାଘ ମାସ କୃଷ୍ଣପକ୍ଷ ସପ୍ତମୀ ତିଥିରେ ରାମାନନ୍ଦାଚାର୍ଯ୍ୟ ଜନ୍ମଗ୍ରହଣ କରିଥିଲେ। ସେ ସାରା ଭାରତରେ ସନାତନ ସଂସ୍କୃତିର ପ୍ରଚାର ପ୍ରସାର କରିଥିଲେ। ଏହି କାର୍ଯ୍ୟକ୍ରମରେ ନେବଳ ଦାସ ମହନ୍ତ ଡ. ରାମଚରଣ ଦାସଜୀ ଯୋଗଦେଇ ରାମାନନ୍ଦାଚାର୍ଯ୍ୟଙ୍କ ଜୀବନୀ ଓ ଆଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ। ବଳରାମ କୋଟ, କୃପାରାମ ଆଶ୍ରମ ଓ ରଘୁନାଥ ଆଶ୍ରମର ମହନ୍ତମାନେ ଉପସ୍ଥିତ ଥିଲେ।

### ବିଶ୍ୱଶାନ୍ତିସେବାଶ୍ରମରେ ବାର୍ଷିକ ଯଜ୍ଞ

କୋଣାର୍କ,୧୭।୧(ଡି.ଏନ.ଏ): କୋଣାର୍କ ନିକଟସ୍ଥ ବାଙ୍ଗୋର ବରପଦାସ୍ଥିତ ବିଶ୍ୱଶାନ୍ତି ସେବାଶ୍ରମରେ ୨୭ତମ ବାର୍ଷିକ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ମନ୍ତ୍ରଧ୍ୱନି ସାଙ୍ଗକୁ ଭଜନ, ପ୍ରବଚନ, ପାଲା, ଗୀତଗୋବିନ୍ଦ, ପାରାୟଣ, ନାମସଂକୀର୍ତ୍ତନ ପ୍ରଭୃତି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଆଶ୍ରମ ପ୍ରତିଷ୍ଠାତା ଗାୟକ ବ୍ୟାସ ଲକ୍ଷ୍ମୀଧର ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିଶୁ ପ୍ରତିଭା ଅନ୍ୱେଷଣ କରାଯାଇ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଗୀତା ଉପରେ ତର୍କ, ଶ୍ଳୋକ ଆବୃତ୍ତି, ସଙ୍ଗୀତ ଗାନ କରିଥିଲେ। ସେମାନଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ଦିଆଯାଇଥିଲା। ରାଜ୍ୟସ୍ତରୀୟ କବି ସମ୍ମିଳନୀ ଅବସରରେ ବିଭିନ୍ନ ଜିଲାରୁ ଶତାଧିକ କବି, କବୟିତ୍ରୀ ଯୋଗଦେଇ କବିତା ପାଠ କରିଥିଲେ । ଆଶ୍ରମ ଏବଂ ଅର୍କମଣ୍ଡଳ ପାଲା ପରିଷଦ ପକ୍ଷରୁ ରାଜ୍ୟ ସମ୍ପାଦକ ତଥା ଗାୟକ ଆନନ୍ଦ ବସନ୍ତ ରାଉତ ସ୍ୱାଗତ ଭାଷଣ ଦେଇଥିଲେ। ଆଶ୍ରମର ମୁଖପତ୍ର 'କଲ୍ୟାଣ'କୁ ଉନ୍ମୋଚନ କରାଯାଇଥିଲା। ଗାୟକ ଓ କବି ମଙ୍ଗରାଜ ବିଶ୍ୱାଳ ସଂଯୋଜନା କରିଥିଲେ । ଅତିଥି ଭାବେ ରାଜ୍ୟ ପାଲା ପରିଷଦ ସଭାପତି ମଦନ ମୋହନ ଜେନା, ଗାୟକ ଆନନ୍ଦ ବସନ୍ତ ରାଉତ, ଗାୟକ ବାଚସ୍ପତି ବନବିହାରୀ ଗ୍ରହାଚାର୍ଯ୍ୟ, ବ୍ୟଙ୍ଗକବି ସମ୍ପଦ ରଥ, କବି ପ୍ରଶାନ୍ତ ବାହିନୀପତି, ଗାୟକ ସଚିଦାନନ୍ଦ ମହାପାତ୍ର, ଆଇନଜୀବୀ ହରେକୃଷ୍ଣ ସ୍ୱାଇଁ, ଇଂ.ସଞ୍ଜୟ ପଣ୍ଡା ଓ ଶିକ୍ଷକ ପ୍ରଦୀପ କୁମାର ସୁବୁଦ୍ଧି ପ୍ରମୁଖ ଯୋଗଦେଇଥିଲେ । ଆଶ୍ରମର ଅନ୍ତେବାସୀଙ୍କ ସହ ବଙ୍ଗୋର ବରପଦା, କାନପୁର, ଟିକନା ଗ୍ରାମବାସୀ ଏହାକୁ ପରିଚାଳନା କରିଥିଲେ ।

# ବାତ୍ୟା ଯାତନାଠୁ ବଳିଗଲା ବିଦ୍ୟୁତ୍‌କାଟ

ପୁରୀ ଅଫିସ, ୧୭।୧:

ଅଘୋଷିତ ବିଦ୍ୟୁତ୍ କାଟ ଓ ମନଇଚ୍ଛା ବିଲ୍ ଆସୁଥିବା ନେଇ ବାରମ୍ବାର ଉପଭୋକ୍ତାଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଉଛି। ଏଥିପାଇଁ ଅନେକ ସମୟରେ ବିଭାଗୀୟ କର୍ମଚାରୀ ଏବଂ ଅଧିକାରୀ ଲୋକଙ୍କ ଆକ୍ରୋଶର ଶିକାର ମଧ୍ୟ ହେଉଛନ୍ତି। ହେଲେ ଏହାର ସମାଧାନ ଦିଗରେ ଆଗ୍ରହ ଦେଖାଉ ନ ଥିବା ସେସୁ କିନ୍ତୁ ବକେୟା ବିଦ୍ୟୁତ୍ ବିଲ୍ ଆଦାୟ କ୍ଷେତ୍ରରେ କଠୋର ଆଭିମୁଖ୍ୟ ଗ୍ରହଣ କରିଛି। ଯେଉଁମାନଙ୍କର ବିଲ୍ ବାକି ରହିଛି ସେମାନଙ୍କ ବିଦ୍ୟୁତ ସଂଯୋଗ କାଟି ଦିଆଯାଉଛି। ଗୁରୁବାରଠାରୁ ଏହି ଅଭିଯାନ ଆରମ୍ଭ ହୋଇଥିବା ବେଳେ ଶୁକ୍ରବାର ସୁଦ୍ଧା ପୁରୀ ଡିଭିଜନରେ ୧୭୩ ଜଣ ଉପଭୋକ୍ତାଙ୍କ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯାଇଛି। ଫନୀ ବାତ୍ୟାରେ ଜିଲାବାସୀ ପ୍ରାୟ ୩ ମାସ ଧରି ବିଦ୍ୟୁତ୍ ଯନ୍ତ୍ରଣା ପାଇଥିଲେ। କିନ୍ତୁ ବର୍ତ୍ତମାନ ବିଦ୍ୟୁତ୍ କ୍ଷେତ୍ରରେ ମନୁଷ୍ୟକୃତ ଯେଉଁ ଯାତନା ଦିଆଯାଉଛି ତାହା ଫନୀର ଯାତନାଠୁ ବଳିଯାଉଛି ବୋଲି ଲୋକେ କହୁଛନ୍ତି।

ଫନୀରେ ବ୍ୟାପକ ମାତ୍ରାରେ ପୁରୀ ଜିଲା କ୍ଷତିଗ୍ରସ୍ତ ହୋଇଥିଲା। ବାତ୍ୟା ଦୁଃଖରୁ ସମ୍ପୂର୍ଣ୍ଣ ଭାବେ ଅଣ୍ଟା ସଳଖି ନ ଥିବା ଜିଲାର ଅନେକ ଲୋକ ଏବେ ଏକାବେଳକେ ବକେୟା ବିଲ୍ କେମିତି ଦେବେ ସେ ନେଇ ଚିନ୍ତାରେ ପଡ଼ିଛନ୍ତି। ମୁଣ୍ଡ ଗୁଞ୍ଜିବାକୁ ଘର ସଜାଡୁ ସଜାଡୁ ବକେୟା ବିଦ୍ୟୁତ୍ ବିଲ୍ ସେମାନଙ୍କ ପାଇଁ ବୋଝ ଉପରେ ନଳିତା ବିଡ଼ା ସଦୃଶ ହୋଇଛି। ସେହିପରି ଅନେକ ବ୍ୟବସାୟୀ ପରିବାର ମଧ୍ୟ ଏହାର ଶିକାର ହୋଇଛନ୍ତି। ପୁରୀ ସହରର ବିକାଶ ଏବଂ ଶ୍ରୀମନ୍ଦିରର ସୁରକ୍ଷା ଓ ସୌନ୍ଦର୍ଯ୍ୟକରଣ ଲାଗି ୪/୫ ମାସ ହେବ ଅନେକ ବ୍ୟବସାୟୀଙ୍କୁ ଉଚ୍ଛେଦ କରାଯାଇଛି। ସେମାନଙ୍କ ମଧ୍ୟରୁ ହାତଗଣତି କେତେଜଣ ଅନ୍ୟ ଜାଗାରେ ଦୋକାନ ଖୋଲିଥିଲେ ବି ସଂଖ୍ୟାଧିକ ବ୍ୟବସାୟୀ ନିଜ ଘରେ ଜିନିଷପତ୍ର ରଖି ହାତବାନ୍ଧି ବସିଛନ୍ତି। ସେମାନଙ୍କ ବ୍ୟବସାୟ ଉପରେ ନିର୍ଭର କରୁଥିବା ପରିବାର ମଧ୍ୟରୁ ଅନେକେ ବିଦ୍ୟୁତ୍ ବିଲ୍ ଦେଇପାରି ନାହାନ୍ତି। ଠିକ୍ ଏହି ସମୟରେ ସେସୁର ନିଷ୍ପତ୍ତି ସେମାନଙ୍କୁ ସମସ୍ୟାରେ ପକାଇଛି। ବକେୟା ବିଲ୍ ରଖିଥିବା ଉପଭୋକ୍ତାଙ୍କ ବିଦ୍ୟୁତ୍ କାଟ ଆରମ୍ଭ ହୋଇଥିବା ଦେଖି ସେମାନେ ବି ଚିନ୍ତାରେ ପଡ଼ିଛନ୍ତି। ଏ ସମ୍ପର୍କରେ ଉପଭୋକ୍ତା

- ବାକିପଡ଼ିଛି ବିଲ୍
- ୧୭୩ ଉପଭୋକ୍ତାଙ୍କ ସଂଯୋଗ ବିଚ୍ଛିନ୍ନ



ରାଜୀବ ସାହୁ କହିଛନ୍ତି, ବାତ୍ୟାରେ ମୋ' ଘର ଭାଙ୍ଗି ଯାଇଥିଲା। ସେତେବେଳେ ମିଟର ଖରାପ ହୋଇଯାଇଥିଲା। ବାତ୍ୟାର ପ୍ରାୟ ୨ ମାସ ପରେ ଆମ ଘରକୁ ବିଦ୍ୟୁତ୍ ସଂଯୋଗ ଆସିଲା। ସେତେବେଳେ ବି ମିଟର ଖରାପ ଥିଲା। କିନ୍ତୁ ଏହା ପରଠାରୁ ଅଧିକ ଟଙ୍କାର ବିଲ୍ ଆସୁଛି। ମୁଁ ଏହି ଟଙ୍କା ପଇଠ କରିପାରି ନାହିଁ। ପ୍ରାୟ ୮ ହଜାର ଟଙ୍କା ବକେୟା ବିଲ୍ ଦେବା ପାଇଁ ଆମ ଘରକୁ ନୋଟିସ ଆସିଛି। ବାତ୍ୟାରେ ଆମେ ଏ ପର୍ଯ୍ୟନ୍ତ ଭଲ ଭାବେ ଘର ସଜାଡ଼ି ପାରିନାହୁଁ। ବଳକା ଦେୟ ଦେବା ପାଇଁ ଏବେ ମୋର ସାମର୍ଥ୍ୟ ନାହିଁ। ତେଣୁ ସେସୁ ତା'ର ଏହି ନିଷ୍ପତ୍ତିରୁ ବର୍ତ୍ତମାନ ନିବୃତ୍ତ ରହିବା ଦରକାର। ଆଉ କିଛି ସମୟ ଦେଲେ ଆମେ ବିଲ୍ ପଇଠ କରିଦେବୁ।

ପୁରୀ ଡିଭିଜନରେ ମୋଟ ୧ଲକ୍ଷ ୭୩ ହଜାର ଉପଭୋକ୍ତାଙ୍କ ମଧ୍ୟରୁ ୫୩ ହଜାର ୫୯୮ ଜଣ ବକେୟା ରଖିଛନ୍ତି। ସେମାନଙ୍କ ମଧ୍ୟରୁ ୪୦,୨୬୮ ଜଣଙ୍କୁ ସେସୁ ପକ୍ଷରୁ ନୋଟିସ ଦିଆଯାଇଥିଲା। ଗୁରୁବାର ସନ୍ଧ୍ୟା ସୁଦ୍ଧା ୧୭୪ ଜଣଙ୍କ ବିଦ୍ୟୁତ୍ କାଟ କରାଯାଇଥିଲା। ଶୁକ୍ରବାର ସେମାନଙ୍କ ମଧ୍ୟରୁ କେତେଜଣ ବିଲ୍ ପଇଠ କରିବା ପରେ ସଂଯୋଗ ଦିଆଯାଇଛି। ତେବେ ଶୁକ୍ରବାର ଅପରାହ୍ନ ସୁଦ୍ଧା ଡିଭିଜନରେ ୧୭୩ ଜଣଙ୍କ ବିଦ୍ୟୁତ୍ କାଟ କରାଯାଇଛି। ଏଥିରେ ଘର ଓ ବ୍ୟବସାୟିକ ପ୍ରତିଷ୍ଠାନ ସାମିଲ ରହିଛି। ଡିଭିଜନରେ ପ୍ରାୟ ବିଲ୍ ଆଦାୟ ଓ ବିଦ୍ୟୁତ୍ କାଟ ନିମନ୍ତେ ୩୪ଟି ସ୍କ୍ୱାଡ୍ ଗଠନ କରାଯାଇଥିବା ଡିଭିଜନ ନିର୍ବାହୀ ଯନ୍ତ୍ରୀ ଶିବପ୍ରସାଦ ସ୍ୱାଇଁ କହିଛନ୍ତି।



ଶ୍ରୀମନ୍ଦିରରୁ ବାସନ୍ଦ ପ୍ରତିବାଦରେ ଷୋଳଶାସନ ବ୍ରାହ୍ମଣମାନେ ଶୁକ୍ରବାର ପୁରୀ ଉପଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଛନ୍ତି।

### ୧୦ଜଣଙ୍କ ବିଦ୍ୟୁତ୍ କଟିଲା

ବ୍ରହ୍ମଗିରି,୧୭।୧(ଡି.ଏନ.ଏ):

ବ୍ରହ୍ମଗିରି ଅଞ୍ଚଳରେ ଶୁକ୍ରବାରଠାରୁ ବକେୟା ବିଦ୍ୟୁତ ବିଲ୍ ପୈଠ କରି ନ ଥିବା ଗ୍ରାହକଙ୍କର ବିଦ୍ୟୁତ୍ କାଟ୍ ଆରମ୍ଭ କରିଛି ସେସୁ। ପ୍ରଥମେ ବ୍ୟବସାୟିକ ଅନୁଷ୍ଠାନଗୁଡିକର ବିଦ୍ୟୁତ୍ କାଟ୍ କରାଯାଉଛି । ୨ଦିନ ପରେ ଘରୋଇ ଗ୍ରାହକଙ୍କ ବିଦ୍ୟୁତ କାଟ୍ କରାଯିବ।। ବ୍ରହ୍ମଗିରି ଅଞ୍ଚଳରେ ପ୍ରାୟ ୨୭ ହଜାର ବିଦ୍ୟୁତ ଉପଭୋକ୍ତା ରହିଛନ୍ତି । ସେମାନଙ୍କ ଉପରେ ୨୭ କୋଟି ଟଙ୍କା ବକେୟା ପଡିଥିବା ସେସୁ ଅଧିକାରୀ ସୂର୍ଯ୍ୟକାନ୍ତ ମହାରଣା କହିଛନ୍ତି। ଗୁରୁବାର ସୁନାମୁହିଁ ଓ ବ୍ରହ୍ମଗିରି ସେକ୍ସନ୍‌ରେ ୨ ଦିନରେ ୨ଲକ୍ଷ ୭୦ ହଜାର ବକେୟା ଆଦାୟ ହୋଇଥିବାବେଳେ ୧୦ଜଣ ଗ୍ରାହକଙ୍କ ବିଦ୍ୟୁତ୍ କାଟ୍ କରାଯାଇଥିବା ଜଣାପଡିଛି।

### ପୁରାତନ ଛାତ୍ରଙ୍କ ବନ୍ଧୁମିଳନ

ପୁରୀ ଅଫିସ, ୧୭।୧ :

ବିଶ୍ୱମ୍ଭର ବିଦ୍ୟାପୀଠରେ ପ୍ରାୟ ଦଶଟି ବ୍ୟାଚ୍‌ର ଏକ ବନ୍ଧୁମିଳନ ଉତ୍ସବ ଶୁକ୍ରବାର କୋଣାର୍କ ମେରାଇନ ଡ୍ରାଇଭ ରାମଚଣ୍ଡୀ ପୀଠରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାପୀଠର ଶୈକ୍ଷିକ ବାତାବରଣ, ସ୍ୱାସ୍ଥ୍ୟ ଶିବିର, ଦକ୍ଷତା ବିକାଶ ଓ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ, ବିଦ୍ୟାଳୟର ଉନ୍ନତି ଆଦି ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। ସ୍କୁଲର ପ୍ଲାଟିନମ୍ ଜୁବିଲି ଆୟୋଜନ ଲାଗି କମିଟି ଗଠନ ଓ ପରବର୍ତ୍ତୀ ବୈଠକ ଫେବୃୟାରୀ ୧ତାରିଖରେ ଆୟୋଜନ ଲାଗି ନିଷ୍ପତ୍ତି ହୋଇଥିଲା। ସୌମେନ୍ଦ୍ର ଦାସ, ଅଜିତ ରାୟ, ବୀରେନ୍ଦ୍ର ଶାସ୍ତ୍ରୀ, ଶ୍ରଦ୍ଧାଙ୍କର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କବ୍ ବୁଲ୍‌ବୁଲ୍ ଉତ୍ସବ ଉଦ୍‌ଯାପିତ



ଶୋଭାଯାତ୍ରାରେ କ୍ୟାଡେଟମାନେ ସଚେତନତା ବାର୍ତ୍ତା ଦେଉଛନ୍ତି।

ପୁରୀ ଅଫିସ, ୧୭।୧:

ଭାରତ ସ୍କାଉଟ୍‌ସ ଓ ଗାଇଡ୍‌ସ ଆନୁକୂଲ୍ୟରେ ସାରସ୍ୱତ ବିଦ୍ୟା ନିକେତନରେ ୪ଦିନ ଧରି ଚାଲିଥିବା ଆଞ୍ଚଳିକ କବ୍ ବୁଲବୁଲ ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ପୁରୀ, ଖୋର୍ଦ୍ଧା ଓ କଟକ ଜିଲାର ୩ଶହରୁ ଉର୍ଦ୍ଧ୍ୱ କବ୍ ବୁଲ୍‌ବୁଲ୍ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଉପନିର୍ଦ୍ଦେଶକ ଡ. ବିଶ୍ୱଜିତ ଘୋଷ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ଶିକ୍ଷାଧିକାରୀ ଅମୂଲ୍ୟ କୁମାର ପ୍ରଧାନ, ବିଇଓ ମମତା ମିଶ୍ର, ଜିଲା ସ୍କାଉଟ୍ ଗାଇଡ୍‌ସ କମିଶନର ରମେଶ ଚନ୍ଦ୍ର ପଣ୍ଡା, ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ମହେନ୍ଦ୍ର କୁମାର ବିଶ୍ୱାଳ ଯୋଗଦେଇଥିଲେ। ସକାଳେ ବୁଲ୍‌ବୁଲ୍ ସର୍ବଧର୍ମ ପ୍ରାର୍ଥନା ଓ ସଚେତନା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଗାଇଡ୍‌ସର ଜିଲା କମିଶନର ରୁପଶ୍ରୀ ଛୋଟରାୟ, ମୀନାକ୍ଷୀ ମିଶ୍ର, ଦେବାଶିଷ ମିଶ୍ର, ବିଦ୍ୟାଧର ମିଶ୍ର, ପୀତାମ୍ବର ରଥ, ମହେନ୍ଦ୍ର ବିଶୋଇ, ପ୍ରଦୀପ ପ୍ରଧାନ, ଜ୍ୟୋତି ପ୍ରକାଶ ମହାରଣା, ଅଜୟ ପଣ୍ଡା, ଶିବ ନାରାୟଣ ଭଞ୍ଜ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଶିଶୁ ଖାଦ୍ୟରେ ଦୁର୍ନୀତି

**ଅଭିଯୋଗ ଶୁଣିଲେ ସିଡିପିଓ**

ପୁରୀ ଅଫିସ, ୧୭।୧:

ଶିଶୁଙ୍କ ପାଇଁ ସରକାରଙ୍କ ପକ୍ଷରୁ ଖାଦ୍ୟ ଯୋଗାଇ ଦିଆଯାଉଛି। କିନ୍ତୁ ଏଥିରେ ଦୁର୍ନୀତି କରାଯାଉଥିବାରୁ ଏହି ଖାଦ୍ୟ ଉପଯୋଗୀ ହେଉନାହିଁ। ଏ ନେଇ ପୁରୀର ଜଣେ ଅଭିଭାବକ ଦରଜିପୋଖରୀ ଛକର ଗୁରୁଦତ୍ତ ସ୍ୱାଇଁ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଶୁକ୍ରବାର ସିଡିପିଓ ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ କରିବା ସହ ଗୁରୁଦତ୍ତଙ୍କୁ ଡାକି ତାଙ୍କ ଅଭିଯୋଗ ଶୁଣିଥିଲେ। ସରକାରଙ୍କ ପକ୍ଷରୁ ଏହା ଯୋଗାଇ ଦିଆଯାଉଛି, କିନ୍ତୁ ଯଦି କେହି ଏହାର ମାନରେ କୌଣସି ପ୍ରକାର ବ୍ୟତିକ୍ରମ କରୁଥିବେ ସେ ଦିଗରେ ଦୃଷ୍ଟି ଦିଆଯିବ ବୋଲି ସିଡିପିଓ ପ୍ରତିଶ୍ରୁତି ଦେଇଥିବା ଗୁରୁଦତ୍ତ କହିଛନ୍ତି। ପୁରୀ ସହରରେ ଯେଉଁ ଶିଶୁ ଖାଦ୍ୟ ଯୋଗାଇ ଦିଆଯାଉଛି ତାହା ଖାଦ୍ୟ ଉପଯୋଗୀ ନୁହେଁ। ଏଥିରେ ଦୁର୍ନୀତି କରାଯାଉଛି। ଫଳରେ ଅଙ୍ଗନୱାଡ଼ି କେନ୍ଦ୍ରରୁ ଶୁଖିଲା ଖାଦ୍ୟ ଆଣିବା ପରେ ତାହାକୁ ଅନେକ ଫୋପାଡ଼ି ଦେଉଛନ୍ତି। ଏ ନେଇ ପୂର୍ବରୁ ଜିଲା ଯୁବ କଂଗ୍ରେସ ପକ୍ଷରୁ ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯିବା ସହ ବିକ୍ଷୋଭ କରାଯାଇଛି। ମାତ୍ର ପ୍ରଶାସନ କୌଣସି ପଦକ୍ଷେପ ନେଇନାହିଁ। ଗତବର୍ଷ ଅକ୍ଟୋବର ୧୦ ତାରିଖରେ ଗୁରୁଦତ୍ତ ଜିଲାପାଳଙ୍କ ନିକଟରେ ଶିଶୁଙ୍କ ଖାଦ୍ୟରେ ଦୁର୍ନୀତି ନେଇ ଅଭିଯୋଗ କରିଥିଲେ। ଗୁରୁଦତ୍ତ ଦର୍ଶାଇଥିଲେ ଯେ, ସେ ତାଙ୍କ ଦେଢବର୍ଷ ଝିଅ ପାଇଁ ସ୍ଥାନୀୟ ଅଙ୍ଗନୱାଡ଼ି କେନ୍ଦ୍ରରୁ ଶୁଖିଲା ଖାଦ୍ୟ ଆଣୁଛନ୍ତି। ଏହି ଖାଦ୍ୟ ପ୍ୟାକେଟରେ ସୁଜି ୭୬୦ ଗ୍ରାମ୍, ବେସନ ୨୬୦ ଗ୍ରାମ୍, ଚିନି ୪୦୦ ଗ୍ରାମ୍, ତେଲ ୮୦ ଗ୍ରାମ୍ ଏହିପରି ମୋଟ ୧୫୦୦ ଗ୍ରାମ୍ ଉଲ୍ଲେଖ ରହିଛି। ତେବେ ପ୍ୟାକେଟରୁ କେବଳ ସୁଜି ଓ ବେସନ ୨ଟି ପୃଥକ ଜରି ପ୍ୟାକେଟ ବାହାରିଥିବା ବେଳେ ଅନ୍ୟ ସାମଗ୍ରୀ ନ ଥିଲା। ପ୍ରତ୍ୟେକ ମାସରେ ଏଭଳି ଘଟୁଛି। ତେଣୁ ଏହାର ଉପଯୁକ୍ତ ତଦନ୍ତ କରିବାକୁ ସେ ଅନୁରୋଧ କରିଥିଲେ।

## ଗୋପ ତହସିଲ ଅଫିସରେ କର୍ମଚାରୀ ଅଭାବ

ଗୋପ,୧୭।୧(ଡି.ଏନ୍.ଏ.):

ଜିଲାର ବୃହତ୍ତମ ତହସିଲ କୁହାଯାଉଥିବା ଗୋପ ତହସିଲରେ କର୍ମଚାରୀ ଅଭାବ ଏବେ ପ୍ରମୁଖ ସମସ୍ୟା ପାଲଟିଛି। ଦୈନିକ ବିଭିନ୍ନ କାର୍ଯ୍ୟରେ ଏହି ତହସିଲକୁ ଆସୁଥିବା ଗ୍ରାମାଞ୍ଚଳର ଶତାଧିକ ଜନସାଧାରଣ କାର୍ଯ୍ୟ ନ ହୋଇପାରିବାରୁ ଅସନ୍ତୋଷ ପ୍ରକାଶ କରୁଛନ୍ତି। ଏ ନେଇ ବାରମ୍ବାର ବିଭାଗୀୟ ମନ୍ତ୍ରୀ, ସଚିବ, ଜିଲାପାଳଙ୍କ ନିକଟରେ ଅଭିଯୋଗ ହେଉଥିଲେ ମଧ୍ୟ ସମସ୍ୟା ସମାଧାନ ହୋଇପାରୁନି। ସୂଚନାଯୋଗ୍ୟ, ଗୋପ ତହସିଲ ଅଧୀନରେ ୩୧ଟି ପଞ୍ଚାୟତର ୧୪ଟି ରାଜସ୍ୱ ନିରୀକ୍ଷକ ମଣ୍ଡଳରେ ୨୩୧ଟି ରାଜସ୍ୱ ମୌଜାର ଜନସାଧାରଣଙ୍କ ଲାଗି ସରକାରୀ ସେବା ଯୋଗାଇବା ପାଇଁ ଏହି ତହସିଲ ସ୍ଥାପନ କରାଯାଇଥିଲା। ହେଲେ ଦୀର୍ଘଦିନ ହେବ ଏହି ତହସିଲରେ ଆବଶ୍ୟକୀୟ କର୍ମଚାରୀ ନାହାନ୍ତି। ତହସିଲରେ ମୁଖ୍ୟ କିରାଣି ପଦଟି ଖାଲିପଡ଼ିଛି। ଚାରିଜଣ କିରାଣିଙ୍କ ମଧ୍ୟରୁ ଜଣେ କନିଷ୍ଠ କିରାଣି ନିମାପଡ଼ା ତହସିଲ ଡେପୁଟେଶନରେ ଆସିଛନ୍ତି। କମ୍ ସଂଖ୍ୟକ କର୍ମଚାରୀ ଯୋଗୁ ଉକ୍ତ ତହସିଲର ଜମିଜମା ତଥା ଅନ୍ୟାନ୍ୟ ମାମଲାଗୁଡ଼ିକ ଠିକ୍ ଭାବେ ପରିଚାଳନା ହୋଇପାରୁନି। ଫଳରେ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନିକଟରେ ଡେପୁଟେଶନରେ ଆସିଥିବା ଜଣେ କନିଷ୍ଠ କିରାଣୀଙ୍କୁ ପଦୋନ୍ନତି ଦିଆଯାଇ ଅନ୍ୟତ୍ର ବଦଳି କରାଯାଇଥିଲା। ଫୌଜଦାରୀ ମକଦ୍ଦମା ସମେତ ୨ଟି ବିଭାଗର କାର୍ଯ୍ୟ ହୋଇପାରୁ ନାହିଁ । ଏଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ପଦବୀ ପୂରଣ କରିବା ଦିଗରେ ପଦକ୍ଷେପ ନେବାକୁ ବିଭିନ୍ନ ମହଲରୁ ଦାବି ହେଉଛି। ତହସିଲରେ କାର୍ଯ୍ୟରତ ଆଇନ୍‌ଜୀବୀ, ମୋହରିଅର ସଂଘ ପକ୍ଷରୁ ବାରମ୍ବାର ସ୍ଥାନୀୟ ବିଧାୟକ, ଜିଲାପାଳ ଏପରିକି ରାଜସ୍ୱ ସଚିବଙ୍କ ନିକଟକୁ ଅଭିଯୋଗ କରାଯାଇଛି। ଏ ନେଇ ଗୋପ ତହସିଲଦାର ପୃଥ୍ୱୀରାଜ୍ ମଣ୍ଡଳ କୁହନ୍ତି, କର୍ମଚାରୀ ଅଭାବରୁ ବହୁ କାର୍ଯ୍ୟ ନ ହୋଇପାରିବାରୁ ଲୋକେ ନିରାଶ ହୋଇ ଫେରୁଛନ୍ତି। ଏ ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି।

## ସଚେତନତା କାର୍ଯ୍ୟକ୍ରମ

ପୁରୀ ଅଫିସ,୧୭।୧:

ପୁରୀ ରେଲୱେଷ୍ଟେଶନରେ ଆର୍‌ପିଏଫ୍ ପକ୍ଷରୁ ଶୁକ୍ରବାର ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଆର୍‌ପିଏଫ୍ ଥାନାଧିକାରୀ ଅନିଲ କୁମାର ସିଂହଙ୍କ ନେତୃତ୍ୱରେ ୧୮ରୁ ଉର୍ଦ୍ଧ୍ୱ ଆର୍‌ପିଏଫ୍ କର୍ମଚାରୀ ଷ୍ଟେଶନରେ ଯାତ୍ରୀଙ୍କୁ ବିଭିନ୍ନ ପ୍ରସଙ୍ଗରେ ସଚେତନ କରାଇଥିଲେ। ଏଥିସହ ଯୁବତୀ ଚାଲାଣ, ମହିଳା ଓ ଶିଶୁ ସୁରକ୍ଷା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଟ୍ରେନରେ ଯାତ୍ରା ସମୟରେ କୌଣସି ଅସୁବିଧାରେ ପଡ଼ିଲେ ହେଲ୍ପ ଲାଇନ ନମ୍ବର ୧୮୨କୁ ଡାଏଲ କରିବାକୁ ପରାମର୍ଶ ଦେଇଥିଲେ। ତୁରନ୍ତ ସମ୍ପୃକ୍ତ ବ୍ୟକ୍ତିଙ୍କୁ ସହାୟତା ଯୋଗାଇ ଦିଆଯିବ ବୋଲି ଥାନାଧିକାରୀ ସିଂହ କହିଥିଲେ।

## ବ୍ରହ୍ମଗିରି ବଜାରରେ ଗୁଟ୍‌ଖା ଉପରେ ଚଢ଼ାଉ

ବ୍ରହ୍ମଗିରି,୧୭।୧(ଡି.ଏନ.ଏ):

ବ୍ରହ୍ମଗିରି ବଜାରରେ ଶୁକ୍ରବାର ଡ୍ରଗ୍ ଇନ୍ସପେକ୍ଟର ସତ୍ୟନାରାୟଣ ଗିରି, ଅବକାରୀ ବିଭାଗ ଅଧିକାରୀ ପ୍ରକାଶ ସାହୁ, ଡ. ସୁଶାନ୍ତ କୁମାର ବିଶ୍ୱାଳ ଓ ବ୍ରହ୍ମଗିରି ପୋଲିସର ମିଳିତ ସହଯୋଗରେ ଗୁଟୁଖା ଉପରେ ଚଢାଉ ହୋଇଛି। କାଠୁଆଆରେଡି ଛକଠାରୁ ବ୍ରହ୍ମଗିରି ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ପ୍ରାୟ ୨୨ଟି ଦୋକାନରେ ଗୁଟ୍‌ଖା, ବିଡି, ସିଗାରେଟ ଓ ଜର୍ଦ୍ଦାପତି ଉପରେ ଚଢାଉ ହୋଇ ପ୍ରାୟ ୪ ହଜାର ୬୫୦ ଟଙ୍କା ଜରିମାନା ଆଦାୟ ହୋଇଛି।

## ଗାଡ଼ିଚାଳକଙ୍କୁ ସଚେତନ କଲେ ଯମ ମହାରାଜ

ବ୍ରହ୍ମଗିରି, ୧୭।୧(ଡି.ଏନ.ଏ):

ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ଶୁକ୍ରବାର ବ୍ରହ୍ମଗିରି ନାଗରିକ ମଞ୍ଚ ତରଫରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲେ ଯମ ମହାରାଜ ଓ ଚିତ୍ରସେନ। ଦୁହେଁ ଏହି ପୌରାଣିକ ବେଶରେ ସଜ୍ଜିତ ହୋଇ ଗାଡ଼ିଚାଳକମାନଙ୍କୁ ସଚେତନତା କରିବା ସହିତ ସରକାରୀ ନିୟମ ପାଳନ କରୁଥିବା ଚାଳକମାନଙ୍କୁ ମିଠା ବାଣ୍ଟିଥିଲେ। ବ୍ରହ୍ମଗିରି ବସ୍‌ଷ୍ଟାଣ୍ଡ ନିକଟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ରହ୍ମଗିରି ପୋଲିସ ଓ ବ୍ରହ୍ମଗିରି ନାଗରିକ ମଞ୍ଚର କର୍ମକର୍ତ୍ତା ସାମିଲ ଥିଲେ। ବିନା ହେଲମେଟ ଓ ସିଟ୍‌ବେଲ୍ଟରେ ଥିବା ଚାଳକମାନଙ୍କୁ ସଡ଼କ ସୁରକ୍ଷା ନିୟମ ମାନି ଗାଡ଼ି ଚାଳନା ପାଇଁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମକୁ ରମାଶଙ୍କର ପାତ୍ର ଓ ଯୁଧିଷ୍ଠିର ବାରିକ ପ୍ରମୁଖ ପରିଚାଳନା କରିଥିଲେ।



କାର୍ଯ୍ୟକ୍ରମରେ ସାମିଲ ଥିବା ଯମ ମହାରାଜ ଓ ଚିତ୍ରସେନଙ୍କ ସମେତ ଅନ୍ୟମାନେ।

## ୮୦ ପ୍ରତିଶତ ଦୁର୍ଘଟଣାର କାରଣ ମଦ୍ୟପାନ

ପୁରୀ ଅଫିସ, ୧୭।୧:

ଦ୍ରୁତ ଗାଡ଼ିଚାଳନା ଏବଂ ଅସାବଧାନତା କାରଣରୁ ସଡ଼କ ଦୁର୍ଘଟଣା ବୃଦ୍ଧି ପାଇବାରେ ଲାଗିଛି। ଦେଶରେ ୨୦୧୮-୧୯ରେ ୪ ଲକ୍ଷ ୬୭ ହଜାର ଦୁର୍ଘଟଣା ଘଟିଥିବାବେଳେ ପ୍ରାୟ ୧ଲକ୍ଷ ବ୍ୟକ୍ତି ପ୍ରାଣ ହରାଇଥିଲେ। ଓଡ଼ିଶାରେ ୨୦୧୮ ମସିହାରେ ୧୧,୨୫୨ ଦୁର୍ଘଟଣା ଘଟିଥିବାବେଳେ ୫୨୦୦ ଜଣଙ୍କ ଜୀବନ ଯାଇଥିଲା। ୨୦୧୯ରେ ୮୩୦୦ ଦୁର୍ଘଟଣାରେ ୪୩୦୦ ଜଣଙ୍କ ମୃତ୍ୟୁ ଘଟିଥିଲା। ୮୦ ପ୍ରତିଶତ ଦୁର୍ଘଟଣାର କାରଣ ମଦ୍ୟପାନ ବୋଲି ଜଣାପଡ଼ିଛି। ଶୁକ୍ରବାର ପୁରୀ ପୌରସଦନରେ ଜିଲା ସଡ଼କ ସୁରକ୍ଷା ସମିତି ଓ ଜିଲା ପ୍ରଶାସନ ମିଳିତ ଆନୁକୂଲ୍ୟରେ ଆୟୋଜିତ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ପ୍ରଦୀପ ସାହୁ ଯୋଗଦେଇ ଏହା କହିଛନ୍ତି।

ଆଞ୍ଚଳିକ ପରିବହନ ଅଧିକାରୀ ସମୀର କୁମାର ଦଳାଇଙ୍କ ସଭାପତିତ୍ୱରେ ଆୟୋଜିତ

**ଟ୍ରାଫିକ ନିୟମ ମାନିବାର ମାନସିକତା ଆଣ**



ଅତିଥିଙ୍କ ଗହଣରେ ପ୍ରମାଣପତ୍ର ସହ କୃତୀ ପ୍ରତିଯୋଗୀମାନେ।

କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ସାହୁ ଯୋଗଦେଇ କହିଥିଲେ, ଜଣେ ବ୍ୟକ୍ତିଙ୍କର ଦୁର୍ଘଟଣା ଘଟିଲେ, ତାଙ୍କ ପାଇଁ ପରିବାର ଓ ସମ୍ପର୍କୀୟ ପ୍ରଭାବିତ ହୋଇଥାନ୍ତି। ତେଣୁ ଜୀବନର ସୁରକ୍ଷା ଦୃଷ୍ଟିରୁ ଗାଡ଼ି ଚଳାଇବା ବେଳେ ଟ୍ରାଫିକ ନିୟମ ମାନିବା ଉଚିତ। ବାଇକ ଆରୋହୀ ହେଲମେଟ ପିନ୍ଧିବା ଓ କାର୍ ଚାଳକ ସିଟ୍‌ବେଲ୍ଟ ବାନ୍ଧିବା ଲାଗି ସଂକଳ୍ପ ନେବାକୁ ସେ ଆହ୍ୱାନ ଦେଇଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ପୌର ନିର୍ବାହୀ ଅଧିକାରୀ ବିଜୟ କୁମାର ଦାଶ ଯୋଗଦେଇ କହିଥିଲେ, ମୋବାଇଲ ଫୋନ ରିଚାର୍ଜ ଲାଗି ଟଙ୍କା ଅଛି, ଅଥଚ ନିଜ ସୁରକ୍ଷା ଲାଗି ହେଲମେଟ୍ କିଣିବି ନାହିଁ। ଏଭଳି ମାନସିକତାରେ ପରିବର୍ତ୍ତନ ଆଣିବା ଉଚିତ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପି.କେ. ସ୍ୱାଇଁ ଯୋଗଦେଇ କହିଥିଲେ, ସଚେତନତା ସୃଷ୍ଟି ଲାଗି ପୁରୀ ପୋଲିସ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି। ତେବେ ଲୋକେ ନିଜ ମାନସିକତାରେ ପରିବର୍ତ୍ତନ ଆଣିଲେ, ଦୁର୍ଘଟଣାକୁ ରୋକାଯାଇପାରିବ। ଆର୍‌ଟିଓ ଦଳାଇ କହିଥିଲେ, ପୁରୀ ଜିଲାକୁ ଦୁର୍ଘଟଣାମୁକ୍ତ କରିବା ଲାଗି ସମସ୍ତଙ୍କର ସହଯୋଗ ଆବଶ୍ୟକ। ଏହି ଅବସରରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।